॥ ଓ୩ମ୍ ॥

*ଚୌଧରୀ ମିତ୍ରସେନ ଗ୍ରନ୍ଥମାଲା ୧୦*

# ବୈଦିକ ଯଜ୍ଞ ପଦ୍ଧତିଃ



**ମହର୍ଷି ଦୟାନନ୍ଦ ସରସ୍ୱତୀ**

**ଲେଖକ :**
ପଣ୍ଡିତ ବିଶିକେସନ ଶାସ୍ତ୍ରୀ
ସାହିତ୍ୟାଗ୍ର୍ଯ୍ୟ

**ପୁସ୍ତକର ନାମ :** ବୈଦିକ ଯଜ୍ଞ ପଦ୍ଧତିଃ

**ଲେଖକ :** ଆଗ୍ର୍ଯ୍ୟ ବିଶିକେସନ ଶାସ୍ତ୍ରୀ
ପୋ : ବରିକେଲ, ଭାୟା :
ରାଜବୋଡ଼ାସମ୍ବର,
ବରଗଡ଼ - ୭୬୮୦୩୬

**ପ୍ରକାଶକ :** ଉତ୍କଳ ସାହିତ୍ୟ ସଂସ୍ଥାନ
ଗୁରୁକୁଳ ଆଶ୍ରମ ଆମସେନା
ପୋ : ଆମସେନା ଭାୟା :
ଖରିଆର୍ ରୋଡ଼
ନୂଆପଡ଼ା - ୭୬୬୧୦୯

**ପରିବର୍ତ୍ତିତ ଓ ପରିବର୍ଦ୍ଧିତ**
**ପଞ୍ଚମ ସଂସ୍କରଣ :** ଶ୍ରାବଣୀ ଉପାକର୍ମ- ୨୦୧୫

**ପୁସ୍ତକ ମିଳିବାର୍ ଠିକଣା...**

୧. ଗୁରୁକୁଳ ଆଶ୍ରମ ଆମସେନା
ପୋ : ଆମସେନା ଭାୟା : ଖରିଆର୍ ରୋଡ଼
ନୂଆପଡ଼ା-୭୬୬୧୦୯

୨. ଆଦିମ ଗୁରୁକୁଳ ଆଶ୍ରମ
ପୋ : କୁନ୍ଦୁଲି ଭାୟା : ପଟାଙ୍ଗି
କୋରାପୁଟ- ୭୬୪୦୩୬

୩. ଶ୍ରୀ ଓମ୍ ପ୍ରକାଶ ସାହୁ
ପୋ : ବରିକେଲ ଭାୟା : ରାଜବୋଡ଼ାସମ୍ବର
ବରଗଡ଼-୭୬୮୦୩୯

**ମୂଲ୍ୟ :** ଟ. ୭୦.୦୦ (ସତୁରି ଟଙ୍କାମାତ୍ର)

## ପଞ୍ଚମ ସଂସ୍କରଣର ଆଭିମୁଖ୍ୟ.....

ଆବହମାନ କାଳରୁ ଆଜିପର୍ଯ୍ୟନ୍ତ ସମଗ୍ର ବିଶ୍ୱବାସୀଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କ ମନ, ବଚନକର୍ମ ତଥା ହୃଦୟରେ ଏକ ବଦ୍ଧମୂଳ ଧାରଣା ରହିଆସିଛି ଯେ...ସମଗ୍ର ବିଶ୍ୱରେ ଭାରତ ହେଉଛି ଏକମାତ୍ର ଧର୍ମପରାୟଣ ଦେଶ । ଏହାର ଏକମାତ୍ର ମୁଖ୍ୟ କାରଣ ହେଉଛି... ଭାରତୀୟ ସ୍ତ୍ରୀ-ପୁରୁଷ, କିଶୋର-କିଶୋରୀ ଯୁବକ-ଯୁବତୀ ତଥା ବୃଦ୍ଧବୃଦ୍ଧା ନିର୍ବିଶେଷରେ ସମସ୍ତ ଜନସାଧାରଣଙ୍କ ମନ, ବଚନ, ପ୍ରାଣ କେବଳ ନୁହେଁ ଏପରିକି ନ୍ୟୁନାଧିକ ଭାବେ ଯାବତୀୟ କାର୍ଯ୍ୟକଳାପରେ ମଧ୍ୟ ଧାର୍ମିକ ମନୋଭାବର ଏକ ସୁସ୍ପଷ୍ଟ ଆଭାସ ପ୍ରାୟଶଃ ସର୍ବତ୍ର ଦେଖିବାକୁ ମିଳିଥାଏ । ପ୍ରାଚୀନ କାଳୀନ ଗୌରବାବହ ଏ ପବିତ୍ର ଆର୍ଯ୍ୟାବର୍ତ୍ତର ଜ୍ଞାନ-ଧ୍ୟାନ, ତ୍ୟାଗ-ତପସ୍ୟା, ଆଧ୍ୟାତ୍ମିକ ଆଗ୍ରହ-ବିଗ୍ରହ ଅଗାଧ ପାଣ୍ଡିତ୍ୟ ତଥା ସର୍ବୋପରି ସର୍ବଜନାଦୃତ, ସର୍ବଜନ ପ୍ରଶଂସିତ, ସଭ୍ୟତା ଓ ସଂସ୍କୃତିରେ ଉଦ୍‌ବୁଦ୍ଧ ହୋଇ ଅନ୍ୟାନ୍ୟ ଦେଶ ଗୁଡ଼ିକ ଆର୍ଯ୍ୟାବର୍ତ୍ତକୁ ଗୁରୁରୂପେ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ । ଏପରିକି ଏଦେଶର ନ୍ୟାୟ-ନିଷ୍ପତ୍ତିକୁ ଆଦେଶ-ନିର୍ଦ୍ଦେଶକୁ ମଥାପାତି ଗ୍ରହଣ କରିନେବା ପାଇଁ କେହି କେବେମଧ୍ୟ ତିଳେମାତ୍ର ଦ୍ୱିଧାବୋଧ ବା କୁଣ୍ଠାବୋଧ କରିବାପାଇଁ ସାହସ କରୁନଥିଲେ । ତାର ଏକମାତ୍ର ମୁଖ୍ୟ କାରଣ ହେଉଛି ଜାତି-ଧର୍ମ, ବର୍ଣ୍ଣ-ନିର୍ବିଶେଷରେ ସକଳ ବିଶ୍ୱବାସୀଙ୍କ ପାଇଁ ଉଦ୍ଦିଷ୍ଟ ବେଦର ନୀତି-ନିୟମକୁ ବେଦର ମହନୀୟ ବାଣୀକୁ ଏ ଦେଶବାସୀ ବିନା ଦ୍ୱିଧାରେ ଗ୍ରହଣ କରିନେଇଥିଲେ ଏବଂ ତାକୁହିଁ ଉପଦେଶ ଦେଉଥିଲେ ।

ଅତ୍ୟନ୍ତ ପରିତାପ ଓ ଲଜ୍ଜାର ସହିତ ଏଠାରେ ଉଲ୍ଲେଖ କରିବାକୁ ବାଧ୍ୟ ହେଉଛୁ ଯେ... ବର୍ତ୍ତମାନ ଅନ୍ୟାନ୍ୟ ଦେଶ ମାନଙ୍କରେ ଧର୍ମ-କର୍ମ ପ୍ରତି ପ୍ରବଳ ଆଗ୍ରହ ଓ ଅନୁକୂଳ ମନୋଭାବ ବହୁଳଭାବେ ପରିଲକ୍ଷିତ ହେଉଥିବା ସ୍ଥଳେ ଧର୍ମ-କର୍ମର ଆଦିପୀଠସ୍ଥଳୀ, ସଭ୍ୟତା-ସଂସ୍କୃତିର ଆଦି ପ୍ରବର୍ତ୍ତକ ସର୍ବୋପରି ଗୁରୁର ଗୌରବାବହ ଆସନରେ ଆସୀନ ଏ ଦେଶର ଅଧିବାସୀଗଣ ଅନ୍ତଃସାରଶୂନ୍ୟ,



ପାଶ୍ଚାତ୍ୟ ସଭ୍ୟତାର ମନଲୋଭା ଚାକଚକ୍ୟରେ ଆକର୍ଷିତ ଓ ଅନୁପ୍ରାଣିତ ହୋଇ ଆଜିକାର ସଭ୍ୟ ଓ ଶିକ୍ଷିତ ଜନତା ବୋଲାଉଥିବା ଜନସାଧାରଣ ଅବିଗ୍ରିତଭାବେ ନିଜର ମହାମହିମ ଧର୍ମ-କର୍ମ ସଭ୍ୟତା-ସଂସ୍କୃତି ପ୍ରତି ଦିନକୁଦିନ ଅଧିକାଧିକଭାବେ ଉଦାସୀନ ଓ ବୀତସ୍ପୃହ ହୋଇ ପଡୁଛନ୍ତି । ତଦ୍ଦ୍ୱାରା ଦେଶର ଗୌରବାବହ ପରମ୍ପରାକୁ ଅଧଃପତନର ଅତଳଗହ୍ୱରକୁ ଟାଣିନେଇ ତଳିତଳାନ୍ତ କରିଦେବା ସଙ୍ଗେସଙ୍ଗେ ଆପେ ଆପଣାର ହିଁ କ୍ଷତି ସାଧନ କରିବାରେ ପଶ୍ଚାତ୍‌ପଦ ହେଉନାହାନ୍ତି । କିନ୍ତୁ ଏହାର ଭବିଷ୍ୟତ ଭୟାବହତା ସାମାନ୍ୟମାତ୍ରାରେ ମଧ୍ୟ ସେମାନେ ଉପଲବ୍ଧି କରିପାରୁ ନାହାନ୍ତି । ଆମର ପ୍ରାଚୀନ କାଳୀନ ମୁନି-ଋଷି, ସାଧୁ-ସନ୍ଥ, ମହର୍ଷିଗଣ ତଥା ବେଦବିଦ୍ ବିଦ୍ୱାନ୍‌ଗଣ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସକଳ ବିଶ୍ୱବାସୀଙ୍କ ପାଇଁ ଧର୍ମର ସଜ୍ଞା ଏକ ଓ ଅପରିବର୍ତ୍ତନୀୟ ବୋଲି ସୁସ୍ପଷ୍ଟଭାବେ ଉଲ୍ଲେଖ କରିଥିବା ସ୍ଥଳେ ବର୍ତ୍ତମାନର ତଥା କଥିତ ନବ୍ୟସମାଜ ଦେଶ-କାଳ ଓ ପାତ୍ରର ଦ୍ୱାହି ଦେଇ ଧର୍ମକୁ ଯଦୃଚ୍ଛା ଭାବେ ବ୍ୟବହାର କରିବାରେ ସାମାନ୍ୟତମ ଭାବେ ମଧ୍ୟ କୁଣ୍ଠାବୋଧ କରୁନାହିଁ ।

ଯେତେବେଳେ ଜନସାଧାରଣ ଅନ୍ୟାୟ ଅଧର୍ମର ବଶବର୍ତ୍ତୀ ହୋଇ ସର୍ବ ଜନାଦୃତ ପରମ୍ପରାକୁ ପରିତ୍ୟାଗକରି ଅନ୍ୟାୟ, ଅଧର୍ମ, ନିନ୍ଦନୀୟ ପଥରେ ଗତିକରି ଉଚ୍ଛୃଙ୍ଖଳିତ ବିଶୃଙ୍ଖଳିତ ଜୀବନ ଯାପନ କରି ସମଗ୍ର ଜନସମାଜକୁ ଅସ୍ତବ୍ୟସ୍ତ ଓ କଳୁଷିତ କରି ଦିଅନ୍ତି, ଠିକ୍ ସେହି ସେହି ସମୟରେ ପରମ କାରୁଣିକ ପରମେଶ୍ୱରଙ୍କ କରୁଣା କଣା ଲାଭକରି ଅଲୌକିକ ପ୍ରତିଭାର ଅଧିକାରୀ ହୋଇ ଏ ଧରାଧାମରେ ଅନେକାନେକ ସାଧୁ ସନ୍ଥ ମହାତ୍ମା ମହାପୁରୁଷ ମୁନି ଋଷି ମହର୍ଷି ସଂସ୍କାରକ ଉପଦେଶକ ଯୋଗଜନ୍ମାରୂପେ ଆବିର୍ଭୂତ ହୋଇଥାନ୍ତି । ସେମାନଙ୍କ ଅଦ୍ଭୁତ ଅସାଧାରଣ କାର୍ଯ୍ୟ କଳାପ, ଜନତା-ଜନାର୍ଦ୍ଦନକୁ ସନ୍ମାର୍ଗ, ଦିବ୍ୟାଲୋକ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ପ୍ରଚଳିତ ନିନ୍ଦନୀୟ ଓ ଅଯୌକ୍ତିକ କାର୍ଯ୍ୟ କଳାପକୁ ପ୍ରଶମିତ

କରିବାରେ ବହୁପରିମାଣରେ ସହାୟକ ହୋଇଥାଏ । ଇତିହାସର ସ୍ୱର୍ଣ୍ଣିମ ଅମର ପୃଷ୍ଠାରେ ଏହାର ଜାଜ୍ୱଲ୍ୟମାନ ଉଦାହରଣ ଶତ-ସହସ୍ର ସଂଖ୍ୟାରେ ଲିପିବଦ୍ଧ ହୋଇ ରହିଛି । ଏହାର ଅନେକକାନେକ ଉଦାହରଣ ଅନୁସନ୍ଧିତ୍ସୁ ବ୍ୟକ୍ତିଗଣ ନିଷ୍ଚିତରୂପେ ଅବଲୋକନ କରିପାରିବେ ।

ସେହି ପରିପ୍ରେକ୍ଷୀରେ ଯୁଗପ୍ରବର୍ତ୍ତକ, କ୍ରାନ୍ତିକାରୀ ପ୍ରାତଃ ସ୍ମରଣୀୟ ମହର୍ଷି ଦେବ ଦୟାନନ୍ଦ ସରସ୍ୱତୀ ଗୁଜୁରାଟ ପ୍ରଦେଶାନ୍ତର୍ଗତ ଟଙ୍କାରା ନାମକ ଗ୍ରାମରେ ଏକ ଶୁଭମୂହୂର୍ତ୍ତରେ ଭୂମିଷ୍ଠ ହୋଇ ପିତା-ମାତା, ଭାଇ-ବନ୍ଧୁ ଆତ୍ମୀୟ ସ୍ୱଜନଙ୍କ ସକଳ ମାୟା-ମମତା ସୁଖ-ସ୍ୱାଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ସର୍ବୋପରି ପରମ ସୁଖଦାୟକ ବିଳାସ-ବ୍ୟସନ, ତଥା ବୈଭବକୁ ଦୂରରୁ ପଦାଘାତ କରି, ପୂର୍ବ ପ୍ରଚଳିତ ସ୍ୱକୀୟ ମହନୀୟ ସଂସ୍କୃତିକୁ ବିସ୍ମୃତ ହୋଇଥିବା, ଧର୍ମନାମରେ ଅଧର୍ମ ପଥର ପଥିକ ସାଜିଥିବା, ଏପରିକି ପୂଜା-ଅର୍ଚ୍ଚନା, ତୀର୍ଥ-ବ୍ରତ, ଶ୍ରାଦ୍ଧ-ତର୍ପଣ ଓ ଭୂତ ପ୍ରେତର ଅନ୍ଧବିଶ୍ୱାସର ଭ୍ରମ ଜାଲରେ ନିପତିତ ତଥା କିଂ କର୍ତ୍ତବ୍ୟ ବିମୂଢ଼ ହୋଇ, ହାହୁତାଶମୟ ଜୀବନ ଯାପନ କରୁଥିବା ସରଳ ତରଳ, ନିରୀହ ଜନତାର ବିଷମ ସମସ୍ୟାକୁ ମର୍ମେ ମର୍ମେ ଉପଲବ୍ଧି କରି, ସେ ସମସ୍ତଙ୍କୁ ପ୍ରକୃତ ସୁଖ ଶାନ୍ତିର ଦିବ୍ୟ ପଥ ପ୍ରଦର୍ଶନ କରାଇ, ଅମୃତର ଅମୀୟ ଧାରାରେ ଆପ୍ଲୁତ କରିବାପାଇଁ, ବେଦ-ବେଦାଙ୍ଗ, ଉପନିଷଦ୍, ଦର୍ଶନ ସ୍ମୃତିଶାସ୍ତ୍ରମାନ ରୋମନ୍ଥନ କରି, ଅଧ୍ୟବସାୟ ବଳରେ ସେ ସବୁର ବାସ୍ତବିକତା ବା ନିଗୂଢ଼ ରହସ୍ୟକୁ ହୃଦୟଙ୍ଗମ କରି, ସେସବୁକୁ ସ୍ଥାୟୀ ରୂପରେଖ ଦେବାଉଦ୍ଦେଶ୍ୟରେ ପରି ଶେଷରେ ସ୍ଥାପନ କଲେ ଜନ କଲ୍ୟାଣକର "ଆର୍ଯ୍ୟ ସମାଜ" ।

ସାର୍ବଜନୀନ ଆର୍ଯ୍ୟ ସମାଜ ସ୍ଥାପନକରି ତା'ରି ମାଧ୍ୟମରେ ଘରେ ଘରେ ପୁରେ ପୁରେ, ପୁର-ପଲ୍ଲିର, କୋଣ-ଅନୁକୋଣରେ ଜନସମାଜ ମଧ୍ୟରେ ଏପରିକି ଦେଶର ସମଗ୍ର ଅଞ୍ଚଳରେ କାୟା ବିସ୍ତାର କରି ରହିଥିବା ବେଦ ବିରୁଦ୍ଧ, କୁସଂସ୍କାର



ଅନ୍ଧବିଶ୍ୱାସ ପ୍ରଭୃତିର ମୂଳୋତ୍ପାଟନ କରିବାପାଇଁ, ଯେଉଁ ବଳିଷ୍ଠ ପଦକ୍ଷେପମାନ ଗ୍ରହଣ କରି ଯାଇଛନ୍ତି ସେସବୁ ଅଗଣିତ ଜନତାର ମନ-ମୁକୁରରେ ଚିରଦିନପାଇଁ ଜାଜ୍ୱଲ୍ୟମାନ ହୋଇ ପ୍ରତିଭାତ ହୋଇ ରହିଥିବ । ଆର୍ଯ୍ୟ ସମାଜର ମହନୀୟ ଉପାଦେୟତାକୁ ଓ ନିଷ୍କର୍ଷକୁ ଉପଲବ୍ଧି କରି ସମଗ୍ର ମାନବ ସମାଜ ଯଦି ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ପରିଚାଳିତ ହୁଅନ୍ତା, ତେବେ ଭିନ୍ନଭିନ୍ନ ମତପନ୍ଥ ଓ ସଂପ୍ରଦାୟ ମଧ୍ୟରେ ଧର୍ମ ନାମରେ, ଈଶ୍ୱରଙ୍କ ନାମରେ, ଯେଉଁ ବିଭ୍ରାଟମାନ ଦିନକୁଦିନ କ୍ରମବର୍ଦ୍ଧମାନ ଭାବେ ସୃଷ୍ଟିହେବାରେ ଲାଗିଛି, ପୁନଶ୍ଚ ତଦ୍ୱାରା ଜୀବଜଗତ ମଧ୍ୟରେ ସର୍ବଶ୍ରେଷ୍ଠ ବୋଲାଉଥିବା ମନୁଷ୍ୟ-ମନୁଷ୍ୟ ମଧ୍ୟରେ ଯେଉଁ ମତାନ୍ତର, ମନାନ୍ତର ଏପରିକି ଅନ୍ତର୍ଦ୍ୱନ୍ଦ ସୃଷ୍ଟି ହୋଇ ସବୁଦିନ ପାଇଁ ଭେଦଭାବର ଯେଉଁ ବିରାଟ ପ୍ରାଚୀରମାନ ଦଣ୍ଡାୟମାନ ହେବାରେ ଲାଗିଛି, ଅଚିରେ ତଥା ଅନାୟାସରେ ସେସବୁର ବିଲୋପ ଘଟନ୍ତା । ତଦ୍ୱାରା ସମସ୍ତେ ପ୍ରକୃତ ସୁଖ-ଶାନ୍ତି ଲାଭ କରିବା ସଙ୍ଗେ ସଙ୍ଗେ ପରସ୍ପର ମଧ୍ୟରେ ମିତ୍ରତା, ଭାତୃତ୍ୱ, ଏକତା ଓ ସହୃଦୟତା ସୃଷ୍ଟି ହୋଇ ଏ ଧରା, ଧାମ ପ୍ରକୃତରେ ଯେ ସ୍ୱର୍ଗରେ ପରିଗଣିତ ହୁଅନ୍ତା, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ରହନ୍ତା ନାହିଁ ।

ସମଗ୍ର ଦେଶରେ ଏପରି ଅନେକାନେକ ମୁନି, ଋଷି, ସାଧୁ-ସନ୍ଥ ସଂସ୍କାରକ ଓ ଉପଦେଶକ ମହାନୁଭବଗଣ ଅଛନ୍ତି ଯେଉଁମାନେ କି ବେଦ, ବେଦାନ୍ତ, ସ୍ମୃତିଶାସ୍ତ୍ର ଗୁଡ଼ିକର ଅତ୍ୟନ୍ତ ନିଗୁଢ଼ ତଥ୍ୟକୁ ଜନତା-ଜନାର୍ଦ୍ଦନଙ୍କ ସମ୍ମୁଖରେ ଅତି ସୁନ୍ଦର ଶୈଳୀରେ ଉପସ୍ଥାପନ କରି ସେହି ଆଦର୍ଶରେ ସେହି ନୀତି-ନିୟମରେ ପରିଚାଳିତ ହେବାପାଇଁ, ଗୁରୁତ୍ୱ ଆରୋପକରି ହୃଦୟସ୍ପର୍ଶୀ ସାରଗର୍ଭକ ଭାଷଣମାନ ଦେଇଥାନ୍ତି । କିନ୍ତୁ ସେମାନଙ୍କ କାର୍ଯ୍ୟ କଳାପ ଆଗ୍ରହ-ବିଗ୍ରହ କିମ୍ବା ଚାଲିଚଳନରେ ତହିଁର ବିନ୍ଦୁବିସର୍ଗ ଚିହ୍ନବର୍ଣ୍ଣ ସୁଦ୍ଧା ଦେଖିବାକୁ ମିଳେନାହିଁ । ଫଳରେ "ଅନ୍ଧେନୈବ ନୀୟମାନୋ ଯଥାନ୍ଧଃ" ର ପରିଣତି ସୃଷ୍ଟି ହୋଇଥାଏ । ଉପାଦେୟ ହୃଦୟଗ୍ରାହୀ ସାରଗର୍ଭକ

ଭାଷଣମାନ ଶୁଣି ଜନତା ମନ୍ତ୍ରମୁଗ୍ଧ ହୋଇ ଅନ୍ତରର ସହିତ ବାହାବାଃ କରୁଥିଲେ ମଧ୍ୟ ସେମାନଙ୍କ ଉପଦିଷ୍ଟ କୌଣସି ନୀତି ନିୟମକୁ ପାଳନ କରିବା ପାଇଁ ଆଗ୍ରହ ପ୍ରକାଶ କରିବାତ ଦୂରର କଥା ଇଚ୍ଛା ପ୍ରକାଶ ମଧ୍ୟ କରନ୍ତି ନାହିଁ । ଦେଖିବାକୁଗଲେ ଉପଦେଶ ଅପେକ୍ଷା ଆଚରଣର ପ୍ରଭାବ ଜନମାନସ ପଟରେ ଗଭୀରଭାବେ ରେଖାପାତ କରିଥାଏ । ତେଣୁ ବକ୍ତା ବା ଉପଦେଶକ ମହାନୁଭବ ଗଣ ଉପଦିଷ୍ଟ ବିଷୟକୁ ସ୍ୱୟଂ ପାଳନ କରିବା ସର୍ବାଦୌ ଏକାନ୍ତ ଆବଶ୍ୟକ । ମହର୍ଷି ଦୟାନନ୍ଦ ସରସ୍ୱତୀ ଥିଲେ ଏପରି ଜଣେ ଆଦର୍ଶ ସ୍ଥାନୀୟ ଶ୍ଲାଘ୍ୟ ବ୍ୟକ୍ତି, ଯିଏ କି ବେଦ ପ୍ରତିପାଦିତ, ବେଦାନୁମୋଦିତ ପଥରେ ପରିଗୃହିତ ହୋଇ ସେ ସବୁକୁ ପାଳନ କରିବାପାଇଁ ଜନସାଧାରଣଙ୍କୁ ସତତ ଉପଦେଶମାନ ପ୍ରଦାନ କରୁଥିଲେ । ତେଣୁ ତାଙ୍କରି ସଦୁପଦେଶମାନ ଅମୋଘ ଅସ୍ତ୍ରପରି କାମ ଦେଉଥିଲା । ବେଦ ବେଦାନ୍ତର ଗହନ ତଥ୍ୟଗୁଡ଼ିକୁ ଜନସାଧାରଣଙ୍କୁ ସେ ଯେଉଁ ଉପଦେଶ ଦେଉଥିଲେ, ସେ ସବୁକୁ ଜନତା ଯେପରି ସହଜରେ ହୃଦୟଙ୍ଗମ କରି ପାରିବ, ସେହି ସୁମହତ୍ ଲକ୍ଷ୍ୟକୁ ଆଖି ଆଗରେ ରଖି ବିଶ୍ୱବାସୀଙ୍କ ହାତରେ ଟୋଲିଦେଇ ଗଲେ ଅମର ଗ୍ରନ୍ଥ ସତ୍ୟାର୍ଥ ପ୍ରକାଶ । ପ୍ରୋକ୍ତ ପୁସ୍ତକ ବ୍ୟତୀତ ମହର୍ଷିଙ୍କ ଅନ୍ୟଏକ ଅନବଦ୍ୟ ଅବଦାନ ହେଉଛି... ପଞ୍ଚ ମହାଯଜ୍ଞ ବିଧିଃ । ସେହି ପୁସ୍ତକର ପଞ୍ଚମହାଯଜ୍ଞର ବିଧି ବିଧାନକୁ ଲୋକେ ଯଦି ଆଦରି ନିଅନ୍ତେ ତେବେ କୀଟପତଙ୍ଗ ସରୀସୃପଠାରୁ ଆରମ୍ଭକରି ଅମୃତର ସନ୍ତାନ ମାନବ ପର୍ଯ୍ୟନ୍ତ ଅର୍ଥାତ୍ ସକଳ ଜୀବଜଗତର ସର୍ବବିଧି କଲ୍ୟାଣ ଯେ ସାଧିତ ହୁଅନ୍ତା ଏହା ନିଃସନ୍ଦେହରେ କୁହାଯାଇପାରେ ।

ମହର୍ଷିଙ୍କ ପ୍ରଣୀତ ସେହି ପଞ୍ଚ ମହାଯଜ୍ଞ ପୁସ୍ତକକୁ ସର୍ବସାଧାରଣଙ୍କ ବୋଧଗମ୍ୟ ହେବାପରି ଓଡ଼ିଆ ଭାଷାରେ ରଚନା କରିବାପାଇଁ ହୃଦୟରେ ବହୁ ଦିନରୁ ବଳବତୀ ବାସନା ରହିଥିଲା । ଏଥିପାଇଁ ଅନେକ ବନ୍ଧୁ ବାରମ୍ବାର ଅନୁରୋଧ ମଧ୍ୟ କରି ଆସୁଥିଲେ । ସେମାନଙ୍କ ସାଗ୍ରହ ଅନୁରୋଧକୁ ରକ୍ଷାକରି ଗତ ୧୯୮୩



ମସିହାରେ ସର୍ବପ୍ରଥମେ ଆମ୍ଭ ପ୍ରକାଶ କରି ଲୋକ ଲୋଚନକୁ ଆସିଥିଲା "ବୈଦିକ ଯଜ୍ଞ ପଦ୍ଧତିଃ ପୁସ୍ତକ" ଦିଲ୍ଲୀ ସାର୍ବଦେଶିକ ଧର୍ମାର୍ଯ୍ୟ ସଭାଦ୍ୱାରା ନିର୍ଦ୍ଧାରିତ ଯଜ୍ଞାନୁଷ୍ଠାନର କ୍ରମକୁ ଏ ପୁସ୍ତକରେ ସନ୍ନିବେଶିତ କରିଥିଲୁ । ସେହି କ୍ରମକୁ ସମସ୍ତେ ଯଦି ଆଦରି ନେଇଥାନ୍ତେ, ତେବେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଯଜ୍ଞରେ ଏକରୂପତା ଆସିଥାଆନ୍ତା ଓ ନୂତନ ବ୍ୟକ୍ତିମାନେ ମଧ୍ୟ ଯଜ୍ଞର କ୍ରମପାଇଁ ଅସୁବିଧାର ସମ୍ମୁଖୀନ ହୋଇ ନଥାନ୍ତେ, ଏପରି ଆଶା ପୋଷଣ କରିଥିଲୁ । କିନ୍ତୁ ଏ ପୁସ୍ତକ ପ୍ରକାଶନ ପୂର୍ବରୁ କେତେକ ବ୍ୟକ୍ତି ଓ  ସଂସ୍ଥା ଦ୍ୱାରା ପ୍ରକାଶିତ ପୁସ୍ତକମାନଙ୍କରେ ଆଘାରା ବାଜ୍ୟାହୁତି ଅର୍ଥାତ୍ ଅଗ୍ନୟେ ସ୍ୱାହା, ମନ୍ତ୍ରଚତୁଷ୍ଟୟ ପରେ ମହାବ୍ୟାହୃତି ଭୂରଗ୍ନୟେ ସ୍ୱାହା, ଗ୍ରୋଟି ମନ୍ତ୍ର ତାପରେ ସ୍ୱିଷ୍ଟକୃତ୍, ପରେ ପବମାନାହୁତି... ଭୂର୍ଭୁବଃ ସ୍ୱଃ... ଅଗ୍ନ ଆୟୁଂସି ଆଠଗୋଟି ମନ୍ତ୍ରପରେ ପ୍ରାତଃ କାଳୀନ ମନ୍ତ୍ର ଯଜ୍ଞ କ୍ରମରେ ଉଲ୍ଲେଖ କରାଯାଇଥିବାରୁ ତଦଭ୍ୟସ୍ତ ଯଜ୍ଞପ୍ରେମୀ ବନ୍ଧୁମାନେ ଏହି ବୈଦିକ ଯଜ୍ଞ ପଦ୍ଧତିଃ ପୁସ୍ତକର ଆଘାରାବାଜ୍ୟାହୁତି ମନ୍ତ୍ର ପରେ ପ୍ରାତଃ କାଳୀନ ଆହୁତି ତାପରେ ମହାବ୍ୟାହୃତି ଭୂରଗ୍ନୟେ ସ୍ୱାହା ଉଲ୍ଲେଖ କରାଯାଇଥିବାରୁ କେତେକ ଲୋକ କ୍ରମ ଓଲଟପାଲଟ ହୋଇଛି ବୋଲି ଆପତ୍ତି ଅଭିଯୋଗ କରିଥିଲେ । ଦ୍ୱିତୀୟତଃ ଅନ୍ୟ କେତେଜଣ ମହାନୁଭବ ସେହି କ୍ରମକୁ ଯଥାଯଥ ବୋଲି ସ୍ୱାଗତ ମଧ୍ୟ କରିଥିଲେ । ବର୍ତ୍ତମାନ ଜଣେ ବ୍ୟକ୍ତି ଦୋକାନକୁ ଯାଇ ଦୋକାନୀକୁ ଘିଅ ଦେବାପାଇଁ ଯଦି କହେ ତେବେ ଦୋକାନୀ ଜଣକ ଅବିଗ୍ରିତ ଭାବେ ଡ଼ାଲ୍‌ଡା, ବନ୍‌ସଦା ପ୍ରଭୃତି ତା ହାତକୁ ବଢ଼ାଇ ଦେଇଥାଏ । କିନ୍ତୁ ବିଗ୍ରକଲେ ଜାଣିପାରିବା ସେହି ଡ଼ାଲ୍‌ଡା ପ୍ରଭୃତି ପ୍ରକୃତରେ ଘିଅ ନୁହେଁ, କିମ୍ବା ତହିଁରେ ଘିଅର ସତ୍ତା କିଞ୍ଚିତ୍‌ମାତ୍ରାରେ ମଧ୍ୟ ନାହିଁ । କିନ୍ତୁ ଅନେକ ଦିନରୁ ଡ଼ାଲ୍‌ଡା ପ୍ରଭୃତି ଜନମାନସରେ ଘିଅର ସ୍ଥାନ ଦଖଲ କରିନେଇସାରିଲାଣି । ଯଜ୍ଞ ପଦ୍ଧତିଃର ପ୍ରଥମ ସଂସ୍କରଣ ଠିକ୍ ସେହି ସମସ୍ୟାର ସମ୍ମୁଖୀନ ହୋଇଥିଲା କହିଲେ ସତ୍ୟର କଦାପି ଅପଲାପ ହେବନାହିଁ ।  କଥିତ

ହୋଇଛି... "ଯଦ୍ୟପି ସିଦ୍ଧଂ ଲୋକ ବିରୁଦ୍ଧଂ" ନାଦରଣୀୟଂ ନାଚରଣୀୟମ୍ ଏହି ନୀତିରେ ପୁସ୍ତକର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସଂସ୍କରଣରେ ଯେଉଁ କ୍ରମ ଉଲ୍ଲେଖ କରାଯାଇଥିଲା ଏହି ପଞ୍ଚମ ସଂସ୍କରଣରେ ମଧ୍ୟ ସେହି କ୍ରମକୁ ବଳବତ୍ତର ରଖା ଯାଇଛି । ଏହି କ୍ରମ ଯେ ସଂପୂର୍ଣ୍ଣ ରୂପେ ଅଯୌକ୍ତିକତା କଦାପି କହି ହେବ ନାହିଁ । କାରଣ ଅନ୍ୟାନ୍ୟ କେତେକ ପୁସ୍ତକରେ ମଧ୍ୟ ଏହିକ୍ରମ ଉଲ୍ଲିଖିତ ହୋଇଅଛି ।

ଆଜିକାଲି ଲୋକେ ମହର୍ଷିଙ୍କ ପ୍ରଣୀତ ଯଜ୍ଞ କ୍ରମକୁ ଯଥାଯଥଭାବେ ପାଳନ ନ କରି, ଯଜ୍ଞକୁ ଅଧିକ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ସ୍ୱକଳ୍ପନା ପ୍ରସୂତ କେତେପ୍ରକାର ପ୍ରଥା ପ୍ରଚଳନ କରିବାରେ ସାମାନ୍ୟତମ ଭାବେ ମଧ୍ୟ କୁଣ୍ଠାବୋଧ କରୁନାହାନ୍ତି । ଏହାର କାରଣ ଜିଜ୍ଞାସା କଲେ ସେମାନେ ଉତ୍ତର ଦେଇଥାନ୍ତି... ଯଜ୍ଞକୁ ପୁଣି ସରସ ସୁନ୍ଦର ଓ ଯୁଗୋପଯୋଗୀ କରିବାକୁତ ହେବ । ତେଣୁ ଏଥିରେ କ୍ଷତି ବା କଣ ହେଉଛି ? କିନ୍ତୁ "ଋଷୟଃ ମନ୍ତ୍ରଦ୍ରଷ୍ଟାରଃ" ସେମାନଙ୍କ ପ୍ରଣୀତ ନୀତି ନିୟମକୁ ପାଳନ କରିବାପାଇଁ ସର୍ବତୋଭାବେ ସର୍ବାଦୌ ଧ୍ୟାନଦେବା ଆବଶ୍ୟକ । ଜଣେ ନୂତନ ଯାଜ୍ଞିକ ଅନାୟାସରେ ଯେପରି ଯଜ୍ଞ କରିପାରିବ, ସେହି ସୁମହତ୍ ଲକ୍ଷ୍ୟକୁ ଆଖିଆଗରେ ରଖି ସୁନ୍ଦରଭାବେ ବୃହଦ୍‌ଯଜ୍ଞର ମନ୍ତ୍ରମାନ ଉପସ୍ଥାପନା କରି ମନ୍ତ୍ରର ଯଥାଯଥ ଅର୍ଥ ସହିତ କିପରି କାର୍ଯ୍ୟ ସଂପନ୍ନ କରିବାକୁ ହେବ ସେସବୁ ପୁସ୍ତକରେ ଉଲ୍ଲେଖ କରାଯାଇଛି । ତଥାପି ମୁନୀନାଞ୍ଚ ମତିଭ୍ରମଃ ନୀତିରେ ଏପୁସ୍ତକରେ ସେପରି କୌଣସି ତ୍ରୁଟିଯେ ନ ଥିବ ଏପରି ଦମ୍ଭୋକ୍ତି କଦାପି ପ୍ରକାଶ କରିହେବ ନାହିଁ । ସାଧାରଣ ଘରୋଇ ଯଜ୍ଞମାନଙ୍କରେ ବେଦ ଅଭାବରେ ବେଦ ମନ୍ତ୍ର ପାଠ କରିବାରେ ଯେପରି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ, ସେହି ମହାନ୍ ଧ୍ୟେୟକୁ ବିଗ୍ରହ କରି ବେଦର କେତୋଟି ପ୍ରସିଦ୍ଧ ସୂକ୍ତ, ତଥା ଭଜନାଦି ଗାନପାଇଁ ଓଡ଼ିଆ, ସଂସ୍କୃତ ଓ ହିନ୍ଦୀ ଭାଷାରେ ବହୁଳଭାବେ ପ୍ରଚଳିତ କେତୋଟି ମାତ୍ର ଭଜନ ପୁସ୍ତକର ଶେଷଭାଗରେ ସନ୍ନିବେଶିତ ହୋଇଅଛି ।



ସନ୍ଧ୍ୟୋପାସନାର ମନ୍ତ୍ର ତଥା ଅନ୍ୟ କେତେକ ମନ୍ତ୍ରର ଓଡ଼ିଆ ପଦ୍ୟାନୁବାଦ ମଧ୍ୟ ପଦତ୍ତ ହୋଇଛି । ଶ୍ରାବଣୀ ଉପାକର୍ମ, ଜନ୍ମାଷ୍ଟମୀ, ମକର ସଂକ୍ରାନ୍ତିର ବିଧିବିଧାନ ସହିତ ମନ୍ତ୍ରଗୁଡ଼ିକ ମଧ୍ୟ ଉଲ୍ଲେଖ କରାଯାଇଛି । ସଂକ୍ଷେପରେ ପୁସ୍ତକ ଯେପରି ସମସ୍ତଙ୍କ ଆଦର ଲାଭ କରିବ ତାପାଇଁ ମଧ୍ୟ ଯଥେଷ୍ଟ ଧ୍ୟାନ ଦିଆଯାଇଛି । ଏସବୁସତ୍ତ୍ୱେ ପୁସ୍ତକକୁ କିପରି ଅଧିକ ଆକର୍ଷଣୀୟ ଓସରସସୁନ୍ଦର କରାଯାଇ ପାରିବ, ତତ୍‌ସହିତ ପୁସ୍ତକରେ ଯଦି କୌଣସି ଦୋଷ ତ୍ରୁଟି ପରିଲକ୍ଷିତ ହୁଏ, ତେବେ କଷ୍ଟ ସ୍ୱୀକାର ପୂର୍ବକ କୌଣସି ସହୃଦୟ ବ୍ୟକ୍ତି ସେ ସଂପର୍କରେ ଯଦି ସୂଚନା ଦିଅନ୍ତି ତେବେ ପୁସ୍ତକର ପରବର୍ତ୍ତୀ ସଂସ୍କରଣରେ ସେସବୁକୁ ସଂଶୋଧନ କରିବାପାଇଁ ନିଶ୍ଚୟ ଧ୍ୟାନ ଦିଆଯିବ ।

ବାଡ଼ି ବାଇଗଣ ଓ ପୋଥି ବାଇଗଣ ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ ରହିଛି । ଏହା କହିବାର ଉଦ୍ଦେଶ୍ୟ ହେଉଛି ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ମହତୀ ଅନୁକମ୍ପାରୁ ଆର୍ଯ୍ୟ ସମାଜ ସଂପର୍କରେ ଆସି ଓଡ଼ିଶାର ବିଭିନ୍ନଜିଲ୍ଲା ତଥା ଛତିଶଗଡ଼ର ବିଭିନ୍ନ ପୁରପଲ୍ଲୀରେ ଅନୁଷ୍ଠିତ ଯଜ୍ଞ ଓ ସଂସ୍କାର ମାନଙ୍କରେ ଯୋଗଦାନ କରି ପୌରୋହିତ୍ୟ କରିବାର ଅନେକ ସୁଅବସରରେ ମୋତେ ମିଳିଅଛି । ସେହି ଯଜ୍ଞାନୁଷ୍ଠାନମାନଙ୍କର ସୁଖଦ ଅନୁଭୂତିକୁ ଆଧାର ଓ ଅବଲମ୍ବନ କରି ସେ ସବୁକୁ ଏଥିରେ ଉଲ୍ଲେଖ କରାଯାଇଛି । ଯଜ୍ଞରେ ଯୋଗଦାନ କରିବାର ଶୁଭାବସରରେ ବିଭିନ୍ନସ୍ଥାନରେ ଲୋକଙ୍କର କାହିଁକି ଓ କଅଣ ପ୍ରଶ୍ନର ସମ୍ମୁଖୀନ ମୋତେ ହେବାକୁ ପଡ଼ିଛି । ଯଜ୍ଞର ବିଧି-ବିଧାନରେ ଅନେକ କିଛି ଗୁରୁତ୍ୱପୂର୍ଣ୍ଣ ନିଗୂଢ଼ ତଥ୍ୟମାନ ନିହିତ ହୋଇରହିଛି । ମନୁଷ୍ୟମାତ୍ରକେ ଅଳ୍ପଜ୍ଞ, ତେଣୁ ସମସ୍ତଙ୍କ ପକ୍ଷେ ସବୁକିଛି ଜାଣିବା କଦାପି ସମ୍ଭବପର ନୁହେଁ । ତଥାପି ନିଜର ସୀମିତ ବିଦ୍ୟା ବୁଦ୍ଧି ଅନୁଯାୟୀ ମୋର କ୍ଷୁଦ୍ର ମସ୍ତିଷ୍କରେ ଯେତେବେଳେ ଯେଉଁ ଯୁକ୍ତି ଆସିଛି, ସେ ପ୍ରକାର ଉତ୍ତର ଦେଇ, ସେମାନଙ୍କ ଶଙ୍କାର ସମାଧାନ କରିବାପାଇଁ ଚେଷ୍ଟା ମଧ୍ୟ କରିଛି । ସେସବୁର

ଉତ୍ତର ଗୁଡ଼ିକ ମଧ୍ୟ ପୁସ୍ତକରେ ସନ୍ନିବେଶିତ ହୋଇଛି । ଯଜ୍ଞ ସଂପର୍କରେ ଅଭିଜ୍ଞ ବ୍ୟକ୍ତିମାନଙ୍କ ପକ୍ଷରେ ଯଦିଓ ସେଗୁଡ଼ିକ ସେତେ ଲାଭଦାୟକ ନୁହେଁ, ତଥାପି ସାଧାରଣ ବ୍ୟକ୍ତି ପକ୍ଷରେ ସେସବୁ ଯେ ମହୋପକାର ସାଧନ କରିବ ଏହା ନିଃସନ୍ଦେହରେ କୁହାଯାଇ ପାରେ ।

ବୈଦିକ ଯଜ୍ଞପଦ୍ଧତିଃର ଚତୁର୍ଥ ସଂସ୍କରଣ ପ୍ରାୟ ଅଢ଼େଇବର୍ଷ ହେବ ଶେଷ ହୋଇଯାଇଛି । ଏ ପୁସ୍ତକ ପାଇବାପାଇଁ ଅନେକାନେକ ଲୋକ ବ୍ୟାକୁଳତା ପ୍ରକାଶ କରି ଆସୁଛନ୍ତି । ପଞ୍ଚମ ସଂସ୍କରଣ କିପରି ଭାବେ ମୁଦ୍ରିତ ହେବ ତା'ପାଇଁ ବହୁଦିନରୁ ଚିନ୍ତିତ ଥିଲି । ପୁସ୍ତକ ପ୍ରକାଶ କରିଦେବି, ସତ କିନ୍ତୁ ତା ବିକ୍ରି ହେବାପାଇଁ କେତେ ବର୍ଷ ଲାଗିଯିବ । ଏ ଜୀବନର ବାସ୍ତବତା ବା କ'ଣ ଅଛି ? ଏପରି ବିଗ୍ରହର ବଶବର୍ତ୍ତୀ ହୋଇ ପ୍ରକାଶନରୁ ଦୂରେଇ ରହିଥିଲି । ପୂଜ୍ୟ ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ ଏ ସମସ୍ତ ବିଷୟ ଅବଗତ ହେବାପରେ ଆଶ୍ରମ ଆନୁକୂଲ୍ୟରେ ପୁସ୍ତକ ପ୍ରକାଶ କରିବାପାଇଁ ଆଶ୍ୱାସନା ଦେଇ ମୋତେ ଚିନ୍ତାମୁକ୍ତ କରିଥିଲେ । ଏ ଗୁରୁଦାୟିତ୍ୱରୁ ମୋତେ ମୁକ୍ତ କରିଥିବାରୁ ସ୍ୱାମୀ ଜୀ ମହୋଦୟଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜ୍ଞାପନ କରୁଅଛି ।

ଶେଷରେ ଖଡ଼ିଆଳ ନିକଟବର୍ତ୍ତୀ ଲୋହରାପାଲି ନିବାସୀ ଶ୍ରୀ ନିଖିଳ କୁମାର ରାଉତରାୟ ଓ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ସୁଧାରାଣୀ ରାଉତରାୟଙ୍କ କନିଷ୍ଠ ପୁତ୍ର ହେଉଛନ୍ତି ବ୍ର. ବିକାଶ କୁମାର ଆର୍ଯ୍ୟ । ଆଜକୁ ପାଞ୍ଚ ବର୍ଷ ହେବ ସେ ଆମସେନା ଗୁରୁକୁଳରେ ଅବସ୍ଥାନ କରି ବର୍ତ୍ତମାନ ସେ ଶାସ୍ତ୍ରୀ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ କଂପ୍ୟୁଟର୍ କାର୍ଯ୍ୟ ମଧ୍ୟ କରୁଛନ୍ତି । ସେ ପୁସ୍ତକକୁ ଆମୂଳଚୂଳ ପାଠକରି ଓ କଂପୋଜ୍ କରି ପୁସ୍ତକକୁ ଲୋକ ଲୋଚନକୁ ଆଣିଛନ୍ତି । ତେଣୁ ମୁଁ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ଆର୍ଯ୍ୟ ଜନତାର ଆଶା ଆକାଂକ୍ଷାକୁ ପାଥେୟ କରି ତଥା ଅନେକ ଲୋକଙ୍କ ସ୍ନେହ ସଦିଚ୍ଛା ଶୁଭାଶୀଷକୁ ପାଥେୟ କରି ଏ ପଞ୍ଚମ ସଂସ୍କରଣ ଆତ୍ମ ପ୍ରକାଶ



କରିବାରେ ସାମର୍ଥ୍ୟଶୀଳ ହୋଇପାରିଛି । ପ୍ରଥମ ସଂସ୍କରଣଠାରୁ ଚତୁର୍ଥ ସଂସ୍କରଣ ପର୍ଯ୍ୟନ୍ତ ଆର୍ଯ୍ୟ ଜନତା ଓ ଯଜ୍ଞ ପ୍ରେମୀ ଜନତା ଦ୍ୱାରା ଯେପରି ଆଦୃତ ହୋଇଛି ଏ ପଞ୍ଚମ ସଂସ୍କରଣ ମଧ୍ୟ ନିଶ୍ଚିତ ଭାବେ ସେପରି ଆଦୃତ ହେବ ବୋଲି ଦୃଢ଼ ଆଶା ପୋଷଣ କରୁଛି । ପୁସ୍ତକର କଳେବର କ୍ଷୁଦ୍ର ହେଲେ ମଧ୍ୟ ପୁସ୍ତକରେ ଯେଉଁ ସୁମହତ୍ ଉଦ୍ଦେଶ୍ୟ ନିହିତ ହୋଇ ରହିଛି ତଦ୍ଦ୍ୱାରା ଯଜ୍ଞପ୍ରେମୀ କୌଣସି ବ୍ୟକ୍ତିଯଦି କିୟତ୍ ପରିମାଣରେ ମଧ୍ୟ ଉପକୃତ ବା ଲାଭାନ୍ୱିତ ହୁଅନ୍ତି, ତଦ୍ଦ୍ୱାରା ଶ୍ରମ ସାର୍ଥକ ହେଲା ବୋଲି ବିବେଚନା କରିବି । କିମଧିକଂ ବିଦ୍ୱତ୍ ପ୍ରବରେଷୁ ॥ ଇତ୍ୟୋମ୍ ॥

ବିଦୁଷାଂ ବଶମ୍ବଦଃ
**ପଣ୍ଡିତ ବିଶିକେସନ ଶାସ୍ତ୍ରୀ**
ସାହିତ୍ୟାଗ୍ର୍ୟ୍ୟ

ଗୁରୁକୁଳ ଆଶ୍ରମ ଆମସେନା
ବିଜୟା ଦଶମୀ ୨୦୧୫

## **କୃତଜ୍ଞତା ଜ୍ଞାପନ**



ଭାରତର ସୁପ୍ରସିଦ୍ଧ ଗୁରୁକୁଳ ହରିୟାନା ପ୍ରଦେଶାନ୍ତର୍ଗତ ଝଜ୍ଜରର ସୁଯୋଗ୍ୟ ସ୍ନାତକ ବ୍ର. ଧର୍ମଦେବ ସ୍ନାତକ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କଲାପରେ ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ ସୁମହତ୍ ଲକ୍ଷ୍ୟକୁ ଆଖି ଆଗରେ ରଖି ଓଡ଼ିଶାର ସୌଭାଗ୍ୟ ପାଇଁ ଗତ ୧୯୬୮ ମାର୍ଚ୍ଚ ତା ୭ରିଖରେ ଓଡ଼ିଶାର ଉପାନ୍ତ ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଇଦାନୀଂ ତନ ନୂଆପଡ଼ା ଜିଲ୍ଲାନ୍ତର୍ଗତ ଆମସେନା ଗ୍ରାମର ଶାନ୍ତକାନ୍ତ ପ୍ରଶାନ୍ତ ବାତାବରଣ ମଧ୍ୟରେ ପାଞ୍ଚଜଣ ବ୍ରହ୍ମଚାରୀଙ୍କୁ ପାଥେୟ କରି ଅୟମାରମ୍ଭ କରନ୍ତି "ଗୁରୁକୁଳ ଆଶ୍ରମ ଆମସେନା" ।

ପୂଜ୍ୟ ସ୍ୱାମୀଜୀ ମହୋଦୟଙ୍କ ତ୍ୟାଗ, ତପସ୍ୟା, ଚେଷ୍ଟା, ନିଷ୍ଠା, ପ୍ରଚେଷ୍ଟା ତଥା ଅଧ୍ୟବସାୟ ବଳରେ ୪୮ ବର୍ଷ ପୂର୍ବରୁ ବପନ କରାଯାଇଥିବା ସେହି ଗୁରୁକୁଳ ରୂପୀ କ୍ଷୁଦ୍ର ବୀଜଟି ଆଜି ବିଶାଳ ଦ୍ରୁମରେ ପରିଣତ ହୋଇ ବ୍ରହ୍ମଚାରୀ ତଥା ଅଗଣିତ ଜନତାଙ୍କୁ ସୁଶୀତଳ ଛାୟା ପ୍ରଦାନ କରିବା ସଙ୍ଗେ ସଙ୍ଗେ ସୁରଭିତ ପୁଷ୍ପ ଓ ସୁମଧୁର ରସାଳଫଳମାନ ପ୍ରଦାନକରି ଅନେକାନେକ ଲୋକଙ୍କୁ ଆପ୍ୟାୟିତ କରିବାରେ ସାମର୍ଥ୍ୟଶୀଳ ହୋଇ ପାରିଛି । ସଂସ୍ଥାପିତ ଆଶ୍ରମଟି ନିଜର ମହନୀୟ କାର୍ଯ୍ୟ କଳାପଦ୍ୱାରା ବର୍ତ୍ତମାନ ଆର୍ଯ୍ୟ ଜଗତର ଆଶା ଆକାଂକ୍ଷାର ଏକ ମହାନ୍ କେନ୍ଦ୍ରସ୍ଥଳୀ ହେବାର ସାମର୍ଥ୍ୟ ମଧ୍ୟ ଅର୍ଜନ କରିପାରିଛି । ଗୁରୁକୁଳରେ ବର୍ତ୍ତମାନ ଦେଶର ବିଭିନ୍ନ ପ୍ରାନ୍ତରୁ ୨୦୦ ରୁ ଊର୍ଦ୍ଧ୍ୱ ବ୍ରହ୍ମଚାରୀ ସେହିପରି ଆଦର୍ଶ କନ୍ୟାଗୁରୁକୁଳରେ ୧୫୦ରୁ ଊର୍ଦ୍ଧ୍ୱ ଆର୍ଯ୍ୟ କନ୍ୟା ନିଜନିଜର ଭାବୀ ଜୀବନକୁ ବୈଦିକ ଧର୍ମର ପ୍ରଚାର ପ୍ରସାରପାଇଁ ଆତ୍ମୋତ୍ସର୍ଗ କରିବା ପାଇଁ ଉଦ୍ୟମ ରତ ଅଛନ୍ତି ।

ଅଧ୍ୟୟନ ଓ ଅଧ୍ୟାପନା ସହିତ ଏଠାରେ ବିରାଟ ଗୋଶାଳା, ବୈଦିକ ଗ୍ରନ୍ଥାଳୟ, ମୁଦ୍ରଣାଳୟ, ଚିକିତ୍ସାଳୟ, କମ୍ପ୍ୟୁଟର୍ ପ୍ରଭୃତିର ସୁନ୍ଦର ବ୍ୟବସ୍ଥା ମଧ୍ୟ ରହିଛି । ଅନୁଷ୍ଠାନ ନିଜର ସୀମିତ ପରିସର ମଧ୍ୟରେ ଆବଦ୍ଧ ନ ରହି ତାର ଶାଖା ପ୍ରଶାଖା ବିସ୍ତାର କରିବାରେ ଶତତ ପ୍ରୟତ୍ନଶୀଳ ହୋଇ ରହିଛି । ଫଳରେ କୋରାପୁଟ



ଜିଲ୍ଲା କୁନ୍ଦୁଲିରେ ଆଦିମ ଗୁରୁକୁଳ ଆଶ୍ରମ, କନ୍ଧମାଳ ଜିଲ୍ଲା ନୂଆଗାଁରେ ସ୍ୱାମୀ ଓମାନନ୍ଦ ବୈଦିକ ଛାତ୍ରାବାସ, ନୂଆପଡ଼ା ଜିଲ୍ଲାର ସୁନାବେଡ଼ାରେ ମାତା ପରମେଶ୍ୱରୀ ଦେବୀ କନ୍ୟା ଛାତ୍ରାବାସ ସହିତ ମା ସୁନାଦେଈ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଛତିଶଗଡ଼ କୋଶରଙ୍ଗିରେ ଆର୍ଷଜ୍ୟୋତି ଗୁରୁକୁଳ ଆଶ୍ରମ, ଝାଡ଼ଖଣ୍ଡ ଲୋହରଦଗାରେ ଶାନ୍ତି ଆଶ୍ରମ, ସମେତ ୧୭ଟି ଆଶ୍ରମ ସୁଚାରୁରୂପେ ପରିଚାଳିତ ହୋଇ ଆସୁଛି । ମହର୍ଷି ଦୟାନନ୍ଦଙ୍କ ପରିକଳ୍ପିତ ଯୋଜନାକୁ ସାକାର ରୂପରେଖ ଦେବାପାଇଁ ପ୍ରୟାସ ଜାରିରଖି ଆସିଛି । ମହର୍ଷିଙ୍କ ଅମର ଗ୍ରନ୍ଥ ସତ୍ୟାର୍ଥ ପ୍ରକାଶ, ସଂସ୍କାର ବିଧି ପ୍ରଭୃତି ପ୍ରକାଶକରି ବୈଦିକ ବିଚାର ଧାରାକୁ ଜନମାନସରେ ଉଜ୍ଜୀବିତ କରି ରଖିବାପାଇଁ ସତତ ପ୍ରୟତ୍ନଶୀଳ ହୋଇ ରହିଛି ।

ବୈଦିକ ଯଜ୍ଞ ପଦ୍ଧତିଃ ପୁସ୍ତକର ପ୍ରକାଶନ ପାଇଁ ଚିନ୍ତିତ ଥିବା ଜାଣି ତାକୁ ଉତ୍କଳ ସାହିତ୍ୟ ସଂସ୍ଥାନ ଆନୁକୂଲ୍ୟରେ ପ୍ରକାଶନର ପଥକୁ ସୁଦୂର ପ୍ରସାରୀ କରିଥିବାରୁ କୃତଜ୍ଞତାର ନିଦର୍ଶନ ସ୍ୱରୂପ ସ୍ୱାମୀଜୀ ମହୋଦୟଙ୍କ ଚରଣ କମଳରେ ଭକ୍ତି ଅର୍ଘ୍ୟ ଅର୍ପଣ କରୁଛି ।

**ବିନୀତ**
ପଣ୍ଡିତ ବିଶିକେସନ ଶାସ୍ତ୍ରୀ
ସାହିତ୍ୟାଚାର୍ଯ୍ୟ

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ୧. ଉପକ୍ରମଣିକା | ୦୧ |
| ୨. ପ୍ରାତଃ ସ୍ମରଣ ସ୍ତୋତ୍ରମ୍ | ୧୦ |
| ୩. ପ୍ରାତଃକାମନା- ପ୍ରଭାତ ପ୍ରାର୍ଥନା | ୧୫ |
| ୪. ସ୍ନାନ ସମୟରେ ପଠନୀୟ ମନ୍ତ୍ର | ୧୮ |
| ୫. ବ୍ରହ୍ମ ଯଜ୍ଞରେ ପାଳନୀୟ କେତୋଟି ନୀତି ନିୟମ | ୨୫ |
| ୬. ଅଥ ବ୍ରହ୍ମଯଜ୍ଞଃ (ସନ୍ଧ୍ୟୋପାସନା ବିଧିଃ) | ୨୨ |
| ୭. ବ୍ରହ୍ମଯଜ୍ଞ ବା ସନ୍ଧ୍ୟୋପାସନାର ବୈଶିଷ୍ଟ୍ୟ | ୪୮ |
| ୮. ସନ୍ଧ୍ୟାର ବିଧିବିଧାନ ଗୁଡ଼ିକର ଉପାଦେୟତା | ୫୨ |
| ୯. ଅଗ୍ନିହୋତ୍ର ବା ହବନ ଯଜ୍ଞର ରହସ୍ୟ | ୬୨ |
| ୧୦. ଯଜ୍ଞ ସମ୍ବନ୍ଧୀୟ କେତୋଟି ଜ୍ଞାତବ୍ୟ ବିଷୟ | ୭୮ |
| ୧୧. ବୈଦିକ ଧ୍ୱଜୋତ୍ତୋଳନ ବିଧିଃ | ୯୧ |
| ୧୨. ଅଥାଗ୍ନିହୋତ୍ର ବିଧିଃ- ଦେବଯଜ୍ଞଃ | ୯୪ |
| ୧୩. ଅଥେଶ୍ୱର ସ୍ତୁତି ପ୍ରାର୍ଥନୋପାସନା ମନ୍ତ୍ରାଃ | ୯୭ |
| ୧୪. ଅଥ ସ୍ୱସ୍ତି ବାଚନମ୍ | ୧୦୨ |
| ୧୫. ଅଥ ଶାନ୍ତି କରଣମ୍ | ୧୧୨ |
| ୧୬. ଅଥାଚମନ ମନ୍ତ୍ରାଃ, ଅଥାଙ୍ଗ ସ୍ପର୍ଶ ମନ୍ତ୍ରାଃ | ୧୨୧-୧୨୨ |
| ୧୭. ଅଥ ଯଜ୍ଞୋପବୀତ ମନ୍ତ୍ରୌ | ୧୨୩ |
| ୧୮. ଅଥାଗ୍ନ୍ୟାଧାନମନ୍ତ୍ରାଃ, ସମିଦାଧାନ ମନ୍ତ୍ରାଃ | ୧୨୫-୧୨୭ |
| ୧୯. ପଞ୍ଚ ଘୃତାହୁତି ମନ୍ତ୍ରଃ, ଜଳ ପ୍ରସେଚନ ମନ୍ତ୍ରାଃ | ୧୨୯ |
| ୨୦. ଆଘାରାବାଜ୍ୟାହୁତି ମନ୍ତ୍ରୌ, ଆଜ୍ୟ ଭାଗାହୁତି ମନ୍ତ୍ରୌ | ୧୩୧ |
| ୨୧. ବ୍ୟାହୃତ୍ୟାହୁତି ମନ୍ତ୍ରଃ | ୧୩୩ |
| ୨୨. ସ୍ୱିଷ୍ଟକୃଦାହୁତି ମନ୍ତ୍ରଃ, ପ୍ରାଜାପତ୍ୟାହୁତି ମନ୍ତ୍ରଃ | ୧୩୩-୧୩୪ |





| | |
|---|---|
| ୨୩. ଆଜ୍ୟାହୁତି (ପବମାନାହୁତି) ମନ୍ତ୍ରାଃ | ୧୩୫ |
| ୨୪. ଅଷ୍ଟାଜ୍ୟାହୁତି ମନ୍ତ୍ରାଃ | ୧୩୬ |
| ୨୫. ପ୍ରାତଃକାଳୀନ, ସାୟଂକାଳୀନ ଅଗ୍ନିହୋତ୍ର ମନ୍ତ୍ରାଃ | ୧୪୦-୧୪୧ |
| ୨୬. ଉଭୟୋଃ କାଳୟୋରଗ୍ନିହୋତ୍ର ମନ୍ତ୍ରାଃ | ୧୪୨ |
| ୨୭. ପୂର୍ଣ୍ଣାହୁତି ମନ୍ତ୍ରାଃ | ୧୪୬ |
| ୨୮. ଶକ୍ତି ପ୍ରାର୍ଥନା ମନ୍ତ୍ରାଃ | ୧୪୮ |
| ୨୯. ବୈଦିକ ବିନୟ | ୧୪୮ |
| ୩୦. ବାମଦେବ୍ୟ, ମହାବାମଦେବ୍ୟ ଗାନମ୍ | ୧୪୯-୧୫୦ |
| ୩୧. ଯଜ୍ଞ ପ୍ରାର୍ଥନା, ଆରତୀ | ୧୫୨ |
| ୩୨. ଆଶୀର୍ବାଦ ପ୍ରଦାନ | ୧୫୪ |
| ୩୩. ସାପ୍ତାହିକ ସତ୍ସଙ୍ଗ କାର୍ଯ୍ୟକ୍ରମ, ଆର୍ଯ୍ୟସମାଜର ଦଶ ନିୟମ | ୧୫୬ |
| ୩୪. ଋଗ୍ ବେଦର ଅନ୍ତିମ ସୂକ୍ତ | ୧୫୮ |
| ୩୫. ଶାନ୍ତିପାଠଃ, ଜୟଘୋଷ | ୧୬୦ |
| ୩୬. ଜଳପାନ ଓ ଭୋଜନକାଳୀନ ମନ୍ତ୍ର | ୧୬୩ |
| ୩୭. ଗୃହସ୍ଥ ଦିନଚର୍ଯ୍ୟା | ୧୬୫ |
| ୩୮. ରାତ୍ରିଶୟନ କାଳୀନ ମନ୍ତ୍ରାଃ | ୧୬୬ |
| ୩୯. ପକ୍ଷେଷ୍ଟି ଯଜ୍ଞ, ଅମାବାସ୍ୟାଯଜ୍ଞ | ୧୭୦ |
| ୪୦. ପୌର୍ଣ୍ଣମାସୀ ଯଜ୍ଞ | ୧୭୨ |
| ୪୧. ବ୍ରତଧାରଣ ମନ୍ତ୍ରାଃ | ୧୭୩ |
| ୪୨. ଗୃହସ୍ଥ ଧର୍ମ ପଞ୍ଚକ | ୧୭୪ |
| ୪୩. ଆତ୍ମସୂକ୍ତ | ୧୭୫ |
| ୪୪. ଦାନସୂକ୍ତ | ୧୭୭ |
| ୪୫. ପୁରୁଷସୂକ୍ତ | ୧୭୯ |

୪୬. ଶାନ୍ତିସୂକ୍ତ ୧୮୧

୪୭. ଶ୍ରଦ୍ଧାସୂକ୍ତ ୧୮୩

୪୮. ପିତୃଯଜ୍ଞ ୧୮୪

୪୯. ବଳିବୈଶ୍ୱଦେବ ଯଜ୍ଞ ବା ଭୂତଯଜ୍ଞ ୧୯୦

୫୦. ଅତିଥି ଯଜ୍ଞ ୧୯୫

୫୧. ଶୁଦ୍ଧି-ବିଧି ୨୦୧

୫୨. ସଂକ୍ଷିପ୍ତ ବେଦ ପରିଚୟ ୨୦୫

୫୩. କତିପୟ ବେଦମନ୍ତ୍ର ଓ ତା'ର ପଦ୍ୟାନୁବାଦ ୨୧୦

୫୪. ବୈଦିକ ସିଦ୍ଧାନ୍ତ ବା ଆର୍ଯ୍ୟ ସମାଜର ପ୍ରତିପାଦ୍ୟ ବିଷୟ ୨୧୪

୫୫. ଯଜ୍ଞ ସମ୍ବନ୍ଧୀୟ କେତୋଟି ପ୍ରଶ୍ନ ଓ ତା'ର ଉତ୍ତର ୨୧୯

୫୬. ନିଜ ରଚିତ କେତେକ ଉପାଦେୟ ପଦ୍ୟାଂଶ ୨୨୩

୫୭. ମାନବିକତାର ଲକ୍ଷଣ ୨୨୭

୫୮. ଶ୍ରାବଣୀ ଉପାକର୍ମ- ଋଷି ତର୍ପଣ ୨୨୮

୫୯. ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ୨୩୨

୬୦. ମକର ସଂକ୍ରାନ୍ତି ୨୩୩

୬୧. ଆର୍ଯ୍ୟସମାଜ ସ୍ଥାପନାଦିବସ (ଚୈତ୍ରଶୁକ୍ଳ ପ୍ରତିପଦା) ୨୩୪

୬୨. ଭଜନାବଳୀ (ଓଡ଼ିଆ) ୨୩୬

୬୩. ସଂସ୍କୃତ ବିଭାଗଃ ୨୬୮

୬୪. ହିନ୍ଦୀ ବିଭାଗ ୨୭୫


## ଅଭିମତ

ଅତୀବ ଆନନ୍ଦର ବିଷୟ ଆଦରଣୀୟ ପଣ୍ଡିତ ବିଶିକେସନ ଶାସ୍ତ୍ରୀଙ୍କ ଦ୍ୱାରା ସଙ୍କଳିତ ଓ ପ୍ରକାଶିତ ବୈଦିକ ଯଜ୍ଞ ପଦ୍ଧତିଃର ଚତୁର୍ଥ ସଂସ୍କରଣ ସମାପ୍ତ ହୋଇ ଉତ୍କଳ ସାହିତ୍ୟ ସଂସ୍ଥାନ ଆମସେନା ଆନୁକୂଲ୍ୟରେ ବର୍ତ୍ତମାନ ପଞ୍ଚମ ସଂସ୍କରଣ ପ୍ରକାଶିତ ହେବାକୁ ଯାଉଛି । ବୈଦିକ ଧର୍ମାବଲମ୍ବୀ ଜନସାଧାରଣଙ୍କ ମଧ୍ୟରେ ପ୍ରୋକ୍ତ ପୁସ୍ତକ ଅତ୍ୟନ୍ତ ଆଦୃତ ହୋଇପାରିବ । ଯଜ୍ଞପ୍ରେମୀ ବନ୍ଧୁମାନେ ଏ ପୁସ୍ତକ ପାଇବାପାଇଁ ଉପଯୋଗୀ ପୂଜା ସଂପର୍କୀୟ ସମସ୍ତ ପଦ୍ଧତି ସଂକ୍ଷେପରେ ବର୍ଣ୍ଣନା କରାଯାଉଛି । ତତ୍ ସଙ୍ଗେ ସଙ୍ଗେ ଈଶ୍ୱର, ବେଦ, ଧର୍ମ, ସତ୍ସଙ୍ଗ, ସ୍ୱାଧ୍ୟାୟ ତଥା ବିଭିନ୍ନ ପର୍ବପର୍ବାଣୀ ସମୟରେ ଗାନ କରାଯାଉଥିବା ସୁନ୍ଦର ସୁନ୍ଦର ବୈଦିକ ଭଜନ ଗୁଡ଼ିକ ମଧ୍ୟ ପୁସ୍ତକରେ ସନ୍ନିବେଶିତ ହୋଇଛି ।

ଆଦରଣୀୟ ପଣ୍ଡିତ ବିଶିକେସନ ଶାସ୍ତ୍ରୀ ଉଚ୍ଚକୋଟୀର ବିଦ୍ୱାନ୍ ଓ ଯାଜ୍ଞିକ ମଧ୍ୟ ଅଟନ୍ତି । ଓଡ଼ିଶାରେ ଥିବା ଆର୍ଯ୍ୟ ସମାଜ ଗୁଡ଼ିକରେ ତାଙ୍କର ମାନସମ୍ମାନ ଭହୁଳଭାବେ ରହିଛି । ମୁଁ ତାଙ୍କୁ ଓଡ଼ିଶାର ପଥିକ ଲେଖରାମ ବୋଲି କହିଥାଏଁ । ଯେଣୁ ସେ ଅଧ୍ୟୟନ ଓ ଅଧ୍ୟାପନା ସହିତ ବୈଦିକ ବିଚାର ଧାରାର ପ୍ରଚାର ପ୍ରସାର ନିମିତ୍ତ ସମଗ୍ର ଓଡ଼ିଶାରେ ଭ୍ରମଣ କରିଛନ୍ତି । ତାଙ୍କଦ୍ୱାରା ଲିଖିତ ଓ ଅନୁଦିତ ପୂର୍ବ ପ୍ରକାଶିତ ସକଳ ପୁସ୍ତକ ପ୍ରେରଣା ପ୍ରଦାୟକ ହୋଇଛି ।

ବୈଦିକ ଯଜ୍ଞ ପଦ୍ଧତିଃର ଏ ପଞ୍ଚମ ସଂସ୍କରଣ ମଧ୍ୟ ଜନତାଦ୍ୱାରା ଆଦୃତ ହେବବୋଲି ଆଶା ପୋଷଣ କରୁଛି । ଏ ପୁସ୍ତକକୁ ସାକାର ରୂପରେଖ ଦେବାପାଇଁ ବ୍ର. ବିକାଶ ଆର୍ଯ୍ୟ ଅନେକ କିଛି ପ୍ରୟାସ କରିଛନ୍ତି । ଭଗବାନ୍ ତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପ୍ରଦାନ କରନ୍ତୁ । ଶେଷରେ ପୁସ୍ତକର ବହୁଳ ପ୍ରଚାର ପ୍ରସାର ମଧ୍ୟ କାମନା କରୁଛି ।।ଇତ୍ୟୋମ୍।।

ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ

**ଆଚାର୍ଯ୍ୟ**

ଗୁରୁକୁଳ ଆଶ୍ରମ ଆମସେନା

**ଓ୩ମ୍**

**ଶ୍ରୀ ଶ୍ରୀ ସଚ୍ଚିଦାନନ୍ଦେଶ୍ୱରାୟ ନମୋ ନମଃ**

## ଉପକ୍ରମଣିକା

ସୃଷ୍ଟିକର୍ତ୍ତା ପରମାତ୍ମାଙ୍କ ସୃଷ୍ଟ ଏ ସକଳ ଭୂମଣ୍ଡଳ, ଏ ବିଶାଳ ସୃଷ୍ଟି ସତରେ କି ବୈଚିତ୍ର୍ୟମୟ, କି ବୈଭବମୟ, କି ଆନନ୍ଦ ମୟ, ଆହା କି ମଧୁମୟ ! ସସାଗରା ଧରାର ସ୍ଥାନେ ସ୍ଥାନେ ସୁଶୋଭିତ, ପ୍ରାକୃତିକ ପରିବେଷ୍ଟନୀରେ ଅବସ୍ଥିତ, ସର୍ପିଳ ଗତିରେ ପ୍ରବାହିତ, କୁଳୁକୁଳୁ କଳନିନାଦିନୀ ନଦ-ନଦୀ, ନିର୍ଝର- ନିର୍ଝରିଣୀ, ନୈସର୍ଗିକ ଶୋଭାସମ୍ପଦରେ ପରିପୂରିତ ବନ ଗିରି ଲତା, ସେସବୁରେ ବିମଣ୍ଡିତ ସବୁଜ ପତ୍ରସମୂହ, ବର୍ଣ୍ଣାଢ଼୍ୟ ପୁଷ୍ପଗୁଚ୍ଛ, ସର୍ବୋପରି ବିବିଧ ଫଳସମ୍ଭାର, ଆନନ୍ଦ ପ୍ରଦାୟକ ସମୁନ୍ନତ ପାହାଡ଼-ପର୍ବତ, ଦିଗନ୍ତବିସ୍ତାରୀ ସୁଗଭୀର ସାଗର, ମହାସାଗରର ସୁନୀଳ ଜଳରାଶି, ତତ୍ ସଙ୍ଗେ ସଙ୍ଗେ ଊର୍ଦ୍ଧ୍ୱ ପ୍ରଦେଶରେ ବିରାଜିତ ଚନ୍ଦ୍ର-ସୂର୍ଯ୍ୟ ଓ ଅଗଣିତ ତାରକାପଙ୍କ୍ତି ତଥା ଗ୍ରହ, ଉପଗ୍ରହ ସମୂହକୁ ଅବଲୋକନ କଲାମାତ୍ରେ, ଏ ବିଶାଳ ବିଶ୍ୱବ୍ରହ୍ମାଣ୍ଡରେ, ସର୍ବୋପରି ସମଗ୍ର ସୃଷ୍ଟିରେ କି ନିଗୂଢ଼ ବୈଚିତ୍ର୍ୟମୟ ତଥ୍ୟମାନ ନିହିତ ହୋଇ ରହିଛି, ତାହା କଳନା କରିବା କିମ୍ବା ତାର ପ୍ରକୃତ ରହସ୍ୟକୁ ଭେଦ କରିବା ସମସ୍ତଙ୍କଠାରୁ ଅଧିକ ଗୁଣୀ, ଜ୍ଞାନୀ, ବିଜ୍ଞାନୀ ବୋଲାଉଥିବା ମନୁଷ୍ୟ ପକ୍ଷରେ ମଧ୍ୟ ଅଦ୍ୟାବଧି ସମ୍ଭବପର ହୋଇପାରିନାହିଁ ।ପରମକାରୁଣିକ ପରମାତ୍ମା ସ୍ୱରଚିତ ସୃଷ୍ଟିର ସାର୍ଥକତା ପାଇଁ, ସର୍ବୋପରି ତାହାକୁ ଅଧିକାଧିକ ଭାବେ ସରସ, ସୁନ୍ଦର ଋଦ୍ଧିମନ୍ତ ଓ ମହିମାନ୍ୱିତ କରିବାପାଇଁ ଚରନା କଲେ ଜଳଚର, ସ୍ଥଳଚର, ନଭଚର ଓ ଉଭୟଚର ଭେଦରେ ଅଗଣିତ ଜୀବଜନ୍ତୁ, ପଶୁ-ପକ୍ଷୀ, ସରୀସୃପ, କୀଟପତଙ୍ଗ ପ୍ରଭୃତି ଅନେକାନେକ ପ୍ରାଣୀ ।ଅଣ୍ଡଜ, ଜରାୟୁଜ ଓ ସ୍ୱେଦଜ ଜୀବଜଗତ ମଧ୍ୟରେ ଦ୍ୱିପଦ, ଚତୁଷ୍ପଦ, ଷଟ୍‌ପଦ, ଅଷ୍ଟପଦ, ବହୁପଦ, ଏପରିକି ଅପଦ ପ୍ରାଣୀମାନଙ୍କୁ ଅବଲୋକନ କଲେ ହୃଦୟ ଓ ମନ ଯୁଗପତ୍ ଆନନ୍ଦରେ ଓ ଆଶ୍ଚର୍ଯ୍ୟରେ ଏକାବେଳକେ ଅଭିଭୂତ ଓ ସ୍ତମ୍ଭୀଭୂତ ହୋଇ ପଡ଼େ । ସକଳ ଜୀବ



ଜଗତ ମଧ୍ୟରେ ସହସ୍ର ସହସ୍ର ପ୍ରକାର ସୂକ୍ଷ୍ମାତିସୂକ୍ଷ୍ମଠାରୁ ଆରମ୍ଭକରି କ୍ଷୀଣକାୟ, ଦୀର୍ଘକାୟ, ସ୍ଥୂଳକାୟ ଓ ଅତି ବିଶାଳକାୟ ଜୀବଜନ୍ତୁ ସମୂହ ଦୃଷ୍ଟିପଥାରୂଢ଼ ହେଉଥିଲେ ମଧ୍ୟ, ଗଭୀରଭାବେ ମନନ, ଚିନ୍ତନ ଅନୁଧ୍ୟାନ ଓ ଅନୁଶୀଳନ କଲେ ସ୍ପଷ୍ଟରୂପେ ପ୍ରତୀୟମାନ ହୁଏ ଯେ, ମାନବ ନିର୍ମାଣରେ ପରମାତ୍ମା ସ୍ୱକୀୟ ଚରମ ଓ ପରମ ପରାକାଷ୍ଠା ପ୍ରଦର୍ଶନ କରିବାରେ ତିଳେମାତ୍ର କୁଣ୍ଠାବୋଧ ବା ଅବହେଳା ପ୍ରଦର୍ଶନ କରିନାହାନ୍ତି । ମାନବ ଶରୀର ଏପରି ବୁଦ୍ଧିମତ୍ତା ଓ ବୈଜ୍ଞାନିକ କୌଶଳରେ ନିର୍ମିତ, ଯାହାକୁ ପର୍ଯ୍ୟବେକ୍ଷଣ କରି ପରବର୍ତ୍ତୀ କାଳରେ ଠିକ୍ ତାହାରି ଅନୁକରଣରେ, ମାନବ ବିଭିନ୍ନ ପ୍ରକାରର କଳକାରଖାନା ଯନ୍ତ୍ରପାତି ନିର୍ମାଣ କରିବାରେ ଯେ ଅତି ଆଶ୍ଚର୍ଯ୍ୟଜନକ ସଫଳତା ଅର୍ଜନ କରିଛି, ଏହା କହିଲେ କେବେହେଁ ସତ୍ୟର ଅପଳାପ ହେବ ନାହିଁ ।

ମାନବ ସମାଜ ପ୍ରତି ପରମ କାରୁଣିକ ପରମାତ୍ମାଙ୍କର ସର୍ବଶ୍ରେଷ୍ଠ ଅନବଦ୍ୟ ଓ ଅତୁଳନୀୟ ଦାନ ହେଉଛି ବୁଦ୍ଧି, ବିବେକ, ଜ୍ଞାନ ଓ ବିଜ୍ଞାନ । ଏହି ଅତୁଳନୀୟ ଜ୍ଞାନର ପରାକାଷ୍ଠା ବଳରେ ମାନବ ଆଜି ସଚରାଚର ଜୀବଜଗତ୍ ମଧ୍ୟରେ ସର୍ବଶ୍ରେଷ୍ଠ, ସର୍ବଜ୍ୟେଷ୍ଠ ଜୀବରୂପେ ଓ ପରମେଶ୍ୱରଙ୍କ ବରପୁତ୍ରରୂପେ ପରିଗଣିତ ହେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । କଳେ, ବଳେ, କୌଶଳେ ସେ ହିଂସ୍ରାତିହିଂସ୍ର ଅତ୍ୟନ୍ତ ବଳଶାଳୀ ବିଶାଳକାୟ ଜୀବଜନ୍ତୁଙ୍କୁ ମଧ୍ୟ ନିଜର କରାୟତ୍ତ କରିବାରେ ଅସାଧାରଣ କୃତିତ୍ୱ ଓ ଆଶ୍ଚର୍ଯ୍ୟଜନକ ସଫଳତା ଲାଭ କରିପାରିଛି । ଦିନେ ଯାହା ଅସାଧ୍ୟ, ଦୁଷ୍କର ପ୍ରତୀୟମାନ ହେଉଥିଲା ନିଜର ଅଧ୍ୟବସାୟ ବଳରେ ସେସବୁ ଆଜି ସୁସାଧ୍ୟ, ସୁକର ହୋଇପାରିଛି ।ପରମାତ୍ମାଙ୍କ ଉପଦିଷ୍ଟ ଅମୀୟ ବେଦବାଣୀକୁ ଅନୁଧ୍ୟାନ କଲେ ଯେ କେହି ସ୍ପଷ୍ଟରୂପେ ଉପଲବ୍ଧି କରିବ ଯେ, ସାଧାରଣତଃ ମାନବ ଶରୀର ବା ମାନବ ଆକୃତି ଧାରଣ କରିବାଦ୍ୱାରା କୌଣସି ବ୍ୟକ୍ତି କେବେହେଲେ ପ୍ରକୃତ ମାନବ ପଦବାଚ୍ୟ ହୋଇପାରେ ନାହିଁ । କାରଣ ବିଶ୍ୱର ପ୍ରାଚୀନତମ ସର୍ବଶ୍ରେଷ୍ଠଗ୍ରନ୍ଥ ସର୍ବମାନ୍ୟ ବେଦରେ ପରମାତ୍ମା ସ୍ପଷ୍ଟରୂପେ ନିର୍ଦ୍ଦେଶ

ଦେଇଛନ୍ତି... "ମନୁର୍ଭବ" ଅର୍ଥାତ୍ ମଣିଷ ହୁଅ । ବେଦର ଯାବତୀୟ ଆଦେଶ, ନିର୍ଦ୍ଦେଶ ବା ଉପଦେଶ, ସବୁକିଛି ମୁଖ୍ୟତଃ ମାନବ ସମାଜପାଇଁ ଉଦ୍ଦିଷ୍ଟ । ବେଦର ଏ ମନ୍ତ୍ରାଂଶ ଶୁଣିବା ବା ଜାଣିବା ପରେ କେତେକଙ୍କ ମନରେ ସ୍ୱତଃ ବା ସ୍ୱାଭାବିକଭାବେ ପ୍ରଶ୍ନ ଉଠିଥାଏ ଯେ, ଆମେ ମଣିଷ ହୋଇଥିବା ସ୍ଥଳେ ବେଦ ଭଗବାନ୍ ପୁଣି ଏପରି ନିର୍ଦ୍ଦେଶ ଦେବାରେ କି ତାତ୍ପର୍ଯ୍ୟ, ବା କି ବୈଶିଷ୍ଟ୍ୟ ନିହିତ ହୋଇ ରହିଛି ? ଗଭୀରଭାବେ ଅନୁଧ୍ୟାନ କଲେ ପ୍ରୋକ୍ତ ମନ୍ତ୍ରାଂଶରେ ଯେଉଁ ମନସ୍ତାତ୍ତ୍ୱିକ ନିଗୂଢ଼ ତଥ୍ୟ ନିହିତ ହୋଇ ରହିଛି, ତାହାହିଁ ହେଉଛି ସମସ୍ତଙ୍କ ପକ୍ଷେ ସର୍ବାଦୌ ମନନ, ଚିନ୍ତନ ଓ ପ୍ରଣିଧାନର ବିଷୟବସ୍ତୁ ।

ଅଗଣିତ ଜୀବଜଗତ୍ ମଧ୍ୟରେ ଏକମାତ୍ର ମାନବ ଜ୍ଞାନ, ଧ୍ୟାନ, କର୍ମ ଓ ସ୍ୱଭାବରେ ସର୍ବାଗ୍ରଗଣ୍ୟ ଓ ସର୍ବଶ୍ରେଷ୍ଠରୂପେ ପରିଗଣିତ ହୋଇ ଆସୁଛି । ଏପରି ଏକ ସର୍ବଶ୍ରେଷ୍ଠ ପ୍ରାଣୀରୂପେ ସଂସାରରେ ଜାତ ହୋଇଥିବାରୁ ସାଧାରଣ ହେଉ କିମ୍ବା ଅସାଧାରଣ ହେଉ, ଯାବତୀୟ କାର୍ଯ୍ୟକଳାପ, ନୀତିନିୟମପୂର୍ବକ ସୁଶୃଙ୍ଖଳିତଭାବେ ସମ୍ପାଦନ କରିବା ହେଉଛି ମନୁଷ୍ୟ ପକ୍ଷରେ ଯେପରି ଶୋଭନୀୟ ସେହିପରି ପ୍ରଶଂସନୀୟ ମଧ୍ୟ । କାରଣ ମନୁଷ୍ୟ ଜୀବନରେ ନିୟମିତତା ବା ନୀତିନିୟମର ବଶବର୍ତ୍ତିତାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେଖିବାକୁ ଗଲେ କେବଳ ମନୁଷ୍ୟଜୀବନରେ ନୁହେଁ ସଂସାରର ପ୍ରତ୍ୟେକ ପ୍ରାଣୀ ଏପରିକି ପ୍ରକୃତିର ପ୍ରତ୍ୟେକ ପଦାର୍ଥରେ କିଛି ନା କିଛି ନିୟମିତତାର ଆଭାସ ବା ବିକାଶ ନିହିତ ହୋଇ ରହିଛି । ଶ୍ରଦ୍ଧା, ଭକ୍ତି ଓ ଆଦରପୂର୍ବକ ବାରମ୍ବାର ଆଚରିତ ସତ୍କାର୍ଯ୍ୟଗୁଡ଼ିକ କିଛିଦିନ ପରେ ଏକ ଅଭ୍ୟାସରେ ପରିଣତ ହୋଇଯାଏ । ସେହି ସତ୍କାର୍ଯ୍ୟରେ ମନୁଷ୍ୟ ଅଭ୍ୟସ୍ତ ହୋଇଗଲେ କ୍ରମଶଃ ତାହା ସ୍ୱଭାବରେ ପରିଣତ ହୋଇଯାଏ । ସତ୍କାର୍ଯ୍ୟକୁ ବାରମ୍ବାର ଅଭ୍ୟାସ କରିବାଦ୍ୱାରା ଜଣେ ମୂର୍ଖ, ଦୁରାଗ୍ରହୀ କୁପ୍ରବୃତ୍ତିର ବ୍ୟକ୍ତି ମଧ୍ୟ କାଳକ୍ରମେ ଲୋକରେ, ସମାଜରେ ଜ୍ଞାନୀ ଓ ସଦାଗ୍ରହୀରୂପେ ପରିଗଣିତ ହୋଇଥାଏ । ନିୟମିତତା ହେଉଛି ସତରେ ଏପରି ଏକ ମହନୀୟ ଗୁଣ



ଯାହାକୁ ଆଚରଣ କଲେ ଆଗ୍ରହହୀନ ଅତ୍ୟନ୍ତ ନୀଚ ବ୍ୟକ୍ତି ମଧ୍ୟ ସଦାଗ୍ରହୀ, ରୁଗ୍ଣ ବ୍ୟକ୍ତି ସୁସ୍ଥସବଳ, ଦୁର୍ବଳବ୍ୟକ୍ତି ବଳଶାଳୀ ତଥା ଭାଗ୍ୟହୀନ ବ୍ୟକ୍ତି ସୌଭାଗ୍ୟଶାଳୀରେ ପରିଣତ ହୋଇଯାଏ । ତେଣୁ ଯାବତୀୟ କାର୍ଯ୍ୟକଳାପରେ ନୀତିନିୟମ ରକ୍ଷାପୂର୍ବକ ସଂଯମ ଅବଲମ୍ବନ କରି, ଜୀବନଯାପନ କରିବା ପ୍ରକୃତ ମାନବିକତା ବୋଲି ଜଗତରେ କଥିତ ହୋଇଛି ।ଆଗ୍ରହ-ବିଗ୍ରହ, ଆହାର-ବିହାର, ଉପବେଶନ, ଖାଦ୍ୟପେୟ, ଗମନାଗମନ, ଗ୍ଲିଚଳନ, ଭାଷଣ-ସମ୍ଭାଷଣ, ଶୟନ-ଜାଗରଣ ପ୍ରଭୃତିରେ ସର୍ବଜନାଦୃତ, ସର୍ବଜନ ପ୍ରଶଂସିତ, ଭଦ୍ରଜନୋଚିତ ଶିଷ୍ଟତା ପ୍ରଦର୍ଶନ କରିବାରେ, ହୃଦୟ ଓ ମନରେ ସ୍ୱତଃ ଦିବ୍ୟାନନ୍ଦ ଜାତ ହୋଇଥାଏ । ତେଣୁ ଏପରି ଶିଷ୍ଟତା ପ୍ରଦର୍ଶନ କରୁଥିବା ସାଧୁ, ସନ୍ଥ, ମୁନି-ଋଷି, ମହାତ୍ମା, ମହାପୁରୁଷମାନେ ଜୀବନରେ ପରମ ଓ ଚରମ ସୁଖଶାନ୍ତି ତଥା ଆନନ୍ଦ ସବୁକିଛି ଲାଭ କରିଥାନ୍ତି ଓ ତା'ରି ମାଧ୍ୟମରେ ପରିଶେଷରେ ପରମପିତା ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭକରି ପରମ ସୁଖଦାୟୀ ଅନିର୍ବଚନୀୟ ମୋକ୍ଷାନନ୍ଦକୁ ଲାଭ କରି ମନୁଷ୍ୟ ଜୀବନର ଚରମ ଓ ପରମ ଧ୍ୟେୟକୁ ଚରିତାର୍ଥ କରିଥାନ୍ତି ।

ଏପରି ଏକ ଦୁର୍ଲ୍ଲଭ ଶରୀର ଲାଭକରି ମଧ୍ୟ ଅମୃତପାୟୀ ମନୁଷ୍ୟ ଯଦି ଇତର ସାଧାରଣ ପଶୁପକ୍ଷୀଙ୍କ ପରି ଯଦୃଚ୍ଛା କାର୍ଯ୍ୟକଳାପରେ ପ୍ରବୃତ୍ତ ହୁଏ, ସଂଯମ ବିହୀନ କାର୍ଯ୍ୟକଳାପରେ ନିମଜ୍ଜିତ ହୋଇ ରହେ ନିଜର ଜୀବନଦୀପିକାକୁ ନିର୍ବାପିତ କରିଦିଏ, ତେବେ ତଦ୍ୱାରା ଈଶ୍ୱରଙ୍କର ପ୍ରକୃତ ଉଦ୍ଦେଶ୍ୟ ଯେ କେବଳ ସାଧିତ ହୁଏ ନାହିଁ, ତା'ନୁହେଁ ଅପରପକ୍ଷେ ମନୁଷ୍ୟ ଏପରି ଏକ ଅଧଃପତନର ଅତଳ ଗହ୍ୱରରେ ଯାଇ ନିପତିତ ହୁଏ, ଯଦ୍ୱାରା ତହିଁରୁ ଉଦ୍ଧାର ପାଇବା ତା'ପକ୍ଷରେ କଦାପି ସମ୍ଭବପର ହୋଇପାରେନାହିଁ, କିମ୍ବା ମୋକ୍ଷାନନ୍ଦ ପରମାତ୍ମାଙ୍କ ସାନ୍ନିଧ୍ୟ ମଧ୍ୟ ଲାଭ କରିପାରେ ନାହିଁ । ନୀତିନିୟମ ଓ ସଂଯମବିହୀନ ମାନବ ଜଗତର ଜନସମାଜ ମଧ୍ୟରେ ପୁଚ୍ଛ-ଶୃଙ୍ଗ ବିହୀନ ପଶୁରୂପେ କେବଳ ପରିଗଣିତ ହୋଇଥାଏ । ତେଣୁ ଅମୃତମୟ ମାନବ ଜୀବନକୁ ସରସ, ସୁନ୍ଦର, ଅମୃତମୟ ଓ ମଧୁମୟ କରିବାକୁ ହେଲେ,

ଇତର ପଶୁ ପକ୍ଷୀଙ୍କ ପରି ଯଦୃଚ୍ଛା ଭାବେ ଶୃଙ୍ଖଳାବିହୀନ କାର୍ଯ୍ୟକଳାପରେ ମଜ୍ଜି ନ ରହି, ସାମାଜିକ, ସର୍ବହିତକାରୀ, ନୀତି ନିୟମର ଅଧୀନତାକୁ ସ୍ୱୀକାର କରି ବା ବଶବର୍ତ୍ତୀ ହୋଇ, ଯାବତୀୟ କାର୍ଯ୍ୟ ସମ୍ପାଦନ କରିବା ପାଇଁ ତତ୍ପର ହେବା ସର୍ବାଦୌ ଆବଶ୍ୟକ ।

କରୁଣାବରୁଣାଳୟ ପରମାତ୍ମାଙ୍କ ଅପାର କରୁଣା-କଣା ଲାଭ କରି ଏପରି ଏକ ଦୁର୍ଲ୍ଲଭ ଶରୀର ଲାଭ କରିବାରେ ଆମେ ସକ୍ଷମ ହୋଇଅଛୁ । ଜୀବନପ୍ରଦୀପ ନିର୍ବାପିତ ହେବା ପୂର୍ବରୁ ସାବଧାନତାର ସହିତ ତା'ର ସଦୁପଯୋଗ କରିବା ହେଉଛି ବିଜ୍ଞତାର ପରିଗ୍ରୃୟକ । ଜୀବନକଳିକାକୁ ପ୍ରସ୍ଫୁଟିତ ଓ ସୁରଭିତ କରି ଜନମାନସକୁ ହରଣ କରିବାକୁ ହେଲେ, ଈଶ୍ୱର-ପ୍ରଣୀତ, ବେଦାଦିଷ୍ଟ ନୀତିନିୟମର ଅଧୀନତାକୁ ସମସ୍ତଙ୍କୁ ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ । ଉପକାରୀର ଉପକାର କରିବା ଅର୍ଥାତ୍ କୃତଜ୍ଞ ହେବା ମାନବୋଚିତ ପରମଧର୍ମ । ଯେଉଁ ମଙ୍ଗଳମୟ ପ୍ରଭୁଙ୍କ କରୁଣାକଟାକ୍ଷପାତରେ ଆମେ ଏପରି କମନୀୟ, ନମନୀୟ, ଲୋଭନୀୟ ଶରୀର ଲାଭ କରିଛୁ, ତାଙ୍କ ପ୍ରତି ଆଜୀବନ ଆମର ଅପରିମିତ, ଅପରିହାର୍ଯ୍ୟ କର୍ତ୍ତବ୍ୟ ନିହିତ ହୋଇ ରହିଛି । କ୍ଷଣଭଙ୍ଗୁର ଜୀବନକଳିକା ଯେ କେତେବେଳେ ବିନଷ୍ଟ ହୋଇଯିବ, ତା'ର କୌଣସି ଇୟତ୍ତା ବା ସଠିକତା ନାହିଁ । ତେଣୁ ନାସିକା ରନ୍ଧ୍ରରେ ଶ୍ୱାସ-ପ୍ରଶ୍ୱାସ ପ୍ରବାହିତ ହେଉଥିବା ପର୍ଯ୍ୟନ୍ତ ପ୍ରତ୍ୟେକ ମୁହୂର୍ତ୍ତରେ ପରମାତ୍ମାଙ୍କ ମହନୀୟ ଋଣକୁ ପରିଶୋଧ କରିବା ପାଇଁ ମନୁଷ୍ୟକୁ ଅତ୍ୟନ୍ତ ପ୍ରୟତ୍ନଶୀଳ ହେବାକୁ ପଡ଼ିବ ।

ଅସାର ସଂସାର ମଧ୍ୟରେ ଯେଉଁମାନଙ୍କୁ ଆମେ, ଅଥବା ଯେଉଁମାନେ ଆମକୁ ପିତା-ମାତା-ଭ୍ରାତା, ଆତ୍ମୀୟ ସ୍ୱଜନ, ମିତ୍ର, ବନ୍ଧୁବାନ୍ଧବ ବୋଲି ଆନ୍ତରିକ ଆଦର ଅଭ୍ୟର୍ଥନା ବା ସମାଦର କରିଥାନ୍ତି, ଗଭୀର ଭାବେ, ଅନୁଧ୍ୟାନ କଲେ ବା ସୂକ୍ଷ୍ମ ଦୃଷ୍ଟିରେ ବିବେଚନା କଲେ ଜାଣିବାକୁ ପାଇବା, ସେସବୁର ମୂଳରେ ଜଡ଼ିତ ଓ ନିହିତ ହୋଇ ରହିଛି, କେବଳ ସ୍ୱାର୍ଥ ଟିକକ ।ସେହି ସ୍ୱାର୍ଥ ଟିକକ ଯେତେବେଳେ



ପରାହତ ହୋଇଯାଏ, ସେତେବେଳେ ଦେଖାଯାଏ କେହି କାହାର ପିତା, ମାତା, ଭ୍ରାତା, ବନ୍ଧୁବାନ୍ଧବ, ଆତ୍ମୀୟ- ସ୍ୱଜନ ବା ମିତ୍ର ହୋଇ ରହନ୍ତି ନାହିଁ । ଦେଖିବାକୁ ଗଲେ ପ୍ରତ୍ୟେକ ମଣିଷ ଆଜି ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ପ୍ରକୃତ ପିତା, ମାତା, ଭ୍ରାତାଙ୍କୁ ଭୁଲିଯାଇ କେବଳ ଅବାସ୍ତବତା ପଛରେ ଧାବମାନ ହେବାରେ ଲାଗିଛି । ସେହି ପରମକାରୁଣିକ ପରମପିତା ପରମେଶ୍ୱର ହିଁ ଏକମାତ୍ର ଆମର ଇହପରକାଳର ଏପରିକି ଜନ୍ମଜନ୍ମାନ୍ତରର ପିତା, ମାତା, ଭ୍ରାତା, ବନ୍ଧୁ, ବାନ୍ଧବ, ଇଷ୍ଟ, ମିତ୍ର ସବୁକିଛି ଅଟନ୍ତି । ସେ ହିଁ ଅନାଥର ନାଥ, ସେ ହିଁ ଅସହାୟର ସହାୟ, ସେ ହିଁ ଅଗତିର ଗତି, ସେ ହେଉଛନ୍ତି ହର୍ତ୍ତା, କର୍ତ୍ତା, ଭାଗ୍ୟବିଧାତା, ତ୍ରାଣକର୍ତ୍ତା ସବୁକିଛି । କାରଣ ମନୁଷ୍ୟର ସ୍ୱାର୍ଥ ଟିକକ ଯେତେବେଳେ ପରାହତ ହୋଇଯାଏ, ସେତେବେଳେ ଦେଖାଯାଏ ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବମାନେ ଅବିଗ୍ରିତ ଭାବେ ତା ନିକଟରୁ ଦୂରେଇ ଯିବା ସଙ୍ଗେ ସଙ୍ଗେ ସାତପର ହୋଇଯାନ୍ତି ସାହାଯ୍ୟ ସହାନୁଭୂତି ପ୍ରଦର୍ଶନ କରିବାତ ଦୂରର କଥା, ଆଡ଼ ଆଖିରେ ସୁଦ୍ଧା ଅନାଇବାକୁ କୁଣ୍ଠାବୋଧ କରିଥାନ୍ତି । ଯେତେବେଳେ ପ୍ରାଣୀ ଚତୁର୍ଦ୍ଦିଗରୁ ଅସହାୟ, ନିଃସହାୟ, ନିରାଶ୍ରୟ ହୋଇ ହାହୁତାଶମୟ ହୋଇପଡ଼େ ସେତେବେଳେ ସେହି ଜନ୍ମଜନ୍ମାନ୍ତରର ପିତା-ମାତା ପରମ-ପିତା ପରମେଶ୍ୱର ବରାବର ଆମର ଅତି ନିକଟରେ ରହି, ନିଃସ୍ୱାର୍ଥପର ଭାବରେ, ଅକୁଣ୍ଠିତ ଚିତ୍ତରେ, ସକଳ ପ୍ରକାର ସାହାଯ୍ୟ ସହାନୁଭୂତି ପ୍ରଦର୍ଶନପୂର୍ବକ ସନ୍ମାର୍ଗ ପ୍ରଦର୍ଶନ କରିବାରେ ସାହାଯ୍ୟ କରିଥାନ୍ତି । ତେଣୁ ସେହି ଏକମାତ୍ର ଉପାସ୍ୟ ଦେବ, କରୁଣା-ବରୁଣାଳୟଙ୍କ କରୁଣାକଣା ଲାଭ କରିବାପାଇଁ ପ୍ରତ୍ୟହ ବେଦ ବିହିତ ଉପାସନା, ପ୍ରାର୍ଥନା, ଭଜନ, କୀର୍ତ୍ତନ, ଜଣାଣ ମାଧ୍ୟମରେ ତାଙ୍କର ଦିବ୍ୟଗୁଣକୁ ଗାନକରି ଉପଦିଷ୍ଟ ଆଦର୍ଶରେ ଅନୁପ୍ରାଣିତ ହୋଇ, ତାଙ୍କ ପ୍ରଦର୍ଶିତ ବେଦପଥରେ ପଥିକ ହୋଇ, ସମସ୍ତେ ନିଜ ନିଜର ମହନୀୟ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଏକାନ୍ତ ଆବଶ୍ୟକ । ଏହାର ଅର୍ଥ ହେଉଛି ଈଶ୍ୱରଙ୍କ ପ୍ରତି ନିଜର କର୍ତ୍ତବ୍ୟ ସୁଗ୍ରୁରୂପେ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ନିଜର ପିତା, ମାତା,

ଭ୍ରାତା, ବନ୍ଧୁବାନ୍ଧବଙ୍କ ପ୍ରତି ମଧ୍ୟ ଯେଉଁ ଅପରିହାର୍ଯ୍ୟ କର୍ତ୍ତବ୍ୟ ରହିଛି, ସେସବୁକୁ ଭୁଲି ନ ଯାଇ ସମ୍ୟକ୍ ରୂପେ ସମ୍ପାଦନ କରିବା ଏକାନ୍ତ ଆବଶ୍ୟକ ।

ମାନବ ସମାଜ କେବଳ ନିଜ ସ୍ୱାର୍ଥରେ ଜଡ଼ିତ ରହି ଯେତେବେଳେ ସେହି ବିଶ୍ୱବନ୍ଦ୍ୟ ପ୍ରାଚୀନ ପରମ୍ପରାକୁ ଭୁଲିଗଲା, ସ୍ୱକୀୟ ସ୍ୱାର୍ଥକୁ ଚରିତାର୍ଥ କରିବାପାଇଁ କପୋଳକଳ୍ପିତ ଦେବାଦେବୀମାନଙ୍କ ପ୍ରତିମା ସ୍ଥାପନ କରି ସରଳ ତରଳ ଜନତା-ଜନାର୍ଦ୍ଦନଙ୍କୁ ପ୍ରତାରିତ କଲା, ମିଥ୍ୟା ତୀର୍ଥ, ବ୍ରତ ନାମରେ ଜନସାଧାରଣଙ୍କୁ ଅଜ୍ଞାନାନ୍ଧକାରର ଅତଳ ଗହ୍ୱରକୁ ନିକ୍ଷେପ କରିବାରେ ସାମାନ୍ୟତମ ଭାବେ ମଧ୍ୟ କୁଣ୍ଠାବୋଧ କଲାନାହିଁ, ଦେବଦେବୀ ଓ ଈଶ୍ୱରଙ୍କର ଦ୍ୱାହି ଦେଇ ନାରକୀୟ, ବୀଭତ୍ସ, ଘୃଣ୍ୟ, ନିନ୍ଦନୀୟ କାର୍ଯ୍ୟକଳାପରେ ପ୍ରବୃତ୍ତ ହେଲା, ଅମୃତପୁତ୍ର କୃତଜ୍ଞ ମାନବସମାଜ କୃତଜ୍ଞ ପରିବର୍ତ୍ତେ କୃତଘ୍ନରେ ପରିଣତ ହୋଇ ନିଜ ଇଷ୍ଟଦେବଙ୍କ ଗୁଣଗାନ କରିବାରେ ବିମୁଖ ହୋଇପଡ଼ିଲା, କୁସଂସ୍କାର, ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଯଦୃଚ୍ଛା ଭାବେ କାମ କଲା, ଠିକ୍ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆମ ଏହି ପୂତ ଆର୍ଯ୍ୟାବର୍ତ୍ତରେ ଯୁଗପ୍ରବର୍ତ୍ତକ, ପ୍ରାତଃସ୍ମରଣୀୟ, ମହର୍ଷି ଦେବ ଦୟାନନ୍ଦ ସରସ୍ୱତୀ ଆବିର୍ଭୂତ ହୋଇ, ସ୍ୱକର୍ତ୍ତବ୍ୟ ବିସ୍ମୃତ, ପଥଭ୍ରଷ୍ଟ ଜନତା-ଜନାର୍ଦ୍ଦନଙ୍କୁ ବେଦର ସେହି କୁସୁମିତ ଦିବ୍ୟପଥ ପ୍ରଦର୍ଶନ କରିବାରେ କୁଣ୍ଠାବୋଧ କରି ନ ଥିଲେ । ଏପରି ଏକ ଜନକଲ୍ୟାଣକର କାର୍ଯ୍ୟକୁ ଈଶ୍ୱରାଦେଶ ବିଚାରି ସେ ନିଜର ସବୁକିଛି ସୁଖ-ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେବା ପାଇଁ ଆନନ୍ଦର ସହିତ ସହାସ୍ୟ ବଦନରେ ଆଗେଇ ଆସିଥିଲେ । ଏପରିକି ସ୍ୱାର୍ଥୀମାନଙ୍କଠାରୁ ଶତ ସହସ୍ରବାର ଲାଞ୍ଛନା ପାଇ ମଧ୍ୟ, ପୁନଶ୍ଚ ବାରମ୍ବାର ବିଷ ପାନକରି ଅଗଣିତ ଜନତାକୁ ବିତରଣ କରିଦେଲେ ଅମୃତର ସେହି ଅମୀୟ ଧାରା । ମାନବ ସମାଜ ବେଦବିହିତ ପଥରେ ପରିଚାଳିତ ହୋଇ, କିପରି ଜୀବନସାରା ପ୍ରକୃତ ସୁଖଶାନ୍ତି ଲାଭ କରିପାରିବ, ସେ ସମ୍ପର୍କରେ ବହୁ ଗବେଷଣା କରି ପରିଶେଷରେ ସ୍ଥାପନ କଲେ, ସର୍ବଜନହିତକାରୀ, ଜନକଲ୍ୟାଣକର "ଆର୍ଯ୍ୟ ସମାଜ" ।



ଆର୍ଯ୍ୟସମାଜ, ସ୍ଥାପିତ ହେବାର ପରମୁହୂର୍ତ୍ତରୁ ଅଦ୍ୟାବଧି ନିରବଚ୍ଛିନ୍ନ ଭାବେ ପ୍ରାଚୀନ ପରମ୍ପରାକୁ ବିସ୍ମୃତ ହୋଇ ଧର୍ମପାଇଁ କିଂକର୍ତ୍ତବ୍ୟବିମୂଢ଼, ହାହତୋଽସ୍ମି ହୋଇପଡ଼ିଥିବା ଜନସମୂହକୁ ବେଦର ସେହି ମନ୍ଦାକିନୀ ଧାରାରେ ଆପ୍ଳୁତ କରିବା ପାଇଁ ସତତ ପ୍ରଯତ୍ନଶୀଳ ହୋଇ ରହିଛି । ଜପ-ତପ, ଧ୍ୟାନ-ଧାରଣା, ତୀର୍ଥବ୍ରତ, ପୂଜା, ଅର୍ଚ୍ଚନା, ସନ୍ଧ୍ୟା, ଉପାସନା, ଶ୍ରାଦ୍ଧତର୍ପଣ, ସ୍ୱର୍ଗ-ନରକ ପ୍ରଭୃତିର ପ୍ରକୃତ ରହସ୍ୟକୁ ଜନତା-ଜନାର୍ଦ୍ଦନଙ୍କ ସମ୍ମୁଖରେ ଉପସ୍ଥାପନ କରି ଅଭୂତପୂର୍ବ ସଫଳତା ମଧ୍ୟ ଲାଭ କରିଛି । ବାଳକ-ବାଳିକା, କିଶୋର-କିଶୋରୀ, ଯୁବକ-ଯୁବତୀ, ବୃଦ୍ଧ-ବୃଦ୍ଧା, ନର-ନାରୀ, ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ମାନବସମାଜ ଯଦି ସେସବୁର ପ୍ରକୃତ ତଥ୍ୟକୁ, ବାସ୍ତବ ରହସ୍ୟକୁ ଉପଲବ୍ଧି କରି, ସେହି ଆଦର୍ଶରେ ନିଜ ନିଜର ଜୀବନକୁ ଗଠନ କରନ୍ତା, ତଦନୁକୂଳ ଆଚରଣ କରନ୍ତା, ତେବେ ପ୍ରକୃତ ସୁଖ-ଶାନ୍ତି ଲାଭ କରି ଆନନ୍ଦରେ ଯେ କାଳାତିପାତ କରନ୍ତା ଏହା ନିଃସନ୍ଦେହରେ କୁହାଯାଇପାରେ । ତଦ୍ୱାରା ସମସ୍ତଙ୍କ ଜୀବନ ସରସ-ସୁନ୍ଦର-ମଧୁମୟ-ସୁଖମୟ ଓ ଅମୃତମୟ ହୋଇ, ଦିନେ ନା ଦିନେ ସେହି ମୋକ୍ଷାନନ୍ଦ ପରମାତ୍ମାଙ୍କର ସାନ୍ନିଧ୍ୟ ଲାଭ କରିପାରନ୍ତା, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଯେଉଁମାନେ ପ୍ରକୃତ ସୁଖ-ଶାନ୍ତି ଲାଭ କରିବାପାଇଁ, ସର୍ବୋପରି ସର୍ବଜନ ପ୍ରଶଂସିତ ମାନବିକତାକୁ ଅର୍ଜନ କରିବାପାଇଁ ଲାଳାୟିତ, ସେମାନଙ୍କୁ ପ୍ରାଚୀନ ମୁନି-ଋଷି, ସାଧୁ-ସନ୍ଥ, ମହାତ୍ମା-ମହାପୁରୁଷ ଓ ମହାମନୀଷୀମାନଙ୍କ ପ୍ରଣୀତ ସୁଚିନ୍ତିତ ଓ ସୁପରିକଳ୍ପିତ ପଞ୍ଚମହାଯଜ୍ଞର ବିଧାନ ନିଷ୍ଠିତରୂପେ କରିବାକୁ ପଡ଼ିବ । ସେହି ପଞ୍ଚମହାଯଜ୍ଞକୁ ସର୍ବାଙ୍ଗସୁନ୍ଦର ଭାବେ ସମାହିତ କରିବାକୁ ହେଲେ, ପ୍ରତ୍ୟହ ନିୟମବଦ୍ଧ ଜୀବନ-ଯାପନ ପାଇଁ ସର୍ବାଦୌ ଦୃଷ୍ଟି ଦେବାକୁ ହେବ । ଯେଉଁ ବ୍ୟକ୍ତିମାନେ ଏତାଦୃଶ ଜୀବନ-ଯାପନ କରନ୍ତି, ସେମାନେ ଜୀବନ କାଳରେ ଯଶସ୍ୱୀ ହୋଇ ମହାତ୍ମା ମହାପୁରୁଷରେ ପରିଗଣିତ ହୋଇଥାନ୍ତି । ସେପରି ବ୍ୟକ୍ତିମାନେ ନିଜ କୃତ କୌଣସି କାର୍ଯ୍ୟକଳାପ ପାଇଁ ପଶ୍ଚାତ୍ତାପ ବା ଅନୁଶୋଚନା କରନ୍ତି ନାହିଁ । ଅର୍ଥାତ୍ ସେମାନଙ୍କ

କାର୍ଯ୍ୟକଳାପରେ କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହୋଇ ନ ଥାଏ ।

ପ୍ରତ୍ୟହ ବ୍ରାହ୍ମ ମୁହୂର୍ତ୍ତରେ ଅର୍ଥାତ୍ ପ୍ରାତଃ ଗ୍ରିଘଟିକା ସମୟରେ ପ୍ରତ୍ୟେକ ବ୍ୟକ୍ତି ନିଦ୍ରିତ ଅବସ୍ଥାରୁ ଜାଗ୍ରତ ହୋଇ ଶଯ୍ୟା ତ୍ୟାଗକରି, ଶୀତଳ ଜଳରେ ମୁଖମଣ୍ଡଳକୁ ପ୍ରକ୍ଷାଳନ କରି ଉଷଃପାନ କରିବା ବିଧେୟ । ଶଯ୍ୟା ତ୍ୟାଗ ପରେ ଶୌଚକୁ ଯିବା ପୂର୍ବରୁ ଯେଉଁ ଜଳପାନ କରାଯାଏ ତାହାକୁ ଉଷଃପାନ କହନ୍ତି । ଉଷଃପାନ ମୁଖ ବା ନାସିକାଦ୍ୱାରା କରାଯାଏ । ଯାହାର ଯେଉଁଥିରେ ଅଭ୍ୟାସ ଅଛି ସେ ତଦ୍ଦ୍ୱାରା କରିବେ । ଆୟୁର୍ବେଦ ଗ୍ରନ୍ଥମାନଙ୍କରେ ଉଷଃପାନର ଲାଭ ସମ୍ପର୍କରେ କଥିତ ହୋଇଛି...

ବିଗତ ଘନ ନିଶୀଥେ ପ୍ରାତରୁତ୍ଥାୟ ନିତ୍ୟମ୍,
ପିବତି ଖଳୁ ନରୋ ଯୋ ଘ୍ରାଣ ରନ୍ଧ୍ରେଣ ବାରି ।
ସ ଭବତି ନୀତିପୂର୍ଣ୍ଣଶ୍ଚକ୍ଷୁଷା ତାର୍କ୍ଷ୍ୟତୁଲ୍ୟୋ,
ବଳି ପଳିତ ବିହୀନଃ ସର୍ବ ରୋଗୈର୍ବିମୁକ୍ତଃ ॥

ରାତ୍ରିର ଗାଢ଼ ଅନ୍ଧକାର ଦୂରେଇ ଯିବାପରେ ପ୍ରାତଃ କାଳରେ ଶଯ୍ୟା ତ୍ୟାଗକରି ଯେଉଁ ବ୍ୟକ୍ତି ପ୍ରତିଦିନ ନାସିକାଦ୍ୱାରା ଶୁଦ୍ଧଜଳ ପାନକରେ, ସେ ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନ ହୋଇଥାଏ । ତା'ର ନେତ୍ରର ଜ୍ୟୋତି ଗୃଧ୍ର ସଦୃଶ ହୁଏ, ଅର୍ଥାତ୍ ଦୂରରେ ଥିବା ଜିନିଷକୁ ମଧ୍ୟ ସେ ସହଜରେ ଦେଖିପାରେ, ତା'ର ଶିରକେଶ ମଧ୍ୟ ଶୀଘ୍ର ପକ୍ୱ ହୁଏ ନାହିଁ । ପୁଣି ସେ କେବେ ମୁଣ୍ଡବ୍ୟଥା, ଜ୍ୱର, କୋଷ୍ଠବଦ୍ଧତା କିମ୍ବା ଧାତୁ ସମ୍ବନ୍ଧୀୟ ପ୍ରମେହାଦି ରୋଗର ଅଧୀନତାକୁ ସ୍ୱୀକାର କରେ ନାହିଁ ।

ଯେଉଁ ବ୍ୟକ୍ତି ନାସିକାଦ୍ୱାରା ଜଳପାନ କରିବାରେ ଅସୁବିଧାର ସମ୍ମୁଖୀନ ହେବେ, ସେ ମୁଖ ଦ୍ୱାରା ନିଶ୍ଚୟ ପାନ କରିବେ । ଉଷଃପାନ ସମାପ୍ତି ପରେ ପରେ ସମାଗତ ଦିବସକୁ ଶୁଭମୟ ଓ ସାଫଲ୍ୟମଣ୍ଡିତ କରିବାପାଇଁ, କୃତଜ୍ଞତାର ନିଦର୍ଶନ ସ୍ୱରୂପ, ବେଦୋପଦିଷ୍ଟ ମନ୍ତ୍ରରେ ସେହି ପରମପିତା ପରମାତ୍ମାଙ୍କ ପଦାରବିନ୍ଦ ତଳେ ନିଜ ନିଜର ଭକ୍ତି ଅର୍ଘ୍ୟକୁ ସମର୍ପଣ କରିଦେବାପାଇଁ ସତତ ପ୍ରୟତ୍ନଶୀଳ ହେବାପାଇଁ



ତତ୍ପରତା ପ୍ରକାଶ କରିବେ । ତେବେ ଆସନ୍ତୁ... ସମ୍ମିଳିତ କଣ୍ଠରେ ଭକ୍ତି ଗଦ୍‌ଗଦ ଚିତ୍ତରେ ଏକନିଷ୍ଠ ଓ ଉଲ୍ଲସିତ ହୋଇ ଗାନ କରିବା... ।

## ପ୍ରାତଃ ସ୍ମରଣ ସ୍ତୋତ୍ରମ୍...

**ଓ୩ମ୍ ଭୂର୍ଭୁବଃ ସ୍ୱଃ । ତତ୍ସବିତୁ ର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି ।**
**ଧିୟୋୟୋନଃ ପ୍ରଚୋଦୟାତ୍ ।୧।** (ଯଜୁ ଅ.୩୬-ମ.୩)

**ଓ୩ମ୍ ପୁନର୍ମନଃ ପୁନରାୟୁର୍ମଽଆଗନ୍ ପୁନଃପ୍ରାଣଃ ପୁନରାତ୍ମାମଽଆଗନ୍, ପୁନଶ୍ଚକ୍ଷୁ ପୁନଃ ଶ୍ରୋତ୍ରଂ ମଽଆଗନ୍ । ବୈଶ୍ୱାନରୋଽଅଦବ୍‌ଧସ୍ତନୂପାଽଅଗ୍ନିର୍ନଃ ପାତୁ ଦୁରିତାଦବଦ୍ୟାତ୍ ।୨।** (ଯଜୁ. ଅ.୪-ମ.୧୫)

**ଓ୩ମ୍ ପ୍ରାତରଗ୍ନିଂପ୍ରାତରିନ୍ଦ୍ରଂ ହବାମହେ ପ୍ରାତର୍ମିତ୍ରାବରୁଣାପ୍ରାତରଶ୍ୱିନା । ପ୍ରାତର୍ଭଗଂ ପୂଷଣଂ ବ୍ରହ୍ମଣସ୍ପତିଂ ପ୍ରାତଃସୋମମୁତରୁଦ୍ରଂ ହୁବେମ ।୩।**

ପ୍ରଭାତୁ ଉଠିଣ ନିତି ବିଭୁଙ୍କୁ କରୁ ବିନତି
ଶକ୍ତିମୟେ କରି ସ୍ତୁତି, ଭକତି ଭରେ,
ପ୍ରକାଶ ସ୍ୱରୂପ ଦେବେ ମିତ୍ର ବରୁଣ ସରବେ,
ଧ୍ୟାନ କରୁ ଶାନ୍ତଭାବେ, ଶାନ୍ତ ବେଳାରେ
ପୂଜନୀୟ ହେ ଭଜନୀୟ !
ଦୁଷ୍ଟ ନାଶି ସନ୍ଥପାଳ ହେ ଦୟାମୟ ॥୩॥

ଏଇ ପବିତ୍ର ପ୍ରଭାତ ବେଳାରେ ଆମ୍ଭେମାନେ ସେହି ଜ୍ୟୋତିର୍ମୟ ପରମ ଐଶ୍ୱର୍ଯ୍ୟଯୁକ୍ତ, ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ୍, ପ୍ରଭୁଙ୍କୁ ଓ ତାଙ୍କର ମହାମହିମାମୟ ଅତୁଳନୀୟ ଶକ୍ତିକୁ ଭକ୍ତିପୂତଭାବେ ସ୍ତୁତି କରୁଛୁ ॥୩॥

**ଓ୩ମ୍ ପ୍ରାତର୍ଜିତଂ ଭଗମୁଗ୍ରଂ ହୁବେମ ବୟଂ ପୁତ୍ରମଦିତେର୍ଯୋ ବିଧର୍ତ୍ତା ।**
**ଆଧ୍ରଶ୍ଚିଦ୍ୟଂ ମନ୍ୟମାନସ୍ତୁରଶ୍ଚିଦ୍ରାଜା ଚିଦ୍ୟଂ ଭଗଂ ଭକ୍ଷୀତ୍ୟାହ ।୪।**

ବ୍ରହ୍ମାଙ୍କ ବ୍ରାହ୍ମମୁହୂର୍ତ୍ତେ ସ୍ତୁତି କରୁ ଭକ୍ତିଚିତ୍ତେ

ପ୍ରଶାନ୍ତମୟ ପ୍ରଭାତେ, ପରଂବ୍ରହ୍ମଙ୍କୁ,
ଧନ-ଜନ-ଯଶ ଦାତା        ତେଜ-ଓଜଃ ପ୍ରାଣତ୍ରାତା
ସକଳ ବ୍ରହ୍ମାଣ୍ଡ ଧାତା, ବିଶ୍ୱପିତାଙ୍କୁ,
ସର୍ବଜ୍ଞାତା ଜଗତପିତା
ଦୁଷ୍ଟ ନାଶି ସନ୍ଥପାଳ ଭବ-ଉଦ୍ଧର୍ତ୍ତା ॥୪॥

ଏ ପୁନୀତ ବ୍ରାହ୍ମମୁହୂର୍ତ୍ତରେ ସକଳ ଜଗତର ଉତ୍ପତ୍ତିକର୍ତ୍ତା, ସକଳ ଐଶ୍ୱର୍ଯ୍ୟପ୍ରଦାତା, ଶୁଦ୍ଧପୂତ କର୍ତ୍ତା ବିଧାତାଙ୍କୁ ଆମ୍ଭେମାନେ ସ୍ତୁତି କରୁଛୁ । ସେହି ବରଣୀୟ ପୂଜନୀୟ ପ୍ରଭୁଙ୍କର ସ୍ତୁତି ଗାନକରି, ତାଙ୍କରି ଉପଦେଶକୁ ପ୍ରଚ୍ଚର କରୁଛୁ ॥୪॥

**ଓ୩ମ୍ ଭଗ ପ୍ରଣେତର୍ଭଗ ସତ୍ୟରାଧୋ ଭଗେମାଂ ଧିୟମୁଦବା ଦଦନ୍ନଃ ।**
**ଭଗ ପ୍ରନୋଜନୟ ଗୋଭିରଶ୍ୱୈର୍ଭଗ ପ୍ରନୃଭିର୍ନୃବନ୍ତଃ ସ୍ୟାମ ।୫।**

ହେ ବିଭୋ ! ସତ୍ୟ ସ୍ୱରୂପ        ଅବିନାଶୀ ମୋକ୍ଷରୂପ
ଶୁଦ୍ଧବୁଦ୍ଧି ଦାନେ ତାତ, କରହେ ରକ୍ଷା,
ସୁତ-ସୁତା ଧନ-ଧାନ୍ୟ        ଗଜଅଶ୍ୱରାଜ୍ୟମାନ
ସତ୍‌ପୁରୁଷ ସଙ୍ଗ ମିଳୁ ଏହାହିଁ ଭିକ୍ଷା,
ଦୟାକରହେ ଦୟାମୟ !
ତବ କୃପା ବଳେ ତୁଟୁ ସକଳ ଭୟ ॥୫॥

ହେ ଜଗତ୍ପତେ ! ଆପଣ ହିଁ ଏକମାତ୍ର ପ୍ରେରଣାଦାତା ଓ ମୋକ୍ଷଦାତା ଅଟନ୍ତି । ଆମ୍ଭମାନଙ୍କର ମନ-ବଚନ-କର୍ମ ଓ ବୁଦ୍ଧିକୁ ନିର୍ମଳ କରନ୍ତୁ, ଓ ଆମ୍ଭମାନଙ୍କୁ ସର୍ବତୋଭାବେ ରକ୍ଷା କରନ୍ତୁ । ଆମ୍ଭେମାନେ ଶ୍ରେଷ୍ଠପୁରୁଷଙ୍କ ସତ୍ସଙ୍ଗଦ୍ୱାରା ଜଗତରେ ସର୍ବଶ୍ରେଷ୍ଠ ବୀରରୂପେ ପରିଗଣିତ ହେଉଁ ॥୫॥

**ଓ୩ମ୍ ଉତେଦାନୀଂ ଭଗବନ୍ତଃ ସ୍ୟାମୋତ ପ୍ରପିତ୍ୱଂଉତମଧ୍ୟେଃଅହ୍ନାମ୍ ।**
**ଉତୋଦିତା ମଘବନ୍ତ୍ ସୂର୍ଯ୍ୟସ୍ୟ ବୟଂ ଦେବାନାଂ ସୁମତୌ ସ୍ୟାମ ।୬।**

ସକଳ ଜୀବ-ଜଗତ        ସୁଖ-ଶାନ୍ତି ମୋଦଯୁକ୍ତ



ହେଉ ଶୁଭ ଗୁଣଯୁକ୍ତ ପାପ ନିବାରି,
ଫୁଲ-ଫଳେ ଉଠୁ ଭରି        ତରୁଲତା ବନଗିରି
ସୁଧାସମ ସୁମଧୁର ନିର୍ଝର ବାରି,
ପ୍ରଭାତ, ମଧ୍ୟାହ୍ନ, ପ୍ରଦୋଷେ,
ବୋହୁ ମଙ୍ଗଳ ସମୀର ସକଳ ବାସେ ॥୬॥

ଏ ଶାନ୍ତ କାନ୍ତ ପୁନୀତ ପ୍ରଭାତ ବେଳାରେ, ପୂର୍ବାହ୍ନ ଓ ମଧ୍ୟାହ୍ନରେ ଆମ୍ଭମାନଙ୍କୁ ଐଶ୍ୱର୍ଯ୍ୟ-ସୁଖ-ଶାନ୍ତି ସବୁକିଛି ପ୍ରଦାନ କରନ୍ତୁ । ସୂର୍ଯ୍ୟୋଦୟର ଶୁଭବେଳାରେ ଆମ୍ଭମାନଙ୍କୁ ଦେବଗଣଙ୍କ ଉତ୍ତମ ବୁଦ୍ଧିରେ ବିଭୂଷିତ କରନ୍ତୁ ॥୬॥

**ଓ୩ମ୍ ଭଗ ଏବ ଭଗବାଁଃଅସ୍ତୁ ଦେବାସ୍ତେନ ବୟଂ ଭଗବନ୍ତଃ ସ୍ୟାମ ।**
**ତଂ ତ୍ୱା ଭଗସର୍ବଃଇଜ୍ଜୋହବୀତି ସନୋଭଗ ପୁରଏତା ଭବେହ  ।୭।**

(ଯଜୁ ଅ.୩୪ ମ.୩୪ରୁ୩୮)

ତବ ସମ ଦିବ୍ୟଜ୍ଞାନୀ        ଗୁଣୀ-ମାନୀ-ମହାଦାନୀ
ନାହାନ୍ତି କେ ଦେବାପାଇଁ ଅତୁଳ ଦାନ,
ମଙ୍ଗଳ ଉଷା ବେଳାରେ        ଏତିକି ମାଗୁଣି କରେ
ସକଳ ଦିବସ ହେଉ, ଶୁଭ କଲ୍ୟାଣ,
ସ୍ତୁତି- ଉପାସନା ପ୍ରାର୍ଥନା
ଭକତି ଭରେ କରିବି, ଏ ମୋ ବାସନା ॥୭॥

ହେ ସକଳ ବିଶ୍ୱ ବ୍ରହ୍ମାଣ୍ଡର ସ୍ୱାମୀ ! ଦୟାକରି ଆମ୍ଭମାନଙ୍କ କଲ୍ୟାଣ ସାଧନ କରନ୍ତୁ । ଆପଣଙ୍କ ସଦୃଶ ଐଶ୍ୱର୍ଯ୍ୟଶାଳୀଙ୍କ ଆଶ୍ରୟ ଲାଭକରି ଆମ୍ଭମାନଙ୍କ ଜୀବନ କଲ୍ୟାଣମୟ ହେଉ । ହେ ସେବନୀୟ ପ୍ରଭୋ ! ଜୀବନକାଳ ମଧ୍ୟରେ ଦୟାକରି ଆପଣ ଆମ୍ଭମାନଙ୍କୁ ସନ୍ମାର୍ଗ ପ୍ରଦର୍ଶନ କରନ୍ତୁ ॥୭॥

ଜଗଦୀଶ ବିଭୋ ! ଜଗତାମଧୁନା, ନ ଭବନ୍ତମୃତେ ପରମଂ ଶରଣମ୍ ।
ନକୁଳଂ ବିପୁଳଂ ନ ବଳଂ ବିପୁଳଂ, ନ ଧନଂ ବିପୁଳଂ ପ୍ରକୃତେଃ ଶରଣମ୍ ।୧।

କ୍ରିୟତାମଧୁନା ମନୁଜେଷୁଦୟା, ଧ୍ରୀୟତେ ହୃଦୟେ ଭବତଶ୍ଚରଣମ୍ ।
ଜଗଦେକପିତଃ ! ଜଗଦେକ ଗୁରୋ !, ଜଗଦେକ ସଖେ ତ୍ୱମଜଃ ଶରଣମ୍ ।୨।
ଜନିମେତ୍ୟଜନୈର୍ଜଗତି ବଳୟେ, ଯଦିନୈବ ବିଭୋ ! ସ୍ମରଣଂ ବିହିତମ୍ ।
ମନସା ନମନଂ ବଚସା ସ୍ତବନଂ, ଯଦି ନୈବକୃତଂ ବତ କିଂ ବିହିତମ୍ ।୩।
କରୁଣା ନିଳୟଂ ଭଗବନ୍ତମୃତେ, ସକଳଂ ବିପୁଳଂ ମନୁଜୈର୍ବିହିତମ୍ ।
ସୁହୃଦଃ କ୍ରିୟନ୍ତାମତ ଏବ ଭବେ, ନମନଂ ଭବତାମିଦମେବ ହିତମ୍ ।୪।
ତ୍ୱମେବ ମାତା ଚ ପିତା ତ୍ୱମେବ, ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ ।
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ, ତ୍ୱମେବ ସର୍ବଂ ମମ ଦେବଦେବ ।୫।

ହେ ପ୍ରେମମୟ ପ୍ରଭୋ !, ତୁମ୍ହି ସବ୍‌କେ ଆଧାର ହୋ,
ତୁମ୍‌କୋ ପରମ୍‌ପିତା, ପ୍ରଣାମ୍ ବାର୍ ବାର୍ ହୋ ।୧।

ଐସୀ କୃପା କରୋ କି, ହମ୍ ସବ୍ ଧର୍ମବୀର ହୋଁ,
ବୈଦିକ ପବିତ୍ର ଧର୍ମକା, ଜଗ୍‌ମେଁ ପ୍ରଗ୍ୱର ହୋ ।୨।

ସନ୍ଦେଶ ଦେଶ-ଦେଶମେଁ, ବେଦୋଁକା ଦେ ସୁନା,
ସଦ୍ ଭାବ ଔର୍ ପ୍ରେମ୍‌କା, ସବ୍‌ମେଁ ପ୍ରସାର ହୋ ।୩।

ଅସହାୟ କେ ସହାୟ ହୋଁ, ଉପକାର୍ ହମ୍ କରେଁ,
ଅଭିମାନ୍‌ସେ ବଚେଁ ହୃଦୟ, ନିର୍ଭୟ ଉଦାର୍ ହୋ ।୪।

ଫୁଲେ ଫଲେ ସଂସାରମେଁ, ୟହ୍ ରମ୍ୟ ବାଟିକା,
କର୍ତ୍ତବ୍ୟକା ଅପନେ ସଦା, ହମ୍‌କୋ ବିଗ୍ୱର ହୋ ।୫।

ସ୍ୱାଧୀନତା କେ ମନ୍ତ୍ରକା ଜପ୍, ହମ୍ ସଦା କରେଁ,
ସେବାମେଁ ମାତୃଭୂମିକେ, ତନ୍-ମନ୍ ନିସାର ହୋ ।୬।



## ପ୍ରାତଃ କାମନା

ପ୍ରଭାତୁ ଉଠିଣ ପ୍ରଭୁ କରୁଛି ଜଣାଣ,
ମୋ ଅନ୍ତରେ ଭରିଦିଅ ଦିବ୍ୟ ଗୁଣମାନ ।୧।

ଦୟାମୟ ! ଦୟାବହି ଦେଇଛ ଯେ ଦେହ,
ପର-ଉପକାରେ ରତ ରହୁ ଅହରହ ।୨।

ପର-ହିତପାଇଁ ଯାଉ ପରାଣ ମୋହର,
ଜନ-ଗଣ-ମନ ହରୁ ମୋ କୋମଳ ଗିର ।୩।

ଦୀନ-ଦୁଃଖୀ ଦୁଃଖ ଦେଖି ଦୁଃଖ ହେଉ ଜାତ,
ପର ସୁଖ ଦେଖି ସୁଖୀ ହେବି ମୁଁ ସତତ ।୪।

ଜଣେ ହେଲେ ଶତ୍ରୁ ମୋର ନ ହୁଅନ୍ତୁ କେହି,
ହୃଦୁ ଦୟା-ଝର ବୋହୁ ସଭିଙ୍କର ପାଇଁ ।୫।

ନୋହିବି କ୍ଷଣିକ ସୁଖପାଇଁ ଲାଳାୟିତ,
ଚିରନ୍ତନ ସୁଖେସଦା ଇଚ୍ଛା ହେଉ ଜାତ ।୬।

ସମାଜ କଲ୍ୟାଣେ ବିତୁ ସମୟ ମୋହର,
ଭାବନା ଜାତ ନ ହେଉ କେବେ ପରାପର ।୭।

ପ୍ରାଣ ଥିବାଯାଏ ତୁମକୁ ମୁଁ ଜପୁଥିବି,
ସୁଖ-ଦୁଃଖ ଯାହା ମିଳୁ ହରଷେ ରହିବି ।୮।

ମନ-ବଚନ-କରମ ରହୁ ମୋ ପବିତ୍ର,
ତୁମ୍ଭ ଦିବ୍ୟାଲୋକେ ହେଉ ଆଲୋକିତ ଗାତ୍ର ।୯।

କଲ୍ୟାଣ-କାରକ ହେଉ ଦିବସ-ରଜନୀ,
ପ୍ରଭାତ କାଳରେ ପ୍ରଭୋ ! ଏତିକି ଦୟିନୀ ।୧୦।

X X X X X X X

## ପ୍ରଭାତ-ପ୍ରାର୍ଥନା

ଦିଅ ଦୟାମୟ ମୋ ହୃଦେ, ସଦା ଭଲ ଭାବନା,
କରୁଥିବି ସତ୍ୟ-ସୁମନେ, ତୁମ ପଦେ ଅର୍ଚ୍ଚନା ।୧।
ପ୍ରତି ପ୍ରଭାତରୁ ଉଠି ମୁଁ, ଗୁରୁଜନେ ପ୍ରଣତି,
ଅର୍ପୁଥିବି ଯେହ୍ନେ ଦିଅ ମୋ, ଚିତ୍ତେ ଶ୍ରଦ୍ଧା ଭକତି ।୨।

ଭାଇ ଭଉଣୀଏ ସେପରି, ମୋର ଆଦର ସ୍ନେହ,
ଲଭୁଥାନ୍ତୁ ନିତି ପ୍ରଭୁ ହେ !, ଥିବାଯାଏ ଏ ଦେହ ।୩।

କାହାରି ପ୍ରାଣରେ ଦେବିନି, କେବେ କଷ୍ଟ ବିଷାଦ,
ଦୂର କରନ୍ତୁ ସେ ଆପଣା ଜ୍ଞାନେ, ତ୍ରୁଟି ପ୍ରମାଦ ।୪।

କାୟ ମନୋବାକ୍ୟେ ପାଳିତ, ହେଉ ତୁମ ଆଦେଶ,
ବିବେକ ରୂପରେ ପ୍ରଦାନୁ- ଥିବ ଯେ ଉପଦେଶ ।୫।

ସେପରି ସାଧନେ, ସେପରି ଧନେ ନ ଆସୁ ଲୋଭ,
ଘଟେ ଯହିଁ ଭୀତି ଅପ୍ରୀତି, ଲଜ୍ଜା, ଚିତ୍ତବିକ୍ଷୋଭ ।୬।

ପର ଉପକାର ସାଧନ- ବ୍ରତେ ମିଳୁ ହରଷ,
ଅନ୍ୟର ଅନିଷ୍ଟ ଚିନ୍ତନ, ମୋତେ ନ କରୁ ସ୍ପର୍ଶ ।୭।

କୁସଙ୍ଗ ସଂସର୍ଗ ଚିତ୍ତ ମୋ, କେବେ ହେଲେ ପ୍ରଚଣ୍ଡ,



କ୍ଷମା-କରୁଣା ମୁଁ ମାଗୁନି, ଦିଅ ଉଚିତ ଦଣ୍ଡ ।୮।

ଆଗ୍ରେ ବିଗ୍ରେ ଦେଖାଏଁ, ଯେବେ ଗର୍ବ ବଡ଼ାଇ,
ଗରବ-ଗଞ୍ଜନ ସେକ୍ଷଣି, ତାହା ନିଅ ଛଡ଼ାଇ ।୯।

ଯେଉଁ ଧନ-ଜ୍ଞାନ-ଗୁମାନ, ମୋର ଅନିଷ୍ଟ କାରୀ,
ସେ ସବୁହିଁ ପାପ-କଣ୍ଟକ, ମଳି ଯାଉ ବାହାରି ।୧୦।

ଚିତ୍ତ-ଶୁଦ୍ଧି ସଙ୍ଗେ ବଢୁ ମୋ, ସଦା ଚରିତ୍ର ଶୁଦ୍ଧି,
ଦିଅ ପ୍ରଭୋ ! ଏହି ପବିତ୍ର, ଜ୍ଞାନ ପବିତ୍ର ବୁଦ୍ଧି ।୧୧।

X X X X X X X

(ମନ୍ତ୍ର, ଭଜନ ପ୍ରଭୃତି ପାଠ କଲାପରେ ନିମିଳିତ ନୟନରେ ମନେ ମନେ ନିମ୍ନଲିଖିତ ପ୍ରତିଜ୍ଞା ଧ୍ୟାନ କରିବାକୁ ହେବ)

ହେ ବ୍ରତପତି ପ୍ରଭୋ ! ଏ ପବିତ୍ର ବ୍ରାହ୍ମ ମୁହୂର୍ତ୍ତରେ ଆପଣଙ୍କ ବ୍ରତମାନ ପାଳନ କରିବାକୁ ମୁଁ ଯାଉଛି । ଏ ପବିତ୍ର ବେଳାରେ, ପବିତ୍ର ମନରେ ଶ୍ରଦ୍ଧାପୂର୍ବକ ମୁଁ ବ୍ରତ ଗ୍ରହଣ କରୁଛି ଯେ, ମୁଁ ଆଜି କୌଣସି କୁତ୍ସିତ ବିଗ୍ରଧାରକୁ ମନ କିମ୍ବା ହୃଦୟରେ କଦାପି ସ୍ଥାନ ଦେବି ନାହିଁ । ହେ ପରମ ଇଷ୍ଟଦେବ ! ଆପଣଙ୍କ କୃପାବାରି ଲାଭକରି ଇନ୍ଦ୍ରିୟଗୁଡ଼ିକୁ ଆତ୍ମାର ସହଯୋଗୀ ରୂପେ ସର୍ବଦା ବିନିଯୋଗ କରିବି । କୌଣସି କାମ କରିବା ପୂର୍ବରୁ ଧର୍ମାଧର୍ମ ପ୍ରତି ବିଗ୍ର କରି ତହିଁରେ ହାତ ଦେବି । ଯେଉଁ ପୁରୁଷାର୍ଥର ପ୍ରକାଶ ପାଇଁ ଏ ଦୁର୍ଲ୍ଲଭ ମାନବ ଶରୀର ମୋତେ ପ୍ରଦାନ କରିଛ, ସର୍ବଦା ତା'ର ସଦୁପଯୋଗ ନିଶ୍ଚୟ କରିବି । ହେ ପ୍ରେରଣାପ୍ରଦାୟକ ! ସମଗ୍ର ଦିବସଟି ଉତ୍ତମ ଆଚରଣ ଓ ଉତ୍ତମ ବିଗ୍ରରେ ଯେପରି ବିନିଯୋଗ ହେବ ତା'ପାଇଁ ମୋତେ ସତ୍ ପ୍ରେରଣା ପ୍ରଦାନ କର, ପ୍ରଦାନ କର, ପ୍ରଦାନ କର ପ୍ରଭୋ !"

ଆତ୍ମିକ ଓ ପାରିବାରିକ ମଙ୍ଗଳପାଇଁ ମଙ୍ଗଳ ମୁହୂର୍ତ୍ତରେ ସେହି

ମଙ୍ଗଳମୟଙ୍କ ମଙ୍ଗଳ ଗୀତିକା ଗାନ କରିବା ପରେ ନିଜର ଶୌଚ୍ୟାଦି ନିତ୍ୟକର୍ମ ସମାପନ କରିବାକୁ ହେବ । ଶୌଚ୍ୟାଦିରୁ ନିବୃତ୍ତ ହୋଇ ବିମଳ ବାୟୁ ପ୍ରବାହିତ ହେଉଥିବା, ଖୋଲା ସ୍ଥାନରେ ଶରୀରକୁ ସୁସ୍ଥ-ସବଳ ଓ ନୀରୋଗ ରଖିବାପାଇଁ, ତଥା ଦୀର୍ଘ ନିରାମୟ ଜୀବନଯାପନପାଇଁ, ଜାଗରଣ ପରେ ଶରୀରରେ ରାତ୍ରିର ଯେଉଁ ତନ୍ଦ୍ରା ଥାଏ ତା'ର ଦୂରୀକରଣ ଓ ସମାଗତ ଦିବସର କର୍ମଗୁଡ଼ିକ ଯେପରି ସୁସମ୍ପାଦିତ ହେବ ତା'ପାଇଁ, ସର୍ବୋପରି ଶରୀରରେ ସ୍ଫୁର୍ତ୍ତି ଓ ସତେଜତାପାଇଁ ନିଜ ଶରୀର ପକ୍ଷେ ଯେଉଁ ଯେଉଁ ଆସନ ଅନୁକୂଳ, ଅଥବା ଦଣ୍ଡ, ବୈଠକ, ମୁଦ୍‌ଗର ଚାଳନା, ସୂର୍ଯ୍ୟ ନମସ୍କାର, ପ୍ରାଣାୟାମ ପ୍ରଭୃତି କେତୋଟି ବ୍ୟାୟାମ କିଛି ସମୟ ପାଇଁ କରିବାକୁ ହେବ । ଦୁର୍ବଳ, ବୃଦ୍ଧ ଓ ରୁଗ୍‌ଣ ବ୍ୟକ୍ତିଙ୍କ ପକ୍ଷରେ ଦଣ୍ଡ ବୈଠକ ଓ କେତୋଟି ଆସନ, ଅତ୍ୟଧିକ ପରିଶ୍ରମ ପ୍ରଭୃତି ଅନୁକୂଳ ବା ହିତକର ନ ହୋଇ ଅପକାର ହିଁ କରିଥାଏ । ତେଣୁ ସେପରି ବ୍ୟକ୍ତିମାନେ ଅନ୍ତତଃ ଅଧଘଣ୍ଟା ପର୍ଯ୍ୟନ୍ତ ସ୍ୱଚ୍ଛ ବାୟୁ ଚଳପ୍ରଚଳ ହେଉଥିବା ଖୋଲା ସ୍ଥାନରେ ଭ୍ରମଣ କରିବା ବିଧେୟ । ଭ୍ରମଣ ହିଁ ସମସ୍ତଙ୍କ ଶରୀର ପକ୍ଷରେ ଅତ୍ୟନ୍ତ ଉପକାରକ ଓ ହିତକାରକ ହୋଇଥାଏ । ଭ୍ରମଣଠାରୁ ଉତ୍କୃଷ୍ଟ ବ୍ୟାୟାମ ସଂସାରରେ ଅନ୍ୟ ଆଉ କିଛି ନାହିଁ । ତେଣୁ କଥିତ ହୋଇଛି- "ବ୍ୟାୟାମେଷୁ ହି ଭ୍ରମଣମ୍" "ଭ୍ରମଣଂ ବ୍ୟାୟାମଂ ଶ୍ରେଷ୍ଠଂ" । ଭ୍ରମଣକୁ ଉତ୍କୃଷ୍ଟ ବିଚାରି ଯଦି ପ୍ରଚଣ୍ଡ ରୌଦ୍ର ତାପରେ କିମ୍ବା ଭୋଜନ ପରେ ଭ୍ରମଣ କରାଯାଏ ତେବେ ଉପକାର ପରିବର୍ତ୍ତେ ଅପକାର ହିଁ ହୋଇଥାଏ । ତେଣୁ ପ୍ରାତଃ ଓ ସାୟଂ କାଳରେ ଭ୍ରମଣ କରିବା ବିର୍ଦ୍ଦିଷ୍ଟ ବିଧାନ ରହିଛି । ବ୍ୟାୟାମ ଅଥବା ଭ୍ରମଣ ପରେ ସାମାନ୍ୟ ବିଶ୍ରାମ ନେଇ ଆପାଦମସ୍ତକ ତୈଳଦ୍ୱାରା ମର୍ଦ୍ଦନ କରି ଦନ୍ତ ଶୋଧନ କରିବ । ଶରୀରରେ ତୈଳ ମର୍ଦ୍ଦନ କରିବାଦ୍ୱାରା ବିଶେଷ ଲାଭ ମିଳିଥାଏ । ତେଣୁ କୁହାଯାଇଛି- "ଘୃତାତ୍ ଦଶଗୁଣଂ ତୈଳଂ ମର୍ଦ୍ଦନେ ନ ତୁ ଭୋଜନେ" । ତେଣୁ ଉତ୍ତମରୂପେ ଯେପରି ତୈଳ ମର୍ଦ୍ଦନ ହୁଏ ତା'ପାଇଁ ବିଶେଷ ଧ୍ୟାନ ଦେବ । ତା'ପରେ ଶୀତଳ ପରିଷ୍କାର ଜଳରେ ସ୍ନାନକରି ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗକୁ ପରିଷ୍କାର



ପରିଚ୍ଛନ୍ନ କରିନେବା ଆବଶ୍ୟକ ।

## ସ୍ନାନ ସମୟରେ ପଠନୀୟ ମନ୍ତ୍ର

**ଓଁ ଆପୋ ହି ଷ୍ଠା ମୟୋଭୁବସ୍ତା ନ ଉର୍ଜ୍ଜେ ଦଧାତନ ।**
**ମହେ ରଣାୟ ଚକ୍ଷସେ ।୧।**
**ଓଁ ୟୋ ବଃ ଶିବତମୋ ରସସ୍ତସ୍ୟ ଭାଜୟତେହ ନଃ ।**
**ଉଶତୀରିବ ମାତରଃ ।୨।**
**ଓଁ ତସ୍ମାଃଅରଂ ଗମାମ ବୋ ଯସ୍ୟ କ୍ଷୟାୟ ଜିନ୍ୱଥ ।**
**ଆପୋ ଜନୟଥା ଚନଃ ।୩।**
**ଓଁ ଈଶାନା ବାର୍ଯ୍ୟାଣାଂ କ୍ଷୟନ୍ତୀଶ୍ଚର୍ଷଣୀନାମ୍ ।**
**ଆପୋ ଯାଚ୍ମି ଭେଷଜମ୍ ।୪।**
**ଓଁ ଶନ୍ନୋ ଦେବୀରଭିଷ୍ଟୟଆପୋ ଭବନ୍ତୁ ପୀତୟେ ।**
**ଶଂୟୋରଭିସ୍ରବନ୍ତୁ ନଃ ।୫।**
**ଓଁ ଅପ୍‌ସୁ ମେ ସୋମୋ ଅବ୍ରବୀଦନ୍ତର୍ବିଶ୍ୱାନି ଭେଷଜା ।**
**ଅଗ୍ନିଂ ଚ ବିଶ୍ୱଶଂ ଭୁବମ୍ ।୬।**
**ଓଁ ଆପଃ ପୃଣୀତ ଭେଷଜଂ ବରୂଥଂ ତନ୍ୱେ୩ମମ ।**
**ଜ୍ୟୋକ୍ ଚ ସୂର୍ଯ୍ୟଂ ଦୃଶେ ।୭।**
**ଓଁ ଶଂ ନ ଆପୋ ଧନ୍ୱନ୍ୟାଃ ୩ ଶମୁ ସନ୍ତ୍ୱନୂପ୍ୟାଃ ।**
**ଶଂ ନଃ ଖନିତ୍ରିମା ଆପଃ ଶମୁ ଯାଃ କୁମ୍ଭ ଆଭୃତାଃ ।**
**ଶିବା ନଃ ସନ୍ତୁ ବାର୍ଷିକୀଃ ।୮।**

(ଅଥର୍ବ କା ୧-ସୁ ୫-ମ ୧-୪, ସୁ୬-ମ.୧ରୁ୪)

ହେ ଜଳ ! ତୁମେ ସୁଖଦାୟକ ହୁଅ । ତୁମେ ଆମ୍ଭମାନଙ୍କୁ ବଳ ଓ ଜୀବନୀଶକ୍ତି ପ୍ରଦାନ କର । ବିଶାଳ ସୃଷ୍ଟିର ସୌନ୍ଦର୍ଯ୍ୟକୁ ଅବଲୋକନ କରିବାପାଇଁ

ଆମ୍ଭମାନଙ୍କୁ ନୀରୋଗ କରି ରଖ ।୧।

ମାଆ ପୁଅକୁ ଯେପରି ଅତ୍ୟନ୍ତ ଆଦରର ସହିତ ଲାଳନ ପାଳନ କରେ, ହେ ଜଳ ! ତୁମେ ମଧ୍ୟ ଠିକ୍ ସେହିପରି ତୁମର କଲ୍ୟାଣକାରକ ରସରେ ଆମ୍ଭମାନଙ୍କୁ ସରସ ଓ କଲ୍ୟାଣକାରକ କରାଅ ।୨।

ହେ ଜଳ ! ଅଭୀଷ୍ଟ ମଙ୍ଗଳପ୍ରାପ୍ତିପାଇଁ ମୋତେ ପ୍ରାପ୍ତ ହୁଅ । ଆମର ଅତି ନିକଟରେ ବସତି କର । ଆମକୁ ସୁସ୍ଥ, ସବଳ ଓ ନିରାମୟ କରିବା ସଙ୍ଗେ ସଙ୍ଗେ ସାମର୍ଥ୍ୟଶୀଳ ମଧ୍ୟ କରାଅ ।୩।

ରୋଗ ନିବାରଣକାରୀ ତଥା ସ୍ୱାସ୍ଥ୍ୟ ପ୍ରଦାୟକ ଏହି ଜଳରୂପକ ମହୌଷଧିକୁ ଲାଭ କରିବାପାଇଁ ମୁଁ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଛି ।୪।

ଦିବ୍ୟଗୁଣଯୁକ୍ତ ଜଳ ଆମ୍ଭମାନଙ୍କ ଅଭିଳଷିତ ସୁଖ ଓ ଆନନ୍ଦ ଲାଭପାଇଁ ପାନକରିବାର ଯୋଗ୍ୟ ହୁଅନ୍ତୁ । ତାଙ୍କରି ସଦୁପଯୋଗରେ ଆମ୍ଭମାନଙ୍କ ଉପରେ ଚତୁର୍ଦ୍ଦିଗରୁ ସୁଖ ଓ ଶାନ୍ତି ଅବିରତ ବର୍ଷଣ ହେଉ ।୫।

ଚିକିତ୍ସକ ସର୍ବଦା ଆମ୍ଭମାନଙ୍କୁ ସଦୁପଦେଶ ଦିଅନ୍ତି- ଜଳ ମଧ୍ୟରେ ସର୍ବରୋଗହାରୀ ତତ୍ତ୍ୱ ନିହିତ ହୋଇ ରହିଛି, ତଥା ସର୍ବକଲ୍ୟାଣକାରକ ଅଗ୍ନି ମଧ୍ୟ ତା'ଭିତରେ ବିଦ୍ୟମାନ ।୬।

ହେ ଜଳ ! ମୋ ଶରୀରର ସୁସ୍ଥ-ସବଳତା ପାଇଁ ଔଷଧିତତ୍ତ୍ୱ ପ୍ରଦାନ କର । ମୁଁ ଯେପରି ଚିରକାଳ ସୂର୍ଯ୍ୟଙ୍କୁ ଦର୍ଶନ କରିପାରିବି ତା'ପାଇଁ ମୋତେ ସାମର୍ଥ୍ୟଶୀଳ କର ।୭।

ମରୁଭୂମିର ହେଉ, କିମ୍ବା ଜଳମୟ ପ୍ରଦେଶର ଜଳ ହେଉ, ସେସବୁ ଶାନ୍ତିପ୍ରଦାୟକ ହେଉ । କୂପ ଜଳ ଏବଂ କୁମ୍ଭ ମଧ୍ୟରେ ଥିବା ଜଳ, ଉଭୟ ସୁଖଦାୟକ ହେଉ । ବୃଷ୍ଟିଜଳ ଆମ୍ଭମାନଙ୍କ ମଙ୍ଗଳକାରକ ହେଉ ।୮।

X X X X X X X



ଶୌଚ, ସ୍ନାନାଦି ନିତ୍ୟକର୍ମ ସମାପନ କରି ବାହ୍ୟ ଶରୀରକୁ ଶୁଦ୍ଧପୂତ କରିନେବା ପରେ, ସ୍ୱକୀୟ ଅନ୍ତଃକରଣକୁ ଶୁଦ୍ଧପୂତ କରିବାପାଇଁ ଓ ନିଜର ଦୈନନ୍ଦିନ କର୍ତ୍ତବ୍ୟକୁ ସୁଚାରୁରୂପେ ସମ୍ପାଦନ କରିବାପାଇଁ, ସର୍ବୋପରି ସେହି ପରମପିତା ପରମାତ୍ମାଙ୍କ ଦିବ୍ୟ ସତ୍ତାକୁ ଉପଲବ୍ଧି କରି ଦିବ୍ୟାନନ୍ଦ ପ୍ରାପ୍ତିପାଇଁ, ପ୍ରତ୍ୟହ ପ୍ରାତଃ ଏବଂ ସାୟଂ ଉଭୟ ସନ୍ଧିବେଳାରେ ସନ୍ଧ୍ୟୋପାସନାଦ୍ୱାରା ଈଶ୍ୱରଙ୍କ ସମୀପବର୍ତ୍ତୀ ହେବା ଏକାନ୍ତ ଆବଶ୍ୟକ । ଅନେକ ଲୋକଙ୍କ ଧାରଣା ହେଉଛି ଯେ "ଓଁ ବାକ୍ ବାକ୍" ପ୍ରଭୃତି ମନ୍ତ୍ରଗୁଡ଼ିକୁ ପାଠ କରି ବା ଆବୃତ୍ତି କରି କାନ, ନାକ ପ୍ରଭୃତି ସ୍ପର୍ଶ କରିଦେଲେ ସନ୍ଧ୍ୟା ହୋଇଯାଏ । ପ୍ରକୃତରେ ତାହା ସେପରି ନୁହେଁ । ସନ୍ଧ୍ୟାର ପ୍ରକୃତ ଉଦ୍ଦେଶ୍ୟ ହେଉଛି "ସମ୍ୟକ୍ ଧ୍ୟାୟନ୍ତେ ଯତ୍ର ସା ସନ୍ଧ୍ୟା" ଅର୍ଥାତ୍ ଦିବସ ଓ ରାତ୍ରି ସନ୍ଧିବେଳା ପ୍ରାତଃ ଓ ସାୟଂ ଉଭୟ ସମୟରେ ସମ୍ୟକ୍ ରୂପେ ଈଶ୍ୱରଙ୍କ ଧ୍ୟାନକୁ ସନ୍ଧ୍ୟା କୁହାଯାଏ । ବେଦର ୧୯ ଗୋଟି ମନ୍ତ୍ରକୁ ନେଇ ସୁନ୍ଦର ଭାବେ ପରିକଳ୍ପିତ ସନ୍ଧ୍ୟୋପାସନା ଏକାଗ୍ର ଚିତ୍ତର ନିମିଳିତ ନୟନରେ ଆବୃତ୍ତି କରି ମନ୍ତ୍ରାର୍ଥକୁ ମନ ମଧ୍ୟରେ ମନନ, ଚିନ୍ତନ କରିବାକୁ ପଡ଼ିବ । ଆମର ପୂର୍ବାଚାର୍ଯ୍ୟମାନେ ଏହାକୁ ବ୍ରହ୍ମଯଜ୍ଞ ନାମରେ ଅଭିହିତ କରିଛନ୍ତି । ଏହାଦ୍ୱାରା ଆତ୍ମିକ ଉନ୍ନତି ହୋଇଥାଏ । ଆତ୍ମୋନ୍ନତିକାମୀ ବ୍ୟକ୍ତିମାନେ ପ୍ରତ୍ୟହ ବ୍ରହ୍ମଯଜ୍ଞ କରିବା ଏକାନ୍ତ ଆବଶ୍ୟକ ।

ପୂର୍ବସୂରୀଙ୍କ ପ୍ରଣୀତ ଚତୁରାଶ୍ରମ ମଧ୍ୟରେ ଯିଏ ଯେଉଁ ଆଶ୍ରମରେ ଥାଆନ୍ତୁ ନା କାହିଁକି, ଅର୍ଥାତ୍ ବ୍ରହ୍ମଚାରୀ, ବାନପ୍ରସ୍ଥ, ଗୃହସ୍ଥୀ, ତଥା ସନ୍ନ୍ୟାସୀ ଯେ କେହି ହୁଅନ୍ତୁ ନା କାହିଁକି, ଉଭୟ ସନ୍ଧ୍ୟାରେ ବିଧିପୂର୍ବକ ବ୍ରହ୍ମଯଜ୍ଞ ଅର୍ଥାତ୍ ସନ୍ଧ୍ୟୋପାସନା କରିବା ବିଧେୟ । ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ଏକକ ବା ସାମୂହିକଭାବେ ସନ୍ଧ୍ୟୋପାସନା କରାଯାଇପାରେ । ସାମୂହିକ ବା ସମ୍ମିଳିତ ସନ୍ଧ୍ୟୋପାସନାରେ ପରିବାରର ସମସ୍ତ ସଭ୍ୟ, ଅଥବା ସମବେତ ସକଳ ସଦସ୍ୟ ସମ୍ମିଳିତ ହୋଇ, ପାରିପାର୍ଶ୍ୱିକ ଓ ପାରିବାରିକ ବାତାବରଣକୁ ମଧୁମୟ, ପାରସ୍ପରିକ ସ୍ନେହ-ସଦ୍‌ଭାବ, ତଥା ସୌହାର୍ଦ୍ଦ୍ୟର ଅଭିବୃଦ୍ଧି ପାଇଁ ଜଗଦୁତ୍ପାଦକ ପରମେଶ୍ୱରଙ୍କ ଗୁଣ ଗାନକରି

ନିଜ ନିଜର ଭକ୍ତି ନୈବେଦ୍ୟକୁ ତାଙ୍କରି ପାଦପଦ୍ମରେ ଅର୍ପଣ କରି, ସନ୍ଧ୍ୟୋପାସନା ଶେଷରେ ପରସ୍ପର ଅଭିବାଦନ ଓ ପ୍ରତ୍ୟଭିବାଦନ କରି, ନିଜ ନିଜ ଅବସ୍ଥାରେ ନିଶ୍ଚିତ ଭାବେ ସନ୍ତୁଷ୍ଟ ହୋଇ ରହିବେ । ଉପାସକ ନିଶ୍ଚିତ ଭାବେ ଏହା ଜାଣିବା ଆବଶ୍ୟକ ଯେ, ସାମୂହିକ ସନ୍ଧ୍ୟୋପାସନା ଅପେକ୍ଷା ବ୍ୟକ୍ତିଗତ ସନ୍ଧ୍ୟୋପାସନା ଐକାନ୍ତିକ ଓ ସର୍ବାଙ୍ଗ ସୁନ୍ଦର ଭାବେ ସମାହିତ ହୋଇଥାଏ ।

ଏକାକୀ ସନ୍ଧ୍ୟୋପାସନା କରିବାପାଇଁ ପାହାଡ଼ ପର୍ବତର ନିର୍ଜନ ସୁରମ୍ୟ ପାଦପ୍ରଦେଶ ବା ଶିଖର ପ୍ରଦେଶ, କଳନିନାଦିନୀ ଗିରି ନିର୍ଝରିଣୀର ସ୍ୱଚ୍ଛ ତଟପ୍ରଦେଶ, ନଦ-ନଦୀର ବା ପୁଷ୍କରିଣୀର ଶୁଦ୍ଧପୂତ ପୁଳିନ ପ୍ରଦେଶ, ଶୁଦ୍ଧନିର୍ମଳ ବାୟୁ ପ୍ରବାହିତ, ଲୋଭନୀୟ ପତ୍ର ପୁଷ୍ପ ଫଳଭରା ବନପ୍ରଦେଶ ଅଥବା ଉଦ୍ୟାନସ୍ଥଳୀ ତଥା ଜନାକୀର୍ଣ୍ଣ କୋଳାହଳପୂର୍ଣ୍ଣ ନଗର-ନଗରୀର କଳୁଷିତ ବାତାବରଣରୁ ଦୂରରେ ଅବସ୍ଥିତ, ଜନଶୂନ୍ୟ ପ୍ରକୋଷ୍ଠ, ଶାନ୍ତ-କାନ୍ତ-ପ୍ରଶାନ୍ତ ବାତାବରଣ ପରିପୂରିତ ଏକାନ୍ତ ସ୍ଥାନ ଅତ୍ୟନ୍ତ ଉପଯୋଗୀ ଓ ଲାଭଦାୟକ ହୋଇଥାଏ, କାରଣ ହୃଦୟ ଓ ମନ ଉପରେ ସ୍ଥାନର ପ୍ରଭାବ ଗଭୀରଭାବେ ପଡ଼ିଥାଏ । ଅବଶ୍ୟ ଏପରି ଆକର୍ଷଣୀୟ ସ୍ଥାନ ସମସ୍ତଙ୍କ ପକ୍ଷେ ବିଶେଷତଃ ଗୃହସ୍ଥଙ୍କ ପକ୍ଷେ ସହଜଲଭ୍ୟ ନୁହେଁ । ତଥାପି ଯେଉଁମାନେ ଘରଦ୍ୱାର, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନକୁ ପରିତ୍ୟାଗ କରି ଅରଣ୍ୟାନୀରେ ଆଶ୍ରମ ସ୍ଥାପନ କରି ମୁନି ଋଷିଙ୍କ ପରି ଜୀବନଯାପନ କରୁଛନ୍ତି, ସେମାନଙ୍କୁ ଅନାୟାସରେ ଏପରି ସ୍ଥାନ ମିଳିଥାଏ । ତେଣୁ ସନ୍ଧ୍ୟୋପାସନା ପାଇଁ ଜନସମାଗମ ହେଉନଥିବା, ଅନାୟାସରେ ଶୁଦ୍ଧବାୟୁ ଯାତାୟାତ କରୁଥିବା, ଗୃହର ବହିର୍ଦେଶରେ ଥିବା ପ୍ରକୋଷ୍ଠଟିଏ ମନୋନୀତ କରିନେବା ଆବଶ୍ୟକ ।ଏପରି ପ୍ରକୋଷ୍ଠ ମଧ୍ୟରେ ଏକାକ ବା ସାମୂହିକ ସନ୍ଧ୍ୟୋପାସନା କଲେ ମନ ଓ ହୃଦୟରେ ଅପାର ଆନନ୍ଦ ଜାତ ହୋଇଥାଏ । ସନ୍ଧ୍ୟୋପାସନା ଓ ଅଗ୍ନିହୋତ୍ରର ଉପକାରିତ ସମ୍ପର୍କରେ ବେଦରେ କୁହାଯାଇଛି...



**ସାୟଂ ସାୟଂ ଗୃହପତିର୍ନୋ ଅଗ୍ନିଃ.ପ୍ରାତଃ ପ୍ରାତଃ ସୌମନସସ୍ୟ ଦାତା ।**
**ବସୋର୍ବସୋର୍ବସୁଦାନ ଏଧି ବୟଂ ତ୍ୱେନ୍ଧାନାସ୍ତନ୍ୱଂ ପୁଷେମ ।୧।**
**ପ୍ରାତଃ ପ୍ରାତର୍ଗୃହପତିର୍ନୋ ଅଗ୍ନି.ସାୟଂ ସାୟଂ ସୌମନସସ୍ୟ ଦାତା,**
**ବସୋର୍ବସୋର୍ବସୁଦାନ ଏଧୀନ୍ଧାନସ୍ତ୍ୱା ଶତଂ ହିମା ଋଧେମ ।୨।**

(ଅଥର୍ବ.କା.୧୯-ସୁ. ୫୫-ମ.୩-୪)

ଆମର ଏହି ଗୃହପତି ଅର୍ଥାତ୍ ଗୃହ ଓ ଆତ୍ମାର ରକ୍ଷଣକାରୀ ଭୌତିକ ଅଗ୍ନି ଓ ପରମେଶ୍ୱର ପ୍ରତ୍ୟହ ପ୍ରାତଃ ଓ ସାୟଂକାଳରେ ସନ୍ଧ୍ୟୋପାସନା କରୁଥିବା ବ୍ୟକ୍ତିକୁ ଆରୋଗ୍ୟ ଓ ଆନନ୍ଦ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଉତ୍ତମରୁ ଉତ୍ତମ ପଦାର୍ଥ ମଧ୍ୟ ପ୍ରଦାନ କରିଥାନ୍ତି; ଯେଣୁ ପରମେଶ୍ୱର ବସୁ ଅର୍ଥାତ୍ ଧନସମ୍ପତ୍ତି ପ୍ରଦାନକାରୀ ଅଟନ୍ତି । ହେ ଦୟାମୟ ! ଆପଣ ଦୟାକରି ମୋର ସକଳ କାର୍ଯ୍ୟକଳାପ ଓ ଚିତ୍ତରେ ପ୍ରକାଶିତ ହୋଇ ରହନ୍ତୁ । ମନ୍ତ୍ରରେ ପୁଣି ଅଗ୍ନିହୋତ୍ରପାଇଁ ସାଧାରଣ ଅଗ୍ନିକୁ ଗ୍ରହଣ କରାଯାଇପାରେ । ହେ ପରମେଶ୍ୱର ! ପୂର୍ବୋକ୍ତ କ୍ରିୟାଦ୍ୱାରା ଆପଣଙ୍କୁ ପ୍ରକାଶିତ କରି ନିଜ ନିଜ ଶରୀରକୁ ହୃଷ୍ଟପୁଷ୍ଟ କରିବୁ । ଏହି ସାଧାରଣ ଅଗ୍ନିକୁ ପ୍ରଜ୍ୱଳନ କରି ସମଗ୍ର ସଂସାରକୁ ପୁଷ୍ଟକରିବା ସଙ୍ଗେ ସଙ୍ଗେ ନିଜକୁ ନିଜେ ମଧ୍ୟ ପୁଷ୍ଟ କରିବି ।୧।

ଏହି ମନ୍ତ୍ରର ଅର୍ଥ ମଧ୍ୟ ପ୍ରଥମ ମନ୍ତ୍ରପରି । ଏହାର ବିଶେଷତ୍ୱ ହେଉଛି... ଆମ୍ଭେମାନେ ଅଗ୍ନିହୋତ୍ର ଓ ସନ୍ଧ୍ୟୋପାସନା ପ୍ରଭୃତି କରି ଶହେଟି ହେମନ୍ତ ଋତୁ ଉପଭୋଗ କରିବୁ । ଶହେବର୍ଷ ପର୍ଯ୍ୟନ୍ତ ଧନଧାନ୍ୟାଦି ଉତ୍ତରୋତ୍ତର ବୃଦ୍ଧି ହେଉ । ବିଧିପୂର୍ବକ ଅଗ୍ନିହୋତ୍ରାଦି କର୍ମ କରି ଆମର କୌଣସି ପ୍ରକାର କ୍ଷତି ସାଧିତ ନ ହେଉ, ଏହାହିଁ କାମନା ।୨।

ମହର୍ଷି ମନୁ ସନ୍ଧ୍ୟୋପାସନା କରୁନଥିବା ବ୍ୟକ୍ତିକୁ ଦଣ୍ଡବିଧାନ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

**ନ ତିଷ୍ଠତି ତୁ ଯଃ ପୂର୍ବାଂ ନୋପାସ୍ତେ ଯଶ୍ଚ ପଶ୍ଚିମାମ୍ ।**
**ସ ଶୂଦ୍ରବଦ୍ ବହିଷ୍କାର୍ଯ୍ୟଃ ସର୍ବସ୍ମାଦ୍ ଦ୍ୱିଜକର୍ମଣଃ ॥**

(ମନୁ ୨-୧୦୩)

ଯେଉଁ ବ୍ୟକ୍ତି ପ୍ରତ୍ୟହ ପ୍ରାତଃ ଓ ସାୟଂ କାଳରେ ସନ୍ଧ୍ୟୋପାସନା କରେ ନାହିଁ, ତାହାକୁ ଶୂଦ୍ରତୁଲ୍ୟ ବିଗ୍ରହି ଦ୍ୱିଜକୁଳରୁ ପୃଥକ୍ କରି ଶୂଦ୍ର କୁଳରେ ରଖିବା ଉଚିତ ।

ପ୍ରାତଃ ସନ୍ଧ୍ୟୋପାସନାଦ୍ୱାରା ରାତ୍ରିକୃତ ଓ ସାୟଂକାଳୀନ ସନ୍ଧ୍ୟୋପାସନାଦ୍ୱାରା ଦିବାକୃତ ପାପ ବିନଷ୍ଟ ହୁଏ ବୋଲି, ଆମର ପୂର୍ବାଗ୍ରର୍ଯ୍ୟମାନେ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ।

ସନ୍ଧ୍ୟୋପାସନାପାଇଁ ଆସନରେ ଉପବେଶନ କରିବା ପୂର୍ବରୁ ଆଚମନ ପାଇଁ ସମ୍ମୁଖ ଭାଗରେ ପ୍ରଥମେ ଜଳପାତ୍ର ଓ ଚାମଚ ଯୋଗାଡ଼କରି ରଖିବେ । ସୂର୍ଯ୍ୟ ଆଲୋକ ଓ ଶକ୍ତିର ପ୍ରେରଣାଦାତା । ତେଣୁ ଅଧିକ ଲାଭାନ୍ୱିତ ହେବାପାଇଁ ପ୍ରାତଃକାଳରେ ପୂର୍ବାଭିମୁଖୀ ଓ ସାୟଂକାଳରେ ପଶ୍ଚିମାଭିମୁଖୀ ହୋଇ ଯେତେଦୂର ସମ୍ଭବ ପଦ୍ମାସନ, ସିଦ୍ଧାସନ ବା ସୁଖାସନରେ ବସିବାପାଇଁ ଯଥେଷ୍ଟ ଧ୍ୟାନ ଦେବେ । ସନ୍ଧ୍ୟୋପାସନା ସମୟରେ ଶରୀର ଓ ମନକୁ ବାହ୍ୟ ଜଗତରୁ ଦୂରେଇରଖି, ପରମାତ୍ମାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ । ତେଣୁ ପ୍ରଥମେ ନୟନଯୁଗଳକୁ ମୁଦ୍ରିତ କରି, ହୃଦୟରେ ଥିବା ହିଂସା, ରାଗ, ଦ୍ୱେଷ, କୁଟ, କପଟ ପ୍ରଭୃତି ଯାବତୀୟ କଳୁଷିତ ଓ ବିକାରଗ୍ରସ୍ତ ଭାବନାଗୁଡ଼ିକୁ ପରିହାର କରି, କେବଳ ସେହି ସର୍ବବ୍ୟାପକ, ସର୍ବଶକ୍ତିମାନ୍, ସର୍ବାନ୍ତର୍ଯ୍ୟାମୀ, ପରମେଶ୍ୱରଙ୍କ ସର୍ବବ୍ୟାପକତା ଓ ସାନ୍ନିଧ୍ୟକୁ ଉପଲବ୍ଧି ବା ଅନୁଭବ କରିବାକୁ ହେବ । ତା'ପରେ ଅନ୍ୟୁନ ତିନିଥର ପ୍ରାଣାୟାମ କରି ଧୀରଗମ୍ଭୀର ଭାବେ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରିବାକୁ ହେବ । ଯଦି ଶିରରେ ଶିଖା ଥାଏ ତେବେ ମନ୍ତ୍ରୋଚ୍ଚାରଣ ସମୟରେ ପ୍ରଥମେ ତାକୁ ବନ୍ଧନ କରିନେବ । କାରଣ ଏହାଦ୍ୱାରା ମସ୍ତିଷ୍କର ସୂକ୍ଷ୍ମଚେତନା ସ୍ଫୁରିତ ହୋଇ, ଇତସ୍ତତଃ ବିଚ୍ଛୁରିତ



ମନୋବୃତ୍ତିକୁ ଏକ ମାର୍ଗରେ ପରିଚାଳନା କରିବାରେ ଏହା ଅତ୍ୟନ୍ତ ସହାୟକ ହୋଇଥାଏ । ଦ୍ୱିତୀୟତଃ ସମସ୍ତଙ୍କର ଚରମ ଓ ପରମ ଲକ୍ଷ୍ୟ ହେଉଛି ଶିଖରଦେଶ ପର୍ଯ୍ୟନ୍ତ ଅର୍ଥାତ୍ ଉନ୍ନତିର ଚରମସୀମାକୁ ଯାଇ କିପରି ଉପନୀତ ହେବେ ।ଶିଖାବନ୍ଧନ ସମୟରେ ଏପରି ବିଗ୍ରହ ପୋଷଣ କଲେ ଉତ୍ତରୋତ୍ତର ଆତ୍ମିକ ଉନ୍ନତି ଘଟିଥାଏ । ମନ୍ତ୍ରୋଚ୍ଚାରଣର ପ୍ରାରମ୍ଭଠାରୁ- ସମାପ୍ତି ପର୍ଯ୍ୟନ୍ତ କୌଣସି ବାହ୍ୟ ବା ଭୌତିକ ବିଷୟ ବସ୍ତୁକୁ ଚିନ୍ତା ନ କରି, ଉଚ୍ଚାରିତ ମନ୍ତ୍ରାର୍ଥକୁ କେବଳ ନିଜ ମନ ମଧ୍ୟରେ ଚିନ୍ତନ, ମନନ କରିବା ପାଇଁ ସତତ ପ୍ରଯତ୍ନଶୀଳ ହେବେ ।

ପ୍ରାତଃ ସ୍ମରଣୀୟ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଏକ ଅନବଦ୍ୟ ଅବଦାନ ହେଉଛି ବୈଦିକ ସନ୍ଧ୍ୟୋପାସନାର ମହନୀୟ ପଦ୍ଧତି । ଯୋଗାଙ୍ଗାନୁଷ୍ଠାନଦ୍ୱାରା ବହିରଙ୍ଗ ତଥା ଅନ୍ତରଙ୍ଗ ଇନ୍ଦ୍ରିୟ, ମନ, ବୁଦ୍ଧି, ଚିତ୍ତ, ଅହଙ୍କାର ତଥା ଆତ୍ମାକୁ ସଂକଳ୍ପ ଶକ୍ତି ଦ୍ୱାରା ସମୁନ୍ନତ କରିବାପାଇଁ ପ୍ରତ୍ୟହ ପ୍ରାତଃ ଓ ସାୟଂ କାଳରେ ଈଶ୍ୱରୋପାସନାର, ଏହା ହେଉଛି ଏକ ସୁଚିନ୍ତିତ, ସମୁନ୍ନତ, ଅଦ୍ଭୁତ ପଦ୍ଧତି ।

ମସ୍ତକଠାରୁ ଆରମ୍ଭକରି ପାଦପର୍ଯ୍ୟନ୍ତ ଯାହାକୁ ଆପାଦମସ୍ତକ କୁହାଯାଏ, ଶରୀରସ୍ଥିତ ସକଳ ଇନ୍ଦ୍ରିୟଗଣଙ୍କୁ ଶୁଦ୍ଧପୂତ ଓ ଶକ୍ତିଶାଳୀ କରିବା ନିମିତ୍ତ, ଶିଖାବନ୍ଧନ, ଅଙ୍ଗସ୍ପର୍ଶ ଓ ମାର୍ଜନକ୍ରିୟା ଉଦ୍ଦିଷ୍ଟ ମନକୁ ଶୁଦ୍ଧ ସଂଯତ କରିବାପାଇଁ ପ୍ରାଣାୟାମକ୍ରିୟା ଅଭିପ୍ରେତ, ପାପମାର୍ଗରୁ ବୁଦ୍ଧିକୁ ଦୂରେଇ ରଖିବାପାଇଁ ଅଘମର୍ଷଣ, ଚିତ୍ତକୁ ସଂଯତ ଓ ସ୍ଥିର ରଖିବାପାଇଁ ମନସା ପରିକ୍ରମା, ଶରୀରସ୍ଥିତ ଅହଙ୍କାର ପରିବର୍ତ୍ତେ ତାକୁ ଦିବ୍ୟଜ୍ୟୋତିରେ ଉଦ୍ଭାସିତ କରିବାପାଇଁ ଉପସ୍ଥାନ, କାମ, କ୍ରୋଧାଦି ଯେଉଁ କଳୁଷିତ ଆବରଣ ରହିଛି ତାକୁ ଦୂରୀକରଣ କରିବାପାଇଁ ଓ ଆତ୍ମାର ସ୍ୱ-ସ୍ୱରୂପରେ ଅବସ୍ଥାନ ନିମିତ୍ତ ତଥା ପରମେଶ୍ୱରଙ୍କ ସାକ୍ଷାତ୍କାର ସକାଶେ ଗାୟତ୍ରୀଜପ ଏବଂ ପରିଶେଷରେ ସମର୍ପଣ ପ୍ରକ୍ରିୟାଦ୍ୱାରା ଉପାସନା କର୍ମକୁ ମଧ୍ୟ ପରବ୍ରହ୍ମଙ୍କୁ ଅର୍ପଣ, ନମସ୍କାରଦ୍ୱାରା କୃତଜ୍ଞତାର ସର୍ବାଙ୍ଗପୂର୍ଣ୍ଣ ଯୋଗସାଧନା ପଦ୍ଧତିର ସମାବେଶ ଉଦ୍ଦେଶ୍ୟରେ ମହର୍ଷି ଯେଉଁ ବେଦମନ୍ତ୍ର ଗୁଡ଼ିକୁ ଚୟନ ଓ ମନୋନୟନ କରିଛନ୍ତି,

ତନ୍ନିମିତ୍ତ ଯୁଗ ଯୁଗପାଇଁ ମାନବ ସମାଜ ତାଙ୍କ ନିକଟରେ ନିଷ୍ଠିତରୂପେ କୃତଜ୍ଞ ଓ ଚିରଋଣୀ ହୋଇ ରହିବ ।

x x x x x x x

## ବ୍ରହ୍ମ ଯଜ୍ଞରେ ପାଳନୀୟ କେତୋଟି ନୀତିନିୟମ

**(କ)** ସନ୍ଧ୍ୟୋପାସନା ପ୍ରକୃତରେ ଆଚମନମନ୍ତ୍ର ଅର୍ଥାତ୍ "ଶନ୍ନୋଦେବୀରଭିଷ୍ଟୟ" ଠାରୁ ପ୍ରାରମ୍ଭ ହୋଇ ନମସ୍କାର ମନ୍ତ୍ର "ନମଃ ସମ୍ଭବାୟ ଚ" ପରେ ସମାପ୍ତି ହୋଇଥାଏ । ପୂର୍ବରୁ ବିଭିନ୍ନ ସଂସ୍ଥାଦ୍ୱାରା ପ୍ରକାଶିତ ପୁସ୍ତକମାନଙ୍କରେ ପ୍ରଥମେ ତିନିଥର ପ୍ରାଣାୟାମ କରି, ଗାୟତ୍ରୀ ମନ୍ତ୍ର ପାଠପୂର୍ବକ ଶିଖାବନ୍ଧନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଲୋକଙ୍କୁ ବିଭ୍ରାନ୍ତ ନ କରିବାପାଇଁ ଆମେ ମଧ୍ୟ ଏହି ପୁସ୍ତକରେ ସେହି କ୍ରମକୁ ବଳବତ୍ତର ରଖିଛୁ ।

**(ଖ)** ସନ୍ଧ୍ୟୋପାସନା ସମୟରେ ଯଦୃଚ୍ଛାଭାବେ ଉପବେଶନ କରିବେ ନାହିଁ । ପଦ୍ମାସନ, ସିଦ୍ଧାସନ, ସୁଖାସନ ବା ସ୍ୱକୀୟ ଅନୁକୂଳ କୌଣସି ନା କୌଣସି ଆସନର ଆଶ୍ରୟ ନେବେ । ଶରୀର ଓ ଗ୍ରୀବାପ୍ରଦେଶ ଯେପରି ସରଳରେଖାରେ ରହେ, ତାପାଇଁ ବିଶେଷ ଧ୍ୟାନ ଦେବେ । ପ୍ରଥମେ ପ୍ରଥମେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଗୋଟିଏ ଆସନରେ ବସିବା କଷ୍ଟକର ହୋଇପାରେ କିନ୍ତୁ ଅଭ୍ୟାସ ବଳରେ ଧୀରେ ଧୀରେ ତାହା ସହଜସାଧ୍ୟ ହୋଇଥାଏ ।

**(ଗ)** ସନ୍ଧ୍ୟାପାଇଁ ଉପବେଶନ କରିବା ପୂର୍ବରୁ ଆବଶ୍ୟକ ଜଳପାତ୍ର ଗ୍ଲାସ ପ୍ରଭୃତି ଯୋଗାଡ଼ କରି ସମ୍ମୁଖ ଭାଗରେ ରଖିବାକୁ ହେବ ।

**(ଘ)** ପ୍ରତ୍ୟହ ଉଭୟ ଦିବସ-ରାତ୍ରି ଓ ରାତ୍ରି-ଦିବସର ସନ୍ଧିବେଳାରେ ଚତୁର୍ବର୍ଣ୍ଣ ଓ ଚତୁରାଶ୍ରମର ବ୍ୟକ୍ତିମାନେ, ଏକାଗ୍ର ଚିତ୍ତରେ ସନ୍ଧ୍ୟୋପାସନା କରିବାପାଇଁ ଯତ୍ନଶୀଳ ହେବେ ।



**(ଙ)** ପ୍ରାତଃ ଓ ସାୟଂକାଳୀନ ଶୌଚ, ସ୍ନାନାଦି କାର୍ଯ୍ୟ ସମାପନ କରି ସନ୍ଧ୍ୟୋପାସନା କରିବା ବିଧେୟ ।

**(ଚ)** ଉପାସନା ସମୟରେ ପ୍ରାତଃ କାଳରେ ପୂର୍ବାଭିମୁଖୀ ଓ ସାୟଂକାଳରେ ପଶ୍ଚିମାଭିମୁଖୀ ହୋଇ ବସିବାକୁ ହେବ । ଏତତ୍ ପରିବର୍ତ୍ତେ ଖୋଲା ସ୍ଥାନରେ ମନ୍ଦ ମନ୍ଦ ସମୀରଣ ପ୍ରବାହିତ ଦିଗକୁ ମଧ୍ୟ ମୁଖ କରି ଉପବେଶନ କରାଯାଇପାରେ ।

**(ଛ)** ମନର ଅଧିକ ପବିତ୍ରତାପାଇଁ ସନ୍ଧ୍ୟୋପାସନା ନିମିତ୍ତ ନିର୍ଦ୍ଦିଷ୍ଟ ସ୍ଥାନ, ନିର୍ଦ୍ଦିଷ୍ଟ ଆସନ ଓ ନିର୍ଦ୍ଦିଷ୍ଟ ବସନ ମଧ୍ୟ ହେବା ଆବଶ୍ୟକ । କାର୍ଯ୍ୟବଶତଃ ଅନ୍ୟସ୍ଥାନକୁ ଯିବାକୁ ହେଲେ ଏ ନିୟମର ବ୍ୟତିକ୍ରମ ସ୍ୱାଭାବିକ ଭାବେ ଘଟିଥାଏ ।

**(ଜ)** ସନ୍ଧ୍ୟୋପାସନା ପାଇଁ ନଦ, ନଦୀ, ଗିରି, ନିର୍ଝରିଣୀ ବା ପୁଷ୍କରିଣୀର ସୁରମ୍ୟ ପୁଳିନପ୍ରଦେଶ, ବନ, ଉପବନ, ପାହାଡ଼, ପର୍ବତର ପଦପ୍ରାନ୍ତ ମନୋନୟନ କରିବା ଆବଶ୍ୟକ । ଯେଣୁ ଏପରି ସ୍ଥାନରେ ଉପାସନା କରିବାଦ୍ୱାରା ହୃଦୟରେ ଅଧିକ ଏକାଗ୍ରତା, ତନ୍ମୟତା ଓ ପ୍ରଫୁଲ୍ଲତା ଜାତ ହୋଇଥାଏ ।

**(ଝ)** ସାମୂହିକ ସନ୍ଧ୍ୟୋପାସନା ସମୟରେ ସମସ୍ତେ ଶୃଙ୍ଖଳିତ ଭାବରେ ଉପବେଶନ କରି ସମସ୍ୱରରେ ମନ୍ତ୍ରୋଚ୍ଚାରଣ କରିବେ । ମନ୍ତ୍ରୋଚ୍ଚାରଣ କେହି ଆଗ ବା ପଛରେ ନ କରନ୍ତି ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବାକୁ ହେବ । ସାମୂହିକ ସନ୍ଧ୍ୟୋପାସନାର ନେତୃତ୍ୱ ଯେଉଁ ବ୍ୟକ୍ତି ନେବେ ସେ ସନ୍ଧ୍ୟାର ସମସ୍ତ ମନ୍ତ୍ରକୁ ଉତ୍ତମରୂପେ ଜାଣିଥିବେ । ବିଧିବିଧାନ ପ୍ରତି ମଧ୍ୟ ତାଙ୍କର ସମ୍ୟକ୍ ଜ୍ଞାନ ଥିବା ଆବଶ୍ୟକ ।

**(ଞ)** ସମର୍ପଣ ମନ୍ତ୍ରପୂର୍ବରୁ ଗାୟତ୍ରୀ ମନ୍ତ୍ରକୁ ତିନିଥର ଜପକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତାହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ମନ୍ତ୍ରର ପ୍ରକୃତ ଅର୍ଥକୁ ସମସ୍ତେ ଅଧିକାଧିକ ଭାବେ ଚିନ୍ତନ କରନ୍ତୁ । ତେଣୁ ସେ ସମୟରେ ଗାୟତ୍ରୀ ମନ୍ତ୍ରକୁ ଅନ୍ୟୂନ ତିନିଥର ଉଚ୍ଚାରଣ କରିବାକୁ ହେବ ।

x x x x x x x

## ଅଥ ବ୍ରହ୍ମଯଜ୍ଞଃ (ସନ୍ଧ୍ୟୋପାସନା ବିଧିଃ)

(ସନ୍ଧ୍ୟୋପାସନାର କ୍ରମ : ୧. ଆଚମନ ମନ୍ତ୍ର, ୨. ଇନ୍ଦ୍ରିୟସ୍ପର୍ଶ ମନ୍ତ୍ର, ୩. ଈଶ୍ୱର ପ୍ରାର୍ଥନାପୂର୍ବକ ମାର୍ଜନ ମନ୍ତ୍ର, ୪. ପ୍ରାଣାୟାମ ମନ୍ତ୍ର, ୫. ଅଘମର୍ଷଣ ମନ୍ତ୍ର, ୬. ଆଚମନ ମନ୍ତ୍ର, ୭. ମନସା ପରିକ୍ରମା ମନ୍ତ୍ର, ୮. ଉପସ୍ଥାନ ମନ୍ତ୍ର, ୯. ଆଚମନ ମନ୍ତ୍ର, ୧୦. ଗୁରୁମନ୍ତ୍ର, ୧୧. ସମର୍ପଣ ମନ୍ତ୍ର, ୧୨. ନମସ୍କାର ମନ୍ତ୍ର)

**ଓ୩ମ୍ ଭୂର୍ଭୁବଃ ସ୍ୱଃ । ତତ୍ସବିତୁ ର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି । ଧିୟୋ ଯୋନଃ ପ୍ରଚୋଦୟାତ୍ ।୧। (ଯଜୁ ଅ.୩୬-ମ.୩)**

ସଚ୍ଚିଦାନନ୍ଦ ନିରାକାର । ବୋଲାନ୍ତି ସେ ପ୍ରଭୁ ଓଙ୍କାର ॥
ଭୂଃ ପ୍ରାଣପ୍ରିୟ ପ୍ରାଣଦାତା । ଭୁବଃ ଯେ ସଙ୍କଟ ହରତା ॥
ସ୍ୱଃ ସତ୍ୟରୂପୀ ସୁଖଦାତା । ଦୁଃଖର ବିନାଶ କରତା ॥
ବରଣୀୟ ସେ ପୂଜନୀୟ । ଆବର ସେ ବିଜ୍ଞାନମୟ ॥
ଶୁଦ୍ଧ ସ୍ୱରୂପ ତାହାଙ୍କର । ଧ୍ୟାନ କରୁଛୁ ନିରନ୍ତର ॥
ବୁଦ୍ଧି-ବୃତ୍ତି ଯା ଅଛି ଆମ । ସୁପଥେ କରନ୍ତୁ ପ୍ରେରଣ ॥

ଓ୩ମ୍- ପରମେଶ୍ୱରଙ୍କ ଅସଂଖ୍ୟ ନାମ ମଧ୍ୟରୁ ଏହା ହେଉଛି ସର୍ବଶ୍ରେଷ୍ଠ ନାମ, ଭୂଃ- ପ୍ରାଣର ପ୍ରାଣ, ଭୁବଃ- ସକଳ ଦୁଃଖ ବିନାଶକାରୀ, ସ୍ୱଃ- ସ୍ୱୟଂ ସୁଖ ସ୍ୱରୂପ, ଓ ନିଜ ଉପାସକମାନଙ୍କୁ ସୁଖ ପ୍ରଦାୟକ, ସେହି ସବିତୁଃ- ସକଳ ଜଗତର ଉତ୍ପତ୍ତିକର୍ତ୍ତା, ସୂର୍ଯ୍ୟାଦି ଜ୍ୟୋତି ପିଣ୍ଡର ଜ୍ୟୋତିର ଉତ୍ସ ତଥା ଐଶ୍ୱର୍ଯ୍ୟଦାତା, ଦେବସ୍ୟ- କାମନାଯୋଗ୍ୟ, ସର୍ବତ୍ର ବିଜୟ ପ୍ରଦାନକାରୀ ପରମାତ୍ମା, ବରେଣ୍ୟମ୍- ଅତ୍ୟନ୍ତ ଶ୍ରେଷ୍ଠ, ଗ୍ରହଣ ଓ ଧ୍ୟାନଯୋଗ୍ୟ, ତଥା ଭର୍ଗଃ- ସକଳ କ୍ଲେଶ ଭଗ୍ନକାରୀ ପବିତ୍ର ଓ ଶୁଦ୍ଧସ୍ୱରୂପ ଅଟନ୍ତି । ତତ୍- ତାଙ୍କୁ ଆମ୍ଭେମାନେ ଧୀମହି- ଧାରଣ କରୁଛୁ । ୟଃ- ସେହି ପରମାତ୍ମା ନଃ- ଆମ୍ଭମାନଙ୍କର, ଧିୟଃ- ବୁଦ୍ଧିକୁ ଉତ୍ତମ ଗୁଣ କର୍ମ ସ୍ୱଭାବରେ, ପ୍ରଚୋଦୟାତ୍- ପ୍ରେରିତ କରନ୍ତୁ । ଉତ୍ତମ ଗୁଣ, କର୍ମ ଓ ସ୍ୱଭାବପାଇଁ ପରମାତ୍ମାଙ୍କ ସ୍ତୁତି, ପ୍ରାର୍ଥନା, ଉପାସନା କରିବା ଏକାନ୍ତ ଆବଶ୍ୟକ । ତାଙ୍କ ବ୍ୟତୀତ ଅନ୍ୟ



କାହାକୁ ତାଙ୍କ ତୁଲ୍ୟ ଶ୍ରେଷ୍ଠ ବା ଇଷ୍ଟଦେବ ଜ୍ଞାନକରି ଭକ୍ତି କରିବା ଅନାବଶ୍ୟକ ।

**ମନ୍ତ୍ରାର୍ଥ-** ହେ ପ୍ରାଣ ପବିତ୍ରତା ଓ ଆନନ୍ଦଦାତା ପ୍ରଭୋ ! ଆପଣ ସର୍ବଜ୍ଞ ଓ ସକଳ ଜଗତର ଉତ୍ପତ୍ତିକର୍ତ୍ତା ଅଟନ୍ତି । ଆମ୍ଭେମାନେ ଆପଣଙ୍କର ସେହି ବରଣୀୟ, ପୂଜନୀୟ ପାପ-ତାପ ବିନାଶକ, ବିଜ୍ଞାନ ସ୍ୱରୂପକୁ ଧ୍ୟାନ କରୁଅଛୁ । ଯାହାକି ଆମ୍ଭମାନଙ୍କର ବୁଦ୍ଧିକୁ ସନ୍ମାର୍ଗରେ ପ୍ରେରିତ କରିବ ।

(ସନ୍ଧ୍ୟୋପାସନାରେ ଏହି ମନ୍ତ୍ର ପରିଗଣିତ ନୁହେଁ । ତେଣୁ ଆରମ୍ଭରେ ଏହି ମନ୍ତ୍ରକୁ ପାଠ ନ କଲେ ମଧ୍ୟ ସନ୍ଧ୍ୟୋପାସନାରେ ସେପରି କୌଣସି ପ୍ରକାର ବ୍ୟତିକ୍ରମ ଘଟିବ ନାହିଁ) ।

### ଅଥାଚମନ ମନ୍ତ୍ରଃ

(ଏହି ମନ୍ତ୍ର ପାଠ କରି ସନ୍ଧ୍ୟୋପାସନା ପ୍ରାରମ୍ଭ କରାଯାଏ । )

**ଓ୩ମ୍ ଶନ୍ନୋ ଦେବୀରଭିଷ୍ଟୟଆପୋ ଭବନ୍ତୁ ପୀତୟେ । ଶଂୟୋରଭି ସ୍ରବନ୍ତୁ ନଃ ।୧। (ଯଜୁ ଅ.୩୬-ମ.୧୨)**

(ଏହି ମନ୍ତ୍ର ପାଠ କରି ଡ଼ାହାଣ ହାତତଳିରେ ତିନିଥର କିଛି କିଛି ଜଳନେଇ କ୍ରମଶଃ ତିନିଥର ଶୋଷଣପୂର୍ବକ ପାନ କରିବାକୁ ହେବ) ।

ହେ ସର୍ବବ୍ୟାପକ ଈଶ୍ୱର । ଆମ ସଦିଚ୍ଛା ପୂର୍ଣ୍ଣ କର ।
ଗିରି ସମାନ ଦୁଃଖମାନ । ସମୂଳେ କର ବିନାଶନ ।
ଯେଉଁ ଦିଗକୁ ଦୃଷ୍ଟି ଯିବ । ଦିବ୍ୟ ଦର୍ଶନ କରୁଥିବ ।
ମୋ ମନ ମନ୍ଦିର ନିର୍ମଳ । ରଖିବ ସଦା ଆଦିମୂଳ ।
ଯା କିଛି ଭ୍ରାନ୍ତି ମୋ ରହିଛି । ସମୂଳେ ତାକୁ ଦିଅ ନାଶି ।୧।

ହେ ସର୍ବ ବ୍ୟାପକ, ସର୍ବ ପ୍ରକାଶକ, ସର୍ବାନନ୍ଦଦାତା, ପରମେଶ୍ୱର ! ଅଭିଳଷିତ ସୁଖ-ଶାନ୍ତି ତଥା ପୂର୍ଣ୍ଣାନନ୍ଦ ପ୍ରାପ୍ତି ନିମିତ୍ତ ଆମ୍ଭମାନଙ୍କର କଲ୍ୟାଣ କରନ୍ତୁ ଓ ଆମ୍ଭମାନଙ୍କ ଉପରେ ଚତୁର୍ଦ୍ଦିଗରୁ ସୁଖ-ଶାନ୍ତିର ଅମୀୟ ଧାରା ବର୍ଷଣ କରନ୍ତୁ ।୧।

X X X X X X X

**ପ୍ରଥମ କର୍ତ୍ତବ୍ୟ**

## ଅଥେନ୍ଦ୍ରିୟ ସ୍ପର୍ଶ ମନ୍ତ୍ରାଃ

**ଓଁ ବାକ୍ ବାକ୍** (ଏହାଦ୍ୱାରା ମୁଖ), **ଓଁ ପ୍ରାଣଃ ପ୍ରାଣଃ** (ନାସିକାର ଛିଦ୍ରଦ୍ୱୟ), **ଓଁ ଚକ୍ଷୁଶ୍ଚକ୍ଷୁଃ** (ନେତ୍ରଦ୍ୱୟ), **ଓଁ ଶ୍ରୋତ୍ରଂ ଶ୍ରୋତ୍ରମ୍** (ଦୁଇ କାନ), **ଓଁ ନାଭିଃ** (ଏହାଦ୍ୱାରା ନାଭିପ୍ରଦେଶ), **ଓଁ ହୃଦୟମ୍** (ହୃଦ୍‌ପ୍ରଦେଶ), **ଓଁ କଣ୍ଠଃ** (କଣ୍ଠସ୍ଥଳୀ), **ଓଁ ଶିରଃ** (ଏହାଦ୍ୱାରା ମୁଣ୍ଡ), **ଓଁ ବାହୁଭ୍ୟାଂ ଯଶୋ ବଲମ୍** (ବାହୁ ଦ୍ୱୟ), **ଓଁ କରତଳ କରପୃଷ୍ଠେ** (ଏହାଦ୍ୱାରା ହାତପାପୁଲିର ତଳ ଓ ଉପରଭାଗକୁ ସ୍ପର୍ଶ କରିବାକୁ ହେବ ।୨।

| | |
|---|---|
| ମୋ-ମନ-ବଚନ-କରମ । | ପବିତ୍ରତାରେ ହେଉ ପୂର୍ଣ୍ଣ ॥ |
| ଆବର ସକଳ ଇନ୍ଦ୍ରିୟ । | ଦୁଷ୍କର୍ମୁ ଦୂରେ ରଖିଥାଅ ॥ |
| କୋମଳ-ମଧୁର ବଚନ । | ମୋ ତୁଣ୍ଡ କହୁ ଅନୁକ୍ଷଣ ॥ |
| ପ୍ରାଣ ଶକତିଶାଳୀ ହୋଇ । | ସୁସ୍ଥ-ସବଳେ ଥାଉ ରହି ॥ |
| ନୟନ-ଯୁଗଳରେ ଜ୍ୟୋତି । | ଅକ୍ଷତ ରହିଥାଉ ନିତି ॥ |
| ଭଦ୍ର ବଚନ ବେନି କର୍ଣ୍ଣ । | ଶ୍ରବଣ କରୁ ଅନୁକ୍ଷଣ ॥ |
| ନାଭିମଣ୍ଡଳ ହୃଷ୍ଟପୁଷ୍ଟ । | ରହି କରିବ ମୋତେ ତୁଷ୍ଟ ॥ |
| ଧରମ ପଥରୁ ହୃଦୟ । | କେବେହେଁ ନ ହେଉ ବିଲୟ ॥ |
| ତୁମରି ଭଜନ-କୀର୍ତ୍ତନ । | କଣ୍ଠରେ ହେଉ ତା ଭୂଷଣ ॥ |
| ତୁମ ଗୌରବ ଗାଥାମାନ । | କରୁ ତା ମୋଶିର ବହନ ॥ |
| ବାମ-ଦକ୍ଷିଣ ହସ୍ତଦ୍ୱୟ । | ତାହାକୁ ଯଶସ୍ୱୀ କରାଅ ॥ |
| କରତଳ ଯେ କରପୃଷ୍ଠ । | ହେଉ ତା ପବିତ୍ର ବଳିଷ୍ଠ ॥୨॥ |

ଉପାସକ ଏହି ମନ୍ତ୍ରଦ୍ୱାରା ନିଜର ପରମପ୍ରିୟ ପରମେଶ୍ୱରଙ୍କ କୋଳରେ ଉପବେଶନ କରି ଦୃଢ଼ ପ୍ରତିଜ୍ଞା କରେ ଯେ, ସେ ଈଶ୍ୱରଙ୍କ ମନ୍ଦିର ରୂପକ ଶରୀରର କୌଣସି ଅଙ୍ଗପ୍ରତ୍ୟଙ୍ଗ ଦ୍ୱାରା, ଏପରି କୌଣସି ପାପକର୍ମ କରିବ ନାହିଁ, ଯା'ଫଳରେ ସେହି ଅଙ୍ଗ ଦୁର୍ବଳ ବା ଅକର୍ମଣ୍ୟ ହୋଇଯିବ । ଆତ୍ମନିରୀକ୍ଷଣଦ୍ୱାରା ସେ ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗକୁ ପର୍ଯ୍ୟାଲୋଚନା କରି ଦେଖେ, ପୁଣି ପ୍ରିୟତମ ପ୍ରଭୁଙ୍କୁ ପ୍ରାର୍ଥନା କରେ... ।



ହେ ସର୍ବରକ୍ଷକ ପରମେଶ୍ୱର ! ଆପଣଙ୍କ ଅପାର କରୁଣାରୁ, ମୋର ମନ ବଚନ, ପ୍ରାଣ, ଚକ୍ଷୁ, କର୍ଣ୍ଣ, ନାଭିପ୍ରଦେଶ, ହୃଦୟ, କଣ୍ଠଶିର, ବାହୁଦ୍ୱୟ ଓ ହାତପାପୁଲିର ତଳ ଉପର ଉଭୟ ପାର୍ଶ୍ୱ, ଜ୍ଞାନେନ୍ଦ୍ରିୟ ତଥା କର୍ମେନ୍ଦ୍ରିୟ ପ୍ରଭୃତି ସମାନ ଭାବରେ ଶକ୍ତିଶାଳୀ ଓ ଯଶସ୍ୱୀ ହୁଅନ୍ତୁ । ଅର୍ଥାତ୍ ଶରୀରର ଯାବତୀୟ ଅଙ୍ଗ-ପ୍ରତ୍ୟଙ୍ଗ ସମଭାବରେ ବିକାଶଲାଭ କରନ୍ତୁ ॥୨॥

## ଅଥେଶ୍ୱର୍ ପ୍ରାର୍ଥନା ପୂର୍ବକ ମାର୍ଜନ ମନ୍ତ୍ରାଃ

(ନିମ୍ନଲିଖିତ ମନ୍ତ୍ର ପାଠକରି ଶରୀରରେ ଥିବା ଆଳସ୍ୟର ଦୂରୀକରଣ ପାଇଁ, ନିମ୍ନୋକ୍ତ ଅଙ୍ଗ ଗୁଡ଼ିକ ଉପରେ ଡ଼ାହାଣ ହାତର ମଧ୍ୟମା ଓ ଅନାମିକା ଅଙ୍ଗୁଳି ଦ୍ୱୟରେ ଜଳସିଞ୍ଚନ କରିବାକୁ ହେବ)

**ଓଁ ଭୂଃ ପୁନାତୁ ଶିରସି** (ମସ୍ତକରେ), **ଓଁ ଭୁବଃ ପୁନାତୁ ନେତ୍ରୟୋଃ** (ଦୁଇ ଆଖି ଉପରେ), **ଓଁ ସ୍ୱଃ ପୁନାତୁ କଣ୍ଠେ** (କଣ୍ଠ ପ୍ରଦେଶରେ), **ଓଁ ମହଃ ପୁନାତୁ ହୃଦୟେ** (ହୃଦୟ ଉପରେ), **ଓଁ ଜନଃ ପୁନାତୁ ନାଭ୍ୟାମ୍** (ନାଭି ପ୍ରଦେଶରେ), **ଓଁ ତପଃ ପୁନାତୁ ପାଦୟୋଃ** (ଦୁଇ ପାଦ ଉପରେ), **ଓଁ ସତ୍ୟଂ ପୁନାତୁ ପୁନଃଶିରସି** (ମୁଣ୍ଡ ଉପରେ), **ଓଁ ଖଂ ବ୍ରହ୍ମ ପୁନାତୁ ସର୍ବତ୍ର** । (ପ୍ରତ୍ୟେକ ଅଙ୍ଗ ଉପରେ ।୩।

| | |
|---|---|
| ସତ୍ୟସ୍ୱରୂପ ମହେଶ୍ୱର । | ପବିତ୍ରତାର ହେ ଆକର ॥ |
| ପ୍ରାର୍ଥନା ବାରେ ଘେନ ମୋର । | ଶିରକୁ ମୋ ପବିତ୍ର କର ॥ |
| ଦେଇଛ ଯୁଗଳ ନୟନ । | କରୁ ତା ଦିବ୍ୟ ଦରଶନ ॥ |
| ଆନନ୍ଦମୟ ହେ ଅନନ୍ତ । | କଣ୍ଠ ପ୍ରଦେଶ କର ପୂତ ॥ |
| ତୁମଠୁ ନାହିଁ କେ ମହାନ । | ହୃଦକୁ କର ମହୀୟାନ ॥ |

ମୋ ନାଭିମଣ୍ଡଳ ସତତ । ରଖିବ ତାକୁ ଶୁଦ୍ଧପୂତ ॥
ଏ ପଦଯୁଗଳ ମୋହର । ପବିତ୍ରତାର ହେଉ ଘର ॥
ପରାଣ-ପ୍ରିୟ ବିନାୟକ । ପବିତ୍ର କର ମୋ ମସ୍ତକ ॥
ସର୍ବବ୍ୟାପକ ସର୍ବେଶ୍ୱର । ମୋ ସର୍ବାଙ୍ଗକୁ ପୂତ କର ॥୩॥

ଏହି ମନ୍ତ୍ରଗୁଡ଼ିକୁ ପାଠକରି ଉପାସକ ନିଜର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗରେ ଈଶ୍ୱରଙ୍କ ବିଭିନ୍ନଗୁଣକୁ ଧାରଣ କରିବାପାଇଁ ଦୃଢ଼ପ୍ରତିଜ୍ଞ ହୋଇଥାଏ। ଏହିପରି ନିଜ ଅଙ୍ଗଗୁଡ଼ିକର ପବିତ୍ରତା ସମ୍ପାଦନ କରିବାପରେ ପ୍ରଭୁମିଳନର ପଥକୁ ପରିଷ୍କାର କରିବାପାଇଁ, ଅନ୍ତରର ସହିତ ପ୍ରଭୁଙ୍କୁ ପ୍ରାର୍ଥନା କରେ... ।

ପ୍ରାଣଠାରୁ ମଧ୍ୟ ଅଧିକପ୍ରିୟ ପରମକାରୁଣିକ ହେ ପରମେଶ୍ୱର ! ମୋର ମସ୍ତକକୁ ପବିତ୍ର କରନ୍ତୁ । ଦୁଃଖ ବିନାଶକ, ବିଜ୍ଞାନମୟ ପରମାତ୍ମା ଚକ୍ଷୁଦ୍ୱୟକୁ ପବିତ୍ର କରନ୍ତୁ । ଆନନ୍ଦସ୍ୱରୂପ, ଆନନ୍ଦପ୍ରଦାତା ପରମେଶ କଣ୍ଠରେ ପବିତ୍ରତା ପ୍ରଦାନ କରନ୍ତୁ । ସର୍ବଜନମାନ୍ୟ ପୂଜ୍ୟ ପରମାତ୍ମା ହୃଦୟକୁ ପବିତ୍ର କରନ୍ତୁ । ଜଗଦୁତ୍ପାଦକ, ଜଗତ୍ପାଳକ ପ୍ରଭୁ ନାଭିକୁ ପବିତ୍ର କରନ୍ତୁ । ମହାନ୍ ତପଃଶୀଳ, ମହାନ୍ ତେଜସ୍ୱୀ ପରମାତ୍ମା ପାଦଦ୍ୱୟରେ ପବିତ୍ରତା ପ୍ରଦାନ କରନ୍ତୁ । ସତ୍ୟସ୍ୱରୂପ ଅବିନାଶଶୀଳ ପରମେଶ୍ୱର ପୁନର୍ବାର ମସ୍ତକକୁ ପବିତ୍ର କରନ୍ତୁ । ସର୍ବବ୍ୟାପକ ସର୍ବତୋମହାନ୍ ସେହି ପରମାତ୍ମା ପୁଣି ମୋ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗରେ ପବିତ୍ରତା ପ୍ରଦାନ କରନ୍ତୁ ॥୩॥

## ଅଥ ପ୍ରାଣାୟାମ ମନ୍ତ୍ରାଃ

(ନିମ୍ନୋକ୍ତ ମନ୍ତ୍ର ପାଠ କରି ଅନ୍ୟୂନ ତିନିଥର ପ୍ରାଣାୟାମ କରିବାକୁ ହେବ)

**ବିଧି :** ହୃଦୟର ନାଭି ମଣ୍ଡଳରେ ଥିବା ସମସ୍ତ ବାୟୁକୁ ବମନ କଲାଭଳି ନାସିକା ମାର୍ଗରେ ଏକାବେଳକେ ନିଷ୍କାସନ କରି ଯଥାଶକ୍ତି ବାହାରେ ଅବରୋଧ କରି ରଖିବାକୁ ହେବ । କଷ୍ଟ ଅନୁଭୂତ ହେବାପରେ ପୁଣି ଧୀରେ ଧୀରେ ନାସିକାଦ୍ୱାରା



ଭିତରକୁ ବାୟୁ ନେଇ ପୂରଣ କରିବେ । ପବନକୁ ଭିତରେ ମଧ୍ୟ ଯଥାଶକ୍ତି ଅବରୋଧ କରି ଅସହ୍ୟ ହେଲେ ପୁଣି ଧୀରେ ଧୀରେ ସମସ୍ତ ବାୟୁକୁ ନାସିକାମାର୍ଗରେ ବାହାର କରିଦିଅନ୍ତୁ । ଏହା ହେଉଛି ଗୋଟିଏ ପ୍ରାଣାୟାମ । ଏଭଳି ତିନିଥର ପ୍ରାଣାୟାମ କରିବାକୁ ହେବ । କ୍ରମଶଃ ତାକୁ ବଢ଼ାଇ ସର୍ବାଧିକ ଏକୋଇଶ ଥର ପର୍ଯ୍ୟନ୍ତ କରିବେ । ତଦଧିକ ପ୍ରାଣାୟାମ ଶରୀରପକ୍ଷେ ଉପକାରକ ନ ହୋଇ ଅପକାରକ ହୋଇଥାଏ । ପ୍ରାଣାୟାମ କରିବା ସମୟରେ ମୂଳବନ୍ଧ କରିବାକୁ ଭୁଲିବେ ନାହିଁ । ପ୍ରାଣାୟାମଦ୍ୱାରା ମନୁଷ୍ୟ ଦୀର୍ଘଜୀବୀ ହୋଇଥାଏ । କଥିତ ହୋଇଛି...

ପ୍ରାଣାୟାମ ବଳେ ଆତ୍ମିକଶକତି ଶରୀରରେ ଜାତହୁଏ,
ଦୀର୍ଘାୟୁଶ ଲଭି ସୁଖେ କାଳକଟେ, ଶରୀର ନୀରୋଗ ରହେ ।

**ଓଁ ଭୂଃ । ଓଁ ଭୁବଃ । ଓଁ ସ୍ୱଃ । ଓଁ ମହଃ । ଓଁ ଜନଃ । ଓଁ ତପଃ । ଓଁ ସତ୍ୟମ୍ ॥୪॥**

(ତୈତ୍ତିରିକ ଆରଣ୍ୟକ ପ୍ରପା.୧୦- ଅନୁ-୨୭)

ଓମ୍ ଯେ ଜଗତ ନାୟକ । ସୁଖ-ସୌଭାଗ୍ୟ ପ୍ରଦାୟକ ॥
ଭୂଃ ତୁମେ ପ୍ରାଣ ପ୍ରଦାୟକ । ସକଳ ପ୍ରାଣୀଙ୍କ ରକ୍ଷକ ॥
ଭୁବଃ ଯେ ଦୁଃଖ ବିନାଶକ । ଆରତ ଜନଙ୍କ ତାରକ ॥
ସ୍ୱଃ ତୁମେ ସୁଖ ପ୍ରଦାୟକ । ମହଃ ଯେ ତିମିର ନାଶକ ॥
ଜନଃ ହିଁ ସୃଷ୍ଟି ସରଜକ । ତପଃ ଯେ ଦୁଃଖ ନିବାରକ ॥
ସତ୍ୟ ହିଁ ଆନନ୍ଦ-ଆଧାର । ସେ ଏକା ସଖା ସଭିଙ୍କର ॥
ପଶିଲୁ ତୁମରି ଶରଣ । ଅଭୟ ବର କର ଦାନ ॥୪॥

ହେ ପରମକାରୁଣିକ ପରମେଶ୍ୱର ! ଆପଣ ପ୍ରାଣଠାରୁ ମଧ୍ୟ ଅଧିକ ପ୍ରିୟ, ଦୁଃଖ ବିନାଶକାରୀ, ସୁଖପ୍ରଦାତା, ଆନନ୍ଦମୟ ଓ ଆନନ୍ଦ ପ୍ରଦାନକାରୀ, ସର୍ବ ବ୍ୟାପକ, ସକଳ ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟା ଅଟନ୍ତି । ଦୁଷ୍ଟମାନଙ୍କ ଦଣ୍ଡବିଧାନକାରୀ, ସୃଷ୍ଟି ତପ ସଞ୍ଚାଳକ, ଅଖଣ୍ଡ, ଅବିନାଶୀ ତଥା ଅପରିବର୍ତ୍ତନଶୀଳ ମଧ୍ୟ ଅଟନ୍ତି ।

ଈଶ୍ୱରଙ୍କ ଏ ସକଳ ଦିବ୍ୟଗୁଣକୁ ସ୍ମରଣକରି, ତହିଁରେ ନିଜକୁ ନିମଗ୍ନ

କରାଇ ଆନନ୍ଦରେ ନିମଜ୍ଜିତ ହୋଇ ରହିବେ ।

## ଅଥାଘମର୍ଷଣ ମନ୍ତ୍ରାଃ

(ନିମ୍ନଲିଖିତ ତିନୋଟି ମନ୍ତ୍ରକୁପାଠକରି ସୃଷ୍ଟିକର୍ତ୍ତା ପରମେଶ୍ୱର ଓ ତାଙ୍କର ସୃଷ୍ଟିକ୍ରମ ସମ୍ପର୍କରେ ଗଭୀରଭାବେ ଚିନ୍ତନ କରିବେ । ଜଗଦୁତ୍ପାଦକ ପରମେଶ୍ୱରଙ୍କୁ ସର୍ବବ୍ୟାପକ, ନ୍ୟାୟକାରୀ, ସର୍ବଜ୍ଞ ଓ ସର୍ବଦ୍ରଷ୍ଟାରୂପେ ବିଗ୍ରହ କରି କୁଟିଳ ପାପକର୍ମରୁ ନିଜର ଆତ୍ମା ଓ ମନକୁ ଦୂରେଇ ରଖିବାପାଇଁ ଦୃଢ଼ ସଂକଳ୍ପ କରିବେ ଓ ଧର୍ମକାର୍ଯ୍ୟ କଳାପ ପ୍ରତି ଅଧିକରୁ ଅଧିକ ଆଗ୍ରହାନ୍ୱିତ ହେବେ) ॥

**ଓ୩ମ୍ ଋତଂ ଚ ସତ୍ୟଂଚାଭୀଦ୍ଧାତ୍ତପସୋଽଧ୍ୟଜାୟତ । ତତୋ ରାତ୍ର୍ୟଜାୟତ ତତଃ ସମୁଦ୍ରୋ ଅର୍ଣ୍ଣବଃ ॥ ୧ ॥**

**ଓ୩ମ୍ ସମୁଦ୍ରାଦର୍ଣ୍ଣବାଦଧି ସମ୍ବତ୍ସରୋ ଅଜାୟତ । ଅହୋରାତ୍ରାଣି ବିଦଧଦ୍ବିଶ୍ୱସ୍ୟ ମିଷତୋ ବଶୀ ॥ ୨ ॥**

**ଓ୩ମ୍ ସୂର୍ଯ୍ୟାଚନ୍ଦ୍ରମସୌ ଧାତା ଯଥାପୂର୍ବମକଳ୍ପୟତ୍ । ଦିବଂ ଚ ପୃଥିବୀଂ ଚାନ୍ତରିକ୍ଷମଥୋ ସ୍ୱଃ ॥ ୩ ॥**

(ଋଗ୍‌ବେଦ ମଣ୍ଡ ୧୦-ସୂ୧୯୦ ମ.୧ରୁ୩)

ପ୍ରକାଶମୟ ଜ୍ଞାନମୟ । ତୁମରି ମହିମା ଅକ୍ଷୟ ।
ଶକତି ସାମର୍ଥ୍ୟ ତୁମର । ରହିଛି ଅପାରୁ ଅପାର ।
ବେଦବାଣୀକୁ ପ୍ରଦାନିଲ । ତ୍ରିଗୁଣ ପ୍ରକୃତି ରଚିଲ ।
ତୁମର ଯେ ମହା ମହିମ । ସାମର୍ଥ୍ୟେ ହେଲେ ଉତପନ୍ନ ।
ମହାପ୍ରଳୟ ମହାରାତ୍ରି । ସଲିଳ ପୂରିତ ଧରିତ୍ରୀ ।
ମହାସାଗର ମାଳ-ମାଳ । ବ୍ୟାପି ରହିଛି ଭୂମଣ୍ଡଳ ।୧।
ସଲିଳ ପୂରିତ ଆକାଶ । ସହଜେ ରଚିଲ ମହେଶ ।



ସହଜ ଗୁଣରେ ତୁମର । ରଚିଲ ପୁଣି ସମ୍ବତ୍ସର ।
ଦିବସ-ରଜନୀ ଯେ ମାସ । ଆବର ପକ୍ଷ ଓ ବରଷ ।
ଠିକେ ରଚିଲ କାଳମାନ । ବ୍ରହ୍ମାଣ୍ଡେ ତୁମେ ହିଁ ମହାନ ।୨।
ଜଗତ ଧାରଣ କରତା । ପୁଣି ଯେ ପୋଷଣ କରତା ।
ପୂରୁବ କଳ୍ପରେ ଯେପରି । ପ୍ରଳୟ ପରେ ସେହିପରି ।
ସୂରୁଯ ଚନ୍ଦ୍ରମା ଦ୍ୟୁଲୋକ । ପୁନଶ୍ଚ ଏ ପୃଥିବୀ ଲୋକ ।
ଅନ୍ତରୀକ୍ଷାଦି ବିରଚିଲ । ସକଳ ଲୋକ ଲୋକାନ୍ତର ।
ବିରଚି ଏ ସାରା ସଂସାର । ସଭିଙ୍କ କଲ ଉପକାର ।୩। ।୫।

ସର୍ବତ୍ର ପ୍ରକାଶମାନ ଜ୍ଞାନମୟ ପରମେଶ୍ୱର ନିଜର ଅନନ୍ତ ଶକ୍ତିସାମର୍ଥ୍ୟଦ୍ୱାରା ଈଶ୍ୱରୀୟ ବାଣୀ ବେଦ ଓ ତ୍ରିଗୁଣାତ୍ମକ ପ୍ରକୃତିକୁ ପ୍ରକାଶ କରିଛନ୍ତି । ତାଙ୍କର ସେହି ମହିମାମୟ ସାମର୍ଥ୍ୟରୁ ମହାପ୍ରଳୟ, ମହାରାତ୍ରି, ଜଳରାଶି ପରିପୂର୍ଣ୍ଣ ଆକାଶ ଓ ପୃଥିବୀସ୍ଥିତ ମହାସମୁଦ୍ରମାନ ଉତ୍ପନ୍ନ ହୋଇଅଛି ॥୧॥

ଜଳପରିପୂର୍ଣ୍ଣ ଆକାଶ ସର୍ଜନା କଲାପରେ ସୃଷ୍ଟି ସଞ୍ଚାଳକ ସେହି ସୃଷ୍ଟିକର୍ତ୍ତା, ସମ୍ବତ୍ସର ଅର୍ଥାତ୍ ସନ୍ଧିକାଳ ଉତ୍ପନ୍ନ କରି ନିଜର ସହଜ ସରଳ ସ୍ୱଭାବଦ୍ୱାରା, ଦିନ-ରାତି-ପକ୍ଷ-ମାସ-ବର୍ଷ ଆଦି କାଳମାନ ରଚନା କଲେ ॥୨॥

ସକଳ ଜଗତର ଧାରଣ ଓ ପୋଷଣକର୍ତ୍ତା ପରମେଶ୍ୱର ପୂର୍ବକଳ୍ପରେ ସୂର୍ଯ୍ୟ, ଚନ୍ଦ୍ର ପ୍ରଭୃତି ଯେପରି ରଚନା କରିଥିଲେ, ସେହିପରି ପରବର୍ତ୍ତୀ କାଳରେ ମଧ୍ୟ ସୂର୍ଯ୍ୟ, ଚନ୍ଦ୍ର, ଦ୍ୟୁଲୋକ, ପୃଥିବୀଲୋକ, ଅନ୍ତରୀକ୍ଷାଦି ଲୋକ-ଲୋକାନ୍ତର ସବୁ ରଚନା କରିଥିଲେ ।୩। ।୫।

ଏହି ତିନୋଟି ମନ୍ତ୍ରକୁ ପାଠ କଲାପରେ "ଶନ୍ନୋଦେବୀରଭିଷ୍ଟୟ" ମନ୍ତ୍ରକୁ ପାଠ କରି ପୁଣି ଥରେ ଜଳଧାରଣପୂର୍ବକ ତିନିଥର ଆଚମନ କରିବେ । ସନ୍ଧ୍ୟୋପାସନାର ପ୍ରାରମ୍ଭରେ ଶିଖା ବନ୍ଧନ ସମୟରେ ଉଚ୍ଚାରଣ କରିଥିବା ଗାୟତ୍ରୀ

ମନ୍ତ୍ରଠାରୁ ଆରମ୍ଭକରି ଏ ପର୍ଯ୍ୟନ୍ତ ଉଚ୍ଚାରିତ ପ୍ରତ୍ୟେକ ମନ୍ତ୍ରର ଅର୍ଥକୁ ବିଗ୍ରହ କରି ମହାମହିମ ପରମେଶ୍ୱରଙ୍କ ଗୁଣ ଓ ଉପକାର ସମ୍ପର୍କରେ ଧ୍ୟାନ କରିବେ ॥୬॥

**ଦ୍ୱିତୀୟ-କର୍ତ୍ତବ୍ୟ**

## ଅଥ ମନସାପରିକ୍ରମା ମନ୍ତ୍ରାଃ

(ନିମ୍ନୋକ୍ତ ଛଅଟି ମନ୍ତ୍ରକୁ ପାଠକରି ସର୍ବବ୍ୟାପକ ପରମେଶ୍ୱରଙ୍କ ସତ୍ତା ସର୍ବତ୍ର ଉପଲବ୍‌ଧି କରିବାକୁ ହେବ । ନିଜ ହୃଦୟର ଅଭ୍ୟନ୍ତରରେ ଓ ବାହାରେ, ଦିଗ-ଦିଗାନ୍ତରରେ, ଈଶ୍ୱରଙ୍କ ପୂର୍ଣ୍ଣସତ୍ତାକୁ ଅନୁଭବ କରି, ସକଳ ବିଶ୍ୱବ୍ରହ୍ମାଣ୍ଡ ମଧ୍ୟରୁ ଦ୍ୱେଷ ଭାବନାକୁ ପରିହାର କରି, ସମସ୍ତ ପ୍ରାଣୀଙ୍କ ସହିତ ମୈତ୍ରୀଭାବ ସ୍ଥାପନ କରିବାପାଇଁ ଅଭୟ, ଆନନ୍ଦ, ଉତ୍ସାହ, ପୁରୁଷାର୍ଥ ଓ ପରୋପକାର ଭାବନା ହୃଦୟରେ ପୋଷଣ କରିବାକୁ ହେବ)

**ଓ୩ମ୍ ପ୍ରାଚୀ ଦିଗଗ୍ନିରଧିପତିରସିତୋ ରକ୍ଷିତାଦିତ୍ୟା ଇଷବଃ । ତେଭ୍ୟୋ ନମୋଽଧିପତିଭ୍ୟୋ ନମୋ ରକ୍ଷିତୃଭ୍ୟୋ ନମ ଇଷୁଭ୍ୟୋ ନମ ଏଭ୍ୟୋ ଅସ୍ତୁ ଯୋଽସ୍ମାନ୍ ଦ୍ୱେଷ୍ଟି ଯଂ ବୟଂ ଦ୍ୱିଷ୍ମସ୍ତଂ ବୋ ଜମ୍ଭେ ଦଧ୍ମଃ ॥ ୧ ॥**

ପ୍ରକାଶରୂପୀ ବିଭୁବର । ସବୁକୁ ପ୍ରକାଶିତ କର ॥
ପୂରୁବ ଦିଗ ଅଧିପତି । ତୁମେହିଁ କରୁଣା-ବାରିଧି ॥
ଅଗ୍ନି ରୂପରେ ବିଦ୍ୟମାନ । ଅଗ୍ରଣୀ କରାଅ ବହନ ॥
ଆଦର୍ଶ ପ୍ରେରକ-ରକ୍ଷକ । ଅଖିଳ ବ୍ରହ୍ମାଣ୍ଡ ନାୟକ ॥
ଭକ୍ତିରେ ଯୋଡ଼ି ବେନିକର । ତୁମ୍ଭଙ୍କୁ କରୁ ନମସ୍କାର ॥
ଯେତେକଛନ୍ତି ଜୀବଜନ୍ତୁ । ଦ୍ୱେଷ ପୋଷଣ ନ କରନ୍ତୁ ॥
ଜ୍ଞାତ ବା ଅଜ୍ଞାତ ଭାବରେ । ହିଂସା ନ ବହନ୍ତୁ ମନରେ ॥
ଦେଇଛ ମନୁଷ୍ୟ ଜନମ । ଆବର ହିତାହିତ ଜ୍ଞାନ ॥
କୌଣସି ପ୍ରାଣୀ ପ୍ରତି ଆମେ । ରଖିବୁ ନାହିଁ ଦ୍ୱେଷ ମନେ ॥



ବିନମ୍ର ପ୍ରାର୍ଥନା ଆମର । ସୁଦୟା ବହି ଘେନା କର ।୧।

ହେ ପ୍ରକାଶସ୍ୱରୂପ ପରମେଶ୍ୱର ! ଆପଣ ପୂର୍ବ ଦିଗରେ ଅଗ୍ନି ବା ଅଗ୍ରଣୀ ସ୍ୱରୂପ ଆମର ଆଦର୍ଶ ରକ୍ଷକ ଓ ପ୍ରେରକ ଅଟନ୍ତି । ଏଥିପାଇଁ ଆମ୍ଭେ ଆପଣଙ୍କୁ ନମସ୍କାର ଜଣାଉଛୁ । ହେ ସର୍ବରକ୍ଷକ ! ଏହି ଦିଗରୁ ଯେକୌଣସି ପ୍ରାଣୀ ଜ୍ଞାତ ବା ଅଜ୍ଞାତସାରରେ ଆମପ୍ରତି ଶତ୍ରୁତା ଆଚରଣ କରନ୍ତୁ ନାହିଁ । ଆମ୍ଭେମାନେ ମଧ୍ୟ କେବେ କାହାରି ପ୍ରତି କୌଣସି ପ୍ରକାର ଦ୍ୱେଷଭାବ ପୋଷଣ କରିବୁ ନାହିଁ ॥୧॥

**ଓ୩ମ୍ ଦକ୍ଷିଣା ଦିଗିନ୍ଦ୍ରୋଽଧିପତିସ୍ତିରଶ୍ଚିରାଜୀ ରକ୍ଷିତା ପିତର ଇଷବଃ ।ତେଭ୍ୟୋ ନମୋଽଧିପତିଭ୍ୟୋ ନମୋ ରକ୍ଷିତୃଭ୍ୟୋ ନମ ଇଷୁଭ୍ୟୋ ନମ ଏଭ୍ୟୋ ଅସ୍ତୁ । ଯୋଽସ୍ମାନ୍ ଦ୍ୱେଷ୍ଟି ଯଂ ବୟଂ ଦ୍ୱିଷ୍ମସ୍ତଂ ବୋ ଜମ୍ଭେଦଧ୍ମଃ ॥ ୨ ॥**

ମହାମହିମ ମହେଶ୍ୱର । ତୁମେ ଯେ ଦକ୍ଷିଣ ଦିଗର ॥
ଐଶ୍ୱର୍ଯ୍ୟ ରୂପେ ରହିଅଛ । ରକ୍ଷକ ପ୍ରେରକ ହୋଇଛ ॥
ପ୍ରତ୍ୟହ କରୁଛୁ ନମନ । ଏ ଦିଗୁ ଜୀବଜନ୍ତୁଗଣ ॥
ଜ୍ଞାତ ବା ଅଜ୍ଞାତରେ ହେଉ । ଦ୍ୱେଷ ଭାବନା କେ ନ ବହୁ ॥
ଆମରି ସୁଗୁଣ ରହିଛି । ନିଷ୍ଠେ ଦ୍ୱେଷକୁ ଦେବୁ ପୋଛି ॥
ସକଳେ ଚଳିବେ ସୁଖରେ । ଯଶ ରହିବ ମହୀତଳେ ॥
ଏତିକି ମାତର ପ୍ରାର୍ଥନା । ଘେନିବ ନୋହି ଆନମନା ।୨।

ହେ ସମୃଦ୍ଧିଶାଳୀ ପରମାତ୍ମନ୍ ! ଆପଣ ଦକ୍ଷିଣ ଦିଗରେ ଐଶ୍ୱର୍ଯ୍ୟମୟ ରୂପେ ରହି ଆମର ଆଦର୍ଶ, ରକ୍ଷକ ଓ ପ୍ରେରକ ହୋଇଛନ୍ତି । ଏଥିପାଇଁ ଆପଣଙ୍କୁ ଆମ୍ଭେ ନମସ୍କାର ଜଣାଉଛୁ । ହେ ସର୍ବରକ୍ଷକ ! ଏହି ଦକ୍ଷିଣ ଦିଗରୁ କୌଣସି ପ୍ରାଣୀ ଜ୍ଞାତ ବା ଅଜ୍ଞାତସାରରେ ଆମ୍ଭମାନଙ୍କ ପ୍ରତି ଶତ୍ରୁତା ଆଚରଣ କରନ୍ତୁ ନାହିଁ । ଆମ୍ଭେମାନେ ମଧ୍ୟ କେବେ କାହାରିପ୍ରତି କୌଣସି ପ୍ରକାର ଦ୍ୱେଷ ଭାବନା ପୋଷଣ କରିବୁ ନାହିଁ ।୨।

**ଓ୩ମ୍ ପ୍ରତୀଚୀ ଦିଗ୍‌ବରୁଣୋଽଧିପତିଃ ପୃଦାକୂ ରକ୍ଷିତାନ୍ନମିଷବଃ । ତେଭ୍ୟୋ ନମୋଽଧିପତିଭ୍ୟୋ ନମୋ ରକ୍ଷିତୃଭ୍ୟୋ ନମ ଇଷୁଭ୍ୟୋ ନମ ଏଭ୍ୟୋ ଅସ୍ତୁ ଯୋଽସ୍ମାନ୍ ଦ୍ୱେଷ୍ଟି ଯଂ ବୟଂ ଦ୍ୱିଷ୍ମସ୍ତଂ ବୋ ଜମ୍ଭେ ଦଧ୍ମଃ ॥ ୩ ॥**

ଅନାଦିକାଳୁ ବରଣୀୟ । ହେ ସର୍ବଜନ ପୂଜନୀୟ ॥
ପଶ୍ଚିମ ଦିଗର ନାୟକ । ବରୁଣ ରୂପେ ନିୟାମକ ॥
ହୋଇଛ ରକ୍ଷକ ପ୍ରେରକ । ରହିଛ ହୋଇ ଜାଗରୁକ ॥
ଆନନ୍ଦେ ହୋଇ କୃତକୃତ୍ୟ । ଜଣାଉଁ ଆମ ପ୍ରଣିପାତ ॥
ଜ୍ଞାତ ବା ଅଜ୍ଞାତରେ ହେଉ । ହିଂସା ଭାବନା କେ ନ ବହୁ ॥
ମନୁଷ୍ୟ ଜନମ ଦେଇଛ । କାହାକୁ ନ କରିବୁ ଦ୍ୱେଷ ॥
ଶୁଭବେଳାରେ ଏ ମିନତି । ଘେନା ହେଉ ହେ ବିଶ୍ୱପତି ! ॥୩॥

ହେ ବରଣୀୟ ବିଭୋ ! ଆପଣ ପଶ୍ଚିମ ଦିଗରେ ବରୁଣ ରୂପରେ ଆମର ଆଦର୍ଶ, ରକ୍ଷକ ଓ ପ୍ରେରକ ଅଟନ୍ତି । ଏଥିପାଇଁ ଆମ୍ଭେ ଆପଣଙ୍କୁ ନମସ୍କାର ଜଣାଉଛୁ । ହେ ସର୍ବରକ୍ଷକ ! ଏହି ପଶ୍ଚିମଦିଗରୁ କୌଣସିପ୍ରାଣୀ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ଆମ୍ଭମାନଙ୍କ ପ୍ରତି କୌଣସି ପ୍ରକାର ଶତ୍ରୁତା ଆଚରଣ କରନ୍ତୁ ନାହିଁ । ଆମ୍ଭେମାନେ ମଧ୍ୟ କେବେ କାହାରିପ୍ରତି କୌଣସି ପ୍ରକାର ଦ୍ୱେଷଭାବ ପୋଷଣ କରିବୁ ନାହିଁ ॥୩॥

**ଓ୩ମ୍ ଉଦୀଚୀ ଦିକ୍‌ସୋମୋଽଧିପତିଃ ସ୍ୱଜୋ ରକ୍ଷିତାଶନିରିଷବଃ । ତେଭ୍ୟୋ ନମୋଽଧିପତିଭ୍ୟୋ ନମୋ ରକ୍ଷିତୃଭ୍ୟୋ ନମ ଇଷୁଭ୍ୟୋ ନମ ଏଭ୍ୟୋ ଅସ୍ତୁ ଯୋଽସ୍ମାନ୍ ଦ୍ୱେଷ୍ଟି ଯଂ ବୟଂ ଦ୍ୱିଷ୍ମସ୍ତଂ ବୋ ଜମ୍ଭେ ଦଧ୍ମଃ ॥ ୪ ॥**

ସଚ୍ଚିଦାନନ୍ଦମୟ ବିଭୁ । ସକଳ-ଜନ ପୂଜ୍ୟ ପ୍ରଭୁ ॥
ଉତ୍ତର ଦିଗରେ ତୁମେହିଁ । ସୋମ ରୂପରେ ଅଛ ରହି ॥
ଦିବ୍ୟ ପ୍ରକାଶ କର ଦାନ । ଜଗତେ ତୁମେ ହିଁ ମହାନ ॥



ରକ୍ଷକ ପ୍ରେରକ ହୋଇଛ । ନୀତି ନୟମେ ଚଳାଉଛ ॥
ତା'ପାଇଁ ଆମରି ନମନ । ବାରେ ସୁଦୟା ବହି ଘେନ ॥
ଜ୍ଞାତ ଅଜ୍ଞାତ ଅବସ୍ଥାରେ । ଇତର ପ୍ରାଣୀ ଆମଠାରେ ॥
ବହନ୍ତୁ ନାହିଁ ଦ୍ୱେଷ ଭାବ । ପ୍ରେରଣା ସେପରିହିଁ ଦେବ ॥
ଦିବସ ବା ରଜନୀ ହେଉ । ଆମ ମନୁଷ୍ୟପଣ ରହୁ ॥
ଦ୍ୱେଷଭାବ ନ ଆଚରିବୁ । କର୍ତ୍ତବ୍ୟେ ନିମଜ୍ଜି ରହିବୁ ॥
ଦିଅ ସେପରି ସଦବୁଦ୍ଧି । ମାଗୁଛୁ କରୁଣା ବାରିଧି ॥୪॥

ଶାନ୍ତିସ୍ୱରୂପ ହେ ସଚ୍ଚିଦାନନ୍ଦ ! ଆପଣ ଉତ୍ତର ଦିଗରେ ସୋମରୂପରେ ଅବସ୍ଥାନ କରି ଆମର ଆଦର୍ଶ ରକ୍ଷକ ଓ ପ୍ରେରକ ହୋଇଛନ୍ତି । ଏଥିପାଇଁ ଆପଣଙ୍କୁ ଆମ୍ଭେ ନମସ୍କାର ଜଣାଉଛୁ । ହେ ସର୍ବରକ୍ଷକ ! ଉତ୍ତର ଦିଗରୁ କୌଣସି ପ୍ରାଣୀ ଜ୍ଞାତ ବା ଅଜ୍ଞାତସାରରେ ଆମ୍ଭମାନଙ୍କ ପ୍ରତି ଶତ୍ରୁତା ଆଚରଣ କରନ୍ତୁ ନାହିଁ । ଆମ୍ଭେମାନେ ମଧ୍ୟ କେବେ କାହାରିପ୍ରତି କୌଣସି ପ୍ରକାର ଦ୍ୱେଷ ଭାବନା ପୋଷଣ କରିବୁ ନାହିଁ ॥୪॥

**ଓ୩ମ୍ ଧ୍ରୁବା ଦିଗ୍‌ବିଷ୍ଣୁରଧିପତିଃ କଲ୍‌ମାଷଗ୍ରୀବୋ ରକ୍ଷିତା ବୀରୁଧ ଇଷବସ୍ତେଭ୍ୟୋ ନମୋଽଧିପତିଭ୍ୟୋ ନମୋ ରକ୍ଷିତୃଭ୍ୟୋ ନମ ଇଷୁଭ୍ୟୋ ନମ ଏଭ୍ୟୋ ଅସ୍ତୁ । ଯୋ୩ସ୍ମାନ୍ ଦ୍ୱେଷ୍ଟି ଯଂ ବୟଂ ଦ୍ୱିଷ୍ମସ୍ତଂ ବୋ ଜମ୍ଭେ ଦଧ୍ମଃ ॥ ୫ ॥**

ଯଜ୍ଞ ସ୍ୱରୂପ ପ୍ରାଣପତି । ନିମ୍ନ ଦେଶର ଅଧିପତି ॥
ବିଷ୍ଣୁ ରୂପରେ ବିଦ୍ୟମାନ । ତୁମେ ସତତ ସଚେତନ ॥
ରକ୍ଷକ-ପ୍ରେରକ ବୋଲାଅ । ସଂସାର ସୁଖରେ ଚଳାଅ ॥
ତେଣୁ ଆମର ନମସ୍କାର । ସୁଦୟା ବହି ଘେନା କର ॥
ଜ୍ଞାତସାରେ ବା ଅଜ୍ଞାତରେ । ଜୀବଜଗତ ଆମଠାରେ ॥
ଦ୍ୱେଷ ଭାବନା ନ ବହନ୍ତୁ । ଏତକ କରୁଣା କରନ୍ତୁ ॥
ଲଭିଛୁ ମାନବ ଜନମ । କରିବୁ ଦ୍ୱେଷ ବରଜନ ॥

| | |
|---|---|
| ହେ ଶିବ ! ଏ ଶୁଭ ବେଳାରେ । | ଇଚ୍ଛା ପୂରଣ କରବାରେ ॥୫॥ |

ଯଜ୍ଞସ୍ୱରୂପ ହେ ଜଗଦଧିପତି ! ଆପଣ ନିମ୍ନ ଦେଶରେ ଅର୍ଥାତ୍ ପୃଥିବୀପୃଷ୍ଠରେ ବିଷ୍ଣୁ ରୂପରେ ରହି ଆମର ଆଦର୍ଷ ରକ୍ଷକ ଓ ପ୍ରେରକ ହୋଇଛନ୍ତି । ଏଥିପାଇଁ ଆମ୍ଭେ ଆପଣଙ୍କୁ ନମସ୍କାର ଜଣାଉଛୁ । ହେ ସର୍ବରକ୍ଷକ !ଏହି ସ୍ଥଳ ପ୍ରଦେଶର କୌଣସି ପ୍ରାଣୀ ଜ୍ଞାତ ବା ଅଜ୍ଞାତସାରରେ ଆମ୍ଭମାନଙ୍କ ପ୍ରତି କେବେ ଶତ୍ରୁତା ଆଚରଣ କରନ୍ତୁ ନାହିଁ । ଆମ୍ଭେମାନେ ମଧ୍ୟ କେବେ କାହାରିପ୍ରତି କୌଣସି ପ୍ରକାର ଦ୍ୱେଷ ଭାବନା ପୋଷଣ କରିବୁ ନାହିଁ ॥୫॥

**ଓ୩ମ୍ ଊର୍ଦ୍ଧ୍ୱା ଦିଗ୍‌ବୃହସ୍ପତିରଧିପତିଃ ଶ୍ୱିତ୍ରୋ ରକ୍ଷିତା ବର୍ଷମିଷବଃ । ତେଭ୍ୟୋ ନମୋଽଧିପତିଭ୍ୟୋ ନମୋ ରକ୍ଷିତୃଭ୍ୟୋ ନମ ଇଷୁଭ୍ୟୋ ନମ ଏଭ୍ୟୋ ଅସ୍ତୁ । ଯୋଽସ୍ମାନ୍ ଦ୍ୱେଷ୍ଟି ଯଂ ବୟଂ ଦ୍ୱିଷ୍ମସ୍ତଂ ବୋ ଜମ୍ଭେ ଦଧ୍ମଃ ॥ ୬ ॥**

(ଅଥର୍ବ କା.୩ ସୂ.୨୭ ମ.୧ରୁ୬)

| | |
|---|---|
| ତୁମେ ହିଁ ବାଣୀ ଅଧିପତି । | ମହାକାଶର ବୃହସ୍ପତି ॥ |
| ରୂପେ ସର୍ବଦା ରହିଅଛ । | ଦିବ୍ୟ ପ୍ରକାଶ ବିତରୁଛ ॥ |
| ଆଦର୍ଶ ରକ୍ଷକ-ପ୍ରେରକ । | ଏକାକୀ ତୁମେ ଜାଗରୂକ ॥ |
| ତା’ପାଇଁ କରୁ ନମସ୍କାର । | ଆଉ କି ଅଛି ବା ଆମର ॥ |
| ଜଣି ବା ନ ଜାଣି ପରାଣୀ । | ହିଂସା-ଦ୍ୱେଷ ନ ବଢୁ ପୁଣି ॥ |
| ଆମକୁ ସୁଜ୍ଞାନ ଦେଇଛ । | କା ପ୍ରତି ନ କରିବୁ ଦ୍ୱେଷ ॥ |
| ଆମରି ଆକୂଳ ଜଣାଣ । | ବାରେ ତା ଭାବଗ୍ରାହୀ ଘେନ ।୬। |

ହେ ବାଣୀର ଅଧିପତି ! ଆପଣ ଊର୍ଦ୍ଧ୍ୱଦେଶ ଅର୍ଥାତ୍ ମହାକାଶରେ ବୃହସ୍ପତି ରୂପେ ଅବସ୍ଥାନ କରି ଆମର ଆଦର୍ଷ ରକ୍ଷକ ଓ ପ୍ରେରକ ହୋଇଅଛ । ଏଥିପାଇଁ ଆପଣଙ୍କୁ ଆମ୍ଭେ ନମସ୍କାର ଜଣାଉଛୁ । ହେ ସର୍ବରକ୍ଷକ ! ଏହି ମହାକାଶରୁ କୌଣସି ପ୍ରାଣୀ ଜ୍ଞାତ ବା ଅଜ୍ଞାତସାରରେ ଆମ୍ଭମାନଙ୍କ ପ୍ରତି କେବେ ମଧ୍ୟ ଶତ୍ରୁତା ଆଚରଣ କରନ୍ତୁ ନାହିଁ । ଆମ୍ଭେମାନେ ମଧ୍ୟ କେବେ କାହାରିପ୍ରତି କୌଣସି ପ୍ରକାର ଦ୍ୱେଷ



ଭାବନା ପୋଷଣ ନାହିଁ ।୬।

ହେ ସର୍ବାଗ୍ରଗଣ୍ୟ ଅଗ୍ରଗାମୀ ପ୍ରଭୋ ! ପ୍ରଥମେ ପୂର୍ବ ଅର୍ଥାତ୍ ପ୍ରଗତି ଦିଗରୁ ମୋର ପରିକ୍ରମା ଆରମ୍ଭ ହୋଇ ଊର୍ଦ୍ଧ୍ୱ ଦେଶରେ ଅର୍ଥାତ୍ ଅଭିଳଷିତ ସ୍ଥଳୀରେ ସମାପ୍ତି ହୋଇଛି । ଆପଣଙ୍କ ଅପାର କରୁଣା ବାରି ଲାଭକରି ପ୍ରତ୍ୟେକ ସ୍ଥଳରେ ମୁଁ ଆପଣଙ୍କ ସର୍ବରକ୍ଷକ ଓ ସର୍ବପ୍ରେରକ ରୂପ ଦେଖି ଅତ୍ୟନ୍ତ ମୁଗ୍ଧ ଓ କୃତକୃତ୍ୟ ହୋଇଅଛି । ପରିକ୍ରମାରେ ମୋର କୌଣସି ପ୍ରକାର ବିଚ୍ୟୁତି ଘଟିନାହିଁ, ଏହା ମୁଁ ଉପଲବ୍ଧି କରୁଛି । ତେଣୁ ମୁଁ ପଥଭ୍ରଷ୍ଟ ହୋଇନାହିଁ । ଜଗତର ସମସ୍ତଙ୍କ ପ୍ରତି ଏପରିକି ଶତ୍ରୁ-ମିତ୍ର, ଉପକାରୀ-ଅପକାରୀ ନିର୍ବିଶେଷରେ ସଭିଙ୍କ ପ୍ରତି ସଦିଚ୍ଛା, ଶୁଭେଚ୍ଛା ଜଣାଇବାରେ ତିଳେମାତ୍ର ଅବହେଳା ବା କୁଣ୍ଠାବୋଧ କରିନାହିଁ । ପ୍ରତିବଦଳରେ ସେମାନେ ସମସ୍ତେ ମଧ୍ୟ ମୋତେ ଶୁଭାଶୀର୍ବାଦ ପ୍ରଦାନ କରିବାରେ ଅବହେଳା କରିନାହାନ୍ତି ।

ଜୀବନର ସର୍ବସ୍ୱ ହେ ସଚ୍ଚିଦାନନ୍ଦ ପ୍ରାଣଧନ ! ବର୍ତ୍ତମାନ ମୋ ହୃଦୟ କନ୍ଦରରେ ପ୍ରେମ ଓ ଆନନ୍ଦର ମନ୍ଦାକିନୀ ଧାରା ପ୍ରବାହିତ ହେବାରେ ଲାଗିଛି । ଅନ୍ତର୍ଯ୍ୟାମି ପ୍ରଭୋ ! ମୋ ହୃଦ୍ଦେଶରେ ଏପରି ଭାବଧାରା ଚିରକାଳପାଇଁ ପ୍ରବାହିତ ହେଉଥାଉ । ସୁଦୟା ପୂର୍ବକ ଆପଣ ମୋତେ ଆପଣଙ୍କ ଅଭୟ, ଦିବ୍ୟ ସୁଖଦାୟୀ କୋଳରେ ସ୍ଥାନ ଦେଇଥାନ୍ତୁ ।

ଉପର୍ଯ୍ୟୁକ୍ତ ଛଅଟି ମନ୍ତ୍ରର ଏକ ସ୍ପଷ୍ଟଚିତ୍ର ନିମ୍ନରେ ଉଲ୍ଲେଖ କରାଯାଇଛି।ଯାହିଁରୁ ସମସ୍ତ ମନ୍ତ୍ରର ଏକ ସ୍ପଷ୍ଟଚିତ୍ର ବା ଧାରଣା ଉପାସକଙ୍କ ମାନସପଟରେ ଅଙ୍କିତ ହୋଇ ରହିଯିବ ।

| କ୍ରମାଙ୍କ | ଦିଗ | ଅଧିପତି | କାହିଁରୁ ରକ୍ଷା କରେ | ସାଧନ |
|---|---|---|---|---|
| ୧ | ପୂର୍ବ | ଅଗ୍ନି | ଅସିତଃ= ଅନ୍ଧକାରରୁ | ସୂର୍ଯ୍ୟକିରଣ |
| ୨ | ଦକ୍ଷିଣ | ଇନ୍ଦ୍ର | ବକ୍ରଗତିରେ ଚଳମାନ ସର୍ପାଦିଙ୍କଠାରୁ | ଚନ୍ଦ୍ରକିରଣ |
| ୩ | ପଶ୍ଚିମ | ବରୁଣ | ବିଷାକ୍ତ ଜୀବଜନ୍ତୁଙ୍କଠାରୁ | ଘୃତ |
| ୪ | ଉତ୍ତର | ସୋମ | ନିଜେ ନିଜେ ଉତ୍ପନ୍ନ ହେଉଥିବା କୀଟାଦିଠାରୁ | ବିଦ୍ୟୁତ୍ |
| ୫ | ଅଧଃ ପ୍ରଦେଶ | ବିଷ୍ଣୁ | ବିଷାକ୍ତ ବାଷ୍ପ କବଳରୁ | ବୃକ୍ଷଲତା ପ୍ରଭୃତି |
| ୬ | ଊର୍ଦ୍ଧ୍ୱ ପ୍ରଦେଶ | ବୃହସ୍ପତି | ରୋଗମାନଙ୍କ କବଳରୁ | ବର୍ଷାଜଳ |

**ତୃତୀୟ କର୍ତ୍ତବ୍ୟ**

## ଅଥୋପସ୍ଥାନ ମନ୍ତ୍ରାଃ

(ଉପସ୍ଥାନ ମନ୍ତ୍ର ନାମରେ ଅଭିହିତ ନିମ୍ନୋକ୍ତ ମନ୍ତ୍ରଚତୁଷ୍ଟୟକୁ ପାଠକରି ଉପାସକ ଅତ୍ୟନ୍ତ ପ୍ରେମବିହ୍ୱଳ ଓ ଭାବବିହ୍ୱଳ ହୋଇ ଅନୁଭବ କରିବେ ବା ବିଗ୍ୱଧାରା ପୋଷଣ କରିବେ ଯେ ବର୍ତ୍ତମାନ ମୁଁ ପରମାତ୍ମାଙ୍କ ଯେତିକି ନିକଟରେ ତା'ଠାରୁ ପରମାତ୍ମା ମୋର ଅଧିକ ନିକଟରେ ବିଦ୍ୟମାନ ।)



**ଓଁ ଉଦ୍ୱୟଂ ତମସସ୍ପରି ସ୍ୱଃ ପଶ୍ୟନ୍ତ ଉତ୍ତରମ୍ । ଦେବଂ ଦେବତ୍ରା ସୂର୍ଯ୍ୟମଗନ୍ମ ଜ୍ୟୋତିରୁତ୍ତମମ୍ ॥ ୧ ॥** (ଯଜୁ ଅ.୩୫-ମ.୧୪)

ତୁମେ ଯେ ସର୍ବାନନ୍ଦଦାତା । ସଭିଙ୍କ କରତା ବିଧାତା ॥
ପ୍ରଳୟ ପୂର୍ବୁ ତୁମେ ଥିଲ । ତୁମରି ନିୟମ ଅଟଳ ॥
ପ୍ରଳୟ ପରେ ବର୍ତ୍ତମାନ । ସର୍ବଦା ତୁମେ ବିଦ୍ୟମାନ ॥
ସଂସାର ସାରା ତୁମ ଜ୍ୟୋତି । ସର୍ବତ୍ର ପ୍ରକାଶିତ ନିତି ॥
ତୁମେ ହିଁ ଆନନ୍ଦ ସ୍ୱରୂପ । ଅଜ୍ଞାନାନ୍ଧକାରର ଦୀପ ॥
ଜଡ଼ ପ୍ରକୃତିଠାରୁ ଭିନ୍ନ । ରହିଛ ହୋଇ ସଚେତନ ॥
ସଚରାଚର ଅଧିଷ୍ଠାତା । ସତରେ ତୁମେ ସର୍ବଜ୍ଞାତା ॥
ତୁମରି ପ୍ରକୃତ ସ୍ୱରୂପ । ମୋ ହୃଦେ ହେଉ ପ୍ରତିଭାତ ।୧।

ସ୍ୱପ୍ରକାଶ ସ୍ୱରୂପ, ସର୍ବୋତ୍ତମ, ଅନନ୍ତ ଦିବ୍ୟଗୁଣଯୁକ୍ତ, ସର୍ବାନନ୍ଦଦାତା, ପ୍ରଳୟ ପରେ ମଧ୍ୟ ନିତ୍ୟ ବିରାଜମାନ, ଆନନ୍ଦସ୍ୱରୂପ, ଅଜ୍ଞାନାନ୍ଧକାର ଓ ଜଡ଼ ପ୍ରକୃତିଠାରୁ ପୃଥକ୍, ସଚରାଚରର ଆତ୍ମାସ୍ୱରୂପ ସେହି ପରମେଶ୍ୱରଙ୍କୁ ଜାଣି, ତାଙ୍କୁ ପାଇବା ସକାଶେ ଆମ୍ଭେମାନେ ତାଙ୍କରି ହିଁ ଶରଣାପନ୍ନ ହେଉଛୁ ।୧।

**ଓଁ ଉଦୁତ୍ୟଂ ଜାତବେଦସଂ ଦେବଂ ବହନ୍ତି କେତବଃ । ଦୃଶେ ବିଶ୍ୱାୟ ସୂର୍ଯ୍ୟମ୍ ॥ ୨ ॥** (ଯଜୁ ଅ.୩୩-ମ.୩୧)

ଏ ସୃଷ୍ଟି ତୁମରି ସର୍ଜନା । ଅନ୍ୟ କେ ନାହିଁ ତୁମ୍ଭ ବିନା ॥
ସୂକ୍ଷ୍ମାତିସୂକ୍ଷ୍ମ ବା ମହାନ । ଦୃଶ୍ୟ ଅଦୃଶ୍ୟ ବସ୍ତୁମାନ ॥
ସର୍ବତ୍ର ନିବାସ ତୁମର । ଏ ଭାବ ରହୁ ନିରନ୍ତର ॥
ଅଖିଳ ବ୍ରହ୍ମାଣ୍ଡ ମଧ୍ୟରେ । ଯାକିଛି ଅଛି ଚରାଚରେ ॥
ସେସବୁ ତୁମରି କେତନ । ଉଡ଼ନ୍ତି ହର୍ଷେ ରାତି-ଦିନ ॥
ତୁମରି ମହିମା ଅପାର । ଦେବେ ଦାନବେ ଅଗୋଚର ।୨।

ହେ ବିଶ୍ୱାତ୍ମନ୍ ! ଆପଣ ସର୍ଜନା କରିଥିବା ଏହି ସୃଷ୍ଟିର ପ୍ରତ୍ୟେକ

ଅଣୁପରମାଣୁଠାରୁ ଆରମ୍ଭ କରି ପ୍ରତ୍ୟେକ ପଦାର୍ଥରେ ଆପଣଙ୍କ ଅପାର ବିଭବର ପ୍ରତିଛବି ପ୍ରତିଫଳିତ ହୋଇ ରହିଛି । ହେ ବେଦବାଣୀ ସମୂହର ସର୍ଜକ ! ବିଶ୍ୱ ବ୍ରହ୍ମାଣ୍ଡର କୋଣ ଅନୁକୋଣରେ ଆପଣଙ୍କ ବିଜୟ-ବୈଜୟନ୍ତୀ ଦୃଷ୍ଟିପଥାରୂଢ଼ ହେବାରେ ଲାଗିଛି ।୨।

(ଦୃଶ୍ୟମାନ ପ୍ରତ୍ୟେକ ପଦାର୍ଥ ଆପଣଙ୍କ ପତାକାପରି ପ୍ରତୀୟମାନ ହେଉଛି । ଅର୍ଥାତ୍ ପତାକା ଯେପରି ନିର୍ଦ୍ଦିଷ୍ଟ ସ୍ଥାନ ଓ ନିର୍ଦ୍ଦିଷ୍ଟ ଧାରଣା ବୋଧ କରାଇଥାଏ, ଠିକ୍ ସେହିପରି ସଂସାରର ଯାବତୀୟ ପଦାର୍ଥ ଅର୍ଥାତ୍ ଚନ୍ଦ୍ର-ସୂର୍ଯ୍ୟ-ନକ୍ଷତ୍ର, ନଦ-ନଦୀ, ପାହାଡ଼-ପର୍ବତ ପ୍ରଭୃତି ସେମାନଙ୍କ ରଚୟିତା ପରମପ୍ରିୟ ପ୍ରଭୁଙ୍କୁ ହିଁ ବୋଧ କରାଇ ଦେଉଛନ୍ତି) ।

**ଓଁ ଚିତ୍ରଂ ଦେବାନାମୁଦଗାଦନୀକଂ ଚକ୍ଷୁର୍ମିତ୍ରସ୍ୟ ବରୁଣସ୍ୟାଗ୍ନେଃ ।ଆ ପ୍ରା ଦ୍ୟାବାପୃଥିବୀଃ ଅନ୍ତରିକ୍ଷଂ ସୂର୍ଯ୍ୟଃ ଆତ୍ମା ଜଗତସ୍ତସ୍ଥୁଷଶ୍ଚ ସ୍ୱାହା ॥ ୩ ॥**

(ଯଜୁ ଅ.୭-ମ.୪୨)

ଦେବାଧିଦେବ ମହାଦେବ । ବୈଚିତ୍ର୍ୟମୟ ସୃଷ୍ଟି ତବ ॥
ସେସବୁ ହୃଦୟାକାଶରେ । ପ୍ରକାଶ ପାଉ ନିରନ୍ତରେ ॥
ତୁମ ଅସୀମ ତେଜ ଲଭି । ବାୟୁ-ସଲିଳ-ଶଶୀ-ରବି ॥
ପୃଥିବୀ ଆକାଶ ଅନଳ । ପୁଣି ଯେ ଲୋକ ଲୋକାନ୍ତର ॥
ତୁମରି ପ୍ରଣୀତ ନିୟମ । କେହି ନ କରେ ଉଲ୍ଲଂଘନ ॥
ତୁମରି ସେ କୃତି ସକଳ । ବ୍ୟାପି ରହିଛି ଭୂମଣ୍ଡଳ ॥
କୃତଜ୍ଞତାର ନିଦର୍ଶନ । ସ୍ୱରୂପ କରୁଛି ନମନ ।୩।

ହେ ପରମପ୍ରିୟ ପରମାତ୍ମନ୍ ! ଆପଣଙ୍କ ବୈଚିତ୍ର୍ୟ ଆମ୍ଭମାନଙ୍କ ହୃଦୟାକାଶରେ ସଦାସର୍ବଦା ପ୍ରକାଶିତ ହେଉ । ଆପଣଙ୍କ ଅଲଂଘ୍ୟ ଅସୀମ ତେଜକୁ ଲାଭକରି ବାୟୁ-ଜଳ-ଅଗ୍ନି-ସୂର୍ଯ୍ୟ-ଚନ୍ଦ୍ର ପ୍ରଭୃତି ଦିବ୍ୟଶକ୍ତିରେ ପ୍ରକାଶିତ ହୋଇଥାନ୍ତି । ପୃଥିବୀ, ଆକାଶ ତଥା ଲୋକଲୋକାନ୍ତରରେ ଆପଣଙ୍କ ଅପରିବର୍ତ୍ତିତ ଅଖଣ୍ଡ



ନିୟମମାନ ଚିରକାଳ ବିସ୍ତାରିତ ହୋଇ ରହିଛି । ହେ ସକଳ ବିଶ୍ୱ ବ୍ରହ୍ମାଣ୍ଡର ଆତ୍ମଦେବ ! କୃତଜ୍ଞତାର ନିଦର୍ଶନ ସ୍ୱରୂପ କେବଳ ଏହି ପ୍ରାର୍ଥନାହିଁ କରୁଛୁ ।୩।

**ଓଁ ତଚ୍ଚକ୍ଷୁର୍ଦେବହିତଂ ପୁରସ୍ତାଚ୍ଛୁକ୍ରମୁଚ୍ଚରତ୍ । ପଶ୍ୟେମ ଶରଦଃ ଶତଂ ଜୀବେମ ଶରଦଃ ଶତଂ ଶୃଣୁୟାମ ଶରଦଃ ଶତଂ ପ୍ର ବ୍ରବାମ ଶରଦଃ ଶତମଦୀନାଃ ସ୍ୟାମ ଶରଦଃ ଶତଂ ଭୂୟଶ୍ଚ ଶରଦଃ ଶତାତ୍ ॥ ୪ ॥** (ଯଜୁ ଅ. ୩୬-ମ.୨୪)

ଅଖିଳ ବ୍ରହ୍ମାଣ୍ଡ କରତା । ତୁମେ ହିଁ ଏକା ଦୂରଦ୍ରଷ୍ଟା ॥
ଧାର୍ମିକ ପରୋପକାରକ । ସଭିଙ୍କ ହେ ହିତକାରକ ! ॥
ସୃଷ୍ଟି ପୂର୍ବରୁ ଥିଲ ତୁମେ । ଅଦ୍ୟାପି ରହିଛ ଭୁବନେ ॥
ଯେ ମଧ୍ୟବର୍ତ୍ତୀ କାଳ ଥିଲା । ତୁମ ଅସ୍ତିତ୍ୱ ରହିଥିଲା ॥
ତୁମ କରୁଣା-କଣା ଲଭି । ତରିବୁ ସଂସାର ବାରିଧି ॥
ନୟନେ ଦେଖିବା ଶକତି । କର୍ଣ୍ଣରେ ଶ୍ରବଣ ଶକତି ॥
ବାକ୍ଶକ୍ତି ଆଘ୍ରାଣ ଶକତି । ସର୍ବଶ୍ରେଷ୍ଠ ସେ ପ୍ରାଣଶକ୍ତି ॥
ଶତ ବରଷ ପରିଯନ୍ତ । ରହନ୍ତୁ ହୋଇ ବଳବନ୍ତ ॥
ତୁମ ଅପାର ଦୟାଲଭି । ଶତରୁ ଅଧିକ ଅବଧି ॥
ତୁମ୍ଭ ମହିମା କରି ଗାନ । ସାନନ୍ଦେ ବିତିଯାଉ ଦିନ ।୪।

ଯେଉଁ ବ୍ରହ୍ମ ସର୍ବଦ୍ରଷ୍ଟା, ଧାର୍ମିକ, ବିଦ୍ୱାନ୍, ଉପାସକମାନଙ୍କର ପରମ ହିତକାରୀ, ସେ ସୃଷ୍ଟିପୂର୍ବରୁ, ସୃଷ୍ଟିର ପରବର୍ତ୍ତୀ ଓ ମଧ୍ୟାବଧିରେ ମଧ୍ୟ ସଦୈବ ବିଦ୍ୟମାନ ଥାଇ, ସକଳ ବିଶ୍ୱ ବ୍ରହ୍ମାଣ୍ଡକୁ ପରିଚାଳନା କରିଥାନ୍ତି । ତାଙ୍କରି ଅପାର କରୁଣା-କଣା ଲାଭକରି ଆମ୍ଭମାନଙ୍କ ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି, ବାକ୍ଶକ୍ତି ତଥା ଜୀବନୀଶକ୍ତି ଶତବର୍ଷ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ହୋଇ ରହୁ । ଶତବର୍ଷ ପର୍ଯ୍ୟନ୍ତ ନିର୍ଭୀକ ଓ ସ୍ୱାଧୀନ ଜୀବନ ଲାଭ ହେଉ । ସେହି ପ୍ରଭୁଙ୍କ ଆଜ୍ଞାକୁ ପାଳନ କରିବାପାଇଁ, ତାଙ୍କରି ଦୟାରୁ ଉପରୋକ୍ତ ଶକ୍ତିସାମର୍ଥ୍ୟ ଶତାଧିକ ବର୍ଷ ପର୍ଯ୍ୟନ୍ତ ଆମ୍ଭମାନଙ୍କର ଲାଭ ହେଉ ।୪।

(ସର୍ବୋତ୍ପାଦକ ସେହି ଏକମାତ୍ର ପରମେଶ୍ୱର ହି ହେଉଛନ୍ତି ସମସ୍ତଙ୍କର ଉପାସ୍ୟ ଦେବ । ଯେଉଁମାନେ ତାଙ୍କୁ ପରିତ୍ୟାଗ କରି ଅନ୍ୟ କାହାକୁ ଉପାସନା କରନ୍ତି, ସେମାନେ ପଶୁତୁଲ୍ୟ ଜୀବନ ଯାପନ କରି, ଚିରକାଳ ପର୍ଯ୍ୟନ୍ତ ଦୁଃଖ ଭୋଗ କରିଥାନ୍ତି । ତେଣୁ ଭକ୍ତିଭାବରେ ବିହ୍ୱଳିତ ହୋଇ ନିଜ ନିଜର ଆତ୍ମା, ମନ ତଥା ହୃଦୟକୁ ପରମେଶ୍ୱରଙ୍କ ସହିତ ସଂଯୁକ୍ତ କରି, ପ୍ରୋକ୍ତ ମନ୍ତ୍ର ମାଧ୍ୟମରେ ସ୍ତୁତି, ପ୍ରାର୍ଥନା କରିବାକୁ ହେବ) ।

ଉପର୍ଯ୍ୟୁକ୍ତ ମନ୍ତ୍ରରେ ପରମେଶ୍ୱରଙ୍କ ରୂପ, ଗୁଣ ସବୁକୁ ହୃଦୟରେ ହୃଦୟଙ୍ଗମ କରି ପୁଣିଥରେ "ଶନ୍ନୋ ଦେବୀରଭିଷ୍ଟୟ" ମନ୍ତ୍ରପାଠ କରି ତିନିଥର ଆଚମନ କରିବାକୁ ହେବ ।୯।

## ଅଥ ଗୁରୁମନ୍ତ୍ରଃ

**ଓ୩ମ୍ ଭୂର୍ଭୁବଃ ସ୍ୱଃ । ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି । ଧିୟୋ ୟୋ ନଃ ପ୍ରଚୋଦୟାତ୍ ॥**

(ଯଜୁ ଅ.୩୬-ମ.୩)

ପ୍ରାଣପ୍ରଦାତା, ସଙ୍କଟତ୍ରାତା, ହେ ସୁଖ ଦାତା ଓମ୍ ଓମ୍ ।
ସବିତାମାତା, ପିତାବରେଣ୍ୟ, ଭଗବନ୍ ଭ୍ରାତା ଓମ୍ ଓମ୍ ।
ତବ ଶୁଦ୍ଧ ସ୍ୱରୂପ, କରେ ନିତ୍ୟ ଧ୍ୟାନ, ଧାରଣ ଧାତା ଓମ୍ ଓମ୍ ।
ପ୍ରଜ୍ଞା ପ୍ରେରିତ, କର ସୁକର୍ମରେ, ବିଶ୍ୱ-ବିଧାତା ଓମ୍ ଓମ୍ ।୧୦।

(ଏହି ମନ୍ତ୍ରର ବିଶଦାର୍ଥ ସନ୍ଧ୍ୟୋପାସନାର ପ୍ରାରମ୍ଭରେ ଦିଆଯାଇଛି । ଗଭୀରଭାବେ ମନ୍ତ୍ରାର୍ଥ ବିଗ୍ଭର ପୂର୍ବକ ଏହି ମନ୍ତ୍ରକୁ ଅନ୍ୟୂନ ତିନିଥର ଜପ କରିବାକୁ ହେବ । ଉପାସକ ଭକ୍ତି ଗଦ୍‌ଗଦ୍ ଚିତ୍ତରେ ଅନ୍ତଃକରଣରେ ପ୍ରଭୁଙ୍କ ଅତ୍ୟନ୍ତ ନିକଟରେ ରହି, ବୁଦ୍ଧି, ପ୍ରଜ୍ଞା ତଥା ଅର୍ଯ୍ୟୋଚିତ ତେଜଃ ପ୍ରଦାନ ପାଇଁ ଆକୁଳ ପ୍ରାର୍ଥନା କରିବେ । ନିଜ ଆଚରଣକୁ ମଧ୍ୟ ତଦନୁକୂଳ କରିବାପାଇଁ ପ୍ରଗାଢ଼ ପ୍ରଯତ୍ନ କରିବେ । ସମୟ ଓ ସୁଯୋଗକୁ ଗ୍ଭହିଁ ତିନିଥରରୁ ଅଧିକ ଥର ମଧ୍ୟ ମନ୍ତ୍ରୋଚ୍ଚାରଣ କରିବା ସେପରି



ଦୋଷାବହ ନୁହେଁ) ।୧୦।

## ଅଥ ସମର୍ପଣମ୍

(ବର୍ତ୍ତମାନ ପର୍ଯ୍ୟନ୍ତ ଆବୃତ୍ତ, ସମସ୍ତ ମନ୍ତ୍ରର ଅର୍ଥ ସହିତ ସେହି ସର୍ବାନ୍ତର୍ଯ୍ୟାମୀଙ୍କ ସମ୍ୟକ୍ ଉପାସନା କରି, ଉପାସକ ନିମ୍ନୋକ୍ତ ମନ୍ତ୍ରପାଠ କରି ତାଙ୍କ ନିକଟରେ ନିଜକୁ ଏକାବେଳକେ ସମର୍ପଣ କରିଦେବେ) ।

**ହେ ଈଶ୍ୱର ଦୟାନିଧେ ! ଭବତ୍କୃପୟାଽନେନ ଜପୋପାସନାଦିକର୍ମଣା ଧର୍ମାର୍ଥକାମମୋକ୍ଷାଣାଂ ସଦ୍ୟଃ ସିଦ୍ଧିର୍ଭବେନ୍ନଃ ॥୧୧।**

| | |
|---|---|
| ପରମ କାରୁଣିକ ତୁମେ । | ତୁମ କରୁଣା ଲଭି ଆମେ ॥ |
| ପ୍ରତ୍ୟହ ଧର୍ମ ଆଚରିବୁ । | ଜପୋପାସନା କରୁଥିବୁ ॥ |
| ସନ୍ଧ୍ୟା କରିବୁ ସନ୍ଧିକାଳେ । | ହେଳା ନ କରି ଅବହେଳେ ॥ |
| ଧରମ-ଅର୍ଥ-କାମ-ମୋକ୍ଷ । | ତୁମ୍ଭ ଦୟାରୁ ହେଉ ଲାଭ ॥ |
| ଚତୁର୍ବର୍ଗର ଅଧିକାରୀ । | ଆମକୁ କର ଦୟା କରି ॥ |
| ଆନନ୍ଦେ ବିତାଇବୁ ଦିନ । | ସଫଳ ହୋଇବ ଜନମ ।୧୧। |

ହେ ପରମ କାରୁଣିକ, ପରମେଶ୍ୱର ! ଆମ୍ଭେମାନେ ପ୍ରତ୍ୟହ ନିୟମିତ ରୂପେ ଜପ ଉପାସନାଦି ଶୁଭ କର୍ମମାନ ଆଚରଣ କରି, ଆପଣଙ୍କ ମହତୀ ଅନୁକମ୍ପାରୁ ଶୀଘ୍ରାତିଶୀଘ୍ର ଧର୍ମ-ଅର୍ଥ-କାମ-ମୋକ୍ଷ ଏହି ଚତୁର୍ବର୍ଗର ଅଧିକାରୀ ହେଉଁ ।୧୧।

## ଅଥ ନମସ୍କାର୍ ମନ୍ତ୍ରଃ

(ସନ୍ଧ୍ୟୋପାସନାର ଅନ୍ତିମ ଚରଣରେ ନିମ୍ନଲିଖିତ ମନ୍ତ୍ରକୁ ପାଠକରି ପରମପିତା ପରମାତ୍ମାଙ୍କୁ ଭକ୍ତିପୂତ ଓ ବିନୀତଭାବରେ ନିଜର ଭକ୍ତି ଅର୍ଘ୍ୟ ଅର୍ପଣ କରିବେ) ।

**ଓ୩ମ୍ ନମଃ ଶମ୍ଭବାୟ ଚ ମୟୋଭବାୟ ଚ ନମଃ ଶଙ୍କରାୟ ଚ ମୟସ୍କରାୟ ଚ**

**ନମଃ ଶିବାୟ ଚ ଶିବତରାୟ ଚ ।୧୨।**

(ଯଜୁ ଅ.୧୬-ମ.୪୧)

ସର୍ବମାନ୍ୟ ହେ ମହେଶ୍ୱର । ଆମରି ମଙ୍ଗଳ ଆଚର ॥
କରିବୁ ପୁଣ୍ୟ ପରମାର୍ଥ । ଲଭିବୁ ପବିତ୍ର ପ୍ରକାଶ ॥
ପାଳନକର୍ତ୍ତା ହେ ଶଙ୍କର । ନମନ କରୁ ବାରମ୍ବାର ॥
ମଙ୍ଗଳ ସ୍ୱରୂପ ଅମର । ଶତ-ସହସ୍ର ନମସ୍କାର ॥
ମହିମାମୟ ତୁମ କୃତି । ଦେଖି ତୁଟିଛି ସର୍ବଭ୍ରାନ୍ତି ॥
ମୋ ଗର୍ବ-ଦର୍ପ ଅହଙ୍କାର । ସେସବୁ ହୋଇଅଛି ଦୂର ॥
ନିଜକୁ ଧନ୍ୟ ମୁଁ ମଣୁଛି । ସର୍ବସ୍ୱ ଅରପି ଦେଉଛି ॥
ଆମକୁ ସତ୍ପଥ ଦେଖାଅ । ଜନମ ସଫଳ କରାଅ ।୧୨।

ହେ ସୁଖସ୍ୱରୂପ, ସାଂସାରିକ ସକଳ ସୁଖଦାତା ! ଆପଣଙ୍କୁ ଭକ୍ତିପୂତ ନମସ୍କାର । ହେ ମୋକ୍ଷ ସ୍ୱରୂପ ଅନ୍ନଦାତା ଓ ପାଳନକର୍ତ୍ତା ! ଆପଣଙ୍କୁ ନମସ୍କାର । ହେ ମଙ୍ଗଳସ୍ୱରୂପ ! ମଙ୍ଗଳପ୍ରଦାୟକ ! ଆପଣଙ୍କୁ ନମସ୍କାର । ହେ ଦୟାମୟ ! ଆପଣଙ୍କ ମହନୀୟ ଯାବତୀୟ କୃତିକୁ ଦେଖି, ତଥା ଅପାର ଶକ୍ତିକୁ ଉପଲବ୍ଧି କରି ମୋର ଯାବତୀୟ ଗର୍ବ, ଅହଙ୍କାର ଓ ଅବସାଦ ଦୂରୀଭୂତ ହୋଇଛି । ମୋର ଶୁଭଯାତ୍ରା ସର୍ବାଙ୍ଗସୁନ୍ଦରଭାବେ ସଫଳ ତଥା ସଂପନ୍ନ ହୋଇଛି । ଆପଣଙ୍କ ନିକଟରେ ହୃଦୟର କୃତଜ୍ଞତା ଜ୍ଞାପନ ପାଇଁ ମୋ ନିକଟରେ ଭକ୍ତିର ନିଦର୍ଶନ ସ୍ୱରୂପ ନମସ୍କାର ବ୍ୟତୀତ ଅନ୍ୟ କିଛି ହିଁ ନାହିଁ । ହେ ମଙ୍ଗଳମୟ ! ମୋର ଏହି ଜୀବନ-କଳିକାକୁ ଆପଣଙ୍କ ନିକଟରେ ସମର୍ପଣ କରି ବାରମ୍ବାର ନମସ୍କାର ହିଁ କରୁଅଛି ।୧୨। ଓଂମ୍ ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!! (ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ତ୍ରିବିଧ ଶାନ୍ତି ପ୍ରତିଷ୍ଠିତ ହେଉ)

**ସମାପ୍ତୋଽୟଂ ବ୍ରହ୍ମଯଜ୍ଞଃ ସନ୍ଧ୍ୟୋପାସନା ବିଧିଃ ବା**



(ସାମୂହିକ ସନ୍ଧ୍ୟୋପାସନା ପ୍ରଭୃତିରେ ସମସ୍ତ ମନ୍ତ୍ର ବିଧିବିଧାନର ସହ ଆବୃତ୍ତି କରିବାପରେ, ସମସ୍ତଙ୍କ ପକ୍ଷରେ ସହଜରେ ବୋଧଗମ୍ୟ ହେବାଭଳି ଓଡ଼ିଆ, ସଂସ୍କୃତ ବା ହିନ୍ଦୀ ଭାଷାର ଭଜନାଦି ଗାନ କରିବା ଦ୍ୱାରା ପରିବେଶ ମଧୁମୟ ହୋଇଥାଏ । କେତୋଟି ପ୍ରଚଳିତ ଭଜନ ପୁସ୍ତକର ଶେଷଭାଗରେ ଉଲ୍ଲେଖ କରାଯାଇଛି । ଭଜନ ଗାନ ପାଇଁ ତା'ର ଆଶ୍ରୟ ନେଇପାରନ୍ତି) ।

## ବ୍ରହ୍ମଯଜ୍ଞ ବା ସନ୍ଧ୍ୟୋପାସନାର୍ ବୈଶିଷ୍ଟ୍ୟ

"ସମ୍ ଉପସର୍ଗ" ଧ୍ୟୈ-ଧ୍ୟାନେ ଧାତୁରୁ ସନ୍ଧ୍ୟା ଶବ୍ଦ ନିଷ୍ପନ୍ନ ହୋଇଛି। ସମ୍... ଉତ୍ତମରୂପେ, ଧ୍ୟୈ... ଧ୍ୟାନ କରିବା, ଅର୍ଥାତ୍ ଉତ୍ତମ ରୂପେ ଧ୍ୟାନକରିବାର ନାମ ହେଉଛି ସନ୍ଧ୍ୟା । ଏତଦ୍‌ବ୍ୟତୀତ ଅନ୍ୟ କେତୋଟି ଅର୍ଥ ମଧ୍ୟ ତାର ରହିଛି । ସମ୍ୟକ୍ ତୟା ଧ୍ୟାୟତେ ଯା ସା ସନ୍ଧ୍ୟା । ସମ୍... ଉକ୍ତୃଷ୍ଟୟୈ ଧ୍ୟାୟତେ ଯା ସା... ସନ୍ଧ୍ୟା । ସମ୍... ସନ୍ଧିବେଳାୟାଂ ଧ୍ୟାୟତେ ଯା ସା ସନ୍ଧ୍ୟା । ଅର୍ଥାତ୍ ଉତ୍ତମରୂପେ ଧ୍ୟାନ କରିବାର ନାମ ସନ୍ଧ୍ୟା । ଉନ୍ନତିନିମିତ୍ତ ଓ ସନ୍ଧିସମୟରେ ଧ୍ୟାନ କରାଯାଉଥିବାରୁ ତାକୁ ସନ୍ଧ୍ୟା କୁହାଯାଏ । ଅନ୍ୟ ଅର୍ଥରେ ମିଳନ, ସଂଯୋଗ, ସମ୍ବନ୍ଧ ପ୍ରଭୃତିର ନାମ ସନ୍ଧ୍ୟା । ଉପାସନା ସମୟରେ ଉପାସକର ପରମପିତା ପରମାତ୍ମାଙ୍କ ସହିତି ମିଳନ ହୋଇଥାଏ ବା ସମ୍ବନ୍ଧ ଘଟିଥାଏ । ଦିଓଟି ବସ୍ତୁର ସଂଯୋଗ ସମୟକୁ ସନ୍ଧି କୁହାଯାଏ । ଦିବସ ଓ ରଜନୀର ତଥା ରଜନୀ ଓ ଦିବସର ଅର୍ଥାତ୍ ସାୟଂକାଳ ଓ ପ୍ରାତଃକାଳକୁ ସନ୍ଧିସମୟ କୁହାଯାଏ । ଉଭୟ ସନ୍ଧି ସମୟରେ ଅନୁଷ୍ଠିତ ବା କୃତ ଉପାସନାକୁ ସନ୍ଧ୍ୟା ନାମରେ ଅଭିହିତ କରାଯାଇଛି । "ସନ୍ଧ୍ୟା ତଥା ଉପାସନା" ଏ ଶବ୍ଦଦ୍ୱୟ ସମ୍ମିଳିତ ହୋଇ ସନ୍ଧ୍ୟୋପାସନା ଶବ୍ଦ ସିଦ୍ଧ ହୋଇଛି । ଅନେକ ବ୍ୟକ୍ତି ଦୈନିକ ତ୍ରିସନ୍ଧ୍ୟା ବୋଲି ମତ ଦେଇଥାନ୍ତି । କିନ୍ତୁ ତାତ୍ତ୍ୱିକ ଅର୍ଥ ଦୃଷ୍ଟିରୁ ବିଗ୍ରହ କଲେ "ଦ୍ୱେ ସନ୍ଧ୍ୟେ" ଅର୍ଥାତ୍ ସନ୍ଧ୍ୟା ହେଉଛି ମାତ୍ର ଦିଓଟି ।

ତେବେ ସନ୍ଧ୍ୟାକାଳ ସହିତ ଈଶ୍ୱରୋପାସନାର ବିଧାନ କାହିଁକି କରାଯାଇଛି ? ଏହାର ପ୍ରକୃତ କାରଣ ହେଉଛି... ଦିବସର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟ ହେଉଛି

ଅତ୍ୟନ୍ତ ମନୋହର, ଅତ୍ୟନ୍ତ ଚିତ୍ତାକର୍ଷକ ଓ ଆହ୍ଲାଦଦାୟକ ମଧ୍ୟ । ନଦ-ନଦୀର ସୁମନୋହର ପ୍ରବାହ, ବୃକ୍ଷ-ଲତା ପରିପୂର୍ଣ୍ଣ ଅରଣ୍ୟ ପ୍ରଦେଶ, ସମୁନ୍ନତ ପାହାଡ଼ ପର୍ବତର ଅଦ୍ଭୁତ ମନଲୋଭା ଦୃଶ୍ୟ, ଉଦ୍ୟାନର ରମଣୀୟ, କମନୀୟ ସ୍ଥଳପ୍ରଦେଶ ମାନଙ୍କରେ, ପ୍ରାତଃ ଓ ସାୟଂକାଳୀନ ସୂର୍ଯ୍ୟକିରଣ ପଡ଼ି ଓ ସେତେବେଳେ ସୁଶୀତଳ ମନ୍ଦ ସମୀରଣ ପ୍ରବାହିତ ହୋଇ, ଯେଉଁ ଅପରୂପ ନୈସର୍ଗିକ ଶୋଭା-ସମ୍ପଦ ପରିଦୃଷ୍ଟ ହୁଏ, ବାସ୍ତବିକ୍ ତାହା କବି, ଭାବୁକମାନଙ୍କ ପକ୍ଷରେ ଏକାବେଳକେ ଅବର୍ଣ୍ଣନୀୟ ହୋଇପଡ଼େ । ସେହି ନୈସର୍ଗିକ ଶୋଭାସମ୍ପଦ ଦ୍ୱାରା ଶରୀର ଓ ମନରେ ଯେଉଁ ଦିବ୍ୟଶକ୍ତି ଅନୁଭୂତ ହୁଏ, ତଦ୍ଦ୍ୱାରା ଜନମାନସରେ ଉଦାର ଗମ୍ଭୀର ଭାବ ଉଦ୍ରେକ ହୋଇଥାଏ । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ରମଣୀୟ କାଳରେ ଦିଗନ୍ତ ବିସ୍ତାରୀ ସାଗରର ତଟ ପ୍ରଦେଶରେ ସୂର୍ଯ୍ୟଙ୍କର ଉଦୟ ଓ ଅସ୍ତକାଳୀନ ଦୃଶ୍ୟ ଅବଲୋକନ କଲେ, ସ୍ୱତଃସିଦ୍ଧ ଭାବେ ସୃଷ୍ଟିକର୍ତ୍ତା ଲୀଳାମୟଙ୍କ ଅଦ୍ଭୁତ ଲୀଳାକୌଶଳ, ଚିତ୍ତହରା ରଚନାର ଗୃତୁର୍ଯ୍ୟ ହୃଦୟପ୍ରଦେଶକୁ ଏକାବେଳକେ ଆଲୋଡ଼ିତ କରେ, ଏବଂ ବିଲକ୍ଷଣ ସାମର୍ଥ୍ୟର ବିଗ୍ରହ ଲହରୀରେ ହୃଦୟ ପ୍ରଦେଶ ପରିପ୍ଲାବିତ ହୋଇଯାଏ ।

ଏ ସମସ୍ତ କାରଣ ଯୋଗୁ ଆମର ପ୍ରାଚୀନ ମୁନି, ଋଷି, ମହର୍ଷି ତଥା ମନୀଷୀଗଣ ପ୍ରାତଃ ଓ ସାୟଂକାଳକୁ ଈଶ୍ୱରୋପାସନା ପାଇଁ ପ୍ରକୃଷ୍ଟ ସମୟ ବୋଲି ବିବେଚନା କରି ଅଛନ୍ତି । ଦିବାକାଳ ଯେପରି ଜାଗରଣ ଓ ପରିଶ୍ରମର ସମୟ, ଠିକ୍ ସେହିପରି ନିଶାକାଳ ବିଶ୍ରାମ ବା ନିଦ୍ରାର ସମୟ । ଜାଗରଣର ଠିକ୍ ପର ମୁହୂର୍ତ୍ତରେ କିମ୍ବା ନିଦ୍ରାର ଅବ୍ୟବହିତ ପୂର୍ବରୁ ମନର ଅବସ୍ଥା ଅତ୍ୟନ୍ତ ଶାନ୍ତଶୀଳ ଥାଏ ଓ ମସ୍ତିଷ୍କମଧ୍ୟ ଭାରାକ୍ରାନ୍ତ ହୋଇ ନ ଥାଏ । ଚିନ୍ତାମଗ୍ନ, ବିବ୍ରତ, କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଯେକୌଣସି କାମ ହେଉନା କାହିଁକି ଏକାଗ୍ର ଚିତ୍ତରେ କରିବା ସମ୍ଭବପର ହୁଏ ନାହିଁ । ତେଣୁ ଶାନ୍ତଶୀଳ ସମୟକୁ ଈଶ୍ୱରୋପାସନା ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଇଛି । ସେହି ସମୟରେ ସନ୍ଧ୍ୟା କରିବା ପାଇଁ ଶ୍ରୁତି, ସ୍ମୃତି ପ୍ରଭୃତି ଧର୍ମଶାସ୍ତ୍ରମାନଙ୍କରେ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । କୌଣସି ନୂତନ ବା ଉତ୍ତମ



କାର୍ଯ୍ୟଟିଏ ଆରମ୍ଭ କରିବା ପୂର୍ବରୁ, ଈଶ୍ୱରଙ୍କୁ ପ୍ରାର୍ଥନା, ଜଣାଣ, ଭଜନ, କୀର୍ତ୍ତନ କରି କଲେ, ସେହି କାମ ପ୍ରତି ମନ ମଧ୍ୟରେ ବିପୁଳ ଉତ୍ସାହ, ଅଶେଷ ଧୈର୍ଯ୍ୟ, ଶୌର୍ଯ୍ୟ ଓ ଆନନ୍ଦ ଭାବ ଜାତ ହୋଇଥାଏ । ସେପରି ସୁଖ-ଶାନ୍ତି, ଉତ୍ସାହ ଓ ଧୈର୍ଯ୍ୟ ଈଶ୍ୱରୋପାସନା ବ୍ୟତୀତ, ଅନ୍ୟ କୌଣସି ସାଂସାରିକ ଭୋଗ୍ୟ ପଦାର୍ଥଦ୍ୱାରା ଲାଭ କରାଯାଇ ନ ପାରେ । ତେଣୁ ସୂର୍ଯ୍ୟୋଦୟର ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟା ତ୍ୟାଗ କରି ନିଜ ନିଜ ଶୌଚ ସ୍ନାନାଦି ନିତ୍ୟକର୍ମ ସମାପନ କରି, ସନ୍ଧ୍ୟୋପାସନା କରିବା ଈଶ୍ୱରବିଶ୍ୱାସୀଙ୍କ ପକ୍ଷେ ଏକାନ୍ତ ଆବଶ୍ୟକ । ଦୈନିକ ଉପାସନା କାର୍ଯ୍ୟରେ ଯେପରି ବ୍ୟତିକ୍ରମ ନ ଘଟେ ତା'ପାଇଁ ତୀକ୍ଷ୍ଣ ଦୃଷ୍ଟି ଦେବା ଓ ସତତ ସଜାଗ ହୋଇ ରହିବା ଆବଶ୍ୟକ । ପ୍ରତ୍ୟହ ଉପାସନା କାର୍ଯ୍ୟକୁ ଅପରିହାର୍ଯ୍ୟ କର୍ତ୍ତବ୍ୟ ବିଗ୍ରହି ତାକୁ ବଳବତ୍ତର ରଖିଲେ, ଶରୀରର ଶୌର୍ଯ୍ୟ, ବୀର୍ଯ୍ୟ, ଆୟୁ, ବୁଦ୍ଧି ଓ ବଳ ପ୍ରଭୃତିର ବୃଦ୍ଧି ଘଟେ । ପ୍ରାଚୀନ କାଳରେ ଆମର ପୂର୍ବାଗ୍ରର୍ଯ୍ୟ ମୁନି, ଋଷି, ସାଧୁ, ସନ୍ଥ, ମହର୍ଷିଗଣ କେବଳ ଏହି ନିୟମକୁ ପାଳନ କରି ସୁସ୍ଥ, ନିରାମୟ, ଦୀର୍ଘାୟୁ ଓ ଯଶସ୍ୱୀ ଜୀବନଯାପନ କରୁଥିଲେ । ମହାଭାରତର ଅନୁଶାସନ ପର୍ବରେ ଏ ସମ୍ପର୍କରେ କୁହାଯାଇଛି... "ଋଷୟୋ ନିତ୍ୟ ସନ୍ଧ୍ୟାତ୍ୱାତ୍ ଦୀର୍ଘମାୟୁରବାପ୍ନୁୟୁଃ'। ଅର୍ଥାତ୍ ମୁନି ଋଷିମାନେ ପ୍ରତ୍ୟହ ସନ୍ଧ୍ୟାକରି ଦୀର୍ଘାୟୁ ଲାଭ କରୁଥିଲେ ।

ପ୍ରାତଃ କାଳ ଓ ସାୟଂ କାଳ, ଯେ କେବଳ ସନ୍ଧ୍ୟୋପାସନା ପାଇଁ ଉପାଦେୟ ତା'ନୁହେଁ, ବ୍ରାହ୍ମ ମୁହୂର୍ତ୍ତ ମଧ୍ୟ ଈଶ୍ୱରୋପାସନା ପାଇଁ ପ୍ରକୃଷ୍ଟ ସମୟ ଅଟେ । କାରଣ ସେ ସମୟରେ ଯମ, ନିୟମ ପ୍ରଭୃତି ସ୍ୱତଃସିଦ୍ଧଭାବେ ହୋଇଥାଏ । ସେତେବେଳେ କେହି କାହା ସହିତ ସଙ୍ଗସାଥି ହେବାର ସୁଯୋଗ ପାଇ ନ ଥାନ୍ତି । ତେଣୁ ହିଂସା, ରାଗ, ଦ୍ୱେଷ, ମିଥ୍ୟା, ଗ୍ରେରି, ଲାମ୍ପଟ୍ୟ ପ୍ରଭୃତି ଦୁର୍ଗୁଣଠାରୁ ମନ ବହୁ ଦୂରରେ ରହିଥାଏ । କୌଣସି ଦୁର୍ଭାବନା କିମ୍ବା ଦୁର୍ବାସନାରେ ମଧ୍ୟ ମନ କଳୁଷିତ ହୋଇ ନ ଥାଏ । ତା ପରିବର୍ତ୍ତେ ପ୍ରାକୃତିକ ନିର୍ମଳ ମନ୍ଦ ମନ୍ଦ ସମୀରଣରେ ମନ ଓ ହୃଦୟ ଶାନ୍ତ ଶିଷ୍ଟ ଓ ପ୍ରସନ୍ନ ହୋଇ ରହିଥାଏ ।

"ଉପହ୍ୱରେ ଗିରୀଣାଂ ସଙ୍ଗମେ ଚ ନଦୀନାଂ ଧିୟା ବିପ୍ରୋ ଅଜାୟତ" ଏହି ବେଦ ବାଣୀରୁ ସୂଚିତ ହେଉଛି... ପାହାଡ଼ ପର୍ବତ ଘେରା ପ୍ରାକୃତିକ ପରିବେଷ୍ଟନୀରେ, ନଦ ନଦୀର ସଙ୍ଗମସ୍ଥଳୀରେ ଜ୍ଞାନୀ ଲୋକମାନେ ଧ୍ୟାନ, ଧାରଣାଦି କରି ଆତ୍ମୋନ୍ନତିରେ ବ୍ରତୀ ହୋଇଥାନ୍ତି । ପାର୍ବତ୍ୟ ପ୍ରଦେଶରେ ମନୋରମ ଦୃଶ୍ୟ, ତଟିନୀମାନଙ୍କର ସୁରମ୍ୟ ଜଳ ପ୍ରବାହ, ଚିତ୍ତର ଏକାଗ୍ରତା ସାଧନ କରିବାରେ ବହୁ ପରିମାଣରେ ସାହାଯ୍ୟ କରିଥାଏ । ଫୁଲ-ଫୁଲଭରା ରମଣୀୟ, କମନୀୟ ଉଦ୍ୟାନ, ମନ ଅପହରଣକାରୀ ପ୍ରଶସ୍ତ ଉପବନ ପ୍ରଭୃତିରେ ମଧ୍ୟ ମନର ଏକାଗ୍ରତା ଆସେ ଓ ହୃଦୟରେ ପ୍ରସନ୍ନତା ଭାବ ଜାତ ହୋଇଥାଏ । ତେଣୁ ସେପରି ନୈସର୍ଗିକ ଶୋଭା ସମ୍ପଦରେ ପରିପୂର୍ଣ୍ଣ, ରମଣୀୟ ବିଜନ ସ୍ଥାନମାନ, ଉପାସନା ପାଇଁ ଅତ୍ୟନ୍ତ ଅନୁକୂଳ ହୋଇଥାଏ । ସର୍ବସାଧାରଣଙ୍କ ପକ୍ଷେ ଏପରି ସ୍ଥାନ ସୁଦୁର୍ଲ୍ଲଭ, ତେଣୁ ବାସଗୃହର କୌଣସି ଏକ ନିର୍ଦ୍ଦିଷ୍ଟ କୋଠରୀ ସନ୍ଧ୍ୟୋପାସନା ପାଇଁ ସୁରକ୍ଷିତ କରି ରଖିବା ଆବଶ୍ୟକ ।

ଉପାସନା ପାଇଁ ଉଦ୍ଦିଷ୍ଟ କୋଠରୀଟି ବାସଗୃହର ଉତ୍ତର ଦିଗରେ ରହିବା ଅପେକ୍ଷାକୃତ ଭଲ । ଉପାସନାଗୃହର ଚତୁର୍ଦ୍ଦିଗରେ ଝରକା ଓ ପ୍ରଶସ୍ତ ଦ୍ୱାର ରହିବା ଭଲ; କାରଣ ଏପରି ହେଲେ ସ୍ୱଚ୍ଛନ୍ଦରେ ବାୟୁ ଚଳାଚଳ କରିବାରେ କୌଣସି ପ୍ରକାର ବାଧା ସୃଷ୍ଟି ହୁଏ ନାହିଁ । ଚିତ୍ତର ପ୍ରସନ୍ନତା ଓ ଭକ୍ତିଭାବର ଉଦ୍ରେକ ପାଇଁ ଉପାସନା ମନ୍ଦିରର ଚତୁର୍ଦ୍ଦିଗରେ ବିଭିନ୍ନ ଫୁଲଗଛ ରୋପଣ କରିନେବ ଓ ତାର ଭିତର ଅଂଶକୁ ମଧ୍ୟ ସୁନ୍ଦର ଭାବରେ ସାଜସଜ୍ଜା କରିନେବା ପାଇଁ ଧ୍ୟାନ ଦେବ ।

ନିଜ ନିଜର ସୁବିଧାନୁଯାୟୀ ଉପାସନାପାଇଁ ସ୍ଥାନ ଓ ସମୟ ଧାର୍ଯ୍ୟ କରିବ । କିନ୍ତୁ ତା ପୂର୍ବରୁ ଏତକ ନିଶ୍ଚୟ ମନେ ରଖିବାକୁ ହେବ ଯେ, ଏକାନ୍ତ ସମୟରେ, ଶାନ୍ତି ପ୍ରଦାୟକ ସ୍ଥାନରେ ଓ ପ୍ରସନ୍ନ ଚିତ୍ତରେ ସନ୍ଧ୍ୟୋପାସନା କରାଯିବା ଆବଶ୍ୟକ ।

ଦୈନିକ କେତେଥର ସନ୍ଧ୍ୟୋପାସନା କରିବା ଉଚିତ ? ପ୍ରତ୍ୟହ ସମୟ ଓ ସୁବିଧା ସୁଯୋଗ ଦେଖି ଯେତେଥର ପ୍ରଭୁଙ୍କର ନାମ-ଭଜନ, ଗୁଣଗାନ, କୀର୍ତ୍ତନ



ପ୍ରଭୃତି କରାଯିବ, ତାହା ନିଜ ପାଇଁ ସେତେ ଲାଭପ୍ରଦାୟକହେବ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ଅନ୍ୟୂନ ପ୍ରାତଃ ଓ ସାୟଂକାଳରେ ଦୈନିକ ଦୁଇଥର ନିଶ୍ଚିତଭାବରେ ସନ୍ଧ୍ୟା କରିବାପାଇଁ ଯତ୍ନଶୀଳ ହେବା ବାଞ୍ଛନୀୟ ।

ସନ୍ଧ୍ୟୋପାସନା ସମୟରେ, ପ୍ରାତଃ କାଳରେ ପୂର୍ବାଭିମୁଖୀ ଓ ଅପରାହ୍ନରେ ପଶ୍ଚିମାଭିମୁଖୀ ହୋଇ ବସିବାପାଇଁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ଦେଖିବାକୁ ହେବ ଯେ, ଯେଉଁ ଦିଗରୁ ମନ୍ଦ ମନ୍ଦ ପବନ ପ୍ରବାହିତ ହେଉଥିବ, ସେହି ଦିଗକୁ ମୁଖକରି ବସିବାରେ ମଧ୍ୟ ଅନେକ କିଛି ଲାଭ ହୋଇଥାଏ । ଶାରୀରିକ ଓ ମାନସିକ ଉନ୍ନତି ସହିତ, ଜଳ, ବାୟୁ ଓ ତେଜକୁ ନେଇ ଦିଗବିଶେଷର ବିଶେଷ ସମ୍ପର୍କ ରହିଛି । ତେଣୁ ଯେଉଁ ସମୟରେ ଯେଉଁ ଦିଗରୁ ବାୟୁ ତଥା ଆଲୋକ, ଅନୁକୂଳ ବୋଧ ହେବ, ସେହି ସମୟରେ ସେହି ଦିଗକୁ ମୁଖକରି ସନ୍ଧ୍ୟୋପାସନା କରିବା ଆବଶ୍ୟକ ।

## ସନ୍ଧ୍ୟାର୍ ବିଧିବିଧାନଗୁଡ଼ିକର୍ ଉପାଦେୟତା

ସନ୍ଧ୍ୟୋପାସନାକୁ ଉତ୍ତମରୂପେ ସମ୍ପାଦନ କରିବାକୁ ହେଲେ, ଆସନ, ଆଚମନ, ଇନ୍ଦ୍ରିୟସ୍ପର୍ଶ, ମାର୍ଜନ, ପ୍ରାଣାୟାମ, ଅଘମର୍ଷଣ, ମନସା ପରିକ୍ରମା, ଉପସ୍ଥାନ, ଗୁରୁମନ୍ତ୍ର, ନମସ୍ତେ ବା ନମନ ପ୍ରଭୃତି ଉପାସକଙ୍କୁ କରିବାକୁ ପଡ଼ିଥାଏ । ସେ ସବୁର ଉପାଦେୟତା ବା ଉପଯୋଗିତା ସମ୍ପର୍କରେ ଏଠାରେ ସାମାନ୍ୟ ଭାବେ ଆଲୋଚନା କରାଯାଇଛି ।

### ଆସନ :-

ଅଷ୍ଟାଙ୍ଗ ଯୋଗରେ ଆସନକୁ ତୃତୀୟ ସ୍ଥାନ ପ୍ରଦାନ କରାଯାଇଛି । ଆସନଦ୍ୱାରା ଶରୀରର ଶିରାପ୍ରଶିରାରେ ରକ୍ତ ସଞ୍ଚାଳନ ସୁଚାରୁରୂପେ ସମ୍ପାଦିତ ହୋଇଥାଏ । ତେଣୁ ଆସନ ଗୁଡ଼ିକ ସ୍ୱାସ୍ଥ୍ୟୋନ୍ନତିରେ ସହାୟକ ହେବା ସଙ୍ଗେ ସଙ୍ଗେ ଜପ ତପ ଧ୍ୟାନ ଧାରଣା ପ୍ରଭୃତି ସହଜରେ ସିଦ୍ଧ ହୋଇଥାଏ । ଧ୍ୟାନ ଧାରଣା ପାଇଁ ନିଶ୍ଚଳ ହୋଇ ଉପବେଶନ କରାଯାଏ । ତେଣୁ ଉପାସନା ସମୟରେ

ଭୂମି ଉପରେ ଏକ କୋମଳ ଆସନ ବିଛାଇ, ତା' ଉପରେ ପଦ୍ମାସନ, ସିଦ୍ଧାସନ ବା ସୁଖାସନରେ ବସିବାକୁ ହୋଇଥାଏ । ବସିବା ସମୟରେ ପିଠି, ବେକ ଓ ମୁଣ୍ଡ ଯେପରି ସରଳ ହୋଇ ଠିକ୍ ଭାବରେ ରହିବ, ତା' ପାଇଁ ବିଶେଷ ଧ୍ୟାନ ଦେବାକୁ ପଡ଼େ । ଗୁହ୍ୟ ପ୍ରଦେଶଠାରୁ ମସ୍ତିଷ୍କ ପର୍ଯ୍ୟନ୍ତ ମେରୁଦଣ୍ଡକୁ ସରଳ କରି ରଖିବାକୁ ହେବ । ପୃଷ୍ଠଦେଶକୁ ବକ୍ର କରି ରଖିଲେ ଯୋଗ ସାଧନାରେ ବାଧା ସୃଷ୍ଟି ହୋଇଥାଏ । ତେଣୁ ଗୀତାରେ ନିର୍ଦ୍ଦେଶ ଦିଆଯାଇଛି... "ସମଂ କାୟଶିରୋଗ୍ରୀବମ୍" ।

## ଆଚମନ :-

କଥିତ ହୋଇଛି... "ଅଦ୍ଭିର୍ଗାତ୍ରାଣି ଶୁଦ୍ଧ୍ୟନ୍ତି ମନଃ ସତ୍ୟେନ ଶୁଦ୍ଧ୍ୟତି" ଜଳରେ ସ୍ନାନ କରିବାଦ୍ୱାରା ଶରୀରର ମଳିଧୂଳି ଦୂର ହୋଇ ଶୁଦ୍ଧପୂତ ହୁଏ ।ଅନ୍ତରକୁ ଶୁଦ୍ଧପୂତ କରିବାପାଇଁ ଏବଂ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ପ୍ରଭୃତି ମଳର ବିନାଶପାଇଁ ଆଚମନ କରାଯାଏ । ପ୍ରଥମେ ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଷ୍ଠଦ୍ୱାରା ତର୍ଜନୀକୁ ଚାପି ଧରି ରଖିବ । ଅନ୍ୟ ତିନୋଟି ଅଙ୍ଗୁଳି ସରଳଭାବେ ସଂଲଗ୍ନ ହୋଇ ରହିବା ଫଳରେ ହସ୍ତ ପଦ୍ମ ଗୋମଚର ଆକୃତି ଧାରଣ କରିବ । ତା' ପରେ ସେହି ହସ୍ତ ପଦ୍ମରେ ସାମାନ୍ୟ ଜଳ ନେଇ ପାନ କରିବ । ଏହାକୁ ଏକ ଆଚମନ କୁହାଯାଏ । କ୍ରମଶଃ ତିନିଥର ଏପରି କରିବାକୁ ହେବ । କଣ୍ଠ ପ୍ରଦେଶକୁ ସରଳ, ଶୁଦ୍ଧ ଓ ନିର୍ମଳ ରଖିବା ଉଦ୍ଦେଶ୍ୟରେ ଆଚମନ କରାଯାଏ । ଏହାଦ୍ୱାରା କଣ୍ଠପ୍ରଦେଶର କଫବିକାର ଥିବା ଦୂରୀଭୂତ ହୁଏ । ଫଳରେ ମନ୍ତ୍ରୋଚ୍ଚାରଣ ଅନାୟାସରେ କରିହୁଏ । ଅଥର୍ବ ବେଦରେ ତା' ର ପ୍ରମାଣ ରହିଛି... "ଆପଃ ସୁବୟନ୍ତୁ" ଅର୍ଥାତ୍ ଦିବ୍ୟଜଳ ପାନ କରିବାଦ୍ୱାରା ସୁଖ, ଶାନ୍ତି ଓ ଆରୋଗ୍ୟ ଲାଭ ହୋଇଥାଏ ।

## ଇନ୍ଦ୍ରିୟସ୍ପର୍ଶ :-

ଶୀତଳ ଜଳରେ ସ୍ନାନ କରିବାଦ୍ୱାରା ଶରୀରର ମଳି ଧୂଳି ପରିଷ୍କାର ପରିଚ୍ଛନ୍ନ ହେବା ସଙ୍ଗେସଙ୍ଗେ, ସର୍ବାଙ୍ଗରେ ରକ୍ତ ସଞ୍ଚାର ଯେପରି ଶୀଘ୍ର ଓ ସୁଗ୍ରୁରୁପେ



ହୋଇଥାଏ, ଠିକ୍ ସେହିପରି ଇନ୍ଦ୍ରିୟଗୁଡ଼ିକୁ ଶୀତଳ ଜଳରେ ସ୍ପର୍ଶ କରିବାଦ୍ୱାରା ଇନ୍ଦ୍ରିୟ ଗୁଡ଼ିକର ମଳି ଧୂଳି ଅର୍ଥାତ୍ କାମ, କ୍ରୋଧ, ଲୋଭ, ମୋହ ଆଦି ଦୁର୍ଗୁଣ ନଷ୍ଟ ହୋଇ ଉତ୍ତମରୂପେ ରକ୍ତ ସଞ୍ଚାର ହୋଇଥାଏ, ଫଳରେ ଶରୀରର ଆଳସ୍ୟ ଦୂରୀଭୂତ ହୁଏ । ଦ୍ୱିତୀୟତଃ ଜଳକୁ ସ୍ପର୍ଶ କରିବାଦ୍ୱାରା ଅବୟବ ବା ଇନ୍ଦ୍ରିୟଗୁଡ଼ିକ ନିଜ ନିଜ କର୍ମ ସମ୍ପାଦନ କରିବାରେ ଅଧିକରୁ ଅଧିକ ତତ୍ପର ହୋଇଥାନ୍ତି ।

## ମାର୍ଜନ :-

ମାର୍ଜନଦ୍ୱାରା ଇନ୍ଦ୍ରିୟ ଓ ଅବୟବଗୁଡ଼ିକ ନିର୍ମଳଓ ଶୁଦ୍ଧପୂତ ହୋଇଥାଏ । ଇନ୍ଦ୍ରିୟ ସ୍ପର୍ଶଦ୍ୱାରା ଅବୟବଗୁଡ଼ିକ ଯେପରି ପୁଷ୍ଟ ଓ ଉନ୍ନତ ହୁଅନ୍ତି, ମାର୍ଜନଦ୍ୱାରା ସେହିପରି ହୃଦୟର ଅପବିତ୍ର କଳୁଷିତ ଭାବନା ଦୂର ହୋଇ, ହୃଦୟରେ ପବିତ୍ର ଭାବଜାତ ହୋଇଥାଏ । ମନନଶୀଳ ବ୍ୟକ୍ତିକୁ ମାନବ କୁହନ୍ତି । ମାନବ ମନ ଓ ହୃଦୟରେ ଯେଉଁପରି ଭାବନା କରେ, ତଦନୁରୂପ ଫଳ ମଧ୍ୟ ଦିନେ ନା ଦିନେ ସେ ଲାଭ କରିଥାଏ । ତେଣୁ ମାର୍ଜନ ମନ୍ତ୍ର ପାଠ କରିବା ସମୟରେ, ପବିତ୍ର ମନୋଭାବ ଓ ଉଚ୍ଚ ବିଗ୍ରହଧାରା ପୋଷଣ କରିବା ଆବଶ୍ୟକ ।

## ପ୍ରାଣାୟାମ :-

ପ୍ରାଣାୟାମଦ୍ୱାରା ପୂରକ, ରେଚକ ଓ କୁମ୍ଭକ ଏପରି ତିନୋଟି କ୍ରିୟା ସମ୍ପାଦନ କରିବାକୁ ପଡ଼େ । ଶ୍ୱାସଦ୍ୱାରା ପ୍ରାଣବାୟୁକୁ ହୃଦୟ ପ୍ରଦେଶରେ ଗ୍ରହଣ କରିବାର ନାମ ପୂରକ । ଗୃହୀତ ପ୍ରାଣ ବାୟୁକୁ ଧାରଣ କରିବାର ନାମ କୁମ୍ଭକ, ତାକୁ ପୁଣି ପରିତ୍ୟାଗ କରିବାର ନାମ ରେଚକ । ପ୍ରାଣାୟାମଦ୍ୱାରା ଶାରୀରିକ ବଳର ବୃଦ୍ଧି ଘଟେ, ମାନସିକ ଶକ୍ତି ମଧ୍ୟ ବଢ଼େ ଓ ପ୍ରାଣର ସଂଯମତା ସାଧିତ ହୁଏ । ମନ ଓ ଚିତ୍ତ ସ୍ୱାଧୀନଭାବେ ରହେ । ତେଣୁ ସାଧାରଣତଃ ପ୍ରାଣାୟାମଦ୍ୱାରା ଏକାଧାରରେ ଇନ୍ଦ୍ରିୟ ସଂଯମ, ରୋଗ ଦୂରୀକରଣ, ଜ୍ଞାନର ବୃଦ୍ଧିକରଣ ଓ ଦୀର୍ଘାୟୁ ଲାଭ ହୋଇଥାଏ ।

## ପ୍ରାଣାୟାମ ମନ୍ତ୍ରର ବ୍ୟାଖ୍ୟାନ

ଓଁ ଭୂଃ- ଆପଣ ପ୍ରାଣାଧାର, ଓଁ ଭୁବଃ- ଆପଣ ଦୁଃଖ ବିନାଶକ, ଓଁ ସ୍ୱଃ- ଆପଣ ସୁଖଦାତା, ଓଁ ମହଃ- ଆପଣ ସମସ୍ତଙ୍କ ସର୍ବଶ୍ରେଷ୍ଠ ଗୁରୁ, ଓଁ ଜନଃ- ଆପଣ ସମସ୍ତଙ୍କର ପରମ ପିତା, ଓଁ ତପଃ- ଆପଣ ବିଜ୍ଞାନମୟ ଓ ସକଳ ଜ୍ୟୋତିଠାରୁ ଅତ୍ୟନ୍ତ ଜ୍ୟୋତିର୍ମୟ, ଓଁ ସତ୍ୟମ୍- ଆପଣ ବିନାଶରହିତ ପରମବ୍ରହ୍ମ । ଏ ସମସ୍ତ କାରଣରୁ ଆପଣଙ୍କ ନିକଟରେ ଆମର ଭକ୍ତିପୂତ ବିନମ୍ର ପ୍ରାର୍ଥନା, ଦୟାକରି ଆପଣ ଆମ୍ଭମାନଙ୍କୁ ଏ ଦୁସ୍ତର ଭବ ସାଗରରୁ ଉଦ୍ଧାର କରନ୍ତୁ ।

ପ୍ରାଣାୟାମ ସମୟରେ ଉପରୋକ୍ତ ସପ୍ତବ୍ୟାହୃତିକୁ ଆବୃତ୍ତି କରିବାକୁ ହେବ । ପ୍ରାଣାୟାମଦ୍ୱାରା ମନୁଷ୍ୟ ବଳ, ବୁଦ୍ଧି ଓ ଦୀର୍ଘ ଆୟୁ ଲାଭ କରେ । ପୂରକ, କୁମ୍ଭକ ଓ ରେଚକଦ୍ୱାରା ମନୁଷ୍ୟ ନିଜର ପ୍ରାଣବାୟୁକୁ ଆୟତ୍ତାଧୀନ କରି ପରିଶେଷରେ ପରମେଶ୍ୱରଙ୍କୁ ଲାଭ କରେ । ଏହି ତିନୋଟି କ୍ରିୟା ମନୁଷ୍ୟ ଜୀବନର ଚାରୋଟି ଅବସ୍ଥାର ପରିଚୟ ପ୍ରଦାନ କରିଥାଏ । ଯଥା : ପ୍ରଥମ ବ୍ରହ୍ମଚର୍ଯ୍ୟ ଅର୍ଥାତ୍ ଗୁଣ ଓ ଶକ୍ତିର ସମ୍ପାଦନ, ଦ୍ୱିତୀୟ ଗୃହସ୍ଥାଶ୍ରମ, ଗୁଣ ଓ ଶକ୍ତିର ପରିବର୍ଦ୍ଧନ, ତୃତୀୟରେ ବାନପ୍ରସ୍ଥ ଓ ଚତୁର୍ଥରେ ସନ୍ନ୍ୟାସ, ଅର୍ଥାତ୍ ସାମାଜିକ ପରୋପକାରପାଇଁ ଆତ୍ମ ସମର୍ପଣ । ଏହି ସପ୍ତବ୍ୟାହୃତିଦ୍ୱାରା "ମାନବ ଜୀବନର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ" ପୂର୍ଣ୍ଣମାତ୍ରାରେ ସାଧିତ ହୋଇଥାଏ । ଅତଏବ ପ୍ରାଣାୟାମ ମନୁଷ୍ୟ ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ସନ୍ଧ୍ୟୋପାସନା ସମୟରେ ପ୍ରାଣାୟାମ ଯେପରି ଅତ୍ୟନ୍ତ ଆବଶ୍ୟକ ପ୍ରାଣାୟାମ ପାଇଁ ସପ୍ତବ୍ୟାହୃତି ତଦପେକ୍ଷା ଅଧିକ ପ୍ରୟୋଜନୀୟ । ବିଧି ବିଧାନର ସହିତ ପ୍ରାଣାୟାମ କରି ମନୁଷ୍ୟ ମୃତ୍ୟୁକୁ ମଧ୍ୟ ଏଡ଼ାଇ ଦେଇପାରେ । ପ୍ରାଣାୟାମଦ୍ୱାରା ଶ୍ୱାସଯନ୍ତ୍ର ନିର୍ମଳ ପ୍ରାଣବାୟୁରେ ପରିପୂର୍ଣ୍ଣ ହେଉଥିବାରୁ ମନୁଷ୍ୟ ରୋଗଶୂନ୍ୟ ହୋଇ ଦୀର୍ଘାୟୁ ଲାଭ କରେ । ପ୍ରାଣାୟାମଦ୍ୱାରା ରକ୍ତ ବିଶୁଦ୍ଧ ହୁଏ । ପ୍ରାଣ ସହିତ ମନର ନିଗୂଢ଼ ସମ୍ବନ୍ଧ ରହିଛି । ତେଣୁ ପ୍ରାଣ ସ୍ଥିର ହେଲେ, ମନର ଚାଞ୍ଚଲ୍ୟ ଦୂର ହୋଇ ଚିତ୍ତର ଏକାଗ୍ରତା ସୃଷ୍ଟି ହୋଇଥାଏ ।



## ଅଘମର୍ଷଣ :-

ଅଘ ଅର୍ଥ ପାପ, ମର୍ଷଣ- ସହିବା ବା ନଷ୍ଟ କରିବା । ନିଜକୃତ ପାପର ଦଣ୍ଡକୁ ସହ୍ୟ କରିବାପାଇଁ, ଶକ୍ତି ଯେପରି ଆହରଣ କରିହେବ, କିମ୍ବା ପାପକୁ ନଷ୍ଟ କରିବାପାଇଁ ଏହି ମନ୍ତ୍ର ପାଠ କରାଯାଇଥାଏ । ଦୁର୍ଜନ, ଦୁରାଗ୍ରହ, ଦୁଷ୍ଟ ବ୍ୟକ୍ତି ପ୍ରଭୃତି ନିଜ କୃତ ଦୋଷପାଇଁ, କ୍ଷମା ପାର୍ଥନା କରିବା, ଅପରାଧକୃତ ଦଣ୍ଡରୁ ଖସିଯିବା ପାଇଁ ପ୍ରଚେଷ୍ଟା କରିବା, ଏ ସମସ୍ତ ମନୁଷ୍ୟର ସହଜାତ ମନ୍ଦପ୍ରକୃତି ।ନିଜକୃତ ପାପର ଦଣ୍ଡଭୋଗକୁ ଭୟକରି ପଳାୟନ କରିବା ଭୀରୁ ଓ କାପୁରୁଷର ଲକ୍ଷଣ ଅଟେ । ଧାର୍ମିକ, ବିବେକୀ, ବିଦ୍ୱାନ୍ ବ୍ୟକ୍ତିମାନେ ଦୈବାତ୍ ଯଦି କୌଣସି ପାପ କାମ କରନ୍ତି, ତେବେ ତାକୁ ସହର୍ଷ ସ୍ୱୀକାର କରି, ଧୈର୍ଯ୍ୟ ଧାରଣ ପୂର୍ବକ ଦଣ୍ଡ ଭୋଗିବାକୁ ପ୍ରସ୍ତୁତ ହୋଇ ରହନ୍ତି । ଏହାହିଁ ହେଉଛି ଧାର୍ମିକମାନଙ୍କର ପ୍ରକୃତ ଲକ୍ଷଣ । ପାପକାମ କରି ଦଣ୍ଡକୁ ଭୟକରି ପଳାୟନ କରିବା ବିଜ୍ଞତାର ପରିଚାୟକ ନୁହେଁ । ସେହି ଧୈର୍ଯ୍ୟଯୁକ୍ତ ମାର୍ମିକ ପ୍ରବୃତ୍ତିକୁ ବୃଦ୍ଧି କରିବାର ନିଗୂଢ଼ ରହସ୍ୟ, ଏହି ଅଘମର୍ଷଣମନ୍ତ୍ରରେ ନିହିତ ହୋଇ ରହିଛି । ପ୍ରଳୟ ତିନି ପ୍ରକାର, ଯଥା- ନିଦ୍ରା, ମୃତ୍ୟୁ ଓ ପ୍ରଳୟ । ନିଦ୍ରା ଦୈନିକ ପ୍ରଳୟ, ମୃତ୍ୟୁ ବ୍ୟକ୍ତିଗତ ପ୍ରଳୟ, ଓ ସକଳ ଜଗତର ପ୍ରଳୟକୁ କଳ୍ପ ପ୍ରଳୟ କହନ୍ତି । ଅତୀତ ଦିନର କୃତ ଋଣ ଅଥବା ଉପାର୍ଜିତ ଧନ ନିଦ୍ରା ପରେ ପରବର୍ତ୍ତୀ ଦିବସରେ ନଷ୍ଟ ନ ହୋଇ ତାହା ଯେପରି ବଳବତ୍ତର ବା ଅକ୍ଷୁଣ୍ଣ ରହେ, ଠିକ୍ ସେହିପରି ପରମେଶ୍ୱରଙ୍କ ଋତ ଓ ସତ୍ୟ ନିୟମ ଚିରଦିନପାଇଁ ଅପରିବର୍ତ୍ତନୀୟ ଓ ଅଲଂଘନୀୟ ହୋଇ ରହେ । ନିଜକୃତ ପାପାଧିକ୍ୟ ଫଳରେ ସସାଗରା ଧରାର ଅଧୀଶ୍ୱରଙ୍କୁ ମଧ୍ୟ ଦାଣ୍ଡର ଭିକାରି ହେବାକୁ ପଡ଼େ । ସେହିପରି ନିଜକୃତ ପୁଣ୍ୟାଧିକ୍ୟ ଫଳରେ ଦୀନ, ହୀନ, ଘୃଣ୍ୟ, ନଗଣ୍ୟ ବ୍ୟକ୍ତି ମଧ୍ୟ ଆନନ୍ଦର ସହିତ ମାନମର୍ଯ୍ୟାଦା ଓ ଶାନ୍ତି ସମ୍ପଦ ଭୋଗକରି କାଳଯାପନ କରିଥାଏ ।

ଅଘମର୍ଷଣର ଅନ୍ୟ ଏକ ଅର୍ଥ ହେଉଛି ପାପ ବିନାଶନ । ଏହି ମନ୍ତ୍ରଦ୍ୱାରା ପାପକୁ ବିନାଶ କରାଯାଏ । ଆର୍ଯ୍ୟସମାଜର ଏକ ଅଭ୍ରାନ୍ତ ସିଦ୍ଧାନ୍ତ ହେଉଛି...

"ଅବଶ୍ୟମେବ ଭୋକ୍ତବ୍ୟଂ କୃତଂ କର୍ମ ଶୁଭାଶୁଭମ୍" ଉତ୍ତମ କାର୍ଯ୍ୟରେ ଶୁଭଫଳ, ମନ୍ଦକାର୍ଯ୍ୟରେ ଦୁଃଖଫଳ ଅବଶ୍ୟ ମିଳିଥାଏ । ଏହି ନିୟମକୁ ଆଖି ଆଗରେ ରଖି, ଅନେକ ପ୍ରଶ୍ନ କରିଥାନ୍ତି, ପାପ କିପରି ବିନାଶ ହେବ ?କିନ୍ତୁ ଗଭୀରଭାବେ ବିବେଚନା କଲେ ସାଧାରଣ ବ୍ୟକ୍ତି ମଧ୍ୟ ହୃଦୟଙ୍ଗମ କରିପାରିବେ ଯେ, ଅକ୍ଳେଶରେ ସମସ୍ତ ପାପ ବିନାଶ ହୋଇପାରିବ, କିନ୍ତୁ ପାପର ଫଳ ସାମାନ୍ୟ ଭାବେ ସୁଦ୍ଧା କେବେ ନଷ୍ଟ ହେବ ନାହିଁ । ଯେପରି ଜଣେ ମଦ୍ୟପ, ନିଶାସେବୀ, ଚୋର, ଦୁର୍ବୃତ୍ତ ବ୍ୟକ୍ତି ପ୍ରତ୍ୟହ ଉପାସନା କରି, ତା ନିକଟରେ ଥିବା କୁଅଭ୍ୟାସକୁ ସବୁଦିନ ପାଇଁ ଯଦି ଦୂର କରି ଦେଇପାରେ, ଏପରି କ୍ଷେତ୍ରରେ କହିବାକୁ ହେବ ଯେ, ତାର ପାପ ସମୂଳେ ବିନାଶ ହେଲା । କିନ୍ତୁ ତା ପୂର୍ବରୁ ସେ ଯେଉଁ ଅନୁଚିତ କର୍ମମାନ କରିଛି, ତାର କୁଫଳ କଦାପି ନଷ୍ଟ ହେବ ନାହିଁ, ଦିନେ ନା ଦିନେ ତାର ଫଳାଫଳ ତାକୁ ନିଶ୍ଚୟ ଭୋଗିବାକୁ ପଡ଼ିବ ।

"ସୂର୍ଯ୍ୟା ଚନ୍ଦ୍ରମସୌ ଧାତା ଯଥା ପୂର୍ବମକଳ୍ପୟତ୍"- ପରମେଶ୍ୱର ନିଜର ଅନନ୍ତ ଶକ୍ତିସାମର୍ଥ୍ୟଦ୍ୱାରା ପୂର୍ବସୃଷ୍ଟ ଜଗତ୍‌ପରି ପୁଣି ଥରେ ଏହି ଜଗତକୁ ସର୍ଜନା କରିଛନ୍ତି । ଜନ୍ମମୃତ୍ୟୁ, ପ୍ରଳୟ, ସମୁଦ୍ର ପ୍ରଭୃତି ଜଗତର ଅଦ୍ଭୁତ ଘଟଣାବଳୀକୁ ସ୍ମରଣ କରି, ମନୁଷ୍ୟ ନିଜର ଅସାମର୍ଥ୍ୟ, ଓ ଅକିଞ୍ଚନତା, ପୁଣି ଈଶ୍ୱରଙ୍କ ଋତ ଏବଂ ସତ୍ୟ ନିୟମର ଅଧୀନତାକୁ ସ୍ୱୀକାର କରି, ନିୟମାନୁକୂଳ ସତ୍ୟନିଷ୍ଠାଯୁକ୍ତ ବ୍ୟବହାର ପ୍ରଦର୍ଶନ ପାଇଁ ସତତ ପ୍ରୟତ୍ନଶୀଳ ହେବା ଏକାନ୍ତ ଆବଶ୍ୟକ । ତେଣୁ ବେଦମନ୍ତ୍ର ବର୍ଣ୍ଣିତ ସୃଷ୍ଟି, ପ୍ରଳୟାଦି ସହିତ ସନ୍ଧ୍ୟୋପାସନା ମଧ୍ୟରେ "ଅଘମର୍ଷଣ" ର ବିଶେଷ ତାତ୍ପର୍ଯ୍ୟ ରହିଛି ।

## ମନସା ପରିକ୍ରମା :-

ମନସା ପରିକ୍ରମାର ଛଅଟି ମନ୍ତ୍ରରେ ପୂର୍ବ, ଦକ୍ଷିଣ, ପଶ୍ଚିମ, ଉତ୍ତର, ଧ୍ରୁବ (ପୃଥିବୀ) ଓ ଉର୍ଦ୍ଧ୍ୱ (ଆକାଶ) ଏହିପରି ଛଅଟି ଦିଗରେ ଯଥାକ୍ରମେ ଅଗ୍ରଗତି,



ଦକ୍ଷତା, ଶାନ୍ତି, ଉନ୍ନତି, ସ୍ଥିରତା ଓ ଶ୍ରେଷ୍ଠତାର ସୂଚନା ଦିଆଯାଇଛି ।ଦେଶ ତଥା ସମାଜର ଅଧିପତି ଓ ରକ୍ଷକମାନଙ୍କର ଗୁଣ, କର୍ମ, ସ୍ୱଭାବ ସବୁ ଏଥିବେ ବର୍ଣ୍ଣିତ ହୋଇଛି । ସେମାନଙ୍କର ସମାଜ ସତ୍କାରପୂର୍ବକ ଦୋଷୀ ପ୍ରତି ଦଣ୍ଡବିଧାନକୁ ନିଜ ହାତରେ ନ ରଖି, ସେହି ଅତ୍ୟନ୍ତ ତେଜସ୍ୱୀ, ପରାକ୍ରମଶାଳୀ, ନ୍ୟାୟକାରୀ, ଧୀର-ସ୍ଥିର ଓ ସର୍ବସମ୍ମତିକ୍ରମେ ମନୋନୀତ ବିଗ୍ରହପତି ତଥା ଦଣ୍ଡବିଧାନକାରୀଙ୍କ ନିକଟରେ ନିଜର ଓ ଅନ୍ୟ ବ୍ୟକ୍ତିମାନଙ୍କର ଦୋଷ ଜଣାଇ, ବିହିତ ଦଣ୍ଡବିଧାନ କରିବାପାଇଁ ବିନୀତ ପ୍ରାର୍ଥନା କରାଯାଇଛି ।

ଦୈନିକ ସନ୍ଧ୍ୟୋପାସନା ସମୟରେ ରାଜ୍ୟର ନ୍ୟାୟାଧିକାରୀ, ବିଗ୍ରହପତି, ରକ୍ଷକ ତଥା ପାଳକମାନଙ୍କୁ, ଭକ୍ତି ଓ ଭୟର ସହିତ ସ୍ମରଣକରି ଦୋଷୀପ୍ରତି ଉପଯୁକ୍ତ ଦଣ୍ଡବିଧାନ କରିବାକୁ, ସେମାନଙ୍କ ନିକଟରେ ସମର୍ପଣ କରିଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ଉପାସକ ସଙ୍କଳ୍ପ ମାଧ୍ୟମରେ ସମାଜ ଓ ରାଷ୍ଟ୍ରର ଅନେକ ଉନ୍ନତି ବିଧାନ କରିଥାଏ । ମନସା ପରିକ୍ରମା ମନ ମାଧ୍ୟମରେ ଉପାସକ ମରଣ ରାଜ୍ୟରେ ବିଚରଣ କରି ନିଜର, ଜନସମାଜର ଓ ରାଜ୍ୟର ଦୋଷାଦୋଷ ବିବେଚନା କରି, ସେସବୁର ପ୍ରତିକାର ପାଇଁ କଳ୍ପନା କରିଥାଏ । ଏହି ମନ୍ତ୍ରରେ ଅଗ୍ନି, ଆଦିତ୍ୟ, ଇନ୍ଦ୍ର, ବରୁଣ, ସୋମ, ବୃହସ୍ପତି, ବିଷ୍ଣୁ, ଇକ୍ଷୁ ପ୍ରଭୃତି ନାମମାନ ପରମେଶ୍ୱରଙ୍କୁ ଯେପରି ବୁଝାଉଛି, ସେହିପରି ତେଜସ୍ୱୀ, ସ୍ୱାଧୀନ, ବିଜୟୀ, ସର୍ବଜନାନୁମୋଦିତ ଜ୍ଞାନୀ, ଧୀର, ସ୍ଥିର, ବାକ୍‌ସକ୍ତିସମ୍ପନ୍ନ ତଥା ପକ୍ଷପାତରହିତ ରକ୍ଷକ, ପାଳକ ଓ ଅଧିକାରୀଗଣଙ୍କୁ ମଧ୍ୟ ବୁଝାଉଛି ।

## ଉପସ୍ଥାନ :-

ଏହି ମନ୍ତ୍ରରେ ଦୃଢ଼ଭାବେ କଳ୍ପନା କରାଯାଇଛି... "ମୋ ନିକଟରେ ପରମେଶ୍ୱର ଓ ପରମେଶ୍ୱରଙ୍କ ଅତି ନିକଟରେ ମୁଁ ଅବସ୍ଥାନ କରୁଛି" । ଏପରି ଦିବ୍ୟ କଳ୍ପନାଦ୍ୱାରା ପରମେଶ୍ୱରଙ୍କ ଶକ୍ତି ଓ ଜ୍ୟୋତିକୁ ନିଜ ଆତ୍ମାରେ ଅନୁଭବ

କରିବାକୁ ହୁଏ । ଉପସ୍ଥାନ ପାଇଁ ଉଦ୍ଦିଷ୍ଟ ପ୍ରଥମ ମନ୍ତ୍ରରେ ଉତ୍, ଉତ୍ତର, ଉତ୍ତମ, ଏହିପରି ତିନୋଟି ଶବ୍ଦ ଉଲ୍ଲେଖ କରାଯାଇଛି । ଏତଦ୍ଵାରା ଆତ୍ମାର କ୍ରମୋନ୍ନତି ସାଧନର ପଛାହିଁ ପ୍ରଦର୍ଶନ କରାଯାଇଛି । ପ୍ରକୃତି ରାଜ୍ୟର ଅଜ୍ଞାନାନ୍ଧକାର "ଉତ୍" ଅପେକ୍ଷା, ଉଚ୍ଚତର ଆତ୍ମରାଜ୍ୟରେ ପ୍ରବେଶ କରିବା, ପରବର୍ତ୍ତୀ କାଳରେ ଆତ୍ମାର ଉତ୍କୃଷ୍ଟ ଉଚ୍ଚତମସ୍ଥାନ ପରମାତ୍ମାଙ୍କ ନିକଟରେ ପହଞ୍ଚିବା ପାଇଁ ସୂଚନା ଦିଆଯାଇଛି । ଏହିପରି କ୍ରମୋନ୍ନତିରେ ଗତିକଲେ ପରିଶେଷରେ ମନୁଷ୍ୟ ଅତ୍ୟୁତ୍ତମ ଜ୍ୟୋତିର୍ମୟ ପରମାତ୍ମାଙ୍କ ସତ୍ତା ଅନୁଭବ କରିବାକୁ ସମର୍ଥ ହୋଇଥାଏ । ଅନ୍ତିମ ମନ୍ତ୍ରରେ ବ୍ରହ୍ମଜ୍ଞାନର ଫଳ ସୁନ୍ଦରଭାବରେ ବର୍ଣ୍ଣିତ ହୋଇଛି । ଜ୍ଞାନଚକ୍ଷୁ ଅର୍ଥାତ୍ ବ୍ରହ୍ମଜ୍ଞାନ ଲାଭ ହେଲେ ଦୀର୍ଘାୟୁ, ଇନ୍ଦ୍ରିୟମାନଙ୍କର ସବଳତା, ସତେଜତା, ପୁଣି ତା' ସାଙ୍ଗକୁ ଉତ୍ତମ ସନ୍ତାନ-ସନ୍ତତି ଲାଭକରିବା ଶକ୍ତି ଜାଗ୍ରତ ହୋଇଥାଏ ।

## ଗାୟତ୍ରୀ ବା ଗୁରୁମନ୍ତ୍ର ଜପ :-

"ଓଁ ଭୂର୍ଭୁବଃ ସ୍ଵଃ" ଏହାର ଅର୍ଥ, ସେହି ପରମକାରୁଣିକ ପରମେଶ୍ଵର ହେଉଛନ୍ତି, ସତ୍, ଚିତ୍ ଓ ଆନନ୍ଦ ସ୍ଵରୂପ । ଏହି ମନ୍ତ୍ର ମାଧ୍ୟମରେ ପରମେଶ୍ଵରଙ୍କୁ ଧ୍ୟାନ କରାଯାଏ । ମନୁଷ୍ୟ ବିଶ୍ଵବ୍ରହ୍ମାଣ୍ଡର ସୃଜନକର୍ତ୍ତା ସେହି ପରମେଶ୍ଵରଙ୍କ ସର୍ବଶ୍ରେଷ୍ଠ ପ୍ରକାଶକୁ, ମନ, ବୁଦ୍ଧି ଓ ଚେତନ ସାହାଯ୍ୟରେ ନିଜ ଆତ୍ମାରେ ବା ନିଜ ଅନ୍ତଃକରଣରେ ଅନୁଭବ ବା ଉପଲବ୍ଧି କରେ, ତାକୁ ଚିରଦିନପାଇଁ ଜାଜ୍ଵଲ୍ୟମାନ ଅବସ୍ଥାରେ ରଖିବା ଉଦ୍ଦେଶ୍ୟରେ ଗୁରୁମନ୍ତ୍ର ଜପ କରେ । ଯୋଗ ଦର୍ଶନରେ କୁହାଯାଇଛି... "ତଜ୍ଜପସ୍ତଦର୍ଥ ଭାବନମ୍" ।ଅର୍ଥାତ୍ ଧ୍ୟାନ ସମୟରେ ଅନ୍ୟ କୌଣସି ବାହ୍ୟ ବିଷୟବସ୍ତୁକୁ ମନ ମଧ୍ୟରେ ସ୍ଥାନ ନ ଦେଇ ବା ବିଗ୍ରହ ନ କରି, ମନ୍ତ୍ରୋଚ୍ଚାରଣ କରି ସେହି ମନ ମଧ୍ୟରେ ନିହିତ ହୋଇ ରହିଥିବା ମନ୍ତ୍ରର ଗୂଢ଼ାର୍ଥକୁ କେବଳ ମନନ, ଚିନ୍ତନ କରିବାର ନାମ "ମନ୍ତ୍ର ଜପ" । "ଅଧିକନ୍ତୁ ନ ଦୋଷାୟ" ନୀତିରେ ଅଧିକ ଜପ, କ୍ଷତି କାରକ ନ ହୋଇ, ବରଂ ଅଧିକ ଲାଭଦାୟକ ହୋଇଥାଏ



। ସମୟ, ସୁବିଧା ଅନୁଯାୟୀ ଯଦି ଅଧିକ ମାତ୍ରାରେ ଜପ କରିବା ସମ୍ଭବପର ନୁହେଁ, ତେବେ ଅନ୍ୟୂନ ତିନିଥର ଅବଶ୍ୟ ଜପ କରିବାକୁ ହେବ । କିନ୍ତୁ ଲକ୍ଷ ରଖିବାକୁ ହେବ ଯେ, ଯେ ପର୍ଯ୍ୟନ୍ତ ଜାଗ୍ରତ ଅବସ୍ଥା ଦୂର ହୋଇ ଅଭୌତିକ ଅବସ୍ଥାକୁ ଲାଭ କରି ତନ୍ମୟତା ନ ଆସିଛି, ସେ ପର୍ଯ୍ୟନ୍ତ ଜପର ଆଶ୍ରୟ ନେବାକୁ ପଡ଼ିବ । ଶ୍ଵାସ ପ୍ରଶ୍ଵାସ ସହିତ ତାଳଦେଇ, ଅର୍ଥାତ୍ ଯେତେଥର ଶ୍ଵାସ ପ୍ରଶ୍ଵାସ ଯାତାୟାତ କରିବ, ସେତେଥର ଧୀରେ ଧୀରେ ମନ୍ତ୍ରୋଚ୍ଚାରଣ କରି ଜପ କଲେ, ଅନାୟାସରେ ଏକାଗ୍ରତା ଲାଭ ହୋଇଥାଏ । ଯଦିଓ ପ୍ରାଣାୟାମ ନିୟମରେ ପୂରକ, କୁମ୍ଭକ ଓ ରେଚକ କ୍ରମରେ ପ୍ରତ୍ୟେକ ଥର ମନ୍ତ୍ର ଜପ କରିବା କଷ୍ଟକର ବ୍ୟାପାର ତଥାପି ଅଭ୍ୟାସ କରି ଏପରି କରିପାରିଲେ ଅତ୍ୟନ୍ତ ସଫଳତା ମିଳିଥାଏ । ପୂର୍ବୋକ୍ତ ସନ୍ଧ୍ୟୋପାସନାର ବିଧିବିଧାନମାନ ନିୟମାନୁସାରେ ପାଳନ କରିପାରିଲେ ଗୁରୁମନ୍ତ୍ର ଜପରେ ଚିତ୍ତର ଏକାଗ୍ରତା ଅନାୟାସରେ ସାଧିତ ହୋଇଥାଏ । ଦ୍ଵିତୀୟତଃ ଲୌକିକ ବ୍ୟବହାରରେ ମଧ୍ୟ ଉତ୍ସାହ, ଶକ୍ତି, ପ୍ରସନ୍ନତା ଜାତ ହେବା ସଙ୍ଗେ ସଙ୍ଗେ ଅତିଶୀଘ୍ର ସଫଳତା ମଧ୍ୟ ମିଳିଥାଏ ।

ଏହି ମନ୍ତ୍ରକୁ ଗାୟତ୍ରୀ, ସାବିତ୍ରୀ, ଗୁରୁମନ୍ତ୍ର, କର୍ଣ୍ଣମନ୍ତ୍ର ଓ ମହାମନ୍ତ୍ର ନାମରେ ନାମିତ କରାଯାଇଛି । ଗାୟତ୍ରୀ ମନ୍ତ୍ରର ନାମ ନୁହେଁ । ଗାୟତ୍ରୀ ହେଉଛି ବେଦର ଗୋଟାଏ ଛନ୍ଦ । ଅନୁଷ୍ଟୁପ୍, ତ୍ରିଷ୍ଟୁପ୍, ଗାୟତ୍ରୀ, ଜଗତୀ ଆଦି ସାତୋଟି ଛନ୍ଦ ବେଦରେ ଅଛି । ଗାୟତ୍ରୀ ଛନ୍ଦର ତିନୋଟି ଚରଣ, ଏବଂ ପ୍ରତ୍ୟେକ ଚରଣରେ ଆଠଟି ଅକ୍ଷର ଥାଏ । ବେଦରେ ସହସ୍ର ସଂଖ୍ୟକ ଗାୟତ୍ରୀ ଛନ୍ଦରେ ମନ୍ତ୍ରମାନ ରହିଛି । ତେବେ ଏହାକୁ ଗାୟତ୍ରୀ ମନ୍ତ୍ର କହିବାର ଉଦ୍ଦେଶ୍ୟ ହେଉଛି, ଯୋଗ ଦର୍ଶନରୁ ପ୍ରଣବ (ଓ୩ମ୍) ଓ ସପ୍ତବ୍ୟାହୃତିରୁ ପ୍ରଥମ ତିନୋଟି ବ୍ୟାହୃତି ଅର୍ଥାତ୍ ଭୂଃ, ଭୁବଃ, ସ୍ଵଃକୁ ଆଣି ଯଜୁର୍ବେଦର ଛତିଶ ଅଧ୍ୟାୟର ତୃତୀୟ ମନ୍ତ୍ରରେ ଯୋଗ କରି ଋଷି, ମହର୍ଷି ଗଣ ମନ୍ତ୍ରର ନାମ କରଣ ଏଥିପାଇଁ କରିଛନ୍ତି ଯେ, "ଗାୟନ୍ତଂ ତ୍ରାୟତେ ଇତି" ଅର୍ଥାତ୍ ନିୟମ ଅନୁଯାୟୀ ଏହି ମନ୍ତ୍ରକୁ ଗାନ କଲେ ଜୀବାତ୍ମା ଭବ ସାଗରରୁ ତରିଯାଏ । ଏହି

ମନ୍ତ୍ରର ଦେବତା ସବିତା ହୋଇଥିବାରୁ ଏହାକୁ ସାବିତ୍ରୀ ମନ୍ତ୍ର ନାମରେମଧ୍ୟ ନାମିତ କରାଯାଇଛି । ବେଦର ଅନ୍ୟାନ୍ୟ ମନ୍ତ୍ର ଅପେକ୍ଷା ଏହା ଅତ୍ୟନ୍ତ ମହତ୍ ଉଦ୍ଦେଶ୍ୟପୂର୍ଣ୍ଣ। ଈଶ୍ୱର ପ୍ରାପ୍ତିମୂଳକ ହୋଇଥିବାରୁ ଏହାକୁ ମହାମନ୍ତ୍ର, ଗୁରୁ ନିଜର ଶିଷ୍ୟକୁ ପ୍ରଥମେ ଏହି ମନ୍ତ୍ର ଶିକ୍ଷା ଦିଅନ୍ତି ତେଣୁ ଏହି ମନ୍ତ୍ରକୁ ଗୁରୁମନ୍ତ୍ର ବୋଲି ମଧ୍ୟ କହନ୍ତି । କର୍ଣ୍ଣରେ କୁହାଯାଏ, ତେଣୁ କର୍ଣ୍ଣମନ୍ତ୍ର ମଧ୍ୟ କହନ୍ତି ।

### ନମନ :-

"ନମସ୍ତେ" ଅର୍ଥାତ୍ ନମ୍ରତାପୂର୍ବକ ସକଳକର୍ମ ସମ୍ପାଦନ କରିବା । ସେହି ଈଶ୍ୱର ଏଡ଼େ ମହାନ୍, ଏଡ଼େ ବିଜ୍ଞାନମୟ, ଏଡ଼େ ଶକ୍ତିଶାଳୀ, ତାଙ୍କଠାରେ ଏପରି ଅଲୌକିକ ଗୁଣମାନ ରହିଛି, ଯା ଫଳରେ ଆପେ ଆପେ ମୋର ମସ୍ତକ ତାଙ୍କ ନିକଟରେ ନମ୍ର ହୋଇଯାଉଛି । ସାଧାରଣ ଲୌକିକ ବ୍ୟବହାରରେ ବୟୋଜ୍ୟେଷ୍ଠ, ଜ୍ଞାନୀ, ଧନୀ, ମହାତ୍ମା ମହାପୁରୁଷଙ୍କୁ ଆମେ ସମସ୍ତେ ନମସ୍ତେ କରିଥାଉଁ । ଏହାଦ୍ୱାରା ସୂଚନା ଦେଇଥାଉଁ ଆପଣଙ୍କ ବୟସ, ଜ୍ଞାନ, ଧନ ଅପେକ୍ଷା ମୋର କିଛି ନ୍ୟୁନତା ଅଛି, ତେଣୁ ଆପଣଙ୍କ ଆଗରେ ନମ୍ର ହେବାକୁ ମୁଁ ବାଧ୍ୟ ହେଉଛି । ନମସ୍ତେ କରିବାଦ୍ୱାରା ହୃଦୟ ମଧ୍ୟରେ ଥିବା ଯାବତୀୟ ଗର୍ବ, ଅହଙ୍କାର, ଅଭିମାନ ପ୍ରଭୃତି ଦୂରୀଭୂତ ହୁଏ; ଫଳରେ ମନୁଷ୍ୟ ବିନମ୍ର ଓ ବିନୟସମ୍ପନ୍ନ ହୋଇ ସମାଜରେ ପ୍ରଶଂସିତ ହୋଇଥାଏ । ବିନୟ ସମ୍ପନ୍ନ ବ୍ୟକ୍ତି ଜୀବନ କାଳ ମଧ୍ୟରେ ଅନେକ କିଛି ଉନ୍ନତି କରିଥାଏ । ଏ ସମସ୍ତ କାରଣରୁ ସନ୍ଧ୍ୟୋପାସନାର ଅନ୍ତିମ ମନ୍ତ୍ରରେ ସେହି ସର୍ବ ଶକ୍ତିମାନ୍, ସର୍ବାଧାର, ସର୍ବନିୟନ୍ତା, ସର୍ବଜ୍ଞ, ସର୍ବଶ୍ରେଷ୍ଠ ପରମେଶ୍ୱରଙ୍କ ନିକଟରେ ଭକ୍ତି ଗଦ୍‌ଗଦ ଚିତ୍ତରେ ଆତ୍ମ ସମର୍ପଣ କରି ତାହାଙ୍କୁ ନମସ୍ତେ କରିବା ଉପାସକଙ୍କ ପକ୍ଷରେ ଚରମ ଓ ପରମ ଆବଶ୍ୟକ ।

ଦୈନିକ ସନ୍ଧ୍ୟୋପାସନା ସମାପ୍ତି କରି ଧାର୍ମିକ ଗୃହସ୍ଥଗଣ ଅଗ୍ନିହୋତ୍ର ବା ହବନ କରି, ଗୃହର ବାତାବରଣକୁ ଶୁଦ୍ଧ ରଖିବା ସଙ୍ଗେ ସଙ୍ଗେ ଆତ୍ମସନ୍ତୁଷ୍ଟି ମଧ୍ୟ ଲାଭ କରିଥାନ୍ତି । ବୃହଦ୍ ଯଜ୍ଞାନୁଷ୍ଠାନର ବିଧି-ବିଧାନ ପୁସ୍ତକରେ ସନ୍ନିବେଶିତ ହୋଇଅଛି



। ହବନଦ୍ୱାରା ଆମ କି କି ଲାଭ ହୁଏ, ସେ ସବୁର ସଂକ୍ଷିପ୍ତ ସୂଚନା ଯଜ୍ଞପ୍ରେମୀଙ୍କ ପାଇଁ ଏଠାରେ ଅବତାରଣା କରାଯାଇଛି । ତେଣୁ ସେ ସବୁକୁ ପ୍ରଥମେ ଜାଣିନେବା ଆବଶ୍ୟକ ।

## ଅଗ୍ନିହୋତ୍ର ବା ହବନ ଯଜ୍ଞର୍ ରହସ୍ୟ

**ପ୍ରଶ୍ନ :** ହବନ ଯଜ୍ଞ କାହାକୁ କହନ୍ତି ?

**ଉ :** ମହର୍ଷି ମନୁ ଦେବଯଜ୍ଞ ନାମରେ ନାମିତ କରିଥିବା ନିତ୍ୟକର୍ମର ନାମ 'ହବନ ଯଜ୍ଞ' ।

**ଅଧ୍ୟାପନଂ ବ୍ରହ୍ମଯଜ୍ଞଃ ପିତୃଯଜ୍ଞସ୍ତୁ ତର୍ପଣମ୍ ।**
**ହୋମୋ ଦୈବୋବଳିର୍ଭୌ ତୋ ନୃଯଜ୍ଞୋଽତିଥି ପୂଜନମ୍ ॥**

ମନୁସ୍ମୃତି ତୃତୀୟ ଅଧ୍ୟାୟରେ ଉପରୋକ୍ତ ୭୦ ଶ୍ଳୋକରେ ସ୍ପଷ୍ଟରୂପେ ହବନକୁ ଦେବଯଜ୍ଞ ନାମରେ ନାମିତ କରାଯାଇଛି । ମନ୍ତ୍ରପାଠ କରି ଘିଅ ଓ ସୁଗନ୍ଧିତ ଦ୍ରବ୍ୟକୁ ନିଆଁରେ ଆହୁତି ଦେବା କ୍ରିୟାକୁ ହବନ ଯଜ୍ଞ କୁହନ୍ତି ବୋଲି ପ୍ରାୟଶଃ ସମସ୍ତେ ଜାଣନ୍ତି । ତେବେ ମହର୍ଷି ମନୁ କେଉଁ ଉଦ୍ଦେଶ୍ୟରେ ହବନ ଯଜ୍ଞକୁ ଦେବ ଯଜ୍ଞରେ ନାମିତ କରିଛନ୍ତି ? ପ୍ରକୃତରେ ଏହାର ବାସ୍ତବିକତା କଅଣ ? ଏ ପ୍ରଶ୍ନ ସ୍ୱତଃ ମନ ମଧ୍ୟରେ ଜାଗ୍ରତ ହେବା ସ୍ୱାଭାବିକ ଅଟେ ।

ଏହାରି ଉତ୍ତରରେ ସଂକ୍ଷେପରେ କୁହାଯାଇପାରେ, ପ୍ରଥମତଃ ଏହି କର୍ମ କେବଳ ଦେବରୂପୀ ବିଦ୍ୱାନ୍‌ମାନଙ୍କଦ୍ୱାରା ସମ୍ପାଦନ କରାଯାଏ । ଦ୍ୱିତୀୟତଃ ବେଦ ମନ୍ତ୍ର ପାଠକରି ଏହି ଯଜ୍ଞାନୁଷ୍ଠାନ କରିବାକୁ ହୁଏ । ତୃତୀୟତଃ ନାନା ଜାତିର ପତ୍ର, ପୁଷ୍ପ, ଫଳମୂଳ ପ୍ରଭୃତି ଔଷଧି ଓ ଘୃତ, ଯେଉଁଗୁଡ଼ିକ ଦିବ୍ୟଗୁଣଯୁକ୍ତ ସେପରି ପଦାର୍ଥମାନଙ୍କଦ୍ୱାରା ଏହି କର୍ମ ସମ୍ପାଦନ କରିବାକୁ ପଡ଼େ । ଚତୁର୍ଥତଃ, ଚନ୍ଦ୍ର, ସୂର୍ଯ୍ୟ, ଅଗ୍ନି, ଜଳ ଓ ବାୟୁ ପ୍ରଭୃତି ଦେବଗଣଙ୍କର ପୁଷ୍ଟି ତଥା ଶୁଦ୍ଧିପାଇଁ ଏହା କରାଯାଏ । ପଞ୍ଚମତଃ ପରମାତ୍ମାଙ୍କ ପ୍ରସନ୍ନତାପାଇଁ ଓ ହବନକର୍ତ୍ତା ନିଜେ ଦେବତ୍ୱକୁ

ପ୍ରାପ୍ତ ହେବାପାଇଁ ଲକ୍ଷ୍ୟ ରଖି ଏହି କର୍ମ ସମ୍ପାଦନ କରିଥାନ୍ତି । ତେଣୁ ଏହାର ନାମକରଣ 'ଦେବଯଜ୍ଞ' କରାଯାଇଛି ।

'ହୁ' ଧାତୁରୁ ହବନ, ତଥା ହବି, ହୋତା ପ୍ରଭୃତି ଶବ୍ଦ ନିଷ୍ପନ୍ନ ହେଉଛି । ଧାତୁପାଠରେ 'ହୁ' ଧାତୁର ଅର୍ଥ କରାଯାଇଛି'ହୁ- ଦାନାଦାନୟୋଃ' ଅର୍ଥାତ୍ ଦାନ (ଦେବା), ଆଦାନ (ନେବା) । ଏହି ଦିଓଟି କର୍ମ ଯେଉଁଠାରେ ସମ୍ପାଦିତ ହେଉଛି, ତାହାକୁ ହବନ କୁହାଯାଏ । ଦେବ ଶବ୍ଦର ଅର୍ଥ ବ୍ୟବହାରକୁଶଳ । ତେଣୁ ହବନ ଯଜ୍ଞର ନାମକରଣ ଦେବଯଜ୍ଞ କରାଯାଇଛି । ହବନରେ ଦେବା, ନେବା ଏହି ଉଭୟ କ୍ରିୟା ଉତ୍ତମରୂପେ ସମ୍ପାଦିତ ହୋଇଥାଏ । ଆମ୍ଭେମାନେ ଅଗ୍ନି ଦେବତାଙ୍କ ମାଧ୍ୟମରେ ବାୟୁ, ଜଳ ପ୍ରଭୃତି ଦେବଗଣଙ୍କୁ ଘୃତ ଓ ସୁଗନ୍ଧିତ ପଦାର୍ଥମାନ ବା ସାମଗ୍ରୀ ଦେଇଥାଉଁ । ତଦ୍ୱାରା ବାୟୁ ଜଳ ପ୍ରଭୃତି ବିଶୁଦ୍ଧ ହୋଇଥାଏ । ବାୟୁ ଜଳ ଆଦି ବିଶୁଦ୍ଧ ହେବା ଫଳରେ ପ୍ରତିବଦଳରେ ଆମେ ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ ପ୍ରଭୃତି ଲାଭ କରିଥାଉଁ । ଏବଂ ହବନଦ୍ୱାରା ଦେବା ନେବା ଉଭୟ କାର୍ଯ୍ୟ ସମ୍ୟକ୍ ରୂପେ ସଂସାଧିତ ହୋଇଥାଏ । 'ହବି' ର ଅର୍ଥ ଯେଉଁ ପଦାର୍ଥ ଯେ ଦାନ ଦିଏ । 'ଅଞ୍ଚୁ ଗତିପୂଜନୟୋଃ' ଧାତୁରୁ ଅଗ୍ନି ଶବ୍ଦ ନିଷ୍ପନ୍ନ । ଗତେସ୍ତ୍ରୟୋଽର୍ଥାଃ- ଜ୍ଞାନଂ, ଗମନଂ, ପ୍ରାପ୍ତିଶ୍ଚେତି । ଜ୍ଞାନ, ଗମନ ଓ ପ୍ରାପ୍ତି ଏପରି ଗତିର ତିନୋଟି ଅର୍ଥ ରହିଛି । ପୂଜନଂ ନାମ ସତ୍କାରଃ- ପୂଜନର ନାମ ସତ୍କାର । ଅତଏବ ନେତାପଦପାଇଁ ସେମାନେ ହିଁ ଯୋଗ୍ୟ ବିବେଚିତ ହୋଇଥାନ୍ତି, ଯେଉଁମାନେ ଜ୍ଞାନୀ, ଗମନଶୀଳ ହୋଇଥାନ୍ତି । ଏଠାରେ ଭୌତିକ ଅଗ୍ନିର ଗୁଣ ବିଷୟକୁ ବିଗ୍ଚର କଲେ ମଧ୍ୟ, ଆମେ ଦେଖିବାକୁ ପାଇବା ଯେ ତା'ଠାରୁ ଅନେକ କିଛି ଶିକ୍ଷା ମିଳିଥାଏ । ଯଥା: ଅଗ୍ନି ହେଉଛି ପ୍ରକାଶମାନ୍; ଅଗ୍ନିରେ ଦଗ୍ଧ କରିବା ଗୁଣ ରହିଛି, ଅଗ୍ନି ସ୍ୱୟଂ ଗତିଶୀଳ ହୋଇ ବାୟୁ ଆଦିରେ ଗତି ଉତ୍ପନ୍ନ କରିଥାଏ ।ଅଗ୍ନି ସର୍ବଦା ଊର୍ଦ୍ଧ୍ୱ ଗତିଶୀଳ, ନିମ୍ନକୁ କଦାପି ସେ ଗତି କରନ୍ତି ନାହିଁ । ନିରୁକ୍ତରେ ଅଛି, 'ପୁର ଏନଂ ଦଧତୀତି... ପୁରୋହିତଃ' । ପୁରଃ- ଆଗରେ, ଦଧତି- ଧାରଣ କରେ ଯେ, ସେ ପୁରୋହିତ । ପ୍ରତ୍ୟେକ ଯଜ୍ଞର



ନେତା ବା ଅଗ୍ରଣୀଙ୍କୁ ପୁରୋହିତ କୁହାଯାଏ । ପୁରୋହିତ ଯଜ୍ଞରେ ଯଜମାନଙ୍କର ସମ୍ମୁଖ ଭାଗରେ ସର୍ବଦା ବସନ୍ତି । ଯେଉଁ ଯେଉଁ ବ୍ୟକ୍ତିର ବିଦ୍ୟା ପ୍ରଶଂସନୀୟ, ଅର୍ଥାତ୍ ଯେଉଁ ବ୍ୟକ୍ତି ଅତ୍ୟନ୍ତ ପରାକ୍ରମଶାଳୀ, ଯାହାର ବିଜୟଶୀଳ କ୍ଷାତ୍ରତେଜ ଅତ୍ୟନ୍ତ ତେଜୀୟାନ୍, ସେ ହିଁ ପୁରୋହିତ ହେବାପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି ।

ହବନ ସମୟରେ ମନ୍ତ୍ର ଉଚ୍ଚାରଣ କରିବାର ଅଭିପ୍ରାୟ କ'ଣ ? ସାଧାରଣତଃ ବେଦମନ୍ତ୍ର ପାଠ କରି ହବନ କରାଯାଏ । ମନ୍ତ୍ରପାଠ କଲାପରେ ଅଗ୍ନିରେ ଆହୁତି ଦିଆଯାଏ । ମନ୍ତ୍ରପାଠ ନ କରି ନିଆଁରେ ଯଦି ଆହୁତି ଦିଆଯାଏ, ତେବେ ତଦ୍ୱାରା ଲାଭ ହେବ କି ନାହିଁ ? ରୋଗନାଶକ ଉତ୍ତମ ସୁଗନ୍ଧିତ ପଦାର୍ଥମାନ ମନ୍ତ୍ରପାଠ ନ କରି ନିଆଁରେ ଆହୁତି ଦେଲେ ମଧ୍ୟ ତହିଁରୁ ସୁଫଳ ନିଶ୍ଚୟ ମିଳିବ; ତେଣୁ ସେପରି କଲେ ମଧ୍ୟ କୌଣସି ପ୍ରକାର କ୍ଷତି ହେବ ନାହିଁ । କିନ୍ତୁ ବେଦମନ୍ତ୍ର ପାଠକରି ନିଆଁରେ ଆହୁତି ଦେବା ଫଳରେ ଯେଉଁ ଆଧ୍ୟାତ୍ମିକ ଶକ୍ତି ଟିକକ ମିଳେ ତାହା ବାସ୍ତବିକ୍ ଅନିର୍ବଚନୀୟ ଲାଭ ଅଟେ । ମନ୍ତ୍ରୋଚ୍ଚାରଣ କରି ଆହୁତି ଦେବାଦ୍ୱାରା ନିମ୍ନଲିଖିତ ଲାଭମାନ ହୋଇଥାଏ । ଯଥା : (୧) ବେଦର ପଠନ, ପାଠନ, ମନନ ଓ ସଂରକ୍ଷଣ । (୨) ହବନଦ୍ୱାରା ଯେଉଁସବୁ ଲାଭହୁଏ ସେଗୁଡ଼ିକର ଅର୍ଥ ମନ୍ତ୍ରରେ ନିହିତ ହୋଇ ରହିଛି । (୩) ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ ଲାଭ । (୪) କେବଳ ନୀରବରେ ବସି ଆହୁତି ଦେଲେ ମନ ସଂଯମ, ଅବସ୍ଥାରେ ନ ରହି ଚତୁର୍ଦ୍ଦିଗକୁ ଗତିକରେ ଓ ଯାବତୀୟ ବିଷୟରେ ଭାବନା କରି ହୃଦୟରେ ଦୂଷିତ ବିଗ୍ଚରଧାରା ଜାତ କରାଏ । ମନ୍ତ୍ରପାଠ ସମୟରେ ସେହି ମନ୍ତ୍ରର ଅର୍ଥରେ ମନ ମନନଶୀଳ ହୋଇ ରହୁଥିବାରୁ ବିକ୍ଷିପ୍ତ ହେବାର ଅବକାଶ ନ ଥାଏ । (୫) ସମୁପସ୍ଥିତ ସମାଗତ ଦର୍ଶକମାନଙ୍କ ଉପରେ ଏହାର ସୁଦୂରପ୍ରସାରୀ ପ୍ରଭାବ ମଧ୍ୟ ପଡ଼ିଥାଏ ।

ମନ୍ତ୍ରପାଠ ସହିତ ସ୍ୱାହା ଶବ୍ଦ ଉଚ୍ଚାରଣ କରି ଆହୁତି ଦେବାର ତାତ୍ପର୍ଯ୍ୟ କଅଣ ? ଏ ସମ୍ପର୍କରେ ଅଥର୍ବ ବେଦର କା ୪-୧୨-୧୧ ମନ୍ତ୍ରରେ କଥିତ ହୋଇଛି- "ସ୍ୱାହାକୃତଂ ହବିରଦନ୍ତୁ ଦେବାଃ" ଅର୍ଥାତ୍ ସ୍ୱାହାଦ୍ୱାରା ଅର୍ପଣ କରାଯାଉଥିବା ପଦାର୍ଥକୁ

ଦେବତାମାନେ ଖାଆନ୍ତୁ । ସ୍ୱାହା ଶବ୍ଦର ଅନେକ ପ୍ରକାର ଅର୍ଥ ରହିଛି । କିନ୍ତୁ 'ସ୍ୱ-ଅ-ହା' ତ୍ୟାଗେ ଧାତୁରୁ ଏହି ଶବ୍ଦ ନିଷ୍ପନ୍ନ ହୋଇଥିବାରୁ, ଏହାର ଅର୍ଥ ହେଲା, ଜଗତର ମଙ୍ଗଳବିଧାନ ପାଇଁ ଆପଣାର ପଦାର୍ଥକୁ ସମର୍ପଣ କରିବା । ଆତ୍ମସମର୍ପଣ ହିଁ ପ୍ରକୃତ ଯଜ୍ଞ ପଦବାଚ୍ୟ । ସେ କୌଣସି ଯଜ୍ଞ ହେଉ ବା ଶୁଭକର୍ମ ହେଉ, ଆତ୍ମସମର୍ପଣ ବ୍ୟତୀତ କେବେହେଁ ତାହା ସାଫଲ୍ୟମଣ୍ଡିତ ହୋଇପାରେ ନାହିଁ । ଏହି ମହନୀୟ ମହତ୍ତ୍ୱକୁ ପ୍ରକାଶ କରିବାପାଇଁ ପ୍ରତ୍ୟେକ ମନ୍ତ୍ରର ଶେଷରେ ସ୍ୱାହା ଶବ୍ଦ ଉଚ୍ଚାରଣ କରିବାକୁ ହୋଇଥାଏ । ଦେଖିବାକୁ ମିଳେ କେତେକ ସ୍ଥଳରେ ସ୍ୱାହାଶବ୍ଦ ଉଚ୍ଚାରଣ କଲାପରେ 'ଇଦଂ ନ ମମ' କୁହାଯାଏ । ଏହାର ପ୍ରକୃତ ଉଦ୍ଦେଶ୍ୟ କଅଣ ? ଏହାଦ୍ୱାରା ଅର୍ପିତ ପଦାର୍ଥ ମୋପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ପ୍ରକାଶ କରାଯାଏ । ନିଜର ଯାବତୀୟ ପଦାର୍ଥରେ ସମସ୍ତଙ୍କର ମମତା ରହିଛି, ସେହି ମମତା ଟିକକକୁ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରିବାପାଇଁ, ଏପରି ଉଚ୍ଚାରଣ କରାଯାଇଥାଏ ।

"ଇଦଂ ନ ମମ" ଏହି ସୁନ୍ଦର ମନୋଭାବ ପୋଷଣ କରି ଯଜ୍ଞକର୍ତ୍ତା ଜୀବନରେ ସୁଖ-ଶାନ୍ତି ଲାଭ କରି ଦୟା-କ୍ଷମାଦି ଦିବ୍ୟ ଗୁଣର ଅଧିକାରୀ ହୋଇଥାନ୍ତି । ଏହାର ବିପରୀତ "ଇଦଂ ମମ" ଅର୍ଥାତ୍ ଏସବୁ ମୋର ଏପରି ମନୋଭାବ ଯେଉଁ ବ୍ୟକ୍ତି ପୋଷଣ କରେ, ସେ ଯାବତୀୟ ଦୁଃଖ, ଦୁର୍ଦ୍ଦଶା ଓ ଅଶାନ୍ତିର ସମ୍ମୁଖୀନ ହୋଇଥାଏ । ଏଥିପାଇଁ ଉଦାହରଣସ୍ୱରୂପ ରାମାୟଣ ଓ ମହାଭାରତକୁ ନିଆଯାଇପାରେ । ରାମାୟଣ ହେଉଛି ଇଦଂ ନ ମମ ଓ ମହାଭାରତର କାହାଣୀ ଇଦଂ ମମର ପ୍ରକୃତ ପରିଗ୍ରାହକ ଅଟେ । ତେଣୁ ରାମାୟଣର ପରିଣାମ ସୁଖ-ଶାନ୍ତି, ଆନନ୍ଦ ପ୍ରଦାୟକ ହୋଇଥିବା ସ୍ଥଳେ, ଅନ୍ୟଟି ଦୁଃଖ ଅଶାନ୍ତି କେବଳ ନୁହେଁ, ଘୋର ଅନିଷ୍ଟକାରକ ଓ ପ୍ରାଣ ବିନାଶକ ହୋଇଥିବା ଯେ କେହି ସହଜରେ ଉପଲବ୍ଧି କରିପାରିବେ ।

ହବନ କରିବାଦ୍ୱାରା କି କି ଲାଭ ହୋଇଥାଏ ? ସଂସାରର ଯେକୌଣସି



ବ୍ୟକ୍ତି ହେଉନା କାହିଁକି, ଲାଭ ବିଷୟ ବିଚାର ନକରି ଅତି ସାମାନ୍ୟ କାର୍ଯ୍ୟରେ ମଧ୍ୟ ହାତ ଦିଏନାହିଁ । ହବନଦ୍ୱାରା କି କି ଲାଭ ହୁଏ ତା ଅବଶ୍ୟ ବିଚାରିବାର କଥା । ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ଉଲ୍ଲେଖ ଅଛି "ଯଜ୍ଞୋ ବୈ ଶ୍ରେଷ୍ଠତମଂ କର୍ମ" ଅର୍ଥାତ୍ କେବଳ ଯଜ୍ଞ ହିଁ ଶ୍ରେଷ୍ଠତମ କର୍ମରେ ପରିଗଣିତ । ତେବେ ଯଜ୍ଞରେ କି କି ଶ୍ରେଷ୍ଠତା ରହିଛି ? ଶତପଥ ଭା ୨-୩-୩-୧୫ ମନ୍ତ୍ରରେ ପୁଣି କୁହାଯାଇଛି, 'ନୈର୍ହିବା ଏଷା ସ୍ୱର୍ଗ୍ୟା, ଯଦଗ୍ନିହୋତ୍ରମ୍' ସ୍ୱର୍ଗସୁଖକୁ ଲାଭ କରାଇବା ପାଇଁ ଅଗ୍ନିହୋତ୍ର ହିଁ ନୌକାପରି କାମ ଦେଇଥାଏ । ଅଥର୍ବ ବେଦର ୨-୩୧-୨ ମନ୍ତ୍ରର ଭାବାର୍ଥ ହେଉଛି, ଦୁଃସାଧ୍ୟ ରୋଗ ଉତ୍ପନ୍ନ କରୁଥିବା, ଶରୀର ମଧ୍ୟରେ ଥିବା କ୍ରିମିଗୁଡ଼ିକ ହବନଦ୍ୱାରା ନିନାଶ ହୋଇଥାନ୍ତି । ପୁଣି ଅଥର୍ବ ବେଦରେ ୩-୩୧-୪ ମନ୍ତ୍ରରେ କଥିତ ହୋଇଛି, ଶରୀରରେ ଯାଦୁ, କାଛୁ, ରାଜଯକ୍ଷ୍ମା ଓ ପୀନସ ପ୍ରଭୃତି ଯେଉଁସବୁ ରୋଗ ଜାତ ହେଉଛି, ତା'ର ଜୀବାଣୁଗୁଡ଼ିକ ହବନଦ୍ୱାରା ନଷ୍ଟ ହୋଇଥାନ୍ତି । ବାୟୁମଣ୍ଡଳ ଓ ଜଳରାଶି ମଧ୍ୟ ହବନଦ୍ୱାରା ବିଶେଷଭାବରେ ଶୁଦ୍ଧ ହୋଇଥାଏ ।

ବେଦର ପ୍ରମାଣଦ୍ୱାରା ସିଦ୍ଧ କରାଗଲା ଯେ, ହବନ ଯାବତୀୟ ରୋଗକୁ ବିନାଶ କରି ଦୀର୍ଘାୟୁ ପ୍ରଦାନ କରିଥାଏ । ଯେଉଁମାନେ ବେଦକୁ ସ୍ୱତଃପ୍ରମାଣ ବୋଲି ବିଚାରନ୍ତି ସେମାନଙ୍କ ପକ୍ଷରେ ଏହାହିଁ ଯଥେଷ୍ଟ । କିନ୍ତୁ ବର୍ତ୍ତମାନ ଏ ବିଜ୍ଞାନ ଯୁଗରେ ବିଜ୍ଞାନଦ୍ୱାରା ପ୍ରମାଣିତ ନ ହେବା ପର୍ଯ୍ୟନ୍ତ, ଯେକୌଣସି ପଦାର୍ଥ କଦାପି ସର୍ବଜନାଦୃତ ହୋଇପାରିବ ନାହିଁ । ବିଜ୍ଞାନଦ୍ୱାରାପରୀକ୍ଷିତ ହୋଇ, ହବନରୁ ଯେଉଁସବୁ ଉପକାର ମିଳୁଛି, ପାଠକଙ୍କ ଅବଗତି ନିମନ୍ତେ ତହିଁରୁ କେତୋଟି ନିମ୍ନରେ ଉଲ୍ଲେଖ କରାଗଲା ।

ନୀରୋଗ ଭାବେ ସୁସ୍ଥ ଜୀବନଯାପନ କରିବାକୁ ହେଲେ ଶରୀର ପାଇଁ ପ୍ରତିଦିନ ବିଶୁଦ୍ଧ ବାୟୁ, ବିଶୁଦ୍ଧ ଜଳ ଓ ଶୁଦ୍ଧପୂତ ଖାଦ୍ୟ ଏକାନ୍ତ ଆବଶ୍ୟକ । ହବନଦ୍ୱାରା ବାୟୁମଣ୍ଡଳ ବିଶୁଦ୍ଧ ହୁଏ । ସେହି ବିଶୁଦ୍ଧ ବାୟୁ ସମ୍ପର୍କରେ ଆସି ଜଳ, ଅନ୍ନ (ବନସ୍ପତି) ମଧ୍ୟ ବିଶୁଦ୍ଧ ହୋଇଥାନ୍ତି । ଦେଖିବାକୁ ମିଳେ ଯେ, ପ୍ରତିଦିନ

ବାୟୁମଣ୍ଡଳରେ କିଛି ନା କିଛି ଅଶୁଦ୍ଧ, ଦୂଷିତ ପଦାର୍ଥ ଅହରହ ମିଶ୍ରଣ ହେଉଛି । ଫଳରେ ବାୟୁମଣ୍ଡଳ ଦିନକୁଦିନ ଅଧିକରୁ ଅଧିକମାତ୍ରାରେ ଦୂଷିତ ହେଉଛି । ଆମରି ଶ୍ୱାସ ପ୍ରଶ୍ୱାସରେ ନାନାପ୍ରକାର ରୋଗ ଉତ୍ପାଦନକାରୀ କଣାମାନ ନିର୍ଗତ ହୋଇ ବାୟୁ ମଣ୍ଡଳରେ ମିଶ୍ରଣ ହେଉଛି । ଆମ ଶରୀରରୁ 'କାର୍ବନାଦି ଏସିଡ୍' ନାମକ ଏକ କ୍ଷତିକାରକ ବାୟୁ ମଧ୍ୟ ଉତ୍ପନ୍ନ ହେଉଛି । ରୋଗୀମାନଙ୍କ ଶ୍ୱାସ ପ୍ରଶ୍ୱାସ ସହିତ ରୋଗ ଉତ୍ପାଦନକ୍ଷମ କୀଟାଣୁଗୁଡ଼ିକ ଅହରହ ଯାତାୟାତ କରିଥାନ୍ତି । ଜୀବଜନ୍ତୁ ତ୍ୟାଗ କରୁଥିବା ମଳ, ମୂତ୍ରାଦିର ଦୁର୍ଗନ୍ଧ, ମୃତ୍ୟୁବରଣ କରୁଥିବା ଜୀବଜନ୍ତୁମାନଙ୍କର ପଚାସଢ଼ା ଶବଗୁଡ଼ିକର ପୂତିଗନ୍ଧ ଏ ସମସ୍ତ ପ୍ରତିଦିନ ବାୟୁମଣ୍ଡଳରେ ମିଶ୍ରିତ ହୋଇ ବାୟୁମଣ୍ଡଳକୁ ଏକାବେଳକେ ଦୂଷିତ ଓ ବିଷାକ୍ତ କରିଦେଉଛି । ପରମାତ୍ମାଙ୍କ ସୃଷ୍ଟିରେ ପ୍ରାକୃତିକ ନିୟମାନୁସାରେ ଆବଶ୍ୟ ଏହି ଦୂଷିତ ବାୟୁ କ୍ରମଶଃ ଶୁଦ୍ଧପୂତ ହେଉଛି । ପ୍ରାକୃତିକ ଉପାୟରେ ଧୀରେ ଧୀରେ ଦୋଷଗୁଡ଼ିକ ଦୂରେଇ ଯାଉଛି; ତଥାପି ଦେଖିବାକୁ ଗଲେ ବାୟୁ ମଣ୍ଡଳକୁ ଦୂଷିତ କରିବାରେ, ଆମ୍ଭେମାନେ ଅନେକ ପରିଣାମରେ ଦାୟୀ । ଆମେ ନିଜେ ଯେତେବେଳେ ବିଶୁଦ୍ଧ ବାୟୁମଣ୍ଡଳକୁ ଦୂଷିତ କରିଦେଉଛୁ, ତାକୁ ଶୁଦ୍ଧ କରିବାପାଇଁ ଚେଷ୍ଟା କରିବା, ପ୍ରୟତ୍ନ କରିବା, ଆମର ଅପରିହାର୍ଯ୍ୟ କର୍ତ୍ତବ୍ୟ ନୁହେଁ କି ? ଏହାର ଉତ୍ତରରେ ଯେ କେହି ପ୍ରକାଶ କରିବ, ବାୟୁମଣ୍ଡଳକୁ ଶୁଦ୍ଧପୂତ କରିବାପାଇଁ ଧ୍ୟାନ ଦେବା ମଣିଷର ପ୍ରଥମ କର୍ତ୍ତବ୍ୟ । ଯେତେଦୂର ସମ୍ଭବ କୃତ୍ରିମ ଉପାୟଦ୍ୱାରା ହିଁ ବାୟୁମଣ୍ଡଳର ଏହି ଦୋଷକୁ ଦୂରୀକରଣ କରାଯାଇପାରେ । ଦେଖିବାକୁ ଗଲେ, ଉନ୍ମୁକ୍ତ ସ୍ଥାନରେ ବା ଖୋଲା ପଡ଼ିଆରେ ବାୟୁମଣ୍ଡଳର ଯେପରି ପରିବର୍ତ୍ତନ ଘଟେ, ଅବରୁଦ୍ଧ ଗୃହ ବା ଆବଦ୍ଧ ସ୍ଥାନରେ ବାୟୁ ସେପରି ପରିବର୍ତ୍ତନ ହୋଇପାରେ ନାହିଁ । ପରିବର୍ତ୍ତନ ହୋଇପାରୁ ନ ଥିବା, ଘର ଭିତରର ସେହି ବାୟୁକୁ ପରିବର୍ତ୍ତନ କରି ଶୁଦ୍ଧ କରିବାପାଇଁ ଧ୍ୟାନ ଦେବା ସର୍ବାଦୌ ଆବଶ୍ୟକ । ଏହି କାର୍ଯ୍ୟ ହବନଦ୍ୱାରା ଯେପରି ସହଜରେ କରାଯାଇପାରେ ଅନ୍ୟ କୌଣସି କାର୍ଯ୍ୟଦ୍ୱାରା ସେପରି କଦାପି କରାଯାଇପାରିବ ନାହିଁ । କାରଣ ଗୃହ



ମଧ୍ୟରେ ଯେତେବେଳେ ହବନ କରାଯାଏ, ସେତେବେଳେ ସେହି ଘର ମଧ୍ୟରେ ଥିବା ବାୟୁ ଉତ୍ତପ୍ତ ହୋଇ ହାଲୁକା ହୋଇଯାଏ । ଫଳରେ ସେହି ବାୟୁ ଉପରକୁ ଉଠି କ୍ରମଶଃ ପଦାକୁ ବାହାରିଯାଏ । ବାୟୁ ଚାଲିଯିବାଦ୍ୱାରା ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୁଏ, ତାକୁ ପୂରଣ କରିବା ପାଇଁ ବାହାରର ଶୀତଳ ବିଶୁଦ୍ଧ ବାୟୁ ପୁଣି ଘର ଭିତରକୁ ପ୍ରବେଶ କରେ । ହବନଦ୍ୱାରା ବାୟୁମଣ୍ଡଳରେ ଥିବା ନାନା ପ୍ରକାର ଦୋଷ ମଧ୍ୟ ନଷ୍ଟ ହୋଇ ଦୂରୀଭୂତ ହୋଇଥାଏ । ପ୍ରଥମେ ଯେତେବେଳେ ଘର ଭିତରେ ଅଗ୍ନି ପ୍ରଜ୍ୱଳନ କରାଯାଏ, ସେତେବେଳେ ସେହି ଘର ଭିତରେ ଥିବା ବାୟୁର ପ୍ରତ୍ୟେକ ପରମାଣୁରେ ଅଗ୍ନିଶିଖାର ମିଶ୍ରଣ ହୁଏ । ଅଗ୍ନିଶିଖାର ଉତ୍ତାପଦ୍ୱାରା ବାୟୁମଣ୍ଡଳରେ ଥିବା ରୋଗଜୀବାଣୁ ପ୍ରଭୃତି ଓ ବାୟୁର ବହୁପ୍ରକାର ଦୋଷ ମଧ୍ୟ ନଷ୍ଟ ହୋଇଯାଏ । ହବନ ସମୟରେ ଘିଅ, ନାନାପ୍ରକାର ସୁଗନ୍ଧିତ, ପୁଷ୍ଟିକାରକ ଓ ରୋଗନାଶକ ଦ୍ରବ୍ୟ ନିଆଁରେ ଆହୁତି ଦିଆଯାଏ । ସେସବୁ ଜିନିଷ ନିଆଁରେ ପୋଡ଼ି ଭସ୍ମୀଭୂତ ହୋଇ ସୂକ୍ଷ୍ମାତିସୂକ୍ଷ୍ମ ଆକାର ଧାରଣ କରି, ବାୟୁମଣ୍ଡଳରେ ମିଶିଯାଏ । ଜଳନ୍ତା ନିଆଁରେ ବିଭିନ୍ନ ପ୍ରକାର ପୁଷ୍ଟିକାରକ ଦ୍ରବ୍ୟ ଆହୁତି ଦେବା ଫଳରେ, ତହିଁରୁ ଅନେକ ପ୍ରକାର ରୋଗ ନାଶକ ଗ୍ୟାସ୍ ଉତ୍ପନ୍ନ ହୋଇ, ବାୟୁର ଦୋଷକୁ ଦୂର କରିଦିଏ । ଫ୍ରାନ୍ସର ବିଶିଷ୍ଟ ବୈଜ୍ଞାନିକ ଅଧ୍ୟାପକ 'ଟ୍ରିଲ୍ ବର୍ଟ୍' ଅନେକ ପରୀକ୍ଷା କରି ମତପ୍ରକାଶ କରିଛନ୍ତି... "କାଠକୁ ଜାଳିବାଦ୍ୱାରା ତହିଁରୁ 'ଫାର୍ମିକ୍ ଆଲଡ଼ିହାଇଡ୍' ନାମକ ଏକ ପ୍ରକାର ଗ୍ୟାସ୍ ଉତ୍ପନ୍ନ ହୁଏ । ସେହି ଗ୍ୟାସ୍‌ରେ କ୍ଷୟରୋଗ, ରେଚକ ଓ ହଇଜା ରୋଗର କୀଟାଣୁଗୁଡ଼ିକୁ ନଷ୍ଟ କରିବାର ଶକ୍ତି ରହିଥାଏ । ୪୦ ଭାଗ ଏହି ଗ୍ୟାସ୍‌ରେ ୧୦୦ ଭାଗ ପାଣି ମିଶାଇ 'ଫାର୍ମେଲିନ୍' ନାମକ ଏକ ପଦାର୍ଥ ବଜାରରେ ବିକ୍ରୟ କରାଯାଉଛି; ଯାହାକି ଫିନାଇଲ୍‌ର କାମ ଦେଇଥାଏ । ଅନେକ ଲୋକ ଫିନାଇଲ୍ ପରିବର୍ତ୍ତେ ତା'ସ୍ଥାନରେ ଏହାକୁ ବ୍ୟବହାର କରି ଫିନାଇଲ୍‌ର ଉପକାର ପାଉଛନ୍ତି ।"

ଏମ୍. ଟ୍ରଲ୍‌ଡ଼ ନାମକ ଅନ୍ୟ ଜଣେ ବୈଜ୍ଞାନିକ କହିଛନ୍ତି, ତିନିଅଂଶ ଅଧିକ

ରହିଥିବା ଦ୍ରାକ୍ଷା, କିସ୍‌ମିସ୍ ପ୍ରଭୃତି ଫଳକୁ ନିଆଁରେ ଜାଳିବାଦ୍ୱାରା, ତହିଁରୁ ଯେଉଁ ଧୂଆଁ ଉତ୍ପନ୍ନ ହୁଏ, ସେହି ଧୂଆଁ ଅଧଘଣ୍ଟା ମଧ୍ୟରେ ଟାଇଫଏଡ୍ କୀଟାଣୁକୁ ଓ ଦୁଇଘଣ୍ଟାରେ ଅନ୍ୟ ରୋଗର କୀଟାଣୁଗୁଡ଼ିକୁ ନଷ୍ଟ କରିଦିଏ । ଅନ୍ୟାନ୍ୟ ଔଷଧିମାନଙ୍କୁ ନିଆଁରେ ଜାଳିଲେ, ତହିଁରୁ ବିଭିନ୍ନ ପ୍ରକାର ଗ୍ୟାସ୍ ଉତ୍ପନ୍ନ ହୋଇ ବାୟୁମଣ୍ଡଳରେ ଥିବା ଦୋଷକୁ ସମୂଳେ ନଷ୍ଟ କରିଦିଏ ।

ମାନ୍ଦ୍ରାଜ୍ ପ୍ରଦେଶର ତତ୍କାଳୀନ ସେନିଟରୀ କମିଶନର୍ କର୍ନଲ୍ କିଙ୍ଗ୍, ଆଇ. ଏସ୍. ଏସ୍. ତା ୨୫.୦୩.୧୮୯୮ ମସିହାରେ ଗ୍ରାଜୁଏଟ୍ ସ୍ନାତକମାନଙ୍କୁ, ଘିଅ, କେଶର ଓ ଗୁଉଳକୁ ମିଶ୍ରଣ କରି ଜାଳିବାପାଇଁ ଉପଦେଶ ଦେଇଥିଲେ ।ତା'ର କାରଣ ବୁଝାଇବାକୁ ଯାଇ କହିଥିଲେ, ଏହାଦ୍ୱାରା ବାୟୁମଣ୍ଡଳ ବିଶୁଦ୍ଧ ହୁଏ ଓ ବାୟୁମଣ୍ଡଳରେ ମିଶ୍ରିତ ହୋଇ ରହିଥିବା ବିଷାକ୍ତ କୀଟାଣୁଗୁଡ଼ିକୁ ନଷ୍ଟ କରିଦିଏ । ଶ୍ରୀମାନ୍ ଡକ୍‌ଟର ଡବ୍ଲ୍ୟୁ. ଏମ. ମଧ୍ୟ ନିଜ ଲିଖିତ 'କିନ୍‌ନେ ବ୍ୟୁବୋନିକ୍ ପ୍ଲେଗ୍' ନାମକ ଏକ ପୁସ୍ତକରେ ବର୍ଣ୍ଣନା କରି କହିଛନ୍ତି, ଏହି ଗ୍ୟାସ୍‌ରେ ପ୍ଲେଗ୍ ରୋଗର ଅତି ବିଷାକ୍ତ କୀଟାଣୁଗୁଡ଼ିକ ନଷ୍ଟ ହୋଇଯାଆନ୍ତି ।ସେ ନିଜର ମତାମତ ପ୍ରକାଶ କରିବାକୁ ଯାଇ କହିଛନ୍ତି, ଘିଅ ଜାଳିବାଦ୍ୱାରା ନାନାପ୍ରକାର ରୋଗର କୀଟାଣୁ ନଷ୍ଟ ହୋଇଥାନ୍ତି । ବର୍ତ୍ତମାନ ହବନ ପ୍ରକ୍ରିୟା ମେଡ଼ିକାଲ୍ ସାଇନ୍‌ସର ପ୍ରତିକୂଳ ନୁହେଁ, ବରଂ ଅନୁକୂଳ ଅଟେ । ଏଣୁ ଆମର ପୂର୍ବାଗ୍ରର୍ଯ୍ୟମାନଙ୍କ ଗବେଷଣାପ୍ରସୂତ ହବନ କ୍ରିୟା ଯେଉଁପରି ଲାଭଦାୟକ, ସେହିପରି ଅତ୍ୟନ୍ତ ବୁଦ୍ଧିମତ୍ତାର କାର୍ଯ୍ୟ ମଧ୍ୟ ଅଟେ ।

ଜାଇଫଳକୁ ଗରମ କରି ଦେଖାଯାଇଛି, ତହିଁରୁ ଏକ ପ୍ରକାର ଉଡ୍ଡନଶୀଳ ତୈଳ ଉତ୍ପନ୍ନ ହେଉଛି, ଯାହାକି ଅତ୍ୟନ୍ତ ବିଷାକ୍ତ ଜୀବାଣୁକୁ ମଧ୍ୟ ସହଜରେ ନଷ୍ଟ କରିଦିଏ । ଅଳେଇଚ, ଲବଙ୍ଗ ପ୍ରଭୃତିରୁ ଯେଉଁ ତୈଳ ଉତ୍ପନ୍ନ ହେଉଛି, ତହିଁରେ ମଧ୍ୟ ଅନିଷ୍ଟକାରୀ ଜୀବାଣୁକୁ ମାରିବାପାଇଁ ଯଥେଷ୍ଟ ଉପାଦାନ ରହିଛି । ଏହିସବୁ ପଦାର୍ଥ ହବନରେ ଯେତେବେଳେ ବ୍ୟବହାର କରାଯାଉଛି, ସେତେବେଳେ ଉପରୋକ୍ତ ଉଡ୍ଡନଶୀଳ ତୈଳର ବାଷ୍ପ ହବନ ଗ୍ୟାସ୍‌ରେ ମିଶ୍ରିତ ହୋଇ ବିଷାକ୍ତ କୀଟାଣୁକୁ ଯେ



ନଷ୍ଟ କରୁ ନ ଥିବ, ଏକଥା କାହିଁକି କୁହାଯିବ ନାହିଁ ?

ଅନେକ ପରୀକ୍ଷକ ପରୀକ୍ଷା କରି ଶେଷ ସିଦ୍ଧାନ୍ତରେ ଉପନୀତ ହୋଇ ମତପ୍ରକାଶ କରିଛନ୍ତି, "ହବନ ଗ୍ୟାସ୍‌ରେ ଏପରି ପଦାର୍ଥମାନଙ୍କର ପରମାଣୁ ମିଶ୍ରଣ ହୋଇ ରହିଛି, ଯାହାକି ଅନିଷ୍ଟକାରୀ ଜୀବାଣୁଗୁଡ଼ିକୁ ସମୂଳେ ନଷ୍ଟ କରିଦେଇଥାଏ । ଏହି ଗ୍ୟାସ୍ ବାୟୁମଣ୍ଡଳରେ ଥିବା କୃମିମାନଙ୍କୁ ନଷ୍ଟ କରି ବାୟୁକୁ ବିଶୁଦ୍ଧ କରେ, ଓ ଜଳସହିତ ମିଶ୍ରିତ ହୋଇ ଜଳରେ ଥିବା ବିଷାକ୍ତ କୀଟାଣୁକୁ ମଧ୍ୟ ନଷ୍ଟ କରିଦିଏ । ଉପରୋକ୍ତ କେତୋଟି ପ୍ରମାଣରୁ ଏହା ସ୍ୱତଃସିଦ୍ଧ ହେଉଛି ଯେ, ରୋଗ କବଳରୁ ମୁକ୍ତି ପାଇବାପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟହ ପ୍ରାତଃ ଓ ସାୟଂକାଳରେ ହବନ କରିବା ଏକାନ୍ତ ଆବଶ୍ୟକ ।

ମନୁଷ୍ୟ ଯେତେବେଳେ ରୋଗଗ୍ରସ୍ତ ହେଉଛି, ରୋଗରୁ ମୁକ୍ତି ପାଇବାପାଇଁ ଛାଟିପିଟି ହୋଇ କେତେପ୍ରକାର କଟୁ ତିକ୍ତ କଷାୟ ଔଷଧ ତା'ର ପାକସ୍ଥଳୀରେ ପହଞ୍ଚାଇ ଦେଉଛି । ବିଭିନ୍ନ ପ୍ରକାର ବଟିକା, ଚୂର୍ଣ୍ଣ ପ୍ରଭୃତି ଆଖିବୁଜି ସେବନ କରିବାକୁ ବାଧ୍ୟ ହେଉଛି । ପାଣିରେ ସିଝାଇ, ତେଲରେ ମିଶ୍ରଣ କରି, ବଳ ପ୍ରୟୋଗ କରି ମାଲିସ୍ କରିବାକୁ ବାଧ୍ୟ ହେଉଛି ।ଏପରିକି ପିଚିକାରୀଦ୍ୱାରା ଔଷଧକୁ ରକ୍ତରେ ମିଶ୍ରଣ କରାଯାଉଛି । ଏସବୁ କରିବାଦ୍ୱାରା ଉଣା ଅଧିକେ ରୋଗୀକୁ କଷ୍ଟ ଭୋଗ କରିବାକୁ ପଡୁଛି । କିନ୍ତୁ ହବନ ହେଉଛି ଏପରି ଏକ ଚମତ୍କାରିକ ଔଷଧ, ଯାହା ଫଳରେ ରୋଗୀକୁ କୌଣସି ପ୍ରକାର କଷ୍ଟ ଭୋଗ କରିବାକୁ ପଡ଼େ ନାହିଁ । ଏପରିକି କିପରି ଭାବେ ସେ ଔଷଧ ସେବନ କରୁଛି, ତା'ମଧ୍ୟ ସେ ଜାଣିପାରେ ନାହିଁ । ହବନଦ୍ୱାରା ଔଷଧର ଅଣୁ ପରମାଣୁ ଅଂଶ, ବାୟୁମଣ୍ଡଳରେ ମିଶ୍ରିତ ହୋଇ, ଶ୍ୱାସ ମାଧ୍ୟମରେ ଶରୀର ଭିତରକୁ ପ୍ରବେଶ କରି, ତତ୍‌କ୍ଷଣାତ୍ ରକ୍ତରେ ମିଶ୍ରିତ ହୋଇଯାଏ ଓ ରୋଗର କୀଟାଣୁକୁ ନଷ୍ଟ କରି ରୋଗୀକୁ ରୋଗମୁକ୍ତ କରିବା ସଙ୍ଗେ ସଙ୍ଗେ ସୁସ୍ଥସବଳ ମଧ୍ୟ କରିଦିଏ । ଏପରି ସହଜ ଉପାୟ ଥିବାସ୍ଥଳେ, ଆମେ ତାକୁ ଛାଡ଼ି ମରିଚୀକା ପଛରେ ଧାଇଁ କେବଳ ଦୁଃଖ ଭୋଗିବାହିଁ ସାର ହେଉଛି । ଔଷଧ

ବ୍ୟବହାର କଲେ ଏକାକୀ ସେବନକାରୀ ଲାଭବାନ୍ ହୋଇଥାଏ । କିନ୍ତୁ ହବନଦ୍ୱାରା କର୍ତ୍ତାଙ୍କ ସହିତ ଅସଂଖ୍ୟ ପ୍ରାଣୀଙ୍କର ମଧ୍ୟ ଉପକାର ସାଧିତ ହୋଇଥାଏ; ଯେଣୁ ହବନରେ ବ୍ୟବହାର କରାଯାଉଥିବା ଘିଅ, ସାମଗ୍ରୀ ପ୍ରଭୃତି ଦ୍ରବ୍ୟଗୁଡ଼ିକ ନିଆଁରେ ଜଳିଯାଇ ସୂକ୍ଷ୍ମାତିସୂକ୍ଷ୍ମ ରୂପ ଧାରଣ କରି ତତ୍କ୍ଷଣାତ୍ ବାୟୁମଣ୍ଡଳରେ ମିଶିଯାଇ ସେହି ବାୟୁମଣ୍ଡଳକୁ ଶୁଦ୍ଧପୂତ ଓ ନିର୍ମଳ କରିଦିଏ । ସେହି ବିଶୁଦ୍ଧ ବାୟୁକୁ ସେବନ କରି ଅସଂଖ୍ୟ ପ୍ରାଣୀ ସୁଖାବହ ଜୀବନଧାରଣ କରିଥାନ୍ତି । ସତ କହିବାକୁ ଗଲେ ଚତୁର୍ଦ୍ଦିଗରେ ବ୍ୟାପୁଥିବା ଦୁର୍ଗନ୍ଧକୁ ଦୂର କରିବାପାଇଁ ଓ ରୋଗ ବିସ୍ତାରକାରୀ କୀଟାଣୁମାନଙ୍କର ବଂଶ ବିଲୋପ ପାଇଁ, ହବନଠାରୁ ବଳି ଅନ୍ୟ କୌଣସି ସହଜ ଓ ଶ୍ରେଷ୍ଠ ପନ୍ଥା ନାହିଁ । କିନ୍ତୁ ଜନସାଧାରଣ ଦିନକୁ ଦିନ ଏଥିରୁ ଯେତେ ଦୂରେଇ ଯାଉଛନ୍ତି ସେତେ ଅଧିକ ଦୁଃଖ, ଯନ୍ତ୍ରଣାମାନ ଭୋଗିବାପାଇଁ ବାଧ୍ୟ ହେଉଛନ୍ତି ।

ଆଜିକାଲି ଏହି ପ୍ରଥାକୁ ଅନୁସରଣ କରି ପାଶ୍ଚାତ୍ୟ ମନୀଷୀମାନେ ମଧ୍ୟ, ଗୃହ ଅଭ୍ୟନ୍ତରର ବାୟୁକୁ ବିଶୁଦ୍ଧ ରଖିବାପାଇଁ ଅନେକ ସମୟ ପର୍ଯ୍ୟନ୍ତ ନିଆଁ ଜାଳି, ସେହି ଜଳନ୍ତା ନିଆଁରେ ବିଭିନ୍ନ ଔଷଧ ପୋଡ଼ିବାର ଦେଖାଯାଇଥାଏ । ଏହା ହବନର ନୂତନ ସଂସ୍କରଣ ବା ରୂପାନ୍ତରିତ ବିଧିବିଧାନ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ କେତେକ ସ୍ଥଳରେ ଅନେକ ଲୋକ ଜଳନ୍ତା ନିଆଁରେ ଗନ୍ଧକ ଓ ବିଷାକ୍ତ ଔଷଧକୁ ବାରମ୍ବାର ନିକ୍ଷେପ କରି, କୀଟାଣୁମାନଙ୍କୁ ନଷ୍ଟ କରିବା ନାମରେ ବାୟୁମଣ୍ଡଳକୁ ଏକାବେଳକେ ଦୂଷିତ ଓ ବିଷାକ୍ତ କରି ଦେଉଛନ୍ତି । କିନ୍ତୁ ଏପରି ଉପାୟରେ ଯେଉଁ ବିଷାକ୍ତ ଗ୍ୟାସ୍ ଉତ୍ପନ୍ନ କରୁଛନ୍ତି, ତା' ଅନେକ ସ୍ଥଳରେ ଲାଭଜନକ ନ ହୋଇ ଅଧିକମାତ୍ରାରେ କ୍ଷତିକାରକ ହେଉଛି । ଗନ୍ଧକ ପ୍ରଭୃତି ବିଷାକ୍ତ ଜିନିଷ ନିଆଁରେ ପୋଡ଼ିବା ସମୟରେ ଅତ୍ୟନ୍ତ ସତର୍କତା ବା ସାବଧାନତା ଅବଲମ୍ବନ ନ କଲେ ମନୁଷ୍ୟ ମୃତ୍ୟୁମୁଖରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି । ଏପରି ପ୍ରାଣବିନାଶକାରୀ ବିପରୀତ ଉପାୟ ଆଜିକାଲିକାର ବୈଜ୍ଞାନିକମାନେ କେବଳ ଉଦ୍ଭାବନ କରିଛନ୍ତି । ଶ୍ରୀମାନ୍ ରାମଶରଣ ଦାସ ସକ୍ସେନା, ଏମ୍.ଏସ୍.ସି., ହବନରୁ



ଉତ୍ପନ୍ନ ହେଉଥିବା ଗ୍ୟାସ୍‌କୁ, ଗୁରୁକୁଳ କାଙ୍ଗଡ଼ିରେ ବୈଜ୍ଞାନିକ ପ୍ରଣାଳୀରେ ପରୀକ୍ଷା କରି ମତବ୍ୟକ୍ତ କରିଛନ୍ତି, "ଏଥିରୁ କିଆଜୋଟ୍ ଐଲିଡ଼ିହାଡ୍ ଓ ଫିନୋଲ ଆଦି ଗ୍ୟାସ୍, ତଥା କୃମି ନାଶକ ଉଡ୍ଡନଶୀଳ ତୈଳ ଉତ୍ପନ୍ନ ହେଉଛି ।"ସେଗୁଡ଼ିକ ପୁଣି ଏତେ ଅଧିକ ମାତ୍ରାରେ ଜାତ ହେଉଛି, ଯାହାକି ଅନ୍ୟ କୌଣସି ପ୍ରକାର କ୍ଷତିସାଧନ ନ କରି, ରୋଗର କୀଟାଣୁମାନଙ୍କୁ କେବଳ ନାଶ କରୁଛି । ଦେଖିବାକୁ ଗଲେ ଏହି ହବନପ୍ରକ୍ରିୟା ଦ୍ୱାରା ଜୀବଜଗତର ଅଶେଷ କଲ୍ୟାଣ ସାଧିତ ହେଉଛି । ଅଗ୍ନି ଜଳିବାଦ୍ୱାରା ତହିଁରୁ କାର୍ବନ୍ ଦ୍ୱିଓଷଜିଦ୍ ଗ୍ୟାସ୍ ଉତ୍ପନ୍ନ ହୋଇ ସ୍ୱାସ୍ଥ୍ୟର କ୍ଷତି କରେ ବୋଲି କେତେକ ଲୋକ ମତ ଦିଅନ୍ତି । ଏପରି ମତାମତ ପ୍ରକାଶ କରୁଥିବା ଲୋକମାନଙ୍କର ଜାଣିବା ଉଚିତ, ଯେ କାର୍ବନ୍ ଓ ଦ୍ୱିଓଷଜିଦ୍ ଗ୍ୟାସ୍‌ରେ କୌଣସି ପ୍ରକାର ବିଷାକ୍ତ ପ୍ରକ୍ରିୟା ନାହିଁ । କାରଣ ଏହି ଗ୍ୟାସ୍ ଆମ ଶରୀରର ପ୍ରତ୍ୟେକ ଅଂଶରେ ପ୍ରତିକ୍ଷଣ ଉତ୍ପନ୍ନ ହୋଇ ରକ୍ତ ସହିତ ମିଶିଯାଉଛି, ତାହା ପୁଣି ଫୁସ୍‌ଫୁସ୍‌ରେ ଶ୍ୱାସ ବାୟୁଦ୍ୱାରା ଛିନ୍ନ ଭିନ୍ନ ହୋଇ ପ୍ରଶ୍ୱାସଦ୍ୱାରା ପଦାକୁ ଗ୍ଭଲିଆସି ବାୟୁ ସହିତ ମିଶିଯାଉଛି । ଉକ୍ତ ଗ୍ୟାସ୍‌ର ପରିମାଣ ଏତେ ଅଳ୍ପ ଯେ, ବାୟୁର ଦଶ ହଜାର ଭାଗରୁ ତାହା ମାତ୍ର ଗ୍ଭରିଭାଗ ଅଟେ । ତେଣୁ ତାହା ସେପରି ବିଶେଷ କିଛି କ୍ଷତିସାଧନ କରୁନାହିଁ । ହବନଦ୍ୱାରା ସେହି ଗ୍ୟାସ୍ କୁ ମଧ୍ୟ ଶୁଦ୍ଧ କରି ଛିନ୍ନ ଭିନ୍ନ କରି ଦିଆଯାଉଥିବାରୁ, ତହିଁରୁ ସୃଷ୍ଟ ଅଙ୍ଗାରକାମ୍ଳ ବାଷ୍ପକୁ ବୃକ୍ଷଜାତୀୟ ଉଦ୍ଭିଦମାନେ ଗ୍ରହଣ କରି ହୃଷ୍ଟପୁଷ୍ଟ ହେବା ସଙ୍ଗେ ସଙ୍ଗେ ସୁନ୍ଦର ସୁନ୍ଦର ଫୁଲଫଳରେ ବିମଣ୍ଡିତ ମଧ୍ୟ ହେଉଛନ୍ତି । ହୋମରେ ଏପରି ଏକ ଅଦ୍ଭୁତ ଶକ୍ତି ନିହିତ, ଯାହାକି ଶୁଦ୍ଧ ଅଶୁଦ୍ଧ ମିଶ୍ରିତ ବାୟୁ ମଧ୍ୟକୁ ପ୍ରବେଶ କରି, ଉଭୟକୁ ପୁଣି ପୃଥକ୍ ପୃଥକ୍ କରିଦେଇପାରେ । ପୃଥକ୍ ହୋଇଥିବା ଅଶୁଦ୍ଧ ବାୟୁକୁ ବୃକ୍ଷ, ଗୁଳ୍ମ, ଲତା ପ୍ରଭୃତି ସ୍ଥାବର ପ୍ରାଣୀମାନେ ଓ ଶୁଦ୍ଧ ବାୟୁକୁ ମନୁଷ୍ୟ, ପଶୁ, ପକ୍ଷୀ ପ୍ରଭୃତି ଜଙ୍ଗମ ପ୍ରାଣୀମାନେ ଗ୍ରହଣ କରି ରୋଗ କବଳରୁ ନିଜ ନିଜ ଜୀବନକୁ ରକ୍ଷା କରିବାରେ ସମର୍ଥ ହୋଇଥାନ୍ତି ।

ଅନେକ ସ୍ଥାନରେ ପରୀକ୍ଷା କରି ଦେଖାଯାଇଛି, କୌଣସି ରୁଦ୍ଧଦ୍ୱାର

କୋଠରୀରେ ଅନେକ ଲୋକ ଅନେକ ସମୟ ପର୍ଯ୍ୟନ୍ତ ବସି ରହିଲେ, ସେମାନଙ୍କ ମଧ୍ୟରୁ କେତେଜଣଙ୍କର ମୁଣ୍ଡ ବୁଲାଏ, କେତେଜଣଙ୍କର ବାନ୍ତି ହୁଏ ତ, ଅନ୍ୟ କେତେକଜଣ ଅଚେତ ମଧ୍ୟ ହୋଇଯାନ୍ତି । ଆହୁରି ମଧ୍ୟ ଶୀତ ଋତୁରେ ଶୀତ କବଳରୁ ରକ୍ଷା ପାଇବାପାଇଁ ଦୀନଦରିଦ୍ର ଲୋକମାନେ ନିଜ ନିଜର କ୍ଷୁଦ୍ର କୋଠରୀର ଦ୍ୱାରଦେଶକୁ ବନ୍ଦ କରିଦେଇ, ଅଧିକ ଉତ୍ତାପ ପାଇବା ଆଶାରେ ସେହି ରୁଦ୍ଧ କୋଠରୀ ମଧ୍ୟରେ ନିଆଁ ଜାଳି ତା' ଭିତରେ ସପରିବାର ଶୋଇପଡ଼ନ୍ତି । ଫଳରେ ସେମାନଙ୍କୁ ମୃତ୍ୟୁମୁଖରେ ପଡ଼ିବାକୁ ହୁଏ । ଏହାର ଏକମାତ୍ର ପ୍ରଧାନ କାରଣ ହେଲା ଅକ୍‌ସିଜେନ୍ ଅର୍ଥାତ୍ ନିର୍ମଳ ବିଶୁଦ୍ଧବାୟୁ ଅଭାବରୁ ସେମାନଙ୍କୁ ମୃତ୍ୟୁ ମୁଖରେ ପଡ଼ିବାକୁ ହୁଏ । କୋଠରୀ ଭିତରେ ନିଆଁ ଜଳିବାଦ୍ୱାରା ଅକ୍‌ସିଜେନ୍ ବାୟୁ ଉତ୍ପନ୍ନ ହେଉଥିଲେ ମଧ୍ୟ, ଛୋଟ କୋଠରୀ ମଧ୍ୟରେ ଅନେକ ଲୋକ ଶୋଇଥିବା ହେତୁ, ଉତ୍ପନ୍ନ ହେଉଥିବା ସେସବୁ ଅକ୍‌ସିଜେନ୍‌କୁ ସେମାନେ ଗ୍ରହଣ କରି, ପ୍ରଶ୍ୱାସଦ୍ୱାରା ଅଧିକମାତ୍ରାରେ ଦୂଷିତ ବାୟୁ ପରିତ୍ୟାଗ କରି ବାୟୁମଣ୍ଡଳକୁ ବିଷାକ୍ତ କରିଦିଅନ୍ତି । ତେଣୁ ଅକ୍‌ସିଜେନ୍ ଉତ୍ପନ୍ନ ହେଉଥିଲେ ମଧ୍ୟ, ତା'ର ମାତ୍ରା ଅଧିକ ହେଉ ନଥିବାରୁ ସେ ସମସ୍ତଙ୍କୁ ମୃତ୍ୟୁ ଭୋଗିବାକୁ ପଡ଼େ । ଅକ୍‌ସିଜେନ୍ ବାୟୁ ବିନା କୌଣସି ଜଙ୍ଗମ ପ୍ରାଣୀ ସହଜରେ ଜୀବନଧାରଣ କରିରହିପାରନ୍ତି ନାହିଁ । ଏ ସମ୍ପର୍କରେ ଡ଼ାକ୍ତର ଜେଲେନ୍ ୱାଟର୍, ଏମ୍.ଏ., ଏମ୍.ଡି.ଆର୍., ଏଚ୍.ଏଫ୍.ଆର୍., ସି.ଏସ୍. ନିଜର 'ହାଇଜିନ୍' ନାମକ ପୁସ୍ତକରେ ପ୍ରମାଣ ଦେଇଛନ୍ତି... "ନାଇଟ୍ରୋଜେନ୍‌ରେ ବିଷାକ୍ତ ଗ୍ୟାସ୍ ନ ଥିଲେ ସୁଦ୍ଧା, ତା' ମଧ୍ୟରେ ଯଦି ଅକ୍‌ସିଜେନ୍‌ର ଅଭାବ ରହେ, ତେବେ ତାହା ମଣିଷ ପକ୍ଷରେ ମୃତ୍ୟୁର କାରଣ ହୋଇଥାଏ । ଘର ଭିତରେ ନିଆଁ ଜାଳି, ଯଦି ଦ୍ୱାରଦେଶକୁ ଖୋଲା ରଖି ତା' ମଧ୍ୟରେ ଶୟନ କରାଯାଏ, ତେବେ ମୃତ୍ୟୁର କୌଣସି ପ୍ରକାର ଭୟ ରହେ ନାହିଁ । କାରଣ ଖୋଲା ଦ୍ୱାରଦେଶରେ ଅଶୁଦ୍ଧ ବାୟୁରୂପୀ ଅଙ୍ଗାରକାମ୍ଳ ପଦାକୁ ବାହାରିଯାଏ ଓ ତା' ସ୍ଥାନରେ ବହିର୍ଦେଶର ଶୁଦ୍ଧ ନିର୍ମଳ ବାୟୁ ଅର୍ଥାତ୍ ଅକ୍‌ସିଜେନ୍ ବାୟୁ ଘର ଭିତରକୁ ପ୍ରବେଶ କରେ । ତେଣୁ ମୃତ୍ୟୁର ଭୟ ରହେ



ନାହିଁ । ହବନଦ୍ୱାରା ବିଚିତ୍ର ପ୍ରକାରର ଗ୍ୟାସ୍ ସବୁ ଉତ୍ପନ୍ନ ହୋଇ ବାୟୁମଣ୍ଡଳକୁ ବିଶୁଦ୍ଧ କରି ପ୍ରାଣୀଗଣଙ୍କର ଅଶେଷ ଉପକାର ସାଧନ କରିବାରେ ସହାୟକ ହୋଇଥାଏ । ହବନଦ୍ୱାରା ବୃଷ୍ଟି ମଧ୍ୟ କରାଯାଏ । ହବନଦ୍ୱାରା ଜଳବାୟୁ ଶୁଦ୍ଧପୂତ ହୋଇ ଉତ୍ତମ ସ୍ୱାସ୍ଥ୍ୟ ମଧ୍ୟ ଲାଭ ହୋଇଥାଏ ।

## ହବନଦ୍ୱାରା ବୃଷ୍ଟି ରହସ୍ୟ :

ଧରାପୃଷ୍ଠରେ କୂପ, ପୁଷ୍କରିଣୀ, ନଦୀ, ହ୍ରଦ, ସମୁଦ୍ର ପ୍ରଭୃତିରେ ଯେଉଁ ଜଳରାଶି ରହିଛି, ସେଗୁଡ଼ିକ ସୂର୍ଯ୍ୟକିରଣ ଦ୍ୱାରା ବାଷ୍ପ ରୂପରେ ଉପରକୁ ଉଠି ବାୟୁମଣ୍ଡଳରେ ରହିଥାଏ । ବାୟୁର ଏପରି ଏକ ବିଶେଷ ଗୁଣ ରହିଛି, ଗରମ ବାଷ୍ପ ଯେତେ ଅଧିକ ପରିଣାମରେ ମିଳୁଥିବ, ସେତେ ଅଧିକ ଅଧିକ ବାଷ୍ପ ନିଜ ମଧ୍ୟରେ ଧାରଣ କରି ରଖୁଥିବ । ଯେତେବେଳେ ବାୟୁ ଗରମ ବାଷ୍ପରେ ପୂରଣ ହୋଇଯାଏ, ସେତେବେଳେ ତାକୁ ବାଷ୍ପପୂର୍ଣ୍ଣ ବାୟୁ କହନ୍ତି । ସେହି ବାୟୁର ତାପମାତ୍ରା ପୁଣି ଯଦି ଅଧିକ ପରିମାଣରେ ବୃଦ୍ଧି ପାଏ, ତେବେ ସେ ବାୟୁ ପରମୁହୂର୍ତ୍ତରେ ବାଷ୍ପପୂର୍ଣ୍ଣ ହୋଇ ରହେନାହିଁ । ତା' ମଧ୍ୟରେ ଜଳୀୟବାଷ୍ପ ରହିବା ପାଇଁ ସ୍ଥାନ ପୁଣି ଖାଲି ହୋଇଯାଏ । କିନ୍ତୁ ବାଷ୍ପ ବାୟୁର ତାପମାତ୍ରା ଯଦି କମିଯାଏ, ତେବେ ତା' ମଧ୍ୟରେ ଧାରଣ କରିଥିବା ସବୁ ଜଳୀୟବାଷ୍ପକୁ ଧାରଣ କରି ପୁଣି ରଖିପାରେ ନାହିଁ । ଉକ୍ତ ଜଳୀୟବାଷ୍ପରେ ଶୀତଳ ଅଂଶ ଧକ୍‌କା ଖାଇବା କ୍ଷଣି, ତାହା ବାଷ୍ପ ରୂପେ ନ ରହି ଜଳ ବିନ୍ଦୁରେ ପରିଣତ ହୋଇଯାଏ । ସେତେବେଳେ ବାୟୁ ଯେଉଁ ପରିମାଣରେ ଉପରକୁ ଉଠୁଥାଏ ତା'ର ତାପମାତ୍ରା ତଦନୁପାତରେ କମି କମି ଆସେ ଓ ଜଳୀୟ ବାଷ୍ପ ସେତେ ସେତେ ମୋଟା ଆକାର ଧାରଣ କରେ । ଫଳତଃ ସେଗୁଡ଼ିକ ବାୟୁମଣ୍ଡଳରେ ରହିନପାରି ଜଳବିନ୍ଦୁ ରୂପେ ବୃଷ୍ଟିହୋଇ ନିମ୍ନଦେଶକୁ ଖସିପଡ଼େ ।

ଆହୁରି ମଧ୍ୟ ହବନଦ୍ୱାରା ବାୟୁମଣ୍ଡଳରେ ଅଧିକମାତ୍ରାରେ ଜଳୀୟ ବାଷ୍ପ ସୃଷ୍ଟିହୁଏ, ବାୟୁ ଉର୍ଦ୍ଧ୍ୱଗତିଶୀଳ ହୋଇଥାଏ ଓ ବାୟୁମଣ୍ଡଳରେ ଥିବା ରେଣୁକଣାକୁ

ଜଳବିନ୍ଦୁରେ ପରିଣତ କରିଦିଏ । ସେସବୁ କିପରି ସମ୍ପନ୍ନ ହୁଏ ତାହା ନିମ୍ନରେ ପ୍ରଦତ୍ତ ହେଲା... ପ୍ରଥମତଃ ହବନ ସମୟରେ ଯେଉଁ ସମିଧ (କାଠ) ଓ ଔଷଧିକୁ ନିଆଁରେ ଜଳାଯାଏ, ତହିଁରୁ ଜଳୀୟ ବାଷ୍ପ ଉତ୍ପନ୍ନ ହୋଇଥାଏ । ବୃହତ୍ ଯଜ୍ଞାନୁଷ୍ଠାନରେ ଅଧିକମାତ୍ରାରେ ଜଳୀୟ ବାଷ୍ପ ଉତ୍ପନ୍ନ ହୁଏ । ଦ୍ୱିତୀୟତଃ ହୋମକୁଣ୍ଡରୁ ନିର୍ଗତ ହେଉଥିବା ଧୂଆଁ ବାୟୁମଣ୍ଡଳରେ ମିଶ୍ରଣ ହେବାଦ୍ୱାରା ବାୟୁମଣ୍ଡଳରେ ଅଧିକ ମାତ୍ରାରେ ରେଣୁକଣା ସୃଷ୍ଟି ହୁଏ ଏବଂ ଘୃତବାଷ୍ପ ମଧ୍ୟ ଉପରକୁ ଉଠିଯାଇ ଜମାଟ ବାନ୍ଧି ରେଣୁକଣାରେ ପରିଣତ ହୁଏ । ସେହି କଣାମାନଙ୍କ ଉପରେ ଜଳବିନ୍ଦୁମାନ ଜମାହୋଇ ମେଘ ସୃଷ୍ଟି ହୋଇଥାଏ ।

ତୃତୀୟତଃ ହବନ କରିବାଦ୍ୱାରା ବାୟୁ ଉତ୍ତପ୍ତ ହୋଇ ଉପରକୁ ଉଠେ । ଫଳରେ ସେହି ବାୟୁର ଉପରିଭାଗରେ ଥିବା ବାୟୁମଣ୍ଡଳକୁ ଧକ୍କା ଦିଏ । ତାଦ୍ୱାରା ଯେତେ ପରିମାଣରେ ନୂତନ ମେଘ ସୃଷ୍ଟି ହେବା କଥା ସୃଷ୍ଟି ହୁଏ; କିନ୍ତୁ ଉପରେ ଥିବା ଜଳୀୟବାଷ୍ପ ସହିତ ଧକ୍କା ଖାଇଲାକ୍ଷଣି, ତାହା ଜଳବିନ୍ଦୁରେ ପରିଣତ ହୋଇ ବର୍ଷା ରୂପେ ତଳକୁ ଖସିପଡ଼େ । ଏଥିରୁ ସ୍ପଷ୍ଟ ରୂପେ ଅନୁମିତ ହେଉଛି, ହବନଦ୍ୱାରା ଅକ୍ଳେଶରେ ବୃଷ୍ଟି କରାଯାଇପାରେ । ଯଦି କୌଣସି ବର୍ଷ କୌଣସି ସ୍ଥାନରେ ବର୍ଷା ହୁଏ ନାହିଁ, ଅଥବା ଆକାଶରେ ଖଣ୍ଡ ଖଣ୍ଡ ହୋଇ ମେଘମାନ ଭାସିଯାଉଥାନ୍ତି, କିନ୍ତୁ ମୋଟେ ବର୍ଷା କରନ୍ତି ନାହିଁ ତେବେ ସେହି ସ୍ଥାନରେ ବୃହତ୍ ଧରଣର ଯଜ୍ଞାନୁଷ୍ଠାନ କରି ନିଶ୍ଚିତ ରୂପେ ବର୍ଷା କରାଯାଇପାରେ । କିନ୍ତୁ ବୃଷ୍ଟି ଯଜ୍ଞ ପାଇଁ ବିଶେଷ ଧରଣର ସମିଧ ସହିତ ଭିନ୍ନ ଶାକଲ୍ୟ ମଧ୍ୟ ବ୍ୟବହାର କରାଯାଏ ।

## ହବନଦ୍ୱାରା ବନସ୍ପତି ପୁଷ୍ଟି :

ପୂର୍ବରୁ ବର୍ଣ୍ଣନା କରାଯାଇଛି ଯେ, ବୃଷ୍ଟିର ପ୍ରତ୍ୟେକ ଜଳବିନ୍ଦୁ ମଧ୍ୟରେ ଏକ ଏକ ରେଣୁକଣା ବିଦ୍ୟମାନ । ସେହି କଣାଗୁଡ଼ିକ ଜଳ ସହିତ ନିମ୍ନ ପ୍ରଦେଶକୁ ଖସିଆସେ ଓ ତାହା ଭୂମିରେ ପଡ଼ି ଉତ୍କୃଷ୍ଟ ଖତର କାର୍ଯ୍ୟ କରେ । ହବନ କରିବାଦ୍ୱାରା



ବାୟୁମଣ୍ଡଳରେ ସୁଗନ୍ଧିତ ଔଷଧିର ଧୂମକଣା ଓ ଘୃତର କଣା ମଧ୍ୟ ମିଶ୍ରିତ ହୋଇଥାଏ । ସେହି କଣାମାନଙ୍କ ଉପରେ ଜଳବିନ୍ଦୁ ସୃଷ୍ଟି ହୁଏ । ଜଳବିନ୍ଦୁ ସହିତ ସେହି କଣାମାନ ତଳକୁ ଖସିଆସି ଭୂମିରେ ପଡ଼ିବାମାତ୍ରେ ସେଗୁଡ଼ିକ ଖତରେ ପରିଣତ ହୋଇଯାନ୍ତି ଓ ସ୍ୱାସ୍ଥ୍ୟ ପ୍ରଦାୟକ ଅନ୍ନ ଉତ୍ପାଦନ କରିଥାନ୍ତି । ହବନରେ ବ୍ୟବହାର କରାଯାଉଥିବା ଔଷଧିମାନ ନିଆଁରେ ଜଳି, ତହିଁରୁ ବିଭିନ୍ନ ପ୍ରକାରର ଗ୍ୟାସ୍ ଉତ୍ପନ୍ନ ହୋଇ ଜଳ ସହିତ ମିଶ୍ରିତ ହୋଇଯାଏ । ଗ୍ୟାସ୍ ମିଶ୍ରିତ ଜଳ ଭୂମିରେ ଯେତେବେଳେ ପଡ଼େ ସେତେବେଳେ ଭୂପୃଷ୍ଠସ୍ଥିତ ବୃକ୍ଷମାନଙ୍କରେ ଥିବା ଅନିଷ୍ଟକାରକ କୃମିମାନଙ୍କୁ ବିନାଶ କରି, ଉଦ୍ଭିଦ ଜଗତର ମହୋପକାର ସାଧନ କରିଥାଏ । ଫଳତଃ ସେହି ଗଛଗୁଡ଼ିକ ସ୍ୱାସ୍ଥ୍ୟପ୍ରଦ ଅନ୍ନ ଉତ୍ପାଦନ କରନ୍ତି ଓ ତାକୁ ଖାଇ ପ୍ରାଣୀଗଣ ସୁଖାବହ ଜୀବନଯାପନ କରିଥାନ୍ତି ।

ହବନଦ୍ୱାରା ଉତ୍ପନ୍ନ ହେଉଥିବା "କାର୍ବନ୍ ଦ୍ୱିଔଷଜିଦ୍" ନାମକ ଗ୍ୟାସ୍, ଗଛଗୁଡ଼ିକର ଖାଦ୍ୟ ରୂପେ ବ୍ୟବହୃତ ହୁଏ । ସେହି ଗ୍ୟାସ୍ ବ୍ୟତିରେକେ ଗଛଗୁଡ଼ିକ ବଞ୍ଚିବା କଦାପି ସମ୍ଭବ ନୁହେଁ । ଗଛ ସେହି ଗ୍ୟାସ୍‌କୁ ନିଜର ଆକର୍ଷଣ ଶକ୍ତିବଳରେ ଗ୍ରହଣ କରି, ଅତ୍ୟନ୍ତ ହୃଷ୍ଟପୁଷ୍ଟ ହେବା ସଙ୍ଗେ ସଙ୍ଗେ, ସୁନ୍ଦର ସୁନ୍ଦର ଫୁଲଫଳ ଧାରଣ କରେ । ଦେଖିବାକୁ ଗଲେ ହବନଦ୍ୱାରା ବନସ୍ପତି ଗୁଡ଼ିକ ସମୃଦ୍ଧିଶାଳୀ ହୋଇ, ସ୍ୱାସ୍ଥ୍ୟପ୍ରଦାୟକ ଅନ୍ନ ଉତ୍ପନ୍ନ କରିବାରେ ସମର୍ଥ ହୋଇଥାନ୍ତି । ଭଗବାନ୍ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବତ୍‌ଗୀତା ତୃତୀୟ ଅଧ୍ୟାୟର ଚତୁର୍ଦ୍ଦଶ ଶ୍ଳୋକରେ କହିଛନ୍ତି...

**ଅନ୍ନାଦ୍ ଭବନ୍ତି ଭୂତାନି ପର୍ଜନ୍ୟାଦନ୍ନସମ୍ଭବଃ ।**
**ଯଜ୍ଞାଦ୍ ଭବତି ପର୍ଜନ୍ୟୋ ଯଜ୍ଞଃ କର୍ମ ସମୁଦ୍ଭବଃ ॥**

ପ୍ରାଣୀଗଣ ଅନ୍ନରୁ ହିଁ ଉତ୍ପନ୍ନ ହୋଇଥାନ୍ତି । ସେ ଅନ୍ନ ବର୍ଷାରୁ ଓ ସେହି ବର୍ଷା ଯଜ୍ଞରୁ ହିଁ ସୃଷ୍ଟି ହୁଏ । ଏଣୁ ଯଜ୍ଞ କର୍ମରୁ ସକଳ କାର୍ଯ୍ୟ ସାଧିତ ହୋଇଥାଏ । ହବନ ସଚରାଚର ସକଳ ଜଗତର ହିତସାଧନ ହିଁ କରିଥାଏ । ତେଣୁ ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥି ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟହ ହବନ କରିବା ବିଧେୟ ।

ସଂସାରର ସମସ୍ତ ବ୍ୟକ୍ତି, କ୍ଷୁଦ୍ରାତିକ୍ଷୁଦ୍ରଠାରୁ ଆରମ୍ଭ କରି ମହତ୍ କାର୍ଯ୍ୟ ପର୍ଯ୍ୟନ୍ତ, ଯାବତୀୟ କାର୍ଯ୍ୟକୁ ନିଜ ସ୍ୱାର୍ଥଦୃଷ୍ଟିରୁ କରିଥାନ୍ତି । କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ, ବିଚାର କରିଥାନ୍ତି ସେହି କାମରେ କିପ୍ରକାର ଲାଭସବୁ ହେବ ? ହବନଦ୍ୱାରା ଯେଉଁସବୁ ଉପକାର ବା ଯାହାକିଛି ଲାଭ ହେଉଛି, ସେଗୁଡ଼ିକୁ ଜାଣିବା ପରେ, ସେହି ବ୍ୟକ୍ତି ଯଜ୍ଞ କରିବା ଅତ୍ୟନ୍ତ ଆବଶ୍ୟକ ନୁହେଁ କି ? ହବନ ଏପରି ଏକ ଆଦର୍ଶ କର୍ମ, ଯାହାକି ଅହରହ ଆମ୍ଭମାନଙ୍କୁ ସ୍ୱାର୍ଥତ୍ୟାଗ କରିବାପାଇଁ ମହତ୍ ଶିକ୍ଷା ଦେଇଥାଏ । ଦେଖନ୍ତୁ ହବନଦ୍ୱାରା ଶୁଦ୍ଧପୂତ ହେଉଥିବା ବାୟୁକୁ ଆମେ କେବଳ ନିଜର ବ୍ୟବହାର ପାଇଁ ବା ଆତ୍ମୀୟସ୍ୱଜନଙ୍କ ପାଇଁ ଗୃହ ମଧ୍ୟରେ ଆବଦ୍ଧ କରି ରଖିପାରିବା ନାହିଁ । ସେହି ବିଶୁଦ୍ଧ ବାୟୁ ବାୟୁମଣ୍ଡଳରେ ମିଶ୍ରିତ ହୋଇ, ଶତ୍ରୁ ମିତ୍ର ବିର୍ବିଶେଷରେ ସକଳ ଜୀବଜଗତର ହିତ ସାଧନ କରିଥାଏ ।

ହବନ କଲେ କାଳେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ, ଏହି ଭୟରେ ଗୃହସ୍ଥମାନେ ପ୍ରାୟଶଃ ହବନ ପ୍ରତି ବିଶେଷ ଧ୍ୟାନ ଦିଅନ୍ତି ନାହିଁ, କିମ୍ବା ତା' ପାଇଁ ଆଗ୍ରହ ପ୍ରକାଶ ମଧ୍ୟ କରନ୍ତି ନାହିଁ । ଘରେ ଯଦି ପ୍ରତିଦିନ ସାମାନ୍ୟ ଯଜ୍ଞ କରାଯାଏ, ତେବେ ମାସିକ ପ୍ରାୟ ଘିଅ ଏକ କେ. ଜି. ଓ ସାମଗ୍ରୀ ଦୁଇ କେ. ଜି. ଖର୍ଚ୍ଚ କରିବାକୁ ପଡ଼ିବ । ଅନ୍ୟାନ୍ୟ ଖର୍ଚ୍ଚ ତୁଳନାରେ ଏହାକୁ ଅଧିକ ଖର୍ଚ୍ଚ ବୋଲି କଦାପି କୁହାଯାଇପାରିବ ନାହିଁ । ସାମାନ୍ୟ ଯଜ୍ଞ ପ୍ରକରଣ ପାଇଁ ମାସିକ ଆମର ଯେତେ ଖର୍ଚ୍ଚ ହେବ, ତଦନୁସାରେ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଆମେ ଅଧିକରୁ ଅଧିକ ଲାଭାନ୍ୱିତ ନିଶ୍ଚୟ ହୋଇପାରିବା ।

ଗଭୀର ଭାବେ ଚିନ୍ତନ ନ କରି ଅନେକଲୋକ ସାଧାରଣତଃ ମତ ଦେଇଥାନ୍ତି, ହବନ କରିବାପାଇଁ ଆମ ପାଖରେ ସମୟ ନାହିଁ । ବିଚାର କରିଦେଖିଲେ ଦୈନିକ ହବନ ପାଇଁ ଅଧିକ ସମୟ ମୋଟେ ଆବଶ୍ୟକ ହେବନାହିଁ । ଆଗରୁ ଯଜ୍ଞ ଉପକାରଣମାନ ଯୋଗାଡ଼ କରି ରଖିଲେ, ମାତ୍ର ପନ୍ଦର ମିନିଟ୍ ମଧ୍ୟରେ ଯଜ୍ଞକର୍ମ ସମ୍ପାଦିତ ହୋଇଯିବ । ତେଣୁ ଦୈନିକ ଯଜ୍ଞପାଇଁ ସମୟ ସୁରକ୍ଷିତ ହୋଇ ରହିବା



ଆବଶ୍ୟକ । ପ୍ରତ୍ୟହ ଦୁଇଥର ହବନ କରିବାପାଇଁ ଅଢ଼େଇତୋଳା ଘିଅ ଓ ପାଞ୍ଚତୋଳା ସାମଗ୍ରୀ ଆବଶ୍ୟକ । ଜଣେ ଗୃହସ୍ଥ ଇଚ୍ଛାକଲେ ଅନାୟାସରେ ଏସବୁ ଯୋଗାଡ଼ କରିପାରିବ ।

ଛୋଟରୁ ବଡ଼ ଯେ କୌଣସି କାର୍ଯ୍ୟ ହେଉ ନା କାହିଁକି ଶ୍ରଦ୍ଧା ନ ଥିଲେ ତାହା କଦାପି ସମ୍ପନ୍ନ ହୋଇପାରେ ନାହିଁ । ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କ ହୃଦୟରେ ଯଜ୍ଞପାଇଁ ଶ୍ରଦ୍ଧା ଓ ଭକ୍ତି ରହିବା ଆବଶ୍ୟକ । ଆତ୍ମିକ, ପାରିବାରିକ ଓ ସାମାଜିକ ସମସ୍ତ ପ୍ରକାରର ହିତ, ଯଜ୍ଞଦ୍ୱାରା ସାଧିତ ହୋଇଥାଏ । ଯଜ୍ଞଦ୍ୱାରା ଜୀବଜଗତ ଓ ଜଡ଼ଜଗତର ଉନ୍ନତି ମଧ୍ୟ ହୋଇଥାଏ । ତେଣୁ ଯଜ୍ଞକର୍ମକୁ ନିତ୍ୟ ନୈମିତ୍ତିକ କାର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ କରି, ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା ଓ ଭକ୍ତିର ସହିତ ଏହି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଧ୍ୟାନ ଦେବା ଏକାନ୍ତ ଆବଶ୍ୟକ ।

## ଯଜ୍ଞ ସମ୍ବନ୍ଧୀୟ କେତେକ ଜ୍ଞାତବ୍ୟ ବିଷୟ :

ଉଭୟ ସନ୍ଧି ସମୟରେ ଅର୍ଥାତ୍ ପ୍ରାତଃ ଓ ସାୟଂ କାଳରେ ସନ୍ଧ୍ୟୋପାସନା କରିବା ସମସ୍ତଙ୍କ ପକ୍ଷରେ ଯେପରି ଅପରିହାର୍ଯ୍ୟ କର୍ତ୍ତବ୍ୟ, ସେହିପରି ବାସସ୍ଥଳୀର ବାତାବରଣକୁ ମଧୁମୟ ଓ ଶୁଦ୍ଧପୂତ ରଖିବା ପାଇଁ ପ୍ରତ୍ୟହ ପ୍ରାତଃ ଓ ସାୟଂ କାଳରେ ସଦ୍ଗୃହସ୍ଥଗଣ ସାମାନ୍ୟ ଅଗ୍ନିହୋତ୍ର ମଧ୍ୟ କରିବା ଏକାନ୍ତ ଆବଶ୍ୟକ । ଏହି ଅଗ୍ନିହୋତ୍ରକୁ ଆମର ପୂର୍ବାଗ୍ରର୍ଷିମାନେ ଦେବଯଜ୍ଞ ନାମରେ ନାମିତ କରିଛନ୍ତି । ସନ୍ଧ୍ୟୋପାସନା ପାଇଁ ପ୍ରାତଃ କାଳରେ ପୂର୍ବ ଦିଗକୁ ଓ ସାୟଂ କାଳରେ ପଶ୍ଚିମ ଦିଗକୁ ମୁଖ କରି ବସିବାକୁ ହୁଏ । କିନ୍ତୁ ଯଜ୍ଞ କରିବା ସମୟରେ ଯଜ୍ଞକର୍ତ୍ତାଙ୍କୁ ସର୍ବଦା ପଶ୍ଚିମ ଦିଗରେ ପୂର୍ବାଭିମୁଖ ହୋଇ ବସିବାକୁ ପଡ଼େ । କଦାପି ଏ ନିୟମର ବ୍ୟତିକ୍ରମ କରିବା ଉଚିତ ନୁହେଁ । କୌଣସି ପର୍ବପର୍ବାଣି ବା ବିଶେଷ ଦିନମାନଙ୍କରେ ବୃହତ୍ ଅଗ୍ନିହୋତ୍ର କରିବା ବିଧେୟ । ଯେଉଁ ବ୍ୟକ୍ତିଙ୍କର ଦୈନିକ ଦି'ଥର ଅଗ୍ନିହୋତ୍ର କରିବା ପାଇଁ ଶକ୍ତି-ସାମର୍ଥ୍ୟ ବା ସୁବିଧା ନାହିଁ, ସେ କେବଳ ପ୍ରାତଃ କାଳରେ ଥରଟିଏ

ଯଜ୍ଞ କରିବେ । ଯଜ୍ଞ ଥରଟିଏ କଲେ ମଧ୍ୟ ପ୍ରାତଃକାଳୀନ ମନ୍ତ୍ରପାଠ କରିବା ପରେ ସାୟଂକାଳୀନ ମନ୍ତ୍ରପାଠ ମଧ୍ୟ କରିବେ ଓ ଉଭୟ ସମୟର ଆହୁତି ପ୍ରଦାନ କରିବେ । ସନ୍ଧ୍ୟୋପାସନା କିନ୍ତୁ ଦୈନିକ ଦି'ଥର କରିବାକୁ ହେବ । ବିବାହିତ ବ୍ୟକ୍ତି ନିଜ ଧର୍ମପତ୍ନୀଙ୍କ ସହିତ ସନ୍ଧ୍ୟୋପାସନା ତଥା ଅଗ୍ନିହୋତ୍ର କରିବେ । କୌଣସି କାରଣବଶତଃ ଉଭୟେ ବସି ଯଦି ଯଜ୍ଞ କରିପାରିବେ ନାହିଁ, ତେବେ ଦି'ଜଣଙ୍କ ମଧ୍ୟରୁ ଜଣେ, ଅର୍ଥାତ୍ ପତି ବା ପତ୍ନୀ ଏକାକୀ ବସି ଅଗ୍ନିହୋତ୍ର ସମ୍ପାଦନ କରିବେ; କିନ୍ତୁ ତାଙ୍କୁ ଉଭୟଙ୍କ କାର୍ଯ୍ୟ ସଂପାଦନ କରିବାକୁ ପଡ଼ିବ । ଅର୍ଥାତ୍ ପ୍ରତ୍ୟେକ ମନ୍ତ୍ରକୁ ଦୁଇ ଦୁଇଥର ଆବୃତ୍ତି କରି ପତି ଓ ପତ୍ନୀଙ୍କ ଦିଓଟି ଆହୁତି ପ୍ରଦାନ କରିବାକୁ ହେବ ।

ପ୍ରାତଃ କାଳରେ ପ୍ରଥମେ ସନ୍ଧ୍ୟୋପାସନା, ତା'ପରେ ଅଗ୍ନିହୋତ୍ର କରିବାକୁ ହେବ । କିନ୍ତୁ ସାୟଂକାଳରେ ପ୍ରଥମେ ଅଗ୍ନିହୋତ୍ର, ତା'ପରେ ସନ୍ଧ୍ୟୋପାସନା କରିବେ । କାରଣ ସୂର୍ଯ୍ୟୋଦୟ ପରେ ଓ ସୂର୍ଯ୍ୟାସ୍ତ ପୂର୍ବରୁ ଅଗ୍ନିହୋତ୍ରର ବିଧାନ ରହିଛି ।

ଯେଉଁମାନଙ୍କର ଘରୋଇ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନୁହେଁ, ଘୃତ, ସାକଲ୍ୟାଦି ସଂଗ୍ରହ କରିବାରେ ଅର୍ଥ ବ୍ୟୟ କରିପାରିବେ ନାହିଁ, ଅଥଚ ଯଜ୍ଞ କରିବାପାଇଁ ସେମାନଙ୍କର ଆଗ୍ରହ ଥିବ, ତେବେ ସେମାନେ ଭକ୍ତି ଓ ଶ୍ରଦ୍ଧାର ସହିତ ମନ୍ତ୍ରପାଠ କରି କେବଳ ସମିଧଦ୍ୱାରା ଯଜ୍ଞକର୍ମ ସମ୍ପାଦନ କରିବେ ।

ଯଜ୍ଞପାଇଁ ଅନେକ ନୀତି-ନିୟମ ରଖାଯାଇଛି । ପୁରୋହିତ ଓ ଯଜ୍ଞକର୍ତ୍ତା ସେସବୁକୁ ଭଲ ଭାବରେ ଜାଣି, ତଦନୁସାରେ ଯଜ୍ଞକର୍ମ କଲେ ଅଧିକ ଲାଭାନ୍ୱିତ ହେବେ । ତେଣୁ ଏଠାରେ ଯଜ୍ଞ ସମ୍ବନ୍ଧୀୟ କେତୋଟି ନୀତି-ନିୟମ ଉଲ୍ଲେଖ କରାଯାଇଛି ।

୧. ଯଜ୍ଞ ସମୟରେ ଯଜ୍ଞ ମଣ୍ଡପରେ ଉପସ୍ଥିତ ଥିବା ସଜ୍ଜନଗଣ, ଅଥବା ଯଜମାନ ଦମ୍ପତ୍ତି କୌଣସି ପ୍ରକାର ବାର୍ତ୍ତାଳାପ ବା ପାଟିତୁଣ୍ଡ ନ କରି ଧୀରସ୍ଥିର ଭାବେ ପ୍ରସନ୍ନ ଚିତ୍ତରେ ବସି ରହିବେ । ପଠିତ ମନ୍ତ୍ରକୁ ଶ୍ରଦ୍ଧାର ସହିତ ଶ୍ରବଣ କରି



ପରମେଶ୍ୱରଙ୍କ ବିଷୟ କେବଳ ଚିନ୍ତନ କରିବେ ।

୨. ସଂସ୍କାର ପ୍ରଭୃତିରେ ଯଜ୍ଞାନୁଷ୍ଠାନ ପୂର୍ବରୁ ଆବୃତ୍ତି କରାଯାଉଥିବା, "ଈଶ୍ୱର ସ୍ତୁତି ପ୍ରାର୍ଥନୋପାସନା" ପାଇଁ ଉଦ୍ଦିଷ୍ଟ ଆଠୋଟି ମନ୍ତ୍ରକୁ ସମସ୍ତେ ପାଠ ନ କରି, କେବଳ ବିଦ୍ୱାନ୍ ବ୍ୟକ୍ତି ଜଣେ ଅର୍ଥ ସହିତ ମନ୍ତ୍ରଗୁଡ଼ିକୁ ପାଠ କରିବେ ।ପରମେଶ୍ୱରଙ୍କ ପ୍ରତି ଦତ୍ତଚିତ୍ତ ହୋଇ ଭକ୍ତି ଗଦ୍‌ଗଦ ଭାବରେ ଓ ଧୀରସ୍ଥିର ଭାବେ ମନ୍ତ୍ରଗୁଡ଼ିକୁ ପାଠ କରିବାକୁ ହେବ । ସମବେତ ଜନତା ସେସବୁକୁ ମନଯୋଗ ସହକାରେ ଶୁଣି, ସେ ଗୁଡ଼ିକୁ ମନନ, ଚିନ୍ତନ କରିବାପାଇଁ ଧ୍ୟାନ ଦେବେ ।

୩. ବୈଦିକ ଯଜ୍ଞାନୁଷ୍ଠାନରେ ମନ୍ତ୍ରପାଠ କରି ଆହୁତି ଦେବା ପରେ "ଇଦନ୍ନ ମମ" କହିବାର ବିଧାନ ଅଛି । ଯଥା- "ଇଦମଗ୍ନୟେ- ଇଦନ୍ନ ମମ" ଏସବୁକୁ ଏକାଥରକେ ପାଠ ନ କରି ଇଦମଗ୍ନୟେ ପରେ ସାମାନ୍ୟ ବିଶ୍ରାମ ନେଇ "ଇଦନ୍ନ ମମ" ବାକ୍ୟ ଉଚ୍ଚାରଣ କରିବାକୁ ହେବ । ତେଣୁ ପୁସ୍ତକମାନଙ୍କରେ "ଇଦମଗ୍ନୟେ- ଇଦନ୍ନ ମମ" ଏପରି ମୁଦ୍ରଣ କରାଯିବା ଉଚିତ । କିନ୍ତୁ ଦେଖିବାକୁ ମିଳେ ଅନେକ ସ୍ଥଳରେ "ଇଦମଗ୍ନୟେ ଇଦନ୍ନ ମମ" ଏପରି ଛପାଯାଉଛି । ଏପରି ଛାପିବା ଶୁଦ୍ଧ ନୁହେଁ । ଆହୁତି ଦେବା ପରେ "ଇଦଂ ନ ମମ" କହି କେତେକ ଲୋକ ଘିଅକୁ ସମ୍ପୂର୍ଣ୍ଣ ରୂପେ ଆହୁତି ନ ଦେଇ ସାମାନ୍ୟ ବଳକା କରି ଅନ୍ୟ ଏକ ପାତ୍ରରେ ରଖନ୍ତି । ଏପରି କରିବା ଉଚିତ ନୁହେଁ । ଅବଶ୍ୟ "ଗର୍ଭାଧାନ ସଂସ୍କାର" ପ୍ରଭୃତିରେ ଆବଶ୍ୟକତା ଥିବାରୁ ଆହୁତି ପରେ ସାମାନ୍ୟ ଘିଅ ବଳକା କରି ଅନ୍ୟ ଏକ ଜଳପାତ୍ରରେ ରଖିବାକୁ ହୋଇଥାଏ । କୌଣସି ସଂସ୍କାର ବା ଯଜ୍ଞରେ ଘିଅକୁ ବଳକା କରି ରଖିଲେ ଯଜମାନଙ୍କର ଇପ୍‌ସିତ କର୍ମଫଳ ପୂର୍ଣ୍ଣମାତ୍ରାରେ ସଫଳୀଭୂତ ହୁଏ ନାହିଁ ।

୪. ବୃହଦ୍ ଯଜ୍ଞାନୁଷ୍ଠାନମାନଙ୍କରେ ଦୈନିକ ଯଜ୍ଞ ଶେଷ ହେବା ପରେ, ଘିଅ ଯଦି ବଳକା ରହେ, ତେବେ ପରବର୍ତ୍ତୀ ସମୟର ଯଜ୍ଞପାଇଁ ତାକୁ ସାଇତି ରଖିବେ । କିନ୍ତୁ ଦୈନିକ ଯଜ୍ଞପାଇଁ ଆନୁପାତିତ ହିସାବରେ ଘିଅ ବାହାର କରାଯାଇଥାଏ । ପୂର୍ଣ୍ଣାହୁତି ପ୍ରଦାନ ପୂର୍ବରୁ ଦୈବାତ୍ ଯଦି ଘିଅ କିଛି ବଳକା ରହେ, ତେବେ "ଗାୟତ୍ରୀ

ମନ୍ତ୍ର” ଓ “ବିଶ୍ୱାନି ଦେବ ସବିତଃ”... ମନ୍ତ୍ର ପଢ଼ି ସ୍ୱାହା କହି ଆହୁତି ଦେବେ ଓ ଘିଅକୁ ଶେଷ କରିବେ । ପୂର୍ଣ୍ଣାହୁତି ପରେ “ବସୋଃ ପବିତ୍ରମସି ଶତଧାରମ୍” ମନ୍ତ୍ର ପାଠକରି ଘୃତଧାର ଅଗ୍ନିରେ ଦେବା ସମୀଚୀନ ନୁହେଁ । ଯେଣୁ ଏପରି କରିବା ବୈଦିକ ବିଧାନର ବିରୁଦ୍ଧାଚରଣ କରୁଛି ।

**୫.** ଯାଗ ଯଜ୍ଞାଦି କୌଣସି ଶୁଭକର୍ମରେ ବେଦମନ୍ତ୍ର ପାଠ କରିବାକୁ ହେଲେ, ମନ୍ତ୍ରର ଆଦ୍ୟରେ “ଓଁ” ଲିଖିତ ହୋଇଥାଉ, ଅବା ହୋଇ ନ ଥାଉ, ପ୍ରଥମେ ଈଶ୍ୱରଙ୍କ ସମ୍ବୋଧନ “ପ୍ରଣବ” ଅର୍ଥାତ୍ “ଓଁ” ଉଚ୍ଚାରଣ କରି ମନ୍ତ୍ରପାଠ କରିବାକୁ ହେବ । ଯେଣୁ ଅଷ୍ଟାଧ୍ୟାୟୀ ଅଷ୍ଟମ ଅଧ୍ୟାୟ ଦ୍ୱିତୀୟ ପାଦ ୮୭ ସୂତ୍ରରେ ନିର୍ଦ୍ଦେଶ ଦିଆଯାଇଛି... “ଓମଭ୍ୟାଦାନେ” ଅର୍ଥାତ୍ ମନ୍ତ୍ରର ଆଦ୍ୟରେ “ଓଁ” ଉଚ୍ଚାରଣ କରିବାକୁ ହେବ । ମନ୍ତ୍ରପାଠ ପୂର୍ବରୁ “ଓଁ” ଉଚ୍ଚାରଣ କଲାପରି ମନ୍ତ୍ରର ଶେଷରେ ମଧ୍ୟ “ଓଁ” ଉଚ୍ଚାରଣ କରି ସ୍ୱାହା କହିବାକୁ ହେବ । ଅଷ୍ଟାଧ୍ୟାୟୀ ଅଷ୍ଟମ ଅଧ୍ୟାୟ ଦ୍ୱିତୀୟ ପାଦ ୮୯ ସୂତ୍ରରେ ସେ ସମ୍ପର୍କରେ କୁହାଯାଇଛି... “ପ୍ରଣବଷ୍ଟେଃ” ଅର୍ଥାତ୍ ଅଗ୍ନିହୋତ୍ରରେ ମନ୍ତ୍ରର “ଟି” ଏହାର ଅର୍ଥ ମନ୍ତ୍ର ଶେଷରେ ଥିବା ସ୍ୱରବର୍ଣ୍ଣ କିମ୍ବା ବ୍ୟଞ୍ଜନବର୍ଣ୍ଣ ଓ ତା ପୂର୍ବ ସ୍ୱରବର୍ଣ୍ଣ ଭାଗକୁ ଲୋପକରି, ସେ ସ୍ଥାନରେ “ଓଁ” ଯୋଗକରି ଉଚ୍ଚାରଣ କରିବେ । ଯଥା: ଓଁ ଭୂର୍ଭୁବଃ ସ୍ୱଃ । ତତ୍ସବିତୁର୍ବରେଣ୍ୟଂ ଭର୍ଗୋଦେବଶ୍ୟ ଧୀମହି । ଧିୟୋ ୟୋ ନଃ ପ୍ରଚୋଦୟୋମ୍ ସ୍ୱାହା ।

**୬.** ଯଜ୍ଞର ଯଜମାନ ତଥା ଆହୁତି ଦେଉଥିବା ବ୍ୟକ୍ତିମାନେ ଯଜ୍ଞର ବିଧିବିଧାନ ଗୁଡ଼ିକୁ ଶ୍ରଦ୍ଧା ଓ ଭକ୍ତିର ସହିତ ପାଳନ କରିବେ । ଅଶ୍ରଦ୍ଧା ଅର୍ଥାତ୍ ଆନ୍ତରିକତାବିହୀନ, ଇଚ୍ଛା ନ ଥାଇ, ବାଧ୍ୟବାଧକତାରେ ପଡ଼ି, କୌଣସି କାମ କରିବା ଉଚିତ ନୁହେଁ । କୁହାଯାଇଛି... ‘ଶ୍ରଦ୍ଧୟା ବିନ୍ଦତେ ବସୁ’ ଶ୍ରଦ୍ଧାର ସହିତ କାର୍ଯ୍ୟ କଲେ ଧନ ସମ୍ପତ୍ତି ଲାଭ ହୁଏ । “ଅଶ୍ରଦ୍ଧା ପରମଂ ପାପଂ ଶ୍ରଦ୍ଧା ପାପ ପ୍ରମୋଚିନୀ” ଅଶ୍ରଦ୍ଧାଯୁକ୍ତ କାର୍ଯ୍ୟରେ ପାପ ହୁଏ ଓ ଶ୍ରଦ୍ଧାଯୁକ୍ତ କାର୍ଯ୍ୟରେ ପାପର ବିନାଶ ଘଟେ । ଇଚ୍ଛା ନ ଥାଇ କାମ କଲେ ସାଧାରଣ ଲୋକେ ଯଦିଓ କିଛି ଜାଣିପାରିବେ ନାହିଁ, ତେବେ ସର୍ବାନ୍ତର୍ଯ୍ୟାମୀ, ଭାବଗ୍ରାହୀ ସେହି ପରମେଶ୍ୱରଙ୍କୁ କିଛି ଅଜଣା ରହେ ନାହିଁ । ସେ କର୍ମାନୁରୂପ ଫଳାଫଳ ପ୍ରଦାନ କରିଥାନ୍ତି । ଶ୍ରମଭଗବଦ୍ ଗୀତାରେ ମଧ୍ୟ କୁହାଯାଇଛି... “ଶ୍ରଦ୍ଧା ବିରହିତଂ ଯଜ୍ଞଂ ତାମସଂ ପରିଚକ୍ଷତେ” ।



**୭.** ଯଜ୍ଞପାଇଁ ଉଦ୍ଦିଷ୍ଟ ମନ୍ତ୍ରଗୁଡ଼ିକୁ ଯଜମାନ ସୁମଧୁର ସ୍ୱରରେ ଉଚ୍ଚାରଣ କରିବେ । ମନ୍ତ୍ରଗୁଡ଼ିକ ଅତି ତରତର କିମ୍ବା ଅତ୍ୟନ୍ତ ଧୀର ଭାବରେ ପଠିତ ନ ହୋଇ ମଧ୍ୟମ ଭାବରେ ଯେପରି ପଠିତ ହୁଏ, ତା’ପାଇଁ ଯଥେଷ୍ଟ ଧ୍ୟାନ ଦେବେ । ମନ୍ତ୍ରକୁ ଯେପରି ଉଚ୍ଚାରଣ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି, ସେପରି ଉଚ୍ଚାରଣ କରିବେ । ହ୍ରସ୍ୱ, ଦୀର୍ଘ, ପ୍ଲୁତ ପ୍ରତି ଧ୍ୟାନ ଦେବେ । ଯଜମାନ ମନ୍ତ୍ରୋଚ୍ଚାରଣ କରିବାରେ ଯଦି ଅସମର୍ଥ, ତେବେ ପୁରୋହିତ, ଋତ୍ୱିକ୍ ଆଦି ମନ୍ତ୍ରୋଚ୍ଚାରଣ କରି, ଯଜମାନଙ୍କଦ୍ୱାରା ଯଜ୍ଞକାର୍ଯ୍ୟ ତୁଲାଇବେ । ଯଜ୍ଞ ସମୟରେ ଯଜମାନ ପୁସ୍ତକରୁ ମନ୍ତ୍ର ଖୋଜି ଆବୃତ୍ତି କରି ଆହୁତି ଦେବା ଅନୁଚିତ; ତେଣୁ ମନ୍ତ୍ରଗୁଡ଼ିକୁ କଣ୍ଠସ୍ଥ କରିନେବା ଆବଶ୍ୟକ । ଆହୁତି କିନ୍ତୁ ଯଜମାନ ସମ୍ପତିଙ୍କୁ ସ୍ୱୟଂ ଦେବାକୁ ପଡ଼ିବ । ମନ୍ତ୍ରପାଠ ନ କଲେ ମଧ୍ୟ ଶେଷରେ ସ୍ୱାହା ଉଚ୍ଚାରଣ କରି ଆହୁତି ଦେବେ । ଯଜ୍ଞଶାଳାରେ ଉପବେଶନ କରିଥିବା ସମସ୍ତ ବ୍ୟକ୍ତି ମଧ୍ୟ ସମସ୍ୱରରେ ‘ସ୍ୱାହା’ ଉଚ୍ଚାରଣ କରିବା ଆବଶ୍ୟକ ।

**୮.** ଯଜ୍ଞର ଯଜମାନ ଯେ କୌଣସିମତେ ନିଜ ଧର୍ମପତ୍ନୀଙ୍କ ସହିତ ଯଜ୍ଞରେ ଅଂଶଗ୍ରହଣ କରିବେ । ଯଜ୍ଞକାର୍ଯ୍ୟ ସପତ୍ନୀକ ସମ୍ପାଦନ କରିବା ଆବଶ୍ୟକ । ଯଜମାନଙ୍କର ଆସନ ଯଜ୍ଞଶାଳାର ପଶ୍ଚିମ ଦିଗରେ ରହିବ, ତାଙ୍କୁ ପୂର୍ବାଭିମୁଖୀ ହୋଇ ବସିବାକୁ ପଡ଼ିବ । ପତିଦେବଙ୍କ ଦକ୍ଷିଣଭାଗରେ ତାଙ୍କର ଧର୍ମପତ୍ନୀ ଓ ପତ୍ନୀଙ୍କ ବାମଭାଗରେ ପତିଦେବ ବସିବେ । ଏ ସମ୍ପର୍କରେ ବ୍ୟାଘ୍ରପାଦସ୍ମୃତି ୮୪ରେ କୁହାଯାଇଛି... “କନ୍ୟାଦାନେ ବିବାହେ ଚ ପ୍ରତିଷ୍ଠା ଯଜ୍ଞକର୍ମଣି । ସର୍ବେଷୁ ଧର୍ମକାର୍ଯ୍ୟେଷୁ ପତ୍ନୀ ଦକ୍ଷିଣତଃ ସ୍ମୃତଃ” (କନ୍ୟାଦାନ, ବିବାହ, ଗୃହାଦିର ଶିଳାନ୍ୟାସ ପ୍ରଭୃତି ପ୍ରତ୍ୟେକ ଧର୍ମ କାର୍ଯ୍ୟରେ ପତ୍ନୀଙ୍କର ସ୍ଥାନ ଦକ୍ଷିଣଭାଗରେ ରହିବ) ।

ଲଘ୍ୱାଶ୍ବଳାୟନ ସ୍ମୃତି ୬-୧୧ ରେ କୁହାଯାଇଛି... "ଶ୍ରାଦ୍ଧେ ଯଜ୍ଞେ ବିବାହେ ଚ ପତ୍ନୀ ଦକ୍ଷିଣତଃ ସଦା" (ଏଠାରେ ଶ୍ରାଦ୍ଧର ଅର୍ଥ ପୌରାଣିକ ମାନଙ୍କର ମୃତକ ଶ୍ରାଦ୍ଧ ନୁହେଁ । ଏହା ବିବାହ ପୂର୍ବରୁ ଅନୁଷ୍ଠିତ ନାନ୍ଦୀଶ୍ରାଦ୍ଧ ଅଟେ) ବ୍ୟାଘ୍ରାପାଦସ୍ମୃତି ୮୮ ରେ କଥିତ ହୋଇଛି... "ନାନ୍ଦୀଶ୍ରାଦ୍ଧେ ଚ ସୋମେ ଚ ମଧୁପର୍କେ ଚ ଦକ୍ଷିଣେ" । ଶାସ୍ତ୍ର ମତାନୁସାରେ ପତିଦେବଙ୍କ ଦକ୍ଷିଣଭାଗରେ ପତ୍ନୀଙ୍କୁ ବସିବାକୁ ହେବ ।

**୯.** ଯଜ୍ଞାରମ୍ଭ ପୂର୍ବରୁ ଯଜମାନ ସପତ୍ନୀକ ଋତ୍ୱିକ୍ ମାନଙ୍କୁ ଆଦର ଅଭ୍ୟର୍ଥନାର ସହିତ ପୁଷ୍ପମାଲ୍ୟ ଅର୍ପଣ କରି ବରଣ କରିବା ସଙ୍ଗେ ସଙ୍ଗେ ଚନ୍ଦନାଦି ପ୍ରଦାନ କରିବେ, ଓ ଯଜ୍ଞକାର୍ଯ୍ୟ ଏକାଗ୍ରଚିତ୍ତରେ ସମ୍ପାଦନ କରିବେ । ଯଜ୍ଞ ପରିଚାଳନାପାଇଁ ଜଣକଠାରୁ ଆରମ୍ଭ କରି ଚାରିଜଣ ପର୍ଯ୍ୟନ୍ତ ଋତ୍ୱିକ୍‌ଙ୍କୁ ବରଣ କରାଯିବା ଆବଶ୍ୟକ । ଜଣକୁ ପୁରୋହିତ; ଦି'ଜଣଙ୍କୁ ଋତ୍ୱିକ୍ ଓ ପୁରୋହିତ; ତିନିଜଣଙ୍କୁ ଋତ୍ୱିକ୍, ପୁରୋହିତ ଓ ଅଧ୍ୱର୍ଯ୍ୟୁ; ଚାରିଜଣଙ୍କୁ ହୋତା, ଅଧ୍ୱର୍ଯ୍ୟୁ, ଉଦ୍‌ଗାତା ଓ ବ୍ରହ୍ମା ନାମରେ ଅଭିହିତ କରାଯାଏ ।

**୧୦.** ଋତ୍ୱିକ୍‌ରୂପେ ଆମନ୍ତ୍ରିତ ବ୍ୟକ୍ତିମାନେ, ବିଦ୍ୱାନ୍, ଧାର୍ମିକ, ପରୋପକାରୀ, ଜିତେନ୍ଦ୍ରିୟ, କର୍ମଠ, ନିର୍ଲୋଭ, କୁଳୀନ, ସୁଶୀଳ, ନିରହଙ୍କାରୀ, ଶାନ୍ତଶିଷ୍ଟ, ବୈଦିକମତାବଲମ୍ବୀ ହୋଇଥିବେ, ଓ ସର୍ବଦା ବିଳାସବ୍ୟସନ ତଥା ମାଦକଦ୍ରବ୍ୟ ସେବନରୁ ଦୂରେଇ ରହୁଥିବେ ।

**୧୧.** ଯଜ୍ଞକୁଣ୍ଡର ଚତୁର୍ଦ୍ଦିଗରେ ଋତ୍ୱିକ୍‌ଗଣଙ୍କର ଆସନ ରହିବ । କୁଣ୍ଡର ପଶ୍ଚିମ ଦିଗରେ ହୋତା ପୂର୍ବ ଦିଗକୁ ମୁଖ କରି ବସିବେ ଓ ସେ ଘୃତାହୁତି ଦେବେ । ଅଧ୍ୱର୍ଯ୍ୟୁ ଦକ୍ଷିଣ ଦିଗକୁ ମୁଖକରି ଉତ୍ତର ଦିଗରେ ବସିବେ । ଯଜ୍ଞରେ ଯେପରି କୌଣସି ହିଂସାଦି କାର୍ଯ୍ୟ ନ ହୁଏ ତା' ପାଇଁ ସେ ବିଶେଷ ଦୃଷ୍ଟି ଦେବେ । ଉଦ୍‌ଗାତା ପୂର୍ବ ଦିଗରେ ପଶ୍ଚିମାଭିମୁଖୀ ହୋଇ ବସିବେ ଓ ଯଥାସମୟରେ ବାମଦେବ୍ୟ ଗାନ କରିବେ । ବ୍ରହ୍ମା ଦକ୍ଷିଣ ଦିଗରେ ଉତ୍ତର ଦିଗକୁ ମୁଖ କରି ବସିବେ ଓ ବିଧିବିଧାନ, ନୀତି ନିୟମ ଅନୁଯାୟୀ ଯଜ୍ଞକର୍ମ ସମ୍ପାଦନ କରିବାପାଇଁ ତୀକ୍ଷ୍ଣ



ଦୃଷ୍ଟି ଦେବେ । ଯଜମାନ ଏ ସମସ୍ତଙ୍କୁ ଯଥାଯୋଗ୍ୟ ସତ୍କାର କରି ନିର୍ଦ୍ଦିଷ୍ଟ ଆସନରେ ବସାଇବେ ଓ ନିଜେ ପ୍ରସନ୍ନ ଚିତ୍ତରେ ନିଜ ପାଇଁ ଉଦ୍ଦିଷ୍ଟ ଆସନରେ ବସିବେ । ଯଜ୍ଞପ୍ରେମୀ ଅନ୍ୟ ବ୍ୟକ୍ତିମାନେ ଯଜ୍ଞମଣ୍ଡପର ଚତୁର୍ଦ୍ଦିଗରେ ସୁବିଧା ସ୍ଥାନ ଦେଖି ଉପବେଶନ କରିବେ ।

**୧୨.** ଅନ୍ୟ ତିନିଜଣ ବିଦ୍ୱାନ୍‌ଙ୍କ ଅପେକ୍ଷା ବ୍ରହ୍ମା ଚତୁର୍ବେଦଜ୍ଞାତା ବା ଅଧିକ ଜ୍ଞାନୀ ହେବା ଆବଶ୍ୟକ । ଚତୁର୍ବେଦଜ୍ଞାତା ହେତୁ ତାଙ୍କୁ ଚତୁର୍ମୁଖରୂପେ କଳ୍ପନା କରାଯାଇଛି । ବ୍ରହ୍ମାଙ୍କ ନିର୍ଦ୍ଦେଶରେହିଁ ଯଜ୍ଞର ଯାବତୀୟ କାର୍ଯ୍ୟ ପରିଚାଳିତ ହେବ, ଅର୍ଥାତ୍ ଅନ୍ୟ ତିନିଜଣଙ୍କୁ ସେ ପରିଚାଳନା କରିବେ । ଯଜ୍ଞରେ କୌଣସି ପ୍ରକାର ତ୍ରୁଟି ଯଦି ହୁଏ, ତେବେ ସେସବୁ ଦୋଷର ଫଳଭାଗୀ ବ୍ରହ୍ମାଙ୍କୁ ହିଁ ହେବାକୁ ପଡ଼ିବ ।

**୧୩.** ବୃହତ୍ ଯଜ୍ଞାନୁଷ୍ଠାନମାନଙ୍କରେ ମୁଖ୍ୟ ଯଜମାନ ଆସନ ଅଳଙ୍କୃତ କରୁଥିବା ବ୍ୟକ୍ତି ସପତ୍ନୀକ ଯଜ୍ଞୋପବୀତ ଧାରଣକରି ଯଜ୍ଞରେ ଆହୁତି ପ୍ରଦାନ କରିବେ । ଯଜ୍ଞୋପବୀତକୁ ଆଜୀବନ ଧାରଣ କରିବାପାଇଁ ଧ୍ୟାନ ଦେବେ । ଯଜ୍ଞାରମ୍ଭ ଦିନରୁ ପୂର୍ଣ୍ଣାହୁତି ପ୍ରଦାନ ଅର୍ଥାତ୍ ଶେଷଦିନ ପର୍ଯ୍ୟନ୍ତ ଯଜମାନ ଦମ୍ପତି ବ୍ରହ୍ମଚର୍ଯ୍ୟବ୍ରତ ପାଳନ କରିବା ସଙ୍ଗେ ସଙ୍ଗେ ସାତ୍ତ୍ୱିକ ଭୋଜନ କରିବେ ଓ ଉଭୟଙ୍କର ଭୂମିଶଯ୍ୟା ହେବ । ଶୁଦ୍ଧପୂତ ପରିବେଶ ମଧ୍ୟରେ ଯଜ୍ଞରେ ଅଂଶଗ୍ରହଣ କରିବାକୁ ହୁଏ; ତେଣୁ ସ୍ତ୍ରୀମାନେ ମାସିକ ଧର୍ମର ଅନ୍ତତଃ ତିନିଦିନ ପର୍ଯ୍ୟନ୍ତ ଯଜ୍ଞରେ ଅଂଶଗ୍ରହଣ କରିପାରିବେ ନାହିଁ । ଯଜମାନଙ୍କ ବ୍ୟତୀତ ଅନ୍ୟ ଯେଉଁମାନେ ଗୌଣରୂପେ ବା ସାମୟିକଭାବେ କେତୋଟି ଆହୁତି ଦେବାକୁ ଚାହୁଁଥିବେ, ସେମାନେ ଯଜ୍ଞୋପବୀତ ଧାରଣ କରିବାକୁ ଯଦି ନ ଚାହାନ୍ତି, ତେବେ ଆଚମନ କରି ଆହୁତି ପ୍ରଦାନ କରିବେ ।

**୧୪.** ଯଜମାନ ଅଙ୍ଗୁଷ୍ଠ, ମଧ୍ୟମା ଓ ଅନାମିକା- ଏହି ତିନୋଟି ଅଙ୍ଗୁଳିରେ ସ୍ରୁବକୁ ଲେଖନୀପରି ଧାରଣ କରି ଆହୁତି ଦେବେ । ସ୍ରୁବ ଅଭାବରେ ଚାମଚଦ୍ୱାରା ଏ କାର୍ଯ୍ୟ ସମ୍ପାଦନ କରାଯାଇପାରେ । ଆହୁତି ପାଇଁ ଉଦ୍ଦିଷ୍ଟ ସ୍ରୁବ ବା ଚାମଚରେ ଅନ୍ୟୂନ ଛଅମସା ଓ ସର୍ବାଧିକ ପଚାଶ ଗ୍ରାମ୍ ପର୍ଯ୍ୟନ୍ତ ଘିଅ ଯେପରି ରହିବ,

ସେପରି ବ୍ୟବସ୍ଥା କରିବେ । ଘୃତାହୁତି ଦେବାରେ କୌଣସି ପ୍ରକାର କାର୍ପଣ୍ୟତା ପ୍ରକାଶ କରିବେ ନାହିଁ; ଅର୍ଥାତ୍ ସ୍ରୁବ ବା ଗ୍ମଚକୁ ଘିଅରେ ପୂର୍ଣ୍ଣକରି ଆହୁତି ଦେବେ । ଯଦି ଘିଅର ମାତ୍ରା ଅଳ୍ପ ଥାଏ, ତେବେ ତଦନୁପାତରେ ଛୋଟ ସ୍ରୁବ ବା ଗ୍ମଚ ବ୍ୟବହାର କରିବେ । ସ୍ରୁବ ପ୍ରଭୃତିକୁ ଉଣା କରି ଆହୁତି ଦେବା କଦାପି ଶୋଭନୀୟ ନୁହେଁ ।

**୧୫.** ସମିଧ (ହୋମକାଠ) ପାଇଁ ଏପରି କାଠ ଚୟନ କରିବା ଆବଶ୍ୟକ, ଯାହାକି ପୋଡ଼ିଗଲା ପରେ ଅଧିକମାତ୍ରାରେ କୋଇଲା ନ ହୋଇ, ପାଉଁଶ ହେଉଥିବ । ଅଶ୍ୱତ୍ଥ, ଆମ୍ର, ଉଦୁମ୍ବର, ଖଇର, ଚନ୍ଦନ, ଦେବଦାରୁ, ପଲାଶ, ବଟ, ବେଲ, ଶମୀ ଓ ଶାଳ ପ୍ରଭୃତି କାଠଗୁଡ଼ିକ ପୋଡ଼ିଯିବା ପରେ କୋଇଲା ଅପେକ୍ଷା ଅଧିକ ମାତ୍ରାରେ ପାଉଁଶ ହୋଇଥାଏ; ତେଣୁ ଯଜ୍ଞର ସମିଧପାଇଁ ଏଗୁଡ଼ିକ ଅଧିକ ଉପଯୋଗୀ ଅଟେ । କିନ୍ତୁ ଦେଖିବାକୁ ହେବ, ସେଗୁଡ଼ିକ ଯେପରି କୀଟଦଷ୍ଟ, ମଳଯୁକ୍ତ, ସ୍ଥାନୋତ୍ପନ୍ନ, ଅପବିତ୍ର ପଦାର୍ଥାଦିଦ୍ୱାରା ଦୂଷିତ କିମ୍ବା ଆର୍ଦ୍ର ହୋଇନଥିବ । ସମିଧଗୁଡ଼ିକ ଅଧିକ ଲମ୍ବ ବା ଅଧିକ ଛୋଟ, ଅତ୍ୟଧିକ ମୋଟା ବା ଅତ୍ୟନ୍ତ ସରୁ, ନ ହୋଇ ଯଜ୍ଞକୁଣ୍ଡର ପରିମାଣ ଅନୁଯାୟୀ ସେସବୁକୁ ପ୍ରସ୍ତୁତ କରିବାକୁ ହେବ । ସେସବୁକୁ କୁଣ୍ଡର ଚାରିପଟରେ ଓ ମଧ୍ୟ ଭାଗରେ ସଜାଇ ରଖିବାକୁ ହେବ । ଅଗ୍ନି ସମଭାବରେ ଯେପରି ପ୍ରଜ୍ୱଳିତ ହୋଇ ରହିବ, ତାକୁ ଧ୍ୟାନରେ ରଖି ମଝିରେ ମଝିରେ ସମିଧ ପ୍ରଦାନ କରିବାକୁ ହେବ ।

**୧୬.** ଦୈନିକ ଯଜ୍ଞ ବା ସଂସ୍କାର ପ୍ରଭୃତିରେ କୌଣସି ଏକ ଶଳାକାରେ ତୁଳା ଗୁଡ଼ାଇ, ତାକୁ ଘୃତସିକ୍ତ କରି ତା ଉପରେ କର୍ପୂରଗୁଣ୍ଡ ଲେପନକରି ପତିପତ୍ନୀ ଉଭୟେ ତାକୁ ଦୀପରେ ଲଗାଇ ସେହି ଜଳନ୍ତା ଶଳାକାକୁ ଯଜ୍ଞ କୁଣ୍ଡରେ ସ୍ଥାପନ କରି ଯଜ୍ଞାରମ୍ଭ କରିବେ । କିନ୍ତୁ ବୃହଦ୍ ଯଜ୍ଞାନୁଷ୍ଠାନରେ କୌଣସି ଏକ ପିତଳ ଥାଳିଆରେ ଛୋଟ ଛୋଟ ସମିଧ ସଜାଇ ତହିଁରେ ଘିଅ କର୍ପୂର ଦେଇ ପ୍ରଥମ ମନ୍ତ୍ରରେ ତାକୁ ପ୍ରଜ୍ୱଳନ କରିବାକୁ ହେବ । ଯଜମାନ ଦମ୍ପତି ଛିଡ଼ାହୋଇ ଦ୍ୱିତୀୟ ମନ୍ତ୍ର ଶେଷରେ ଥାଳିଆରେ ଥିବା ଜଳନ୍ତା ସମିଧକୁ କୁଣ୍ଡରେ ସ୍ଥାପନ କରିବେ ।



**୧୭.** ଯଜ୍ଞରେ ବ୍ୟବହୃତ ସାମଗ୍ରୀ ସାଧାରଣତଃ ସୁଗନ୍ଧିତ, ପୁଷ୍ଟିକାରକ, ରୋଗନାଶକ ଓ ମିଷ୍ଟଦ୍ରବ୍ୟ ଚତୁଷ୍ଟୟର ସମ୍ମିଶ୍ରଣରେ ନିର୍ମାଣ କରାଯାଏ । ଯଥା : ସୁଗନ୍ଧିତ ଅଗୁରୁ, ଅଳେଇଚ, କର୍ପୂର, କସ୍ତୁରୀ, କେଶର, ଗୁଗ୍ଗୁଳ, ଜାଇଫଳ, ଜାୟିତ୍ରୀ, ଝୁଣା, ତଗର, ଧୂପ, ନାଗର, ଲବଙ୍ଗ, ଶ୍ୱେତଚନ୍ଦନାଦି । ପୁଷ୍ଟିକାରକ... ଅନ୍ନ, କନ୍ଦ, କ୍ଷୀରି, ଗୋଧୂମ, ଘୃତ, ତଣ୍ଡୁଳ, ଦୁଗ୍ଧ, ଫଳ, ବାଦାମ, ବିରି, ମୁଗ, ମୋହନଭୋଗ ପ୍ରଭୃତି । ମିଷ୍ଟ... କିସ୍‌ମିସ୍, ଗୁଡ଼, ମଧୁ, ମିଶ୍ରି, ଲଡୁ, ଶର୍କରାଦି ।

**୧୮.** ଯଥାସମୟରେ କାର୍ଯ୍ୟ ସମ୍ପାଦନ କରିବା ହେଉଛି ବିଜ୍ଞତାର ପରିଚାୟକ । ବର୍ତ୍ତମାନର ଜନସାଧାରଣ ଭୌତିକ କାର୍ଯ୍ୟକଳାପରେ ଏପରି ମଜ୍ଜି ରହୁଛନ୍ତି, ଯା' ଫଳରେ ଧାର୍ମିକ କାର୍ଯ୍ୟକଳାପ ପ୍ରତି ମୋଟେ ଧ୍ୟାନ ଦେଉନାହାନ୍ତି । ତେଣୁ କୌଣସି ସ୍ଥାନରେ ଆୟୋଜିତ ଯଜ୍ଞକାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟରେ ଓ ଏକାଗ୍ରଚିତ୍ତରେ ସମ୍ପାଦନ କରିବାପାଇଁ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଏହା କରିବାକୁ ହେଲେ ଯଜ୍ଞପାଇଁ ଆବଶ୍ୟକ ସକଳ ପଦାର୍ଥ, ଯଥା : ଆଚମନପାତ୍ର, ସାମଗ୍ରୀପାତ୍ର, (ଋତ୍ୱିକ୍ ସଂଖ୍ୟାନୁପାତରେ), ଘୃତପାତ୍ର, ଜଳପାତ୍ର, ଜଳସିଞ୍ଚନପାତ୍ର, ଚିମୁଟା, ଦୀପ, ପଙ୍ଖା, ସ୍ରୁବ, ହବନକୁଣ୍ଡ (ସ୍ଥାୟୀକୁଣ୍ଡ ଅଭାବରେ) । ଏହି ପାତ୍ର ଗୁଡ଼ିକ ସୁବର୍ଣ୍ଣ, ରୌପ୍ୟ, ତାମ୍ର ବା କାଷ୍ଠରେ ନିର୍ମିତ ହୋଇଥିବା ଆବଶ୍ୟକ, ଅଥବା ନିଜ ରୁଚି ଅନୁଯାୟୀ ଏଗୁଡ଼ିକୁ ନିର୍ମାଣ କରାଯାଇପାରେ । ଉପକରଣ: କର୍ପୂର, ଘିଅ, ଜଳ, ଡ଼ିଆସିଲି, ତୁଳା, ଧୂପକାଠି, ସମିଧ, ସାକଲ୍ୟ ଓ ସ୍ୱିଷ୍ଟକୃତ୍ ଆହୁତିପାଇଁ ମୋହନଭୋଗ ପ୍ରଭୃତି ଯଜ୍ଞାରମ୍ଭ ପୂର୍ବରୁ ସଂଗ୍ରହକରି ଯଜ୍ଞଶାଳାର ନିର୍ଦ୍ଦିଷ୍ଟ ସ୍ଥାନରେ ସଜାଇ ରଖିବା ଆବଶ୍ୟକ । ଯଜ୍ଞପାଇଁ ଆବଶ୍ୟକ ଉପକରଣଗୁଡ଼ିକୁ ପ୍ରଥମରୁ ଯୋଗାଡ଼ କରା ନଗଲେ ଯଜ୍ଞକାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ ସମାପିତ ହେବା ସମ୍ଭବ ପର ନୁହେଁ । ଦ୍ୱିତୀୟତଃ ଯଜ୍ଞସମୟରେ କୌଣସି ଉପକରଣ ପାଇଁ ଇତସ୍ତତଃ ହେଲେ ହୃଦୟର ଭକ୍ତିଭାବ ଓ ଏକାଗ୍ରତା ବାଧାପ୍ରାପ୍ତ ହୋଇଥାଏ ।

**୧୯.** ଏପରି କେତେକ ସଂସ୍କାର ଅଛି ଯେଉଁଥିରେ କି କ୍ଷୀରି, ମିଠାଭାତ, ଆହୁତି ଦେବାର ବିଧାନ ଅଛି । ତେଣୁ ସେସବୁ ଯଜ୍ଞାରମ୍ଭ ପୂର୍ବରୁ ପ୍ରସ୍ତୁତ କରିନେବା ଆବଶ୍ୟକ । ଯଜ୍ଞସମୟରେ ଏଗୁଡ଼ିକୁ ପ୍ରସ୍ତୁତ କଲେ ଅଯଥା ସମୟ ନଷ୍ଟ ହେବା ସଙ୍ଗେ ସଙ୍ଗେ କ୍ରମପ୍ରବହମାନ ଧାରା ବାଧାପ୍ରାପ୍ତ ହୋଇଥାଏ । ତେଣୁ ଏ ଦିଗପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ । ଯଜ୍ଞ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଏକାଗ୍ରଚିତ୍ତରେ କରିବା ଉଚିତ । ଈଶ୍ୱର ସ୍ତୁତି ପ୍ରାର୍ଥନୋପାସନା ମନ୍ତ୍ର ଭକ୍ତି ଗଦ୍‌ଗଦ ଓ ଏକାଗ୍ରଚିତ୍ତରେ ପାଠ କରିବା ଏକାନ୍ତ ଆବଶ୍ୟକ । କିନ୍ତୁ ଅନେକ ସ୍ଥଳରେ ଦେଖାଯାଏ, କେତେକ ଲୋକ ମନ୍ତ୍ରପାଠ କରୁଥିବେ, ସେ ସମୟରେ ପୁଣି ଦୀପ ସଜାଇବା, ବଳିତା ତିଆରିକରିବା, ଯଜ୍ଞକୁଣ୍ଡରେ ସମିଧ ସଜାଇବା, ସାକଲ୍ୟକୁ ପୃଥକ୍ ପୃଥକ୍ ପାତ୍ରରେ ରଖିବା- ଏସବୁ କାମ କରିଥାଆନ୍ତି । ଏପରି କରିବା ଉଚିତ୍ ନୁହେଁ । କାରଣ ଏପରି କଲେ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୁଏ ନାହିଁ; ଦ୍ୱିତୀୟତଃ ଯଜ୍ଞ ପ୍ରତି ଶ୍ରଦ୍ଧାଭକ୍ତି ନ ଥିବାର ଅନୁମିତ ହୋଇଥାଏ ଯଜ୍ଞର ବିଧିବିଧାନଗୁଡ଼ିକ ସୁଚାରୁରୂପେ ସମ୍ପାଦିତ ହେବା ଆବଶ୍ୟକ ।

**୨୦.** ସ୍ୱିଷ୍ଟକୃତ୍ ଆହୁତି ପରେ "ଓଁ ପ୍ରଜାପତୟେ ସ୍ୱାହା" ଓ ସାୟଂକାଳୀନ ଆହୁତିରେ "ଓଁ ଅଗ୍ନିର୍ଜ୍ୟୋତି ଜ୍ୟୋତିରଗ୍ନିଃ ସ୍ୱାହା" ଏ ମନ୍ତ୍ରଦ୍ୱୟ ପାଠ କଲାବେଳେ ଓଁ ଉଚ୍ଚାରଣ କରି ଅବିଶିଷ୍ଟାଂଶ ମନ ମଧ୍ୟରେ ଉଚ୍ଚାରଣ କରି ସ୍ୱାହା କହି ଆହୁତି ଦେବାର ବିଧାନ ଅଛି । କିନ୍ତୁ ଏସବୁ ଜାଣି ସୁଦ୍ଧା କେତେକ ଲୋକ "ଓଁ ସ୍ୱାହା" ଏକାଥରକେ ଉଚ୍ଚାରଣ କରି ଆହୁତି ପ୍ରଦାନ କରନ୍ତି । କିନ୍ତୁ ଓଁ ଉଚ୍ଚାରଣ କରି ମୌନଭାବରେ ଉଚ୍ଛିଷ୍ଟ ଅଂଶ ଆବୃତ୍ତି କରି ସ୍ୱାହା କହି ଆହୁତି ପ୍ରଦାନ କରିବା ଏକାନ୍ତ ଆବଶ୍ୟକ ।

**୨୧.** ବୃହଦ୍ ଯଜ୍ଞାନୁଷ୍ଠାନମାନଙ୍କରେ ମାଆ, ଭଉଣୀମାନେ ଅଧିକ ସଂଖ୍ୟାରେ ଆହୁତି ଦେବାପାଇଁ ଇଚ୍ଛା କରିଥାଆନ୍ତି । ଯଜମାନଙ୍କ ବ୍ୟତୀତ ଅନ୍ୟ ଯେଉଁମାନେ କୁଣ୍ଡର ଉତ୍ତର, ପଶ୍ଚିମ ବା ଦକ୍ଷିଣଦିଗରେ ବସି ସାକଲ୍ୟ ପ୍ରଭୃତି ଦେଉଥିବେ, ସେମାନେ ଅନ୍ୟ ମାନଙ୍କୁ ସୁଯୋଗ ଦେବାପାଇଁ କେତୋଟି ଆହୁତି ଦେବା ପରେ ସ୍ଥାନ ରିକ୍ତ କରିଦେବେ । କିନ୍ତୁ ମୁଖ୍ୟ ଯଜମାନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବରାବର ଆହୁତି ପ୍ରଦାନ କରିବେ । ଯଜ୍ଞ ମଝିରେ ସେ ସ୍ଥାନ ରିକ୍ତ କରି ଅନ୍ୟ କୁଆଡ଼େ ଯାଇପାରିବେ ନାହିଁ ।



**୨୨.** ମୁଖ୍ୟ ଯଜମାନ ଓ ଯଜ୍ଞଶାଳାରେ ଉପବେଶନ କରି ଆହୁତି ଦେଉଥିବା, ସମସ୍ତ ବ୍ୟକ୍ତି ମନ୍ତ୍ର ଶେଷରେ ସମସ୍ୱରରେ ସ୍ୱାହା ଉଚ୍ଚାରଣ କରି ଘିଅ ଓ ସାମଗ୍ରୀ ଆହୁତି ଦେବେ । ସ୍ୱାହା ଉଚ୍ଚାରଣ କରିବାର କିଛି ସମୟ ପରେ ବା ତା' ପୂର୍ବରୁ ଆହୁତି ପ୍ରଦାନ କରିବେ ନାହିଁ । ଏପରି କରିବା ଅନ୍ୟମନସ୍କତାର ପରିଗ୍ରାୟକ ହୋଇଥାଏ ।

**୨୩.** ମାଦକଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି, କାନରେ ଖଣ୍ଡିଆ ବିଡ଼ି, ସିଗାରେଟ୍ ଧାରଣକାରୀ, ପାନ ଚୋବାଉଥିବା କିମ୍ବା ପାଟିରେ ତମାଖୁ ରଖିଥିବା ବ୍ୟକ୍ତି, ସ୍ନାନାଦି ନିତ୍ୟକର୍ମ ସମାପନ ନ କରିଥିବା ଅଶୌଚ ବ୍ୟକ୍ତି ଯଜ୍ଞଶାଳାରେ ବସି ଆହୁତି ଦେବା ବିଧିସମ୍ମତ ନୁହେଁ । ପାନ, ତମାଖୁ ଖାଇଥିବା ବ୍ୟକ୍ତି ପ୍ରଥମେ ମୁହଁ ଧୋଇ ଆଚମନ କରିବେ, ତା' ପରେ ଆହୁତି ପ୍ରଦାନ କରିବେ ।

**୨୪.** ପେଣ୍ଟ୍, ପତଲୁନ୍ ନେକ୍‌ଟାଇ ଧାରଣ କରିଥିବା ବ୍ୟକ୍ତି ଯଜ୍ଞସ୍ଥଳୀରେ ବସି ଆହୁତି ଦେବେ ନାହିଁ । କାରଣ ଏହା ଆମ ସଂସ୍କୃତିର ବିରୋଧାଚରଣ କରୁଛି । ଦ୍ୱିତୀୟତଃ ପେଣ୍ଟ୍ ପରିଧାନ କରି ଏକାଦିକ୍ରମେ ବହୁସମୟ ପର୍ଯ୍ୟନ୍ତ ତଳେ ବସି ଆହୁତି ଦେବାରେ ଅସୁବିଧା ସୃଷ୍ଟି ହୋଇଥାଏ ।

**୨୫.** ଦୀର୍ଘ ସମୟ ଯଜ୍ଞ କରିବାକୁ ହେଲେ, ଜନ ସାଧାରଣଙ୍କୁ ଆକୃଷ୍ଟ କରି ରଖିବାପାଇଁ, ମଝିରେ ଯଜ୍ଞକାର୍ଯ୍ୟକୁ କିଛି ସମୟ ପାଇଁ ସ୍ଥଗିତ ରଖି ଭଜନ, ପ୍ରବଚନର ବ୍ୟବସ୍ଥା କରିବା ଆବଶ୍ୟକ । ସେତେବେଳେ ମୁଖ୍ୟ ଯଜମାନ ଯଦି ଯଜ୍ଞଶାଳାରୁ ବାହାରି ଅନ୍ୟତ୍ର ଯାଆନ୍ତି, ତେବେ ପୁଣି ଥରେ ଆହୁତି ଦେବା ପୂର୍ବରୁ ତାଙ୍କୁ ଆଉଥରେ ଆଚମନ କରିବାକୁ ପଡ଼ିବ ।

**୨୬.** ଯଜ୍ଞ ସମୟରେ ଯଜମାନ ବା ଯଜ୍ଞକର୍ତ୍ତାଙ୍କୁ କୌଣସି ବିଧିବିଧାନ ସମ୍ପର୍କରେ

ଧାରଣା ଦେବାକୁ ହେଲେ, ଯଜ୍ଞର ମୁଖ୍ୟ ସଂଚାଳକ ହିଁ ସେ ସମ୍ପର୍କରେ ଧାରଣା ଦେବେ । ଅନ୍ୟମାନେ ସେସବୁକୁ ଜାଣିଥିଲେ ମଧ୍ୟ ଧାରଣା ଦେଇ ବିଶୃଙ୍ଖଳା ସୃଷ୍ଟି କରିବେ ନାହିଁ । ସମସ୍ତେ ନୀରବତା ଅବଲମ୍ବନ କରି ବସିରହିବେ ।

**୨୭.** ପୂର୍ଣ୍ଣାହୁତି ସମୟରେ ଅନେକ ମାଆ, ଭଉଣୀ ଅନ୍ଧ ଶ୍ରଦ୍ଧାର ବଶବର୍ତ୍ତୀ ହୋଇ, ଯଜ୍ଞ କୁଣ୍ଡରେ ପାନ, ଗୁଆ, ଫୁଲ, ଛିଟ ପ୍ରଭୃତି ଆହୁତି ଦେଇଥାନ୍ତି । ଏସବୁ ବେଦ ବିରୁଦ୍ଧ ଓ ଶାସ୍ତ୍ର ବିରୁଦ୍ଧ । ତେଣୁ ପୂର୍ଣ୍ଣାହୁତିରେ ମଧ୍ୟ ଘିଅ ଓ ସାମଗ୍ରୀ ଦେଇ ନିଜର ଭକ୍ତି ଅର୍ଘ୍ୟ ଅର୍ପଣ କରିବେ ।

**୨୮.** ଶୁଦ୍ଧ ଗୁଆ ଘିଅ ଆହୁତି ଦେଲେ ଅଧିକ ଲାଭ ମିଳେ । ଆହୁତି ଦେବା ପୂର୍ବରୁ ଘିଅକୁ ଉତ୍ତମରୂପେ ନିଆଁରେ ଗରମ କରି ପରିଷ୍କାର କନାରେ ତାକୁ ଛାଣିନେବା ଆବଶ୍ୟକ । ତା' ପରେ ଏକ କିଲୋଗ୍ରାମ୍ ଘିଅରେ ଏକ ରତି କସ୍ତୁରୀ, ଓ ଏକ ମସା କେଶରକୁ ଚୂର୍ଣ୍ଣ କରି ସେହି ଘିଅରେ ମିଶ୍ରଣ କରି ଯଜ୍ଞପାଇଁ ବ୍ୟବହାର କରିବ । ଘିଅକୁ ଗରମ ନ କରି ଆହୁତି ଦେବା ଉଚିତ୍ ନୁହେଁ । ବର୍ତ୍ତମାନ ଘିଅ ବୋଲାଉଥିବା ବନସ୍ପତି, ଡାଲଡ଼ା ପ୍ରଭୃତି ତ ଦୂରର କଥା ତଦ୍ୱାରା ନିର୍ମିତ ମିଷ୍ଟାନ୍ନ ପ୍ରଭୃତିକୁ ମଧ୍ୟ ଯଜ୍ଞରେ ବ୍ୟବହାର କରାଯାଇ ପାରିବ ନାହିଁ ।

**୨୯.** ଯଜ୍ଞକୁଣ୍ଡର ଆକାର ସମଚତୁଷ୍କୋଣ ହେବ । ଅର୍ଥାତ୍ ଲମ୍ବ, ପ୍ରସ୍ଥ ସମ ଅବସ୍ଥାରେ ରହିବ । ଯଦି ଏକ ହାତ ଲମ୍ବ ରହିବ ତେବେ ଓସାର ମଧ୍ୟ ଏକହାତ ରହିବ । ଚତୁର୍ଦ୍ଦିଗ ହାତେ ବା ଚବିଶ ଅଙ୍ଗୁଳ ରଖାଯିବ । ଲମ୍ବ, ପ୍ରସ୍ଥ ଯେତେ ରହିବ ଗଭୀର ମଧ୍ୟ ସେତେ ପରିମାଣରେ ରଖିବାକୁ ହେବ । କିନ୍ତୁ ଯଜ୍ଞ କୁଣ୍ଡର ନିମ୍ନ ଅଂଶ ଏପରି ଭାବେ ରଖିବାକୁ ହେବ, ଯଦ୍ୱାରା ଉପର ଭାଗ ଅପେକ୍ଷା ନିମ୍ନାଂଶ ଏକ-ଚତୁର୍ଥାଂଶ ରହିବ । ଅର୍ଥାତ୍ ଉପର ଭାଗ ହାତେ ବା ଚବିଶ ଅଙ୍ଗୁଳ ରହିଲେ ନିମ୍ନ ଅଂଶ କେବଳ ଛଅ ଅଙ୍ଗୁଳ ରହିବ । ଯଜ୍ଞକୁଣ୍ଡର ଉପରେ ପାଞ୍ଚ ପାଞ୍ଚ ଇଞ୍ଚ୍ ବିଶିଷ୍ଟ ତିନୋଟି ମେଖଳା ଚତୁର୍ଦ୍ଦିଗରେ ରହିବ ଓ ତା'ର ନିମ୍ନଦେଶରେ ଜଳ ପ୍ରୋକ୍ଷଣପାଇଁ ଚାରିପଟେ କ୍ଷୁଦ୍ର ଗର୍ତ୍ତ ରହିବ । ମେଖଳାର ଉପରିଭାଗରୁ ନିମ୍ନାଂଶ ପର୍ଯ୍ୟନ୍ତ ଯେପରି ଲମ୍ବ, ପ୍ରସ୍ଥ ସହ ସମାନ ରହେ, ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ।



**୩୦.** ଯଜ୍ଞଶାଳାର ଠିକ୍ ମଧ୍ୟବର୍ତ୍ତୀ ସ୍ଥଳରେ ହବନ କୁଣ୍ଡ ଖୋଦିତ ହେବ । ହବନ କୁଣ୍ଡ ଯଦୃଚ୍ଛାଭାବେ ନିର୍ମିତ ନ ହୋଇ ଆହୁତିର ପରିମାଣ ଅନୁଯାୟୀ ନିର୍ମାଣ କରିବାକୁ ହେବ । ଯଜ୍ଞଶାଳାର ଚତୁର୍ଦ୍ଦିଗରେ ଚାରୋଟି ପ୍ରବେଶଦ୍ୱାର ରହିବ । ଯଜ୍ଞମଣ୍ଡପ ଷୋହଳ ହାତରୁ ଅଧିକ ଓ ଆଠ ହାତରୁ କମ୍ ରହିବ ନାହିଁ । ଯଜ୍ଞମଣ୍ଡପର ଲମ୍ବ ଓ ପ୍ରସ୍ଥ ସମାନ ରହିବ । ଯଜ୍ଞଶାଳା ଷୋହଳ ହାତ ଆକାର ପ୍ରକାରରେ ନିର୍ମିତ ହେଲେ ତା'ର ଚତୁର୍ଦ୍ଦିଗରେ ୨୦ ଗୋଟି ଖମ୍ବ; ଆଠ ହାତର ଶାଳା ହେଲେ ଚତୁର୍ଦ୍ଦିଗରେ ୧୨ ଗୋଟି ଖମ୍ବ ପୋତିବାକୁ ହେବ । ଯଜ୍ଞକୁଣ୍ଡର ମେଖଳାଠାରୁ ଯଜ୍ଞଶାଳାର ଛାତ ଯେପରି ଦଶହାତ ଉଚ୍ଚରେ ରହେ, ତା'ପାଇଁ ଧ୍ୟାନ ଦେବାକୁ ହେବ ।

**୩୧.** ଲକ୍ଷେ ପର୍ଯ୍ୟନ୍ତ ଆହୁତି ଦେବାକୁ ହେଲେ ଯଜ୍ଞକୁଣ୍ଡର ଲମ୍ବ, ପ୍ରସ୍ଥ ଚାରି ଚାରି ହାତ ଓ ନିମ୍ନାଂଶ ଏକ ହାତ ରହିବ । ଦୁଇଲକ୍ଷ ଆହୁତି ଦେବାକୁ ହେଲେ ଯଜ୍ଞକୁଣ୍ଡ ଛଅ ହାତ ଲମ୍ବ ଓ ଛଅ ହାତ ଓସାର । ପଚାଶ ହଜାର ପର୍ଯ୍ୟନ୍ତ ଆହୁତି ପାଇଁ, କୁଣ୍ଡର ଲମ୍ବ ପ୍ରସ୍ଥ ତିନି ତିନି ହାତ; ପଚିଶ ହଜାର ଆହୁତି ପାଇଁ, ଦୁଇ ଦୁଇ ହାତ । ପାଞ୍ଚହଜାର ଆହୁତି ପାଇଁ ଦେଢ଼ ହାତ ଲମ୍ବ । ଯଦି ଏକ ହଜାର ପର୍ଯ୍ୟନ୍ତ ଘୃତାହୁତି ଦିଆଯିବ ତେବେ କୁଣ୍ଡ ହାତେ ଛଅ ଅଙ୍ଗୁଳ ଲମ୍ବପ୍ରସ୍ଥ ରହିବ । କଣ୍ଡର ଲମ୍ବ, ପ୍ରସ୍ଥ ଯେଉଁ ପରିମାଣରେ ରହିବ, କୁଣ୍ଡର ଗଭୀରତା ମଧ୍ୟ ସେତିକି ରହିବ କିନ୍ତୁ ତଳଭାଗ ଚାରିଭାଗରୁ ଏକ ଭାଗ ରଖିବାକୁ ହେବ ।ଦୈନିକ ଯଜ୍ଞପାଇଁ କୁଣ୍ଡର ଉପରିଭାଗ ୧୨ ବା ୧୬ ଅଙ୍ଗୁଳ, ଗଭୀର ତଦନୁରୂପ ଓ କୁଣ୍ଡର ତଳଭାଗ ତିନି ବା ଚାରି ଅଙ୍ଗୁଳ ରଖିବା ଆବଶ୍ୟକ ।

**୩୨.** ଯଜ୍ଞସାମଗ୍ରୀ ଯଦୃଚ୍ଛାଭାବେ କୁଣ୍ଡକୁ ଫିଙ୍ଗିବେ ନାହିଁ । ବୃଦ୍ଧାଙ୍ଗୁଳି, ଅନାମିକା ଓ ମଧ୍ୟମା ଆଙ୍ଗୁଳିରେ ଅଳ୍ପ ପରିମାଣର ସାମଗ୍ରୀ ଚାପିଧରି ଅଳ୍ପ ଆଗକୁ ନଇଁ ସାବଧାନତା ଓ ଶ୍ରଦ୍ଧାର ସହିତ ପ୍ରଜ୍ୱଳିତ ଅଗ୍ନିରେ ପ୍ରଦାନ କରିବେ । କୁଣ୍ଡ ବାହାରେ

ସାମଗ୍ରୀ ଯେପରି ନ ପଡ଼େ, ତା'ପାଇଁ ବିଶେଷ ଧ୍ୟାନ ଦେବାକୁ ହେବ ।

୩୩. ଯଜ୍ଞର ଯାବତୀୟ କାର୍ଯ୍ୟ ଦକ୍ଷିଣ ହସ୍ତରେ ସମ୍ପାଦନ କରିବେ ।ବାମ ହାତରେ ସମିଧ ଆଦି ପ୍ରଦାନ କରିବେ ନାହିଁ । ଏହା ହେଉଛି ଯଜ୍ଞପ୍ରତି ଅବମାନନା ଓ ଅବଜ୍ଞାର ପରିଗ୍ରୟକ ।

**୩୪.** ବୃହଦ୍ ଯଜ୍ଞର ବିଧିବିଧାନ ଯଥାଯଥ ଭାବେ ଉଲ୍ଲେଖ କରାଯାଇଛି । ପୁସ୍ତକର କଳେବର ବୃଦ୍ଧି ଭୟରେ ସାପ୍ତିହିକ ଯଜ୍ଞର ବିଧାନ ପୃଥକ୍‌ଭାବେ ପ୍ରଦତ୍ତ ହୋଇନାହିଁ । ତେଣୁ ସାପ୍ତାହିକ ଯଜ୍ଞରେ ଯାହା ଯାହା ଆବଶ୍ୟକ ତାହା ବୃହଦ୍ ଯଜ୍ଞ ବିଧାନରୁ ଦେଖି କାର୍ଯ୍ୟ ସମ୍ପାଦନ କରିବେ; ଅନ୍ୟଗୁଡ଼ିକୁ ବାଦ୍ ଦେବାକୁ ହେବ । ସାପ୍ତାହିକ ଯଜ୍ଞରେ ଋତ୍ୱିଗ୍‌ବରଣ, ସଂଙ୍କଳ୍ପ ପାଠ ପ୍ରଭୃତିର ଆବଶ୍ୟକତା ନାହିଁ । ସେହିପରି ବୃହଦ୍‌ଯଜ୍ଞରେ ଆର୍ଯ୍ୟ ସମାଜର ନିୟମାଦି ପାଠ କରିବାର ଆବଶ୍ୟକତା ନାହିଁ ।

x x x x x x x

## ବୈଦିକ ଧ୍ୱଜତ୍ତୋଳନ ବିଧିଃ

(ତ୍ରିଦିବସୀୟ, ପଞ୍ଚଦିବସୀୟ ବୃହତ୍ ଯଜ୍ଞାନୁଷ୍ଠାନମାନଙ୍କରେ ଯଜ୍ଞାରମ୍ଭ ପୂର୍ବରୁ କୌଣସି ବିଶିଷ୍ଟ ବ୍ୟକ୍ତି ବା ସାଧୁ-ସନ୍ନ୍ୟାସୀଙ୍କ କରକମଳରେ ବୈଦିକ ଧ୍ୱଜ ଉତ୍ତୋଳିତ ହେବା ଆବଶ୍ୟକ । ଯଜ୍ଞଶାଳାର ମୁଖ୍ୟ ଦ୍ୱାରଦେଶର ବହିର୍ଭାଗରେ ପତାକାପୀଠ ରହିବ । ପତାକାପୀଠର ଚତୁର୍ଦ୍ଦିଗରେ ନିମନ୍ତ୍ରିତ ଅତିଥିଗଣ, ଯଜ୍ଞପ୍ରେମୀ ବନ୍ଧୁଗଣ ବର୍ତ୍ତୁଳାକାରରେ ଦଣ୍ଡାୟମାନ ହୋଇ ରହିବେ ।ପ୍ରଥମେ ସମବେତ ଜନତା ସମସ୍ୱରରେ "ଓ୩ମ୍ ଆବ୍ରହ୍ମନ୍ ବ୍ରାହ୍ମଣୋ")

ରାଷ୍ଟ୍ରୀୟ ପ୍ରାର୍ଥନା ମନ୍ତ୍ର ଆବୃତ୍ତି କରିବେ । ତା'ପରେ ଯଜ୍ଞର ମୁଖ୍ୟ କର୍ମକର୍ତ୍ତା ବା ଉଦ୍ୟୋକ୍ତା ଫୁଲଚନ୍ଦନ ଦ୍ୱାରା ଧ୍ୱଜ ଉତ୍ତୋଳନକାରୀଙ୍କୁ ସତ୍କାର କରି ପତାକାପୀଠ ନିକଟକୁ ତାଙ୍କୁ ପାଛୋଟି ନେବେ । ଧ୍ୱଜ ଉନ୍ମୋଚିତ ହେବାପରେ ଜନୈକ ବ୍ୟକ୍ତି



ଧ୍ୱଜଗାନ ଆବୃତ୍ତି କରିବେ । ସମବେତ ସମସ୍ତ ନର-ନାରୀ ତାକୁ ପୁଣି ପ୍ରତ୍ୟାବୃତ୍ତି କରିବେ ।

**ଓ୩ମ୍ ଆ ବ୍ରହ୍ମନ୍ ବ୍ରାହ୍ମଣୋ ବ୍ରହ୍ମବର୍ଚ୍ଚସୀ ଜାୟତାମା ରାଷ୍ଟ୍ରେ ରାଜନ୍ୟଃ ଶୂରଃଇଷବ୍ୟୋଃତିବ୍ୟାଧୀମହାରଥୋଜାୟତାଂଦୋଗ୍‌ଧ୍ରୀଧେନୁର୍ବୋଢ଼ାନଡ଼୍‌ବାନାଶୁଃ ସପ୍ତିଃ ପୁରନ୍ଧିର୍ଯୋଷା ଜିଷ୍ଣୁ ରଥେଷ୍ଠାଃ ସଭେୟୋ ଯୁବାସ୍ୟ ଯଜମାନସ୍ୟ ବୀରୋ ଜାୟତାଂ ନିକାମେ ନିକାମେ ନଃ ପର୍ଜନ୍ୟୋ ବର୍ଷତୁ ଫଳବତ୍ୟୋ ନଃଓଷଧୟଃ ପଚ୍ୟନ୍ତାଂ ଯୋଗକ୍ଷେମୋ ନଃ କଳ୍ପତାମ୍ ।** (ଯଜୁ ଅ. ୨୨-ମ.୨୨)

**ପଦ୍ୟାନୁବାଦ :**

ଭଗବାନ ! ଦିଅ ଜ୍ଞାନ, ରାଷ୍ଟ୍ର ହେଉ ଶୌର୍ଯ୍ୟଶାଳୀ,
ତେଜଭରା ଓଜବୀର୍ଯ୍ୟେ, ଜନ୍ମ ଦ୍ୱିଜ ବ୍ରହ୍ମଗ୍ରାହୀ ।୧।
ଘରେ ଘରେ ଜନମନ୍ତୁ, କ୍ଷତ୍ରୀ ପରାକ୍ରମଶାଳୀ,
ବିନାଶି ଅଇରି-କୁଳ, ରାଷ୍ଟ୍ର ହେଉ ଯଶଶାଳୀ ।୨।
ସୁମଧୁର ଦୁଗ୍‌ଧଦାନେ, ସୁରଭି ପାଳୁ ଧରିତ୍ରୀ,
ଅଶ୍ୱ ଆଦି ପଶୁଗଣେ, ଦିଅ ବହନ ଶକତି ।୩।
ଅବଳା ସବଳା ହେଉ, ହେଉ ସଉଭାଗ୍ୟବତୀ,
ବୀର ବଳଶାଳୀ ହେଉ, ପୁତ୍ର ଜ୍ଞାନୀ ଶୁଦ୍ଧମତି ।୪।
ଧୋଇ ନେଉ ତାପ-କ୍ଳେଶ, ବରଷା ଅମିୟ ଜଳ,
ସୁଜଳା-ସୁଫଳା ହେଉ, ଫୁଟି ଉଠୁ ଫୁଲ-ଫଳ ।୫।
ରୋଗ ନିଦାନ ବିଧାନେ, ଅଉଷଧି ଫଳକାରୀ,
ଯୁଗେ ଯୁଗେ ସ୍ୱାଧୀନତା, ହେଉ ଆମ ଶୁଭକାରୀ ।୬।

## ଧ୍ୱଜଗାନମ୍

ଜୟତି ଓ୩ମ୍ ଧ୍ୱଜ ବ୍ୟୋମବିହାରୀ,

ବିଶ୍ୱପ୍ରେମ ପ୍ରତିମା ଅତି ପ୍ୟାରୀ... ।ଘୋଷା ।
ସତ୍ୟ-ସୁଧା ବର୍ସାନେ ୱାଲା,
ସ୍ନେହ-ଲତା ସର୍ସାନେ ୱାଲା,
ସାମ୍ୟ ସୁମନ ବିକସାନେ ୱାଲା,
ବିଶ୍ୱ ବିମୋହକ ଭବ-ଭୟହାରୀ ।୧।
ଇସ୍‌କେ ନୀଚେ ବଢ଼େ ଅଭୟମନ୍,
ସତ୍‌ପଥ ପର ସବ୍ ଧର୍ମ ଧୂରୀଜନ୍,
ବୈଦିକ ରବିକା ହୋ ଶୁଭ ଉଦୟନ୍,
ଆଲୋକିତ ହୋୱେଁ ଦଶଦିଶି ସାରୀ ।୨।
ଇସ୍‌ସେ ସାରେ କ୍ଲେଶ ସମନ୍ ହୋଁ,
ଦୁର୍ମତି ଦାନବ ଦ୍ୱେଷ ଦମନ୍ ହୋଁ,
ଅତି ଉଜ୍ଜ୍ୱଲ ଅତି ପାୱନ୍ ମନ୍ ହୋଁ,
ପ୍ରେମ ତରଙ୍ଗ ବହେ ସୁଖକାରୀ ।୩।
ଇସୀ ଧ୍ୱଜାକେ ନୀଚେ ଆକର୍,
ଊଁଚ୍ ନୀଚ୍‌କା ଭେଦ୍ ଭୁଲାକର୍,
ମିଳେ ବିଶ୍ୱ ମୁଦ ମଙ୍ଗଲ୍ ଗାକର୍,
ପଛାଇ ପାଖଣ୍ଡ ବିସାରୀ... ।୪।
ଇସୀ ଧ୍ୱଜାକୋ ଲେକର୍ କର୍‌ମେଁ,
ଭର୍‌ଦେଁ ବେଦଜ୍ଞାନ ଘର ଘର ମେଁ,
ସୁଭଗ-ଶାନ୍ତି ଫୈଲେ ଜଗ ଭର୍‌ମେଁ,
ମିଟେ ଅବିଦ୍ୟାକୀ ଅନ୍ଧିୟାରୀ... ।୫।
ବିଶ୍ୱ ପ୍ରେମ୍‌କା ପାଠ୍ ପଢ଼ାୱେଁ,
ସତ୍ୟ ଅହିଂସାକୋ ଅପନାୱେଁ,



ଜଗ୍‌ମେଁ ଜୀୱନ୍, ଜ୍ୟୋତି ଜଗାୱେଁ,
ତ୍ୟାଗ୍ ପୂର୍ଣ୍ଣ ହୋ ବୃତ୍ତି ହମାରୀ... ।୬।
ଆର୍ଯ୍ୟ ଜାତିକା ସୁଯଶ୍ ଅକ୍ଷୟ ହୋ,
ଆର୍ଯ୍ୟ ଧ୍ୱଜାକୀ ଅବିଚଲ ଜୟ ହୋ,
ଆର୍ଯ୍ୟ ଜନୋଁକା ଧ୍ରୁବ ନିଶ୍ଚୟ ହୋ,
ଆର୍ଯ୍ୟ ବନାୱେଁ ବସୁଧା ସାରୀ... ।୭।

## ଅଗ୍ନିହୋତ୍ର ବିଧିଃ- ଦେବଯଜ୍ଞଃ

## ବିଶେଷ ଯଜ୍ଞ ବିଧିଃ

(ସାପ୍ତାହିକ ସତ୍ସଙ୍ଗ ତଥା ବିଶିଷ୍ଟ ବୃହଦ୍‌ଯଜ୍ଞର ସାମାନ୍ୟ ପଦ୍ଧତି)

**ବିଶେଷ ଯଜ୍ଞ କ୍ରମ...**

(୧) ଅଥ ଋତ୍ୱିଗ୍ ବରଣମ୍ (୨) ଅଥେଶ୍ୱର ସ୍ତୁତି ପ୍ରାର୍ଥନୋପାସନାଃ (୩) ଅଥ ସ୍ୱସ୍ତିବାଚନମ୍ (୪) ଅଥ ଶାନ୍ତି କରଣମ୍ (୫) ଅଥାଚମନ ମନ୍ତ୍ରାଃ (୬) ଅଥାଙ୍ଗସ୍ପର୍ଶ ମନ୍ତ୍ରାଃ (୭) ଅଥ ଯଜ୍ଞୋପବୀତ ମନ୍ତ୍ରୌ (୮) ଅଥାଗ୍ନ୍ୟାଧାନ ମନ୍ତ୍ରାଃ (୯) ସମିଦାଧାନ ମନ୍ତ୍ରାଃ (୧୦) ଯଜ୍ଞଘୃତାହୁତି ମନ୍ତ୍ରଃ (୧୧) ଜଳ ପ୍ରସେଚନ ମନ୍ତ୍ରାଃ (୧୨) ଆଘାରାବାଜ୍ୟାହୁତି ମନ୍ତ୍ରୌ (୧୩) ଆଜ୍ୟଭାଗାହୁତି ମନ୍ତ୍ରୌ (୧୪) ବ୍ୟାହୃତ୍ୟାହୁତି ମନ୍ତ୍ରାଃ (୧୫) ସ୍ୱିଷ୍ଟକୃଦାହୁତି ମନ୍ତ୍ରଃ (୧୬) ପ୍ରାଜାପତ୍ୟାହୁତି ମନ୍ତ୍ରାଃ (୧୭) ଆଜ୍ୟାହୁତି (ପବମାନାହୁତି) ମନ୍ତ୍ରାଃ (୧୮) ଅଷ୍ଟାଜ୍ୟାହୁତି ମନ୍ତ୍ରାଃ (୧୯) ପ୍ରାତଃକାଳୀନ ଅଗ୍ନିହୋତ୍ରମନ୍ତ୍ରାଃ (୨୦) ସାୟଂକାଳୀନ ଅଗ୍ନିହୋତ୍ରମନ୍ତ୍ରାଃ (୨୧) ଉଭୟୋଃ କାଳୟୋରଗ୍ନିହୋତ୍ର ମନ୍ତ୍ରାଃ (୨୨) ପୂର୍ଣ୍ଣାହୁତି ମନ୍ତ୍ରାଃ ।

## ୯. ଅଥ ଋତ୍ୱିଗ୍ ବରଣମ୍

**ଯଜମାନୋକ୍ତିଃ... ଓ୩ମ୍ ଆବସୋଃ ସଦନେ ସୀଦ... ସୀଦତବା ॥**

ହେ ପୂଜନୀୟ ଦେବ ! ଦୟାକରି ଆପଣ (ଆପଣମାନେ) ଏ ଯଜ୍ଞ ଆସନ ଉପରେ ବିରାଜମାନ କରନ୍ତୁ ।

**ଋତ୍ୱିଗୁକ୍ତିଃ... ଓ୩ମ୍ ସୀଦାମି... ସୀଦାମଃ ବା ॥**

ମୁଁ (ଆମ୍ଭେମାନେ) ନିର୍ଦ୍ଦିଷ୍ଟ ଆସନରେ ବସୁଛି (ବସୁଛୁ) ଏହା କହି ଆସନରେ ବସିବେ ।

**ଯଜମାନୋକ୍ତିଃ... ଓ୩ମ୍ ତତ୍‌ସତ୍ ଶ୍ରୀ ବ୍ରହ୍ମଣୋ ଦ୍ୱିତୀୟେ ପ୍ରହରାର୍ଦ୍ଧେ ବୈବସ୍ୱତେ ମନ୍ୱନ୍ତରେ ଅଷ୍ଟାବିଂଶତିତମେ କଳିଯୁଗେ କଳିପ୍ରଥମଚରଣେ ଏକବୃନ୍ଦଃ ଷଣ୍ଣବତିକୋଟିଃ ଅଷ୍ଟଲକ୍ଷ ତ୍ରିପଞ୍ଚାଶତ୍‌ସହସ୍ର ଷୋଡ଼ଶାଧିକେ ଶତତମେ ସୃଷ୍ଟି ସମ୍ୱତ୍ସରେ, ଦ୍ୱିସପ୍ତତିଃ ଉତ୍ତର ଦ୍ୱିସହସ୍ରତମେ ବୈକ୍ରମାବ୍ଦେ ଏକଶତୋପରି ଦ୍ୱିନବତିଃତମେ ଶ୍ରୀମଦ୍‌ଦୟାନନ୍ଦାବ୍ଦେ..... ଅୟନେ..... ଋତୌ.....ମାସେ..... ପକ୍ଷେ..... ତିଥୌ... ନାମଧେୟ ନକ୍ଷତ୍ରେ..... ବାସରେ ପ୍ରାତଃକାଳେ ଶୁଭଲଗ୍ନ ସମନ୍ୱିତେ, ମାଙ୍ଗଳିକ ମୁହୂର୍ତ୍ତେ, ଜମ୍ବୁଦ୍ୱୀପେ, ଆର୍ଯ୍ୟାବର୍ତ୍ତାନ୍ତର୍ଗତେ ଭରତଖଣ୍ଡେ ଉତ୍କଳ ପ୍ରାନ୍ତେ ତତ୍ରସ୍ଥ..... ମଣ୍ଡଳେ..... ଗ୍ରାମେ (ନଗରେ, ନଗର୍ଯ୍ୟାଂ, ମଦୀୟ ବାସଗୃହେବା) ତସ୍ମିନ୍ ସ୍ଥିତେ ପବିତ୍ର ଯଜ୍ଞଶାଳାୟାଂ..... ଗୋତ୍ରୋତ୍ପନ୍ନଃ..... ନାମାହଂ ସ୍ୱଧର୍ମପତ୍ନ୍ୟା ସୌଭାଗ୍ୟବତ୍ୟାସହ ସର୍ବବିଧକଲ୍ୟାଣାର୍ଥଂ ସାର୍ବଜନୀନଂ ଯଜ୍ଞଂ (ସଂସ୍କାରଂ) ସଂପାଦନାୟ ଉପକଳ୍ପୟେ । ଅନେନ କର୍ମଣା ଆଧ୍ୟାତ୍ମିକ, ଆଧିଭୌତିକ, ଆଧିଦୈବିକ ତ୍ରିତାପ ଶାନ୍ତ୍ୟର୍ଥଂ, ଶ୍ରେୟସ୍ଥ ପ୍ରେୟୋ ଭୁକ୍ତିମୁକ୍ତି ସିଦ୍ଧାର୍ଥଂ, ସକଳାରିଷ୍ଟ ବିନାଶାର୍ଥଂ, ପରମେଶ୍ୱର ପ୍ରାପ୍ତ୍ୟର୍ଥଂ, ଧର୍ମଭାବନା ପ୍ରବୋଧାର୍ଥଂ, ଆର୍ଯ୍ୟତ୍ୱ ସଂପାଦନାର୍ଥଂ ଚ ଭବନ୍ତମ୍ ଆଗ୍ନ୍ୟର୍ଯ୍ୟତ୍ୱେନ, ପୁରୋହିତତ୍ୱେନ ବା ବୃଣେ ।**

(ଏପରି ସଙ୍କଳ୍ପ ମନ୍ତ୍ର ପାଠ କରି ଯଜମାନ ଫୁଲ, ଚନ୍ଦନ, ବସ୍ତ୍ର, ନାରିକେଳ ପ୍ରଭୃତି ବିଦ୍ୱାନ୍‌ଗଣଙ୍କୁ ଆଦରର ସହିତ ଅର୍ପଣ କରି ପ୍ରଥମେ ସତ୍କାର କରିବେ ॥



**ଋତ୍ୱିଗୁକ୍ତିଃ... ଓ୩ମ୍ ବୃତୋଽସ୍ମି । (ଏହା ମୁଁ ସ୍ୱୀକାର କରୁଛି)**

---

**ବି.ଦ୍ର :** ଚୈତ୍ର ଶୁକ୍ଳ ପ୍ରତିପଦ୍ ହେଉଛି ସୃଷ୍ଟିର ପ୍ରଥମ ଦିବସ । ସେହି ଦିବସରୁ ସୃଷ୍ଟି ସମ୍ୱତ୍ସର ଗଣନା ହୋଇ ଆସୁଛି । ତେଣୁ ଆଗାମୀ ବର୍ଷ ଅର୍ଥାତ୍ ୨୦୧୬ ଚୈତ୍ର ଶୁକ୍ଳ ପ୍ରତିପଦାଠାରୁ ପ୍ରତ୍ୟେକ ସ୍ଥାନରେ ଗୋଟିଏ ଗୋଟିଏ ବର୍ଷ ବୃଦ୍ଧି କରି ପାଠ କରିବାକୁ ହେବ । ଅର୍ଥାତ୍ ଷୋଡ଼ଶାଧିକେ ଶତତମେ ସ୍ଥାନରେ ସପ୍ତଦଶାଧିକେ ଶତତମେ, ଦ୍ୱିସପ୍ତତିଃ ଉତ୍ତର ସ୍ଥାନରେ ତ୍ରିସପ୍ତତିଃ ଉତ୍ତର ଚତୁରଶୀତି ସ୍ଥାନରେ ପଞ୍ଚାଶୀତିଃ ପାଠ କରିବାକୁ ହେବ । ଏପରି କ୍ରମାନ୍ୱୟରେ ଚୈତ୍ର ଶୁକ୍ଳ ପ୍ରତିପଦାଠାରୁ ଏକ ଏକ ବର୍ଷ ବୃଦ୍ଧି କରି ପାଠ କରିବାକୁ ହେବ ।

ଶୂନ୍ୟ ସ୍ଥାନମାନଙ୍କରେ ଯଜ୍ଞାନୁଷ୍ଠାନ ଦିବସର ଅୟନେ ପୂର୍ବରୁ ଉତ୍ତରାୟଣେ ବା ଦକ୍ଷିଣାୟନେ ସେହିପରି ଋତୁ, ମାସ, ପକ୍ଷ, ତିଥି, ନକ୍ଷତ୍ର, ଜିଲ୍ଲା, ଗ୍ରାମ, ନଗର ତଥା ନିଜ ଗୋତ୍ର ଓ ନିଜ ନାମ ନିର୍ଭୁଲ ଭାବେ ଉଚ୍ଚାରଣ କରିବାକୁ ହେବ ।

ଉତ୍ତରାୟଣ... ମାଘ ମାସରୁ ଆଷାଢ଼ ମାସ ପର୍ଯ୍ୟନ୍ତ ବା ଇଂରାଜୀ ଡିସେମ୍ବର ତା ୨୨ ରିଖରୁ ଜୁନ୍ ତା ୨୧ ରିଖ ପର୍ଯ୍ୟନ୍ତ ।

ଦକ୍ଷିଣାୟନ... ଶ୍ରାବଣ ମାସରୁ ପୌଷ ମାସ ପର୍ଯ୍ୟନ୍ତ ବା ଜୁନ୍ ତା ୨୨ ରିଖରୁ ଡିସେମ୍ବର ତା ୨୧ ରିଖ ପର୍ଯ୍ୟନ୍ତ ।

ଛଅଋତୁ... ଫାଲ୍‌ଗୁନ ଓ ଚୈତ୍ର ମାସ = ବସନ୍ତ ଋତୁ । ବୈଶାଖ ଓ ଜ୍ୟେଷ୍ଠ ମାସ = ଗ୍ରୀଷ୍ମଋତୁ । ଆଷାଢ଼ ଓ ଶ୍ରାବଣ ମାସ = ବର୍ଷାଋତୁ । ଭାଦ୍ରବ ଓ ଆଶ୍ୱିନ ମାସ = ଶରତ୍ ଋତୁ । କାର୍ତ୍ତିକ ଓ ମାର୍ଗଶିର ମାସ = ହେମନ୍ତ ଋତୁ । ପୌଷ ଓ ମାଘ ମାସ = ଶୀତ (ଶିଶିର) ଋତୁ । ଏପରି ଭାବେ ଗଣନା କରିବାକୁ ହେବ ।

*ନକ୍ଷତ୍ରକ୍ରମ...* ଅଶ୍ୱିନୀ, ଦ୍ୱିଜା, କୃତ୍ତିକା, ରୋହିଣୀ, ମୃଗଶିରା, ଆଦ୍ରା,

ପୁନର୍ବସୁ, ପୁଷ୍ୟା, ଅଶ୍ଳେଷା, ମଘା, ପୂର୍ବ ଫାଲ୍‌ଗୁନୀ,
ଉତ୍ତର, ଫାଲ୍‌ଗୁନୀ, ହସ୍ତା, ଚିତ୍ରା ସ୍ୱାତୀ, ବିଶାଖା,
ଅନୁରାଧା, ଜ୍ୟେଷ୍ଠା, ମୂଳା, ପୂର୍ବାଷାଢ଼ା, ଉତ୍ତରାଷାଢ଼ା,
ଶ୍ରବଣା, ଧନିଷ୍ଠା, ଶତଭିଷା, ପୂର୍ବଭାଦ୍ର, ଉତ୍ତରଭାଦ୍ର,
ଓ ରେବତୀ ।

(ନିମ୍ନଲିଖିତ ପନ୍ତପାଠ ମଧ୍ୟରେ ଯଜମାନ ଦମ୍ପତି ବିଦ୍ୱାନ୍‌ଗଣଙ୍କୁ ଓ ବିଦ୍ୱାନ୍‌ଗଣ ଯଜମାନ ଦମ୍ପତ୍ତିଙ୍କୁ ଚନ୍ଦନାଦି ପ୍ରଦାନ କରିବେ ।)

**ଓଁ ସ୍ୱସ୍ତି ନଃଇନ୍ଦ୍ରୋ ବୃଦ୍ଧଶ୍ରବାଃ ସ୍ୱସ୍ତିନଃ ପୂଷା ବିଶ୍ୱବେଦାଃ ।**
**ସ୍ୱସ୍ତି ନ ସ୍ତାର୍କ୍ଷ୍ୟୋଽରିଷ୍ଟନେମିଃ ସ୍ୱସ୍ତିନୋ ବୃହସ୍ପତିର୍ଦଧାତୁ ।୧।**

(ଯଜୁ ଅ. ୨୫-ମ.୧୯)

**ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମଦେବା ଭଦ୍ରଂ ପଶ୍ୟେମାକ୍ଷଭିର୍ଯଜତ୍ରାଃ ।**
**ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂ ସସ୍ତନୂଭିର୍ବ୍ୟଶେମହି ଦେବହିତଂ ଯଦାୟୁଃ ।୨।**

(ଯଜୁ ଅ. ୨୫-ମ.୨୧)

**ଓଁ ଉତ୍ତିଷ୍ଠ ବ୍ରହ୍ମଣ ସ୍ପତେ ଦେବାନ୍ ଯଜ୍ଞେନ ବୋଧୟ ।**
**ଆୟୁଃ ପ୍ରାଣଂ ପ୍ରଜାଂ ପଶୁଂ କୀର୍ତ୍ତିଂ ଯଜମାନଞ୍ଚ ବର୍ଦ୍ଧୟ ।୩।**

(ଅଥର୍ବ କା. ୧୯-ସୂ.୬୩-ମ.୧)

**ଓଁ ଧ୍ରୁବାସି ଧ୍ରୁବୋଽୟଂ ଯଜମାନୋଽସ୍ମିନ୍ନାୟତନେ ପ୍ରଜୟା**
**ପଶୁଭିର୍ଭୂୟାତ୍ । ଘୃତେନ ଦ୍ୟାବା ପୃଥିବୀ ପୂର୍ୟ୍ୟେଥାମିନ୍ଦ୍ରସ୍ୟ**
**ଛଦିରସି ବିଶ୍ୱଜନସ୍ୟ ଛାୟା ।୪।**

(ଯଜୁ ଅ. ୫-ମ.୨୮)

## ୨· ଅଥେଶ୍ୱର୍ ସ୍ତୁତି ପ୍ରାର୍ଥନୋପାସନା ମନ୍ତ୍ରାଃ

**ଓଁ ବିଶ୍ୱାନି ଦେବ ସବିତର୍ଦୁରିତାନି ପରା ସୁବ । ଯଦ୍ ଭଦ୍ରଂ ତନ୍ନ ଆ ସୁବ ।୧।**

(ଯଜୁ ଅ.୩୦-ମ.୩)



ହେ ସବିତା ପ୍ରାଣେଶ୍ୱର ! ଘେନ ମୋ ମିନତି,
ଦୁଷ୍ଟ ଦୁର୍ବ୍ୟସନ କର୍ମ ନାଶ ହେ ଝଟତି ।
ଭଦ୍ର ବ୍ୟବହାର ଦିଅ ଆମ ହୃଦେ ଭରି,
ପ୍ରାର୍ଥନା ଏତିକି ଦେବ ! ଭବୁ କର ପାରି ॥୧॥

ହେ ସକଳ ଜଗତର ଉତ୍ପତ୍ତିକର୍ତ୍ତା ! ସମଗ୍ର ଐଶ୍ୱର୍ଯ୍ୟଯୁକ୍ତ, ଶୁଦ୍ଧ ସ୍ୱରୂପ, ସକଳ ସୁଖଦାତା, ପରମେଶ୍ୱର ! ଆପଣ ଦୟାକରି ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଦୁଃଖ, ଦୁର୍ଗୁଣ ଓ ଦୁର୍ବ୍ୟସନକୁ ଦୂରକରି ଦିଅନ୍ତୁ । ଯାହା କଲ୍ୟାଣକାରକ ଗୁଣ, କର୍ମ, ସ୍ୱଭାବ ଓ ପଦାର୍ଥ, ସେସବୁ ଆମ୍ଭମାନଙ୍କୁ ପ୍ରଦାନ କରନ୍ତୁ ।୧।

**ଓଁ ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେ ଭୂତସ୍ୟ ଜାତଃ ପତିରେକ ଆସୀତ୍ ।**
**ସ ଦାଧାର ପୃଥିବୀଂ ଦ୍ୟାମୁତେମାଂ କସ୍ମୈ ଦେବାୟ ହବିଷା ବିଧେମ ।୨।**

(ଯଜୁ ଅ.୧୩ ମ.୪)

ଲୋକ ପ୍ରକାଶକ ତେଜପୁଞ୍ଜ ସ୍ୱାମୀ ତୁମେ ଜଗତ କରତା,
ସୃଷ୍ଟିପୂର୍ବୁ ତୁମେ ରହିଛ ଏକାକୀ ସକଳ ବିଶ୍ୱବିଧାତା ।
ସଚରାଚରର ପାଳକ-ପୋଷକ, ବିଶ୍ୱବନ୍ଦ୍ୟ ଭଗବାନ !
ଦିଅ ସୁଖ-ଶାନ୍ତି ହେ ଆନନ୍ଦଦାତା ! ଘେନ ଆମ ନିବେଦନ ।୨।

ଯେ ପ୍ରକାଶମୟ ସୂର୍ଯ୍ୟଚନ୍ଦ୍ରାଦି ଗ୍ରହ ଉପଗ୍ରହ, ତଥା ସୁବର୍ଣ୍ଣାଦି ପଦାର୍ଥ ଉତ୍ପନ୍ନ କରି ଧାରଣ କରିଛନ୍ତି, ଯେ ସୃଷ୍ଟି ପୂର୍ବରୁ ଓ ପରେ ସକଳ ବିଶ୍ୱବ୍ରହ୍ମାଣ୍ଡର ଅଦ୍ୱିତୀୟ ସ୍ୱାମୀ ରୂପରେ ପୂର୍ବରୁ ଥିଲେ, ବର୍ତ୍ତମାନ ଅଛନ୍ତି, ପରେ ମଧ୍ୟ ରହିବେ, ସେ ଏହି ବିଶାଳ ପୃଥିବୀ, ଅନନ୍ତ ଅନ୍ତରୀକ୍ଷ ତଥା ପ୍ରକାଶିତ ଦ୍ୟୁଲୋକକୁ ଧାରଣ କରିଛନ୍ତି । ଆମ୍ଭେମାନେ ସେହି ସୁଖସ୍ୱରୂପ ପରମେଶ୍ୱରଙ୍କୁ ବିଶେଷ ଭକ୍ତି କରୁଅଛୁ ।୨।

**ଓଁ ୟ ଆତ୍ମଦା ବଳଦା ଯସ୍ୟ ବିଶ୍ୱ ଉପାସତେ ପ୍ରଶିତଂ ଯସ୍ୟ ଦେବାଃ ।**
**ଯସ୍ୟ ଛାୟାଽମୃତଂ ଯସ୍ୟ ମୃତ୍ୟୁଃ କସ୍ମୈ ଦେବାୟ ହବିଷା ବିଧେମ ।୩।**

(ଯଜୁ ଅ. ୨୫-ମ.୧୩)

ଜଗତ କରତା, ଆତ୍ମଜ୍ଞାନଦାତା, ବିଶ୍ୱବନ୍ଦ୍ୟ ଭଗବାନ,
ତବାଶ୍ରୟ ମୋକ୍ଷ, ଅନାଶ୍ରୟ ମୃତ୍ୟୁ, ନିରାଟ ସତ୍ୟ ବଚନ ।
ତବାଶ୍ରିତ ହୋଇ, ବିଶ୍ୱବିଜ୍ଞଜନ, ମାନନ୍ତି ନ୍ୟାୟ ଶାସନ,
ଆନନ୍ଦ ସ୍ୱରୂପ, ସୁଖ-ଶାନ୍ତି ଦାତା, ତବାଜ୍ଞା କରୁ ପାଳନ ।୩।

ଆତ୍ମଜ୍ଞାନ ଓ ଶକ୍ତିଦାତା ପ୍ରଭୋ ! ବେଦବିଦ୍ ବିଦ୍ୱାନ୍‌ଗଣ ଆପଣଙ୍କର ସର୍ବଦା ଉପାସନା କରନ୍ତି ଓ ଆପଣଙ୍କର ପ୍ରତ୍ୟକ୍ଷ ସତ୍ୟସ୍ୱରୂପ, ଶାସନ, ନ୍ୟାୟ ଓ ଶିକ୍ଷାକୁ ସ୍ୱୀକାର କରନ୍ତି । ଆପଣଙ୍କ ଆଶ୍ରୟ ହିଁ ମୋକ୍ଷସୁଖଦାୟକ, ଆପଣଙ୍କୁ ଅମାନ୍ୟ କରିବା, ଅର୍ଥାତ୍ ଭକ୍ତି ନ କରିବା ମୃତ୍ୟୁ ଆଦି ଦୁଃଖର କାରଣ ଅଟେ । ଆମ୍ଭେମାନେ ଭକ୍ତିପୂର୍ଣ୍ଣ ଅନ୍ତଃକରଣରେ ଆପଣଙ୍କୁ ବିଶେଷ ଭକ୍ତି କରୁଅଛୁ ।୩।

**ଓଁ ଯଃ ପ୍ରାଣତୋ ନିମିଷତୋ ମହିତ୍ୱୈକ ଇନ୍ଦ୍ରାଜା ଜଗତୋ ବଭୂବ ।**
**ୟ ଈଶେ ଅସ୍ୟ ଦ୍ୱିପଦଶ୍ଚତୁଷ୍ପଦଃ କସ୍ମୈ ଦେବାୟ ହବିଷା ବିଧେମ ।୪।**
(ଯଜୁ ଅ.୨୩-ମ.୩)

ହେ ସଚ୍ଚିଦାନନ୍ଦ ଈଶ୍ୱର ! ଜଗତ ସଞ୍ଚାଳକ,
ସ୍ଥାବର-ଜଙ୍ଗମ ପ୍ରାଣୀଙ୍କ ଏକମାତ୍ର ପାଳକ ।
ପଶୁ-ପକ୍ଷୀ-କୀଟ-ପତଙ୍ଗ ସର୍ଜିଅଛ ମାନବ,
ଶ୍ରଦ୍ଧା-ଭକ୍ତି ଅର୍ଘ୍ୟ ଅରପି ଅର୍ଚ୍ଚନା କରୁ ତବ ।୪।

ଯେ ନିଜର ଅନନ୍ତ ମହିମା ବଳରେ ସ୍ଥାବର ଓ ଜଙ୍ଗମରେ, ଦ୍ୱିପଦ ଓ ଚତୁଷ୍ପଦ ପ୍ରାଣୀଙ୍କଠାରେ ନ୍ୟାୟୋଚିତ ଶାସନ ବିସ୍ତାର କରି ସର୍ବତ୍ର ବିଦ୍ୟମାନ ଅଛନ୍ତି, ସେହି ସୁଖସ୍ୱରୂପ ସର୍ବୈଶ୍ୱର୍ଯ୍ୟଦାତା ପରମେଶ୍ୱରଙ୍କ ସୁଶାସନକୁ ସ୍ମରଣ କରି ଆମ୍ଭେମାନେ ବିଶେଷ ଉପାସନା କରୁଅଛୁ ।।୪।।

**ଓଁ ଯେନ ଦ୍ୟୌରୁଗ୍ରା ପୃଥିବୀ ଚ ଦୃଢ଼ା ଯେନ ସ୍ୱଃ ସ୍ତଭିତଂ ଯେନ ନାକଃ ।**
**ଯୋ ଅନ୍ତରିକ୍ଷେ ରଜସୋ ବିମାନଃ କସ୍ମୈ ଦେବାୟ ହବିଷା ବିଧେମ ।୫।**
(ଯଜୁ ଅ.୩୨-ମ.୬)



ଜଗତ କରତା, ସୁଖ-ଶାନ୍ତି ଦାତା, ସର୍ବବନ୍ଦ୍ୟ ଭଗବାନ,
ଭୂଲୋକ ଦ୍ୟୁଲୋକ ପାଳକ-ଧାରକ, ଘେନ ନମ୍ର ନିବେଦନ ।
ସ୍ୱୟଂ ଲୋକ-ଲୋକାନ୍ତର ସଞ୍ଚାଳକ, ଅନ୍ତରିକ୍ଷେ ବିରାଜିତ,
କରୁଣା ନିଧାନ, ଆନନ୍ଦ ସ୍ୱରୂପ ! ତୁମେ ହିଁ ଜଗତ ତାତ ।୫।

ଯେଉଁ ପରମାତ୍ମା ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ, ନିଜର ମହାମହିମ ମହିମାବଳରେ ଦ୍ୟୌ, ଅନ୍ତରିକ୍ଷ ଓ ପୃଥିବୀଲୋକକୁ ଧାରଣ କରିଛନ୍ତି, ଯେଉଁ ପରମେଶ୍ୱର ଆକାଶରେ ସକଳ ଲୋକଲୋକାନ୍ତରକୁ ଭ୍ରମଣ କରାଉଛନ୍ତି, ସେହି ମୋକ୍ଷସ୍ୱରୂପ ସୁଖଦାତା ପରବ୍ରହ୍ମଙ୍କୁ ପାଇବାପାଇଁ ଆମ୍ଭେମାନେ ଭକ୍ତିପୂର୍ଣ୍ଣ ଅଞ୍ଜଳି ବିସ୍ତାର କରି ରହିଅଛୁ ।୫।

**ଓଁ ପ୍ରଜାପତେ ନ ତ୍ୱଦେତାନ୍ୟନ୍ୟୋ ବିଶ୍ୱା ଜାତାନି ପରି ତା ବଭୂବ ।**
**ୟକ୍ତାମାସ୍ତେ ଜୁହୁମସ୍ତନ୍ନୋ ଅସ୍ତୁ ବୟଂ ସ୍ୟାମ ପତୟୋ ରୟୀଣାମ୍ ।୬।**
(ଋଗ୍, ମ. ୧୦-ସୂ.୧୨୧ ମ.୧୦)

ପ୍ରଜାପାଳକ ପରମେଶ, ସର୍ବଜୀବ ଜନକ,
ସର୍ବଶ୍ରେଷ୍ଠ ସର୍ବବ୍ୟାପକ, ସର୍ବଜୀବ ରକ୍ଷକ ।
ମନୋବାଞ୍ଛା କର ପୂରଣ, ଏହାହିଁ ନିବେଦନ,
ଯେଉଁ ଶୁଭକର୍ମ ଆଚରି, ତରନ୍ତି ଦେବଗଣ ।
ରାଜ ଅଇଶ୍ୱର୍ଯ୍ୟର ସ୍ୱାମୀ, କର ହେ ବିଶ୍ୱପିତା !
ପ୍ରାର୍ଥନା ଆମର ଏତିକି, ହେ ଜଗତ କରତା ।।୬।।

ହେ ପ୍ରଜାପତେ ! ସକଳ ବିଶ୍ୱ ବ୍ରହ୍ମାଣ୍ଡରେ ଆପଣ ହିଁ ସର୍ବଜ୍ଞ, ସର୍ବୋତ୍ପାଦକ, ସର୍ବବ୍ୟାପକ, ସର୍ବନିୟନ୍ତା, ଅଦ୍ୱିତୀୟ ପରମେଶ୍ୱର ଅଟନ୍ତି । ଆମ୍ଭେମାନେ ଯେଉଁ ଯେଉଁ ପଦାର୍ଥକୁ କାମନା କରୁଅଛୁ, ମନୋବାଞ୍ଛା ପୂର୍ଣ୍ଣ ସକାଶେ, ଦୟାକରି ଆପଣ ସେ ସକଳ ପଦାର୍ଥକୁ ଲାଭ କରାଇ, ଆମ୍ଭମାନଙ୍କର ମନୋବାଞ୍ଛା ପୂର୍ଣ୍ଣ କରନ୍ତୁ । ଯା ଫଳରେ ଆମ୍ଭେମାନେ ଧନୈଶ୍ୱର୍ଯ୍ୟର ସ୍ୱାମୀ ହେବୁ ।।୬।।

**ଓଁ ସ ନୋ ବନ୍ଧୁର୍ଜନିତା ସ ବିଧାତା ଧାମାନି ବେଦ ଭୁବନାନି ବିଶ୍ୱା ।**
**ଯତ୍ର ଦେବା ଅମୃତମାନଶାନାସ୍ତୃତୀୟେ ଧାମନ୍ନଧ୍ୟୈରୟନ୍ତ ।୭।**

(ଯଜୁ ଅ. ୩୨-ମ.୧୦)

ହେ ମାନବଗଣ ! ଶୁଣ ବେଦର ବାରତା,
ସେ ଈଶ୍ୱର ଆମ ଭାଇ, ବନ୍ଧୁ ପିତା-ମାତା ।
ରକ୍ଷକ, ପାଳକ, ମୋକ୍ଷାନନ୍ଦ ସେ ଅଟନ୍ତି,
ମୋକ୍ଷାନନ୍ଦେ ଦେବଗଣ ହରଷେ ରହନ୍ତି ।୭।

ହେ ମନୁଷ୍ୟଗଣ ! ସେହି ପରମକାରୁଣିକ ପରମେଶ୍ୱର ଆମ୍ଭ ସମସ୍ତଙ୍କର ବନ୍ଧୁ, ଭ୍ରାତାଭଳି ସୁଖଦାୟକ, ସକଳ ଜଗତର ଉତ୍ପାଦକ, ସେ ସର୍ବକାମନାର ପୂରକ, ସମ୍ପୂର୍ଣ୍ଣ ଲୋକ-ଲୋକାନ୍ତରର ନାମ, ସ୍ଥାନ ଓ ଜନ୍ମକୁ ଜାଣନ୍ତି । ସେହି ପରମେଶ ଏହି ସାଂସାରିକ ସୁଖ, ଦୁଃଖରୁ ରହିତ, ନିତ୍ୟାନନ୍ଦମୟ, ମୋକ୍ଷସ୍ୱରୂପଧାରୀ ଅଟନ୍ତି । ସତ୍ୟଦ୍ରଷ୍ଟା ପୁରୁଷଗଣ ତାଙ୍କର ସେହି ମୋକ୍ଷକୁ ଲାଭକରି ସ୍ୱ ଇଚ୍ଛାରେ ବିଚରଣ କରନ୍ତି । ସେହି ଈଶ୍ୱର ହିଁ ଆମ ସମସ୍ତଙ୍କ ଗୁରୁ, ଆଚାର୍ଯ୍ୟ, ରାଜା ଓ ନ୍ୟାୟାଧୀଶ ଅଟନ୍ତି । ଆମ୍ଭେମାନେ ସମସ୍ତେ ସମ୍ମିଳିତହୋଇ ତାଙ୍କୁ ଭକ୍ତି କରିବା ପରମ ଆବଶ୍ୟକ ।।୭।।

**ଓଁ ଅଗ୍ନେ ନୟ ସୁପଥା ରାୟେ ଅସ୍ମାନ୍ ବିଶ୍ୱାନି ଦେବ ବୟୁନାନି ବିଦ୍ୱାନ୍ ।**
**ଯୁୟୋଧ୍ୟସ୍ମଜ୍ଜୁହୁରାଣମେନୋ ଭୂୟିଷ୍ଠାଂ ତେ ନମ ଉକ୍ତିଂ ବିଧେମ ।୮।**

(ଯଜୁ ଅ. ୪୦-ମ.୧୬)

ପଥ-ପ୍ରଦର୍ଶକ, ଜଗତ-ନାୟକ, ସୁପଥେ ସଦା ଚଳାଅ,
କୁଟିଳତା-ପାପ, ଅନ୍ୟାୟ-ପଥରୁ, ଆମକୁ ଦୂରେଇ ଦିଅ ।
ଧନ-ଧାନ୍ୟ ପାଇଁ, ଆପ୍ତ ପୁରୁଷଙ୍କ, ନ୍ୟାୟ-ମାର୍ଗ ଅନୁସରି,
ତବାଶ୍ରିତ ହୋଇ, ଏ ଭବସାଗରୁ, ଅବଶ୍ୟ ହୋଇବୁ ପାରି ।୮।

ହେ ସ୍ୱପ୍ରକାଶ ଓ ଜ୍ଞାନସ୍ୱରୂପ, ଜଗତ୍ ପ୍ରକାଶକ, ସକଳ ସୁଖଦାତା ପରମେଶ୍ୱର ! ଆପଣ ପୂର୍ଣ୍ଣ ବିଦ୍ୱାନ୍ ଅଟନ୍ତି । ଆପଣ ଦୟାକରି ଆମ୍ଭମାନଙ୍କୁ ବିଜ୍ଞାନ ଓ ଐଶ୍ୱର୍ଯ୍ୟପ୍ରାପ୍ତି ନିମିତ୍ତ ଧର୍ମଯୁକ୍ତ ମାର୍ଗରେ ପରିଚାଳିତ କରନ୍ତୁ । ଆମ ହୃଦୟ ମଧ୍ୟରେ ଥିବା କୁଟିଳତାପୂର୍ଣ୍ଣ ପାପଗୁଡ଼ିକୁ ଦୂରକରି ଦିଅନ୍ତୁ । ଆମ୍ଭେମାନେ ନମ୍ରତାର ସହିତ ଆପଣଙ୍କ ଭୂରିଭୂରି ପ୍ରଶଂସା ଓ ସ୍ତୁତି ସର୍ବଦା କରୁଥିବୁ, ଏବଂ ଆନନ୍ଦରେ କାଳାତିପାତ କରିବୁ ।।୮।।



(ଇତୀଶ୍ୱର ସ୍ତୁତିପ୍ରାର୍ଥନୋପାସନା ପ୍ରକରଣମ୍)

## ୩. ଅଥ ସ୍ୱସ୍ତି ବାଚନମ୍

(ପ୍ରତ୍ୟେକ ମନ୍ତ୍ର ପୂର୍ବରୁ ଓ୩ମ୍ ଉଚ୍ଚାରଣ କରିବାକୁ ହେବ)

### ଅଗ୍ନିଙ୍କର ସ୍ତୁତି

**ଓ୩ମ୍ ଅଗ୍ନିମୀଡ଼େ ପୁରୋହିତଂ ଯଜ୍ଞସ୍ୟ ଦେବମୃତ୍ୱିଜମ୍ ।**
**ହୋତାରଂ ରତ୍ନଧାତମମ୍ ।୧।**

(ଋଗ୍‌ବେଦ ମ.୧-ସୂ.୧-ମ.୧)

ଯେଉଁ ପରମାତ୍ମା ଉତ୍ପତ୍ତି, ସ୍ଥିତି ଓ ପ୍ରଳୟରୂପୀ ଯଜ୍ଞର ସମ୍ପାଦକ ଓ ସଞ୍ଚାଳକ, ଯେ ଜୀବଗଣଙ୍କୁ ଯଥାର୍ଥ କର୍ମଫଳ ପ୍ରଦାନ କରନ୍ତି, ଓ ସୂର୍ଯ୍ୟାଦି ରତ୍ନର ପ୍ରକାଶକ ଅଟନ୍ତି, ସେହି ସ୍ୱୟଂ ପ୍ରକାଶସ୍ୱରୂପ, ସର୍ବହିତକାରୀ ପରମାତ୍ମାଙ୍କୁ ମୁଁ ସ୍ତୁତି କରୁଅଛି ।୧।

### ପିତା-ପୁତ୍ରର ଭାବନା

**ସ ନଃ ପିତେବ ସୂନବେଽଗ୍ନେ ସୂପାୟନୋ ଭବ । ସଚସ୍ୱା ନଃ ସ୍ୱସ୍ତୟେ ।୨।**

(ଋଗ୍‌ବେଦ ମ.୧-ସୂ.୧-ମ.୯)

ହେ ବିଜ୍ଞାନସ୍ୱରୂପ ପରମେଶ୍ୱର ! ସନ୍ତାନ ପକ୍ଷରେ ପିତା ଯେପରି ହିତକାରୀ ଓ ଜ୍ଞାନଦାତା ହୋଇଥାନ୍ତି, ସେହିପରି ଆପଣ ମଧ୍ୟ ଆମ୍ଭମାନଙ୍କ ପାଇଁ ପ୍ରୀତିଦାୟକ ହୁଅନ୍ତୁ । ଆମ୍ଭେମାନେ ଆପଣଙ୍କ ପ୍ରଦର୍ଶିତ ସୁପଥରେ ପରିଚାଳିତ ହୋଇ, ଆପଣଙ୍କ ଯଶୋବାନା ଉଡ଼ାଇବୁ ।୨।

## ଦିବ୍ୟ ବିଭୂତିଗଣ

**ସ୍ୱସ୍ତିନୋ ମିମୀତାମଶ୍ୱିନା ଭଗଃ ସ୍ୱସ୍ତି ଦେବ୍ୟଦିତିରନର୍ବଣଃ ।**
**ସ୍ୱସ୍ତି ପୂଷା ଅସୁରୋ ଦଧାତୁ ନଃ ସ୍ୱସ୍ତି ଦ୍ୟାବା ପୃଥିବୀ ସୁଚେତୁନା ।୩।**

ହେ ପରମପିତା ! ସୂର୍ଯ୍ୟାଦି ତେଜସ୍ୱିୟ ବସ୍ତୁର ଆଲୋକରେ ଆମ୍ଭେମାନେ ସର୍ବଦା ଆଲୋକିତ ହେଉଁ । ବେଦର ଶାଶ୍ୱତ କଲ୍ୟାଣକାରିଣୀ ବାଣୀ ଚିରଶାନ୍ତି ଓ ଜୀବନୀ ଶକ୍ତି ପ୍ରଦାନ କରନ୍ତୁ । ଦ୍ୟୁଲୋକ ଓ ଭୂଲୋକ ଚିରକାଳପାଇଁ ଆମ୍ଭମାନଙ୍କର କଲ୍ୟାଣକାରକ ହୁଅନ୍ତୁ ।୩।

## ଦିବ୍ୟଶକ୍ତି ଆମଠାରେ ପ୍ରତିଭାତ ହେଉ

**ସ୍ୱସ୍ତୟେ ବାୟୁମୁପବ୍ରବାମହୈ ସୋମଂ ସ୍ୱସ୍ତି ଭୁବନସ୍ୟ ଯସ୍ପତିଃ ।**
**ବୃହସ୍ପତିଂ ସର୍ବଗଣଂ ସ୍ୱସ୍ତୟେ ସ୍ୱସ୍ତୟ ଆଦିତ୍ୟାସୋ ଭବନ୍ତୁ ନଃ ।୪।**

ହେ ଭୁବନପତେ ! ଆପଣ ବାୟୁଠାରୁ ମଧ୍ୟ ଅତ୍ୟନ୍ତ ସୂକ୍ଷ୍ମ ବାୟୁ, ସ୍ୱାମୀଠାରୁ ଶ୍ରେଷ୍ଠ ସ୍ୱାମୀ, ଶ୍ରେଷ୍ଠଠାରୁ ଅତ୍ୟନ୍ତ ଶ୍ରେଷ୍ଠ, ଆଦିତ୍ୟଠାରୁ ମହାନ୍ ଆଦିତ୍ୟ ଅଟନ୍ତି । ଆମ୍ଭମାନଙ୍କର ମଙ୍ଗଳପାଇଁ ଆପଣଙ୍କୁ ସ୍ମରଣ କରୁଛୁ । ହେ ପ୍ରଭୋ ! ପ୍ରତ୍ୟେକ ମୁହୂର୍ତ୍ତ ଆମ୍ଭମାନଙ୍କପାଇଁ ସୁଖପ୍ରଦାୟକ ହେଉ ।୪।

## ଦିବ୍ୟଶକ୍ତି ମାନଙ୍କଠାରୁ ସୁରକ୍ଷା ପ୍ରାର୍ଥନା

**ବିଶ୍ୱେଦେବା ନୋ ଅଦ୍ୟା ସ୍ୱସ୍ତୟେ ବୈଶ୍ୱାନରୋ ବସୁରଗ୍ନିଃ ସ୍ୱସ୍ତୟେ ।**
**ଦେବା ଅବନ୍ ତୃଭବଃ ସ୍ୱସ୍ତୟେ ସ୍ୱସ୍ତିନୋ ରୁଦ୍ରଃ ପାତ୍ୱଂ ହସଃ ।।୫।।**

ଜଗତର ସକଳ ଦିବ୍ୟଶକ୍ତି ଆମ୍ଭମାନଙ୍କର କଲ୍ୟାଣ ସାଧନ କରନ୍ତୁ ।ଯଜ୍ଞାଗ୍ନି ପ୍ରଜ୍ୱାଳକ, ବ୍ରହ୍ମାଣ୍ଡ ନେତା ହେ ପରମାତ୍ମନ୍ ! ଆପଣ ଆମ୍ଭମାନଙ୍କର କଲ୍ୟାଣ କରନ୍ତୁ । ବୈଜ୍ଞାନିକ ଓ ବିଶ୍ୱପତିଗଣ ଆମ୍ଭମାନଙ୍କର ସୁରକ୍ଷା କରନ୍ତୁ ।୫।

## କଲ୍ୟାଣ-ଯାଚନା

**ସ୍ୱସ୍ତି ମିତ୍ରାବାରୁଣା ସ୍ୱସ୍ତି ପଥ୍ୟେ ରେବତି ।**
**ସ୍ୱସ୍ତି ନ ଇନ୍ଦ୍ରଶ୍ଚାଗ୍ନିଶ୍ଚ ସ୍ୱସ୍ତିନୋ ଅତିତେ କୃଧି ।୬।**



ହେ ଅଖଣ୍ଡବ୍ରତ ପରମେଶ୍ୱର ! ଚତୁର୍ଦିଗରୁ ଆମ୍ଭମାନଙ୍କ ଉପରେ ଆନନ୍ଦର ଜଳଧାରା ବର୍ଷଣ କରନ୍ତୁ । ଜଳ, ବାୟୁ ଓ ଅଗ୍ନି ସର୍ବଦା ଆମ୍ଭମାନଙ୍କର କଲ୍ୟାଣକାରକ ହୁଅନ୍ତୁ । ଧନୈଶ୍ୱର୍ଯ୍ୟର ମାର୍ଗ ଆମ ନିମିତ୍ତ ପ୍ରଶସ୍ତ ହେଉ । ପ୍ରାଣ ଓ ଅପାନବାୟୁ ଆମ ଜୀବନୀଶକ୍ତିକୁ ବୃଦ୍ଧି କରନ୍ତୁ ।୬।

## ସତ୍ସଙ୍ଗ ଯୋଗ୍ୟ ଦେବତା

**ସ୍ୱସ୍ତିପନ୍ଥାମନୁଚରେମ ସୂର୍ଯ୍ୟାଚନ୍ଦ୍ରମସାବିବ ।**
**ପୁନର୍ଦଦତାଘ୍ନତା ଜାନତା ସଂ ଗମେମହି ।୭।**

(ଋଗ୍‌ବେଦ ମ.୫-ସୂ.୫୧ ମ.୧୧ ରୁ ୧୫)

ହେ ପ୍ରଭୋ ! ଆମ୍ଭେମାନେ ପ୍ରତ୍ୟହ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ପରି ଅଖଣ୍ଡ ନିୟମକୁ ପାଳନ କରି, ଶ୍ରେୟମାର୍ଗରେ ପରିଚାଳିତ ହେବୁ । ଅତ୍ୟନ୍ତ ଜ୍ଞାନୀ, ବିଦ୍ୱେଷବିହୀନ, ମହାତ୍ମା, ମହାପୁରୁଷଙ୍କ ସଙ୍ଗତି ଆମ୍ଭେମାନେ ସର୍ବଦା ଲାଭକରୁ ।୭।

## କିଏ ଉପଦେଶ ଦେବ ?

**ଯେ ଦେବାନାଂ ଯଜ୍ଞିୟା ଯଜ୍ଞିୟାନାଂ ମେନୋର୍ଯଜତ୍ରା ଅମୃତା ଋତଜ୍ଞାଃ ।**
**ତେ ନୋ ରାସନ୍ତାମୁରୁଗାୟ ମଦ୍ୟ ୟୂୟଂ ପାତ ସ୍ୱସ୍ତିଭିଃ ସଦା ନଃ ।୮।**

(ଋଗ୍‌ବେଦ ମ.୭ ସୂ.୩୫.ମ.୧୫)

ବିଶ୍ୱର ତ୍ୟାଗତପଃଶୀଳ, ସତ୍ୟନିଷ୍ଠ, ପରୋପକାରୀ, ଯାଜ୍ଞିକ, ଅମୃତ ପୁତ୍ରଗଣ, ଆମ୍ଭମାନଙ୍କୁ ଅସତ୍‌ପଥରୁ ନିବୃତ୍ତ କରି, ସତ୍‌ପଥ ପ୍ରଦର୍ଶନ କରନ୍ତୁ ଏବଂ ଆମ୍ଭମାନଙ୍କ ଦିଗ୍‌ଦର୍ଶକ ହୋଇ ସର୍ବଦା ଯଶୋବର୍ଦ୍ଧନରେ ସହାୟକ ହୁଅନ୍ତୁ ।୮।

## ରକ୍ଷାକର୍ତ୍ତା-ଆଦିତ୍ୟ

**ୟେଭ୍ୟୋ ମାତା ମଧୁମତ୍‌ପିନ୍ୱତେ ପୟଃ ପୀୟୂଷଂ ଦ୍ୟୌରଦିତିରଦ୍ରିବର୍ହାଃ ।**
**ଉକ୍‌ଥ ଶୁଷ୍ମାନ୍ ବୃଷ ଭରାଁ ସପ୍ନସସ୍ତାଁ ଆଦିତ୍ୟାଂ ଅନୁମଦା ସ୍ୱସ୍ତୟେ ।୯।**

ହେ ମାନବ ! ଯେଉଁ ଆଦିତ୍ୟ ବ୍ରହ୍ମଚାରୀମାନଙ୍କପାଇଁ ଅଦିତି ମାତା ସୁମଧୁର ପଦାର୍ଥ ପ୍ରଦାନ କରନ୍ତି, ଅନ୍ତରୀକ୍ଷ ଅମୃତରୂପୀ ଜଳ ବର୍ଷଣ କରନ୍ତି, ସେହି

ବଳିଷ୍ଠ, କର୍ମକୁଶଳ, ଶ୍ରେଷ୍ଠ ଜନରକ୍ଷକ, ଅଖଣ୍ଡ ବ୍ରତଧାରୀ ବିଦ୍ୱାନ୍‌ଗଣଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କର ।୯।

## ମୁକ୍ତାତ୍ମାଗଣ ଅନୁକୂଳ ହୁଅନ୍ତୁ

**ନୃଚକ୍ଷସୋ ଅନିମିଷନ୍ତୋ ଅର୍ହଣା ବୃହଦ୍‌ଦେବାସୋ ଅମୃତତ୍ୱମାନଶୁଃ ।**
**ଜ୍ୟୋତୀରଥା ଅହିମାୟା ଅନାଗସୋ ଦିବୋ ବର୍ଷ୍ମାଣଂ ବସତେ ସ୍ୱସ୍ତୟେ ।୧୦।**

ହେ ପରମେଶ୍ୱର ! ଆପଣଙ୍କ ସୁଦୟାରୁ ସମାଜସଂସ୍କାରକ, ସଦାଜାଗ୍ରତ, ସର୍ବଜନାଦୃତ, ଜ୍ଞାନାଲୋକରେ ଉଦ୍ଭାସିତ, ପାପରହିତ ପୁରୁଷଗଣ, ଅମୃତମୟ ଯଶର ଅଧିକାରୀ ହୁଅନ୍ତୁ ଓ ସେମାନେ ଜନସାଧାରଣଙ୍କ କଲ୍ୟାଣପାଇଁ ସମାଜର ସର୍ବୋଚ୍ଚ ଆସନରେ ଆସୀନ ହୁଅନ୍ତୁ ।୧୦।

## ମହତ୍ତ୍ୱ ପ୍ରାପ୍ତିର ସାଧକ

**ସମ୍ରାଜୋ ୟେ ସୁବୃଧୋ ଯଜ୍ଞମାୟୟୁରପରିହ୍ୱୃତା ଦଧିରେ ଦିବି କ୍ଷୟମ୍ ।**
**ତାଁ ଆ ବିବାସ ନମସା ସୁବୃକ୍ତିଭିର୍ମହୋ ଆଦିତ୍ୟାଂ ଅଦିତିଂ ସ୍ୱସ୍ତୟେ ।୧୧।**

ଅତ୍ୟନ୍ତ ତେଜସ୍ୱୀ, ଜ୍ଞାନପରିପକ୍ୱ ବ୍ରହ୍ମଚାରୀଗଣ ସମ୍ରାଟତୁଲ୍ୟ ସମାଦୃତ ହେବ ଆବଶ୍ୟକ । ପରୋପକାରୀ ସରଳତରଳମନା ବ୍ରହ୍ମଚାରୀଗଣ ନିଜର ଉନ୍ନତି ସହିତ, ଜନସମାଜର ଅଶେଷ କଲ୍ୟାଣ ସାଧନ କରିଥାନ୍ତି । ଅତଏବ ସେମାନଙ୍କୁ ସମାଦର ଓ ସମ୍ମାନ ପ୍ରଦର୍ଶନ କରିବା ବିଧେୟ ।୧୧।

## ପାପ ନିବାରକ ଯଜ୍ଞ

**କୋ ବଃ ସ୍ତୋମଂ ରାଧତି ୟଂ ଜୁଜୋଷଥ ବିଶ୍ୱେ ଦେବାସୋ ମନୁଷୋ ୟତିଷ୍ଠନ ।**
**କୋବୋଽଧ୍ୱରଂ ତୁ ବିଜାତା ଅରଂ କରଦ୍ୟୋ ନଃ ପର୍ଷଦତ୍ୟଂହଃ ସ୍ୱସ୍ତୟେ ।୧୨।**

ହେ ମନନଶୀଳ ମାନବ ! ପ୍ରଜାପାଳକ ପରମେଶ ତୁମ୍ଭମାନଙ୍କ କଲ୍ୟାଣ ପାଇଁ ସୁନ୍ଦର ସୃଷ୍ଟି ସର୍ଜନା କରିଛନ୍ତି । ଯେଉଁମାନେ ଯଜ୍ଞ ପରିଚାଳନା କରି ଓ ସେହି ପରମାତ୍ମାଙ୍କର ସ୍ତୁତି ଉପାସନା କରି ତୁମ୍ଭମାନଙ୍କ ଜନ୍ମଜନ୍ମାନ୍ତରର ପାପ ସମୂହକୁ



ବିନଷ୍ଟ କରିବା ସଙ୍ଗେ ସଙ୍ଗେ ସୁପଥରେ ପରିଚାଳନା କରୁଛନ୍ତି, ସେମାନଙ୍କୁ ତୁମ୍ଭେମାନେ ସମ୍ମାନ ପ୍ରଦର୍ଶନ କର ।୧୨।

## ସନ୍ମାର୍ଗ ପ୍ରଦର୍ଶକ ଆଦିତ୍ୟ

**ୟେଭ୍ୟୋ ହୋତ୍ରାଂ ପ୍ରଥମାମାୟେଜେ ମନୁଃ ସମିଦ୍ଧାଗ୍ନିର୍ମନସା ସପ୍ତ ହୋତୃଭିଃ ।**
**ତ ଆଦିତ୍ୟା ଅଭୟଂ ଶର୍ମ ୟଚ୍ଛତ ସୁଗା ନଃ କର୍ତ ସୁପଥା ସ୍ୱସ୍ତୟେ ।।୧୩।।**

ବିଦ୍ୟୁତ୍, ସୂର୍ଯ୍ୟାଦି ତେଜସ୍କ୍ରିୟ ପଦାର୍ଥର ପ୍ରକାଶକ ସର୍ବଜ୍ଞ ପରମାତ୍ମା ସକଳ ବିଶ୍ୱବ୍ରହ୍ମାଣ୍ଡରେ ମହାନ୍ ଜ୍ଞାନ ଓ କର୍ମଯଜ୍ଞର ବିରାଟ ଆୟୋଜନ କରିଛନ୍ତି ଅର୍ଥାତ୍ ମନ, ମୁଖ, ଜିହ୍ୱା, ନାସିକା, କର୍ଣ୍ଣ, ଚକ୍ଷୁ ଓ ତ୍ୱକ୍ ସପ୍ତହୋତା ବିଶିଷ୍ଟ ଏ ସୁନ୍ଦର କଳେବରକୁ ରଚନା କରିଛନ୍ତି । ହେ ଅମୃତପୁତ୍ର ! ସର୍ବଦା ସେହି ଶରୀରର ସଦୁପଯୋଗ କରି ଜୀବନପଥକୁ କୁସୁମିତ ଓ ସୁରଭିତ କର ।୧୩।

## ପାପମୋଚନକାରୀ ଜ୍ଞାନୀ

**ୟ ଈଶିରେ ଭୁବନସ୍ୟ ପ୍ରଚେତସୋ ବିଶ୍ୱସ୍ୟ ସ୍ଥାତୁର୍ଜଗତଶ୍ଚ ମନ୍ତବଃ ।**
**ତେ ନଃ କୃତାଦକୃତାଦେନସସ୍ପର୍ୟଦ୍ୟା ଦେବାସଃ ପିପୃତା ସ୍ୱସ୍ତୟେ ।।୧୪।।**

ହେ ପ୍ରଭୋ ! ଆପଣଙ୍କଠାରୁ ସଦ୍‌ଜ୍ଞାନ ଓ ସଦ୍‌ବିଚାରର ଅମିୟ ଧାରା ସର୍ବଦା ପ୍ରବାହିତ ହେଉଛି । ଆପଣ ସ୍ଥାବର ଓ ଜଙ୍ଗମ ସକଳ ଚରାଚର ଜଗତର ଅଦ୍ୱିତୀୟ ସ୍ୱାମୀ ଅଟନ୍ତି । ଜ୍ଞାନ ବିଜ୍ଞାନର ଜ୍ଞାପକ, ବିଦ୍ୱାନ୍‌ଗଣଙ୍କ ସଦୁପଦେଶଦ୍ୱାରା ଆମ୍ଭମାନଙ୍କର ଶାରୀରିକ, ମାନସିକ ଓ ବାଚିକ ଯାବତୀୟ ପାପକୁ ଦୂରକରି ଶ୍ରେୟମାର୍ଗର ପଥିକ କରାନ୍ତୁ ।୧୪।

## ଇନ୍ଦ୍ରଙ୍କୁ ଆବାହନ

**ଭରେଷ୍ୱିନ୍ଦ୍ରଂ ସୁହବଂ ହବାମହେଂଽହୋମୁଚଂ ସୁକୃତଂ ଦୈବ୍ୟଂ ଜନମ୍ ।**
**ଅଗ୍ନିଂ ମିତ୍ରଂ ବରୁଣଂ ସାତୟେ ଭଗଂ ଦ୍ୟାବା ପୃଥିବୀ ମରୁତଃ ସ୍ୱସ୍ତୟେ ।।୧୫।।**

ହେ ପାପମୋଚକ ପରମୈଶ୍ୱର୍ଯ୍ୟବାନ୍ ! ଜୀବନପଥରେ ଯେତେବେଳେ ସଙ୍କଟଜନକ ପରିସ୍ଥିତି ଆସି ଉପସ୍ଥିତ ହୁଏ, ସେତେବେଳେ ଆତ୍ମରକ୍ଷାପାଇଁ

ଆମ୍ଭେମାନେ ଆପଣଙ୍କୁ ସ୍ମରଣ କରୁ । ନିନ୍ଦିତ ପାପକର୍ମରୁ ନିବୃତ୍ତ ହେବାପାଇଁ ଆପଣଙ୍କ ଉପଦିଷ୍ଟ ବାଣୀକୁ ଗ୍ରହଣ କରୁ । ଅନ୍ନ ଓ ସମୃଦ୍ଧି ଲାଭପାଇଁ ଅଗ୍ନି, ଜଳ, ବାୟୁ ପ୍ରଭୃତି ବିଦ୍ୟାରେ କୁଶଳୀ ବିଶେଷଜ୍ଞମାନଙ୍କର ସୁପରାମର୍ଶକୁ ଗ୍ରହଣ କରୁଁ ॥୧୫॥

## ଦିବ୍ୟନୌକା

**ସୁତ୍ରାମାଣଂ ପୃଥିବୀଂ ଦ୍ୟାମନେହସଂ ସୁଶର୍ମାଣମଦିତିଂ ସୁପ୍ରଣୀତିମ୍ ।**
**ଦୈବୀଂ ନାବଂ ସ୍ୱରିତ୍ରାମନାଗସମସ୍ରବନ୍ତୀମା ରୁହେମା ସ୍ୱସ୍ତୟେ ॥୧୬॥**

ହେ ପ୍ରଭୋ ! ଆମ୍ଭେମାନେ ଆପଣଙ୍କ ବିରଚିତ ସୁବିଶାଳ, ସୁବିସ୍ତୃତ, ପ୍ରକାଶ ପରିପୂର୍ଣ୍ଣ, କଲ୍ୟାଣପ୍ରଦ, ଦୁଃଖ ଓ ଛିଦ୍ର ରହିତ ଦୋଷଶୂନ୍ୟ, ଜୀବନ ରକ୍ଷାକାରୀ ନୌକାରେ ଆରୋହଣ କରି ଭବ ସାଗରରୁ ତରିଯିବା ପାଇଁ, କୃତାଞ୍ଜଳିପୁଟରେ ପ୍ରାର୍ଥନା କରୁଛୁ ॥୧୬॥

## ଆତ୍ମରକ୍ଷା ପାଇଁ ନିବେଦନ

**ବିଶ୍ୱେ ଯଜତ୍ରା ଅଧିବୋଚତୋତୟେ ତ୍ରାୟଧ୍ୱଂ ନୋ ଦୁରେବାୟା ଅଭିହ୍ରୁତଃ ।**
**ସତ୍ୟୟା ବୋ ଦେବହୂତ୍ୟା ହୁବେମ ଶୃଣ୍ୱତୋ ଦେବା ଅବସେ ସ୍ୱସ୍ତୟେ ।୧୭।**

ହେ ସର୍ବଜନ ସଂପୂଜ୍ୟ ଦେବଗଣ ! ଆପଣମାନେ ଆମ୍ଭମାନଙ୍କୁ ଏପରି ଉପଦେଶ ପ୍ରଦାନ କରନ୍ତୁ, ଯା ଫଳରେ ଜନସମୁଦାୟଙ୍କ ନିରାପତ୍ତା ଓ କଲ୍ୟାଣ ସାଧିତ ହେବ । ହେ ଦେବଗଣ ! ମୋର ଏହି ଆକୁଳ ଆବେଦନକୁ ଗ୍ରହଣକରି ମୋର ଜୀବନକୁ ସୁରକ୍ଷିତ ଓ ସୁଖମୟ କରନ୍ତୁ ।୧୭।

## ଦ୍ୱେଷଭାବ ଦୂରୀକରଣ

**ଅପାମୀବାମପ ବିଶ୍ୱାମନାହୁତିମପାରାତିଂ ଦୁର୍ବିଦତ୍ରା ମଘାୟତଃ । ଆରେ ଦେବା ଦ୍ୱେଷୋ ଅସ୍ମଦ୍ୟୁୟୋତନୋରୁଣଃ ଶର୍ମ ଯଚ୍ଛତା ସ୍ୱସ୍ତୟେ ।୧୮।**

ହେ ବିଦ୍ୱଦ୍‌ଗଣ ! ଜନସାଧାରଣଙ୍କ ରୋଗର ନିଦାନକୁ ଦୂର କରନ୍ତୁ । ମାନବଗଣଙ୍କ ଯଜ୍ଞବିରୋଧୀ ମନ୍ଦ ବୁଦ୍ଧିବୃତ୍ତିକୁ ନଷ୍ଟ କରି ଦିଅନ୍ତୁ । କୁତ୍ସିତ ବିଦ୍ୱେଷ ପରିପୂର୍ଣ୍ଣ ଭାବନାକୁ ହୃଦୟରେ ସ୍ଥାନ ଦିଅନ୍ତୁ ନାହିଁ । ସର୍ବଦା ସେମାନଙ୍କୁ କଲ୍ୟାଣ ପଥର ପଥିକ କରାନ୍ତୁ ।



## ପଥପ୍ରଦର୍ଶକ ଦେବତା

**ଅରିଷ୍ଟଃ ସ ମର୍ତୋ ବିଶ୍ୱ ଏଧତେ ପ୍ର ପ୍ରଜାଭିର୍ଜାୟତେ ଧର୍ମଣସ୍ପରି ।**
**ଯମାଦିତ୍ୟାସୋ ନୟଥା ସୁନୀତିଭିରତି ବିଶ୍ୱାନି ଦୁରିତା ସ୍ୱସ୍ତୟେ ।୧୯।**

ହେ ଅତ୍ୟନ୍ତ ତେଜସ୍ୱୀ ବିଦ୍ୱାନ୍‌ଗଣ ! ଜନସମାଜରେ ଉତ୍ତମ ନୀତି ନିୟମର ପ୍ରସାରଣ କରି, ସେମାନଙ୍କ ଆପଦ-ବିପଦ ଦୁରାଚରଣକୁ ଦୂରକରି, ଜନସାଧାରଣଙ୍କ ହିତ ସାଧନରେ ବ୍ରତୀ ଓ ସମୃଦ୍ଧିଶାଳୀ ହୁଅନ୍ତୁ । ଉପଯୁକ୍ତ ସନ୍ତାନସନ୍ତତିଙ୍କ ସହିତ ଧର୍ମ-କର୍ମ ସମ୍ପାଦନ କରନ୍ତୁ ।୧୯।

## ସୁନ୍ଦର ରଥ

**ଯଂ ଦେବାସୋଽବଥ ବାଜସାତୌ ଯଂ ଶୂରସାତା ମରୁତୋ ହିତେ ଧନେ ।**
**ପ୍ରାତର୍ଯାବାଣଂ ରଥମିନ୍ଦ୍ର ସାନସିମରିଷ୍ୟନ୍ତମା ରୁହେମା ସ୍ୱସ୍ତୟେ ।୨୦।**

ଖାଦ୍ୟ ଉତ୍ପାଦନ ସମୟରେ, ରଣସ୍ଥଳୀରେ, ଓ ଧନ-ଧାନ୍ୟାଦି ସଂଗ୍ରହ ବେଳେ ଆମ୍ଭେମାନେ ଯେଉଁ ଯାନ-ବାହନ ପ୍ରଭୃତି ବ୍ୟବହାର କରିବୁ, ସେ ସମସ୍ତ ସୁଦୃଢ଼ ଗତିଶୀଳ ଓ କଲ୍ୟାଣକାରକ ହୁଅନ୍ତୁ । ହେ ଆତ୍ମନ୍ ! ଶରୀର ରୂପୀ ଏହି ରଥ ପ୍ରଭାତ ସମୟରୁ ତୁମର ବିକାଶଦିଗରେ ସହାୟକ ହେଉ ।୨୦।

## ସର୍ବତ୍ର କଲ୍ୟାଣ ହେଉ

**ସ୍ୱସ୍ତି ନଃ ପଥ୍ୟାସୁ ଧନ୍ୱସୁ ସ୍ୱସ୍ତ୍ୟପ୍‌ସୁ ବୃଜନେ ସ୍ୱର୍ବତି ।**
**ସ୍ୱସ୍ତିନଃ ପୁତ୍ରକୃଥେଷୁ ଯୋନିଷୁ ସ୍ୱସ୍ତିରାୟେ ମରୁତୋ ଦଧାତନ ।୨୧।**

ହେ ପ୍ରଭୋ ! ଆମ୍ଭମାନଙ୍କପାଇଁ ସକଳ ସ୍ଥଳପଥ, ଜଳପଥ, ଆକାଶପଥ, ମରୁପ୍ରଦେଶ, କ୍ରୀଡ଼ାସ୍ଥଳୀ ଓ ଅସ୍ତ୍ରଶସ୍ତ୍ର ଶିକ୍ଷଣ ସ୍ଥଳୀକୁ କଲ୍ୟାଣଯୁକ୍ତ ଓ ସୁରକ୍ଷା ପ୍ରଦାନ କରନ୍ତୁ । ହେ ସୁଖଦାତା ପରମେଶ୍ୱର ! ଆମ୍ଭମାନଙ୍କୁ ଗବାଦି ଧନ-ଧାନ୍ୟଦିଦ୍ୱାରା ସୁଖ-ସମୃଦ୍ଧି ପ୍ରଦାନ କରନ୍ତୁ ।୨୧।

## କଲ୍ୟାଣ ପ୍ରଦାୟିନୀ ଭୂମିମାତା

**ସ୍ୱସ୍ତିରିଦ୍ଧି ପ୍ରପଥେ ଶ୍ରେଷ୍ଠା ରେକ୍‌ଣ ସ୍ୱତ୍ୟଭି ଯା ବାମମେତି ।**

**ସା ନୋ ଅମା ସୋ ଅରଣେ ନିପାତୁ ସ୍ୱାବେଶା ଭବତୁ ଦେବଗୋପା ।୨୨।**

(ଋଗ୍‌ବେଦ ମ.୧୦-ସୂ.୬୩ ମ.୩ରୁ ୧୬)

ବିବିଧ କର୍ମ ସମ୍ପାଦନ କରିବା ପାଇଁ ପ୍ରଶସ୍ତ ସ୍ଥଳୀରୂପେ ବିଦ୍ୟମାନ, ଏହି ବସୁନ୍ଧରା ପୃଥିବୀ ଆମ୍ଭମାନଙ୍କର ନିତ୍ୟ ନିବାସସ୍ଥଳୀ ଅଟେ । ଆପଣଙ୍କ ଅନୁକମ୍ପାରୁ ଏହା ଉପଦ୍ରବରହିତ ହୋଇ ସୁରକ୍ଷିତ ହେଉ । ବୈଜ୍ଞାନିକ ଓ ଶିଳ୍ପୀଗଣ ଏହାକୁ ଶୋଭନ ଓ ସୁସଜ୍ଜିତ ଗୃହରୂପେ ଗଠନ କରିବାରେ ଆପଣାର ମନପ୍ରାଣ ଢ଼ାଳିଦିଅନ୍ତୁ ।୨୨।

## ଗୋମାତାଙ୍କର୍ ଜୟ

**ଇଷେ ତ୍ୱୋର୍ଜ୍ଜେ ତ୍ୱା ବାୟବସ୍ଥ ଦେବୋ ବଃ ସବିତା ପ୍ରାର୍ପୟ ତୁ ଶ୍ରେଷ୍ଠତମାୟ କର୍ମଣଃଆପ୍ୟାୟଧ୍ୱମଘ୍ନ୍ୟାଃଇନ୍ଦ୍ରାୟ ଭାଗଂ ପ୍ରଜାବତୀରନମୀବାଃଅୟକ୍ଷ୍ମା ମା ବସ୍ତେ ନଃଇଶତ ମାଘଶଂ ସୋ ଧ୍ରୁ ବାଃଅସ୍ମିନ୍ ଗୋପତୌ ସ୍ୟାତ ବହ୍ୱୀର୍ଯଜମାନସ୍ୟ ପଶୂନ୍ ପାହି ।୨୩।** (ଯଜୁ ଅ. ୧-ମ.୧)

ହେ ସର୍ବରକ୍ଷକ ତଥା ସର୍ବବ୍ୟାପକ ପ୍ରଭୋ ! ଆମ୍ଭମାନଙ୍କ ଶାରୀରିକ ବଳ, ଜୀବନୀଶକ୍ତି ସୁଦୃଢ଼ ହୋଇ, ସକଳ ଜଗତର ସର୍ବୋତ୍କୃଷ୍ଟ ଓ କଲ୍ୟାଣକର କାର୍ଯ୍ୟରେ ସେଗୁଡ଼ିକର ବିନିଯୋଗ ହେଉ । ଆର୍ଥିକ ଓ ଧାର୍ମିକ ଦୃଷ୍ଟିକୋଣରୁ ସର୍ବଦା ଗୋଜାତି ଅବଧ୍ୟ ଘୋଷିତ ହେଉ ଓ ସେହି ଗୋଜାତି ସୁସ୍ଥ ସବଳ ନୀରୋଗ ହୋଇ ବହୁଳଭାବରେ ବିସ୍ତାରଲାଭ କରନ୍ତୁ । ଗୋଧନ ଦୁର୍ଜନ ନିକଟରେ ନ ରହି ପରୋପକାରୀ ପୁଣ୍ୟାତ୍ମାଙ୍କ ନିକଟରେ ରହନ୍ତୁ । ଗବାଦି ପଶୁଧନ ଧାର୍ମିକ ଜନସେବୀଙ୍କ ସତତ ସହାୟତା କରନ୍ତୁ ।୨୩।

## ଶୁଭ୍ ସଙ୍କଳ୍ପ

**ଆନୋ ଭଦ୍ରାଃ କ୍ରତବୋୟନ୍ତୁ ବିଶ୍ୱତୋଽଦବ୍‌ଧାସୋ ଅପରୀତାସ ଉଦ୍ଭିଦଃ । ଦେବାନୋ ଯଥା ସଦମିଦ୍‌ବୃଧେ ଅସନ୍ନପ୍ରାୟୁବୋ ରକ୍ଷିତାରୋ ଦିବେ ଦିବେ ।୨୪।**

ହେ ପ୍ରଭୋ ! ଆମ୍ଭମାନଙ୍କର ଯଜ୍ଞାଦି ସତ୍ କର୍ମ ସର୍ବଦା, ସର୍ବତ୍ର ସମ୍ୟକ୍‌ରୂପେ ସମ୍ପାଦିତ ହେଉ । ଆପଣ ଏପରି କୃପା କରନ୍ତୁ, ଚେତନ ଅଚେତନ



ସକଳ ଦେବତା ଆମ୍ଭମାନଙ୍କ ଉପରେ ପ୍ରସନ୍ନ ହୋଇ ଆମର ସୁରକ୍ଷା କରନ୍ତୁ । ବିଶ୍ୱର ଚତୁର୍ଦ୍ଦିଗରୁ ଶାନ୍ତିର ଜଳ ଆମ ଉପରେ ବୃଷ୍ଟି ହେଉ ।୨୪।

## ଦେବପୂଜା, ସଙ୍ଗତି ଓ ଦାନ

**ଦେବାନାଂ ଭଦ୍ରା ସୁମତିର୍ଋଜୁୟତାଂ ଦେବାନାଂ ରାତିରଭି ନୋ ନିବର୍ତ୍ତତାମ୍ । ଦେବାନାଂ ସଖ୍ୟମୁପସେଦିମାବୟଂ ଦେବା ନୋ ଆୟୁଷ୍ଟ ପ୍ରତିରନ୍ତୁ ଜୀବସେ ।୨୫।**

(ଯଜୁ ଅ.୨୫-ମ.୧୪ ଓ ୧୫)

ହେ ପରମେଶ୍ୱର ! ଶୁଭବୁଦ୍ଧି ସମ୍ପନ୍ନ ବିଦ୍ୱଜ୍ଜନଙ୍କ କଲ୍ୟାଣକାରୀ ବୁଦ୍ଧି ଓ ଦାନଶକ୍ତି ଆମ୍ଭମାନଙ୍କୁ ପ୍ରଦାନ କରନ୍ତୁ । ବିଦ୍ୱାନ୍‌ଗଣଙ୍କ ସତ୍ସଙ୍ଗ ଲାଭକରି ଆମ୍ଭେମାନେ ଯଶସ୍ୱୀ ଓ ଦୀର୍ଘାୟୁ ହେଉଁ ।୨୫।

## ଜଗଦୀଶ୍ୱରଙ୍କୁ ଆହ୍ୱାନ

**ତମୀଶାନଂ ଜଗତସ୍ତସ୍ଥୁଷସ୍ପତିଂ ଧିୟଂଜିନ୍ୱମବସେହୁମହେ ବୟମ୍ । ପୂଷା ନୋ ଯଥା ବେଦସାମସଦ୍‌ବୃଧେ ରକ୍ଷିତା ପାୟୁରଦବ୍‌ଧଃ ସ୍ୱସ୍ତୟେ ।୨୬।**

ହେ ପ୍ରଭୋ ! ଆପଣ ସ୍ଥାବର ଓ ଜଙ୍ଗମର ଏକମାତ୍ର ଐଶ୍ୱର୍ଯ୍ୟର ସ୍ୱାମୀ ଅଟନ୍ତି । ଆମ୍ଭେମାନେ ଆମର ସୁରକ୍ଷାପାଇଁ ଆପଣଙ୍କ ନିକଟରେ କୃତାଞ୍ଜଳିପୁଟରେ ନିବେଦନ କରୁଛୁ । ସର୍ବପାଳକ, କଲ୍ୟାଣକାରକ, ଜ୍ଞାନ-ବିଜ୍ଞାନ-ଧନ ରକ୍ଷକ ହେ ପିତଃ ! ଆପଣ ଆମ୍ଭମାନଙ୍କର କଲ୍ୟାଣ କରନ୍ତୁ ।୨୬।

## ପ୍ରତ୍ୟେକ ବର୍ଣ୍ଣର୍ କଲ୍ୟାଣ

**ସ୍ୱସ୍ତି ନଃ ଇନ୍ଦ୍ରୋ ବୃଦ୍ଧଶ୍ରବାଃ ସ୍ୱସ୍ତିନଃ ପୂଷା ବିଶ୍ୱବେଦାଃ । ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ।୨୭।**

(ଯଜୁ ଅ. ୨୫ ମ.୧୮ ଓ ୧୯)

ଅତ୍ୟନ୍ତ କୀର୍ତ୍ତିଶାଳୀ ଇନ୍ଦ୍ର, ବିଶ୍ୱଦେବ, ଐଶ୍ୱର୍ଯ୍ୟଶାଳୀ, ଅହିଂସିତମର୍ଯ୍ୟାଦା ବୃହସ୍ପତି, ଦେବପାଳକ, ଏ ସମସ୍ତ ନାମ ସେହି ପରମେଶ୍ୱରଙ୍କର ଅଟେ । ସେହି ସର୍ବତ୍ରାତା ପରମେଶ୍ୱର ଆମ୍ଭମାନଙ୍କୁ ଯାବତୀୟ ଆପଦବିପଦରୁ ରକ୍ଷାକରି,

ସକଳପ୍ରକାର ମଙ୍ଗଳବିଧାନ କରନ୍ତୁ ।୨୭।

## ଦିବ୍ୟ ଜୀବନ କାମନା

**ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା ଭଦ୍ରଂ ପଶ୍ୟେମାକ୍ଷଭିର୍ୟଜତ୍ରାଃ ।**
**ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂ ସସ୍ତନୂଭିର୍ବ୍ୟଶେମହି ଦେବହିତଂ ଯଦାୟୁଃ ।୨୮।**

(ଯଜୁ ଅ. ୨୫-ମ.୨୧)

ହେ ଜଗଦୀଶ୍ୱର ! ଆପଣଙ୍କ କୃପାକଟାକ୍ଷରୁ ଆମ୍ଭେମାନେ ସର୍ବଦା କର୍ଣ୍ଣରେ ଭଦ୍ରବଚନ ଶୁଣିବୁ, ଅଭଦ୍ର ନୁହେଁ । ନେତ୍ରରେ କଲ୍ୟାଣପ୍ରଦ ପ୍ରିୟପଦାର୍ଥକୁ ଦେଖିବୁ, କୁତ୍ସିତ ନୁହେଁ । ସର୍ବଦା ସୁସ୍ଥ ସବଳ ରହିବୁ ବିକଳାଙ୍ଗ ହେବୁ ନାହିଁ । ସୁସ୍ଥ ଶରୀର, ନିରାମୟ ଦୀର୍ଘ ଜୀବନଯାପନ ପାଇଁ ସର୍ବଦା ଆପଣଙ୍କ ନିକଟରେ କୃତଜ୍ଞ ହୋଇ ରହିବୁ ।୨୮।

## ଦୟାମୟ ଦେବ ! ଆସ

**ଆଗ୍ନ ଆ ୟାହି ବୀତୟେ ଗୃଣାନୋ ହବ୍ୟଦାତୟେ । ନି ହୋତା ସତ୍ସି ବର୍ହିଷି ।୨୯।**

ହେ ପ୍ରକାଶସ୍ୱରୂପ ପରମେଶ୍ୱର ! ଜ୍ଞାନ ଓ ଦାନ ଭାବନା ଜାଗ୍ରତ କରିବାପାଇଁ ଆପଣ ମୋର ହୃଦୟ ପ୍ରଦେଶରେ ବିରାଜିତ ହୁଅନ୍ତୁ । ଆପଣ ସର୍ବଦା ସର୍ବତ୍ର, ସତତ ହୋତା ରୂପରେ ବିଦ୍ୟମାନ ଅଛନ୍ତି । କାର୍ଯ୍ୟସିଦ୍ଧିପାଇଁ ଆମେ ଚିତ୍ତ ଓ ମନର ଏକାଗ୍ରତା କାମନା କରୁଅଛୁ ।୨୯।

## ଉପଦେଶକ ପ୍ରଭୁ

**ତ୍ୱମଗ୍ନେ ୟଜ୍ଞାନାଂ ହୋତା ବିଶ୍ୱେଷାଂ ହିତଃ । ଦେବେଭିର୍ମାନୁଷେ ଜନେ ।୩୦।**

(ସାମ ୧-୧-୧ ଓ ୨)

ହେ ଜ୍ଞାନେଶ୍ୱର ! ଆପଣ ଶ୍ରେଷ୍ଠ କର୍ମର ଉପଦେଶକ ଅଟନ୍ତି । ଆପଣ ସକଳ ବିଶ୍ୱବ୍ରହ୍ମାଣ୍ଡର ପ୍ରକାଶକ ଓ ହିତକାରକ ଅଟନ୍ତି । ଆପଣଙ୍କର ଏହି ଦିବ୍ୟ ପ୍ରସିଦ୍ଧି ଜନସମାଜରେ ସର୍ବଦା ଜାଜ୍ଜ୍ୱଲ୍ୟମାନ ହୋଇ ରହିଛି ।୩୦।

## ଦେବଗଣଙ୍କଠାରୁ ଶକ୍ତି ପ୍ରାର୍ଥନା



**ୟେ ତ୍ରିଷପ୍ତାଃ ପରିୟନ୍ତି ବିଶ୍ୱା ରୂପାଣି ବିଭ୍ରତଃ ।**
**ବାଚସ୍ପତିର୍ବଲା ତେଷାଂ ତନ୍ୱୋ ଅଦ୍ୟ ଦଧାତୁ ମେ ।୩୧।**

(ଅଥର୍ବ କା୧-ସୂ.୧-ମ.୧)

ପୃଥିବୀ, ଆପ, ତେଜ, ବାୟୁ, ଆକାଶ, ତନ୍ମାତ୍ର ଓ ଅହଙ୍କାର ଏହି ସାତୋଟି ପଦାର୍ଥ ସତ୍ୱ, ରଜ, ତମ ଭେଦରେ ଏକୋଇଶଟି ପଦାର୍ଥରେ ପରିଣତ ହୋଇଅଛି । ସେଗୁଡ଼ିକର ପରିବର୍ତ୍ତନର ନାମ ହେଉଛି "ସଂସାର" । ସେହି ସଂସାରର ଧାରଣ ଓ ପୋଷଣକର୍ତ୍ତା ସର୍ବେଶ୍ୱର ପ୍ରଭୁ ସେହି ପଦାର୍ଥଗୁଡ଼ିକୁ ମୋର ଶରୀରରେ ଯଥାଯୋଗ୍ୟ ଆଧାନ କରନ୍ତୁ ! ଏହାହିଁ ଆମର ଅନ୍ତିମ ପ୍ରାର୍ଥନା ।୩୧।

**-: ଇତି ସ୍ୱସ୍ତି ବାଚନମ୍ :-**

## ୪. ଅଥ ଶାନ୍ତି କରଣମ୍

(ପ୍ରତ୍ୟେକ ମନ୍ତ୍ର ପୂର୍ବରୁ ଓ୩ମ୍ ଉଚ୍ଚାରଣ କରିବାକୁ ହେବ)

## ଶାନ୍ତି ପ୍ରାର୍ଥନା

**ଓ୩ମ୍ ଶଂ ନ ଇନ୍ଦ୍ରାଗ୍ନୀଭବତାମବୋଭିଃ ଶଂ ନ ଇନ୍ଦ୍ରାବରୁଣା ରାତହବ୍ୟା ।**
**ଶମିନ୍ଦ୍ରା ସୋମା ସୁବିତାୟ ଶଂ ୟୋଃ ଶଂ ନ ଇନ୍ଦ୍ରାପୂଷଣା ବାଜସାତୌ ।୧।**

ହେ ଈଶ୍ୱର ! ବିଦ୍ୟୁତ୍ ଓ ଅଗ୍ନି ଆମ୍ଭମାନଙ୍କ ସୁରକ୍ଷା ଓ ସମୃଦ୍ଧିର କାରଣ ହୁଅନ୍ତୁ । ବିଦ୍ୟୁତ୍ ଓ ଜଳ ଆମ ଉପରେ ସୁଖ ବର୍ଷଣ କରନ୍ତୁ । ସୁଖପ୍ରଦାନକାରୀ ସୂର୍ଯ୍ୟ ଓ ଚନ୍ଦ୍ର ଆମକୁ ସମୃଦ୍ଧିଶାଳୀ କରିବାପାଇଁ ରୋଗନାଶକ ଓ ଭୟନିବାରକ ହୁଅନ୍ତୁ । ବିଦ୍ୟୁତ୍ ଓ ବାୟୁ ଶସ୍ୟୋତ୍ପାଦନରେ ସହାୟକ ହୁଅନ୍ତୁ ।୧।

## ମଙ୍ଗଳ-କାମନା

**ଶଂ ନୋ ଭଗଃ ଶମୁ ନଃ ଶଂସୋ ଅସ୍ତୁ ଶଂ ନଃ ପୁରନ୍ଧିଃ ଶମୁ ସନ୍ତୁ ରାୟଃ ।**
**ଶଂ ନଃ ସତ୍ୟସ୍ୟ ସୁୟମସ୍ୟ ଶଂ ସଃ ଶଂ ନୋ ଅର୍ଯମା ପୁରୁଜାତୋ ଅସ୍ତୁ ।୨।**

ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ଆମ୍ଭମାନଙ୍କର ଐଶ୍ୱର୍ଯ୍ୟ ଶାନ୍ତିପ୍ରଦାୟକ ହେଉ । ଆମର ପ୍ରଶଂସା ଓ ବୁଦ୍ଧି ଶାନ୍ତିକାରକ ହେଉ । ଧନଧାନ୍ୟାଦି ଆମ୍ଭମାନଙ୍କୁ

ଶାନ୍ତି ପ୍ରଦାନ କରୁ । ଆମର ନ୍ୟାୟପତି ଓ ଉପଦେଶକଗଣ ଶାନ୍ତିର ବୀଜ ବପନ କରନ୍ତୁ ।୨।

## ଶାନ୍ତି ପ୍ରଦାୟକ ବିଭୂତିମାନ

**ଶଂ ନୋ ଧାତା ଶମୁଧର୍ତ୍ତା ନୋ ଅସ୍ତୁ ଶଂ ନ ଉରୁଚୀ ଭବତୁ ସ୍ୱଧାଭିଃ ।**
**ଶଂ ରୋଦସୀ ବୃହତୀ ଶଂ ନୋ ଅଦ୍ରିଃ ଶଂ ନୋ ଦେବାନାଂ ସୁହବାନି ସନ୍ତୁ ।୩।**

ସର୍ବପୋଷକ ପରମାତ୍ମା ଆମ୍ଭମାନଙ୍କୁ ଶାନ୍ତି ପ୍ରଦାନ କରନ୍ତୁ । ଦିଗନ୍ତବିସ୍ତାରୀ ଭୂମିପ୍ରଦେଶ ଶସ୍ୟଶ୍ୟାମଳରେ ସୁଶୋଭିତ ହୋଇ ଆମ୍ଭମାନଙ୍କୁ ପୋଷଣ କରନ୍ତୁ । ବିସ୍ତୃତ ଦ୍ୟୁଲୋକ ଶାନ୍ତି ପ୍ରଦାୟକ ହୁଅନ୍ତୁ । ମେଘମଣ୍ଡଳର ସୁଶୀତଳ ଜଳରାଶି, ଓ ବିଦ୍ୱଜ୍ଜନଙ୍କ ଶୁଭାଗମନ, ଅମୃତପ୍ରଦାୟକ ହେଉ ।୩।

## ଦିବ୍ୟ ଶକ୍ତିଗଣ

**ଶଂ ନୋ ଅଗ୍ନିର୍ଜ୍ୟୋତିରନୀକୋ ଅସ୍ତୁ ଶଂ ନୋ ମିତ୍ରାବରୁଣାବଶ୍ୱିନା ଶମ୍ ।**
**ଶଂ ନଃ ସୁକୃତାଂ ସୁକୃତାନି ଶନ୍ତୁ ଶଂ ନ ଇଷିରୋ ଅଭିବାତୁ ବାତଃ ।୪।**

ପ୍ରକାଶ ସ୍ୱରୂପ ଅଗ୍ନି ଆମ୍ଭମାନଙ୍କ ପାଇଁ ସୁଖଦାୟକ ହୁଅନ୍ତୁ । ଦିନ ଓ ରାତି ସର୍ବଦା ଶାନ୍ତି ପ୍ରଦାନ କରନ୍ତୁ । ସୂର୍ଯ୍ୟ ଚନ୍ଦ୍ର ପ୍ରଭୃତି ଦେବଗଣ ଶାନ୍ତିର ଅମୀୟ ଧାରା ବର୍ଷଣ କରନ୍ତୁ । ଧାର୍ମିକ ରାଷ୍ଟ୍ରନେତାଗଣ ଶାନ୍ତିସ୍ଥାପକ ହୁଅନ୍ତୁ । ପ୍ରବହମାନ ପବନ ଚତୁର୍ଦ୍ଦିଗରୁ ଶାନ୍ତିର ସୁରଭି ଖେଳାଇ ଦେଉ ।୪।

## ବିଶ୍ୱ ପାଇଁ ଶାନ୍ତି ପ୍ରାର୍ଥନା

**ଶଂ ନୋ ଦ୍ୟାବା ପୃଥିବୀ ପୂର୍ବହୁତୌ ଶମନ୍ତରିକ୍ଷଂ ଦୃଶୟେ ନୋ ଅସ୍ତୁ ।**
**ଶଂ ନ ଓଷଧୀର୍ବନୀନୋ ଭବନ୍ତୁ ଶଂ ନୋ ରଜସସ୍ପତିରସ୍ତୁ ଜିଷ୍ଣୁଃ ।୫।**

ହେ ବିଭୋ ! ପୂର୍ବ କଳ୍ପ ପରି ସୂର୍ଯ୍ୟ ଭୂଲୋକ ଓ ଦ୍ୟୁଲୋକ ଆମ୍ଭମାନଙ୍କୁ ଶାଶ୍ୱତ ଶାନ୍ତି ପ୍ରଦାନ କରନ୍ତୁ । ଅନ୍ତରୀକ୍ଷ ସୁସ୍ପଷ୍ଟ ହେଉ । ବନ ତଥା ବନ୍ୟ ସମ୍ପଦ ସୁରକ୍ଷିତ ହେଉ । ରାଷ୍ଟ୍ରନାୟକଗଣ କର୍ମଠ ଓ ଜିତେନ୍ଦ୍ରିୟ ହୁଅନ୍ତୁ ।୫।

## ଶାନ୍ତି ପ୍ରାର୍ଥନା



**ଶଂ ନ ଇନ୍ଦ୍ରୋ ବସୁଭିର୍ଦେବୋ ଅସ୍ତୁ ଶମାଦିତ୍ୟେଭିର୍ବରୁଣଃ ସୁଶଂସଃ ।**
**ଶଂ ନୋ ରୁଦ୍ରୋ ରୁଦ୍ରେଭିର୍ଜଳାଷଃ ଶଂ ନ ସ୍ତ୍ୱଷ୍ଟାଗ୍ନାଭିରିହ ଶୃଣୋତୁ ।୬।**

ତେଜୋଦୀପ୍ତ ସହସ୍ରାଂଶୁଙ୍କର ସହସ୍ର କିରଣ ଆମ୍ଭମାନଙ୍କୁ ସୁଖ ପ୍ରଦାନ କରୁ । ସୂର୍ଯ୍ୟଙ୍କ କିରଣ ସହିତ ମହୌଷଧି ପରିପୂର୍ଣ୍ଣ ଜଳ ସୁଖଦାନ କରୁ । ଜ୍ଞାନଦାତା ମୁନି, ଋଷି, ଆଗ୍ରର୍ଯ୍ୟଗଣ ଜନକଲ୍ୟାଣରେ ଭାଜନ ହୁଅନ୍ତୁ । ବେଦବିଦ୍ ବିଦ୍ୱାନ୍‌ଗଣ ସୁମଧୁର ବେଦବାଣୀଦ୍ୱାରା ଆମକୁ ସଦୁପଦେଶମାନ ପ୍ରଦାନ କରନ୍ତୁ ।୬।

## ବେଦ ଓ ଯଜ୍ଞଦ୍ୱାରା ସୁଖ କାମନା

**ଶଂ ନଃ ସୋମୋ ଭବତୁ ବ୍ରହ୍ମଶଂ ନଃ ଶଂ ନୋ ଗ୍ରାବାଣଃ ସମୁ ସନ୍ତୁଯଜ୍ଞାଃ ।**
**ଶଂ ନଃ ସ୍ୱରୁଣାଂ ମିତୟୋ ଭବନ୍ତୁ ଶଂ ନଃ ପ୍ରସ୍ୱଃ ଶମ୍ୱସ୍ତୁ ବେଦିଃ ।୭।**

ହେ ପରମେଶ୍ୱର ! ସୋମଲତା, ବନୌଷଧି ତଥା ପବିତ୍ର ବେଦବାଣୀ ଆମ୍ଭମାନଙ୍କ କଲ୍ୟାଣସାଧନରେ ବ୍ରତୀ ହୁଅନ୍ତୁ । ନିୟମାନୁସାରେ ମେଘଗଣ ଯଥାସମୟରେ ଜଳବର୍ଷଣ କରନ୍ତୁ । ଯଜ୍ଞ କର୍ମ ଓ ଯଜ୍ଞଶାଳା ସ୍ୱକୀୟ ତ୍ୟାଗ ଭାବନାରେ ଆମ୍ଭମାନଙ୍କୁ ଉଦ୍‌ବୁଦ୍ଧ କରି ଯଶୋବର୍ଦ୍ଧନ କରନ୍ତୁ ।୭।

## ଚତୁର୍ଦ୍ଦିଗରୁ କଲ୍ୟାଣ

**ଶଂ ନଃ ସୂର୍ଯ୍ୟ ଉରୁଚକ୍ଷା ଉଦେତୁ ଶଂ ନଶ୍ଚତସ୍ରଃ ପ୍ରଦିଶୋ ଭବନ୍ତୁ ।**
**ଶଂ ନଃ ପର୍ବତା ଧ୍ରୁବୟୋ ଭବନ୍ତୁ ଶଂ ନଃ ସିନ୍ଧବଃ ସମୁ ସନ୍ତ୍ୱାପଃ ।୮।**

ହେ ପାଳକ ! ତେଜୋଦୀପ୍ତ ସୂର୍ଯ୍ୟ ଚତୁର୍ଦ୍ଦିଗରେ କିରଣ ବିକିରଣ କରି ପ୍ରକାଶ ଓ ନୀରୋଗତା ପ୍ରଦାନ କରନ୍ତୁ । ନିଶ୍ଚଳ ପର୍ବତ ସମୂହ ପ୍ରବହମାନ ନଦନଦୀଗଣ ଆମ୍ଭମାନଙ୍କର ମଙ୍ଗଳ ବିଧାନ କରନ୍ତୁ ।୮।

## ଦେବଗଣଙ୍କଠାରୁ ସୁଖ ପ୍ରାର୍ଥନା

**ଶଂ ନୋ ଅଦିତିର୍ଭବତୁ ବ୍ରତେଭିଃ ଶଂ ନୋ ଭବନ୍ତୁ ମରୁତଃ ସ୍ୱର୍କାଃ ।**
**ଶଂ ନୋ ବିଷ୍ଣୁଃ ଶମୁପୂଷା ନୋ ଅସ୍ତୁ ଶଂ ନୋ ଭବିତ୍ରଂ ଶମ୍ୱସ୍ତୁ ବାୟୁଃ ।୯।**

ବେଦବିଦ୍ୟା ଓ ବସୁଧାମାତା ଆମ୍ଭମାନଙ୍କୁ ସୁଖ ପ୍ରଦାନ କରନ୍ତୁ ।

ବିଦ୍ୱାନ୍‌ଗଣ ସୁମଧୁର ହିତୋପଦେଶଦ୍ୱାରା ସୁଖ ବର୍ଷଣ କରନ୍ତୁ । ସୂର୍ଯ୍ୟ ଆମକୁ ସମୃଦ୍ଧିଶାଳୀ କରନ୍ତୁ । ବାୟୁ ସୁଖଦାୟକ ହେଉ । ସର୍ବବ୍ୟାପକ ପରମେଶ୍ୱର, ବିଶାଳ ଅନ୍ତରୀକ୍ଷ ସମସ୍ତେ ଆମ୍ଭମାନଙ୍କ ସୁଖଶାନ୍ତି ସମ୍ବୃଦ୍ଧି କରିବାରେ ସହାୟକ ହୁଅନ୍ତୁ ।୯।

## ପ୍ରାତଃ ତଥା ସାୟଂକାଳ ଶାନ୍ତି

**ଶଂ ନୋ ଦେବଃ ସବିତା ତ୍ରାୟମାଣଃ ଶଂ ନୋ ଭବନ୍ତୁଷସୋ ବିଭାତୀଃ ।**
**ଶଂ ନଃ ପର୍ଜନ୍ୟୋ ଭବତୁ ପ୍ରଜାଭ୍ୟଃ ଶଂ ନଃ କ୍ଷେତ୍ରସ୍ୟ ପତିରସ୍ତୁ ଶମ୍ଭୁଃ ।୧୦।**

ହେ ସ୍ରଷ୍ଟା ! ରକ୍ଷଣକର୍ତ୍ତା ସବିତା ଦେବଙ୍କର ଉଦୟ ସୁଖଦାୟକ ହେଉ । ଶାନ୍ତି ପ୍ରଦାୟିନୀ ଉଷା ବେଳାରେ ଆପଣଙ୍କ ସ୍ତୁତି ପ୍ରାର୍ଥନା କରିବାପାଇଁ ଆମ ହୃଦୟପ୍ରଦେଶ ଉଦ୍‌ବେଳିତ ହେଉ । ସୁବୃଷ୍ଟିଦ୍ୱାରା କୃଷକକୁଳ ସୁଖଦ ପଦାର୍ଥ ଉତ୍ପନ୍ନ କରନ୍ତୁ ।୧୦।

## ବେଦ ବିଦ୍ୟାଦ୍ୱାରା କଲ୍ୟାଣ

**ଶଂ ନୋ ଦେବା ବିଶ୍ୱଦେବା ଭବନ୍ତୁ ଶଂ ସରସ୍ୱତୀ ସହ ଧୀଭିରସ୍ତୁ ।**
**ଶମଭିଷାଚଃ ଶମୁ ରାତିଷାଚଃ ଶଂ ନୋ ଦିବ୍ୟାଃ ପାର୍ଥିବାଃ ଶଂ ନୋ ଅପ୍ୟାଃ ।୧୧।**

ଦିବ୍ୟଗୁଣଯୁକ୍ତ ତ୍ୟାଗୀ ତପସ୍ୱୀଗଣ ସର୍ବତ୍ର ସୁଖ-ଶାନ୍ତି ସ୍ଥାପନ କରନ୍ତୁ । ବିଜ୍ଞାନମୟୀ ବେଦବିଦ୍ୟା ସୁଖଦାୟୀ ହେଉ । ପ୍ରକୃତିର ଆକାଶୀୟ, ଜଳୀୟ ଓ ପାର୍ଥିବ ବସ୍ତୁ ସୁଖଦାୟକ ହୁଅନ୍ତୁ ।୧୧।

## ସତ୍ୟ-ରକ୍ଷକ

**ଶଂ ନଃ ସତ୍ୟସ୍ୟ ପତୟୋ ଭବନ୍ତୁ ଶଂ ନୋ ଅର୍ବନ୍ତଃ ଶମୁ ସନ୍ତୁ ଗାବଃ ।**
**ଶଂ ନ ଋଭବଃ ସୁକୃତଃ ସୁହସ୍ତାଃ ଶଂ ନୋ ଭବନ୍ତୁ ପିତରୋ ହବେଷୁ ।୧୨।**

ସତ୍ୟବାଦୀ ଜ୍ଞାନୀଜନ ସୁଖଦାନ କରନ୍ତୁ । ଦ୍ରୁତଗାମୀ ଅଶ୍ୱ ଗବାଦି ପଶୁ ସୁଖଦାୟୀ ହୁଅନ୍ତୁ । ବିଜ୍ଞ, କର୍ମଠ ଓ ଶିଳ୍ପୀଗଣ ନିଜ ନିଜ କର୍ମରେ କୁଶଳୀ ହେବା ସଙ୍ଗେ ସଙ୍ଗେ ସିଦ୍ଧହସ୍ତ ମଧ୍ୟ ହୁଅନ୍ତୁ । ବାନପ୍ରସ୍ଥୀଗଣ ଜନହିତକର କାର୍ଯ୍ୟରେ ନିୟୋଜିତ ହୁଅନ୍ତୁ ।୧୨।



## ଏକମାତ୍ର ରକ୍ଷାକର୍ତ୍ତା ପ୍ରଭୁ

**ଶଂ ନୋ ଅଜ ଏକପାଦ୍ ଦେବୋଅସ୍ତୁ ଶଂ ନୋଽହିର୍ବୁଧ୍ନ୍ୟଃ ଶଂ ସମୁଦ୍ରଃ ।**
**ଶଂ ନୋ ଅପାଂ ନପାତ୍ ପେରୁରସ୍ତୁ ଶଂ ନଃ ପୃଶ୍ନିର୍ଭବତୁ ଦେବଗୋପା ।୧୩।**

(ଋକ୍ ମ. ୭.ସୂ.୩୫ ମ.୧ରୁ୧୩)

ଜଗତ୍ ଉତ୍ପାଦକ ସକଳ ସୁଖଦାତା, ସ୍ୱାଧୀନ, ଅଜନ୍ମା, ଜଗଦୀଶ୍ୱର ଆମ୍ଭମାନଙ୍କ ପ୍ରତି କୃପାକଟାକ୍ଷପାତ କରନ୍ତୁ । ଆକାଶୀୟ ମେଘମଣ୍ଡଳ, ଭୂତଳସ୍ଥିତ ସମୁଦ୍ର ଓ ଜଳଚର ଜୀବଗଣ ଆମ୍ଭମାନଙ୍କ କଲ୍ୟାଣପ୍ରଦ ହୁଅନ୍ତୁ । ସକଳ ସୁଖ ସମ୍ପତ୍ତି ପ୍ରଦାନକାରୀ ଗୋଜାତି ଶାସକମାନଙ୍କଦ୍ୱାରା ସର୍ବଦା ସୁରକ୍ଷିତ ହୋଇ ରୁହନ୍ତୁ ।୧୩।

## ଜଗତର୍ ରାଜା

**ଇନ୍ଦ୍ରୋ ବିଶ୍ୱସ୍ୟ ରାଜତି । ଶନ୍ନୋଽଅସ୍ତୁ ଦ୍ୱିପଦେ ଶଂ ଚତୁଷ୍ପଦେ ।୧୪।**

(ଯଜୁ ଅ.୩୬ ମ.୮)

ନିଖିଳ ଉର୍ଦ୍ଧ୍ୱଦେଶରେ ବିରାଜିତ ପରମ ଐଶ୍ୱର୍ଯ୍ୟବାନ୍ ପରମାତ୍ମା ସକଳ ସୃଷ୍ଟିର ସତ୍ୟ, ଶିବ, ସୁନ୍ଦରମୟ ଶାସକ ଅଟନ୍ତି । ବିଶ୍ୱର ଦ୍ୱିପଦ ଚତୁଷ୍ପଦ ସକଳ ଜୀବ ଜଗତର ପ୍ରତି ପ୍ରାଣେ ପ୍ରାଣେ ଝରିଆସୁ ସେହି ମଙ୍ଗଳମୟଙ୍କର ମଙ୍ଗଳ ଝରଣା ।୧୪।

## ସୁଖର୍ ବର୍ଷା

**ଶନ୍ନୋ ବାତଃ ପବତାଂ ଶନ୍ନସ୍ତପତୁ ସୂର୍ଯ୍ୟଃ ।**
**ଶନ୍ନଃ କନିକ୍ରଦଦ୍ଦେବଃ ପର୍ଜନ୍ୟୋଅଭି ବର୍ଷତୁ ।୧୫।**

ହେ ପ୍ରଭୋ ! ସୁଶୀତଳ, ସୁଖଦାୟୀ, ସୁଗନ୍ଧିତ ବାୟୁ ପ୍ରବାହିତ ହେଉ । ସୂର୍ଯ୍ୟ ମଧୁମୟ ଆଲୋକ ପ୍ରଦାନ କରନ୍ତୁ । ଗର୍ଜନଶୀଳ ମେଘଗଣ ଯଥାସମୟରେ ବୃଷ୍ଟି କରି ପୃଥିବୀକୁ ଶସ୍ୟଶ୍ୟାମଳା କରନ୍ତୁ । ଯାବତୀୟ ପଦାର୍ଥ ସ୍ୱକୀୟ କର୍ତ୍ତବ୍ୟ ସମ୍ପାଦନରେ ତତ୍ପର ହୋଇ ରହନ୍ତୁ ।୧୫।

## ଅହୋରାତ୍ର ଶାନ୍ତି

**ଅହାନି ଶଂ ଭବନ୍ତୁ ନଃ ଶଂ ରାତ୍ରୀଃ ପ୍ରତି ଧୀୟତାମ୍ ।**

**ଶନ୍ନ ଇନ୍ଦ୍ରାଗ୍ନୀ ଭବତାମବୋଭିଃ ଶନ୍ନ ଇନ୍ଦ୍ରାବରୁଣା ରାତହବ୍ୟା ।**
**ଶନ୍ନଂ ଇନ୍ଦ୍ରାପୁଷଣା ବାଜସାତୌ ଶମିନ୍ଦ୍ରାସୋମା ସୁବିତାୟ ଶଂୟୋଃ ।୧୬।**

ହେ ପରମ ଦୟାଳୁ । ଆପଣଙ୍କ କୃପାରୁ ଦିବସ ଓ ରାତ୍ରିସୁଖଦାୟକ ହୁଅନ୍ତୁ । ବିଦ୍ୟୁତ୍ ଓ ଅଗ୍ନି ଆମର ସଂରକ୍ଷକ ହୁଅନ୍ତୁ । ମେଘ ଓ ଜଳରାଶି ଶସ୍ୟୋତ୍ପାଦନରେ ସହାୟକ ହୁଅନ୍ତୁ । ବିଦ୍ୟୁତ୍ ଓ ଔଷଧିମାନ ଆମର ରୋଗନାଶକ ଓ ଭୟନିବାରକ ହୁଅନ୍ତୁ ।୧୬।

## ଶାନ୍ତି ପ୍ରଦାୟକ ଜଳ

**ଶନ୍ନୋ ଦେବୀରଭିଷ୍ଟୟ ଆପୋ ଭବନ୍ତୁ ପୀତୟେ ।**
**ଶଂୟୋରଭି ସ୍ରବନ୍ତୁ ନଃ ।୧୭।**

(ଯଜୁ ଅ.୩୬ ମ.୧୦ରୁ୧୨)

ହେ ସର୍ବବ୍ୟାପକ, ସର୍ବପ୍ରକାଶକ, ସର୍ବାନନ୍ଦଦାତା, ସର୍ବେଶ୍ୱର ! ଇପ୍ସିତ ସୁଖ ଓ ପୂର୍ଣ୍ଣାନନ୍ଦ ପ୍ରାପ୍ତି ନିମିତ୍ତ ଆମ୍ଭମାନଙ୍କର କଲ୍ୟାଣ କରନ୍ତୁ । ଆମ ଉପରେ ଚତୁର୍ଦ୍ଦିଗରୁ ସୁଖ-ଶାନ୍ତିର ସୁଶୀତଳ ଜଳଧାରା ବର୍ଷଣ କରନ୍ତୁ ।୧୭।

## ସର୍ବତ୍ର ଶାନ୍ତି ହିଁ ଶାନ୍ତି

**ଦ୍ୟୌଃ ଶାନ୍ତିରନ୍ତରିକ୍ଷଂ ଶାନ୍ତିଃ ପୃଥିବୀ ଶାନ୍ତିରାପଃ ଶାନ୍ତିରୋଷଧୟଃ ଶାନ୍ତିଃ ।**
**ବନସ୍ପତୟଃ ଶାନ୍ତିର୍ବିଶ୍ୱେ ଦେବାଃ ଶାନ୍ତିର୍ବ୍ରହ୍ମ ଶାନ୍ତିଃ ସର୍ବଂ ଶାନ୍ତିଃ ଶାନ୍ତିରେବ ଶାନ୍ତିଃ**
**ସା ମା ଶାନ୍ତିରେଧି ।୧୮।**

(ଯଜୁ. ଅ.୩୬-ମ.୧୭)

ହେ ଶାନ୍ତିମୟ ! ଦ୍ୟୁଲୋକ, ଭୂଲୋକ ଓ ଅନ୍ତରିକ୍ଷରେ ଚିର ଶାନ୍ତି ସ୍ଥାପିତ ହେଉ । ଜଳ, ଔଷଧି ଓ ବନସ୍ପତି ସର୍ବଦା ଶାନ୍ତି ପ୍ରଦାନ କରନ୍ତୁ । ବେଦର ପବିତ୍ର ବାଣୀ ବେଦୋପଦେଷ୍ଟା ବିଦ୍ୱଦ୍‌ଗଣ ଶାନ୍ତି ପ୍ରସାରଣ କରନ୍ତୁ । ଆପଣଙ୍କ ଅନୁଗ୍ରହରୁ ସକଳ ପଦାର୍ଥ ଆମ୍ଭମାନଙ୍କ ପାଇଁ ଶାନ୍ତି ପ୍ରଦାନ କରନ୍ତୁ । ଏପରିକି ଶାନ୍ତି ମଧ୍ୟ ପ୍ରକୃତ ଶାନ୍ତିରୂପେ ବିରାଜିତ ହୋଇ ସର୍ବତ୍ର ଶାନ୍ତିର ବାତାବରଣ ଖେଳାଇଦେଉ ।୧୮।



## ସୁଖମୟ ଦୀର୍ଘ ଜୀବନ

**ତଚ୍ଚକ୍ଷୁର୍ଦେବହିତଂ ପୁରସ୍ତାଚ୍ଛୁକ୍ରମୁଚ୍ଚରତ୍ । ପଶ୍ୟେମ ଶରଦଃ ଶତଂ ଜୀବେମ ଶରଦଃ ଶତଂ ଶୃଣୁୟାମ ଶରଦଃ ଶତଂ ପ୍ର ବ୍ରବାମ ଶରଦଃ ଶତମଦୀନାଃ ସ୍ୟାମ ଶରଦଃ ଶତଂ ଭୂୟଶ୍ଚ ଶରଦଃ ଶତାତ୍ ।୧୯।**

(ଯଜୁଃ. ୩୬.ମ.୨୪)

ଯେଉଁ ବ୍ରହ୍ମ ସର୍ବଦ୍ରଷ୍ଟା, ଧାର୍ମିକ ବିଦ୍ୱାନ୍‌ମାନଙ୍କର ପରମ ହିତକାରୀ, ସୃଷ୍ଟି ପୂର୍ବରୁ, ପଶ୍ଚାତ୍ ଓ ମଧ୍ୟାବଧିରେ ମଧ୍ୟ ସଦୈବ ବିଦ୍ୟମାନ ଥାଇ ସକଳ ଜଗତର ସଞ୍ଚାଳନ କରନ୍ତି, ସେହି ଦୟାମୟଙ୍କ ଦୟାରୁ ଆମ୍ଭମାନଙ୍କ ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି, ବାକ୍‌ଶକ୍ତି ଶହେବର୍ଷ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ହୋଇ ରହୁ । ଶତବର୍ଷ ସ୍ୱାଧୀନ ଭୟଶୂନ୍ୟ ଜୀବନଲାଭ ହେଉ । ପରମାତ୍ମାଙ୍କ ଆଜ୍ଞାପାଳନ ଓ କୃପାଦ୍ୱାରା ସକଳ ଶକ୍ତି ସାମର୍ଥ୍ୟ ଶତାଧିକ ବର୍ଷ ଲାଭ ହେଉ ।୧୯।

## ଶିବ ସଙ୍କଳ୍ପମୟ ମନ

**ଯଜ୍ଜାଗ୍ରତୋ ଦୂରମୁଦୈତି ଦୈବଂ ତଦୁ ସୁପ୍ତସ୍ୟ ତଥୈବୈତି ।**
**ଦୂରଙ୍ଗମଂ ଜ୍ୟୋତିଷାଂ ଜ୍ୟୋତିରେକଂ ତନ୍ମେ ମନଃ ଶିବସଂକଲ୍ପମସ୍ତୁ ।୨୦।**

(ଯଜୁ ଅ.୩୪ ମ.୧)

ହେ ଦୟାମୟ ! ଆପଣଙ୍କ ଅସୀମ କରୁଣାରୁ ମୋର ମନ ଚେଇଁଥିବାବେଳେ ଅତ୍ୟନ୍ତ ଚଞ୍ଚଳ ହୋଇ ଦୂରକୁ ଦୂରକୁ ଗତି କରୁଥାଏ ଏବଂ ସେହି ମନ ପୁଣି ଶୋଇଥିବାବେଳେ ସ୍ୱପ୍ନରାଜ୍ୟରେ ଇତସ୍ତତଃ ଭ୍ରମଣ କରୁଥାଏ । ଯାହାର ସଂଯୋଗ ବିନା ଚକ୍ଷୁ, କର୍ଣ୍ଣାଦି ଅବୟବଗଣ କୌଣସି କର୍ମ ସମ୍ପାଦନ କରିପାରନ୍ତି ନାହିଁ, ଯେଉଁ ମନ ସମାହିତ ନ ହେଲେ ଆତ୍ମଜ୍ଞାନ ଲାଭ ଅସମ୍ଭବ, ସେହି ମୋର ମନ କଲ୍ୟାଣକାରକ ସଂକଳ୍ପ ଗ୍ରହଣ କରୁ ।୨୦।

## ଅପୂର୍ବ ଶକ୍ତିଶାଳୀ ମନ

**ଯେନ କର୍ମାଣ୍ୟପସୋ ମନୀଷିଣୋ ଯଜ୍ଞେ କୃଣ୍ୱନ୍ତି ବିଦଥେଷୁ ଧୀରାଃ ।**

**ଯଦପୂର୍ବଂ ଯକ୍ଷମନ୍ତଃ ପ୍ରଜାନାଂ ତନ୍ମେ ମନଃ ଶିବସଂକଲ୍ପମସ୍ତୁ ।୨୧।**

(ଯଜୁ ଅ.୩୪ ମ.୩)

ଯେଉଁ ମନର ସହାୟତାରେ ବିଦ୍ୱାନ୍‌ମାନେ ଯଜ୍ଞାଦି ଶୁଭକର୍ମମାନ ସମ୍ପାଦନ କରନ୍ତି, ଯେଉଁ ମନ ଅପୂର୍ବ ସାମର୍ଥ୍ୟଯୁକ୍ତ ଏବଂ ପ୍ରଜାମାନଙ୍କର ହୃଦୟସ୍ଥ ଅଟେ, ହେ ନାଥ ! ସେହି ମୋର ମନ ଧର୍ମାନୁଷ୍ଠାନ କରିବାକୁ ଇଚ୍ଛୁକ ହୋଇ ଅଧର୍ମକୁ ସର୍ବଦା ପରିତ୍ୟାଗ କରୁ ।୨୧।

## ଅନ୍ତର୍ଜ୍ୟୋତି ମନ

**ଯତ୍ପ୍ରଜ୍ଞାନମୁତ ଚେତୋ ଧୃତିଶ୍ଚ ଯଜ୍ଜ୍ୟୋତିରନ୍ତରମୃତଂ ପ୍ରଜାସୁ ।**
**ଯସ୍ମାନ୍ନ ଋତେ କିଞ୍ଚନ କର୍ମ କ୍ରିୟତେ ତନ୍ମେ ମନଃ ଶିବସଂକଲ୍ପମସ୍ତୁ ।୨୨।**

(ଯଜୁ ଅ.୩୪ମ.୩)

ଯେଉଁ ମନ ଉତ୍କୃଷ୍ଟ ଜ୍ଞାନ ସ୍ୱରୂପ ଅନ୍ୟର ଚେତନାକାରୀ ଓ ନିଶ୍ଚୟାତ୍ମକ ବୃତ୍ତି ଅଟେ, ଯେଉଁ ମନ ପ୍ରଜାଗଣଙ୍କର ଅନ୍ତରକୁ ପ୍ରକାଶିତ କରେ ଓ ନାଶରହିତ ଅଟେ, ଯେଉଁ ମନ ଅଭାବରେ କେହି କୌଣସି କର୍ମ କରିପାରନ୍ତି ନାହିଁ, ହେ ନାଥ ! ସେହି ମୋର ମନ ଶୁଦ୍ଧଗୁଣଯୁକ୍ତ ହୋଇ ଦୁର୍ଗୁଣରହିତ ହେଉ ।୨୨।

## ଜ୍ଞାନଯଜ୍ଞର ସାଧକ ମନ

**ଯେନେଦଂ ଭୂତଂ ଭୁବନଂ ଭବିଷ୍ୟତ୍‌ପରିଗୃହୀତମମୃତେନ ସର୍ବମ୍ ।**
**ଯେନ ଯଜ୍ଞସ୍ତାୟତେ ସପ୍ତହୋତା ତନ୍ମେ ମନଃ ଶିବସଂକଲ୍ପମସ୍ତୁ ।୨୩।**

(ଯଜୁ ଅ.୩୪ ମ.୪)

ହେ ନାଥ ! ଯେଉଁ ମନ ସାହାଯ୍ୟରେ ଯୋଗୀଜନ ଭୂତ ଭବିଷ୍ୟତ ବର୍ତ୍ତମାନ ତ୍ରିକାଳର କଥା ଜାଣନ୍ତି, ଯେଉଁ ମନ ନାଶରହିତ ଜୀବାତ୍ମାକୁ ପରମାତ୍ମାଙ୍କ ସଙ୍ଗେ ଯୋଗକରି ତ୍ରିକାଳଜ୍ଞ କରାଏ, ଯେଉଁ ମନରେ ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ସମସ୍ତ ଜ୍ଞାନ ପ୍ରତିଷ୍ଠିତ, ଯେଉଁ ମନ ବୁଦ୍ଧି ଓ ଆତ୍ମାଯୁକ୍ତ, ଏବଂ ଆଗରୁ ଯୋଗରୂପ ଯଜ୍ଞକୁ ଯେଉଁ ମନ ବୃଦ୍ଧିକରେ ସେହି ମୋର ମନ ଯୋଗବିଜ୍ଞାନଯୁକ୍ତ ହୋଇ ଅବିଦ୍ୟାଦି କ୍ଳେଶରୁ ମୁକ୍ତ ହେଉ ।୨୩।



## ବେଦଜ୍ଞାନର ଆଧାରଭୂତ ମନ

**ଯସ୍ମିନ୍ନୃଚଃ ସାମ ଯଜୁଂଷି ଯସ୍ମିନ୍ ପ୍ରତିଷ୍ଠିତା ରଥନାଭାବିବାରାଃ ।**
**ଯସ୍ମିଁଶ୍ଚିତ୍ତଂ ସର୍ବମୋତଂ ପ୍ରଜାନାଂ ତନ୍ମେ ମନଃ ଶିବସଂକଲ୍ପମସ୍ତୁ ।୨୪।**

(ଯଜୁ ଅ.୩୪ ମ.୫)

ହେ କୃପାଳୋ ! ଗାଡ଼ି ଚକର ନାଭି ପ୍ରଦେଶରେ ଯେଉଁପରି ଅଖ ଓ ଅରଗୁଡ଼ିକ ସଂଲଗ୍ନ ଥାଆନ୍ତି, ସେହିପରି ଋକ୍, ଯଜୁ, ସାମ ଓ ଅଥର୍ବବେଦ ଯେଉଁ ମନରେ ପ୍ରତିଷ୍ଠିତ ଏବଂ ଯାହାଦ୍ୱାରା ସର୍ବଜ୍ଞ, ସର୍ବବ୍ୟାପକ, ସଚ୍ଚିଦାନନ୍ଦସ୍ୱରୂପ ଆପଣଙ୍କର ଅନୁଭୂତି ହୁଏ, ସେହି ମୋର ମନ ଅବିଦ୍ୟାନ୍ଧକାରରୁ ଦୂର ହୋଇ ସର୍ବଦା ସଦ୍‌ବିଦ୍ୟାପ୍ରିୟ ହେଉ ।୨୪।

## ଶରୀରର ନିୟନ୍ତ୍ରକ ମନ

**ସୁଷାରଥିରଶ୍ୱାନିବ ଯନ୍ମନୁଷ୍ୟାନ୍ନେନୀୟତେଽଭୀଶୁଭିର୍ବାଜିନ ଇବ ।**
**ହୃତ୍ପ୍ରତିଷ୍ଠଂ ଯଦଜିରଂ ଜବିଷ୍ଠଂ ତନ୍ମେ ମନଃ ଶିବସଂକଲ୍ପମସ୍ତୁ ।୨୫।**

(ଯଜୁ ଅ. ୩୪ ମ.୬ )

ହେ ଈଶ୍ୱର ! ସୁଦକ୍ଷ ସାରଥି ଅଶ୍ୱମାନଙ୍କୁ ସନ୍ମାର୍ଗରେ ପରିଚାଳନା କଲାପରି ଯେଉଁ ମନ ମନୁଷ୍ୟମାନଙ୍କୁ ଇତସ୍ତତଃ ପରିଚାଳିତ କରେ, ଯେଉଁ ମନର ସ୍ଥାନ ହୃଦୟପ୍ରଦେଶ, ଯେଉଁ ମନ ଗତିଶୀଳ ଓ ଅତ୍ୟନ୍ତ ବେଗବାନ୍, ସେହି ମୋର ମନ ପ୍ରତ୍ୟେକ ଇନ୍ଦ୍ରିୟଗୁଡ଼ିକୁ ଅଧର୍ମାଚରଣରୁ ନିବୃତ୍ତ କରି ଧର୍ମ ପଥରେ ଯେପରି ପରିଚାଳିତ ହେବ, ଆପଣ ସେହିପରି କୃପା କରନ୍ତୁ ।୨୫।

## ଗବାଦିଙ୍କ ପାଇଁ ଶାନ୍ତି ପ୍ରାର୍ଥନା

**ସ ନଃ ପବସ୍ୱ ଶଂ ଗବେ ଶଂ ଜନାୟ ଶମର୍ବତେ ।**
**ଶଂ ରାଜନ୍ନୋଷଧୀଭ୍ୟଃ ।୨୬।**

(ସାମ.ଉତ୍ତରାର୍ଚ୍ଚିକ ପ୍ରପା ୧-୧.୩)

ହେ ସର୍ବରକ୍ଷକ ! ଆପଣ ଦୟାକରି ଗୋ-ଅଶ୍ୱାଦି ପଶୁଧନର କଲ୍ୟାଣକାରକ ହୁଅନ୍ତୁ । ଜନଜୀବନର ଜାଗରଣ ଓ କଲ୍ୟାଣ ବିଧାନପାଇଁ ବନସ୍ପତି ଔଷଧିରେ ସୃଜନୀଶକ୍ତି ଆଧାନ କରନ୍ତୁ ।୨୬।

## ପ୍ରତ୍ୟେକ ଦିଗରୁ ନିର୍ଭୟତା

**ଅଭୟଂ ନଃ କରତ୍ୟନ୍ତରିକ୍ଷମଭୟଂ ଦ୍ୟାବାପୃଥିବୀ ଉଭେ ଇମେ ।**
**ଅଭୟଂ ପଶ୍ଚାଦଭୟଂ ପୁରସ୍ତାଦୁତ୍ତରାଦଧରାଦଭୟଂ ନୋ ଅସ୍ତୁ ।୨୭।**

(ଅଥର୍ବ ୧୯.୧୫.୫)

ହେ ପାଳକ ! ଆପଣ ଦୟାକରି ଦ୍ୟୁଲୋକ, ଭୂଲୋକ ଓ ଅନ୍ତରୀକ୍ଷ ପାଇଁ ଆମ୍ଭମାନଙ୍କ ହୃଦୟମନ୍ଦିରକୁ ଭୟରହିତ କରିଦିଅନ୍ତୁ । ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣାଦି ସକଳ ଦିଗରେ ଓ ସମସ୍ତ କ୍ଷେତ୍ରରେ ଆମ୍ଭମାନଙ୍କୁ ନିର୍ଭୟତା ପ୍ରଦାନ କରନ୍ତୁ ।୨୭।

## ପ୍ରତ୍ୟେକ ଲୋକଙ୍କଠାରୁ ନିର୍ଭୟତା

**ଅଭୟଂ ମିତ୍ରାଦଭୟମମିତ୍ରାଦଭୟଂ ଜ୍ଞାତାଦଭୟଂ ପରୋକ୍ଷାତ୍ ।**
**ଅଭୟଂ ନକ୍ତମଭୟଂ ଦିବା ନଃ ସର୍ବା ଆଶା ମମ ମିତ୍ରଂ ଭବନ୍ତୁ ।୨୮।**

(ଅଥର୍ବ କା. ୧୯ ସୂ. ୧୫.ମ.୬)

ହେ ପରମପ୍ରିୟ ପ୍ରଭୋ ! ଆପଣଙ୍କ କୃପାବାରି ଲାଭ କରି ମିତ୍ରଗଣ ଆମ୍ଭମାନଙ୍କୁ ଅଭୟ ପ୍ରଦାନ କରନ୍ତୁ । ଶତ୍ରୁ ମଧ୍ୟ ମିତ୍ରରେ ପରିଣତ ହୁଅନ୍ତୁ । ପରିଚିତ ଅବା ଅପରିଚିତ କୌଣସି ବ୍ୟକ୍ତି ଆମର ଭୟର କାରଣ କଦାପି ନ ହୁଅନ୍ତୁ । ଦିବସ ଓ ରାତ୍ରି ସର୍ବଦା ଭୟଶୂନ୍ୟ ହୋଇ ରହୁ । ଆମ୍ଭେମାନେ ସର୍ବଦା ସର୍ବତ୍ର ସର୍ବତୋଭାବେ ନିର୍ଭୟରେ ଭ୍ରମଣ କରୁ ।୨୮।

**-: ଇତି ଶାନ୍ତିକରଣମ୍ :-**

## ୫. ଅଥାଚମନ ମନ୍ତ୍ରାଃ

(ଯଜ୍ଞ କୁଣ୍ଡର ଚତୁର୍ଦ୍ଦିଗରେ ବସିଥିବା କର୍ମକର୍ତ୍ତାଗଣ ନିମ୍ନଲିଖିତ ତିନୋଟି ମନ୍ତ୍ର



ପାଠକରି ନିଜ ନିଜ ସମ୍ମୁଖ ଭାଗରେ ଥିବା ଜଳପାତ୍ରରୁ ଶୁଦ୍ଧ ଜଳ ଡାହାଣ ହାତ ଚକିରେ କ୍ରମଶଃ ତିନିଥର ନେଇ ତିନିଥର ଆଚମନ କରିବେ । ଅନେକ ଲୋକ ପାଦୁକା ପାଣି ବା ପ୍ରସାଦ ସେବନ କଲାପରେ ସେହି ଅଇଁଠା ହାତକୁ ନେଇ ମୁଣ୍ଡ ଉପରେ ବୋଳି ଦିଅନ୍ତି । ଆଚମନ ପରେ ଭୁଲ୍‌ରେ ସୁଦ୍ଧା ସେପରି କରିବେ ନାହିଁ ।

**ଓ୩ମ୍ ଅମୃତୋପସ୍ତରଣମସି ସ୍ୱାହା ।୧।**

(ଏହାଦ୍ୱାରା ପ୍ରଥମ) (ଆଶ୍ୱ-ଗୃହ୍ୟସୂତ୍ର ୧-୨୪-୧୨)

ହେ (ଅମୃତ) ସୁଖପ୍ରଦାୟକ ଜଳ ! ତୁମେ ପ୍ରାଣୀମାନଙ୍କ ଆଶ୍ରୟଭୂତ ଅଟ । ଆମ୍ଭମାନଙ୍କର ସକଳବାଣୀ ଶୋଭନ ହେଉ ।୧।

**ଓ୩ମ୍ ଅମୃତାପିଧାନମସି ସ୍ୱାହା ।୨।**

(ଏହାଦ୍ୱାରା ଦ୍ୱିତୀୟ) (ଆଶ୍ୱ-ଗୃହ୍ୟସୂତ୍ର ୧-୨୪-୨୧)

ହେ ଜଳ ! ତୁମେ ହିଁ ସକଳ ବିଶ୍ୱର ଧାରକ ଓ ପୋଷକ ଅଟ ।୨।

**ଓ୩ମ୍ ସତ୍ୟଂ ଯଶଃ ଶ୍ରୀର୍ମୟି ଶ୍ରୀଃ ଶ୍ରୟତାଂ ସ୍ୱାହା ।୩।**

(ଏହାଦ୍ୱାରା ତୃତୀୟ) (ଆଶ୍ୱ-ଗୃହ୍ୟସୂତ୍ର ୧-୨୪-୨୨)

ହେ ସର୍ବାନ୍ତର୍ଯ୍ୟାମିନ୍ ! ଆଚମନ ପୂର୍ବକ ପ୍ରାର୍ଥନା କରୁଛି ଯେ, ମୋ'ଠାରେ ସତ୍ୟ କୀର୍ତ୍ତି, କାନ୍ତି ଓ ସମ୍ପଦ ସ୍ଥିର ହୋଇ ରହୁ ।୩।

## ୬. ଅଥାଙ୍ଗ ସ୍ପର୍ଶ ମନ୍ତ୍ରାଃ

(ତିନିଥର ଆଚମନ କଲାପରେ ବାମହାତ ଚକିରେ ସାମାନ୍ୟ ଜଳ ରଖି, ଡାହାଣ ହାତର ମଧ୍ୟମା ଓ ଅନାମିକା ଅଙ୍ଗୁଳିଦ୍ୱୟକୁ ଜଳରେ ବୁଡ଼ାଇ ନିମ୍ନୋକ୍ତ ସାତୋଟି ମନ୍ତ୍ର ପାଠକରି, ପ୍ରଥମେ ସେହି ଅଙ୍ଗର ଦକ୍ଷିଣପାର୍ଶ୍ୱ ସ୍ପର୍ଶ କରି, ପରେ ବାମପାର୍ଶ୍ୱ ସ୍ପର୍ଶ କରିବାକୁ ହେବ) ।

**ଓ୩ମ୍ ବାଙ୍ମ ଆସ୍ୟେଽସ୍ତୁ ।୧।** (ଏହାଦ୍ୱାରା ଦୁଇଓଠ)

ହେ ପରମେଶ୍ୱର ! ମୋର ମୁଖରେ ବାକ୍‌ଶକ୍ତି (ଆପଣଙ୍କ ସ୍ତୁତି ବାଣୀ) ଅକ୍ଷୁର୍ଣ୍ଣରହୁ ।୧।

**ଓ୩ମ୍ ନସୋର୍ମେ ପ୍ରାଣୋଽସ୍ତୁ ।୨।** (ଏହାଦ୍ୱାରା ନାସିକାର ଛିଦ୍ରଦ୍ୱୟ)

ହେ ପରମାତ୍ମନ୍ ! ମୋର ନାସିକାରନ୍ଧ୍ରଦ୍ୱୟରେ ଶ୍ୱାସଶକ୍ତି ଅବିରତ ପ୍ରବାହିତ ହେଉ ।୨।

**ଓ୩ମ୍ ଅକ୍ଷ୍ଣୋର୍ମେ ଚକ୍ଷୁରସ୍ତୁ ।୩।** (ଏହାଦ୍ୱାରା ଦୁଇ ଆଖି)

ହେ ପ୍ରଭୋ ! ମୋର ଚକ୍ଷୁଦ୍ୱୟରେ ଦୃଷ୍ଟି ଶକ୍ତି ସ୍ଥିରହୋଇ ରହୁ ।୩।

**ଓ୩ମ୍ କର୍ଣ୍ଣୟୋର୍ମେ ଶ୍ରୋତ୍ରମସ୍ତୁ ।୪।** (ଏହାଦ୍ୱାରା ଦୁଇ କାନ)

ହେ ଦୟାମୟ ! ମୋର କର୍ଣ୍ଣଦ୍ୱୟରେ ଶ୍ରବଣଶକ୍ତି ଅବ୍ୟାହତ ରହୁ ।୪।

**ଓ୩ମ୍ ବାହ୍ୱୋର୍ମେ ବଳମସ୍ତୁ ।୫।** (ଏହାଦ୍ୱାରା ଦୁଇ ବାହୁ)

ହେ ଜଗଦୀଶ୍ୱର ! ମୋର ଦୁଇ ବାହୁରେ ଶକ୍ତିସାମର୍ଥ୍ୟ ସ୍ଥିର ହୋଇ ରହୁ ।୫।

**ଓ୩ମ୍ ଊର୍ବୋର୍ମ ଓଜୋଽସ୍ତୁ ।୬।** (ଏହାଦ୍ୱାରା ଦୁଇ ଜାନୁ)

ହେ ଦୟାବତାର ! ମୋର ଜାନୁଦ୍ୱୟ ସାମର୍ଥ୍ୟଶୀଳ ହୋଇ ରହୁ ।୬।

**ଓ୩ମ୍ ଅରିଷ୍ଟାନି ମେଽଙ୍ଗାନି ତନୂସ୍ତନ୍ୱା ମେ ସହସନ୍ତୁ ।୭।** (ଏହାଦ୍ୱାରା ଶରୀରର ସର୍ବାଙ୍ଗ)

ହେ ସର୍ବାନ୍ତର୍ଯାମିନ୍ ! ମୋର ଅଙ୍ଗ ପ୍ରତ୍ୟଙ୍ଗ ଓ ଶରୀର ରୋଗଶୂନ୍ୟ ହୋଇ ରହୁ । ସକଳ ଶରୀର ତେଜୀୟାନ୍ ହୋଇ ରହୁ ।୭।

## ୭. ଅଥ ଯଜ୍ଞୋପବୀତ ମନ୍ତ୍ରୌ

(ନିମ୍ନ ମନ୍ତ୍ରପାଠ କରି ଯଜମାନ ଦମ୍ପତି ଯଜ୍ଞୋପବୀତ ଧାରଣ କରି ନ ଥିଲେ, କିମ୍ବା ପୁରାତନକୁ ପରିବର୍ତ୍ତନ କରି, ନୂତନ ଯଜ୍ଞୋପବୀତ ଧାରଣ କରିବେ । ବୃହତ୍ ଯଜ୍ଞାନୁଷ୍ଠାନମାନଙ୍କରେ ସମସ୍ତ ସଦସ୍ୟ ପୁରାତନ ଯଜ୍ଞୋପବୀତକୁ ପରିବର୍ତ୍ତନ କରି, ନୂତନ ଉପବୀତ ଧାରଣ କରିବା ଆବଶ୍ୟକ) ।

**ଓ୩ମ୍ ଯଜ୍ଞୋପବୀତଂ ପରମଂ ପବିତ୍ରଂ ପ୍ରଜାପତେର୍ଯତ୍ସହଜଂ ପୁରସ୍ତାତ୍ ।**
**ଆୟୁଷ୍ୟମଗ୍ର୍ୟଂପ୍ରତିମୁଞ୍ଚ ଶୁଭ୍ରଂ ଯଜ୍ଞୋପବୀତଂ ବଳମସ୍ତୁ ତେଜଃ ।୧।**
**ଓ୩ମ୍ ଯଜ୍ଞୋପବୀତମସି ଯଜ୍ଞସ୍ୟ ତ୍ୱା ଯଜ୍ଞୋପବୀତେନୋ ପନହ୍ୟାମି । ଆୟୁଷେ ଦୀର୍ଘାୟୁତ୍ୱାୟ ବଳାୟ ବ୍ରହ୍ମବର୍ଚ୍ଚସେ ।୨।** (ପାର-ଗୃହ୍ୟ-୨-୨-୧୧)

ବେଦୋକ୍ତ କର୍ମର ଅଧିକାରୀ ହେବାପାଇଁ ଓ ବେଦୋକ୍ତ କର୍ମ ସମ୍ପାଦନ କରିବା ନିମିତ୍ତ, ମୁଁ ଆଜି ଏହି ବ୍ରହ୍ମସୂତ୍ରକୁ ସ୍କନ୍ଧ ପ୍ରଦେଶରେ ବହନ କରୁଛି ।



ଯେଉଁ ବ୍ରହ୍ମସୂତ୍ର ପରମେଶ୍ୱରଙ୍କ ଜ୍ଞାନ ପ୍ରାପ୍ତିର ସୂଚନା ଦେବା ସଙ୍ଗେ ସଙ୍ଗେ ପବିତ୍ର ଜ୍ଞାନ ପ୍ରଦାନର ମଧ୍ୟ ସୂଚନା ଦେଉଛି, ଏହା ସେହି ପରମାତ୍ମାଙ୍କଦ୍ୱାରା ସ୍ୱତଃସିଦ୍ଧ ଭାବେ ପ୍ରଦତ୍ତ ହୋଇ, ପ୍ରାଚୀନ କାଳରୁ ଆଜିପର୍ଯ୍ୟନ୍ତ ପରମ୍ପରାକ୍ରମେ ଚଳି ଆସୁଛି । ଏହି ବ୍ରହ୍ମସୂତ୍ର ଦୀର୍ଘାୟୁ ଦାନ କରିବାରେ ବିଶେଷ ଉପଯୋଗୀ ହୋଇଥିବାରୁ, ଏହାକୁ ମୁଁ ଧାରଣ କରୁଛି । ହେ ପ୍ରଭୋ ! ଆପଣଙ୍କ ଶୁଭାଶୀର୍ବାଦରୁ ନିର୍ମଳତାର ଦ୍ୟୋତକ ଏହି ଯଜ୍ଞୋପବୀତ ବଳ ଓ ତେଜ ପ୍ରଦାନ କରୁ ।୧।

ହେ ବ୍ରହ୍ମସୂତ୍ର ! ତୁମେ ଯଜ୍ଞୋପବୀତ ଅଟ, ତେଣୁ ଯଜ୍ଞକାର୍ଯ୍ୟ ସମ୍ପାଦନ କରିବା ନିମିତ୍ତ ତୁମକୁ ହିଁ ଧାରଣ କରୁଛି । ଯଜ୍ଞୋପବୀତ ଦ୍ୱାରା ଆଜି ନିଜକୁ ନିଜେ ଆବଦ୍ଧ କରି ରଖୁଛି ।୨।

(ସଂସ୍କାର ପ୍ରଭୃତିରେ ନିମ୍ନୋକ୍ତ ମନ୍ତ୍ର ପାଠ କରି ହାତରେ ମଙ୍ଗଳସୂତ୍ର ବନ୍ଧନ କରିବେ) ।

**ଓ୩ମ୍ ଯଦାବଧ୍ନନ୍ଦାକ୍ଷାୟଣା ହିରଣ୍ୟଂ ଶତାନୀକାୟ ସୁମନସ୍ୟମାନାଃ ।**
**ତନ୍ମଽଆ ବଧ୍ନାମି ଶତଶାରଦାୟାୟୁଷ୍ମାଞ୍ଜର ଦଷ୍ଟିର୍ଯଥାସମ୍ ।୧।**

(ଯଜୁ ଅ. ୩୪-ମ.୫୨)

## ବ୍ରତ ପ୍ରତିଜ୍ଞା

(ଯଜମାନ ଦମ୍ପତ୍ତି ଡାହାଣ ହାତ ଚକିରେ ଜଳ ଧାରଣ କରି ନିମ୍ନୋକ୍ତ ମନ୍ତ୍ର ପାଠକରି, ଯଜ୍ଞ କାର୍ଯ୍ୟକୁ ସର୍ବାଙ୍ଗସୁନ୍ଦର ଭାବେ ସମାହିତ କରିବାପାଇଁ ଓ ଜୀବନରେ ଉତ୍ତମରୁ ଉତ୍ତମ କର୍ମ ଆଚରଣ କରିବାପାଇଁ, ଜଳପାନ କରି ଶପଥ କରିବେ) ।

**ଓ୩ମ୍ ଅଗ୍ନେ ବ୍ରତପତେ ବ୍ରତଂ ଚରିଷ୍ୟାମି ତଚ୍ଛକେୟଂ ତନ୍ମେ ରାଧ୍ୟତାମ୍ ।**
**ଇଦମହମନୃତାତ୍ ସତ୍ୟମୁପୈମି ।୨।** (ଯଜୁ ଅ.୧-ମ.୫)

ହେ ସତ୍ୟସ୍ୱରୂପ ! ହେ ପ୍ରକାଶମୟ, ବ୍ରତପତି ପରମେଶ୍ୱର ! ଆଜି ମୁଁ ଯେଉଁ ବ୍ରତ ଧାରଣ କରିବାକୁ ଯାଉଛି, କାୟମନୋବାକ୍ୟରେ ସତ୍ୟପାଳନ

କରିବାପାଇଁ ଯେଉଁ ପ୍ରତିଜ୍ଞା କରୁଛି, ସେସବୁକୁ ଅତି ଉତ୍ତମ ରୂପେ ଯେପରି ପାଳନ କରିପାରିବି, ତା'ପାଇଁ ସୁଦୟା ବହି ମୋତେ ଅଶେଷ ଶକ୍ତି ସାମର୍ଥ୍ୟ, ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ।୧।

## ଦୀପ ପ୍ରଜ୍ଜ୍ୱଳନ

(ଋଗ୍‌ବେଦ ଅଗ୍ନିସୂକ୍ତର ମନ୍ତ୍ରଟିଏ ପାଠକରି ପ୍ରଥମେ ଜୀପ ପ୍ରଜ୍ୱଳନ କରିବେ ଓ ସେହି ଦୀପକୁ ଯଜ୍ଞ କୁଣ୍ଡର ଈଶାନ କୋଣରେ ସ୍ଥାପନ କରି ରଖିବେ । ପରେ ସେହି ଦୀପରୁ ଅଗ୍ନ୍ୟାଧାନ କରିବେ । ଅଗ୍ନିସୂକ୍ତର ପ୍ରଥମ ମନ୍ତ୍ର ଯଜ୍ଞକର୍ତ୍ତାଙ୍କ ସୁବିଧା ପାଇଁ ନିମ୍ନରେ ଅବତାରଣା କରାଯାଇଛି । କେତେକ ମତ ଦିଅନ୍ତି, ସର୍ବପ୍ରଥମେ ଯଜ୍ଞଶାଳାରେ ଅଗ୍ନି ପ୍ରଜ୍ୱଳନ କରି ଆନୁଷଙ୍ଗିତ କାର୍ଯ୍ୟମାନ କରାଯିବ । ଏହା ଠିକ୍ ନୁହେଁ । କାରଣ ଦୀପକୁ ପ୍ରଥମେ ଜାଳିଲେ ତାକୁ ଅବ୍ୟାହତ ରଖିବାପାଇଁ, ପବନ ପ୍ରବାହିତ ହେଲେ ରକ୍ଷା କରିବାକୁ ହେବ, ଦୀପର ଘିଅ ଶେଷହେଲେ ପୁଣିଥରେ ଘିଅ ଦେବାକୁ ହେବ । ଏପରି କଲେ "ଈଶ୍ୱର ସ୍ତୁତିପ୍ରାର୍ଥନୋପାସନା" ପ୍ରଭୃତି କାର୍ଯ୍ୟକଳାପ ଏକାଗ୍ର ଚିତ୍ତରେ କରିବା ସମ୍ଭବ ହେବନାହିଁ । ତେଣୁ ଅଗ୍ନ୍ୟାଧାନ ପୂର୍ବରୁ ହିଁ ଦୀପ ଜାଳିବା ସମୀଚୀନ ବୋଲି ଆମେ ମନେ କରୁଛୁ । )

**ଓ୩ମ୍ ଅଗ୍ନିମୀଡ଼େ ପୁରୋହିତଂ ଯଜ୍ଞସ୍ୟ ବେଦମୃତ୍ୱିଜମ୍ । ହୋତାରଂ ରତ୍ନଧାତମମ୍ ।୧।**

## ୮· ଅଥାଗ୍ନ୍ୟାଧାନ ମନ୍ତ୍ରାଃ

(ପ୍ରଥମେ ଘୃତ, ସାକଲ୍ୟ, ସମିଧାଦି ଯଜ୍ଞକୁଣ୍ଡର ଚତୁର୍ଦ୍ଦିଗରେ ଯଥା ସ୍ଥାନରେ ସଜାଡ଼ି ରଖିବେ । ହବନ କୁଣ୍ଡରେ ମଧ୍ୟ ସମିଧାଗୁଡ଼ିକୁ କ୍ରମାନ୍ୱୟରେ ସଜାଡ଼ି ଦେବେ । ପରବର୍ତ୍ତୀ ସମିଦାଧାନପାଇଁ ତିନୋଟି ସମିଧ ଘୃତସିକ୍ତ କରି ପୃଥକ୍‌ଭାବେ ରଖିବେ । ହୋତା ବା ଯଜ୍ଞକର୍ତ୍ତା ନିମ୍ନଲିଖିତ ମନ୍ତ୍ରପାଠ କରି ଯେଉଁ ଥାଳିଆରେ ଛୋଟ ଛୋଟ ସମିଧ, ଘିଅ, କର୍ପୂରାଦି ସଜ୍ଜିତକରି ରଖାଯାଇଥିବ ତହିଁରେ ଅଗ୍ନି ସଂଯୋଗ କରିବେ । ନତୁବା ତୁଳାଯୁକ୍ତ, ଘୃତସିକ୍ତ, କର୍ପୂର ପ୍ରଲେପିତ, ଶଳାକାକୁ ପ୍ରଜ୍ୱଳିତ ଦୀପରେ ପ୍ରଦୀପ୍ତ କରିବେ) ।



**ଓ୩ମ୍ ଭୂର୍ଭୁବଃ ସ୍ୱଃ ।୧।**

(ଗୋଭିଳ ଗୃହ୍ୟସୂତ୍ର ପ୍ର. ୧-ସୂ.୧୧)

(ବିଧି- ଏହି ମନ୍ତ୍ରରେ ଭୂଃ, ଭୁବଃ, ସ୍ୱଃ, ଏପରି ତିନୋଟି ଶବ୍ଦ ଅଛି । "ଭୂଃ" ଉଚ୍ଚାରଣ କରି ଅଗ୍ନିରେ, "ଭୁବଃ" ରେ ଅଗ୍ନିରୁ ପୃଥକ୍ "ସ୍ୱଃ" ରେ ହାତ ସଂପୂର୍ଣ୍ଣରୂପେ ଉପରକୁ ଉଠାଇବେ ।)

ହେ ସତ୍ ଚିତ୍ ଆନନ୍ଦସ୍ୱରୂପ ପରମାତ୍ମନ୍ ! ଆପଣଙ୍କ ପବିତ୍ର ନାମ ଉଚ୍ଚାରଣ ପୂର୍ବକ, ଅଗ୍ନିକୁ ଆହ୍ୱାନ କରୁଛି । ସେହି ଅଗ୍ନି କଲ୍ୟାଣକାରକ ହୁଅନ୍ତୁ ।୧।

(ପରେ ସେହି ଥାଳିଆରେ ଜ୍ୱଳନ୍ତ ସମିଧଗୁଡ଼ିକୁ ବା ଜଳୁଥିବା ସେହି ଶଳାକାକୁ, ନିମ୍ନୋକ୍ତ ମନ୍ତ୍ରପାଠ କରି କୁଣ୍ଡ ମଧ୍ୟରେ ସଜ୍ଜିତ ସମିଧଗୁଡ଼ିକର ମଧ୍ୟସ୍ଥଳୀରେ ସ୍ଥାପନ କରିବେ) ।

**ଓ୩ମ୍ ଭୂର୍ଭୁବଃ ସ୍ୱର୍ଦ୍ୟୌରିବ ଭୂମ୍ନା ପୃଥିବୀବ ବରିମ୍‌ଣା ।**
**ତସ୍ୟାସ୍ତେ ପୃଥିବୀ ଦେବୟଜନି ପୃଷ୍ଠେ ଽଗ୍ନି ମନ୍ନାଦମନ୍ନାଦ୍ୟାୟ ଦଧେ ।୨।**

(ଯଜୁ. ଅ.୩-ମ.୫)

ହେ ସର୍ବବ୍ୟାପକ, ସର୍ବାଧାର, ସୁଖସ୍ୱରୂପ ପରମେଶ୍ୱର ! ଆପଣ ଆକାଶପରି ଅତୀବ ମହାନ୍, ବସୁଧା ପରି ବିଶାଳ । ମୁଁ ଆଜି ଏହି ପବିତ୍ର ଯଜ୍ଞସ୍ଥଳୀରେ ଦେବଗଣଙ୍କୁ ଯଥାଯଥ ଅଂଶ ପ୍ରଦାନ କରୁଥିବା ଅଗ୍ନିକୁ ପ୍ରଜ୍ୱଳନ କରି ଯଜ୍ଞକୁଣ୍ଡରେ ସ୍ଥାପନ କରୁଛି । ସେହି ଯଜ୍ଞାଗ୍ନି ଆମ୍ଭମାନଙ୍କୁ ଅନ୍ନ ପ୍ରଭୃତି ପ୍ରଦାନ କରି ହୃଷ୍ଟପୁଷ୍ଟ ଓ ତୃପ୍ତ କରନ୍ତୁ ।୨।

## ଅଗ୍ନି ପ୍ରଦୀପନ ମନ୍ତ୍ର

(ଏହାପରେ ନିମ୍ନମନ୍ତ୍ର ପାଠକରି ସରୁ ସରୁ ଛୋଟ ସମିଧ ଦେଇ ଅଗ୍ନିକୁ ଭଲ ଭାବରେ ପ୍ରଜ୍ୱଳନ କରିବେ । ଯଦି ଆବଶ୍ୟକ ପଡ଼େ ତେବେ ପଙ୍ଖାରେ ବିଞ୍ଚି ଅଗ୍ନିକୁ ଉତ୍ତମରୂପେ ପ୍ରଜ୍ୱଳନ କରିବେ । ଅଗ୍ନି ଯଦି ଉତ୍ତମରୂପେ ପ୍ରଜ୍ୱଳିତ ହୋଇଥିବ, ତେବେ ଯଜମାନ ଦମ୍ପତି ମନ୍ତ୍ରପାଠ ଶେଷ ହେବା ପର୍ଯ୍ୟନ୍ତ ଯୋଡ଼ହସ୍ତରେ ଦଣ୍ଡାୟମାନ ହୋଇ ରହିବେ ।)

**ଓ୩ମ୍ ଉଦ୍ ବୁଧ୍ୟସ୍ୱାଗ୍ନେ ପ୍ରତିଜାଗୃହି ତ୍ୱମିଷ୍ଟାପୂର୍ତ୍ତେ ସଂସୃଜେଥାମୟଂ ଚ ।**
**ଅସ୍ମିନ୍ ସ୍ୱଧସ୍ଥେଽଅଧ୍ୟୁତ୍ତରସ୍ମିନ୍ ବିଶ୍ୱେଦେବା ଯଜମାନଶ୍ଚ ସୀଦତ ।୩।**

(ଯଜୁ ଅ.୧୫-ମ.୫୪)

ହେ ଅଗ୍ନି ! ତୁମେ ସୁପ୍ରସନ୍ନ ହୋଇ ପ୍ରକଟିତ ହୁଅ । ହେ ଯଜମାନ ! ତୁମେ ଜାଗ୍ରତ ଓ ସାବଧାନ ହୋଇ, ଯଜ୍ଞକାର୍ଯ୍ୟ ସମ୍ପାଦନ କର । ଅଧ୍ୟୟନ, ଅତିଥି ସତ୍କାର ପ୍ରଭୃତି ସତ୍କର୍ମମାନଙ୍କରେ ପ୍ରବୃତ୍ତ ହୁଅ । କୂପ, ପୁଷ୍କରିଣୀ ନିର୍ମାଣାଦି ପୂର୍ତ୍ତକାର୍ଯ୍ୟରେ ନିମଗ୍ନ ହୋଇ ରହ । ଏହି ଯଜ୍ଞ ସ୍ଥାନର ଯଜ୍ଞବେଦୀ ଉପରେ ସମସ୍ତ ବିଦ୍ୱାନ୍, ଋତ୍ୱିକ୍, ପୁରୋହିତ, ଗୃହପତି, ଯଜମାନ ସମସ୍ତେ ମିଳିତ ହୋଇ ଅଧିକାର ଅନୁଯାୟୀ ନିଜ ନିଜ ସ୍ଥାନରେ ବସନ୍ତୁ ।୩।

## ୯. ସମିଦାଧାନ ମନ୍ତ୍ରାଃ

(ଅଗ୍ନି ସମିଧରେ ପ୍ରବିଷ୍ଟ ହୋଇ ଉତ୍ତମରୂପେ ପ୍ରଜ୍ୱଳିତ ହେବାପରେ ଚନ୍ଦନ କିମ୍ବା ପଲାଶ ପ୍ରଭୃତିର ଅଷ୍ଟାଙ୍ଗୁଳ ପରିମିତ, ଅର୍ଥାତ୍ ଯଜମାନଙ୍କ ଅଙ୍ଗୁଳିରେ ଆଠ ଆଙ୍ଗୁଳ, ଅଙ୍ଗୁଷ୍ଠ ପରିମିତ ମୋଟା, ଏପରି ତିନିଖଣ୍ଡ ସମିଧକୁ ଘିଅରେ ବୁଡ଼ାଇ ନେବ । ଏହି ସମିଧର ଚାରିପଟେ ବକଳ ଥିବା ଆବଶ୍ୟକ । ନିମ୍ନୋକ୍ତ ମନ୍ତ୍ର ମଧ୍ୟରୁ ପ୍ରଥମ ମନ୍ତ୍ର ପାଠକରି ଖଣ୍ଡିଏ ସମିଧ ଆହୁତି ଦେବ । ତା'ପରେ ଦ୍ୱିତୀୟ ଓ ତୃତୀୟ ମନ୍ତ୍ର ପାଠକରି ଦ୍ୱିତୀୟ ସମିଧ ଓ ଚତୁର୍ଥ ମନ୍ତ୍ର ପାଠକରି ତୃତୀୟ ସମିଧକୁ ନେଇ ତୃତୀୟବାର ଆହୁତି ଦେବ । ଚାରୋଟି ମନ୍ତ୍ରରେ ତିନିଖଣ୍ଡ ସମିଧ ଆହୁତି ଦେବାକୁ ହେବ ।

**ଓ୩ମ୍ ଅୟନ୍ତ ଇଧ୍ମ ଆତ୍ମା ଜାତବେଦସ୍ତେନେଧ୍ୟସ୍ୱ ବର୍ଦ୍ଧସ୍ୱ ଚେଦ୍ଧ ବର୍ଦ୍ଧୟ ଚାସ୍ମାନ୍ ପ୍ରଜୟା, ପଶୁଭିର୍ବ୍ରହ୍ମବର୍ଚସେନାନ୍ନାଦ୍ୟେନ, ସମେଧୟ ସ୍ୱାହା । ଇଦମଗ୍ନୟେ ଜାତବେଦସେ- ଇଦନ୍ନମମ ।୧।**

(ଆଶ୍ୱଳାୟନ ଗୃହ୍ୟସୂତ୍ର ୧-୧୦-୧୨)

ଏହି ମନ୍ତ୍ରଦ୍ୱାରା ପ୍ରଥମ ସମିଧର ଆହୁତି ଦେବେ ।



ହେ ସର୍ବଘଟବ୍ୟାପକ ପରମେଶ୍ୱର ! ଏହି ମୋର ଆତ୍ମା ଆପଣଙ୍କ ନିମିତ୍ତ ଇନ୍ଧନସ୍ୱରୂପ ହେଉ । ଆପଣ ମୋ ହୃଦୟରେ ପ୍ରକାଶିତ ହୋଇ, ଏପରି ପ୍ରେରଣା ଦିଅନ୍ତୁ, ଯାହା ଫଳରେ ମୁଁ ଶ୍ରେୟସ୍କର ପଥରେ ଅଗ୍ରସର ହେବି । ଆପଣ ଅନୁଗ୍ରହ କରି ଆଜ୍ଞାବହ ପୁତ୍ର, ପୌତ୍ର ଓ ସେବକମାନଙ୍କ ଦ୍ୱାରା ମୋତେ ସମୃଦ୍ଧ କରନ୍ତୁ । ଗବାଦି ପଶୁ ଓ ଦୁଗ୍ଧ, ଘୃତାନ୍ନ ଖାଦ୍ୟଦ୍ୱାରା ଯଶସ୍ୱୀ କରନ୍ତୁ । ଏହି ସୁନ୍ଦର ସମିଧ ଜ୍ଞାନସ୍ୱରୂପ ପରମାତ୍ମାଙ୍କ ପାଇଁ ଉଦ୍ଦିଷ୍ଟ, ମୋ ପାଇଁ ନୁହେଁ ।୧।

(ସୂଚନା- "ଇଦମଗ୍ନୟେ ଜାତବେଦସେ- ଇଦନ୍ନ ମମ" ଏହି ଅର୍ପିତ ପଦାର୍ଥ ଜାତବେଦ (ଉତ୍ପନ୍ନ ହୋଇଥିବା ସମସ୍ତ ପଦାର୍ଥ ସହିତ ସମ୍ବନ୍ଧ ରକ୍ଷାକାରୀ) ଅଗ୍ନିପାଇଁ ଉଦ୍ଦିଷ୍ଟ, ମୋ ପାଇଁ ନୁହେଁ । ବୈଦିକ ଯଜ୍ଞାନୁଷ୍ଠାନରେ ପ୍ରତ୍ୟେକ ମନ୍ତ୍ରପରେ ଉଚ୍ଚାରିତ ଶବ୍ଦର ଅର୍ଥ ଏହିପରି ବୁଝିବାକୁ ହେବ) ।

**ଓ୩ମ୍ ସମିଧାଗ୍ନିଂ ଦୁବସ୍ୟତ ଘୃତୈର୍ବୋଧୟତାତିଥିମ୍ ।**
**ଆସ୍ମିନ୍ ହବ୍ୟା ଜୁହୋତନ ସ୍ୱାହା । ଇଦମଗ୍ନୟେ- ଇଦନ୍ନମମ ।୨।**
**ଓ୩ମ୍ ସୁସମିଦ୍ଧାୟ ଶୋଚିଷେ ଘୃତଂ ତୀବ୍ରଂ ଜୁହୋତନ ।**
**ଅଗ୍ନୟେ ଜାତବେଦସେ ସ୍ୱାହା । ଇଦମଗ୍ନୟେ ଜାତବେଦସେ- ଇଦନ୍ନମମ ।୩।**

(ଯଜୁ ଅ. ୩ ମ. ୧ ଓ ୨)

(ଏହି ଉପୟ ମନ୍ତ୍ରକୁ ପାଠକରି ଦ୍ୱିତୀୟ ସମିଧ ଅର୍ପଣ କରିବାକୁ ହେବ)

ହେ ଯାଜ୍ଞିକ ! ଯଜ୍ଞର ପବିତ୍ର ଅଗ୍ନିକୁ ସମିଧଦ୍ୱାରା ପ୍ରଜ୍ୱଳନ କର । ଅତିଥିଙ୍କୁ ସତ୍କାର କଲାପରି ଏହି ଯଜ୍ଞାଗ୍ନିକୁ ମଧ୍ୟ ଯଥୋଚିତ ସତ୍କାର କର । ଏଥିରେ ତ୍ୟାଗରୂପୀ ସାକଲ୍ୟକୁ ଯଥା ବିଧି ଆହୁତି ଦିଅ । ଏହି ସୁନ୍ଦର ସମିଧ ଜ୍ୟୋତିରୂପୀ ଜଗଦୀଶ୍ୱରଙ୍କ ପାଇଁ ସମର୍ପିତ । ଏହା ମୋର ନୁହେଁ ।୨।

ହେ ଯଜ୍ଞକର୍ତ୍ତା ! ପ୍ରଜ୍ୱଳିତ ଯଜ୍ଞାଗ୍ନିରେ ଶୁଦ୍ଧ-ପୂତ ଉତ୍ତପ୍ତ ଘୃତର ଆହୁତି ପ୍ରଦାନ କର । ଯା ଫଳରେ ସକଳ ଜଗତର କଲ୍ୟାଣ ସାଧିତ ହେବ । ଏହି ସୁନ୍ଦର ସମିଧ ସର୍ବପ୍ରକାଶକ ପରମାତ୍ମାଙ୍କ ପାଇଁ ଅର୍ପିତ । ଏହା ମୋର ନୁହେଁ ।

**ଓଁମ୍ ତନ୍ତ୍ୱା ସମିଦ୍ଭିରଙ୍ଗିରୋ ଘୃତେନ ବର୍ଦ୍ଧୟାମସି ।**
**ବୃହଚ୍ଛୋଚ୍ୟବିଷ୍ଠ୍ୟ ସ୍ୱାହା । ଇଦମଗ୍ନୟେଙ୍ଗିରସେ- ଇଦନ୍ନ ମମ ।୪।**

(ଯଜୁ ଅ. ୩-ମ.୩)

(ଏହି ମନ୍ତ୍ର ଶେଷରେ ତୃତୀୟ ସମିଧ ଅର୍ପଣ କରିବେ)

ସର୍ବଫଳପ୍ରଦାତା ପ୍ରଗତିଶୀଳ ହେ ଅଗ୍ନି ! ତୁମକୁ ଘୃତ ଓ ସମିଧଦ୍ୱାରା ସମଳଙ୍କୃତ କରି ବର୍ଦ୍ଧନ କରୁଛି । ତୁମେ ପ୍ରଜ୍ୱଳିତ ହୋଇ ଏଠିକାର ବାତାବରଣକୁ ଶାନ୍ତ-କାନ୍ତ-ପ୍ରଶାନ୍ତ, ଶୁଦ୍ଧ-ପୂତ ଓ ସାତ୍ୱିକ କର । ଏହି ସୁନ୍ଦର ସମିଧ ମଙ୍ଗଳସ୍ୱରୂପ ମହେଶ୍ୱରଙ୍କ ପାଇଁ ଅର୍ପିତ । ଏହା ମୋର ନୁହେଁ ।୪।

## ୧୦. ପଞ୍ଚ ଘୃତାହୁତି ମନ୍ତ୍ରଃ

(ନିଆଁରେ ଗରମ ଓ ଛଣାଯାଇଥିବା ଶୁଦ୍ଧ ହୋଇଥିବା, କେଶର କସ୍ତୁରୀ ମିଶ୍ରିତ ଗୋଘୃତ ଯଜମାନଙ୍କ ନିକଟରେ ଥିବ । ଯଜମାନଙ୍କ ସ୍ରୁବକୁ ଅଙ୍ଗୁଷ୍ଠ, ମଧ୍ୟମା, ଓ ଅନାମିକା ତିନୋଟି ଅଙ୍ଗୁଳିରେ ଲେଖନୀପରି ଧାରଣକରି, ନିମ୍ନୋକ୍ତ ମନ୍ତ୍ରକୁ ପାଞ୍ଚଥର ପାଠକରି, କେବଳ ଘୃତର ପାଞ୍ଚୋଟି ଆହୁତି ଦେବେ) ।

**ଓଁମ୍ ଅୟନ୍ତ ଇଧ୍ମ ଆତ୍ମା ଜାତବେଦସ୍ତେନେଧ୍ୟସ୍ୱ ବର୍ଦ୍ଧସ୍ୱ ଚେଦ୍ଧ, ବର୍ଦ୍ଧୟ ଚାସ୍ମାନ୍ ପ୍ରଜୟା, ପଶୁଭିର୍ବ୍ରହ୍ମବର୍ଚସେନାନ୍ନାଦ୍ୟେନ, ସମେଧୟ ସ୍ୱାହା । ଇଦମଗ୍ନୟେ ଜାତବେଦସେ- ଇଦନ୍ନ ମମ ।୧।**

(ଆଶ୍ୱଳାୟନ ଗୃହ୍ୟସୂତ୍ର ୧-୧୦-୧୨)

(ଏହି ମନ୍ତ୍ରର ଅର୍ଥ ସମିଦାଧାନ ମନ୍ତ୍ରରେ ଉଲ୍ଲେଖ କରାଯାଇଛି)

## ୧୧. ଜଳ ପ୍ରସେଚନ ମନ୍ତ୍ରାଃ

(ବସିବା ସ୍ଥାନରୁ ଯଜମାନ ଦମ୍ପତି ଉଠିଯିବେ, ପୂର୍ବ ଦିଗକୁ ଚାଲିଯାଇ ଆଚମନ ପାତ୍ର ବ୍ୟତୀତ ଅନ୍ୟ କଳସୀରେ ଥିବା ଜଳକୁ ଧର୍ମପତ୍ନୀ ଦିହାତରେ ଧାରଣ କରିବେ । ପତିଦେବ ନଇଁପଡ଼ି ହାତକୁ ଧୀରେ ଧୀରେ ଦୀପକୁ ଅନ୍ୱେଷଣକରି ଅଗ୍ରସର କରାଇବେ, ତାଙ୍କ ହାତ ଉପରେ ପତ୍ନୀ କଳସୀର ଜଳକୁ ଅଜାଡ଼ିବେ,



ତାହା ଯେପରି ଗାତରେ ପଡ଼େ ତା'ପାଇଁ ଧ୍ୟାନ ଦେବେ । ପ୍ରଥମେ ପୂର୍ବ ଦିଗରେ, ଦକ୍ଷିଣ ଦିଗରୁ ଉତ୍ତରକୁ ଅଗ୍ରସର ହେବେ, ପଶ୍ଚିମ ଦିଗରେ ଦକ୍ଷିଣରୁ ଉତ୍ତରକୁ, ଉତ୍ତର ଦିଗରେ ପଶ୍ଚିମରୁ ପୂର୍ବକୁ, ଚତୁର୍ଦ୍ଦିଗରେ ଦକ୍ଷିଣ, ପଶ୍ଚିମ, ଉତ୍ତର ଓ ପୂର୍ବ ଦିଗରେ ଅଗ୍ରସର ହୋଇ ଜଳ ପ୍ରସେଚନ କରିବେ । ମନ୍ତ୍ର ପାଠକରି ଜଳ ଦେବାକୁ ହେବ) ।

**ଓଁମ୍ ଅଦିତେଽନୁମନ୍ୟସ୍ୱ ।୧।**

(ଏହି ମନ୍ତ୍ରରେ କୁଣ୍ଡର ଦକ୍ଷିଣପୂର୍ବ କୋଣରେ ଉତ୍ତରାଭିମୁଖୀ ହୋଇ, ଦକ୍ଷିଣଦିଗ ଆରମ୍ଭରୁ ଉତ୍ତରଦିଗ ଶେଷ ପର୍ଯ୍ୟନ୍ତ ଜଳ ଦେବେ) ।

ହେ ଅଖଣ୍ଡ ଅଖିଳେଶ୍ୱର ! ଆପଣ ଆମ୍ଭମାନଙ୍କୁ ହିଂସାରହିତ ଅର୍ଥାତ୍ ଅହିଂସା କର୍ମମାନ କରିବା ପାଇଁ, ଅନୁକୂଳ ଶକ୍ତି-ସାମର୍ଥ୍ୟ ପ୍ରଦାନ କରନ୍ତୁ ।୧।

**ଓଁମ୍ ଅନୁମତେଽନୁମନ୍ୟସ୍ୱ ।୨।**

(ଯଜମାନ ଦମ୍ପତି ଦକ୍ଷିଣ ପଶ୍ଚିମ କୋଣରେ ଉତ୍ତର ଦିଗରୁ ମୁଖକରି, ପୂର୍ବୋକ୍ତ ପ୍ରକାରେ ଦକ୍ଷିଣରୁ ଉତ୍ତରଦିଗ ଶେଷ ପର୍ଯ୍ୟନ୍ତ ଜଳ ଢାଳିବେ) ।

ହେ ସର୍ବବ୍ୟାପକ ବିଭୋ ! ଆପଣ ଆମ୍ଭମାନଙ୍କୁ ବିଜ୍ଞାନମୟ ବୁଦ୍ଧି-ବୃତ୍ତି ପ୍ରଦାନ କରନ୍ତୁ ।୨।

**ଓଁମ୍ ସରସ୍ୱତ୍ୟନୁମନ୍ୟସ୍ୱ ।୩।**

(ଗୋଭିଳ ଗୃହ୍ୟସୂତ୍ର ପ୍ର.୧ ଖ.୩ ସୂ.୧ରୁ୩)

(ଯଜମାନ ପଶ୍ଚିମ-ଉତ୍ତର କୋଣରେ ପୂର୍ବ ଦିଗରୁ ମୁଖକରି ଛିଡ଼ାହେବେ । ପୂର୍ବୋକ୍ତ ପ୍ରକାରେ କୁଣ୍ଡର ପଶ୍ଚିମଭାଗରୁ ପୂର୍ବଭାଗ ଶେଷପର୍ଯ୍ୟନ୍ତ ଜଳ ଦେବେ) ।

ହେ ସକଳ ବିଦ୍ୟାର ଭଣ୍ଡାର ଜଗଦୀଶ୍ୱର ! ଆମ୍ଭମାନଙ୍କୁ ସର୍ବଜନ ପ୍ରଶଂସିତ ଶୁଦ୍ଧପୂତ ବୁଦ୍ଧି ପ୍ରଦାନ କରନ୍ତୁ ।୩।

**ଓଁମ୍ ଦେବ ସବିତଃ ପ୍ରସୁବ ଯଜ୍ଞଂ ପ୍ରସୁବ ଯଜ୍ଞପତିଂ ଭଗାୟ ।**
**ଦିବ୍ୟୋ ଗନ୍ଧର୍ବଃ କେତପୂଃ କେତଂ ନଃ ପୁନାତୁ ବାଚସ୍ପତିର୍ବାଚଂ ନଃ ସ୍ୱଦତୁ ।୪।**

(ଯଜୁ ଅ.୩୦ ମ.୧)

(ବର୍ତ୍ତମାନ ଯଜମାନ ଦମ୍ପତି ଦକ୍ଷିଣ ଦିଗରେ ଛିଡ଼ାହୋଇ ଦକ୍ଷିଣ, ପଶ୍ଚିମ, ଉତ୍ତର ଓ ପୂର୍ବ ଦିଗରେ ଜଳ ପ୍ରଦାନ କରିବେ) ।

ହେ ସର୍ବୋତ୍ପାଦକ ପରମେଶ୍ୱର ! ଏହି ଯଜ୍ଞକର୍ମ ଅର୍ଥାତ୍ ପରୋପକାର ପାଇଁ ଉଦ୍ଦିଷ୍ଟ ଶ୍ରେଷ୍ଠକର୍ମକୁ ଅଗ୍ରସର କରାନ୍ତୁ । ହେ ଯଜ୍ଞପତି ! ଯଜମାନଙ୍କର ଐଶ୍ୱର୍ଯ୍ୟ ସିଦ୍ଧିପାଇଁ ସହାୟକ ହୁଅନ୍ତୁ । ହେ ଅଦ୍ଭୁତସ୍ୱଭାବ, ସର୍ବ ବିଦ୍ୟାର ଆଧାର ପବିତ୍ର ଜ୍ଞାନଦାତା ! ଆମ୍ଭମାନଙ୍କ ବୁଦ୍ଧିକୁ ପବିତ୍ର କରନ୍ତୁ । ସର୍ବ ବିଦ୍ୟାର ଆକର ହେ ପରମେଶ୍ୱର ! ଆମ୍ଭମାନଙ୍କ ବିଦ୍ୟା-ବୁଦ୍ଧିକୁ ମଧୁମୟ କରନ୍ତୁ ।୪।

## ୧୨. ଆଘାରାବାଜ୍ୟାହୁତି ମନ୍ତ୍ରୌ

(ନିମ୍ନୋକ୍ତ ମନ୍ତ୍ରଦ୍ୱୟ ପାଠକରି ପ୍ରଥମ ମନ୍ତ୍ରରେ ଉତ୍ତରଦିଗର ପ୍ରଜ୍ୱଳିତ ଅଗ୍ନିରେ ଓ ଦ୍ୱିତୀୟ ମନ୍ତ୍ରରେ ଦକ୍ଷିଣଦିଗର ପ୍ରଜ୍ୱଳିତ ଅଗ୍ନିରେ ଦିଓଟି ଘୃତାହୁତି ଦେବେ) ।

**ଓ୩ମ୍ ଅଗ୍ନୟେ ସ୍ୱାହା । ଇଦମଗ୍ନୟେ- ଇଦନ୍ନମମ ।୧।**

(ଯଜୁ ଅ ୨୨-ମ.୨୭)

ସମଗ୍ର ବିଶ୍ୱ ପ୍ରକାଶିତ ହେଉ ଏହି ସୁନ୍ଦର ଆହୁତି ସର୍ବପ୍ରକାଶକ ପରମେଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ, ତେଣୁ ଏହା ପରମେଶ୍ୱରଙ୍କର- ମୋର ନୁହେଁ ।୧।

**ଓ୩ମ୍ ସୋମାୟ ସ୍ୱାହା । ଇଦଂ ସୋମାୟ- ଇଦନ୍ନମମ ।୨।**

(ଯଜୁ ଅ. ୨୨-ମ.୨୭)

ସୋମଲତାଦି ଔଷଧିଗୁଡ଼ିକ ଉତ୍ତମରୂପେ ପୁଷ୍ଟ ହୁଅନ୍ତୁ । ସର୍ବୋତ୍ପାଦକ ସୌମ୍ୟସ୍ୱଭାବ ପରମାତ୍ମାଙ୍କପାଇଁ ଏହି ସୁନ୍ଦର ଆହୁତି । ଏହା ପରମାତ୍ମାଙ୍କର- ମୋର ନୁହେଁ ।୨।

## ୧୩. ଆଜ୍ୟ ଭାଗାହୁତି ମନ୍ତ୍ରୌ

(ନିମ୍ନୋକ୍ତ ମନ୍ତ୍ରଦ୍ୱୟ ପାଠକରି ଯଜ୍ଞକୁଣ୍ଡର ମଧ୍ୟ ଭାଗରେ ଦିଓଟି ଆହୁତି ଦେବେ । ପରବର୍ତ୍ତୀ ପ୍ରତ୍ୟେକ ଆହୁତି କୁଣ୍ଡର ମଧ୍ୟଭାଗରେ ହିଁ ଦିଆଯିବ) ।



**ଓ୩ମ୍ ପ୍ରଜାପତୟେ ସ୍ୱାହା । ଇଦଂ ପ୍ରଜାପତୟେ- ଇଦନ୍ନମମ ।୧।**

(ଯଜୁ ଅ.୨୨-ମ.୩୨)

ଯଜ୍ଞାଗ୍ନିରୁ ସୃଷ୍ଟ ଶୁଦ୍ଧପୂତ ବାୟୁ ପ୍ରାଣୀମାନଙ୍କ କଲ୍ୟାଣ ସାଧନ କରୁ । ପ୍ରଜାପାଳକ ପରମେଶ୍ୱରଙ୍କ ନିମିତ୍ତ ଏହି ସୁନ୍ଦର ଆହୁତି । ଏହା ପରମେଶ୍ୱରଙ୍କର- ମୋର ନୁହେଁ ।୧।

**ଓ୩ମ୍ ଇନ୍ଦ୍ରାୟ ସ୍ୱାହା । ଇଦମିନ୍ଦ୍ରାୟ- ଇଦନ୍ନମମ ।୨।**

(ଯଜୁ ଅ. ୨୨-ମ.୬)

ସମଗ୍ର ବିଶ୍ୱ ଐଶ୍ୱର୍ଯ୍ୟଶାଳୀ ହେଉ । ଆମ୍ଭମାନଙ୍କର ଇନ୍ଦ୍ରିୟଗଣ କଲ୍ୟାଣପ୍ରଦ ହୁଅନ୍ତୁ । ପରମୈଶ୍ୱର୍ଯ୍ୟବାନ୍ ପରମେଶ୍ୱରଙ୍କ ନିମିତ୍ତ ଏହି ସୁନ୍ଦର ଆହୁତି ଏହି ଆହୁତି ପରମାତ୍ମାଙ୍କର- ମୋର ନୁହେଁ ।୨।

(ଯେଉଁ ମହାନୁଭବ ଦୈନିକ ଯଜ୍ଞ ଅର୍ଥାତ୍ ପ୍ରତିଦିନ ଯଜ୍ଞ କରନ୍ତି ସେ ଏହି ଚାରୋଟି ମନ୍ତ୍ରରେ ଘୃତାହୁତି ଦେବାପରେ, ନିମ୍ନଲିଖିତ ମନ୍ତ୍ରଗୁଡ଼ିକଦ୍ୱାରା ଆହୁତି ଦେବେ ନାହିଁ । ଏହାପରେ ସେ ପ୍ରାତଃକାଳୀନ "ସୂର୍ଯ୍ୟୋଜ୍ୟୋତି ଜ୍ୟୋତିସୂର୍ଯ୍ୟଃ କ୍ରମରେ ଚାରୋଟି ଆହୁତି ଦେଇ, ପରେ "ଭୂରଗ୍ନୟେ ପ୍ରାଣାୟ ସ୍ୱାହା" ଏହି ମନ୍ତ୍ରରୁ ଆରମ୍ଭ କରି "ଅଗ୍ନେନୟ ସୁପଥାରାୟେ ଅସ୍ମାନ୍" ମନ୍ତ୍ର ପର୍ଯ୍ୟନ୍ତ ଆଠଗୋଟି ମନ୍ତ୍ରରେ ଘୃତ ଓ ସାକଲ୍ୟର ଆହୁତି ପ୍ରଦାନ କରି ପୂର୍ଣ୍ଣାହୁତି ପ୍ରକରଣ କରି ଯଜ୍ଞ ସମାପ୍ତି କରିବେ । ସେହିପରି ସାୟଂକାଳରେ ଯଜ୍ଞ କଲେ "ଅଗ୍ନିର୍ଜ୍ୟୋତି ଜ୍ୟୋତିରଗ୍ନିଃ" କ୍ରମରେ ଚାରୋଟି ଓ "ଭୂରଗ୍ନୟେ ପ୍ରାଣାୟ ସ୍ୱାହା" ମନ୍ତ୍ରଠାରୁ "ଅଗ୍ନେନୟ ସୁପଥା ରାୟେ ଅସ୍ମାନ୍" ମନ୍ତ୍ର ପର୍ଯ୍ୟନ୍ତ ଘୃତ ଓ ସାକଲ୍ୟର ଆହୁତି ପ୍ରଦାନ କରି ପୂର୍ଣ୍ଣାହୁତି ପ୍ରଦାନ କରିବେ । କିନ୍ତୁ ଯେଉଁମାନେ ପ୍ରତିଦିନ ପ୍ରାତଃକାଳରେ କେବଳ ଥରଟିଏ ଯଜ୍ଞ କରନ୍ତି ତେବେ ସେମାନେ ଷୋହଳଗୋଟି ଅର୍ଥାତ୍ ସୂର୍ଯ୍ୟୋଜ୍ୟୋତି ଚାରି, ଅଗ୍ନିର୍ଜ୍ୟୋତି ଚାରି ଓ ଭୂରଗ୍ନୟେ ଆଠଗୋଟି ମନ୍ତ୍ରରେ ଘୃତସାକଲ୍ୟର ଆହୁତି ଦେଇ ପୂର୍ଣ୍ଣାହୁତି କରିବେ) ।

## ୧୪. ବ୍ୟାହୃତ୍ୟାହୁତି ମନ୍ତ୍ରାଃ

(ପୁଣି ସେହି ଶୁଦ୍ଧ ଘୃତପାତ୍ରରୁ ଘିଅଦ୍ୱାରା ସ୍ରୁ ବକୁ ଭର୍ତ୍ତିକରି ପ୍ରଜ୍ୱଳିତ ସମିଧ ଉପରେ ବ୍ୟାହୃତି ଆହୁତି ଚାରୋଟି ଦେବେ) ।

**ଓ୩ମ୍ ଭୂରଗ୍ନୟେ ସ୍ୱାହା । ଇଦମଗ୍ନୟେ- ଇଦନ୍ନମମ ।୧।**

ପ୍ରକାଶର ପୁଞ୍ଜ ସେହି ପରମେଶ୍ୱରଙ୍କ ନିମିତ୍ତ ଏହି ସୁନ୍ଦର ଆହୁତି ଅର୍ପଣ କରୁଛି । ଏହା ଅଗ୍ନିଙ୍କ ପାଇଁ ଉଦ୍ଦିଷ୍ଟ, ମୋର ନୁହେଁ ।୧।

**ଓ୩ମ୍ ଭୁବର୍ବାୟବେ ସ୍ୱାହା । ଇଦଂ ବାୟବେ- ଇଦନ୍ନମମ ।୨।**

ସର୍ବବ୍ୟାପକ ସର୍ବେଶ୍ୱରଙ୍କ ନିମିତ୍ତ ଏହି ସୁନ୍ଦର ଆହୁତି ଅର୍ପଣ କରୁଛି । ଏହା ବାୟୁଦେବଙ୍କ ନିମିତ୍ତ, ଏଥିରେ ମୋର କୌଣସି ଅଧିକାର ନାହିଁ ।୨। **ଓ୩ମ୍ ସ୍ୱରାଦିତ୍ୟାୟ ସ୍ୱାହା । ଇଦମାଦିତ୍ୟାୟ- ଇଦନ୍ନମମ ।୩।**

ଜ୍ୟୋତି ସ୍ୱରୂପ ସେହି ଜଗଦୀଶ୍ୱରଙ୍କ ଉଦ୍ଦେଶ୍ୟରେ ଏହି ସୁନ୍ଦର ଆହୁତି ଅର୍ପଣ କରୁଛି । ଏହା ସୂର୍ଯ୍ୟଦେବଙ୍କ ନିମିତ୍ତ, ମୋର ନୁହେଁ ।୩।

**ଓ୩ମ୍ ଭୂର୍ଭୁବଃ ସ୍ୱରଗ୍ନିବାୟ୍ୱାଦିତ୍ୟେଭ୍ୟଃ ସ୍ୱାହା ।**
**ଇଦମଗ୍ନିବାୟ୍ୱାଦିତ୍ୟେଭ୍ୟଃ- ଇଦନ୍ନମମ ।୪।**

(ଗୋଭିଲ ଗୃହ୍ୟସୂତ୍ର ୧-୮-୧୪)

ହେ ସର୍ବାଧାର, ସୁଖସ୍ୱରୂପ, ସର୍ବବ୍ୟାପକ, ପରମେଶ୍ୱର ! ଅଗ୍ନି, ବାୟୁ, ଆଦିତ୍ୟଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଏହି ସମ୍ମିଳିତ ଆହୁତି ଅର୍ପଣ କରୁଛି । ଏହା ସେମାନଙ୍କ ନିମିତ୍ତ, ଏଥିରେ ମୋର କୌଣସି ଅଧିକାର ନାହିଁ ।୪।

## ୧୫. ସ୍ୱିଷ୍ଟକୃଦାହୁତି ମନ୍ତ୍ରଃ

(ସ୍ୱିଷ୍ଟକୃତ୍ ଆହୁତି କେବଳ ଏକ ଅଟେ । ଏହିମନ୍ତ୍ରରେ ଘିଅ, ଅଥବା ଘୃତାନ୍ନ ଆହୁତି ପ୍ରଦାନ କରିବେ) ।

**ଓ୩ମ୍ ଯଦସ୍ୟ କର୍ମଣୋଽତ୍ୟରୀରିଚଂ ଯଦ୍ୱା ନ୍ୟୂନମିହାକରମ୍ । ଅଗ୍ନିଷ୍ଟତ୍ ସ୍ୱିଷ୍ଟକୃତ୍ ବିଦ୍ୟାତ୍ ସର୍ବଂ ସ୍ୱିଷ୍ଟଂ ସୁହୁତଂ କରୋତୁ ମେ । ଅଗ୍ନୟେ ସ୍ୱିଷ୍ଟକୃତେ**



**ସୁହୁତହୁତେ ସର୍ବପ୍ରାୟଶ୍ଚିତ୍ତାହୁତୀନାଂ କାମାନାଂ ସମର୍ଦ୍ଧୟିତ୍ରେ ସର୍ବାନ୍ନଃ କାମାନ୍ତ୍ସମର୍ଦ୍ଧୟ ସ୍ୱାହା । ଇଦମଗ୍ନୟେ ସ୍ୱିଷ୍ଟକୃତେ- ଇଦନ୍ନମମ ।୧।**

(ଆଶ୍ୱଲାୟନ ଗୃହ୍ୟସୂତ୍ର ୧-୧୦-୨୨)

ଏହି ଭୌତିକ ଅଗ୍ନି ଶରୀରର ଓ ଆଧ୍ୟାତ୍ମିକ ଅଗ୍ନି ଆତ୍ମାର କଲ୍ୟାଣ ପାଇଁ ସତତ ସହାୟକ ହୁଅନ୍ତୁ । ଯଜ୍ଞକର୍ମ ଫଳଦାୟକ ଓ ଲାଭକାରକ ହେଉ । ପୂର୍ବକୃତ ପାପର ପ୍ରାୟଶ୍ଚିତ ନିମିତ୍ତ ପ୍ରେରଣା ମିଳୁ । ମୋର ସକଳ କାମନା ସ୍ୱାର୍ଥ ନିମିତ୍ତ ଅଭିପ୍ରେତ ନ ହୋଇ, ସମାଜ କଲ୍ୟାଣପାଇଁ ଉତ୍ସର୍ଗୀକୃତ ହେଉ । ଯଜ୍ଞାନୁଷ୍ଠାନରେ ବିଧି ଅପେକ୍ଷା ମନ୍ତ୍ରରେ ଯଦି ଅଧିକ ବା ନ୍ୟୂନ, କିଛି ତ୍ରୁଟି ହୋଇଥାଏ, ତେବେ ହେ ସର୍ବଜ୍ଞ ସର୍ବେଶ୍ୱର ! ସେ ସବୁ ତୁମକୁ ଅଜଣା ରହିନାହିଁ । ମୋର ଜନକଲ୍ୟାଣକର କର୍ମକୁ ସର୍ବାଙ୍ଗସୁନ୍ଦର ଭାବେ ସାଫଲ୍ୟମଣ୍ଡିତ କର । ଏହି ସୁନ୍ଦର ଆହୁତି ପ୍ରକାଶମୟ କଲ୍ୟାଣକର ପରମାତ୍ମାଙ୍କ ପାଇଁ ସମର୍ପିତ । ଏଥିରେ ମୋର ସାମାନ୍ୟତମ ସ୍ୱତ୍ୱ ନାହିଁ ।୧।

(ସ୍ୱିଷ୍ଟକୃତ୍ ଆହୁତିର ଅନ୍ୟ ନାମ ହେଉଛି, ପ୍ରାୟଶ୍ଚିତ୍ତ ଆହୁତି । ମଣିଷମାତ୍ରକେ ସମସ୍ତଙ୍କର କିଛି ନା କିଛି ତ୍ରୁଟି ଅଜ୍ଞାତସାରରେ ହୋଇଯାଏ, ଯଜ୍ଞର ବିଧିବିଧାନରେ ଜ୍ଞାତ ବା ଅଜ୍ଞାତ ସାରରେ ଯଦି କୌଣସି ତ୍ରୁଟି ହୋଇଥାଏ ତେବେ ତାର ପ୍ରାୟଶ୍ଚିତ୍ତ ପାଇଁ ଏହି ଆହୁତି ପ୍ରଦାନ କରାଯାଏ) ।

## ୧୬. ପ୍ରାଜାପତ୍ୟାହୁତି ମନ୍ତ୍ରଃ

(ନିମ୍ନୋକ୍ତ ମନ୍ତ୍ରପାଠ କରିବା ସମୟରେ ରେଖାଙ୍କିତ ଅଂଶକୁ ମନ ମଧ୍ୟରେ ଉଚ୍ଚାରଣ କରିବେ; ଅର୍ଥାତ୍ ମୌନଭାବେ ଘୃତାହୁତିଟିଏ ଦେବାକୁ ହେବ) ।

**ଓ୩ମ୍ ପ୍ରଜାପତୟେ ସ୍ୱାହା । ଇଦଂ ପ୍ରଜାପତୟେ- ଇଦନ୍ନ ମମ ।୧।**

(ପାରସ୍କର ଗୃହ୍ୟସୂତ୍ର ୧-୧୧-୩)

ହେ ପ୍ରଜାପାଳକ ! ଆପଣ ନୀରବଦ୍ରଷ୍ଟା ଭାବରେ ସକଳ ବିଶ୍ୱ ବ୍ରହ୍ମାଣ୍ଡକୁ ପାଳନ ଓ ପୋଷଣ କରୁଛନ୍ତି । ଆପଣଙ୍କ ମହିମାର ଆଦି ଅନ୍ତ ଛାର ନର ପକ୍ଷରେ

ଅଗୋଚର । ହେ ନାଥ ! ଜଗତର ପ୍ରଜାଙ୍କ ଉଦ୍ଦେଶ୍ୟରେ ଏହି ଆହୁତି ଅର୍ପଣ କରୁଛି । ଏହା ମୋର ନୁହେଁ ।୧।

## ୧୭· ଆଜ୍ୟାହୁତି (ପବମାନାହୁତି) ମନ୍ତ୍ରାଃ

(ନିମ୍ନୋକ୍ତ ଗ୍ରୋଟି ମନ୍ତ୍ରରେ ଘୃତର ଗ୍ରୋଟି ଆଜ୍ୟାହୁତି ଦେବେ । ସମାବର୍ତ୍ତନ ବିବାହ ସଂସ୍କାରାଦିରେ ଏହି ଗ୍ରୋଟି ଆହୁତି ପ୍ରଧାନ ଆହୁତି ରୂପେ ବିବେଚିତ ହୋଇଥାଏ) ।

**ଓ୩ମ୍ ଭୂର୍ଭୁବଃ ସ୍ୱଃ । ଅଗ୍ନ ଆୟୁଂଷି ପବସ ଆ ସୁବୋର୍ଜମିଷଂ ଚ ନଃ ।**
**ଆରେ ବାଧସ୍ୱ ଦୁଚ୍ଛୁନାଂ ସ୍ୱାହା । ଇଦମଗ୍ନୟେ ପବମାନାୟ- ଇଦନ୍ନ ମମ ।୧।**

ହେ ପ୍ରକାଶସ୍ୱରୂପ ପରମେଶ୍ୱର ! ଆପଣଙ୍କ ପ୍ରକାଶଦ୍ୱାରା ଆମ୍ଭମାନଙ୍କୁ ପବିତ୍ର କରି, ଦୀର୍ଘାୟୁ ପ୍ରଦାନ କରନ୍ତୁ । ଶୁଦ୍ଧ ଅନ୍ନ ଓ ବଳ ପ୍ରଦାନ କରନ୍ତୁ । ଦୁଷ୍ଟ ଜୀବଜନ୍ତୁଙ୍କ ଉତ୍ପୀଡ଼ନରୁ ଆମ୍ଭମାନଙ୍କୁ ରକ୍ଷାକରନ୍ତୁ । ଏହି ଘୃତ ପତିତପାବନ ପରମେଶ୍ୱରଙ୍କ ନିମିତ୍ତ, ଏହା ମୋର ନୁହେଁ ।୧।

**ଓ୩ମ୍ ଭୂର୍ଭୁବଃ ସ୍ୱଃ । ଅଗ୍ନିଋଷିଃ ପବମାନଃ ପାଞ୍ଚଜନ୍ୟଃ ପୁରୋହିତଃ**
**ତମୀମହେ ମହାଗୟଂ ସ୍ୱାହା । ଇଦମଗ୍ନୟେ ପବମାନାୟ- ଇଦନ୍ନ ମମ ।୨।**

ହେ ପ୍ରକାଶସ୍ୱରୂପ ପରମାତ୍ମା ! ଆପଣ ସର୍ବବ୍ୟାପକ, ସର୍ବଜ୍ଞ ଓ ସର୍ବାନ୍ତର୍ଯ୍ୟାମି ଅଟନ୍ତି । ଆପଣ ପ୍ରଜାତନ୍ତ୍ରର ପ୍ରକୃତ ପୁରୋହିତ ଓ ପଞ୍ଚାୟତର ପ୍ରେରକ ଅଟନ୍ତି । ଆପଣଙ୍କ ଯଶୋଗାନ କରି ବିଦ୍ୱାନ୍‌ଗଣ ଏ ଭବସାଗରରୁ ଅକ୍ଳେଶରେ ତରି ଯାଆନ୍ତି । ସେହି ଦିବ୍ୟଗୁଣଯୁକ୍ତ ପରମେଶ୍ୱରଙ୍କ ନିମିତ୍ତ ଏହି ଘୃତ ସମର୍ପିତ, ଏଥିରେ ମୋର କୌଣସି ସ୍ୱତ୍ୱ ନାହିଁ ।୨।

**ଓ୩ମ୍ ଭୂର୍ଭୁବଃ ସ୍ୱଃ । ଅଗ୍ନେ ପବସ୍ୱ ସ୍ୱପା ଅସ୍ମେ ବର୍ଚ୍ଚଃ ସୁବୀର୍ଯ୍ୟମ୍ ।**
**ଦଧଦ୍ରୟିଂ ମୟି ପୋଷଂ ସ୍ୱାହା । ଇଦମଗ୍ନୟେ ପବମାନାୟ- ଇଦନ୍ନ ମମ ।୩।**

(ଋଗ୍‌ବେଦ ମ.୯-ସୂ.୬୬-ମ.୧୯ରୁ୨୧)

ହେ ସଚ୍ଚିଦାନନ୍ଦ ସ୍ୱରୂପ ! ଦୟାକରି ଆମ୍ଭମାନଙ୍କୁ ଶୌର୍ଯ୍ୟ, ବଳବୀର୍ଯ୍ୟ ଓ ଧୈର୍ଯ୍ୟ ପ୍ରଦାନ କରନ୍ତୁ । ଆମ୍ଭମାନଙ୍କୁ ତେଜସ୍ୱୀ ତଥା ସମୃଦ୍ଧଶାଳୀ କରନ୍ତୁ । ଏହି ଶୋଭନ ଆହୁତି ଆପଣଙ୍କ ତେଜୋମୟ ସ୍ୱରୂପପାଇଁ ସମର୍ପିତ, ଏଥିରେ ମୋ'ର କୌଣସି ଅଧିକାର ନାହିଁ ।୩।



**ଓ୩ମ୍ ଭୂର୍ଭୁବଃ ସ୍ୱଃ । ପ୍ରଜାପତେ ନ ତ୍ୱଦେତାନ୍ୟନ୍ୟୋ ବିଶ୍ୱା ଜାତାନି ପରି ତା ବଭୂବ । ଯତ୍କାମାସ୍ତେ ଜୁହୁମସ୍ତନ୍ନୋ ଅସ୍ତୁ ବୟଂ ସ୍ୟାମ ପତୟୋ ରୟୀଣାଂ ସ୍ୱାହା ।**
**ଇଦଂ ପ୍ରଜାପତୟେ- ଇଦନ୍ନ ମମ ।୪।**

(ଋଗ୍‌ବେଦ ମ.୧୦-ସୂ.୧୨୧-ମ.୧୦)

ହେ ପ୍ରଜାପତେ ! ଏ ବିଶ୍ୱବ୍ରହ୍ମାଣ୍ଡରେ ଆପଣଙ୍କଠାରୁ କେହି ଜଣେ ମଧ୍ୟ ଶ୍ରେଷ୍ଠ ନୁହନ୍ତି । ଆମ୍ଭେମାନେ ଯେଉଁ କାମନା ନେଇ, ଆପଣଙ୍କର ଉପାସନା କରୁଛୁ, ସେସବୁ ଆପଣଙ୍କ ସୁଦୟାରୁ ସୁଫଳଦାୟକ ହେଉ । ଆପଣଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା... "ଆମ୍ଭେମାନେ ସକଳ ଐଶ୍ୱର୍ଯ୍ୟର ସ୍ୱାମୀ ହେବୁ । ଏହି ଆହୁତି ସେହି ସର୍ବଶ୍ରେଷ୍ଠ ପରମାତ୍ମାଙ୍କ ପାଇଁ ସମର୍ପିତ, ଏଥିରେ ମୋର ଅଧିକାର ନାହିଁ ।୪।

## ୧୮· ଅଷ୍ଟାଜ୍ୟାହୁତି ମନ୍ତ୍ରାଃ

(ଯେକୌଣସି ମଙ୍ଗଳ କର୍ମକର୍ମାଣି ବା ଶୁଭକର୍ମ ଅନୁଷ୍ଠାନ କରିବାକୁ ହେଲେ ନିମ୍ନଲିଖିତ ଆଠୋଟି ମନ୍ତ୍ରଦ୍ୱାରା ଯଜ୍ଞକର୍ତ୍ତା ଘୃତାହୁତି ଓ ଅନ୍ୟମାନେ ସାକଲ୍ୟ ଆହୁତି ଦେବେ । ବୃହଦ୍ ଯଜ୍ଞାନୁଷ୍ଠାନରେ ଅଷ୍ଟାଜ୍ୟାହୁତି ମନ୍ତ୍ରପାଠ ପରେ ଓ ସାମାନ୍ୟ ଅଗ୍ନିହୋତ୍ରରେ ପ୍ରାତଃ କାଳୀନ ମନ୍ତ୍ରପାଠ ପରେ ସାକଲ୍ୟ ଆହୁତି ଆରମ୍ଭ କରି ପୂର୍ଣ୍ଣାହୁତିରେ ସମାପ୍ତ କରିବାକୁ ହୁଏ । କେତେକ ପ୍ରଶ୍ନ କରନ୍ତି ଆଗରୁ ସାକଲ୍ୟ ଆହୁତି ନ ଦେଇ ଏଠାରୁ କାହିଁକି ଦିଆଯାଏ ? ସାଧାରଣତଃ ଏସବୁ ହେଉଛି ଅଗ୍ନ୍ୟାଧାନ ପ୍ରକ୍ରିୟା, ତେଣୁ ଏଠାରେ ଦିଆଯାଏ । ଦ୍ୱିତୀୟତଃ ଅଗ୍ନି ଉତ୍ତମରୂପେ ପ୍ରଜ୍ୱଳିତ ହେବା ପୂର୍ବରୁ ସାକଲ୍ୟ ଦେଲେ ଅଗ୍ନି ନିର୍ବାପିତ ହେବାର ସମ୍ଭାବନା ଥାଏ । ଘୃତଦ୍ୱାରା ଅଗ୍ନି ଉତ୍ତମରୂପେ ଜାଜ୍ୱଲ୍ୟମାନ ହେବା ପରେ ସାକଲ୍ୟ ଦେବାର ବିଧାନ ରହିଛି ।

**ଓ୩ମ୍ ତ୍ୱଂ ନୋଽଅଗ୍ନେ ବରୁଣସ୍ୟ ବିଦ୍ୱାନ୍ ଦେବସ୍ୟ ହେଡ଼ୋଽବୟାସିସୀଷ୍ଠାଃ ।**
**ୟଜିଷ୍ଠୋ ବହ୍ନିତମଃ ଶୋଶୁଚାନୋ ବିଶ୍ୱା ଦ୍ୱେଷାଂସି ପ୍ରମୁମୁଗ୍ଧ୍ୟସ୍ମତ୍ ସ୍ୱାହା ।**
**ଇଦମଗ୍ନୀବରୁଣାଭ୍ୟାମ୍- ଇଦନ୍ନ ମମ ।୧।**

ହେ ପ୍ରକାଶସ୍ୱରୂପ ପରମେଶ୍ୱର ! ଆପଣ ହିଁ ମୋର ଦୃଶ୍ୟ, ଅଦୃଶ୍ୟ ସକଳ ପ୍ରକାର କର୍ମର ଜ୍ଞାତା ଅଟନ୍ତି । ଆପଣ ସୁଦୟା ବହି ଆମ୍ଭମାନଙ୍କୁ ଏପରି ସୁବୁଦ୍ଧି ପ୍ରଦାନ କରନ୍ତୁ, ଯା ଫଳରେ ଆମ୍ଭେମାନେ ସର୍ବଦା ଆପଣଙ୍କ ଆଜ୍ଞା ପାଳନରେ ତତ୍ପର ହୋଇ ରହିବୁ, ଓ ଅନ୍ୟ କାହାରି ପ୍ରତି ଦ୍ୱେଷଭାବ ପୋଷଣ କରିବୁ ନାହିଁ । ପ୍ରକାଶମୟ ବରେଣ୍ୟ ବିଭୁଙ୍କ ନିମିତ୍ତ ଏହି ସୁନ୍ଦର ଆହୁତି ଅର୍ପିତ, ଏହା ମୋର ନୁହେଁ ।୧।

**ଓ୩ମ୍ ସ ତ୍ୱଂ ନୋ ଅଗ୍ନେଽବମୋ ଭବୋତୀ ନେଦିଷ୍ଠୋ ଅସ୍ୟା ଉଷସୋ ବ୍ୟୁଷ୍ଟୌ ।**
**ଅବ ୟକ୍ଷ୍ୱ ନୋ ବରୁଣଂ ରରାଣୋ ବୀହି ମୃଡ଼ୀକଂ ସୁହବୋ ନ ଏଧି ସ୍ୱାହା ।**
**ଇଦମଗ୍ନୀ ବରୁଣାଭ୍ୟାମ୍- ଇଦନ୍ନ ମମ ।୨।**

(ଋଗ୍ ମ.୪-ସୂ.୧-ମ.୪ ଓ ୫)

ହେ ଜ୍ୟୋତିର୍ମୟ ଜଗଦୀଶ୍ୱର ! ଆପଣ ଆମ୍ଭମାନଙ୍କର ସର୍ବୋପରି ରକ୍ଷକ ଓ ପାଳକ ଅଟନ୍ତି । ଏହି ମଙ୍ଗଳମୟ ପ୍ରାତଃ କାଳରେ ଆୟୋଜିତ ଯଜ୍ଞାଦି ଶୁଭକର୍ମଦ୍ୱାରା, ଆମ୍ଭମାନଙ୍କ ହୃଦୟପ୍ରଦେଶରେ ଲୁକ୍କାୟିତ ଭାବେ ରହିଥିବା ବିଦ୍ୱେଷ ଭାବନା ତଥା ପାପ ସମୂହକୁ ସମୂଳେ ବିନଷ୍ଟ କରନ୍ତୁ । ପବିତ୍ର କାର୍ଯ୍ୟର ପ୍ରେରକ ଓ ଫଳପ୍ରଦାତା ପ୍ରଭୋ ! ଆମ୍ଭମାନଙ୍କ ସଶ୍ରଦ୍ଧ ଓ ସଭକ୍ତି ପ୍ରଦତ୍ତ ଏହି ହବିକୁ ସାନୁଗ୍ରହ ସ୍ୱୀକାର କରନ୍ତୁ । ଏହି ଶୋଭନ ଆହୁତି ପରମେଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ, ଏହା ମୋର ନୁହେଁ ।୨।

**ଓ୩ମ୍ ଇମଂ ମେ ବରୁଣ ଶ୍ରୁଧୀ ହବମଦ୍ୟା ଚ ମୃଡ଼ୟ ।**
**ତ୍ୱାମବସ୍ୟୁରାଚକେ ସ୍ୱାହା । ଇଦଂ ବରୁଣାୟ- ଇଦନ୍ନମମ ।୩।**

(ଋଗ୍ ମ.୧-ସୂ.୨୫.ମ.୧୯)



ହେ ଚିର ଉପାସ୍ୟ ଦେବ ! ଆପଣ ଦୟାକରି ମୋର ପ୍ରାର୍ଥନାକୁ ଶୁଣନ୍ତୁ । ସର୍ବଜନହିତକାରୀ ଏହି ଯଜ୍ଞ କାର୍ଯ୍ୟରେ ମୋତେ ସୁରକ୍ଷିତ ଓ ସୁଖୀ ରଖନ୍ତୁ । ମନସ୍କାମନାର ପରିପୂରଣ ପାଇଁ ମୁଁ ଆପଣଙ୍କୁ ବାରମ୍ବାର ସ୍ତୁତି କରୁଛି । ଏହି ଆହୁତି ପ୍ରଶଂସନୀୟ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ସମର୍ପିତ, ଏହା ମୋର ନୁହେଁ ।୩।

**ଓ୩ମ୍ ତତ୍ତ୍ୱାୟାମି ବ୍ରହ୍ମଣା ବନ୍ଦମାନସ୍ତଦା ଶାସ୍ତେ ଯଜମାନୋ ହବିର୍ଭିଃ ।**
**ଅହେଡ଼ମାନୋ ବରୁଣେହ ବୋଧ୍ୟୁରୁଶଂସ ମା ନ ଆୟୁଃ ପ୍ରମୋଷୀଃ ସ୍ୱାହା ।**
**ଇଦଂ ବରୁଣାୟ- ଇଦନ୍ନମମ ।୪।**

(ଋଗ୍ ମ. ୧-ସୂ.୨୪-ମ.୧୧)

ହେ ଅଖିଳେଶ୍ୱର ! ଯାଜ୍ଞିକଗଣ ହବିଦ୍ୱାରା ଯେଉଁ ଆୟୁକୁ କାମନାକରି, ପବିତ୍ର ବେଦମନ୍ତ୍ରଦ୍ୱାରା ସ୍ତୁତି କରନ୍ତି, ମୁଁ ସେହି ଆୟୁକୁ ପ୍ରାର୍ଥନା କରୁଛି । ଆପଣଙ୍କ ପ୍ରଦତ୍ତ ଆୟୁ, ଯଜ୍ଞାଦି ଶୁଭକର୍ମାନୁଷ୍ଠନମାନଙ୍କରେ ବିନିଯୁକ୍ତ ହେଉ । ଆମ୍ଭେମାନେ କେବେ ଅପମୃତ୍ୟୁର ବଶବର୍ତ୍ତୀ ନ ହେଉ । ହେ ନାଥ ! ଆମର ଏହି ବିନମ୍ର ପ୍ରାର୍ଥନାକୁ ଦୟାବହି ସ୍ୱୀକାର କର । ଏହି ଆହୁତି ଭଗବାନଙ୍କ ଉଦ୍ଦେଶ୍ୟରେ ସମର୍ପିତ, ଏଥିରେ ମୋର ସ୍ୱତ୍ୱ ନାହିଁ ।୪।

**ଓ୩ମ୍ ୟେ ତେ ଶତଂ ବରୁଣ ୟେ ସହସ୍ରଂ ୟଜ୍ଞିୟାଃ ପାଶା ବିତତା ମହାନ୍ତଃ । ତେଭିର୍ନୋଽଦ୍ୟ ସବିତୋତ ବିଷ୍ଣୁର୍ବିଶ୍ୱେ ମୁଞ୍ଚନ୍ତୁ ମରୁତଃ ସ୍ୱର୍କ୍କାଃ ସ୍ୱାହା । ଇଦଂ ବରୁଣାୟ ସବିତ୍ରେ ବିଷ୍ଣବେ ବିଶ୍ୱେଭ୍ୟୋ ଦେବେଭ୍ୟୋ ମରୁଦ୍ଭ୍ୟଃ ସ୍ୱର୍କେଭ୍ୟଃ- ଇଦନ୍ନମମ ।୫।**

(କାତ୍ୟାୟନ ଶ୍ରୌତସୂତ୍ର ୨୫-୧-୧୧)

ହେ ବରଣୀୟ ବିଭୋ ! ଯଜ୍ଞାଦି ଶୁଭକର୍ମାନୁଷ୍ଠନମାନଙ୍କରେ ଅନେକ ଅହେତୁକ ଘାତ-ପ୍ରତିଘାତ, ବାଧା-ବିଘ୍ନମାନ, ସୃଷ୍ଟି ହୋଇଥାଏ । ସେ ସବୁକୁ ଦୂରେଇଦେଇ ଯଜ୍ଞାନୁଷ୍ଠାନକୁ ସାଫଲ୍ୟମଣ୍ଡିତ କରନ୍ତୁ । ଏହି ଆହୁତି ସର୍ବୋତ୍ପାଦକ, ସର୍ବେଶ୍ୱରଙ୍କ ନିମିତ୍ତ ଉଦ୍ଦିଷ୍ଟ, ଏଥିରେ ମୋର କୌଣସି ସ୍ୱାର୍ଥ ନାହିଁ ।୫।

**ଓ୩ମ୍ ଅୟାଶ୍ଚାଗ୍ନେଽସ୍ୟନଭିଶସ୍ତିପାଶ୍ଚ ମସ୍ୟମିତ୍ତ୍ୱ ମୟାସି । ଅୟା ନୋ ଯଜ୍ଞଂ ବହାସ୍ୟୟା ନୋ ଧେହି ଭେଷଜଂ ସ୍ୱାହା । ଇଦମଗ୍ନୟେ ଅୟସେ- ଇଦନ୍ନମମ ।୬।**

(କାତ୍ୟାୟନ ଶ୍ରୌତସୂତ୍ର ୨୫-୧-୧୧)

ହେ ବିଶ୍ୱେଶ୍ୱର ! ଆପଣ ବାହ୍ୟ ତଥା ଅଭ୍ୟନ୍ତରରେ ସର୍ବବ୍ୟାପକ ରୂପେ ସର୍ବତ୍ର ବିରାଜମାନ ହୋଇଛନ୍ତି । ନିର୍ଦ୍ଦୋଷ ଓ ନିଷ୍କଳଙ୍କ ପ୍ରାଣୀଗଣଙ୍କର ଆପଣ ପ୍ରତିପାଳକ ଓ କଲ୍ୟାଣକାରକ ଅଟନ୍ତି । ଆମ୍ଭମାନଙ୍କର ଶୋକ-ସନ୍ତାପ ସବୁକୁ ସମୂଳେ ବିନାଶ କରନ୍ତୁ । ଏହି ଆହୁତି ବିଶ୍ୱମ୍ଭରଙ୍କ ପାଇଁ ସମର୍ପିତ, ଏଥିରେ ମୋର ଅଧିକାର ନାହିଁ ।୬।

**ଓ୩ମ୍ ଉଦୁତ୍ତମଂ ବରୁଣ ପାଶମସ୍ମଦବାଧମଂ ବି ମଧ୍ୟମଂ ଶ୍ରଥାୟ ।**
**ଅଥା ବୟମାଦିତ୍ୟ ବ୍ରତେ ତବାନାଗସୋ ଅଦିତୟେ ସ୍ୟାମ ସ୍ୱାହା ।**
**ଇଦଂ ବରୁଣାୟାଽଽଦିତ୍ୟାୟାଽଽଦିତୟେ ଚ- ଇଦନ୍ନ ମମ ।୭।**

(ଋଗ୍‌ବେଦ ମ. ୧-ସୂ.୨୪-ମ.୧୫)

ହେ ବିନାଶରହିତ ବିଶ୍ୱେଶ୍ୱର ! ଆମ୍ଭମାନଙ୍କ କ୍ଷୁଦ୍ରାତିକ୍ଷୁଦ୍ରଠାରୁ ଆରମ୍ଭକରି ଅତି ବିଶାଳ ପର୍ଯ୍ୟନ୍ତ, ସମସ୍ତ ଭବ-ବନ୍ଧନକୁ ବିନଷ୍ଟ କରନ୍ତୁ । ଆମ ହୃଦରାଜ୍ୟକୁ କୌଣସି ଦୁର୍ଭାବନା, ପ୍ରାପପ୍ରବୃତ୍ତି କଦାପି ଗ୍ରାସ ନ କରୁ । ଆପଣଙ୍କ ସୁଦୟାରୁ ଆମ୍ଭେମାନେ ନିରପରାଧ ରହି, ମୋକ୍ଷାବସ୍ଥା ଲାଭ କରିବାପାଇଁ ସକ୍ଷମ ହେଉଁ । ଏହି ଆହୁତି ପରମପୂଜ୍ୟ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ଅର୍ପିତ, ଏଥିରେ ମୋର ତିଳେ ମାତ୍ର ସ୍ୱାର୍ଥ ନାହିଁ ।୭।

**ଓ୩ମ୍ ଭବତନ୍ନଃ ସମନସୌ ସଚେତସା ବରେପସୌ । ମା ଯଜ୍ଞଂ ହିଂସିଷ୍ଟଂ ମା ଯଜ୍ଞପତିଂ ଜାତବେଦସୌ ଶିବୌ ଭବତମଦ୍ୟ ନଃ ସ୍ୱାହା । ଇଦଂ ଜାତବେଦୋଭ୍ୟାମ୍- ଇଦନ୍ନମମ ।୮।**

(ଯଜୁ ଅ.୫-ମ.୩)



ହେ ଦୟାନିଧେ ! ଆମ୍ଭ ସମସ୍ତଙ୍କ ହୃଦୟରେ ସମାନ ମନ ଓ ସମାନ ବୁଦ୍ଧି ଜାଗ୍ରତ ହେଉ । ନିଷ୍ପାପ ବ୍ୟକ୍ତିଗଣଙ୍କର ସମାଜ ସୁସଙ୍ଗଠିତ ହେଉ । ସମସ୍ତେ ସମସ୍ତଙ୍କର ସେବାଶୁଶ୍ରୂଷା ଓ ସହାୟତାରେ ସଜାଗ ରହନ୍ତୁ । ନିତ୍ୟନୈମିତ୍ତିକ ଯଜ୍ଞ ଉତ୍ତରୋତ୍ତର ବୃଦ୍ଧିଲାଭ କରୁ । ଯଜ୍ଞ ଓ ଯଜ୍ଞକର୍ତ୍ତା ସୁରକ୍ଷିତ ହୁଅନ୍ତୁ । ଯଜ୍ଞର ଏ ମଙ୍ଗଳ ମୁହୂର୍ତ୍ତରେ ଶାନ୍ତିର ସୁରଭି ଖେଳିଯାଉ । ଏହି ସୁନ୍ଦର ଆହୁତି ବ୍ରହ୍ମଙ୍କ ନିମିତ୍ତ, ଏହା ମୋର ନୁହେଁ ।୮।

## ୧୯. ପ୍ରାତଃକାଳୀନ ଅଗ୍ନିହୋତ୍ର ମନ୍ତ୍ରାଃ

(ନିମ୍ନଲିଖିତ ମନ୍ତ୍ରଦ୍ୱାରା ମୁଖ୍ୟ ଯଜମାନ ଘୃତାହୁତି ଓ ଅନ୍ୟମାନେ ସାକଲ୍ୟ ଆହୁତି ପୂର୍ବପରି ଦେବେ । ସ୍ୱାହା ଉଚ୍ଚାରିତ ହେବା ପରେ ପରେ ଯେପରି ଆହୁତି ପ୍ରଦାନ କରାଯାଏ, ତା'ପ୍ରତି ବିଶେଷ ଧ୍ୟାନ ଦେବେ) ।

**ଓ୩ମ୍ ସୂର୍ଯ୍ୟୋ ଜ୍ୟୋତିର୍ଜ୍ୟୋତିଃ ସୂର୍ଯ୍ୟଃ ସ୍ୱାହା ।୧।**

ସୂର୍ଯ୍ୟଙ୍କ ପ୍ରକାଶର ପ୍ରକାଶକ, ସେହି ପରମେଶ୍ୱରଙ୍କ ପ୍ରସନ୍ନତା ନିମିତ୍ତ ଆମ୍ଭେମାନେ ଭକ୍ତିପୂତ ସ୍ତୁତି କରୁଅଛୁ ।

**ଓ୩ମ୍ ସୂର୍ଯ୍ୟୋ ବର୍ଚ୍ଚୋ ଜ୍ୟୋତିର୍ବର୍ଚ୍ଚଃ ସ୍ୱାହା ।୨।**

ସକଳ ବିଦ୍ୟା ଓ ଜ୍ଞାନପ୍ରଦାତା ସର୍ବେଶ୍ୱରଙ୍କ ଅନୁଗ୍ରହ ଲାଭ ପାଇଁ ଆମ୍ଭେମାନେ ଭକ୍ତିପୂତ ସ୍ତୁତି କରୁଅଛୁ ।୨।

**ଓ୩ମ୍ ଜ୍ୟୋତିଃ ସୂର୍ଯ୍ୟଃ ସୂର୍ଯ୍ୟୋ ଜ୍ୟୋତିଃ ସ୍ୱାହା ।୩।**

(ଉପରୋକ୍ତ ମନ୍ତ୍ରତ୍ରୟ ଯଜୁ ଅ.୩-ମ.୯)

ଯାହାଙ୍କ ଜ୍ୟୋତିରେ ସକଳ ବିଶ୍ୱ ବ୍ରହ୍ମାଣ୍ଡ ଜ୍ୟୋତି ପ୍ରଦାନ କରିବାରେ ସମର୍ଥ ହୁଅନ୍ତି, ସେହି ଜଗଦୀଶ୍ୱରଙ୍କ ପ୍ରସନ୍ନତା ପାଇଁ, ଆମ୍ଭେମାନେ ସ୍ତୁତି କରୁଅଛୁ ।୩।

**ଓ୩ମ୍ ସଜୂର୍ଦ୍ଦେବେନ ସବିତ୍ରା ସଜୂରୁଷସେନ୍ଦ୍ରବତ୍ୟା । ଜୁଷାଣଃ ସୂର୍ଯ୍ୟୋ ବେତୁ ସ୍ୱାହା ।୪।**

(ଯଜୁ ଅ.୩-ମ.୧୦)

ସର୍ବଲୋକ ଲୋକାନ୍ତରରେ ପରିବ୍ୟାପ୍ତ, ସର୍ବଶକ୍ତିମାନ୍, ସର୍ବନିୟନ୍ତା,

ସର୍ବେଶ୍ୱରଙ୍କ ପ୍ରୀତି ଉତ୍ପାଦନ ସକାଶେ ଆମ୍ଭେମାନେ ଭକ୍ତିପୂତଭାବେ ଏହି ସ୍ତୁତି କରୁଅଛୁ ।୪।

## ୨୦· ସାୟଂକାଳୀନ ଅଗ୍ନିହୋତ୍ର ମନ୍ତ୍ରାଃ

(ସାୟଂକାଳୀନ ଯଜ୍ଞାନୁଷ୍ଠାନ ସମୟରେ ନିମ୍ନୋକ୍ତ ଚାରୋଟି ମନ୍ତ୍ରରେ ଘୃତ ଓ ସାକଲ୍ୟ ଆହୁତି ପ୍ରଦାନ କରିବେ) ।

**ଓ୩ମ୍ <u>ଅଗ୍ନିର୍ଜ୍ୟୋତିର୍ଜ୍ୟୋତିରଗ୍ନିଃ</u> ସ୍ୱାହା ।୧।**

ଅଗ୍ନିଙ୍କୁ ଜ୍ୟୋତି ପ୍ରଦାନ କରୁଥିବା, ସେହି ପରମାତ୍ମାଙ୍କ ଅନୁଗ୍ରହ ଲାଭପାଇଁ, ଆମ୍ଭେମାନେ ଭକ୍ତିପୂତ ଭାବରେ ପ୍ରାର୍ଥନା କରୁଅଛୁ ।୧।

**ଓ୩ମ୍ ଅଗ୍ନିର୍ବର୍ଚୋ ଜ୍ୟୋତିର୍ବର୍ଚଃ ସ୍ୱାହା ।୨।**

ଅଗ୍ନି ଜାଜ୍ୱଲ୍ୟମାନ । ସେହି ଜାଜ୍ୱଲ୍ୟମାନ ଅଗ୍ନି ମଧ୍ୟରେ ପରମାତ୍ମାଙ୍କର ଦୀପ୍ତି ରହିଛି । ଆମ୍ଭେମାନେ ତାଙ୍କର ଭକ୍ତିପୂତ ପ୍ରାର୍ଥନା କରୁଅଛୁ ।୨।

(ନିମ୍ନୋକ୍ତ ତୃତୀୟ ମନ୍ତ୍ରରେ ରେଖାଙ୍କିତ ଅଂଶକୁ, କେବଳ ମନ ମଧ୍ୟରେ ଉଚ୍ଚାରଣ କରି ଆହୁତି ଦେବେ) ।

**ଓ୩ମ୍ <u>ଅଗ୍ନିର୍ଜ୍ୟୋତିର୍ଜ୍ୟୋତିରଗ୍ନିଃ</u> ସ୍ୱାହା ।୩।**

(ଉପରୋକ୍ତ ମନ୍ତ୍ରତ୍ରୟ ଯଜୁ ଅ.୩-ମ.୯)

ଅଗ୍ନିଙ୍କ ଜ୍ୟୋତି ମଧ୍ୟରେ, ସେହି ପରମାତ୍ମାଙ୍କ ଜ୍ୟୋତି ପରିବ୍ୟାପ୍ତ ହୋଇ ରହିଛି । ଭକ୍ତିର ନିଦର୍ଶନ ସ୍ୱରୂପ ଆମେ ମନ ମଧ୍ୟରେ ସେହି ଜ୍ୟୋତିର୍ମୟଙ୍କୁ ଭକ୍ତିର ସହିତ ପ୍ରାର୍ଥନା କରୁଛୁ ।୩।

**ଓ୩ମ୍ ସଜୂର୍ଦେବେନ ସବିତ୍ରା ସଜୂରାତ୍ରେନ୍ଦ୍ରବତ୍ୟା । ଜୁଷାଣୋଽଅଗ୍ନିର୍ବେତୁ ସ୍ୱାହା ।୪।**

(ଯଜୁ ଅ.୩-ମ.୧୦)

ପ୍ରକାଶମୟ, ସର୍ବପ୍ରେରକ, ମହାପ୍ରଭୁଙ୍କର ରାତ୍ରି ମଧ୍ୟ ଏକ ଅନବଦ୍ୟ ଅବଦାନ । ସେହି ରାତ୍ରି ଆମ୍ଭମାନଙ୍କ ପାଇଁ ଅତ୍ୟନ୍ତ ସୁଖପ୍ରଦ ଓ ପ୍ରୀତିପ୍ରଦାୟକ ହେଉ । ଏହି ଯଜ୍ଞର ସକଳ ସଦୁଦ୍ଦେଶ୍ୟ ସଫଳୀଭୂତ ହେଉ । ଏହାହିଁ ପରମାତ୍ମାଙ୍କ



ନିକଟରେ ଆମର ଆନ୍ତରିକ ପ୍ରାର୍ଥନା ।୪।

## ୨୧· ଉଭୟୋଃ କାଳୟୋରଗ୍ନିହୋତ୍ର ମନ୍ତ୍ରାଃ

**ଓ୩ମ୍ ଭୂରଗ୍ନୟେ ପ୍ରାଣାୟ ସ୍ୱାହା । ଇଦମଗ୍ନୟେ ପ୍ରାଣାୟ-ଇଦନ୍ନମମ ।୧।**

ପରମପ୍ରିୟ ପରମେଶ୍ୱର ଯେଉଁପରି ପ୍ରାଣାଧାର, ସେହିପରି ପ୍ରାଣବାୟୁର ପରିପୋଷକ ମଧ୍ୟ ଅଟନ୍ତି । ତାଙ୍କ ଉଦ୍ଦେଶ୍ୟରେ ଏ ସୁନ୍ଦର ଆହୁତି ଅର୍ପଣ କରୁଛି । ଏହା ମୋପାଇଁ ନୁହେଁ ।୧।

**ଓ୩ମ୍ ଭୁବର୍ବାୟବେଽପାନାୟ ସ୍ୱାହା । ଇଦଂ ବାୟବେଽପାନାୟ-ଇଦନ୍ନମମ ।୨।**

ପ୍ରିୟ ପରମେଶ୍ୱର ପ୍ରାଣାଧାର ଓ ଅପାନ ବାୟୁର ରକ୍ଷକ ଅଟନ୍ତି । ତାଙ୍କ ନିମିତ୍ତ ଏହି ସୁନ୍ଦର ଆହୁତି ସମର୍ପଣ କରୁଛି । ଏହା ମୋପାଇଁ ଅଭିପ୍ରେତ ନୁହେଁ ।୨।

**ଓ୩ମ୍ ସ୍ୱରାଦିତ୍ୟାୟ ବ୍ୟାନାୟ ସ୍ୱାହା । ଇଦମାଦିତ୍ୟାୟ ବ୍ୟାନାୟ-ଇଦନ୍ନମମ ।୩।**

ପରମେଶ୍ୱର ମଙ୍ଗଳସ୍ୱରୂପ, ତାଙ୍କରି ପ୍ରେରଣାରେ ବ୍ୟାନବାୟୁ ମନୁଷ୍ୟମାନଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ । ତାଙ୍କ ନିମିତ୍ତ ଏହି ସୁନ୍ଦର ଆହୁତି ସମର୍ପିତ, ଏଥିରେ ମୋର କୌଣସି ସ୍ୱତ୍ୱ ନାହିଁ ।୩।

**ଓ୩ମ୍ ଭୂର୍ଭୁବଃ ସ୍ୱରଗ୍ନିବାୟ୍ୱାଦିତ୍ୟେଭ୍ୟଃ ପ୍ରାଣାପାନବ୍ୟାନେଭ୍ୟଃ ସ୍ୱାହା ।**
**ଇଦମଗ୍ନି ବାୟ୍ୱାଦିତ୍ୟେଭ୍ୟଃ ପ୍ରାଣାପାନ ବ୍ୟାନେଭ୍ୟଃ-ଇଦନ୍ନମମ ।୪।**

ପରମାତ୍ମା ହେଉଛନ୍ତି ସକଳ ଚରାଚର ଜଗତର ଅଧିପତି । ଅଗ୍ନି ବାୟୁ ତଥା ସୂର୍ଯ୍ୟ ତାଙ୍କ ନିୟନ୍ତ୍ରଣରେ ପରିଚାଳିତ ହୋଇଥାନ୍ତି । ସେ ପ୍ରାଣ-ଅପାନ-ବ୍ୟାନ ପ୍ରଭୃତି ବାୟୁଦ୍ୱାରା ସକଳ ଜୀବଗଣଙ୍କ ପୋଷଣ ଓ ରକ୍ଷଣ କରିଥାନ୍ତି । ତାଙ୍କ ଉଦ୍ଦେଶ୍ୟରେ ଏ ସୁନ୍ଦର ଆହୁତି ସମର୍ପିତ । ଏଥିରେ ମୋର ଅଧିକାର ନାହିଁ ।୪।

**ଓ୩ମ୍ ଆପୋଜ୍ୟୋତୀ ରସୋଽମୃତଂ ବ୍ରହ୍ମ ଭୂର୍ଭୁବଃ ସ୍ୱରୋଂ ସ୍ୱାହା ।୫।**

(ଏହି ପାଞ୍ଚୋଟିମନ୍ତ୍ର ତୈତ୍ତିରୀୟ ଆରଣ୍ୟକରୁ ଆନୀତ)

ପରମେଶ୍ୱର ହେଉଛନ୍ତି ସର୍ବବ୍ୟାପକ, ସର୍ବରକ୍ଷକ, ଜ୍ୟୋତିର୍ମୟ, ଜଗଦାଧାର, ଅବିନାଶୀ, ସୃଷ୍ଟିକର୍ତ୍ତା, ସର୍ବାଧାର ଓ ସଚ୍ଚିଦାନନ୍ଦ ସେହି ପରମେଶ୍ୱରଙ୍କ

ନିମିତ୍ତ ଶ୍ରଦ୍ଧାର ସହିତ ଏ ସୁନ୍ଦର ଆହୁତି ଅର୍ପଣ କରୁଛି ।୫।

**ଓ୩ମ୍ ଯାଂ ମେଧାଂ ଦେବଗଣାଃ ପିତରଶ୍ଚୋପାସତେ ।**
**ତୟା ମା ମଦ୍ୟ ମେଧୟାଃଗ୍ନେ ମେଧାବିନଂ କୁରୁ ସ୍ୱାହା ।୬।**

(ଯଜୁ ଅ.୩୨-ମ.୧୪)

ହେ ପ୍ରକାଶମୟ ପରମେଶ ! ଯେଉଁ ମେଧାଶକ୍ତିର ଆଶ୍ରୟ ନେଇ ମନୁଷ୍ୟ ସର୍ବୋଚ୍ଚ ପଦପଦବୀକୁ ଉନ୍ନୀତ ହୋଇଥାଏ, ଯେଉଁ ମେଧାଶକ୍ତି ପାଇଁ ବିଦ୍ୱାନ୍, ଜ୍ଞାନୀ ଓ ଯୋଗୀଜନ ଅହୋରାତ୍ର ଉପାସନା କରିଥାନ୍ତି, ହେ ନାଥ ! ଆମ୍ଭମାନଙ୍କୁ ମଧ୍ୟ ସେହି ମେଧାଶକ୍ତିରେ ସମଳଙ୍କୃତ କରନ୍ତୁ । ଅନ୍ତରାତ୍ମାରେ ଏହି ଆଶା ପୋଷଣ କରି ସାଫଲ୍ୟମଣ୍ଡିତ ହେବାପାଇଁ ହବନ କରୁଛୁ ।୬।

**ଓ୩ମ୍ ବିଶ୍ୱାନି ଦେବ ସବିତର୍ଦୁରିତାନି ପରାସୁବ । ଯଦ୍ଭଦ୍ରଂ ତନ୍ନ ଆ ସୁବ ସ୍ୱାହା ।୭।**

(ଯଜୁ ଅ.୩୦-ମ.୩)

**ଓ୩ମ୍ ଅଗ୍ନେ ନୟ ସୁପଥାରାୟେ଼ଃ ଅସ୍ମାନ୍ ବିଶ୍ୱାନି ଦେବ ବୟୁନାନି ବିଦ୍ୱାନ୍ ।**
**ଯୁୟୋଧ୍ୟସ୍ମଜ୍ଜୁହୁରାଣମେନୋ, ଭୂୟିଷ୍ଠାନ୍ତେ ନମଃଉକ୍ତିଂ ବିଧେମ ସ୍ୱାହା ।୮।**

(ଯଜୁ ଅ.୪୦-ମ.୧୬)

(ଏହି ମନ୍ତ୍ରଦ୍ୱୟର ସରଳାର୍ଥ, ଈଶ୍ୱରସ୍ତୁତିପ୍ରାର୍ଥନୋପାସନା ପ୍ରକରଣରେ ଉଲ୍ଲେଖ କରାଯାଇଛି) ।

(ଉପର୍ଯ୍ୟୁକ୍ତ ମନ୍ତ୍ରଗୁଡ଼ିକ ପାଠକରି ଆଠୋଗୋଟି ଆହୁତି ଦେବାପରେ ବୃହଦ୍ ଯଜ୍ଞାନୁଷ୍ଠାନମାନଙ୍କରେ କ୍ରମାନୁସାରେ ଋକ୍, ଯଜୁ, ସାମ ବା ଅଥର୍ବ ବେଦ ପାରାୟଣ କରିବାକୁ ହୋଇଥାଏ । ସାଧାରଣ ବୃହଦ୍ ଯଜ୍ଞରେ ବେଦମନ୍ତ୍ର ପାଠ କରିବା ପାଇଁ ଏଠାରେ ପ୍ରଚଳିତ ତେରଗୋଟି ମନ୍ତ୍ର ଅକାରାଦି କ୍ରମରେ ଉଲ୍ଲେଖ କରାଯାଇଛି । ସେ ସମସ୍ତ ବା କେତୋଟି ମନ୍ତ୍ର ପାଠକରି ପୂର୍ଣ୍ଣାହୁତି ପୂର୍ବରୁ ଘୃତ ସାକଲ୍ୟର ଆହୁତି ଦେବାକୁ ହେବ । ପ୍ରତ୍ୟେକ ମନ୍ତ୍ରର ଆଦ୍ୟରେ ଓ୩ମ୍ ତଥା ମନ୍ତ୍ର ଶେଷରେ ଓ୩ମ୍ ସ୍ୱାହା ଉଚ୍ଚାରଣ କରି ଆହୁତି ଦେବାକୁ ହେବ । ଯଜ୍ଞଶାଳାରେ



ଉପବେଶନ କରିଥିବା ସମସ୍ତେ ସମ୍ମିଳିତ ଭାବରେ ଓ ସମସ୍ୱରରେ "ସ୍ୱାହା" ଉଚ୍ଚାରଣ କରିବେ) ।

**ଓ୩ମ୍ ଅଗ୍ନିଂ ଦୂତଂ ବୃଣୀମହେ ହୋତାରଂ ବିଶ୍ୱବେଦସମ୍ ।**
**ଅସ୍ୟ ଯଜ୍ଞସ୍ୟ ସୁକ୍ରତୁମ୍- ସ୍ୱାହା ।୧।**

**ଓଁ ଆ ବ୍ରହ୍ମନ୍ ବ୍ରାହ୍ମଣୋ ବ୍ରହ୍ମବର୍ଚ୍ଚସୀ ଜାୟତାମାରାଷ୍ଟ୍ରେ ରାଜନ୍ୟଃ ଶୂରଃ ଇଷବ୍ୟୋଃତିବ୍ୟାଧୀ ମହାରଥୋ ଜାୟତାଂ ଦୋଗ୍ଧ୍ରୀ ଧେନୁର୍ବୋଢାନଡ୍ବାନାଶୁଃ ସପ୍ତିଃ ପୁରନ୍ଧିର୍ୟୋଷା ଜିଷ୍ଣୁ ରଥେଷ୍ଠାଃ ସଭେୟୋ ଯୁବାସ୍ୟ ଯଜମାନସ୍ୟ ବୀରୋ ଜାୟତାଂ ନିକାମେନିକାମେ ନଃ ପର୍ଜନ୍ୟୋ ବର୍ଷତୁ ଫଳବତ୍ୟୋ ନଃ ଓଷଧୟଃ ପଚ୍ୟନ୍ତାଂ ଯୋଗକ୍ଷେମୋ ନଃ କଲ୍ପତାମ୍- ସ୍ୱାହା । ଇଦଂ ବ୍ରହ୍ମଣେ- ଇଦନ୍ନମମ ।୨।**

**ଓଁ ଇଦଂ ବିଷ୍ଣୁର୍ବିଚକ୍ରମେ ତ୍ରେଧା ନିଦଧେ ପଦମ୍ । ସମୂଢ଼ମସ୍ୟ ପାଂସୁରେ- ସ୍ୱାହା ।୩।**

**ଓଁ କାଣ୍ଡାତ୍ କାଣ୍ଡାତ୍ ପ୍ରରୋହନ୍ତୀ ପରୁଷଃ ପୁରୁସସ୍ପରି ।**
**ଏବା ନୋ ଦୂର୍ବେ ପ୍ରତନୁ ସହସ୍ରେଣ ଶତେନ ଚ-ସ୍ୱାହା ।୪।**

**ଓଁ ଗଣାନାଂ ତ୍ୱା ଗଣପତିଂ ହବାମହେ । ପ୍ରିୟାଣାଂ ତ୍ୱା ପ୍ରିୟପତିଂ ହବାମହେ । ନିଧୀନାଂ ତ୍ୱା ନିଧିପତିଂ ହବାମହେ ବସୋ ମମ । ଆହମଜାନି ଗର୍ଭଧମାତ୍ୱମଜାସି ଗର୍ଭଧମ୍- ସ୍ୱାହା । ଇଦଂ ଗଣପତୟେ ଇଦନ୍ନ ମମ ।୫।**

**ଓଁ ତଦ୍ବିଷ୍ଣୋଃ ପରମଂ ପଦଂ ସଦା ପଶ୍ୟନ୍ତି ସୂରୟଃ । ଦିବୀବ ଚକ୍ଷୁରାତତମ୍-ସ୍ୱାହା । ଇଦଂ ବିଷ୍ଣବେ- ଇଦନ୍ନମମ ।୬।**

**ଓଁ ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ୍ । ଉର୍ବାରୁକମିବ ବନ୍ଧନାନ୍ମୃତ୍ୟୋର୍ମୁକ୍ଷୀୟ ମାଃମୃତାତ୍ । ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ ପତିବେଦନମ୍ । ଉର୍ବାରୁକମିବ ବନ୍ଧନାଦିତୋ ମୁକ୍ଷୀୟ ମାମୃତଃ-ସ୍ୱାହା । ଇଦଂ ରୁଦ୍ରାୟ- ଇଦନ୍ନମମ ।୭।**

**ଓଁ ପାବକା ନଃ ସରସ୍ୱତୀ ବାଜେଭିର୍ବାଜିନୀ ବତୀ । ଯଜ୍ଞଂ ବଷ୍ଟୁ ଧିୟା ବସୁଃ- ସ୍ୱାହା । ଭଦଂ ସରସ୍ୱତ୍ୟୈ- ଇଦନ୍ନମମ ।୮।**

**ଓଁ ପ୍ରଜାପତିଶ୍ଚରତି ଗର୍ଭେ ଅନ୍ତରଜାୟମାନୋ ବହୁଧା ବିଜାୟତେ । ତସ୍ୟ ଯୋନିଂ ପରିପଶ୍ୟନ୍ତି ଧୀରାସ୍ତସ୍ମିନ୍‌ହତସ୍ଥୁ ର୍ଭୁବନାନିବିଶ୍ୱା-ସ୍ୱାହା ।୯।**

**ଓଁ ବିଷ୍ଣୋଃ କର୍ମାଣି ପଶ୍ୟତ ଯତୋ ବ୍ରତାନି ପସ୍ପଶେ । ଇନ୍ଦ୍ରସ୍ୟ ଯୁଜ୍ୟଃ ସଖା-ସ୍ୱାହା ।୧୦।**

**ଓଁ ବେଦାହମେତଂ ପୁରୁଷଂ ମହାନ୍ତମାଦିତ୍ୟ ବର୍ଣ୍ଣଂ ତମସଃ ପରସ୍ତାତ୍ । ତମେବ ବିଦିତ୍ୱାତି ମୃତ୍ୟୁମେତି ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ସ୍ୱାହା ।୧୧।**

**ଓଁ ଯଜ୍ଞେନ ଯଜ୍ଞମୟଜନ୍ତ ଦେବାସ୍ତାନି ଧର୍ମାଣି ପ୍ରଥମାନ୍ୟାସନ୍, ତେହନାକଂ ମହିମାନଃ ସଚନ୍ତ ଯତ୍ର ପୂର୍ବେ ସାଧ୍ୟାଃ ସନ୍ତି ଦେବାଃ ସ୍ୱାହା ।୧୨।**

**ଓଁ ସ୍ତୁତା ମୟା ବରଦା ବେଦମାତା ପ୍ରଚୋଦୟନ୍ତାଂ ପାବମାନୀ ଦ୍ୱିଜାନାମ୍, ଆୟୁଷ୍ଠ ପ୍ରାଣଂ ପ୍ରଜାଂ ପଶୁଂ କୀର୍ତ୍ତିଂ ଦ୍ରବିଣଂ ବ୍ରହ୍ମବର୍ଚ୍ଚସମ୍ ମହ୍ୟଂ ଦତ୍ତ୍ୱା ବ୍ରଜତ ବ୍ରହ୍ମଲୋକମ୍-ସ୍ୱାହା । ଇଦଂ ଗାୟତ୍ର୍ୟେ-ଇଦନ୍ନମମ ।୧୩।**

(ତ୍ରିଦିବସୀୟ, ପଞ୍ଚଦିବସୀୟ ବୃହତ୍ ଯଜ୍ଞରେ ବେଦପାଠ ପୂର୍ବରୁ ବେଦପ୍ରତି ଜନସାଧାରଣଙ୍କ ଶ୍ରଦ୍ଧା ଓ ଭକ୍ତିଭାବର ଉଦ୍ରେକ ପାଇଁ ସମସ୍ତଙ୍କ ଦ୍ୱାରା ନିମ୍ନ ଅଂଶକୁ ଆବୃତ୍ତି କରାଇ, ତା'ପରେ ଆର୍ଯ୍ୟ ସମାଜର ଦଶନିୟମ ମଧ୍ୟରୁ ତୃତୀୟ ନିୟମକୁ ମଧ୍ୟ ଆବୃତ୍ତି କରାଇ ନେବାପାଇଁ ଧ୍ୟାନ ଦେବେ) ।

ବେଦାମେ ପରମଂ ଚକ୍ଷୁଃ ବେଦାମେ ପରମଂ ବଳମ୍ ।
ବେଦାମେ ପରମଂ ଧାମ, ବେଦାମେ ବ୍ରହ୍ମଚୋତ୍ତମମ୍ ।୧।

ବେଦ ହେଉଛି ସମସ୍ତ ସତ୍ୟ ବିଦ୍ୟାର ଗ୍ରନ୍ଥ । ବେଦକୁ ପଢ଼ିବା-ପଢ଼ାଇବା, ଓ ଶୁଣିବା-ଶୁଣାଇବା ପ୍ରତ୍ୟେକ ଆର୍ଯ୍ୟଙ୍କର ପରମଧର୍ମ ଅଟେ ।

(ଆ:ସ: ୩ୟ ନିୟମ)

(ସମୟ ଓ ସମ୍ବଳକୁ ଗ୍ରହିଁ ବେଦପାଠ ଶେଷକରି ପୁଣିଥରେ ବ୍ୟାହୃତ୍ୟାହୁତିର "ଭୂରଗ୍ନୟେ ସ୍ୱାହା" ପ୍ରଭୃତି ଚାରୋଟି ମନ୍ତ୍ର, ସ୍ୱିଷ୍ଟକୃତ୍‌ର "ଯଦସ୍ୟ କର୍ମଣୋଽତ୍ୟରୀରିଚଂ" ମନ୍ତ୍ର ତଥା ପ୍ରାଜାପତ୍ୟାହୁତି ମନ୍ତ୍ରରେ ଘୃତ ଓ ଅନ୍ନର ଆହୁତି



ଦେବାକୁ ହେବ) ।

(ପୂର୍ଣ୍ଣାହୁତି ପୂର୍ବରୁ ଯଜ୍ଞକାର୍ଯ୍ୟ ନିର୍ବିଘ୍ନରେ ସମ୍ପାଦିତ ହୋଇଥିବାରୁ ହାତଯୋଡ଼ି ନିମ୍ନ ମନ୍ତ୍ର ପାଠ କରି ପରମପିତା ପରମାତ୍ମାଙ୍କୁ ନିଜ ଭକ୍ତିଅର୍ଘ୍ୟ ଥରେ ନିବେଦନ କରିବାକୁ ହେବ) ।

**ଓ୩ମ୍ ନମଃ ଶମ୍ଭବାୟଚ ମୟୋ ଭବାୟ ଚ । ନମଃ ଶଙ୍କରାୟଚ ମୟସ୍କରାୟଚ । ନମଃ ଶିବାୟ ଚ ଶିବତରାୟ ଚ ।୭।** (ଯଜୁ ଅ.୧୬-ମ.୪୧)

## ୨୨. ପୂର୍ଣ୍ଣାହୁତି ମନ୍ତ୍ରାଃ

(ନିମ୍ନଲିଖିତ ମନ୍ତ୍ରଦ୍ୱୟରେ ଘୃତ ସାକଲ୍ୟର ଆହୁତି ଦେଇ ଶ୍ରଦ୍ଧା ଓ ଭକ୍ତିର ସହିତ ତୃତୀୟ ମନ୍ତ୍ରକୁ ତିନିଥର ଉଚ୍ଚାରଣ କରି ଶେଷରେ ଘୃତ ସାକଲ୍ୟ ସହିତ ନାରିକେଳର ଆହୁତି ଦେବେ । ତ୍ରିଦିବସୀୟ, ପଞ୍ଚଦିବସୀୟ କିମ୍ବା ସପ୍ତଦିବସୀୟ ବେଦପାରାୟଣ ଯଜ୍ଞାନୁଷ୍ଠାନମାନଙ୍କରେ ପ୍ରତିଦିନ ପୂର୍ଣ୍ଣାହୁତି ନ କରି କେବଳ ଶେଷଦିନ ପୂର୍ଣ୍ଣାହୁତି ପ୍ରଦାନ କରିବେ) ।

**ଓ୩ମ୍ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।**
**ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା ବଶିଷ୍ୟତେ ।୧।**
**ଓ୩ମ୍ ପୂର୍ଣ୍ଣାଦର୍ବି ପରାପତ ସୁପୂର୍ଣ୍ଣା ପୁନରାପତ ।**
**ବସ୍ନେବ ବିକ୍ରୀଣାବହାଽଇଷମୂର୍ଜଂ ଶତକ୍ରତୋ ।୨।**
**ଓ୩ମ୍ ସର୍ବଂ ବୈ ପୂର୍ଣ୍ଣଂ ସ୍ୱାହା ।୩।**

ହେ କରୁଣା ବରୁଣାଳୟ ! ଆମର କଲ୍ୟାଣକାରୀ ଯଜ୍ଞ ବା ପରମାର୍ଥ କର୍ମକୁ ସମ୍ପୂର୍ଣ୍ଣ କରନ୍ତୁ । ଆପଣଙ୍କ ମହତୀ ଅନୁକମ୍ପାରୁ ଯଜ୍ଞକର୍ମ କେବେହେଁ ଅପୂର୍ଣ୍ଣ ବା ଅଙ୍ଗହୀନ ନ ହେଉ । ଆମ ହୃଦୟରେ ଚିରକାଳ ପାଇଁ ଏପରି ସତ୍‌ପ୍ରେରଣା ଜାଗ୍ରତ ହୋଇ ରହୁ । ଏହାହିଁ ହେଉଛି ଆମର ଅନ୍ତିମ ବିନମ୍ର ନିବେଦନ ।୩।

**-: ଇତି ଯଜ୍ଞବିଧିଃ ସମାପ୍ତଃ :-**

(ପୂର୍ଣ୍ଣାହୁତି ପ୍ରକରଣ ଶେଷ ହେବାପରେ ଯଜ୍ଞକୁଣ୍ଡର ଚତୁର୍ପାର୍ଶ୍ୱରେ

ଉପବେଶନ କରିଥିବା କର୍ମକର୍ତ୍ତାଗଣ ଦୁଇହାତ ପାପୁଲିରେ ଘୃତପାତ୍ରରୁ ଜଳମିଶ୍ରିତ ସାମାନ୍ୟ ଗରମ ଘିଅ ନେଇ ପ୍ରଥମେ ଶକ୍ତି ପ୍ରାର୍ଥନା କରିବେ । ତା'ପରେ ନିମ୍ନୋକ୍ତ ମନ୍ତ୍ରମାନଙ୍କରେ ହାତପାପୁଲିକୁ ଯଜ୍ଞାଗ୍ନିରେ ସାମାନ୍ୟ ଉଷୁମ କରି ମୁଖାଦି ସ୍ପର୍ଶ କରିବେ) ।

## ଶକ୍ତି ପ୍ରାର୍ଥନା ମନ୍ତ୍ରାଃ

**ଓ୩ମ୍ ତେଜୋଽସି ତେଜୋମୟି ଧେହି । ଓଁ ବୀର୍ଯ୍ୟମସି ବୀର୍ଯ୍ୟଂ ମୟି ଧେହି । ଓଁ ବଳମସି ବଳଂ ମୟି ଧେହି । ଓଁ ଓଜୋସ୍ୟୋଜୋ ମୟି ଧେହି । ଓଁ ମନ୍ୟୁରସି ମନ୍ୟୁଂ ମୟି ଧେହି । ଓଁ ସହୋଽସି ସହୋ ମୟି ଧେହି ।୧।** (ଯଜୁ ଅ.୧୯-ମ.୯)

ତେଜୋମୟ ପରମେଶ୍ୱର ! ମୋତେ ତେଜସ୍ୱୀ କର,
ତୁମେ ବୀର୍ଯ୍ୟବନ୍ତ ଅତ୍ୟନ୍ତ, ବୀର୍ଯ୍ୟ ପ୍ରଦାନ କର ।
ତୁମ ବଳ ଅପରିମିତ, ବଳ କିଞ୍ଚିତେ ଦିଅ,
ତୁମଠୁ କେ ନାହିଁ ଓଜସ୍ୱୀ, ଓଜଃଶାଳୀ କରାଅ ।
ତୁମେ ମନ୍ୟୁମୟ ମହାନ, ମନ୍ୟୁ କିମ୍ପା ନ ଦିଅ.
ଅଦ୍ୱିତୀୟ ସହନଶୀଳ, ସହ୍ୟ ଶକତି ଦିଅ ।୧।

**ଓ୩ମ୍ ତନୂପା ଅଗ୍ନେଽସି ତନ୍ୱଂ ମେ ପାହି ।୧।**
**ଓ୩ମ୍ ଆୟୁର୍ଦା ଅଗ୍ନେସ୍ୟାୟୁର୍ମେ ଦେହି ।୨।**
**ଓ୩ମ୍ ବର୍ଚ୍ଚୋଦା ଅଗ୍ନେଽସି ବର୍ଚ୍ଚୋ ମେ ଦେହି ।୩।**
**ଓ୩ମ୍ ଅଗ୍ନେ ଯନ୍ମେ ତନ୍ୱାଽଊନଂ ତନ୍ମ ଆପୃଣ ।୪।**
**ଓ୩ମ୍ ମେଧାଂ ମେ ଦେବଃ ସବିତା ଆଦଧାତୁ ।୫।**
**ଓ୩ମ୍ ମେଧାଂ ମେ ଦେବୀ ସରସ୍ୱତୀ ଆଦଧାତୁ ।୬।**
**ଓ୩ମ୍ ମେଧାଂ ମେ ଅଶ୍ୱିନୌ ଦେବା ବାଧତ୍ତାଂ ପୁଷ୍କର ସ୍ରଜୌ ।୭।**

(ପାର ଗୃହ୍ୟସୂତ୍ର କା. ୪-୭-୮)

(ଘିଅ ହାତ ନିର୍ଦ୍ଦେଶିତ ଅଙ୍ଗରେ ସ୍ପର୍ଶ କରାଇବାକୁ ହେବ) ।



**ଓ୩ମ୍ ବାକ୍ ଚ ମ ଆପ୍ୟାୟତାମ୍ ।୧।** (ମନ୍ତ୍ରରେ ମୁଖକୁ)
**ଓ୩ମ୍ ପ୍ରାଣଶ୍ଚ ମ ଆପ୍ୟାୟତାମ୍ ।୨।** (ନାସିକା ରନ୍ଧ୍ରଦ୍ୱୟକୁ)
**ଓ୩ମ୍ ଚକ୍ଷୁଶ୍ଚ ମ ଆପ୍ୟାୟତାମ୍ ।୩।** (ଦୁଇ ଆଖିକୁ)
**ଓ୩ମ୍ ଶ୍ରୋତ୍ରଞ୍ଚ ମ ଆପ୍ୟାୟତାମ୍ ।୪।** (ଦୁଇ କାନକୁ)
**ଓ୩ମ୍ ଯଶୋ ବଳଞ୍ଚ ମ ଆପ୍ୟାୟତାମ୍ ।୫।** (ବାହୁଦ୍ୱୟକୁ)

(ପାରସ୍କର ଗୃହ୍ୟ-୨-୪-୮)

(ନିମ୍ନୋକ୍ତ ମନ୍ତ୍ର ପାଠକରି ଭକ୍ତି ଗଦ୍‌ଗଦ ଚିତ୍ତରେ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବେ) ।

**ଓଁ ମୟିମେଧାଂ ମୟିପ୍ରଜାଂ ମୟ୍ୟଗ୍ନିସ୍ତେଜୋ ଦଧାତୁ ।୧।**
**ଓଁ ମୟିମେଧାଂ ମୟିପ୍ରଜାଂ ମୟୀନ୍ଦ୍ର ଇନ୍ଦ୍ରିୟଂ ଦଧାତୁ ।୨।**
**ଓଁ ମୟିମେଧାଂ ମୟିପ୍ରଜାଂ ମୟିସୂର୍ଯ୍ୟୋଭ୍ରାଜୋ ଦଧାତୁ ।୩।**
**ଓଁ ଯତ୍ତେ ଅଗ୍ନେ ତେଜସ୍ତେନାହଂ ତେଜସ୍ୱୀ ଭୂୟାସମ୍ ।୪।**
**ଓଁ ଯତ୍ତେ ଅଗ୍ନେ ବର୍ଚ୍ଚସ୍ତେନାହଂ ବର୍ଚ୍ଚସ୍ୱୀ ଭୂୟାସମ୍ ।୫।**
**ଓଁ ଯତ୍ତେ ଅଗ୍ନେ ହରସ୍ତେନାହଂ ହରସ୍ୱୀ ଭୂୟାସମ୍ ।୬।**

(ଆଶ୍ୱ ଅ.୧-କ.୨୧-ସୂ.୪)

## ବୈଦିକ ବିନୟ

**ଓ୩ମ୍ ଅସତୋ ମା ସଦ୍‌ଗମୟ । ତମସୋ ମା ଜ୍ୟୋତିର୍ଗମୟ । ମୃତ୍ୟୋର୍ମାଽମୃତଂ ଗମୟ ।୨।** (ଶତପଥ ବ୍ରାହ୍ମଣ ୧୪-୩-୧-୩୦)

ଅସତ୍ୟ ପଥରୁ ଉଦ୍ଧରି ସତ୍ୟ ପଥରେ ନିଅ,
ଅଜ୍ଞାନାନ୍ଧକାର ବିନାଶି ଜ୍ଞାନାଲୋକ ଦେଖାଅ ।
ମୃତ୍ୟୁ ବନ୍ଧନକୁ ଛେଦି ମୋ ଅମୃତମୟ କର,
ତୁମ ପାରୁଣେ ପରମେଶ ! ନିବେଦନ ମୋହର ।୨।

ତ୍ୱମେବ ମାତା ଚ ପିତା ତ୍ୱମେବ, ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ ।

ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ, ତ୍ୱମେବ ସର୍ବଂ ମମ ଦେବ ଦେବ ।୩।
ତୁମେ ହିଁ ମାତା ପିତା ତୁମେ ହିଁ, ତୁମେ ହିଁ ସଖା ତୁମେ ବାନ୍ଧବ ।
ତୁମେ ହିଁ ବିଦ୍ୟା ସମ୍ପଦ ତୁମେ, ତୁମେ ହିଁ ମମ ଉପାସ୍ୟ ଦେବ ।୩।

## ମାଙ୍ଗଳିକ କାର୍ଯ୍ୟ (ବାମଦେବ୍ୟଗାନ)

(ଗର୍ଭାଧାନଠାରୁ ଆରମ୍ଭକରି ସନ୍ନ୍ୟାସ ପର୍ଯ୍ୟନ୍ତ ପ୍ରତ୍ୟେକ ସଂସ୍କାରରେ, ତଥା ମାଙ୍ଗଳିକ କାର୍ଯ୍ୟରେ, ଯଜ୍ଞକାର୍ଯ୍ୟ ସମାପନକରି ନିମ୍ନଲିଖିତ ସାମବେଦୋକ୍ତ "ବାମଦେବ୍ୟଗାନ" ଅବଶ୍ୟ କରିବେ) ।

**ଓ୩ମ୍ ଭୂର୍ଭୁବଃ ସ୍ୱଃ । କୟା ନଶ୍ଚିତ୍ର ଆ ଭୁବଦୂତୀ ସଦାବୃଧଃ ସଖା ।**
**କୟା ଶଚିଷ୍ଠୟା ବୃତା ।୧।**
**ଓ୩ମ୍ ଭୂର୍ଭୁବଃ ସ୍ୱଃ । କସ୍ତ୍ୱା ସତ୍ୟୋ ମଦାନାଂ ମଂହିଷ୍ଠୋ ମତ୍ସଦନ୍ଧସଃ ।**
**ଦୃଢ଼ା ଚିଦାରୁଜେ ବସୁ ।୨।**
**ଓ୩ମ୍ ଭୂର୍ଭୁବଃ ସ୍ୱଃ । ଅଭୀ ଷୁଣଃ ସଖୀନାମବିତା ଜରିତୃଣାମ୍ ।**
**ଶତଂ ଭବାସ୍ୟୂତୟେ ।୩।**

ଅଦ୍ଭୁତ ଗୁଣ, କର୍ମ, ସ୍ୱଭାବକୁ ବହନ କରିଥିବା ହେ ପରମେଶ୍ୱର ! ତୁମେ ହିଁ ଜୀବାତ୍ମାର ଉନ୍ନତି ଦିଗ ପ୍ରଦର୍ଶକ । କେଉଁ ପ୍ରସାଧନ ବିଧିରେ, କିପରି ବ୍ୟବହାରରେ ଓ କେଉଁ ଆଚରଣଦ୍ୱାରା ତୁମ୍ଭେ ଆମ୍ଭେମାନଙ୍କର ମିତ୍ର ହେଉଛ ? ଏ ପ୍ରଶ୍ନର ଉତ୍ତରରେ କୁହାଯାଇପାରେ କେବଳ ଜ୍ଞାନ ଓ ଧନଦ୍ୱାରା ।୧।

ସତ୍ୟସ୍ୱରୂପ, ଆନନ୍ଦଦାୟକ ପଦାର୍ଥଗୁଡ଼ିକ ମଧ୍ୟରୁ କେଉଁ ପଦାର୍ଥ ଆପଣଙ୍କୁ ସର୍ବାପେକ୍ଷା ଅଧିକ ଆନନ୍ଦିତ କରୁଛି ? ପ୍ରସନ୍ନ କରୁଛି ? ଏହାର ଉତ୍ତରରେ କୁହାଯିବ- ସମସ୍ତ ପଦାର୍ଥ ମଧ୍ୟରେ ଯଜ୍ଞ ହିଁ ଆପଣଙ୍କୁ ସବୁଠାରୁ ଅଧିକ ଆନନ୍ଦିତ କରୁଛି । କାରଣ ଆପଣ ଯଜ୍ଞଦ୍ୱାରା ପ୍ରସନ୍ନ ହୋଇ, ଜୀବର ଦୃଢ଼ ବନ୍ଧନକୁ, ବିଭିନ୍ନ ପ୍ରକାର ପାଶକୁ ଛିନ୍ନକରି ଦେଉଛ ଏବଂ ତାକୁ ମୋକ୍ଷରୂପୀ ଧନ ପ୍ରଦାନ କରୁଛ ।୨।

ହେ ଜଗଦୀଶ୍ୱର ! ଆପଣ ଆମ୍ଭମାନଙ୍କୁ ଐଶ୍ୱର୍ଯ୍ୟ ପ୍ରଦାନ କରୁଛନ୍ତି । ହେ



ପ୍ରଭୋ ! ଆମ୍ଭମାନଙ୍କୁ, ଆମର ମିତ୍ରଗଣଙ୍କୁ, ତଥା ଆପଣଙ୍କ ଭକ୍ତ ଓ ଉପାସକ ମାନଙ୍କୁ ସୁନ୍ଦରଭାବେ ରକ୍ଷଣାବେକ୍ଷଣ କରୁଛ । ତେଣୁ ଆପଣ ହିଁ ଆମ୍ଭମାନଙ୍କର ଏକମାତ୍ର ଉପାସ୍ୟ ଦେବ ଅଟନ୍ତି ।୩।

(ଏହାପରେ ସାମବେଦୋକ୍ତ "ମହାବାମଦେବ୍ୟ-ଗାନ" କରିବା ଆବଶ୍ୟକ) ।

## ମହାବାମଦେବ୍ୟ ଗାନମ୍

**କାଃ ୫ୟା । ନଶ୍ଚ ୩ ୟିତ୍ରା ୩ ଆଭୁବାତ୍ । ଊ । ତୀ ସଦାବୃଧଃ ସ । ଖା । ଔ ୩ ହୋହାୟି । କୟା ୨୩ ଶଗ୍ଚୟି । ଷ୍ଠୟୌହୋ ୩ । ହୁଂମା । ବା ୧ ୨ ର୍ତୋ ୩ ୧ ୫ ହାୟି ।୧।**

**କା ୧ ୫ସ୍ତ୍ୱା । ସତ୍ୟୋ ୩ ମା ୩ ଦାନାମ୍ । ମା । ହିଷ୍ଠୋମାତ୍ସାଦନ୍ଧ । ସା । ଔ ୩ ହୋହାୟି ଦୃଢ଼ା ୨୩ ଚିଦା । ରୁଜୌହୋ ୩ । ହୁଂମା ୨ । ବାଃ୨ସୋ ୩ଃ୫ ହାୟି ।୨।**

**ଆଃ ୫ଭୀ । ଷୁଣା ୩ଃ ସା୩ଖୀନାମ୍ । ଆ । ବିତା ଜରାୟିତୃଣାମ୍ । ଔ୨୩ ହୋ ହାୟି । ଶତା୩ମ୍ ଭବା ସିୟୌହୋ ୩ ହୁଂମା ୨ । ତାଃ୨ୟୋ ୩ଃ୫ ହାୟି ।୩।**

(ସାମ ଉତ୍ତରାର୍ଚିକେ ଅ.୧-ଖ.୪-ମ.୧ରୁ୩)

ହେ ସର୍ବଜ୍ଞ, ସର୍ବବ୍ୟାପକ, ପରମସଖା ପରମାତ୍ମନ୍ ! ସତ୍ କର୍ମ ଓ ସଦ୍‌ବୁଦ୍ଧି ଦ୍ୱାରା, ସର୍ବଦା ସର୍ବତ୍ର ଆପଣଙ୍କୁ ଉପଲବ୍ଧି କରାଯାଏ । ପଞ୍ଚଭୂତ ବା ପଞ୍ଚ ଉପାଦାନରେ ଗଠିତ ଏହି ଶରୀରର ପୁଷ୍ଟି ସାଧନ ଓ ବଳିଷ୍ଠ କରିବା ପାଇଁ, ଅନ୍ନର ଅତ୍ୟନ୍ତ ଆବଶ୍ୟକତା ରହିଛି । ତେଣୁ ଅନ୍ନ ଉତ୍ପାଦନ କରୁଥିବା ଦେଶମାତୃକାର ସେବା ଓ ସୁରକ୍ଷା କରିବା ପ୍ରତ୍ୟେକ ମାନବର ଅପରିହାର୍ଯ୍ୟ ସର୍ବପ୍ରଥମ କର୍ତ୍ତବ୍ୟ ଓ ଧର୍ମ ଅଟେ । ହେ ପରମଦୟାଳୋ ! ଆପଣ ହିଁ ପ୍ରାଣୀଗଣଙ୍କର ଏକମାତ୍ର ରକ୍ଷକ ଓ ପାଳକ ଅଟନ୍ତି । ଆମେ ସମସ୍ତେ ହେଉଛୁ ଆପଣଙ୍କ ଶରଣାପନ୍ନ । ଦୟାକରି ଆମ୍ଭମାନଙ୍କ ଉପରେ ଆପଣଙ୍କ କୃପାବାରି ବର୍ଷଣ କରି ଶାଶ୍ୱତ ଶାନ୍ତି ପ୍ରଦାନ କରନ୍ତୁ ।

(ଯଜମାନ ଦମ୍ପତୀ ଯଜ୍ଞାରମ୍ଭ ସମୟରେ ପ୍ରତିଜ୍ଞାକରି ବ୍ରତାରମ୍ଭ କରିଥିଲେ । ନୀତିନିୟମପୂର୍ବକ ନିଷ୍ଠାର ସହିତ ବ୍ରତ ସମାପନ କରିଥିବାରୁ, ଶେଷରେ ନିମ୍ନୋକ୍ତ ମନ୍ତ୍ର ପାଠକରି ବ୍ରତ ବିସର୍ଜନ କରିବେ । ବ୍ରତ ବିସର୍ଜନର ଅର୍ଥ ହେଉଛି, ତ୍ରି-ଦିବସୀୟ, ପଞ୍ଚ-ଦିବସୀୟ ଯଜ୍ଞରେ ସେ ଯେପରି ଆବଦ୍ଧ ହୋଇ ରହିଥିଲେ, ଅର୍ଥାତ୍ ସକଳ କର୍ତ୍ତବ୍ୟକୁ ଗୌଣ ମନେକରି ଯଜ୍ଞ କର୍ମକୁ କେବଳ ପ୍ରାଧାନ୍ୟ ଦେଇଥିଲେ, ତହିଁରୁ ସେ ମୁକ୍ତ ହେଲେ ।ଏହାର ଅର୍ଥ ଯଜ୍ଞୋପବୀତ ତ୍ୟାଗ ବା ଉତ୍ତମ କର୍ମ ପରିତ୍ୟାଗ, କଦାପି ହୋଇ ନ ପାରେ) ।

**ଓ୩ମ୍ ଅଗ୍ନେ ବ୍ରତପତେ ବ୍ରତମଚାରିଷଂ ତଦଶକଂ ତନ୍ମେଽରାଧୀଦମହଂ ଯଃ ଏବାଽସ୍ମି ସୋଽସ୍ମି ।୧।** (ଯଜୁ ଅ. ୨-ମ.୨୮)

ହେ ପ୍ରକାଶମୟ ଅଗ୍ନେ ! ଆପଣ ସକଳ ବ୍ରତର ଏକମାତ୍ର ସ୍ୱାମୀ ଅଟନ୍ତି । ଆପଣଙ୍କ ମହତୀ ଅନୁକମ୍ପାରୁ, ମୁଁ ଏହି ଶୁଭ ଯଜ୍ଞ କର୍ମକୁ ନିର୍ବିଘ୍ନରେ ସମ୍ପାଦନ କରିବାରେ ସମର୍ଥ ହୋଇଅଛି । ମୋର ଏହି ସୁମହତ୍ ଶୁଭକର୍ମକୁ ଆପଣ ହିଁ ମୁଖ୍ୟତଃ ସମ୍ପାଦନ କରିଛନ୍ତି । ପ୍ରଥମେ ମୁଁ ଯେଉଁପରି ଥିଲି, ବର୍ତ୍ତମାନ ସେହିପରି ରହୁଛି ।୧।

ଯଜ୍ଞ ପ୍ରାର୍ଥନା

(ଏହାପରେ ସମସ୍ତେ ସମ୍ମିଳିତ କଣ୍ଠରେ ଯଜ୍ଞ ପ୍ରାର୍ଥନା ଆବୃତ୍ତି କରିବେ) ।

ପୂଜନୀୟ ପ୍ରଭୋ ! ହମାରେ ଭାବ ଉଜ୍ଜ୍ୱଲ କୀଜିଏ ।
ଛୋଡ଼୍ ଦେୱେଁ ଛଲ କପଟ କୋ ମାନସିକ ବଲ ଦିଜୀଏ ।୧।
ବେଦ କୀ ବୋଲେ ଋଚାୟେଁ, ସତ୍ୟ କୋ ଧାରଣ କରେଁ ।
ହର୍ଷ ମେଁ ହୋ ମଗ୍ନ ସାରେ ଶୋକ ସାଗର ସେ ତରେଁ ।୨।
ଅଶ୍ୱ ମେଧାଦିକ ରଚାଏଁ ଯଜ୍ଞ ପର ଉପକାର କୋ ।
ଧର୍ମ ମର୍ଯ୍ୟାଦା ଚଲାକର୍ ଲାଭ ଦେ ସଂସାର କୋ ।୩।
ନିତ୍ୟ ଶ୍ରଦ୍ଧା ଭକ୍ତି ସେ ଯଜ୍ଞାଦି ହମ୍ କରତେ ରହେଁ ।



ରୋଗ ପୀଡିତ ବିଶ୍ୱକେ ସନ୍ତାପ ସବ୍ ହର୍ତେ ରହେଁ ।୪।
ଭାୱନା ମିଟ୍ ଜାୟେ ମନ୍‌ସେ, ପାପ ଅତ୍ୟାଚାର କୀ ।
କାମନାୟେଁ ପୂର୍ଣ୍ଣ ହୋୱେଁ ଯଜ୍ଞସେ ନରନାର କୀ ।୫।
ଲାଭକାରୀ ହୋ ହବନ ହର ପ୍ରାଣଧାରୀ କେ ଲିୟେ ।
ବାୟୁ, ଜଲ ସର୍ବତ୍ର ହୋଁ ଶୁଭ ଗନ୍ଧ କୋ ଧାରଣ କିୟେ ।୬।
ସ୍ୱାର୍ଥ ଭାବ ମିଟେ ହମାରା ପ୍ରେମ ପଥ ବିସ୍ତାର ହୋ ।
"ଇଦନ୍ନମମ" କା ସାର୍ଥକ ପ୍ରତ୍ୟେକ ମେଁ ବ୍ୟବହାର ହୋ ।୭।
ପ୍ରେମ ରସମେଁ ମଗ୍ନ ହୋକର, ବନ୍ଦନା ହମ କର ରହେଁ ।
'ନାଥ' କରୁଣା ରୂପ କରୁଣା ଆପକୀ ସବ୍ ପର ରହେଁ ।୮।

## ଆରତୀ

ଓ୩ମ୍ ଜୟ ଜଗଦୀଶ ହରେ, ସ୍ୱାମୀ ଜୟ ଜଗଦୀଶ ହରେ,
ଭକ୍ତ ଜନୋଁକେ ସଂକଟ, ଆର୍ଯ୍ୟଜନୋଁ କେ ସଙ୍କଟ କ୍ଷଣମେଁ ଦୂରକରେ...ଓଁ ଜୟ...।୧।
ଜୋ ଧ୍ୟାୱେ ଫଲ ପାୱେଁ, ଦୁଃଖ ବିନାଶେ ମନ କା ।
ସୁଖ ସମ୍ପତ୍ତି ଘର୍ ଆୱେଁ, କଷ୍ଟ ମିଟେ ତନ କା...ଓଁ ଜୟ...।୨।
ମାତ ପିତା ତୁମ୍ ମେରେ, ଶରଣ ଗହୁଁ କିସ୍‌କୀ ।
ତୁମ୍ ବିନ୍ ଔର୍ ନ ଦୁଜା, ଆଶ କରୁଁ ଜିସ୍‌କୀ...ଓଁ ଜୟ...।୩।
ତୁମ୍ ପୂରଣ ପରମାତ୍ମା ତୁମ୍ ଅନ୍ତରୟାମୀ ।
ପାର ବ୍ରହ୍ମ ପରମେଶ୍ୱର ତୁମ୍ ସବକେ ସ୍ୱାମୀ...ଓଁ ଜୟ...।୪।
ତୁମ୍ କରୁଣା କେ ସାଗର, ତୁମ୍ ପାଲନ କରତା ।
ମୈଁ ସେବକ ତୁମ୍ ସ୍ୱାମୀ, କୃପା କରୋ ଭର୍ତ୍ତା...ଓଁ ଜୟ...।୫।
ତୁମ୍ ହୋ ଏକ ଅଗୋଚର ସବ୍‌କେ ପ୍ରାଣପତି ।
କିସ ବିଧୁ ମିଲୁଁ ଦୟାମୟ ! ଦୀଜେ ମୋହେ ସୁମତି...ଓଁ ଜୟ...।୬।

ଦୀନ ବନ୍ଧୁ ଦୁଃଖ ହର୍ତ୍ତା, ତୁମ୍ ରକ୍ଷକ ମେରେ ।
କରୁଣା ହସ୍ତ ବଢ଼ାଓ, ଶରଣ ପଡ଼ା ତେରେ...ଓଁ ଜୟ...।୭।
ବିଷୟ ବିକାର ମିଟାଓ , ପାପହରୋ ଦେୱା ।
ଶ୍ରଦ୍ଧା ଭକ୍ତି ବଢ଼ାଓ, ସନ୍ତାନ କୀ ସେୱା...ଓଁ ଜୟ...।୮।
ତନ ମନ ଧନ୍ ସବ୍ କୁଛ୍ ହୈ ତେରା ।
ତେରା ତୁଝ୍ କୋ ଅର୍ପଣ କ୍ୟା ଲାଗେ ମେରା...ଓଁ ଜୟ...।୯।

(ଏହାପରେ ଯଜ୍ଞକୁଣ୍ଡର ଈଶାନକୋଣ (ଉତ୍ତର-ପୂର୍ବ ଦିଗକୋଣ)ରେ ସ୍ଥାପିତ, ଜଳସୀର ଜଳକୁ, ନିମ୍ନୋକ୍ତ ମନ୍ତ୍ରପାଠ କରି ଯଜ୍ଞ କର୍ତ୍ତାଙ୍କ ଉପରେ ଆମ୍ରଡ଼ାଳଦ୍ୱାରା ସିଞ୍ଚନ କରିବେ) ।

**ଓ୩ମ୍ ବସୋଃ ପବିତ୍ରମସି ଦ୍ୟୌରସି ପୃଥୀବ୍ୟସି ମାତରିଶ୍ୱନୋ ଘର୍ମୋଽସି ବିଶ୍ୱଧାଽଅସି ।**
**ପରମେଣ ଧାମ୍ନା ଦୃହଂସ୍ୱ ମା ହ୍ୱାର୍ମାତେ ଯଜ୍ଞପତିର୍ହ୍ୱାର୍ଷୀତ୍ ।୧।**

(ଯଜୁ ଅ. ୧-ମ.୨)

**ଓ୩ମ୍ ଆପୋ ହିଷ୍ଠା ମୟୋଭୁବସ୍ତା ନ ଊର୍ଜ୍ଜେ ଦଧାତନ ।**
**ମହେ ରଣାୟ ଚକ୍ଷସେ ।୨।**
**ଓମ୍ ଯୋ ବଃ ଶିବତମୋ ରସସ୍ତସ୍ୟ ଭାଜୟତେ ହନଃ ।**
**ଉଶତୀରିବ ମାତରଃ ।୩।**
**ଓ୩ମ୍ ତସ୍ମା ଅରଂ ଗମାମ ବୋ ଯସ୍ୟ କ୍ଷୟାୟ ଜିନ୍ୱଥ ।**
**ଆପୋ ଜନୟଥା ଚ ନଃ ।୪।**

(ଅଥର୍ବ କା. ୧-ସୂ.୫ମ.୧ରୁ୩)

ହେ ଜଳ ! ତୁମେ ସ୍ୱୟଂ ପବିତ୍ର ହୋଇଥିବାରୁ, ଅନ୍ୟମାନଙ୍କୁ ମଧ୍ୟ ପବିତ୍ର କରାଅ । ତୁମେ ଦୁଗ୍ଧସମାନ ବଳ ପ୍ରଦାନ କର । ସ୍ୱର୍ଗ ଲୋକର ରୂପାନ୍ତରିତ ଏହି ମୃତ୍ତିକା ପାତ୍ରରେ ତୁମେ ଅବସ୍ଥାନ କରୁଛ । ହେ ଜଳପାତ୍ର ! ତୁମେ ମୃତ୍ତିକାରେ ନିର୍ମିତ, ତେଣୁ ପୃଥିବୀ ଓ ବାୟୁର ସଞ୍ଚାରଣସ୍ଥଳୀ ହେବା ସଙ୍ଗେ ସଙ୍ଗେ, ଅନ୍ତରୀକ୍ଷ



ମଧ୍ୟ ଅଟ । ଯଜମାନଙ୍କୁ ଦିବ୍ୟସୁଖ ପ୍ରଦାନ କରିବାରେ ତୁମେ ସତତ ସହାୟକ ହୁଅ ।୧।

(ଅନ୍ୟ ମନ୍ତ୍ରତ୍ରୟର ଅର୍ଥ ସ୍ନାନକାଳୀନ ମନ୍ତ୍ରରେ ଉଲ୍ଲେଖ କରାଯାଇଛି) ।

(ଜଳସିଞ୍ଚନ ପରେ ବ୍ରହ୍ମା, ପୁରୋହିତ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତିଗଣ ଅକ୍ଷତ ଓ ପୁଷ୍ପ ଧାରଣ କରି, ଯଜମାନ ଦମ୍ପତୀଙ୍କୁ ନିମ୍ନୋକ୍ତ ମନ୍ତ୍ରରେ ଆଶୀର୍ବାଦ ପ୍ରଦାନ କରିବେ) ।

## ଆଶୀର୍ବାଦ ପ୍ରଦାନ...

**ଓ୩ମ୍ ଉତ୍ ତିଷ୍ଠ ବ୍ରହ୍ମଣସ୍ପତେ ଦେବାନ୍ ଯଜ୍ଞେନ ବୋଧୟ ।**
**ଆୟୁଷ୍ଠ ପ୍ରାଣଂ ପ୍ରଜାଂ ପଶୂନ୍ କୀର୍ତ୍ତିଂ ଯଜମାନଞ୍ଚ ବର୍ଧୟ ।୧।**

(ଅଥର୍ବ କା.୧୯-ସୂ.୬୩-ମ.୧)

**ଓ୩ମ୍ ଧ୍ରୁ ବାସି ଧ୍ରୁ ବୋଽୟଂ ଯଜମାନୋଽସ୍ମିନାୟତନେ ପ୍ରଜୟା ପଶୁଭିର୍ଭୂୟାତ୍ ।**
**ଘୃତେନ ଦ୍ୟାବା ପୃଥିବୀ ପୂର୍ଯେଥା ମିନ୍ଦ୍ରସ୍ୟ ଛଦିରସି ବିଶ୍ୱଜନସ୍ୟ ଛାୟା ।୨।**

(ଯଜୁ ଅ.୫-ମ.୨୮)

ହେ ବ୍ରହ୍ମଜ୍ଞାନୀ ! ତୁମେ ଉଠ, ଶୁଭଯଜ୍ଞକର୍ମଦ୍ୱାରା ଦେବଗଣଙ୍କୁ ଜାଗ୍ରତ କର । ଆୟୁ, ପ୍ରାଣ, ପ୍ରଜା, ପଶୁ, ଓ କୀର୍ତ୍ତିଦ୍ୱାରା ଯଜ୍ଞକର୍ତ୍ତା ଯଜମାନଙ୍କୁ ସମୃଦ୍ଧ କର ।୧।

ହେ ଯଜ୍ଞକର୍ତ୍ତ୍ରୀ ଯଜ୍ଞମାନଙ୍କ ସ୍ତ୍ରୀ ! ତୁମେ ଯେପରି ନିଜର ସନ୍ତାନ-ସନ୍ତତି, ତଥା ଗଜ, ଅଶ୍ୱ, ଗବାଦି ପଶୁଗଣଙ୍କ ସହିତ, ସମସ୍ତଙ୍କ ସତ୍କାରଯୋଗ୍ୟ ଯଜ୍ଞକର୍ମ ସଂପାଦନରେ ଦୃଢ଼ସଙ୍କଳ୍ପ ହୋଇଛ, ଠିକ୍ ସେହିପରି ଯଜ୍ଞକର୍ତ୍ତା ତୁମର ପତିଦେବ ଯଜମାନ ମଧ୍ୟ ଦୃଢ଼ସଙ୍କଳ୍ପ କରିଅଛନ୍ତି । ତୁମେ ଦି'ଜଣ ଘୃତାଦି ସୁଗନ୍ଧିତ ପଦାର୍ଥଦ୍ୱାରା ଆକାଶ ଓ ଭୂମଣ୍ଡଳକୁ ପରିପୂର୍ଣ୍ଣ କର । ହେ ଯଜ୍ଞକାରିଣୀ ସ୍ତ୍ରୀ ! ଏହି ଯଜ୍ଞରୁ ତୁମେ ଐଶ୍ୱର୍ଯ୍ୟକୁ ମଧ୍ୟ ଲାଭ କରିପାରିବ । ତୁମେ ପତିପତ୍ନୀ ଦି'ଜଣ ବର୍ତ୍ତମାନ ସଂସାରର ସୁଖ-ଶାନ୍ତି ସଂବୃଦ୍ଧି କରିବାରେ ଅତ୍ୟନ୍ତ ସହାୟକ ହୁଅ ।୨।

**ଓ୩ମ୍ ସତ୍ୟାଃ ସନ୍ତୁ ଯଜମାନସ୍ୟ କାମାଃ । ଓ୩ମ୍ ଶିବାଃ ସନ୍ତୁ ଯଜମାନସ୍ୟ କାମାଃ । ଓ୩ମ୍ ସିଦ୍ଧାଃ ସନ୍ତୁ ଯଜମାନସ୍ୟ କାମାଃ । ଓ୩ମ୍ ସଫଳାଃ ସନ୍ତୁ ଯଜମାନସ୍ୟ**

**କାମାଃ । ଓ୩ମ୍ ପୂର୍ଣ୍ଣାଃ ସନ୍ତୁ ଯଜମାନସ୍ୟ କାମାଃ । ଓ୩ମ୍ ସ୍ୱସ୍ତି ସ୍ୱସ୍ତି ସ୍ୱସ୍ତି ।**

(ଅକ୍ଷତ ଓ ପୁଷ୍ପକୁ ମସ୍ତକ ଉପରେ ବର୍ଷଣ କରିବେ)

(ନିମ୍ନଲିଖିତ ମଙ୍ଗଳକାମନା ଜଣେ ଆବୃତ୍ତି କରିବେ, ଅନ୍ୟମାନେ ତାକୁ ପ୍ରତ୍ୟାବୃତ୍ତି କରି, ଫୁଲ-ଚାଉଳ ବର୍ଷଣ କରିବେ) ।

ସର୍ବଶୁଭେ ହେଲା ଯଜ୍ଞ ସମାପ୍ତି,
ପୁଣ୍ୟଭାଗୀ ଯଜମାନ ଦମ୍ପତୀ ।୧।
ଶ୍ରଦ୍ଧା-ଭକତିରେ ଯଜ୍ଞକୁ ଆସି
ଘୃତାହୁତି ଦେଲେ ଆନନ୍ଦେ ବସି ।୨।
ସେ ଆହୁତି ଲଭି ଅଗ୍ନିଦେବତା,
ହରଷେ ଟେକିଲେ ଊର୍ଦ୍ଧ୍ୱକୁ ମଥା ।୩।
ଦେବା-ଦେବୀଗଣ ହେଲେ ତୃପତ,
ଶୁଦ୍ଧ-ସୁରଭିତ ହୋଇଲା ବାତ ।୪।
ହେ ସର୍ବନିୟନ୍ତା ଜଗଦୀଶ୍ୱର !
ନିବେଦନ ଘେନ ବାରେ ଆମର ।୫।
ସୁଖରେ ରହନ୍ତୁ ଏ ଯଜମାନ,
ଦୁଃଖ-କ୍ଲେଶ ଦୂର ହେଉ ବହନ ।୬।
ମୁଖରେ ହସର ଜୁଆର ବୋହୁ,
ପୁଣ୍ୟକାମେ ମନ ମଗନ ରହୁ ।୭।
ଯଜ୍ଞର ଭାବନା ଅନ୍ତରେ ଥାଉ,
ତ୍ରିତାପ ତାଙ୍କର ଦୂରେଇ ଯାଉ ।୮।
ସନ୍ତାନ-ସନ୍ତତି ଊଣା ନ ହେଉ,
ଧନ-ଧାନ୍ୟେ ପୂର୍ଣ୍ଣ ଭବନ ରହୁ ।୯।
ଦାନ-ଧ୍ୟାନ-ଧର୍ମ-ଶୁଭ କରମ,



ହେଉ ୟାଙ୍କ କାର୍ଯ୍ୟେ ପ୍ରତିଫଳନ ।୧୦।
ହେ ସଜ୍ଜନଗଣ ! ପାଞ୍ଚ ମଙ୍ଗଳ,
ଆଧି-ବ୍ୟାଧି ଦୂର ହେଉ ସକଳ ।୧୧।
ଶୁଭକାଳେ କରୁ ଶୁଭ କାମନା,
ପୂରଣ କରିବେ ସେ ପରମାତ୍ମା ।୧୨।
ଅକ୍ଷତ-କୁସୁମେ ଦେଉଁ ଆଶିଷ,
କ୍ଷୟ ନୋହୁ କେବେ ଏହାଙ୍କ ଯଶ ।୧୩।
ଫୁଲପରି ରହୁ ମୁଖରେ ହସ,
ସୁରଭି ବିତରି ଲଭନ୍ତୁ ତୋଷ ।୧୪।
ହେ ମଙ୍ଗଳମୟ ! ଜଗଦୀଶ୍ୱର,
ମନୋବାଞ୍ଛା ୟାଙ୍କ ପୂରଣ କର ।୧୫।

(ପ୍ରତ୍ୟେକ ଆର୍ଯ୍ୟ ସମାଜର ସାପ୍ତାହିକ ସତ୍ସଙ୍ଗ ନିର୍ଦ୍ଦିଷ୍ଟ ଦିନ, ଦୁଇଘଣ୍ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ଆବଶ୍ୟକ । ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭାର ଧର୍ମାର୍ଯ୍ୟସଭା ତା ପାଇଁ ନିମ୍ନୋକ୍ତ ପ୍ରକାରେ ସମୟ ନିର୍ଦ୍ଧାରଣ କରିଛନ୍ତି । ତାକୁ ବିଗ୍ରହକରି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ହେବ) ।

## ସାପ୍ତାହିକ ସତ୍ସଙ୍ଗ କାର୍ଯ୍ୟକ୍ରମ

(ସମୟ ଦୁଇଘଣ୍ଟା)

ସନ୍ଧ୍ୟାହବନ ୩୦ ମିନିଟ୍ । ବେଦମନ୍ତ୍ରଦ୍ୱାରା ପ୍ରାର୍ଥନା ୫ ମିନିଟ୍ । ଈଶ୍ୱର ଭକ୍ତି ଭଜନ ୫ ମିନିଟ୍ । ବେଦୋପଦେଶ ୨୦ ମିନିଟ୍ । ସତ୍ୟାର୍ଥ ପ୍ରକାଶ ବା ଋଗ୍‌ବେଦାଦି ଭାଷ୍ୟ ଭୂମିକା କ୍ରମପୂର୍ବକ ପାଠ ୧୫ ମିନିଟ୍ । ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୀବନୀ ପାଠ ୧୫ ମିନିଟ୍ । ଭଜନଟିଏ ଆବୃତ୍ତି ୫ ମିନିଟ୍ । ବିଶେଷ

ପ୍ରବଚନାଦି ୨୦ ମିନିଟ୍ । ଆର୍ଯ୍ୟ ସମାଜର ଦଶନିୟମ ଓ ଋଗ୍‌ବେଦର ଅନ୍ତିମ ସୂକ୍ତପାଠ... ୫ ମିନିଟ୍ ।

(ବେଦୋପଦେଶରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ବେଦ ଭାଷ୍ୟକୁ ପ୍ରାଧାନ୍ୟ ଦିଆଯିବ) ।

## ମାନବିକତାର୍ ନୀତି ଦଶକ
## ବା
## ଆର୍ଯ୍ୟ ସମାଜର୍ ଦଶ ନିୟମ

(ସାପ୍ତାହିକ ସତ୍ସଙ୍ଗରେ ଜଣେ ବ୍ୟକ୍ତି ଆର୍ଯ୍ୟସମାଜର ଦଶ ନିୟମ ପାଠକରି ସମସ୍ତଙ୍କୁ ଶୁଣାଇବେ) ।

୧ :- ସମସ୍ତ ସତ୍ୟବିଦ୍ୟା ଓ ପଦାର୍ଥବିଦ୍ୟାଦ୍ୱାରା ଯାହାସବୁ ଜଣାଯାଏ, ସେ ସବୁର ଆଦିକାରଣ ପରମେଶ୍ୱର ଅଟନ୍ତି ।

୨ :- ଈଶ୍ୱର ସଚ୍ଚିଦାନନ୍ଦ ସ୍ୱରୂପ, ନିରାକାର, ସର୍ବଶକ୍ତିମାନ୍, ନ୍ୟାୟକାରୀ, ଦୟାଳୁ, ଅଜନ୍ମା, ଅନନ୍ତ, ନିର୍ବିକାର, ଅନାଦି, ଅନୁପମ୍, ସର୍ବାଧାର, ସର୍ବେଶ୍ୱର, ସର୍ବବ୍ୟାପକ, ସର୍ବାନ୍ତର୍ଯ୍ୟାମୀ, ଅଜର, ଅମର, ଅଭୟ, ନିତ୍ୟ, ପବିତ୍ର ଓ ସୃଷ୍ଟିକର୍ତ୍ତା ଅଟନ୍ତି । ତାଙ୍କୁହିଁ ଉପାସନା କରିବା ଉଚିତ ।

୩ :- ବେଦ ହେଉଛି ସମସ୍ତ ସତ୍ୟ ବିଦ୍ୟାର ଗ୍ରନ୍ଥ । ବେଦକୁ ପଢ଼ିବା, ପଢ଼ାଇବା ଓ ଶୁଣିବା ଶୁଣାଇବା ପ୍ରତ୍ୟେକ ଆର୍ଯ୍ୟଙ୍କର ପରମ ଧର୍ମ ଅଟେ ।

୪ :- ସତ୍ୟକୁ ଗ୍ରହଣ କରିବା ଓ ଅସତ୍ୟକୁ ତ୍ୟାଗ କରିବା ପାଇଁ ସର୍ବଦା ଉଦ୍ୟମଶୀଳ ହେବା ଆବଶ୍ୟକ ।

୫ :- ସମସ୍ତ କାର୍ଯ୍ୟ ଧର୍ମାନୁସାରେ ଅର୍ଥାତ୍ ସତ୍ୟ ଓ ଅସତ୍ୟକୁ ବିଗ୍ଚାର କରି କରିବା ଉଚିତ ।

୬ :- ସଂସାରର ଉପକାର କରିବା ଅର୍ଥାତ୍ ଶାରୀରିକ, ଆତ୍ମିକ ଓ ସାମାଜିକ ଉନ୍ନତି ସାଧନ କରିବା ହେଉଛି ଆର୍ଯ୍ୟସମାଜର ମୁଖ୍ୟ ଉଦ୍ଦେଶ୍ୟ ।

୭ :- ସମସ୍ତଙ୍କ ସହିତ ପ୍ରୀତିପୂର୍ବକ ଧର୍ମାନୁସାରେ ଯଥାଯୋଗ୍ୟ ବ୍ୟବହାର ପ୍ରଦର୍ଶନ କରିବା ଉଚିତ ।



୮ :- ଅବିଦ୍ୟାର ବିନାଶ ଓ ବିଦ୍ୟାର ବୃଦ୍ଧି ପାଇଁ ଯତ୍ନଶୀଳ ହେବା ଆବଶ୍ୟକ ।

୯ :- ପ୍ରତ୍ୟେକ ବ୍ୟକ୍ତି କେବଳ ନିଜ ଉନ୍ନତିରେ ସନ୍ତୁଷ୍ଟ ନ ରହି, ପ୍ରତ୍ୟେକଙ୍କର ଉନ୍ନତିରେ ହିଁ ନିଜର ଉନ୍ନତି ବୋଲି ମନେକରିବା ଆବଶ୍ୟକ ।

୧୦ :- ସମସ୍ତେ ସାମାଜିକ ସର୍ବହିତକାରୀ ନିୟମ ପାଳନରେ ପରତନ୍ତ୍ର ରହିବେ ଓ ପ୍ରତ୍ୟେକ ହିତକାରୀ ନିୟମ ପାଳନରେ ସ୍ୱତନ୍ତ୍ର ରହିବେ ।

## ଋଗ୍ ବେଦର୍ ଅନ୍ତିମ ସୂକ୍ତ

**ଓ୩ମ୍ ସଂ ସମିଦ୍ୟୁବସେ ବୃଷନ୍ନଗ୍ନେ ବିଶ୍ୱାନ୍ୟର୍ଯ୍ୟଆ ।**
**ଇଡ଼ସ୍ପଦେ ସମିଧ୍ୟସେ ସ ନୋ ବସୂନ୍ୟା ଭର ।୧।**

ହେ ସଚ୍ଚିଦାନନ୍ଦ ଈଶ୍ୱର ! ସର୍ବ ସୃଜକ ତୁମେ,
ବେଦଶାସ୍ତ୍ର ପୁରାଣପୂର୍ଣ୍ଣ, ତୁମରି ଗୁଣଗାନେ ।
ସୁଖ-ଶାନ୍ତି ପଥ ଦେଖାଅ ସୁଦୟା ବହିବାରେ,
ସମୃଦ୍ଧି ପଥର ପଥିକ ହେବି ବିନତି କରେ ।୧।
ହେ ପ୍ରଭୋ ! ତୁମ୍ ଶକ୍ତିଶାଲୀ ହୋ ବନାତେ ସୃଷ୍ଟିକୋ ।
ବେଦ ସବ୍ ଗାତେ ତୁମ୍‌କୋ ହେଁ କୀଜିଏ ଧନ-ବୃଷ୍ଟିକୋ ।୧।

**ଓ୩ମ୍ ସଙ୍ଗଚ୍ଛଧ୍ୱଂ ସଂବଦଧ୍ୱଂ ସଂବୋ ମନାଂସି ଜାନତାମ୍ ।**
**ଦେବାଭାଗଂ ଯଥାପୂର୍ବେ ସଂଜାନାନା ଉପାସତେ ।୨।**

ହେ ମାନବଗଣ ! ସୁଖ ଲାଭ ପାଇଁ ସଙ୍ଗଠିତ ହୋଇଚଳ,
ପୂରୁବ କାଳୀନ ଜ୍ଞାନୀଜନ ସମ, ହୁଅ ସଦା ବ୍ରତଶୀଳ ।
ପୀରତି ପୂର୍ବକ ବାର୍ତ୍ତାଳାପ କର, ହିଂସା ଦ୍ୱେଷ ପରିହରି,
ହୃଦୟ ତୁମର ସୁସଂସ୍କୃତ ହେଉ, ପବିତ୍ର କରମ କରି ।୨।
ପ୍ରେମ୍‌ସେ ମିଲ୍‌କର୍ ଚଲୋ, ବୋଲୋ ସଭୀଜ୍ଞାନୀ ବନୋ ।
ପୂର୍ବଜୋଁ କୀ ଭାନ୍ତି ତୁମ୍, କର୍ତ୍ତବ୍ୟ କେ ମାନୀ ବନୋ ।୨।

**ଓ୩ମ୍ ସମାନୋ ମନ୍ତ୍ରଃ ସମିତିଃ ସମାନୀ । ସମାନଂ ମନଃ ସହ ଚିତ୍ତମେଷାମ୍ ।**
**ସମାନଂ ମନ୍ତ୍ର ମଭିମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।୩।**

ହେ ମାନବଗଣ ! ତୁମର, ମନ ସମାନ ହେଉ,
ଚିତ୍ତ-ବୁଦ୍ଧି-ସଭା-ସମିତି, ସମ ଭାବରେ ରହୁ ।
ସମାନଜ୍ଞାନ ମୁଁ କରୁଛି, ସଭିଙ୍କୁ ବିତରଣ,
ସମତା ନୀତିକୁ ଆଦରି, କର ଯଶବର୍ଦ୍ଧନ ।୩।
ହୋ ବିଗ୍ର ସମାନ ସବ୍‌କେ ଚିତ୍ତ ମନ୍ ସବ୍ ଏକ୍ ହୋଁ ।
ଜ୍ଞାନ ଦେତାହୁଁ ବରାବର୍ ଭୋଗ୍ୟ ପା ସବ୍ ନେକ୍ ହୋଁ ।୩।

**ଓ୩ମ୍ ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।**
**ସମାନମସ୍ତୁ ବୋ ମନୋୟଥା ବଃ ସୁସହାସତି ।୪।**

ହେ ଜଗତବାସୀ ! ଶୁଣ, ତୁମ ଧ୍ୟେୟ ହେଉ ସମ,
ହୃଦୟ ହେଉ ସମାନ, ସର୍ବେ ହୁଅ ଏକ ମନ ।
ଏକମନେ ଏକ ଚିତ୍ତେ ଲଭି ସକଳ ସୁଯୋଗ,
ସୁଖ ସମୃଦ୍ଧି ଐଶ୍ୱର୍ଯ୍ୟ, କର ସର୍ବେ ଉପଭୋଗ ।୪।
ହୋଁ ସଭୀକେ ଦିଲ୍ ତଥା ସଙ୍କଳ୍ପ ଅବିରୋଧୀ ସଦା ।
ମନ୍ ଭରେ ହୋଁ ପ୍ରେମ୍ ସେ ଜିସ୍‌ସେ ବଢ଼େ ସୁଖ-ସମ୍ପଦା ।୪।

## ଶାନ୍ତି ପାଠଃ

**ଓ୩ମ୍ ଦ୍ୟୌଃ ଶାନ୍ତିରନ୍ତରିକ୍ଷଂ ଶାନ୍ତିଃ ପୃଥିବୀ ଶାନ୍ତିରାପଃ ଶାନ୍ତିରୋଷଧୟଃ ଶାନ୍ତିଃ । ବନସ୍ପତୟଃ ଶାନ୍ତିର୍ବିଶ୍ୱେ ଦେବାଃ ଶାନ୍ତିର୍ବ୍ରହ୍ମ ଶାନ୍ତିଃ ସର୍ବଂ ଶାନ୍ତିଃ ଶାନ୍ତିରେବ ଶାନ୍ତିଃ ସା ମା ଶାନ୍ତିରେଧି ॥ ଓ୩ମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।୧।**

(ଆଧ୍ୟାତ୍ମିକ, ଆଧିଭୌତିକ, ଆଧିଦୈବିକ ତ୍ରିବିଧ ଶାନ୍ତି ପ୍ରଦାନ କର) ।

## ଓଡ଼ିଆ ପଦ୍ୟାନୁବାଦ

ଶାନ୍ତି ଦିଅ ହେ ପ୍ରଭୁ ତ୍ରିଭୁବନେ... ।



ଏ ଜଳେ ଏ ସ୍ଥଳେ ଏ ନୀଳ-ଗଗନେ,
ଅନ୍ତରୀକ୍ଷରେ ବାୟୁ-ହୁତାଶନେ ।
ବନସ୍ପତି ଓଷଧି, ଉଦ୍ୟାନେ, କାନନେ,
ବିଶ୍ୱର ସକଳ ସ୍ଥାବର ଜଙ୍ଗମେ ।୧।
ବିପ୍ରଜନଙ୍କ ବେଦାମୃତ ବଚନେ,
କ୍ଷତ୍ରୀ-ଦଳ ଖଳ-ଦଳନ କୃପାଣେ,
ବୈଶ୍ୟ ଜନଙ୍କ ସମ୍ପଦ ସାଧନେ,
ଶୂଦ୍ର ଜନ କୃତ ସେବା ସୁକରମେ... ।୨।
ଶାନ୍ତି ହେଉ ଦେଶ-ଦଶର ଗଠନେ,
ନଗର-ନଗରୀ, ପଲ୍ଲୀ-ଭବନେ,
ପ୍ରାଣୀ ପ୍ରାଣୀଙ୍କ ପରାଣେ ପରାଣେ,
ସକଳ ବିଶ୍ୱର ପ୍ରତି ଜଣେ ଜଣେ... ।୩।

**ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ ।**
**ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍ ।୨।**

ସବ୍‌କା ଭଲା କରୋ ଭଗବାନ୍, ସବ୍‌ପର୍ ଦୟା କରୋ ଭଗୱାନ୍
ସବପର୍ କୃପା କରୋ ଭଗୱାନ୍ ସବ୍‌କା ସର୍ବବିଧ ହୋ କଲ୍ୟାଣ୍ ।୨।
ସଭିଙ୍କୁ ସୁଖୀ କର ମହାପ୍ରାଣ, ନୀରୋଗ ହୁଅନ୍ତୁ ସକଳ ଜନ,
ସଭିଙ୍କୁ ଶୁଭବୁଦ୍ଧି କର ଦାନ, ଦୁଃଖ ଜଞ୍ଜାଳରୁ କର ତ୍ରାଣ ।୨।

## ଜୟଘୋଷ...

**ଜୋ ବୋଲେ ସୋ ଅଭୟ୍-** ବୈଦିକ୍ ଧର୍ମକୀ ଜୟ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଜୀ... । ଯୋଗେଶ୍ୱର ଶ୍ରୀକୃଷ୍ଣ ଭଗବାନ୍‌ଜୀ... । ବ୍ୟାକରଣ ସୂର୍ଯ୍ୟ ଗୁରୁବର ବିରଜାନନ୍ଦ୍‌ଜୀ... । ଜଗଦ୍‌ଗୁରୁ ମହର୍ଷି ଦୟାନନ୍ଦ୍‌ଜୀ... । ଅମର୍ ଶହୀଦ୍ ସ୍ୱାମୀ ଶ୍ରଦ୍ଧାନନ୍ଦ୍‌ଜୀ... । ଧର୍ମବୀର୍ ପଣ୍ଡିତ୍ ଲେଖରାମ୍‌ଜୀ... । ଦେଶ ଧର୍ମପର୍

ବଲିଦେନେୱାଲେଁ ବୀରୋଁକୀ... । ଆର୍ଯ୍ୟାବର୍ତ୍ତ କେ ଋଷିମୁନିଓଁକୀ... । ଧର୍ତୀ ମାତାକୀ... । ଗୌ ମାତାକା... ପାଲନ୍ କରୋ । ଆର୍ଯ୍ୟସମାଜ୍... ଅମର୍ ରହେ । ହମାରା ଜୀୱନ୍... ସଫଲ୍ ହୋ । କୃଣ୍ୱନ୍ତୋ... ବିଶ୍ୱମାର୍ଯ୍ୟମ୍ । ସତ୍ୟ ସନାତନ୍ ପବିତ୍ର ବୈଦିକ୍ ଧର୍ମକୀ... । ବନ୍ଦେ... ମାତରମ୍ । ବୈଦିକ୍ ଧ୍ୱନି... ଓ୩ମ୍ । ବୈଦିକ୍ ଅଭିବାଦନ୍... ନମସ୍ତେ ଜୀ ।

**ଓମ୍ ଝଣ୍ଡା ଫହ୍ରାନେ କୋ-** ଋଷି ଦୟାନନ୍ଦ୍ ଆୟେ ଥେ । ଆୟେ ଥେ ଭାଈ ଆୟେ ଥେ... । ଗୁରୁଡ଼ମ୍‌କା ଗଢ୍‌ଢାନେକୋ... । ଗୁଲାମୀକୀ ଜଡ୍ ହିଲାନେ କୋ... । ଛୁଆଛୁତ୍ ମିଟାନେ କୋ... । ନାରୀ ସମ୍ମାନ୍ ସିଖାନେ କୋ... । ପ୍ରତିଭାପୂଜା କରାନେ କୋ... । ପ୍ରତିମାପୂଜା ହଟାନେ କୋ... । ଫିର୍ ଭୁଲୀରାହ୍ ବତାନେ କୋ... । ବିଛୁଡ଼େ ଗଲେ ଲଗାନେ କୋ... । ବୈଦିକ୍ ଜ୍ୟୋତି ଜଲାନେ କୋ... । ବୈଦିକ୍ ନାଦ୍ ବଜାନେ କୋ... । ମମତା ମନ୍ତ୍ର ଗୁଞ୍ଜାନେ କୋ... । ମାନବତା ସିଖଲାନେ କୋ... । ମିଟ୍‌ତୀ କୌମ୍ ବଚ୍ନେ କୋ... । ଶୁଦ୍ଧିଚକ୍ର ଚଲାନେ କୋ... । ସଚ୍ଚୀ ରାହ ଦିଖାନେ କୋ... । ସଚ୍ଚେ ଶିବ୍‌କୋ ପାନେ କୋ... । ସୋୟା ରାଷ୍ଟ୍ର ଜଗାନେ କୋ... ।

**ଜୋର୍ ସେ ବୋଲୋ-** ଜୟ ଋଷିକୀ । ଆନନ୍ଦ୍ ସେ ବୋଲୋ... । ଇଧର୍ ସେ ବୋଲୋ... । ଉଧର୍ ସେ ବୋଲୋ... । ଏକ୍‌ସାଥ୍ ବୋଲୋ... । ଔର୍ ଭୀ ବୋଲୋ... । କୌନ୍ ନହୀଁ ବୋଲା... । ତୁମ୍‌ଭୀ ବୋଲୋ... । ପ୍ରେମ୍‌ସେ ବୋଲୋ... । ବାର୍ ବାର୍ ବୋଲୋ... । ମିଲ୍‌କର୍ ବୋଲା... । ମୈଁ ନହୀଁ ସୁନା... । ମୈଁ ଭୀ ବୋଲୁଁ... । ହମ୍‌ଭୀ ବୋଲେଁ... । ହୃଦୟ ସେ ବୋଲୋ... ।

X X X X X X X

**ପାପ୍ କୀ ହୋଲୀ-** ହୋତୀ ରହେଗୀ । ଅଜ୍ଞାନ୍ କୀ ହୋଲୀ... । ଅଧର୍ମ କୀ ହୋଲୀ... । ଅନ୍ୟାୟ କୀ ହୋଲୀ... । ଅସତ୍ୟ କୀ ହୋଲୀ... । ପାଖଣ୍ଡ୍ କୀ ହୋଲୀ... । ବିଦ୍ୱେଷ୍ କୀ ହୋଲୀ... ।



**ବେଦୋଦ୍ଧାରକ୍-** ଆର୍ଯ୍ୟ ସମାଜ୍ । ଅଜ୍ଞାନ୍ ନିବାରକ୍... । ଅନାଥ ରକ୍ଷକ୍... । ଅନ୍ୟାୟ ବିଦାରକ୍... । ଅସତ୍ୟ ନିବାରକ୍... । ଦଲିତୋଦ୍ଧାରକ୍... । ଦାନବତା ନାଶକ୍... । ଦେଶୋଦ୍ଧାରକ୍... । ଦ୍ୱେଷ୍ ନିବାରକ୍... । ନ୍ୟାୟ ପ୍ରସାରକ୍... । ପାଖଣ୍ଡ ବିଦାରକ୍... । ପାପ ନିବାରକ୍... । ପୁଣ୍ୟ ପ୍ରସାରକ୍... । ପ୍ରେମ୍ ପ୍ରଚାରକ୍... । ବିଧବା ରକ୍ଷକ୍... । ମାନବତା ରକ୍ଷକ୍... । ସଂସ୍କୃତ ରକ୍ଷକ୍... । ସଂସ୍କୃତି ରକ୍ଷକ୍... । ସତ୍ୟ ପ୍ରସାରକ୍... । ସଦ୍‌ଜ୍ଞାନ ପ୍ରସାରକ୍... । ସଦ୍‌ଭାବ ପ୍ରସାରକ୍... । ହିନ୍ଦୀ ରକ୍ଷକ୍... ହିନ୍ଦୁ ରକ୍ଷକ୍... ।

**ୟହ୍ ଓ୩ମ୍ କା ଝଣ୍ଡା-** ଉଁଚ୍ଚା ରହେଗା । ୟହ୍ ଜ୍ଞାନକା ଝଣ୍ଡା । ୟହ ଦେଶ୍‌କା ଝଣ୍ଡା... । ୟହ୍ ନ୍ୟାୟକା ଝଣ୍ଡା... । ୟହ୍ ବେଦ୍‌କା ଝଣ୍ଡା... । ୟହ୍ ସତ୍ୟକା ଝଣ୍ଡା... ।

X X X X X X X

## ସାର୍ବଭୌମ ଦିବ୍ୟ ଉଦ୍‌ଘୋଷ

ହମ୍ ବଦ୍‌ଲେଙ୍ଗେ- ଜଗ୍ ବଦ୍‌ଲେଗା । ହମ୍ ସୁଧ୍‌ରେଙ୍ଗେ- ଜଗ୍ ସୁଧ୍‌ରେଗା । ହମ୍ ଜାଗେଙ୍ଗେ- ଦେଶ୍ ଜାଗେଗା । ହମ୍ ବଢ଼େଙ୍ଗେ- ଦେଶ ବଢ଼େଗା । ହମ୍ ଉଠେଙ୍ଗେ- ଦେଶ୍ ଉଠେଗା । ଦୁର୍ଗୁଣ ତ୍ୟାଗେଁ- ସଦ୍‌ଗୁଣ ଧାରେଁ । ବୈଦିକ ପରିବାର୍ ବନାୟେଙ୍ଗେ- ଧର୍ତୀ କୋ ସ୍ୱର୍ଗ ବନାୟେଙ୍ଗେ । ଗୌ ମାତାକୋ ଜୀନେ ଦୋ- ଦୁଧ୍‌କା ନଦିୟଁ ବହନେ ଦୋ । ଜବ୍‌ତକ୍ ସୁରଜ୍ ଚାନ୍ଦ୍ ରହେଗୀ- ବେଦ୍‌କୀ ଜ୍ୟୋତି ଜଲ୍‌ତୀ ରହେଗୀ । ଦେଶ୍ ଧର୍ମକା ନାତା ହୈ- ଗୌ ହମାରୀ ମାତା ହୈ । ସବ୍‌ସେ ବଡ଼ା- ଦେଶ୍ ହମାରା । ସବ୍‌ସେ ବଡ଼ା- ଧର୍ମ ହମାରା । ସବ୍‌ସେ ପ୍ୟାରା- ଋଷି ହମାରା । ସବ୍‌ସେ ପ୍ୟାରା- ବେଦ୍ ହମାରା । ବେଦ୍ ପଢ଼ୋ- ଆଗେ ବଢ଼ୋ ।

ଅନ୍ନ ଜହାଁକା ହମ୍‌ନେ ଖାୟା- ୱହ୍ ହୈ ପ୍ୟାରା ଦେଶ୍ ହମାରା । ଜ୍ଞାନ୍ ଜହାଁକା ହମ୍‌ନେ ପାୟା... । ବସ୍ତ୍ର ଜହାଁକା ହମ୍‌ନେ ପହନା... । ଦେଶ୍‌କୀ ରକ୍ଷା କୌନ୍ କରେଗା- ହମ୍ କରେଙ୍ଗେ ହମ୍ କରେଙ୍ଗେ । ଏକ୍ ଦୋ ତୀନ୍ ଗୃର୍- ଆର୍ଯ୍ୟ ସମାଜ୍‌କା ଜୟ ଜୟକାର୍ । ବୋଲୋ ସତ୍ୟ ସନାତନ୍ ପବିତ୍ର ବୈଦିକ୍ ଧର୍ମକୀ- ଜୟ ।

ପାରିବାରିକ ହବନ ସମାପ୍ତି ପରେ ପରିବାରର ସମସ୍ତ ସଦସ୍ୟ-ସଦସ୍ୟା ଜଳପାନ କରି ଗୃହ କର୍ମରେ ମନୋନିବେଶ କରିବେ । କର୍ମଗ୍ରାଗଣ ନିଜର ପୂର୍ବ ପ୍ରସ୍ତୁତି କାର୍ଯ୍ୟ କରି ଦିବା ଦଶ ଘଟିକା ସମୟରେ ମନ୍ତ୍ରପାଠ ପୂର୍ବକ ଶୁଦ୍ଧ ସାତ୍ୱିକ ଭୋଜନ କରିବା ଆବଶ୍ୟକ । ଭୋଜନ ପାଇଁ ଯାହା ପ୍ରସ୍ତୁତ କରାଯାଇଥିବ, ସେସବୁକୁ ଈଶ୍ୱରଙ୍କ ପ୍ରସାଦ ବିବେଚନା କରି, ଆନନ୍ଦମନରେ ତୃପ୍ତ ହୋଇ ଭୋଜନ କଲେ ହୃଦୟରେ ଅପାର ଶାନ୍ତି ଜାତ ହେବା ସଙ୍ଗେ ସଙ୍ଗେ ଖାଦ୍ୟଦ୍ରବ୍ୟ ରୁଚିକର ମଧ୍ୟ ହୋଇଥାଏ । ଭୋଜନପାଇଁ ଦିବା ଦଶ ଘଟିକା ଉପଯୁକ୍ତ ସମୟ । ଉକ୍ତ ସମୟ ଯେଉଁମାନଙ୍କ ପାଇଁ ସୁବିଧା ଜନକ ନୁହେଁ, ସେମାନେ ଅନ୍ୟ ସମୟରେ ଭୋଜନ କରିବେ । କିନ୍ତୁ ଦୈନିକ ଭୋଜନ ସମୟ ନିର୍ଦ୍ଦିଷ୍ଟ ସମୟ ହେବା ଆବଶ୍ୟକ । ସମୟ ବ୍ୟତିକ୍ରମ କରି ଯଦୃଚ୍ଛାଭାବେ ଭୋଜନ କରିବା ଅନାବଶ୍ୟକ । ଏହା ଶରୀରପକ୍ଷେ ଅହିତକର ହୋଇଥାଏ । କଥିତ ହୋଇଛି-

ଶତଂ ବିହାୟ ଭୋକ୍ତବ୍ୟଂ, ସହସ୍ରଂ ସ୍ନାନମାଚରେତ୍ ।
ଲକ୍ଷଂ ବିହାୟ ଦାତବ୍ୟଂ, କୋଟିଂ ତ୍ୟକ୍ତ୍ୱା ହରିଂ ଭଜେତ୍ ॥

## ଜଳପାନ ସମୟର୍ ମନ୍ତ୍ର

**ଓ୩ମ୍ ଧାନାବନ୍ତଂ କରମ୍ଭିଣମପୂପବନ୍ତମୁକ୍‌ଥିନମ୍ ।**
**ଇନ୍ଦ୍ର ପ୍ରାତର୍ଜୁଷସ୍ୱ ନଃ ।୧।** (ଋଗ୍ ମ.୩-ସୂ.୫୨-ମ.୧)

## ଭୋଜନକାଳୀନ ମନ୍ତ୍ର

**ଓ୩ମ୍ ଅନ୍ନପତେଽନ୍ନସ୍ୟ ନୋ ଦେହ୍ୟନମୀବସ୍ୟ ଶୁଷ୍ମିଣଃ ।**



**ପ୍ରପ୍ରଦାତାରଂ ତାରିଷଽଊର୍ଜଂ ନୋ ଧେହି ଦ୍ୱିପଦେ ଚତୁଷ୍ପଦେ ।୨।**
(ଯଜୁ ଅ.୧୧-ମ.୮୩)

**ଓ୩ମ୍ ସ୍ୱାଦୋ ପିତୋ ମଧୋ ପିତୋ ବୟଂ ତ୍ୱା ବବ୍ରିମହେ ।**
**ଅସ୍ମାକମବିତା ଭବ ॥**

## ଓଡ଼ିଆ ପଦ୍ୟାନୁବାଦ

ଅନ୍ନପତି ପ୍ରଭୋ ! ଆମକୁ, ଅନ୍ନ ପ୍ରଦାନ କର ।
କରୁଥାଅ ସଦା କଲ୍ୟାଣ, ଅନ୍ନ ପ୍ରଦାତାଙ୍କର ।
ରୋଗଶୂନ୍ୟ, ପୌଷ୍ଟିକ, ଅନ୍ନେ, ଶକ୍ତିଶାଳୀ କରାଅ ।
ପଶୁ ପକ୍ଷୀ ପ୍ରାଣୀଗଣଙ୍କୁ, ପୌଷ୍ଟିକ ଖାଦ୍ୟ ଦିଅ ।

ହେ ପରମକାରୁଣିକ ଅନ୍ନପତେ ପରମାତ୍ମନ୍ ! ଆମ୍ଭମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟପ୍ରଦ, ପୁଷ୍ଟିକାରକ ଓ ବଳବୀର୍ଯ୍ୟପ୍ରଦାୟକ ଅନ୍ନ ପ୍ରଦାନ କର । ଦୀନ, ଦୁଃଖୀ ଓ ଅସହାୟ ବ୍ୟକ୍ତିଙ୍କୁ ଯେଉଁମାନେ ଅନ୍ନଦାନ କରନ୍ତି, ଦୟାକରି ସେମାନଙ୍କୁ ସମୃଦ୍ଧିଶାଳୀ କର । ଦ୍ୱିପଦଯୁକ୍ତ ମନୁଷ୍ୟ, ପକ୍ଷୀ ତଥା ଚତୁଷ୍ପଦ ଗବାଦି ପଶୁଙ୍କୁ ବଳକାରକ ଖାଦ୍ୟ ପ୍ରଦାନ କର ।୨।

ଭୋଜନ ସମାପ୍ତି ପରେ ନିମ୍ନଲିଖିତ ମନ୍ତ୍ରପାଠ କରିବେ :- ଓ୩ମ୍ ମୋଘମନ୍ନଂ ବିନ୍ଦତେ ଅପ୍ରଚେତାଃ ସତ୍ୟଂ ବ୍ରବୀମି ବଧ ଇତ୍ସତସ୍ୟ । ନାର୍ଯ୍ୟମଣଂ ପୁଷ୍ୟତିନୋ ସଖାୟଂ କେବଳାଘୋ ଭବତି କେବଳାଦୀ ।୪।

**(ଋକ୍ ମ.୧୦ସୂ.୧୧୭-ମ୬)**

ମୂର୍ଖ, ଅଜ୍ଞ ବ୍ୟକ୍ତିମାନେ କେବଳ ବ୍ୟର୍ଥଭାବରେ ଅନ୍ନଲାଭ କରିଥାନ୍ତି । କାରଣ ଯେଉଁମାନେ ନିଜ ପରିବାରର ବନ୍ଧୁବାନ୍ଧବମାନଙ୍କୁ ପୋଷଣ ନକରି, କେବଳ ଏକାକୀ ଭୋଜନ କରନ୍ତି, ସେହି ଭୋଜ୍ୟ ପଦାର୍ଥ ସେମାନଙ୍କ ଉପକାର ନକରି, ଅପକାର ହିଁ କରିଥାଏ । ଖାଦ୍ୟ ପଦାର୍ଥକୁ ଯେଉଁ ବ୍ୟକ୍ତି ଏକାକୀ ଭୋଜନ କରେ ସେ ପାପକୁ ହିଁ ନିଶ୍ଚିତ ରୂପେ ଭୋଗ କରିଥାଏ ।୪।

(ପ୍ରାତଃ ଘ୪ଟିକାରୁ ରାତ୍ରିର ଘ୯.୩୦ ଟିକା ସମୟ ପର୍ଯ୍ୟନ୍ତ ସଦ୍‌ଗୃହସ୍ଥମାନଙ୍କ ପାଇଁ ନିମ୍ନ ପ୍ରକାରେ ଦିନଚର୍ଯ୍ୟା ଧାର୍ଯ୍ୟ କରାଯାଇଛି । ସମସ୍ତେ ତଦନୁସାରେ ଚଳପ୍ରଚଳ ହେବାପାଇଁ ଧ୍ୟାନ ଦେବେ ବୋଲି ଆଶା) ।

## ଗୃହସ୍ଥ ଦିନଚର୍ଯ୍ୟା

ପ୍ରାତଃ ଘ.୪ଟିକାରୁ ଘ.୪.୩୦ ପ୍ରାତଃ ପ୍ରାର୍ଥନା, ମନ୍ତ୍ର, ଈଶବିନୟ ତଥା ଆତ୍ମଚିନ୍ତନ । ଘ.୪.୩୦ରୁ ଘ.୬.୩୦ ନଦୀକୂଳ, ଉପବନ ବା ଅରଣ୍ୟକୁ ଯାଇ (ସେପରି ସୁବିଧା ନଥିଲେ ନିଜ ଗୃହ ମଧ୍ୟରେ) ଉଷଃପାନ, ଶୌଚ, ଦନ୍ତଧାବନ, ବ୍ୟାୟାମ, ସ୍ନାନାଦି ନିତ୍ୟକର୍ମ ସମାପନ କରି, ଏକାନ୍ତରେ ବସି ମନ୍ତ୍ରପାଠ, ଭଜନ, ଜଣାଣ ପ୍ରଭୃତି ଦ୍ୱାରା ଈଶ୍ୱରଙ୍କ ପ୍ରାର୍ଥନା ତତ୍ ସହିତ ପ୍ରାଣାୟାମ ।

ଘ.୬.୩୦ ରୁ ଘ.୭.୩୦ ନିଜ ଗୃହମଧ୍ୟରେ ପରିବାରର ସଦସ୍ୟ ସଦସ୍ୟାଙ୍କ ସହିତ ଅର୍ଥ ଚିନ୍ତନ ପୂର୍ବକ ସନ୍ଧ୍ୟୋପାସନା (ବ୍ରହ୍ମଯଜ୍ଞ) ଦୈନିକ ଅଗ୍ନିହୋତ୍ର (ଦେବଯଜ୍ଞ) ନିୟମିତ ରୂପେ କରିବାକୁ ହେବ ।

ଘ.୭.୩୦ରୁ ଘ.୧୦ଟିକା ପର୍ଯ୍ୟନ୍ତ ଆବଶ୍ୟକୀୟ ଗୃହକାର୍ଯ୍ୟ, ଭୋଜନ ଓ ସାମାନ୍ୟ ବିଶ୍ରାମ ।

ପୂର୍ବାହ୍ନ ଘ.୧୦ ଟିକାରୁ ଘ.୬ଟିକା ପର୍ଯ୍ୟନ୍ତ ସତ୍ୟ ତଥା ପବିତ୍ରତା ପୂର୍ବକ ସ୍ୱକୀୟ ଦୈନନ୍ଦିନ ଜୀବିକାବୃତ୍ତି ।

ଘ.୬ଟିକାରୁ ଘ.୮ଟିକା ଶୌଚ୍ୟାଦିକର୍ମ, ବ୍ୟାୟାମ, ପ୍ରାଣାୟାମ, ସାୟଂକାଳୀନ ଅଗ୍ନିହୋତ୍ର ତଥା ସନ୍ଧ୍ୟୋପାସନା ସମେତ ଭଜନ, କୀର୍ତ୍ତନ ।

ଘ.୮ଟିକାରୁ ଘ.୯.୩୦- ଭୋଜନ, ଧାର୍ମିକ ବିଷୟକ ଆଲୋଚନା, ଶୟନକାଳୀନ ମନ୍ତ୍ରପାଠ, ତଥା ଆତ୍ମନିରୀକ୍ଷଣ, ସେଦିନର କାର୍ଯ୍ୟକଳାପ ସମ୍ପର୍କରେ ପର୍ଯ୍ୟାଲୋଚନା ।

ଘ.୯.୩୦ ରୁ ଘ.୪ଟିକା ପର୍ଯ୍ୟନ୍ତ ଗାଢ଼ ନିଦ୍ରାରେ ଶୟନ । (ଗାଢ଼ ନିଦ୍ରାରେ ଶୟନ କରିବାକୁ ଚାହୁଁଥିଲେ ଶୀତଳ ନିର୍ମଳ ଜଳରେ ହସ୍ତ, ପାଦ, ମୁଖାଦି ପ୍ରକ୍ଷାଳନ



କରିବା ଆବଶ୍ୟକ । ଯେପର୍ଯ୍ୟନ୍ତ ନିଦ ନ ହୋଇଛି ସେପର୍ଯ୍ୟନ୍ତ ବିଛଣାରେ ଶୋଇ "ଓ୩ମ୍" ଅଥବା ସାବିତ୍ରୀମନ୍ତ୍ର ଜପ କରିବା ଆବଶ୍ୟକ) ।

## ରାତ୍ରି ଶୟନକାଳୀନ ମନ୍ତ୍ର

ହେ ପରମ କାରୁଣିକ ପରମେଶ୍ୱର ! ଆପଣଙ୍କ ଅନିର୍ବଚନୀୟ ଅସୀମ ଅନୁକମ୍ପାରୁ, ସମାଗତ ଦିବସର ଯାବତୀୟ ଯଜ୍ଞାଦି କାର୍ଯ୍ୟକଳାପ ନିର୍ବିଘ୍ନରେ ସୁଚାରୁରୂପେ ସମ୍ପାଦନ କରିଥିବାରୁ, ମୋର ହୃଦୟ ପ୍ରଦେଶ ଆନନ୍ଦାତିଶଯ୍ୟରେ ଉଦ୍‌ବେଳିତ ହୋଇ ଯାଉଛି । ଦିବସ ପାଇଁ ଉଦ୍ଦିଷ୍ଟ ସକଳ ମହନୀୟ କାର୍ଯ୍ୟକଳାପ ଯଥାଯଥ ଭାବରେ ସମ୍ପାଦିତ ହୋଇଥିବାରୁ ନିଜକୁ ମୁଁ ଧନ୍ୟମନେ କରୁଛି । ସେ ସକଳ କୃତିକୁ ବିଗ୍ରହ କଲା ମାତ୍ରକେ ମୋର ଏ ମଥା ସ୍ୱତଃ ଆପଣଙ୍କ ପଦାରବିନ୍ଦତଳେ ଅବନତ ହୋଇଯାଉଛି । ହେ କରୁଣାବରୁଣାଳୟ ! କୃତଜ୍ଞତାର ନିଦର୍ଶନ ସ୍ୱରୂପ, ଆପଣଙ୍କୁ ଅର୍ପଣ କରିବାପାଇଁ ମୋ ନିକଟରେ ଭକ୍ତି ଅର୍ଘ୍ୟ ବ୍ୟତୀତ କ'ଣ ବା ଅଛି ? ମୋ ହୃଦୟ ଅଭ୍ୟନ୍ତରରେ ଆପଣଙ୍କ ପ୍ରତି ଯତ୍ ସାମାନ୍ୟ ଭକ୍ତି-ଶ୍ରଦ୍ଧା, ସଦିଚ୍ଛା ରହିଛି ସେସବୁକୁ ଅର୍ପଣ କରି ଅନୃଣ ହେବି ବୋଲି ବଳବତୀ ଆଶା ପୋଷଣ କରିଛି । ମୋ ପକ୍ଷରେ ଆଜିକାର ଦିବସଟି ଯେପରି ମଧୁମୟ, ଶୁଭମୟ, ଓ ସୁଖମୟ ହେବା ସଙ୍ଗେ ସଙ୍ଗେ ଉତ୍ସାହପ୍ରଦ ମଧ୍ୟ ହୋଇଛି, ଠିକ୍ ସେହିପରି ଶାନ୍ତି ପ୍ରଦାୟିନୀ ରଜନୀ ମଧ୍ୟ ସୁଖ-ଶାନ୍ତି ଓ ଆନନ୍ଦର ଧାରା ପ୍ରବାହିତ କରି ପରବର୍ତ୍ତୀ ଦିବସର ସମସ୍ତ କାର୍ଯ୍ୟକଳାପକୁ ନିର୍ବିଘ୍ନରେ ସମାପନ କରିବାପାଇଁ ଅଫୁରନ୍ତ ପ୍ରେରଣାର ଉତ୍ସ ଯୋଗାଇ ଦେଉ । ଏପରି ମହନୀୟ ଅଭିଳାଷ ପ୍ରଥମେ ପୋଷଣ କରି ନିମ୍ନଲିଖିତ ମନ୍ତ୍ର ଅର୍ଥସହ, ଭଜନାଦି ଆବୃତ୍ତିକରି ରାତ୍ରି ଭୋଜନ ପରେ ଦିବସର ଯାବତୀୟ ଶ୍ରାନ୍ତି-କ୍ଳାନ୍ତିକୁ ନିବାରଣ କରିବାପାଇଁ ଶଯ୍ୟା ଗ୍ରହଣ କରିବାକୁ ହେବ ।

**ଓ୩ମ୍ ଯଜ୍ଜାଗ୍ରତୋ ଦୂରମୁଦୈତି ଦୈବଂ ତଦୁ ସୁପ୍ତସ୍ୟ ତଥୈବୈତି ।**
**ଦୂରଙ୍ଗମଂ ଜ୍ୟୋତିଷାଂ ଜ୍ୟୋତିରେକଂ ତନ୍ମେ ମନଃ ଶିବସଂକଲ୍ପମସ୍ତୁ ।୧।**

ଶୟନ ବେଳାରେ ହେ ବିଭୋ ! , କରେ ଏହି ବିନତି,
ତୁମ କୃପା-କଣାକୁ ଲଭି, ମଙ୍ଗଳେ ବିତୁ ରାତି ।
ଅମାନିଆ ମନ ମୋହର, ବୋଲ ମାନଇ ନାହିଁ,
ଜାଗରଣେ ଅବା ଶୟନେ, ସଦା ଦୂରେ ବୁଲଇ ।
ଦିବ୍ୟଶକ୍ତିଶାଳି ସେ ମନ, ପରା ଶ୍ରେଷ୍ଠ ସାଧକ,
ତୁମ ଆଶିଷରେ ହେଉ ତା, ସଦା ସୁବିଗ୍ଚରକ ।୧।

**ଓ୩ମ୍ ଯେନ କର୍ମାଣ୍ୟପସୋ ମନୀଷିଣୋ ଯଜ୍ଞେ କୃଣ୍ୱନ୍ତି ବିଦଥେଷୁ ଧୀରାଃ ।**
**ଯଦପୂର୍ବଂ ଯକ୍ଷମନ୍ତଃ ପ୍ରଜାନାଂ ତନ୍ମେ ମନଃ ଶିବସଂକଲ୍ପମସ୍ତୁ ।୨।**

ଯେଉଁ ମନ ସହାୟତାରେ, ଧୀର ପୁରୁଷଗଣ,
ସୁସ୍ଥ-ଚିତ୍ତେ ଯଜ୍ଞ କରମ, କରନ୍ତି ସମାପନ ।
ଶରୀରର ଅଭ୍ୟନ୍ତରରେ, ହେଉ ସେ ପୂଜନୀୟ,
କୃପାକର ବିଭୋ ! ହେଉ ସେ ଶୁଭ ବିଗ୍ଚରମୟ ।୨।

**ଓ୩ମ୍ ଯତ୍ପ୍ରଜ୍ଞାନମୁତ ଚେତୋ ଧୃତିଶ୍ଚ ଯଜ୍ଜ୍ୟୋତିରନ୍ତରମୃତଂ ପ୍ରଜାସୁ ।**
**ଯସ୍ମାନ୍ନଃ ଋତେ କିଞ୍ଚନ କର୍ମ କ୍ରିୟତେ ତନ୍ମେ ମନଃ ଶିବସଂକଲ୍ପମସ୍ତୁ ।୩।**

ସେ ମନ ଜ୍ଞାନର ସାଧନ, ଚେତନର ଆଧାର,
ହୃଦୟ-ଆକାଶେ ଗୋପନେ, ରହେ ସେ ନିରନ୍ତର ।
ମରଣ-ଧରମୁ ବଞ୍ଚିତ, ହୋଇ ଜ୍ୟୋତି ସ୍ୱରୂପ,
ସକଳ ଇନ୍ଦ୍ରିୟଗଣଙ୍କୁ, ଦେଖାଏ ଦିବ୍ୟାଲୋକ ।
ତା'ବିନା ସଫଳ ହୁଏନା, କେବେ କେଉଁ କରମ,
ଶୁଭ ବିଗ୍ଚରରେ ମଗନ, ହେଉ ଅବୁଝା ମନ ।୩।

**ଓ୩ମ୍ ଯେନେଦଂ ଭୂତଂ ଭୁବନଂ ଭବିଷ୍ୟତ୍ପରିଗୃହୀତମମୃତେନ ସର୍ବମ୍ ।**
**ଯେନ ଯଜ୍ଞସ୍ତାୟତେ ସପ୍ତହୋତା ତନ୍ମେ ମନଃ ଶିବସଂକଲ୍ପମସ୍ତୁ ।୪।**

ଯେଉଁ ମନ ନିଜ ଚିନ୍ତନ, ମହାଶକତି ବଳେ,



ତ୍ରିକାଳକୁ କରି ଆୟତ୍ତ, ସକଳ କର୍ମ କରେ ।
ଯା ଶକତି ବଳେ ସପତ, ହୋତୃଗଣ ସହାୟେ,
ଶୁଭ କର୍ମ ସବୁ ସମ୍ପନ୍ନ, ନିଷ୍ଚୟ ଶୁଭେ ହୁଏ ।
ଅଗ୍ନିହୋତ୍ରଠାରୁ ଆରମ୍ଭି, ଅଶ୍ୱମେଧ ପର୍ଯ୍ୟନ୍ତ,
ତୁମ୍ଭ କୃପାବଳେ ସେ ମନ, ହେଉ ବିଗ୍ଚରବନ୍ତ ।୪।

**ଓ୩ମ୍ ଯସ୍ମିନ୍ନୃଚଃ ସାମ ଯଜୂଂଷି ଯସ୍ମିନ୍ ପ୍ରତିଷ୍ଠିତା ରଥନାଭାବିବାରାଃ ।**
**ଯସ୍ମିଂଶ୍ଚିତ୍ତଂ ସର୍ବମୋତଂ ପ୍ରଜାନାଂ ତନ୍ମେ ମନଃ ଶିବସଂକଲ୍ପମସ୍ତୁ ।୫।**

ଦ୍ରୁତଗାମୀ-ରଥ ନାଭିର, ଅକ୍ଷ ପ୍ରାୟ ସମାନ,
ଯେଉଁମନ ମଧ୍ୟେ ରହିଛି, କେତେ ଜ୍ଞାନ-ବିଜ୍ଞାନ ।
ଯେପରି ବସନେ ଗ୍ରଥିତ, ହୋଇ ରହିଛି ସୂତ୍ର,
ସେ ଭାବେ ପ୍ରାଣୀଙ୍କ ଚିନ୍ତନ, ଶକତି ବଳବନ୍ତ ।
ବିଜ୍ଞାନ ସ୍ୱରୂପ ହେ ବିଭୋ ! ସେହିପରି ମୋ ମନ,
ତୁମ୍ଭ କୃପାଲାଭ କରିସେ, ରହୁ ମୋର ଅଧୀନ ।୫।

**ଓ୩ମ୍ସୁଷାରଥିରଶ୍ୱାନିବ ଯନ୍ମନୁଷ୍ୟାନ୍ନେନୀୟତେଽଭୀଶୁଭିର୍ବାଜିନଽ ଇବ ।**
**ହୃତ୍ପ୍ରତିଷ୍ଠଂ ଯଦଜିରଂ ଜବିଷ୍ଠଂ ତନ୍ମେ ମନଃ ଶିବସଂକଲ୍ପମସ୍ତୁ ।୬।**

(ଯଜୁ ଅ.୩୪-ମ.୧ ରୁ ୬)

କୁଶଳ ସାରଥି ଯେପରି, ରଥ ଗ୍ଚଳନ କରି,
ନିଜ ଇଛାମତେ ଅଶ୍ୱକୁ, ନିଏ ସର୍ବତ୍ର ବରି ।
ଦୁଷ୍ଟ-ମନ ମୋର ସେପରି, ଦୁଷ୍ଟ ଶକତି ବଳେ,
ଇତସ୍ତତଃ ସଦା ବୁଲାଏ, ଜୀବ-ଜନ୍ତୁ ସକଳେ ।
ଚେତନ ସ୍ୱରୂପେ ଥାଏ ସେ, ଅତି ଚଞ୍ଚଳମତି,
ଆଶୁଗାମୀ ମହାଶକତି, ବଳେ ସେ ବଳବତୀ ।
କରି ହେଉନାହିଁ ଆୟତ୍ତ, ନାହିଁ ଦିବ୍ୟ ଶକତି,

| | |
|---|---|
| ବିନୟେ ଜଣାଏ ସେ ମନ, | ଏବେ ତୁମରି ଜତି । |
| ତୁମ୍ଭ ବିନା ଆଉ କେ ନାହିଁ, | ତୁମ୍ଭେ ହୁଅ ସହାୟ, |
| ତବାଶିଷେ ହେଉ ସେ ମନ, | ଶିବ ସଙ୍କଳ୍ପମୟ ।୬। |

**ଓମ୍ ଅଗ୍ନେ ତ୍ୱଂ ସୁଜାଗୃହି ବୟଂସୁ ମନ୍ଦିଷୀମହି । ରକ୍ଷାଣୋଽଅପ୍ରୟୁଚ୍ଛନ୍ ପ୍ରବୁଧେନଃ ପୁନସ୍କୃଧି ।୭।** (ଯଜୁ ଅ.୪-ମ.୧୪)

| | |
|---|---|
| ପ୍ରଭୋ ! ଅଗ୍ନିଦେବ ସର୍ବଦା, | ତୁମେ ଜାଗ୍ରତ ଥାଇ, |
| ନିଦ୍ରାଗତ ଜୀବଗଣଙ୍କୁ, | ରକ୍ଷାକର ଗୋସାଇଁ । |
| ନିଦ୍ରାପରେ ପୁଣି ଜାଗ୍ରତ, | ପାଇଁ ଲଭେ ସାମର୍ଥ୍ୟ, |
| ହେ ବିଭୋ ! ଶୟନବେଳାରେ, | ଏହି ମାଗୁଣି ନିତ୍ୟ । |
| ତୁମ୍ଭଠାରେ ରଖୁ ଏ ପ୍ରାଣ, | ପୁଣି ସତ୍ୟରେ ଲୟ, |
| ଶରଣ ରକ୍ଷକ ହେ ଶମ୍ଭୋ ! | ଶକ୍ତି-ସାହସ ଦିଅ ।୭। |

## ସଂସ୍କୃତ ପ୍ରାର୍ଥନା

| | |
|---|---|
| ପ୍ରଭୋ ! ମୟି ଦେହି ବିଜ୍ଞାନଂ, | ତରେୟଂ ଦୁଃଖସାଗରତଃ, |
| ତ୍ୱଦୀୟାଂ ପ୍ରେମ୍‌ଣାଭକ୍ତିଂ, | ଧରେୟଂ ଶାଶ୍ୱତଂ ଧାତଃ ।୧। |
| ବିଚିତ୍ରୋ ନିର୍ମିତଃକାୟୋ, | ଦ୍ୱିଧାନି ଚେନ୍ଦ୍ରିୟାଣୀତି । |
| ଯଥାସ୍ଥାନଂ ଯଥାକାମଂ, | ତ୍ୱମେବ ତାତ ହେଦାତଃ ।୨। |
| ଇମାନି ପଞ୍ଚଭୂତାନି, | ପୃଥିବ୍ୟାସ୍ତେଜସାଦୀନି । |
| ସମାନି ସର୍ବତଃ କୃତ୍ୱା, | ଅହୋସୃଷ୍ଟେଃ ସରିସର୍ତ୍ତଃ ।୩। |
| ବିଭୋ ! ମାତଃପିତଃଭ୍ରାତଃ, | ସକଳ ସଂସାରଚକର୍ତ୍ତଃ । |
| ତ୍ୱମେବ ମୁକ୍ତିଦା ସ୍ରୋତଃ, | ଅହୋ ଆନନ୍ଦଦାତା ନଃ ।୪। |
| ତ୍ୱଦୀୟଂ ଶରଣମାପନ୍ନୋ | ମଦୀୟଂ ଛିନ୍ଧି ଅଘଗ୍ରନ୍ଥିମ୍ । |
| ଭରେୟଂ ଭାବନାଂ ଶୁଦ୍ଧାଂ | ଜୟେୟଂ ମାନସଂ ଜ୍ଞାତଃ ।୫। |



### ହିନ୍ଦୀ...

| | |
|---|---|
| ଜଗଦୀଶ ! ଜ୍ଞାନଦାତା, | ସୁଖମୂଲ ଶୋକହାରୀ, |
| ଭଗୱନ୍ ! ତୁମ୍‌ହୀ ସଦାହୋ, | ନିଷ୍ପକ୍ଷ ନ୍ୟାୟକାରୀ ।୧। |
| ସବକାଲ୍ ସର୍ବଜ୍ଞାତା, | ସବିତା ପିତା ବିଧାତା, |
| ସବ୍‌ମେଁ ରମେ ହୁଏ ହୋ, | ତୁମ୍ ବିଶ୍ୱକେ ବିହାରୀ ।୨। |
| କରଦୋ ବଲିଷ୍ଠ ଆତ୍ମା, | ଘବରାୟେଁ ନା ଦୁଖୋଁସେ, |
| କଠିନାଇୟୋଁ କା ଜିସ୍‌ସେ, | ତରଜାୟେଁ ସିନ୍ଧୁଭାରୀ ।୩। |
| ନିଶ୍ଚୟ ଦୟା କରୋଗେ, | ହମ୍ ମାଙ୍ଗ୍‌ତେ ୟହୀ ହେଁ, |
| ହମ୍‌କୋ ମିଲେ ସ୍ୱୟଂ ହୀ, | ଉଠ୍‌ନେକୀ ଶକ୍ତିସାରୀ ।୪। |

ଶୟନ ପୂର୍ବରୁ ଶୀତଳ ଜଳରେ ପଦଧୌତପୂର୍ବକ, ଉପବେଶନ କରି, ଉପର୍ଯ୍ୟୁକ୍ତ ମନ୍ତ୍ର, ଭଜନାଦି ଏକାଗ୍ରଚିତ୍ତରେ ଆବୃତ୍ତି କରି, ଶଯ୍ୟା ଗ୍ରହଣ କରିବେ । ନିଦ ନ ଆସିବା ପର୍ଯ୍ୟନ୍ତ ଅନ୍ୟ କୌଣସି ବିଷୟରେ ଚିନ୍ତା ନ କରି, ଅର୍ଥ ସହିତ ସାବିତ୍ରୀ ମନ୍ତ୍ର ମନେ ମନେ ଆବୃତ୍ତି କରିବେ ।

-: ଇତି ଦିନଚର୍ଯ୍ୟା ପ୍ରକରଣମ୍ :-

## ପକ୍ଷେଷ୍ଟି ଯଜ୍ଞ

### (ଦର୍ଶ-ପୂର୍ଣ୍ଣମାସ ଯଜ୍ଞ)

କୌଣସି ବ୍ୟକ୍ତି ଯଦି କୌଣସି କାରଣ ବଶତଃ ଦୈନିକ କିମ୍ବା ସାପ୍ତାହିକ ଯଜ୍ଞାନୁଷ୍ଠାନ ସକାଶେ ନିଜର ଅସାମର୍ଥ୍ୟ ପ୍ରକାଶ କରନ୍ତି ତେବେ ସେ ଦର୍ଶ ଅର୍ଥାତ୍ ଅମାବାସ୍ୟା, ଏବଂ ପୂର୍ଣ୍ଣମାସ ଅର୍ଥାତ୍ ପୂର୍ଣ୍ଣିମାଦିନ ମାସିକ ଦି'ଥର ଯଜ୍ଞାନୁଷ୍ଠାନ କରିବା ଏକାନ୍ତ ଆବଶ୍ୟକ । ଏହାକୁ ପାକ୍ଷିକ ବା ପକ୍ଷେଷ୍ଟି ଯଜ୍ଞ କହନ୍ତି । ଦୈନିକ ଯଜ୍ଞ ସମାପ୍ତି ପରେ ଅର୍ଥାତ୍ "ଅଗ୍ନେନୟ ସୁପଥା" ମନ୍ତ୍ର ପାଠକରି ଆହୁତି ଦେବା ପରେ ଘୃତ ମିଶ୍ରିତ ଅନ୍ନ, କ୍ଷୀରୀ, ମୋହନଭୋଗ, କିମ୍ବା ଖେଚଡ଼ୀ ପ୍ରଭୃତିର ଆହୁତି ନିମ୍ନଲିଖିତ ମନ୍ତ୍ରରେ ଦେବାକୁ ହେବ । ଏତଦ୍‌ବ୍ୟତୀତ କୌଣସି ବିଶେଷ

ଯାଗଯଜ୍ଞାଦି ଯଦି ଅମାବାସ୍ୟା ବା ପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ହେଉଥାଏ, ତେବେ ମଧ୍ୟ ନିମ୍ନଲିଖିତ ମନ୍ତ୍ରଦ୍ୱାରା ଆହୁତି ଦେବା ଅତ୍ୟାବଶ୍ୟକ ।

## ଦର୍ଶେଷ୍ଟି- ଅମାବାସ୍ୟାଯଜ୍ଞ

(ଅମାବାସ୍ୟା ତିଥିରେ ନିମ୍ନୋକ୍ତ ମନ୍ତ୍ରରେ ଆହୁତି ଦେବେ)

ଓମ୍ ଅଗ୍ନୟେ ସ୍ୱାହା ।୧। ଓମ୍ ଇନ୍ଦ୍ରାଗ୍ନିଭ୍ୟାମ୍ ସ୍ୱାହା ।୨। ଓମ୍ ବିଷ୍ଣବେ ସ୍ୱାହା ।୩।

ଗଭୀରଭାବେ ଅନୁଧ୍ୟାନ କଲେ ଜାଣିପାରିବା ଏହି ଦର୍ଶେଷ୍ଟି ମନୁଷ୍ୟକୁ ଏକ ସୁନ୍ଦର ଓ ଦିବ୍ୟ ଉପଦେଶ ପ୍ରଦାନ କରୁଛି । କାରଣ ଅମାବାସ୍ୟା ରାତ୍ରିରେ ଚନ୍ଦ୍ରମା ନ ଥାଏ । ଅନ୍ଧକାର ସର୍ବତ୍ର ତାର ସାମ୍ରାଜ୍ୟ ବିସ୍ତାର କରି ରହିଥାଏ । କିନ୍ତୁ ବିଗ୍ଦ୍ରିବାର କଥା, ଚନ୍ଦ୍ରମା ସବୁଦିନ ପାଇଁ ଲୋପ ପାଇଯାଏ ନାହିଁ । ପରବର୍ତ୍ତୀ ଦିବସରୁ ଗୋଟିଏ ଗୋଟିଏ କଳା ଧାରଣ କରି ପୂର୍ଣ୍ଣିମା ଦିନ ପୁଣି ପୂର୍ଣ୍ଣ କିରଣ ପ୍ରଦାନ କରି ସମସ୍ତଙ୍କୁ ଆନନ୍ଦରାଜ୍ୟରେ ବିଚରଣ କରାଇଥାଏ । ଠିକ୍ ସେହିପରି ମନୁଷ୍ୟ ଜୀବନରେ ସର୍ବଦା ଉତ୍ଥାନ ପତନ ଲାଗି ରହିଛି । ଜୀବନକାଳରେ ଏପରି ସମୟ ମଧ୍ୟ ଆସି ପହଞ୍ଚିଯାଏ, ଯଦ୍ୱାରା ଚତୁର୍ଦ୍ଦିଗ ଅନ୍ଧକାର ଦେଖାଯାଇଥାଏ । ଅର୍ଥାତ୍ ହତାଶା ଓ ନିରାଶାର ବାତାବରଣ ମଣିଷକୁ ଏକାବେଳକେ ଅଧୈର୍ଯ୍ୟ ବା ବ୍ୟତିବ୍ୟସ୍ତ କରିପକାଏ । ସେତେବେଳେ ମଣିଷ ଏହି ଅମାବାସ୍ୟାଠାରୁ ସମୁଚିତ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ । ଅର୍ଥାତ୍ ଅମାବାସ୍ୟାର ସେହି ଘନ ତିମିର ସବୁଦିନ ପାଇଁ ରହେନାହିଁ, ଧୀରେ ଧୀରେ ତାହା ଅପସାରିତ ହୋଇ ଦିନେ ପୁଣି ପୂର୍ଣ୍ଣ ଆଲୋକରେ ପୃଥିବୀକୁ ଆଲୋକିତ କରେ । ଠିକ୍ ସେହିପରି ଯେଉଁ ମନୁଷ୍ୟ ଶତ ସହସ୍ର ଆପଦ ବିପଦର ସମ୍ମୁଖୀନ ହେଲେ ମଧ୍ୟ, ସ୍ୱକର୍ତ୍ତବ୍ୟ ପଥରେ ଅବିଚଳିତଭାବେ ଗତି କରେ ସେ ପୁଣିଥରେ ଜୀବନରେ ଅପାର ଆନନ୍ଦ ଉପଭୋଗ କରିବାକୁ ସମର୍ଥ ହୋଇଥାଏ ।



## ପୂର୍ଣ୍ଣମାସେଷ୍ଟି- ପୌର୍ଣ୍ଣମାସୀ ଯଜ୍ଞ

(ପୂର୍ଣ୍ଣିମାଦିନ ନିମ୍ନୋକ୍ତ ମନ୍ତ୍ରରେ ଆହୁତି ଦେବାକୁ ହେବ)

**ଓମ୍ ଅଗ୍ନୟେ ସ୍ୱାହା ।୧। ଓମ୍ ଅଗ୍ନୀଷୋମାଭ୍ୟାମ୍ ସ୍ୱାହା ।୨। ଓମ୍ ବିଷ୍ଣବେ ସ୍ୱାହା ।୩।**

ଅମାବାସ୍ୟା ଓ ପୂର୍ଣ୍ଣିମା ଉଭୟ ଦିବସରେ ଅଗ୍ନି ଓ ବିଷ୍ଣୁ (ସୂର୍ଯ୍ୟ) ପ୍ରକାଶଦାନ କରିଥାନ୍ତି । ଅମାବାସ୍ୟା ରାତ୍ରିରେ ଇନ୍ଦ୍ରାଗ୍ନି (ବିଦ୍ୟୁତ୍) ଓ ପୂର୍ଣ୍ଣିମା ରାତ୍ରିରେ ସୋମ (ଚନ୍ଦ୍ର) ପ୍ରକାଶଦାନ କରିଥାନ୍ତି ।

ଦର୍ଶେଷ୍ଟି ଯଜ୍ଞପରି ପୌର୍ଣ୍ଣମାସୀ ଯଜ୍ଞ ମଧ୍ୟ ମନୁଷ୍ୟକୁ ଏକ ମହତ୍ ଉପଦେଶ ପ୍ରଦାନ କରିଥାଏ । ପୂର୍ଣ୍ଣିମାଦିନର ଚନ୍ଦ୍ରମା ପୂର୍ଣ୍ଣ କଳାରେ ପରିପୂର୍ଣ୍ଣ । ମନୁଷ୍ୟ ଜୀବନରେ କେବେ କେବେ ଏପରି କ୍ଷଣ ମଧ୍ୟ ଆସି ପହଞ୍ଚିଯାଏ, ଯେତେବେଳେ କି ମନୁଷ୍ୟ ବିଦ୍ୟା, ବୈଭବ, ଧନସମ୍ପତ୍ତି, ବୁଦ୍ଧି, ବଳ ଆଦିର ଚରମ ସୀମାରେ ଯାଇ ଉପନୀତ ହୋଇଥାଏ । ସେତେବେଳେ ସେ ଗର୍ବରେ ଉନ୍ମତ୍ତ ହୋଇ ଧରାକୁ ସରାପରି ଜ୍ଞାନ କରିଥାଏ, ନିଜ କର୍ତ୍ତବ୍ୟରେ ଅବହେଳା ମଧ୍ୟ ପ୍ରଦର୍ଶନ କରିଥାଏ । ସଂପୂର୍ଣ୍ଣ କଳାରେ ପରିପୂର୍ଣ୍ଣ ଚନ୍ଦ୍ରମା ତାକୁ ଉପଦେଶ ଦେଇଥାଏ, ହେ ଅଳ୍ପଜ୍ଞ ମାନବ ! ଯାହାକୁ ତୁ ପରିପୂର୍ଣ୍ଣ ବୋଲି ମନେ କରୁଛୁ, ପ୍ରକୃତରେ ତା' ପରିପୂର୍ଣ୍ଣ ହୋଇ ସବୁଦିନ ପାଇଁ ରହିବ ନାହିଁ । ଆଜି ମୁଁ ପୂର୍ଣ୍ଣ, କିନ୍ତୁ କାଲିଠାରୁ ପୁଣି ମୋର କ୍ରମାନୁସାରେ ଅବକ୍ଷୟ ହେବ । ଏପରିକି ଦିନେ ପୁଣି ମୁଁ ପୂର୍ଣ୍ଣରୂପେ ଲୋପ ପାଇଯିବି । ଠିକ୍ ସେହିପରି ଯେଉଁ ଧନ ସମ୍ପତ୍ତି, ବିଦ୍ୟା, ବୁଦ୍ଧି, ବୈଭବକୁ ନେଇ ତୁ ଗର୍ବଭାବ ପୋଷଣ କରୁଛୁ, ସ୍ୱକର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରୁଛୁ, ସେପରି କଦାପି କରନାହିଁ । ଯେଣୁ ତୋ ନିକଟରେ ଥିବା ସମସ୍ତ ପଦାର୍ଥ ଦିନେନା ଦିନେ ପୁଣି ଛାରଖାର ହୋଇଯିବ ।

# ପରିଶିଷ୍ଟ

## ବ୍ରତଧାରଣ (ଦୃଢ଼ ପ୍ରତିଜ୍ଞା) ମନ୍ତ୍ରାଃ

(କୌଣସି ବ୍ରତ ଧାରଣକରି ଦୃଢ଼ପ୍ରତିଜ୍ଞ ହେବାକୁ ହେଲେ, ଯଜ୍ଞ ସମୟରେ ନିମ୍ନଲିଖିତ ପାଞ୍ଚୋଟି ମନ୍ତ୍ର ପାଠକରି ଶ୍ରଦ୍ଧା ଓ ଭକ୍ତିର ସହିତ ପାଞ୍ଚୋଟି ଘୃତାହୁତି ପ୍ରଦାନ କରିବେ) ।

**ଓମ୍ ଅଗ୍ନେ ବ୍ରତପତେ ବ୍ରତଂ ଚରିଷ୍ୟାମି ତତ୍ତେ ପ୍ରବ୍ରବିମୀ ତଚ୍ଛକେୟମ୍ ।**
**ତେନର୍ଧ୍ୟାସମିଦମହମନୃତାତ୍ସତ୍ୟମୁପୈମି ସ୍ୱାହା । ଇଦମଗ୍ନୟେ- ଇଦନ୍ନମମ ।୧।**
**ଓମ୍ ବାୟୋ ବ୍ରତପତେ ବ୍ରତଂ ଚରିଷ୍ୟାମି ତତ୍ତେ ପ୍ରବ୍ରବୀମି ତଚ୍ଛକେୟମ୍ ।**
**ତେନର୍ଧ୍ୟାସମିଦମହମନୃତାତ୍ସତ୍ୟମୁପୈମି ସ୍ୱାହା । ଭଦଂ ବାୟବେ- ଇଦନ୍ନ ମମ ।୩।**
**ଓମ୍ ସୂର୍ଯ୍ୟ ବ୍ରତପତେ ବ୍ରତଂ ଚରିଷ୍ୟାମି ତତ୍ତେ ପ୍ରବ୍ରବୀମି ତଚ୍ଛକେୟମ୍ ।**
**ତେନର୍ଧ୍ୟାସମିଦମହମନୃତାତ୍ସତ୍ୟମୁପୈମି ସ୍ୱାହା । ଇଦଂ ସୂର୍ଯ୍ୟାୟ- ଇଦନ୍ନ ମମ ।୩।**
**ଓମ୍ ଚନ୍ଦ୍ରବ୍ରତପତେ ବ୍ରତଂ ଚରିଷ୍ୟାମି ତତ୍ତେ ପ୍ରବ୍ରବୀମି ତଚ୍ଛକେୟମ୍ ।**
**ତେନର୍ଧ୍ୟାସମିଦମହମନୃତାତ୍ସତ୍ୟମୁପୈମି ସ୍ୱାହା । ଇଦଂ ଚନ୍ଦ୍ରାୟ- ଇଦନ୍ନ ମମ ।୩।**
**ଓମ୍ ବ୍ରତାନାଂ ବ୍ରତପତେ ବ୍ରତଂ ଚରିଷ୍ୟାମି ତତ୍ତେ ପ୍ରବ୍ରବୀମି ତଚ୍ଛକେୟମ୍ ।**
**ତେନର୍ଧ୍ୟାସମିଦମହମନୃତାତ୍ସତ୍ୟମୁପୈମି ସ୍ୱାହା । ଇଦଂ ଇନ୍ଦ୍ରାୟ ବ୍ରତପତୟେ- ଇଦନ୍ନ ମମ ।୩।**

ହେ ସର୍ବ ବ୍ରତର ଅଧୀଶ୍ୱର, ପରମପିତା ପରମେଶ୍ୱର ! ଆପଣଙ୍କ ପ୍ରଣୋଦିତ ସକଳ ଅଲଙ୍ଘ୍ୟ ନୀତି ନିୟମକୁ ଯଥାର୍ଥଭାବେ ପାଳନକରି, ଅଗ୍ନି, ବାୟୁ, ଚନ୍ଦ୍ର, ସୂର୍ଯ୍ୟ, ପ୍ରଭୃତି ଦେବଗଣ ନିୟମିତରୂପେ ନିଜନିଜର କର୍ତ୍ତବ୍ୟ ସମ୍ପାଦନ କରି, ଅହରହ ଜଗତର କଲ୍ୟାଣ ସାଧନରେ ବ୍ରତୀ ଅଛନ୍ତି । ଠିକ୍ ସେହିପରି ଆପଣଙ୍କ ଅପାର କରୁଣାରୁ ମୁଁ ଆଜି ଯେଉଁ ବ୍ରତ ଧାରଣ କରିବା ପାଇଁ ସଂକଳ୍ପ କରିଛି, ତାକୁ ଆଜୀବନ ବିଧିବିଧାନ ପୂର୍ବକ ପାଳନ କରିବା ସଙ୍ଗେ ସଙ୍ଗେ, ଜନତାର ସମ୍ୟକ୍ କଲ୍ୟାଣ ସାଧନରେ ତତ୍ପର ରହିବି । ତା'ପାଇଁ ମୋତେ ଅଫୁରନ୍ତ ଶକ୍ତି



ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଜ୍ଞଶାଳାରେ ଏପରି ମନୋଭାବ ପୋଷଣ କରି ପରବର୍ତ୍ତୀ କାଳରେ ମଧ୍ୟ ତାକୁ ପାଳନ କରିବାପାଇଁ ଯତ୍ପୋରୋନାସ୍ତି ଚେଷ୍ଟିତ ହୋଇ ରହିବେ ।

## ଗୃହସ୍ଥ ଧର୍ମ ପଞ୍ଚକ

(ପାରିବାରିକ ଯଜ୍ଞାନୁଷ୍ଠାନରେ ପରିବାରର ସମସ୍ତ ସଦସ୍ୟ ନିମ୍ନୋକ୍ତ ପାଞ୍ଚୋଟି ମନ୍ତ୍ର ପାଠକରି ତଦନୁକୂଳ ଆଚରଣପାଇଁ ପ୍ରତିଜ୍ଞାବଦ୍ଧ ହେବା ଏକାନ୍ତ ଆବଶ୍ୟକ । ଯଦି ସମୟ ଓ ସୁବିଧା ଥାଏ ତେବେ ମନ୍ତ୍ର ପାଠ କରି ଘୃତାହୁତି ଦେଲେ ଅଧିକ ଲାଭ ମିଳିଥାଏ) ।

**ଓମ୍ ସହୃଦୟଂ ସାଂମନସ୍ୟ ମବିଦ୍ୱେଷଂ କୃଣୋମି ବଃ ।**
**ଅନ୍ୟୋ ଅନ୍ୟମଭି ହର୍ଯତବତ୍ସଂ ଜାତମିବାଘ୍ନ୍ୟା ।୧।**
**ଓମ୍ ଅନୁବ୍ରତଃ ପିତୁଃ ପୁତ୍ରୋ ମାତ୍ରା ଭବତୁ ସଂମନାଃ ।**
**ଜାୟା ପତ୍ୟେ ମଧୁମତୀଂ ବାଚଂ ବଦତୁ ଶାନ୍ତିବାମ୍ ।୨।**
**ଓମ୍ ମା ଭ୍ରାତା ଭ୍ରାତରଂ ଦ୍ୱିକ୍ଷନ୍ମା ସ୍ୱସାରମୁତ ସ୍ୱସା ।**
**ସମ୍ୟଞ୍ଚଃ ସବ୍ରତା ଭୂତ୍ୱା ବାଚଂ ବଦତ ଭଦ୍ରୟା ।୩।**(ଅଥର୍ବ କା ୩-ସୂ.୩୦-ମ.୧ରୁ୩)
**ଓମ୍ ସମାନୀ ପ୍ରପା ସହ ବୋଽନ୍ନଭାଗଃ ସମାନେ ଯୋକ୍ତ୍ରେ ସହ ବୋ ଯୁନଜ୍ମି ।**
**ସମ୍ୟଞ୍ଚୋଽଗ୍ନିଂ ସପର୍ଯତାରା ନାଭିମିବାଭିତଃ ।୪।**
**ଓମ୍ ସଧ୍ରୀଚୀନାନ୍ ବଃ ସଂମନସସ୍କୃଣୋମ୍ୟେକଶ୍ନୁଷ୍ଟୀନ୍ ସଂବନେନ ସର୍ବାନ୍ ।**
**ଦେବା ଇବାମୃତଂ ରକ୍ଷମାଣାଃ ସାୟଂପ୍ରାତଃ ସୌମନସୋ ବୋ ଅସ୍ତୁ ।୫।**

(ଅଥର୍ବ କା. ୩-ସୂ.୩୦-ମ.୬-୭)

ହେ ଗୃହସ୍ଥଗଣ ! ମୁଁ ଯେପରି ଆଦେଶ ଦେଉଛି, ତୁମ୍ଭେମାନେ ସମସ୍ତେ ତଦନୁରୂପ କର୍ମ କର, ତଦ୍ଦ୍ୱାରା ଚିର ସୁଖ-ଶାନ୍ତି ଲାଭ କରିବ । ତୁମ୍ଭମାନଙ୍କୁ ଦ୍ୱେଷରହିତ ସମାନ-ହୃଦୟ ଓ ସମାନ-ମନ ପ୍ରଦାନ କରୁଛି । ସଦ୍ୟ ଉତ୍ପନ୍ନଶୀଳା ଧେନୁ ଯେପରି ନିଜ ବାଛୁରୀକୁ ଅନାବିଳ ସ୍ନେହ ପ୍ରଦର୍ଶନ କରେ, ସେହିପରି ତୁମ୍ଭେମାନେ ମଧ୍ୟ ପରସ୍ପରପ୍ରତି ସ୍ନେହ-ସୌହାର୍ଦ୍ଦ୍ୟଶୀଳ ହୁଅ ।୧।

ପୁତ୍ର ପିତାଙ୍କର ସର୍ବଦା ଆଜ୍ଞାବହ ହେଉ ଓ ଅନୁକୂଳ ଆଚରଣ ପ୍ରଦର୍ଶନ କରୁ । ମାଆଙ୍କ ନିକଟରେ ପ୍ରୀତିଯୁକ୍ତ ଶ୍ରଦ୍ଧାଶୀଳ ହେଉ । ପତ୍ନୀ ତଥା ପତି ସମସ୍ତଙ୍କ ପ୍ରତି ମଧୁର ଭାଷିଣୀ ହୁଅନ୍ତୁ । ସେହିପରି ପତି ମଧ୍ୟ ଶାନ୍ତ ଓ ମଧୁର ଭାଷଣ ପ୍ରଦାନ କରନ୍ତୁ ।୨।

ହେ ଗୃହସ୍ଥଗଣ ! ତୁମ୍ଭମାନଙ୍କ ମଧ୍ୟରେ ଭାଇ ଭାଇ ପ୍ରତି ଓ ଭଉଣୀ ଭଉଣୀ ପ୍ରତି, ତଥା ଭାଇ ଭଉଣୀ ପରସ୍ପର ପ୍ରତି କଦାପି ଦ୍ୱେଷ ଭାବନା ପୋଷଣ ନ କରନ୍ତୁ । ଆପଣା ଆପଣା ମଧ୍ୟରେ ସର୍ବଦା କଲ୍ୟାଣକାରୀ, ପ୍ରୀତିପ୍ରଦ ବାଣୀ ବ୍ୟବହାର କରନ୍ତୁ ।୩।

ହେ ଗୃହସ୍ଥ ମାନବଗଣ ! ତୁମ୍ଭମାନଙ୍କର ଜଳପାନ, ସ୍ନାନାଦିର ସ୍ଥାନ ଏକପ୍ରକାର ହେଉ । ଖାଦ୍ୟପେୟ ଓ ଯାନବାହନ ସମାନ ଧରଣର ହେଉ । ତୁମ୍ଭେମାନେ ସମସ୍ତେ ସମାନ ସୁଯୋଗ ଲାଭ କର । ଚକର ଅରଗୁଡ଼ିକ ନାଭି (ତୁମ୍ବି) ସହିତ ସଂଲଗ୍ନ ଥିବାପରି ତୁମ୍ଭମାନଙ୍କୁ ପାରସ୍ପରିକ କଲ୍ୟାଣ, ସଦ୍‌ଭାବନା ଓ ସମୁନ୍ନତିର ଧର୍ମ କେନ୍ଦ୍ରରେ ଏକାଠି କରି ରଖୁଛି ।୪।

ହେ ଗୃହସ୍ଥାଦି ମନୁଷ୍ୟଗଣ ! ମୁଁ ତୁମ୍ଭମାନଙ୍କୁ ଧର୍ମାଚରଣ ଓ ପରସ୍ପର ପ୍ରେମପୂର୍ବକ ସାହାଯ୍ୟ ସହାନୁଭୂତି ପ୍ରଦର୍ଶନ କରିବାପାଇଁ ନିଯୁକ୍ତ କରୁଅଛି । ପ୍ରାତଃ ଓ ସାୟଂକାଳରେ ସମସ୍ତେ ପ୍ରୀତିପୂର୍ବକ ଏକତ୍ର ସମ୍ମିଳିତ ହୁଅ । ତୁମ୍ଭମାନଙ୍କ ହୃଦୟରେ ଆନନ୍ଦପ୍ରଦାନକାରୀ ଶୁଦ୍ଧ-ପୂତ ଭାବ ଚିରସ୍ଥାୟୀ ହୋଇ ରହୁ ।୫।

## ଆତ୍ମ ସୂକ୍ତ
## (ଯଜୁର୍ବେଦର ଚତ୍ୱାରିଂଶ ଅଧ୍ୟାୟ)

(ବୃହଦ୍ ଯଜ୍ଞାନୁଷ୍ଠାନମାନଙ୍କରେ କ୍ରମାନ୍ୱୟରେ ବେଦମନ୍ତ୍ର ପାଠ କରାଯାଏ



। ବେଦ ପାରାୟଣ ଯଜ୍ଞ ହେଉ ନ ଥିଲେ, ସାଧାରଣ ଯଜ୍ଞରେ ବେଦମନ୍ତ୍ରରେ ଅଧିକ ଆହୁତି ଦେବାକୁ ହେଲେ, ବେଦ ଅଭାବରେ ସେହି କାର୍ଯ୍ୟକୁ ସମ୍ପାଦନ କରିବାପାଇଁ, ବେଦର କେତୋଟି ସୂକ୍ତ ଏଠାରେ ଅବତାରଣା କରାଯାଇଛି । ସେପରି ଯଜ୍ଞରେ ବା ବିଶେଷ ପର୍ବପର୍ବାଣି କିମ୍ବା ଉତ୍ସବ ସମୟରେ ଯଜୁର୍ବେଦର ଏହି ଅନ୍ତିମ ଅଧ୍ୟାୟର ସତରଟି ମନ୍ତ୍ର ପାଠକରି ଆହୁତି ଦେବା ଆବଶ୍ୟକ) ।

ଓମ୍ ଈଶାବାସ୍ୟମିଦଂ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜୀଥା ମା ଗୃଧଃ କସ୍ୟସ୍ୱିଦ୍ଧନମ୍ ।୧।
କୁର୍ବନ୍ନେବେହ କର୍ମାଣି ଜିଜୀବିଷେଚ୍ଛତଂ ସମାଃ ।
ଏବଂ ତ୍ୱୟି ନାନ୍ୟଥେତୋଽସ୍ତି ନ କର୍ମ ଲିପ୍ୟତେ ନରେ ।୨।
ଅସୂର୍ଯ୍ୟା ନାମ ତେ ଲୋକାଽନ୍ଧେନ ସମସାବୃତାଃ ।
ତାଁ ସ୍ତେ ପ୍ରେତ୍ୟାପି ଗଚ୍ଛନ୍ତି ୟେ କେ ଗ୍ୱାତ୍ମହନୋ ଜନାଃ ।୩।
ଅନେଜଦେକଂ ମନସୋ ଜବୀୟୋ ନୈନଦ୍ଦେବା ଆପ୍ନୁବନ୍ ପୂର୍ବମର୍ଶତ୍ ।
ତଦ୍ଧାବତୋଽନ୍ୟାନର୍ତ୍ୟେତି ତିଷ୍ଠତ୍ତସ୍ମିନ୍ନପୋ ମାତରିଶ୍ୱା ଦଧାତି ।୪।
ତଦେଜତି ତନ୍ନୈଜତି ତଦ୍ଦୂରେ ତଦ୍ୱନ୍ତିକେ ।
ସଦନ୍ତରସ୍ୟ ସର୍ବସ୍ୟ ତଦୁ ସର୍ବସ୍ୟାସ୍ୟ ବାହ୍ୟତଃ ।୫।
ୟସ୍ତୁ ସର୍ବାଣି ଭୂତାନ୍ୟା ତ୍ମନ୍ନେବାନୁପଶ୍ୟତି ।
ସର୍ବଭୂତେଷୁ ଗ୍ୱାତ୍ମାନଂ ତତୋ ନ ବି ଚିକିତ୍ସତି ।୬।
ଯସ୍ମିନ୍ ସର୍ବାଣି ଭୂତାନ୍ୟାତ୍ମୈବାଭୂଦ୍ୱିଜାନତଃ ।
ତତ୍ର କୋ ମୋହଃ କଃ ଶୋକଽ ଏକତ୍ୱମନୁପଶ୍ୟତଃ ।୭।
ସ ପର୍ଯ୍ୟଗାଚ୍ଛୁକ୍ରମକାୟମବ୍ରଣମସ୍ନାବିରଂ ଶୁଦ୍ଧମପାପବିଦ୍ଧମ୍ । କବିର୍ମନୀଷୀ
ପରିଭୂଃ ସ୍ୱୟମ୍ଭୁର୍ଯାଥାତଥ୍ୟତୋଽର୍ଥାନ୍ ବ୍ୟଦଧା-ଚ୍ଛାଶ୍ୱତୀଭ୍ୟଃ ସମାଭ୍ୟଃ ।୮।
ଅନ୍ଧନ୍ତମଃ ପ୍ରବିଶନ୍ତି ୟେ ଽସଂଭୂତିମୁପାସତେ ।
ତତୋ ଭୂୟ଼ଽଇବ ତେ ତମୋ ୟ଼ଽଉ ସମ୍ଭୂତ୍ୟାଂରତାଃ ।୯।

ଅନ୍ୟଦେବାହୁଃ ସମ୍ଭବାଦନ୍ୟଦାହୁରସମ୍ଭବାତ୍ ।
ଇତି ଶୁଶ୍ରୁମ ଧୀରାଣାଂ ଯେ ନସ୍ତଦ୍ବିଚଚକ୍ଷିରେ ।୧୦।
ସମ୍ଭୂତିଂ ଚ ବିନାଶଂ ଚ ଯସ୍ତଦ୍ବେଦୋ ଭୟଂ ସହ ।
ବିନାଶେନ ମୃତ୍ୟୁଂ ତୀର୍ତ୍ୱା । ସମ୍ଭୂତ୍ୟାମୃତମଶ୍ନୁତେ ।୧୧।
ଅନ୍ଧନ୍ତମଃ ପ୍ର ବିଶନ୍ତି ୟେଽବିଦ୍ୟାମୁପାସତେ ।
ତତୋଭୂୟଽଇବ ତେ ତମୋୟଽଉ ବିଦ୍ୟାୟାଂ ରତାଃ ।୧୨।
ଅନ୍ୟଦେବାହୁର୍ବିଦ୍ୟାୟାଽଅନ୍ୟ ଦାହୁରବିଦ୍ୟାୟାଃ ।
ଇତି ଶୁଶ୍ରୁମ ଧୀରାଣାଂ ଯେ ନସ୍ତଦ୍ବି ଚଚକ୍ଷିରେ ।୧୩।
ବିଦ୍ୟାଂ ଗ୍ବିଦ୍ୟାଂ ଚ ଯସ୍ତଦ୍ବେଦୋ ଭୟଂ ସହ ।
ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା ବିଦ୍ୟୟାମୃତମଶ୍ନୁତେ ।୧୪।
ବାୟୁରନିଲମମୃତମଥେଦଂ ଭସ୍ମାନ୍ତଂ ଶରୀରମ୍ ।
ଓ୩ମ୍ କ୍ରତୋ ସ୍ମର କ୍ଲିବେ ସ୍ମର କୃତଂ ସ୍ମର ।୧୫।
ଅଗ୍ନେ ନୟ ସୁପଥା ରାୟେଽଅସ୍ମାନ୍ ବିଶ୍ୱାନି ଦେବ ବୟୁନାନି ବିଦ୍ୱାନ୍ ।
ୟୁୟୋଧ୍ୟସ୍ମଜ୍ଜୁହୁରାଣମେନୋ ଭୂୟିଷ୍ଠାଂ ତେ ନମଃଉକ୍ତିଂ ବିଧେମ ।୧୬।
ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ ।
ଯୋଽସାବାଦିତ୍ୟେ ପୁରୁଷଃ ସୋଽସାବହମ୍ । ଓ୩ମ୍ ଖଂ ବ୍ରହ୍ମ ।୧୭।

## ଦାନ-ସୂକ୍ତ

**(ଋଗ୍‌ବେଦ ମଣ୍ଡଳ ୧୦ ସୂକ୍ତ ୧୧୭)**

(ବିଶେଷ ପର୍ବ-ପର୍ବାଣି ବା ଉତ୍ସବ ସମୟରେ ଦାନ-ସୂକ୍ତର ନଅଟି ମନ୍ତ୍ର ପାଠକରି ଆହୁତି ଦେବା ଆବଶ୍ୟକ)



ଓମ୍ ନ ବା ଉ ଦେବାଃ କ୍ଷୁଧମିଦ୍‌ବଧଂ ଦଦୁରୁତାଶିତମୁପ ଗଚ୍ଛନ୍ତି ମୃତ୍ୟବଃ ।
ଉତୋ ରୟିଃ ପୃଣତୋ ନୋପଦସ୍ୟତ୍ୟୁତାପୃଣନ୍ମର୍ଡ଼ିତାରଂ ନ ବିନ୍ଦତେ ।୧।
ୟ ଆଧ୍ରାୟ ଚକମାନାୟ ପିତ୍ୱୋଽନ୍ନବାନ୍‌ସ୍ନନ୍ନଫିତାୟୋ ପଜଗ୍ମୁଷେ ।
ସ୍ଥିରଂ ମନଃ କୃଣୁତେ ସେବତେ ପୁରୋତୋ ଚିତ୍ସମର୍ଡ଼ିତାରଂ ନ ବିନ୍ଦତେ ।୨।
ସ ଇଦ୍ଭୋଜୋ ୟୋ ଗୃହବେ ଦଦାତ୍ୟନ୍ନ କାମାୟ ଚରତେ କୃଶାୟ ।
ଅରମସ୍ମୈ ଭବତି ଯାମହୂତା ଉତାପରୀଷୁ କୃଣୁତେ ସଖାୟମ୍ ।୩।
ନ ସ ସଖା ୟୋ ନ ଦଦାତି ସଖ୍ୟେ ସଗ୍ଭୁବେ ସଚମାନାୟ ପିତ୍ୱଃ ।
ଅପାସ୍ମାତ୍ ପ୍ରେୟାନ୍ନ ତଦୋକୋ ଅସ୍ତି ପୃଣନ୍ତମନ୍ୟମରଣଂ ଚିଦିଚ୍ଛେତ୍ ।୪।
ପୃଣୀୟାଦିନ୍ନାଧମାନାୟ ତବ୍ୟାନ୍ଦ୍ରାଘୀୟାଂସମନୁ ପଶ୍ୟେତ ପନ୍ଥାମ୍ ।
ଓ ହି ବର୍ତନ୍ତେ ରଥ୍ୟେବ ଚକ୍ରାନ୍ୟମନ୍ୟମୁପତିଷ୍ଠନ୍ତ ରାୟଃ ।୫।
ମୋଘମନ୍ନଂ ବିନ୍ଦତେ ଅପ୍ରଚେତାଃ ସତ୍ୟଂ ବ୍ରବୀମି ବଧ ଇତ୍ସ ତସ୍ୟ ।
ନାର୍ଯ୍ୟମଣଂ ପୁଷ୍ୟତି ନୋ ସଖାୟଂ କେବଲାଘୋ ଭବତି କେବଲାଦୀ ।୬।
କୃଷନ୍ନିତ୍ଫାଳ ଆଶିତଂ କୃଣୋତି ୟନ୍ନଧ୍ୱାନମପବୃଙ୍କ୍ତେ ଚରିତ୍ରୈଃ ।
ବଦନ୍‌ବ୍ରହ୍ମାବଦତୋ ବନୀୟାନ୍‌ପୃଣନ୍ନାପିରପୃଣନ୍ତମଭିଷ୍ୟାତ୍ ।୭।
ଏକପାଦ୍‌ଭୂୟୋ ଦ୍ୱିପଦୋ ବି ଚକ୍ରମେ ଦ୍ୱିପାତ୍ତ୍ରିପାଦମଭ୍ୟେତି ପଶ୍ଚାତ୍ ।
ଚତୁଷ୍ପାଦେତି ଦ୍ୱିପଦାମଭିସ୍ୱରେ ସଂପଶ୍ୟନ୍ ପଙ୍କ୍ତୀରୁପତିଷ୍ଠମାନଃ ।୮।
ସମୌ ଚିଦ୍ଧସ୍ତୌ ନ ସମଂ ବିବିଷ୍ଟଃ ସଂମାତରା ଚିନ୍ନ ସମଂ ଦୁହାତେ ।
ୟମୟୋଶ୍ଚିନ୍ନ ସମା ବୀର୍ଯ୍ୟାଣି ଜ୍ଞାତୀ ଚିତ୍ସନ୍ତୌ ନ ସମଂ ପୃଣୀତଃ ।୯।

# ପୁରୁଷ ସୂକ୍ତ

## (ଯଜୁର୍ବେଦର ଏକତ୍ରିଂଶ ଅଧ୍ୟାୟ)

(ବିଶେଷ ପର୍ବପର୍ବାଣି କିମ୍ବା ଉତ୍ସବ ସମୟରେ ପୁରୁଷ ସୂକ୍ତର ବାଇଶଟି ମନ୍ତ୍ର ପାଠକରି ଆହୁତି ଦେବା ଆବଶ୍ୟକ) ।

ଓମ୍ ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ର ପାତ୍ ।
ସ ଭୂମିଁ ସର୍ବତ ସ୍ପୃତ୍ୱାତ୍ୟତିଷ୍ଠଦ୍ଦଶାଙ୍ଗୁଳମ୍ ।୧।
ପୁରୁଷଃଏବେଦଂ ସର୍ବଂ ଯଦ୍ଭୂତଂ ଯଚ୍ଚ ଭାବ୍ୟମ୍ ।
ଉତାମୃତତ୍ୱସ୍ୟେଶାନୋ ଯଦନ୍ନେନାତିରୋହତି ।୨।
ଏତାବାନସ୍ୟ ମହିମାତୋ ଜ୍ୟାୟାଁଶ୍ଚ ପୁରୁଷଃ ।
ପାଦୋଃସ୍ୟ ବିଶ୍ୱା ଭୂତାନି ତ୍ରିପାଦସ୍ୟାମୃତଂ ଦିବି ।୩।
ତ୍ରିପାଦୁର୍ଦ୍ଧ୍ୱ ଉଦୈଦ୍ପୁରୁଷଃ ପାଦୋଃସ୍ୟେହାଭବତ୍ପୁନଃ ।
ତତୋ ବିଶ୍ୱଙ୍ ବ୍ୟକ୍ରାମତ୍ସାଶନାନଶନେଃଅଭି ।୪।
ତତୋ ବିରାଡ଼ଜାୟତ ବିରାଜୋଃଧି ପୁରୁଷଃ ।
ସ ଜାତୋଃଅତ୍ୟରିଚ୍ୟତ ପଶ୍ଚାଦ୍ଭୂମିମଥୋ ପୁରଃ ।୫।
ତସ୍ମାଦ୍ୟଜ୍ଞାସର୍ବହୁତଃ ସମ୍ଭୃତଂ ପୃଷଦାଜ୍ୟମ୍ ।
ପଶୂଁସ୍ତାଁଶ୍ଚକ୍ରେ ବାୟବ୍ୟାନାରଣ୍ୟା ଗ୍ରାମ୍ୟାଶ୍ଚ ୟେ ।୬।
ତସ୍ମାଦ୍ୟଜ୍ଞାତ୍ସର୍ବହୁତଃ ଋଚଃ ସାମାନି ଜଜ୍ଞିରେ ।
ଛନ୍ଦାଂସି ଜଜ୍ଞିରେ ତସ୍ମାଦ୍ୟଜୁସ୍ତସ୍ମାଦଜାୟତ ।୭।
ତସ୍ମାଦଶ୍ୱାଃଜାୟନ୍ତ ୟେ କେ ଚୋଭୟାଦତଃ ।
ଗାବୋହ ଜଜ୍ଞିରେ ତସ୍ମାତ୍ତସ୍ମାଜ୍ଜାତାଃଜାବୟଃ ।୮।
ତଂ ଯଜ୍ଞଂ ବର୍ହିଷି ପ୍ରୌକ୍ଷନ୍ ପୁରୁଷଂ ଜାତମଗ୍ରତଃ ।
ତେନ ଦେବାଃ ଅୟଜନ୍ତ ସାଧ୍ୟାଃଋଷୟଶ୍ଚ ୟେ ।୯।
ଯତ୍ ପୁରୁଷଂ ବ୍ୟଦଧୁଃ କତିଧା ବ୍ୟକଳ୍ପୟନ୍ ।



ମୁଖଂ କିମସ୍ୟାସୀତ୍କିଂ ବାହୂ କିମୂରୂପାଦାଃଉଚ୍ୟେତେ ।୧୦।
ବ୍ରାହ୍ମଣୋଃସ୍ୟ ମୁଖମାସୀଦ୍ ବାହୂ ରାଜନ୍ୟଃ କୃତଃ ।
ଉରୂ ତଦସ୍ୟ ଯଦ୍ ବୈଶ୍ୟଃ ପଦ୍ଭ୍ୟାଂ ଶୂଦ୍ରୋଃଅଜାୟତ ।୧୧।
ଚନ୍ଦ୍ରମା ମନସୋ ଜାତଶ୍ଚକ୍ଷୋଃ ସୂର୍ଯ୍ୟୋଃଅଜାୟତ ।
ଶ୍ରୋତ୍ରାଦ୍ ବାୟୁଶ୍ଚ ପ୍ରାଣଶ୍ଚ ମୁଖାଦଗ୍ନିରଜାୟତ ।୧୨।
ନାଭ୍ୟାଃଆସୀଦନ୍ତରିକ୍ଷଁ ଶୀର୍ଷ୍ଣୋ ଦ୍ୟୌଃ ସମବର୍ତ୍ତତ ।
ପଦ୍‌ଭ୍ୟାଂ ଭୂମିର୍ଦିଶଃ ଶ୍ରୋତ୍ରାତ୍ତଥା ଲୋକାଁ୨ଃଅକଳ୍ପୟନ୍ ।
ଯତ୍ପୁରୁଷେଣ ହବିଷା ଦେବା ଯଜ୍ଞମତନ୍ୱତ ।
ବସନ୍ତୋଃସ୍ୟାସୀଦାଜ୍ୟଂ ଗ୍ରୀଷ୍ମଃଇଧ୍ମଃ ଶରଦ୍ଧବିଃ ।୧୪।
ସପ୍ତାସ୍ୟାସନ୍ ପରିଧୟସ୍ତ୍ରିଃ ସପ୍ତ ସମିଧଃ କୃତାଃ ।
ଦେବା ୟଦ୍ୟଜ୍ଞଂ ତନ୍ୱାନାଃବଧ୍ନନ୍ ପୁରୁଷଂ ପଶୁମ୍ ।୧୫।
ୟଜ୍ଞେନ ୟଜ୍ଞମୟଜନ୍ତ ଦେବାସ୍ତାନି ଧର୍ମାଣି ପ୍ରଥମାନ୍ୟାସନ୍ ତେ ହ
ନାକଂ ମହିମାନଃ ସଚନ୍ତ ଯତ୍ର ପୂର୍ବେ ସାଧ୍ୟାଃ ସନ୍ତି ଦେବାଃ ।୧୬।
ଅଦ୍‌ଭ୍ୟଃ ସମ୍ଭୃତଃ ପୃଥିବ୍ୟୈ ରସାଚ୍ଚ ବିଶ୍ୱକର୍ମଣଃ ସମବର୍ତ୍ତତାଗ୍ରେ ।
ତସ୍ୟ ତ୍ୱଷ୍ଟା ବିଦଧଦ୍ରୂପମେତି ତନ୍ମର୍ତ୍ତ୍ୟସ୍ୟ ଦେବତ୍ୱମାଜାନମଗ୍ରେ ।୧୭।
ବେଦାହମେତଂ ପୁରୁଷଂ ମହାନ୍ତମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ।
ତମେବ ବିଦିତ୍ୱାତି ମୃତ୍ୟୁମେତି ନାନ୍ୟଃ ପନ୍ଥା ବିଦ୍ୟତେଃୟନାୟ ।୧୮।
ପ୍ରଜାପତିଶ୍ଚରତି ଗର୍ଭେଃ ଅନ୍ତର ଜାୟମାନୋ ବହୁଧା ବି ଜାୟତେ ।
ତସ୍ୟ ୟୋନିଂ ପରି ପଶ୍ୟନ୍ତି ଧୀରାସ୍ତସ୍ମିନ୍‌ହ ତସ୍ଥୁ ର୍ଭୁବନାନି ବିଶ୍ୱା ।୧୯।
ୟୋ ଦେବେଭ୍ୟଃ ଆତପତି ୟୋ ଦେବାନାଂ ପୁରୋହିତଃ ।
ପୂର୍ବୋ ୟୋ ଦେବେଭ୍ୟୋ ଜାତୋ ନମୋ ରୁଚାୟ ବ୍ରାହ୍ମୟେ ।୨୦।
ରୁଚଂ ବ୍ରାହ୍ମଂ ଜନୟନ୍ତୋ ଦେବାଃ ଅଗ୍ରେ ତଦବ୍ରୁବନ୍ ।
ୟସ୍ତ୍ୱୈବଂ ବ୍ରାହ୍ମଣୋ ବିଦ୍ୟାତ୍ତସ୍ୟ ଦେବାଃଅସନ୍ୱଶେ ।୨୧।

ଶ୍ରୀଷ୍ଟତେ ଲକ୍ଷ୍ମୀଷ୍ଟ ପତ୍ନ୍ୟାବହୋରାତ୍ରେ ପାର୍ଶ୍ୱେ ନକ୍ଷତ୍ରାଣି ରୂପମଶ୍ୱିନୌ ବ୍ୟାତ୍ତମ୍ । ଇଷ୍ଣନ୍ନିଷାଣାମୁଂ ମଂଇଷାଣ ସର୍ବଲୋକଂ ମଂଇଷାଣ ।୨୨।

## ଶାନ୍ତି ସୂକ୍ତ

### (ଯଜୁର୍ବେଦ ଷଟ୍‌ତ୍ରିଂଶ ଅଧ୍ୟାୟ)

(ବିଶେଷ ପର୍ବ-ପର୍ବାଣିରେ ଶାନ୍ତି ସୂକ୍ତର ଚବିଶ ଗୋଟି ମନ୍ତ୍ର ପାଠକରି ଆହୁତି ଦେବା ଆବଶ୍ୟକ) ।

ଓମ୍ ଋଚଂ ବାଚଂ ପ୍ର ପଦ୍ୟେ ମନୋ ଯଜୁଃ ପ୍ର ପଦ୍ୟେ ସାମ ପ୍ରାଣଂ ପ୍ର ପଦ୍ୟେ ଚକ୍ଷୁଃ ଶ୍ରୋତ୍ରଂ ପ୍ର ପଦ୍ୟେ । ବାଗୋଜଃ ସହୌଜୋ ମୟି ପ୍ରାଣାପାନୌ ।୧।

ଯନ୍ମେ ଛିଦ୍ରଂ ଚକ୍ଷୁଷୋ ହୃଦୟସ୍ୟ ମନସୋ ବାତିତୃଣ୍ଣଂ ବୃହସ୍ପତିର୍ମେ ତଦ୍ଦଧାତୁ । ଶଂ ନୋ ଭବତୁ ଭୁବନସ୍ୟ ଯସ୍ପତିଃ ।୨।

ଭୂର୍ଭୁବଃ ସ୍ୱଃ । ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି । ଧିୟୋ ନୋ ନଃ ପ୍ରଚୋଦୟାତ୍ ।୩।

କୟା ନଶ୍ଚିତ୍ର ଽ ଆ ଭୁବଦୂତୀ ସଦାବୃଧଃ ସଖା । କୟା ଶଚିଷ୍ଠୟା ବୃତା ।୪।

କସ୍ତ୍ୱା ସତ୍ୟୋ ମଦାନାଂ ମଂହିଷ୍ଠୋ ମତ୍ସଦନ୍ଧସଃ । ଦୃଢ଼ା ଚିଦାରୁଜେ ବସୁ ।୫।

ଅଭୀଷୁଣଃ ସଖୀନାମବିତା ଜରିତୃ‌ଣାମ୍ । ଶତଂ ଭବାସ୍ୟୂତିଭିଃ ।୬।

କୟା ତ୍ୱଂ ନ ଽ ଊତ୍ୟାଭି ପ୍ର ମନ୍ଦସେ ବୃଷନ୍ । କୟା ସ୍ତୋତୃଭ୍ୟଃ ଆ ଭର ।୭।

ଇନ୍ଦ୍ରୋ ବିଶ୍ୱସ୍ୟ ରାଜତି । ଶନ୍ନୋଽସ୍ତୁ ଦ୍ୱିପଦେ ଶଂ ଚତୁଷ୍ପଦେ ।୮।

ଶନ୍ନୋ ମିତ୍ରଃ ଶଂ ବରୁଣଃ ଶନ୍ନୋ ଭବତ୍ୱର୍ଯ୍ୟମା । ଶନ୍ନଃ ଇନ୍ଦ୍ରୋ ବୃହସ୍ପତିଃ ଶନ୍ନୋ ବିଷ୍ଣୁରୁରୁକ୍ରମଃ ।୯।



ଶନ୍ନୋ ବାତଃ ପବତାଂ ଶନ୍ନସ୍ତପତୁ ସୂର୍ଯ୍ୟଃ । ଶନ୍ନଃ କନିକ୍ରଦଦ୍ଦେବଃ ପର୍ଜନ୍ୟୋଽ ଅଭି ବର୍ଷତୁ ।୧୦।

ଅହାନି ଶଂ ଭବନ୍ତୁ ନଃ ଶଁ ରାତ୍ରୀଃ ପ୍ରତି ଧୀୟତାମ୍ । ଶନ୍ନଽ ଇନ୍ଦ୍ରାଗ୍ନୀ ଭବତାମବୋଭିଃ ଶନ୍ନଽ ଇନ୍ଦ୍ରାବରୁଣା ରାତହବ୍ୟା । ଶନ୍ନଽ ଇନ୍ଦ୍ରାପୂଷଣା ବାଜସାତୌ ଶମିନ୍ଦ୍ରାସୋମା ସୁବିତାୟ ଶଂୟୋଃ ।୧୧।

ଶନ୍ନୋ ଦେବୀରଭିଷ୍ଟୟଽ ଆପୋ ଭବନ୍ତୁ ପୀତୟେ । ଶଂୟୋରଭିସ୍ରବନ୍ତୁ ନଃ ।୧୨।

ସ୍ୟୋନା ପୃଥିବୀ ନୋ ଭବାନୃକ୍ଷରା ନିବେଶନୀ । ଯଚ୍ଛା ନଃ ଶର୍ମ ସପ୍ରଥାଃ ।୧୩।

ଆପୋ ହି ଷ୍ଠା ମୟୋଭୁବସ୍ତା ନଽ ଊର୍ଜେ ଦଧାତନ । ମହେରଣାୟ ଚକ୍ଷସେ ।୧୪।

ୟୋ ବଃ ଶିବତମୋ ରସସ୍ତସ୍ୟ ଭାଜୟତେହ ନଃ । ଉଶତୀରିବ ମାତରଃ ।୧୫।

ତସ୍ମା ଽ ଅରଂ ଗମାମ ବୋ ଯସ୍ୟ କ୍ଷୟାୟ ଜିନ୍ୱଥ । ଆପୋ ଜନୟଥା ଚ ନଃ ।୧୬।

ଦ୍ୟୌଃ ଶାନ୍ତିରନ୍ତରିକ୍ଷଁ ଶାନ୍ତିଃ ପୃଥିବୀ ଶାନ୍ତିରାପଃ ଶାନ୍ତିରୋଷଧୟଃ ଶାନ୍ତିଃ । ବନସ୍ପତୟଃ ଶାନ୍ତିର୍ବିଶ୍ୱେଦେବାଃ ଶାନ୍ତିର୍ବ୍ରହ୍ମ ଶାନ୍ତିଃ ସର୍ବଂ ଶାନ୍ତିଃ ଶାନ୍ତିରେବ ଶାନ୍ତିଃ ସା ମା ଶାନ୍ତିରେଧି ।୧୭।

ଦୃତେ ଦୃହଂ ମା ମିତ୍ରସ୍ୟ ମା ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷନ୍ତାମ୍ । ମିତ୍ରସ୍ୟାହଂ ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷେ । ମିତ୍ରସ୍ୟ ଚକ୍ଷୁଷା ସମୀକ୍ଷାମହେ ।୧୮।

ଦୃତେ ଦୃଁ ହ ମା । ଜ୍ୟୋକ୍ତେ ସନ୍ଦୃଶି ଜୀବ୍ୟାସଂ ଜ୍ୟୋକ୍ତେ ସନ୍ଦୃଶି ଜୀବ୍ୟାସମ୍ ।୧୯।

ନମସ୍ତେ ହରସେ ଶୋଚିଷେ ନମସ୍ତେ ଽ ଅସ୍ତ୍ୱର୍ଚିଷେ । ଅନ୍ୟାଁସ୍ତେ ଽ ଅସ୍ମତ୍ତପନ୍ତୁ ହେତୟଃ ପାବକୋଽ ଅସ୍ମଭ୍ୟଁ ଶିବୋ ଭବ ।୨୦।

ନମସ୍ତେଽଅସ୍ତୁ ବିଦ୍ୟୁତେ ନମସ୍ତେ ସ୍ତନୟିତ୍ନବେ । ନମସ୍ତେ ଭଗବନ୍ନସ୍ତୁ ଯତଃ ସ୍ୱଃ ସମୀହସେ ।୨୧।

ଯତୋ ଯତଃ ସମୀହସେ ତତୋ ନୋଽ ଅଭୟଂ କୁରୁ । ଶଂ ନଃ କୁରୁ ପ୍ରଜାଭ୍ୟୋଽଭୟଂ ନଃ ପଶୁଭ୍ୟଃ ।୨୨।

ସୁମିତ୍ରିୟା ନ ଽ ଆପ ଓଷଧୟଃ ସନ୍ତୁ ଦୁର୍ମିତ୍ରିୟାସ୍ତସ୍ମୈ ସନ୍ତୁ । ୟୋଽସ୍ମାନ୍

ଦ୍ୱେଷ୍ଟି ୟଂ ଚ ବୟଂ ଦ୍ୱିଷ୍ମଃ ।୨୩।

ତଚ୍ଚକ୍ଷୁର୍ଦେବହିତଂ ପୁରସ୍ତାତ୍‌ଶୁକ୍ରମୁଚ୍ଚରତ୍ । ପଶ୍ୟେମ ଶରଦଃ ଶତଂ ଜୀବେମ ଶରଦଃ ଶତଂ ଶୃଣୁୟାମ ଶରଦଃ ଶତଂ ପ୍ର ବ୍ରବାମ ଶରଦଃ ଶତମଦୀନାଃ ସ୍ୟାମ ଶରଦଃ ଶତଂ ଭୂୟଶ୍ଚ ଶରଦଃ ଶତାତ୍ ।୨୪।

## ଶ୍ରଦ୍ଧାସୂକ୍ତ

### (ଋଗ୍‌ବେଦ ମଣ୍ଡଳ ୧୦ ସୂକ୍ତ ୧୫୧)

(ଶ୍ରଦ୍ଧାସୂକ୍ତର ପାଞ୍ଚୋଟି ମନ୍ତ୍ର ଶ୍ରଦ୍ଧାର ସହିତ ବିଶେଷ ଯଜ୍ଞରେ ଆହୁତି ଦେବା ଆବଶ୍ୟକ) ।

ଓମ୍‌ଶ୍ରଦ୍ଧୟାଗ୍ନିଃ ସମିଧ୍ୟତେ ଶ୍ରଦ୍ଧୟା ହୂୟତେ ହବିଃ ।
ଶ୍ରଦ୍ଧାଂ ଭଗସ୍ୟ ମୂର୍ଦ୍ଧନି ବଚସା ବେଦୟାମସି ।୧।
ପ୍ରିୟଂ ଶ୍ରଦ୍ଧେ ଦଦତଃ ପ୍ରିୟଂ ଶ୍ରଦ୍ଧେ ଦିଦାସତଃ ।
ପ୍ରିୟଂ ଭୋଜେଷୁ ୟଜ୍ୱସ୍ୱିଦଂ ମ ଉଦିତଂ କୃଧି ।୨।
ୟଥା ଦେବା ଅସୁରେଷୁ ଶ୍ରଦ୍ଧାମୁଗ୍ରେଷୁ ଚକ୍ରିରେ ।
ଏବଂ ଭୋଜେଷୁ ୟଜ୍ୱସ୍ୱସ୍ମାକମୁଦିତଂ କୃଧି ।୩।
ଶ୍ରଦ୍ଧାଂ ଦେବା ୟଜମାନା ବାୟୁଗୋପା ଉପାସତେ ।
ଶ୍ରଦ୍ଧାଂ ହୃଦସ୍ୟ ୟାକୂତ୍ୟା ଶ୍ରଦ୍ଧୟା ବିନ୍ଦତେ ବସୁ ।୪।
ଶ୍ରଦ୍ଧାଂ ପ୍ରାତର୍ହବାମହେ ଶ୍ରଦ୍ଧାଂ ମଧ୍ୟଂ ଦିନଂ ପରି ।
ଶ୍ରଦ୍ଧାଂ ସୂର୍ଯ୍ୟସ୍ୟ ନିମ୍ରୁଚି ଶ୍ରଦ୍ଧେ ଶ୍ରଦ୍ଧା ପୟେହ ନଃ ।୫।



## ପିତୃଯଜ୍ଞ

ପ୍ରାତଃ ସ୍ମରଣୀୟ ମହର୍ଷି ଦୟାନନ୍ଦ ସରସ୍ୱତୀ ସ୍ୱପ୍ରଣୀତ ଅମରଗ୍ରନ୍ଥ "ସତ୍ୟାର୍ଥ ପ୍ରକାଶ" ଓ "ପଞ୍ଚ ମହା ଯଜ୍ଞବିଧି" ପୁସ୍ତକ ଦ୍ୱୟରେ ପିତୃଯଜ୍ଞକୁ ତୃତୀୟ ସ୍ଥାନ ଦେବା ସଙ୍ଗେ ସଙ୍ଗେ, ଯେଉଁ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟମାନ ପ୍ରଦାନ କରିଛନ୍ତି, ସେସବୁର ସଂକ୍ଷିପ୍ତ ବିବରଣୀ ଏଠାରେ ପ୍ରଦାନ କରାଯାଇଛି । ସେସବୁକୁ ପାଠକଲେ ପାଠକ-ପାଠିକାଗଣ ପିତୃଯଜ୍ଞର ମହନୀୟ ଉଦ୍ଦେଶ୍ୟକୁ ନିଶ୍ଚୟ ଉପଲବ୍ଧି କରିବେ ବୋଲି ଆଶା ପୋଷଣ କରୁଛୁ ।

ଜୀବିତ ମାତା-ପିତା, କିମ୍ବା ପିତାମହ-ପିତାମହୀ ତଥା ନିଜଠାରୁ ବୟସାଧିକ୍ୟ ଗୁରୁଜନମାନଙ୍କୁ ଶ୍ରଦ୍ଧା ଓ ଭକ୍ତିର ସହିତ ସେବାସୁଶ୍ରୂଷା କରିବା ପ୍ରତ୍ୟେକ ବ୍ରହ୍ମଚାରୀ ଓ ଗୃହସ୍ଥମାନଙ୍କ ସର୍ବାଦୌ ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ଅଟେ । ଯେଉଁ ଦେବପଦବାଚ୍ୟ ବିଦ୍ୱାନ୍ ପିତାମାତାମାନେ ବହୁ ଘାତ-ପ୍ରତିଘାତ, ବାଧା ବିଘ୍ନ, ଆପଦ-ବିପଦ, ଦୁଃଖ-କଷ୍ଟ ସବୁକିଛିକୁ ସହାସ୍ୟବଦନରେ ସହ୍ୟକରି, ଆମ୍ଭମାନଙ୍କର ବହୁ ଉପକାର, ଅନେକ କଲ୍ୟାଣ କରିବାରେ ତିଳେମାତ୍ର ଅବହେଳା ପ୍ରଦର୍ଶନ କରିନାହାନ୍ତି, କିନ୍ତୁ କାଳର କରାଳ କବଳରେ କବଳିତ ହୋଇ ବର୍ତ୍ତମାନ ସେମାନେ ବୃଦ୍ଧ, ଅକର୍ମଣ୍ୟ, କ୍ଷୀଣକାୟ ହୋଇଗଲେଣି; ସେମାନଙ୍କୁ ପିତର୍ ନାମରେ ନାମିତ କରାଯାଇଛି ।

ଆମ ଉପରେ ପିତରମାନଙ୍କର ଯେଉଁ ମହାନ୍ ଋଣ ରହିଛି, ଜୀବନକାଳ ମଧ୍ୟରେ ତହିଁରୁ ମୁକ୍ତ ହେବା କଦାପି ସମ୍ଭବପର ନୁହେଁ । ତଥାପି ତା'ପାଇଁ ଯେଉଁସବୁ କର୍ତ୍ତବ୍ୟମାନ ରହିଛି, ସେସବୁକୁ କରିବାପାଇଁ ଯତ୍ନଶୀଳ ହେବା ଏକାନ୍ତ ଆବଶ୍ୟକ । ପିତୃଋଣରୁ ମୁକ୍ତ ହେବାପାଇଁ ଯେଉଁମାନେ ଚେଷ୍ଟା କରନ୍ତି ନାହିଁ, କିମ୍ବା ଉଦ୍ୟମ କରନ୍ତି ନାହିଁ, ସେମାନେ ନିଜ କର୍ତ୍ତବ୍ୟ ପାଳନରେ ମହତୀ ଅବହେଳା ପ୍ରଦର୍ଶନ କରିଥାନ୍ତି, ତେଣୁ ଫଳସ୍ୱରୂପ ପରିଣାମରେ ସେମାନଙ୍କୁ ନରକଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ । କାରଣ ସେମାନେ ମଧ୍ୟ ନିଜ ଜୀବନର ଅନ୍ତିମକାଳରେ ନିଜ ପୁତ୍ର,

ପୌତ୍ର କିମ୍ବା ଉତ୍ତରାଧିକାରୀଙ୍କଠାରୁ ଯଥୋଚିତ ସେବାସୁଶ୍ରୁଷା ପାଇପାରନ୍ତି ନାହିଁ । ତେଣୁ ନିଜ କୃତ କର୍ମଯୋଗୁଁ ସେମାନଙ୍କୁ ଅଶେଷ ଦୁଃଖ, ଦୈନ୍ୟ ଓ ଦୁର୍ବିପାକର ସମ୍ମୁଖୀନ ହେବାକୁ ପଡ଼ିଥାଏ । ପିତୃଯଜ୍ଞକୁ ତର୍ପଣ ଓ ଶ୍ରାଦ୍ଧ ଏପରି ଦୁଇ ଭାଗରେ ବିଭକ୍ତ କରାଯାଇଛି । ଏହାର ବ୍ୟୁତ୍ପତ୍ତି ହେବ- ତୃପ୍ୟନ୍ତି, ତର୍ପୟନ୍ତି ଯେନ ପିତୃ୍ନ୍ ତତ୍ ତର୍ପଣମ୍ । ଶ୍ରାଦ୍ଧ ଅର୍ଥାତ୍ ଶ୍ରତ୍ ସତ୍ୟର ନାମ । ଶ୍ରତ୍ ସତ୍ୟଂ ଦଧାତି ଯୟା କ୍ରିୟୟା ସା ଶ୍ରଦ୍ଧା, ଶ୍ରଦ୍ଧୟା ଯତ୍ ସର୍ବଂ କ୍ରିୟତେ ତତ୍ ଶ୍ରାଦ୍ଧମ୍ । ଯେଉଁ କାର୍ଯ୍ୟକଳାପଦ୍ୱାରା ଦେବ, ଋଷି ଓ ପିତରମାନଙ୍କୁ ତୃପ୍ତ କରାଯାଏ ତାହାହିଁ "ତର୍ପଣ" । ସେମାନଙ୍କୁ ଶ୍ରଦ୍ଧାର ସହିତ ସେବା ସୁଶ୍ରୁଷା କରିବାର ନାମ "ଶ୍ରାଦ୍ଧ" । ଜୀବିତ ପିତା-ମାତା ଓ ଗୁରୁଜନମାନଙ୍କ ସୁଖ-ଶାନ୍ତି ଓ ସନ୍ତୋଷ ବିଧାନ ପାଇଁ ସେବା କରାଯାଏ । ସେହି ସେବାକାର୍ଯ୍ୟ ସେବା ଓ ସେବକ ଉଭୟେ ଜୀବିତ ଥିବା ସମୟରେ ଉତ୍ତମରୂପେ କରାଯାଇଥାଏ । କାରଣ ପ୍ରତ୍ୟକ୍ଷ ବ୍ୟକ୍ତିର ସେବା କରିବା ସହଜସାଧ୍ୟ, ଅପ୍ରତ୍ୟକ୍ଷ ବ୍ୟକ୍ତିର ସେବାହିଁ କରାଯାଇ ନ ପାରେ । ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଯଦି କିଛି କରାଯାଏ, ତେବେ ତାହା ଆତ୍ମପ୍ରତାରଣା ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ ।

ପିତରଙ୍କ ଉଦ୍ଦେଶ୍ୟରେ ଯେଉଁ ଅନ୍ନଦାନ କରାଯାଏ, ତାକୁ "ସ୍ୱଧା" ଅର୍ଥାତ୍ ସ୍ୱ- ନିଜଲୋକଙ୍କୁ ଧା-ଧାରଣ କରିବା କୁହାଯାଏ । ଯେଉଁମାନେ ବର୍ଷ ବର୍ଷ ଧରି ଏକାଦିକ୍ରମେ ଆମ୍ଭମାନଙ୍କର ମହୋପକାର କରିଛନ୍ତି, ସେମାନେ ବର୍ତ୍ତମାନ ଅବସ୍ଥାଚକ୍ରରେ ପଡ଼ି କିଛି କରୁଥାନ୍ତୁ, କିମ୍ବା କରୁ ନ ଥାନ୍ତୁ, ତଥାପି ସେମାନଙ୍କ ସେବା ଶୁଶ୍ରୁଷା କରିବା, ଯତ୍ନ ନେବା ଅତ୍ୟନ୍ତ ଆବଶ୍ୟକ । ଯେଣୁ ସେମାନେ ପୂର୍ବରୁ ଆମର "ସ୍ୱ" ଅର୍ଥାତ୍ ଆପଣାର ହୋଇସାରିଛନ୍ତି । ସେମାନେ ଯେଉଁ ଉପକାରମାନ କରିଛନ୍ତି, ସେସବୁକୁ ମନେ ରଖିବା ପାଇଁ କୃତଜ୍ଞତାର ନିଦର୍ଶନ ସ୍ୱରୂପ, ସେମାନଙ୍କ ସେବା କରିବା ହେଉଛି ମନୁଷ୍ୟର ଅପରିହାର୍ଯ୍ୟ କର୍ତ୍ତବ୍ୟ ।

ଅତ୍ୟନ୍ତ ପରିତାପର ବିଷୟ ଆଜିକାଲି ଲୋକେ ଅବିଦ୍ୟାନ୍ଧକାରର



ଭ୍ରମଜାଲରେ ପଡ଼ି, ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ, ଶ୍ରାଦ୍ଧ ଓ ତର୍ପଣର ପ୍ରକୃତ ଅର୍ଥକୁ ଏକାବେଳକେ ଭୁଲିଯାଇଛନ୍ତି । ପିତା, ମାତା ତଥା ଆତ୍ମୀୟସ୍ୱଜନଙ୍କ ମୃତ୍ୟୁପରେ ପଦ୍ମପୁରାଣ ଯମ ଓ ଗରୁଡ଼ ପୁରାଣର କପୋଳକଳ୍ପିତ କଥାକୁ ବିଶ୍ୱାସକରି, ମହନୀୟ ବେଦ, ଉପନିଷଦ୍, ମନୁସ୍ମୃତି ପ୍ରଭୃତିର ସିଦ୍ଧାନ୍ତକୁ ତ୍ୟାଗକରି ପ୍ରେତକ୍ରିୟା, ଦଶାହ, ଏକାଦଶାହ, ଶ୍ରାଦ୍ଧ, ପାକ୍ଷିକ, ମାସିକ ଓ ବାର୍ଷିକ ଶ୍ରାଦ୍ଧ କରି ତର୍ପଣ, ପିଣ୍ଡଦାନ ଓ ବ୍ରାହ୍ମଣ ଭୋଜନ କରାଇ କେବଳ ଅର୍ଥ ଶ୍ରାଦ୍ଧ କରିବାରେ ଲାଗିଛନ୍ତି । ପିତାମାତାଙ୍କ ମୃତ୍ୟୁପରେ ସେମାନଙ୍କ ଉଦ୍ଦେଶ୍ୟରେ ଜଳଦାନ କରି, ତର୍ପଣ, ପିଣ୍ଡଦାନ, ବ୍ରାହ୍ମଣ ଭୋଜନ କରାଇ କେବଳ ହାସ୍ୟାସ୍ପଦ ହିଁ ହେଉଛନ୍ତି । ଯେଣୁ ଏସବୁ କରିବା ଶାସ୍ତ୍ର ଓ ସ୍ମୃତି ବିରୁଦ୍ଧ ଅଟେ । କାରଣ ଜୀବ ମୃତ୍ୟୁବରଣ କଲାପରେ ନିଜର ଶୁଭାଶୁଭ, ପାପପୁଣ୍ୟ କର୍ମାନୁସାରେ ଫଳଦାତା ଈଶ୍ୱରଙ୍କ ନିୟମାନୁସାରେ ପୁନର୍ଜନ୍ମ ଲାଭ କରିଥାଏ । ପୁନର୍ଜନ୍ମ ପରେ ପୂର୍ବର ନିଜ ପିତା, ମାତା, ପୁତ୍ର କଳତ୍ରଙ୍କ ସହିତ ଆତ୍ମାର କୌଣସି ପ୍ରକାର ସମ୍ପର୍କ ରହେ ନାହିଁ । ଶବଦାହ ପରେ ପ୍ରେତନାମକ କୌଣସି ଆତ୍ମା ମଧ୍ୟ ରହେନାହିଁ । ତେଣୁ ମୃତ୍ୟୁ ପରେ ଶ୍ରାଦ୍ଧ, ତର୍ପଣ କରିବା ଦ୍ୱାରା ନିଜର କିମ୍ବା ମୃତବ୍ୟକ୍ତିର ତିଳେମାତ୍ର ଲାଭ ନ ହୋଇ, କେବଳ ଅର୍ଥନାଶ ଓ ମନସ୍ତାପ ହେବାହିଁ ସାର ହୋଇଥାଏ ।

ଆଜିକାଲି ପ୍ରାୟ ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳୁଛି, ଲୋକେ ଜୀବିତ ପିତାମାତାଙ୍କର ସେବାସୁଶ୍ରୁଷା ପାଇଁ ମୋଟେ ଧ୍ୟାନ ଦେଉନାହାନ୍ତି, ସେବା ନାମ ପଡ଼ିବାମାତ୍ରେ ନାନା ବାହାନା ଦେଖାଇ ଏକାବେଳକେ ତାକୁ ଉପେକ୍ଷା କରିଥାନ୍ତି । କେବଳ ସେତିକି ନୁହେଁ, ଜନ୍ମଦାତା ମାତାପିତା ରୋଗବଇରାଗରେ ପଡ଼ି, ଅସହ୍ୟ, ଅକଥନୀୟ ଦୁଃଖଯନ୍ତ୍ରଣା ଭୋଗୁଥିଲେ ମଧ୍ୟ ସେମାନଙ୍କ ପାଖ ମାଡ଼ନ୍ତି ନାହିଁ । କିନ୍ତୁ ରୋଗରେ ହନ୍ତସନ୍ତ ହୋଇ, ମୃତ୍ୟୁବରଣ କଲାପରେ ଅତ୍ୟନ୍ତ ଉଲ୍ଲାସର ସହିତ ଗଙ୍ଗାକୁ ଯାଇ ଅସ୍ଥି ବିସର୍ଜନ କରିଥାନ୍ତି । ଏପରିକି ଗଙ୍ଗାରୁ ଫେରି ମହା ଆଡ଼ମ୍ବରରେ ଶ୍ରାଦ୍ଧ, ତର୍ପଣ କଲୁ ବୋଲି ଗର୍ବ ଅନୁଭବ କରିଥାନ୍ତି । କଷ୍ଟ ସ୍ୱୀକାର ପୂର୍ବକ ଗଙ୍ଗାକୁ

ଯାଇ ଶ୍ରାଦ୍ଧ ତର୍ପଣ କରିବାଦ୍ୱାରା ପିତାମାତାଙ୍କର ପ୍ରକୃତ ଶ୍ରାଦ୍ଧ, ତର୍ପଣ ନ ହୋଇ, କେବଳ ଅର୍ଥର ଶ୍ରାଦ୍ଧ ଓ ପଣ୍ଡାପଢ଼ିହାରୀଙ୍କ କେବଳ ତର୍ପଣ ହୋଇଥାଏ । ଏସବୁ ନବରଙ୍ଗଙ୍କୁ ଦେଖି କହିବାକୁ ପଡୁଛି... ଜୀବିତ ପିତାଙ୍କୁ ଦେଖାନ୍ତି ଠେଙ୍ଗା, ମଲାପରେ ହାଡ଼ ନିଅନ୍ତି ଗଙ୍ଗା । ଜୀବିତ ପିତାଙ୍କୁ ଉଠାନ୍ତି ହାତ, ମଲାପରେ ସହସ୍ର ଦଣ୍ଡବତ । ଜୀବିତ ପିତାଙ୍କୁ ଦିଅନ୍ତି ଲାତ, ମଲାପରେ ଖିରୀ ଖେଚିଡ଼ିଭାତ । ଜୀବିତ ପିତାଙ୍କୁ ଦିଅନ୍ତି ଗାଳି, ମଲାପରେ ଭୋଗ ଥାଳିକୁ ଥାଳି । ଏସବୁରେ ନାହିଁ ଲାଭ ବିଶେଷ, ତଥାପି ହୁଅନ୍ତି କେତେ ହରଷ । ଜୀବିତଙ୍କୁ କର ମାନ-ସମ୍ମାନ, ମଲାପରେ ସେସବୁ ଅକାରଣ । କଥିତ ହୋଇଛି...ଅପରାହ୍ଣେ ପିଣ୍ଡେ ପିତୃଯଜ୍ଞଃ । ଶତପଥ ୨-୪-୨-୮ ମନ୍ତ୍ର ଯଥା-

କୁର୍ଯ୍ୟାଦହରହଃ ଶ୍ରାଦ୍ଧଂ ପିତୃଭ୍ୟଃ ପ୍ରୀତିମାବହନ୍
ପୟୋ ଫଳମୂଳୈର୍ବାପି ମୁନ୍ୟନ୍ନୈଷ୍ପି ସର୍ବଶଃ ।

ଅମାବାସ୍ୟାରେ ପିତୃଯଜ୍ଞ, ବାର୍ଷିକ ପିତୃଯଜ୍ଞ, ଏ ସବୁର ପ୍ରକୃତ ଉଦ୍ଦେଶ୍ୟ ହେଉଛି, ପିତରମାନଙ୍କୁ ପ୍ରତିଦିନ ଭୋଜନ ଦେବା ଆବଶ୍ୟକ । ପ୍ରତିମାସରେ ଯେତେବେଳେ ବେତନ ମିଳେ, ସେତେବେଳେ ପିତରମାନଙ୍କୁ ପାଳନ କରିବାପାଇଁ, ବାନପ୍ରସ୍ଥ ଆଶ୍ରମରେ ରହୁଥିବା ବ୍ୟକ୍ତିଙ୍କ ପାଇଁ, ତହିଁରୁ କିଛି କିଛି ଅଂଶ ପଠାଇ ଦେବାକୁ ହେବ । ନତୁବା ନିଜ ଘରକୁ ନିମନ୍ତ୍ରଣ କରି ଯଥୋଚିତ ସତ୍କାର ପୂର୍ବକ କିଛି ଅର୍ପଣ କରିବାକୁ ହେବ । ପ୍ରତ୍ୟେକ ମାସ ଏପରି କରିବା, ଅସୁବିଧା ଜନକ ବୋଲି ଯେଉଁମାନେ ବିଚାରିବେ, ସେମାନେ ଅନ୍ତତଃ ବର୍ଷକୁ ଥରେ ସାଦର ନିମନ୍ତ୍ରଣ କରି ସତ୍କାର କରିବା ଏକାନ୍ତ ବାଞ୍ଛନୀୟ । ବର୍ଷକର ଜୀବନଯାପନ ପାଇଁ ଯେଉଁ ପରିମାଣର ଅନ୍ନାଦି ଆବଶ୍ୟକ, ସେତକ ସେତେବେଳେ ଦେଇ ବିଦାୟ କରିବା ଉଚିତ । ଏପରି କଲେ ଦାତା ଓ ଗ୍ରହୀତାଙ୍କର ଅଭିମାନ ଦୂର ହୁଏ । ଏପରି ଯେଉଁ ଅନ୍ନଦାନ କରାଯାଏ, ତାହାର ନାମହିଁ "ପିଣ୍ଡଦାନ" ।

ଯେଉଁ ପିତା-ମାତା ସ୍ୱକୀୟ ଜୀବନକାଳରେ ଯାବତୀୟ ବୈଭବକୁ ତ୍ୟାଗକରି, ବାନପ୍ରସ୍ଥାଶ୍ରମକୁ ଚାଲି ଯାଇଛନ୍ତି, ସେମାନଙ୍କ ପ୍ରତି ମଧ୍ୟ ସନ୍ତାନ-ସନ୍ତତିଙ୍କ ହୃଦୟରେ ବିଶେଷ ଶ୍ରଦ୍ଧା ଭକ୍ତି ରହିବା ଆବଶ୍ୟକ । ସେମାନଙ୍କୁ ସଶ୍ରଦ୍ଧ ନିମନ୍ତ୍ରଣ କରି ଯେଉଁ ସେବା କରାଯାଏ, ତାହାରି ନାମ ଶ୍ରାଦ୍ଧ । ଏହି ଯଜ୍ଞପାଇଁ ପ୍ରାୟ ଅପରାହ୍ଣ ସମୟ ଧାର୍ଯ୍ୟ କରାଯାଇଥାଏ । ତା'ର ଏକମାତ୍ର କାରଣ ହେଉଛି, ଅପରାହ୍ଣରେ ପରିବାର ବର୍ଗର ଭୋଜନାଦି ବ୍ୟାପାର ଶେଷ ହୋଇଥାଏ । ତେଣୁ ସେତେବେଳେ ଅଭିଜ୍ଞ ବୃଦ୍ଧ ବ୍ୟକ୍ତିଙ୍କ ନିକଟରୁ ବିଶେଷ ଧର୍ମ କର୍ମ ଜ୍ଞାନ-ବିଜ୍ଞାନ ବିଷୟକ ଗୂଢ଼ ରହସ୍ୟ ଶୁଣିବା ସମସ୍ତଙ୍କ ପକ୍ଷେ ସୁବିଧାଜନକ ହୋଇଥାଏ ।

ଯେ କୌଣସି ସମୟରେ, ଅନ୍ୟ ସ୍ଥାନରେ ମଧ୍ୟ ପୁରୁଷମାନେ ଜ୍ଞାନ ଧ୍ୟାନର ଚର୍ଚ୍ଚା କରି ପାରିବେ । କିନ୍ତୁ କୁଳବଧୂମାନଙ୍କ ପକ୍ଷରେ ଅପରାହ୍ଣ ବ୍ୟତୀତ ଅନ୍ୟ ସମୟ ସେତେ ସୁବିଧାଜନକ ହୁଏ ନାହିଁ । ବିଦ୍ୟାବୟୋବୃଦ୍ଧ, ଅଭିଜ୍ଞ ବ୍ୟକ୍ତିଗଣଙ୍କ ସଦୁପଦେଶ ସେମାନଙ୍କ ପକ୍ଷରେ ଅତ୍ୟନ୍ତ ହିତକାରକ ହୋଇଥାଏ । କାରଣ ସେମାନେ ନିଜ ନିଜର ଜୀବନକାଳ ମଧ୍ୟରେ କାର୍ଯ୍ୟ କ୍ଷେତ୍ରରେ ଯେଉଁ ସବୁ ସମସ୍ୟାର ସମ୍ମୁଖୀନ ହୋଇ ସୁଖ-ଦୁଃଖ, ଆପଦ ବିପଦ ସବୁ ଅଙ୍ଗେ ନିଭାଇଛନ୍ତି ସେସବୁ କରିବାଦ୍ୱାରା ଗୃହସ୍ଥ ବ୍ୟକ୍ତିଗଣ ଭବିଷ୍ୟତ ପାଇଁ ସତର୍କତା ଅବଲମ୍ବନ କରିଥାନ୍ତି । ତେଣୁ ସେମାନଙ୍କ ଉପଦେଶ ବାଣୀ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ବିଦ୍ୟାବିହୀନ ପିତରମାନଙ୍କୁ ମଧ୍ୟ ପୂର୍ବକାଳରେ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରାଯାଉଥିଲା । ଏପରିକି ଆମ ଦେଶର ଲୋକମାନେ ଅଶିକ୍ଷିତ, ମଳିମୁଣ୍ଡିଆ ମେହେନ୍ତର, ମେହେନ୍ତରାଣୀ ଆଦି ଲୋକଙ୍କୁ ମଧ୍ୟ କକା-କାକୀ, ମାଉସା-ମଉସୀ, ଭାଇ-ଭଉଣୀ, ଖୁଡ଼ୀ, ଅପା ପ୍ରଭୃତି ସମ୍ମାନ ସୂଚକ ଶବ୍ଦରେ ସମ୍ବୋଧନ କରୁଥିଲେ । ସୁନ୍ଦର ଭାବ ଆଦାନ-ପ୍ରଦାନକାରୀ ସେ ମହନୀୟ ପ୍ରଥା ଦିନକୁ ଦିନ କ୍ରମଶଃ ଲୋପ ପାଇବାରେ ଲାଗିଛି ।

ବର୍ତ୍ତମାନ ଆପଣମାନେ ଥରେ ସୁସ୍ଥ ଚିତ୍ତରେ ବିଚାରକରି ଦେଖନ୍ତୁ, ଜୀବିତ ବ୍ୟକ୍ତିମାନଙ୍କର ଶ୍ରାଦ୍ଧ-ତର୍ପଣରେ ପ୍ରକୃତ ଲାଭ ହେଉଛି, ନା ମୃତ ବ୍ୟକ୍ତିର ଶ୍ରାଦ୍ଧ-

ତର୍ପଣ କରିବାରେ ଲାଭ ହେଉଛି ? ଆପଣ ସ୍ୱୟଂ ନିଶ୍ଚିତରୂପେ ଅନୁଭବ କରୁଥିବେ, ଜୀବିତ ବ୍ୟକ୍ତିଙ୍କର ଶ୍ରାଦ୍ଧ-ତର୍ପଣ କରିବାରେ ହିଁ ଅଧିକ ଲାଭ ଅଛି । ଯେଉଁମାନଙ୍କର ଶ୍ରାଦ୍ଧ-ତର୍ପଣ ପ୍ରତି ବିଶ୍ୱାସ ଅଛି, ଆନ୍ତରିକତା ଅଛି ସେମାନେ ଜୀବିତ ପିତା-ମାତାଙ୍କୁ ଶ୍ରଦ୍ଧା ଓ ଭକ୍ତିର ସହିତ ପ୍ରତ୍ୟହ ସେବା କରିବା ଆବଶ୍ୟକ । ଜନହିତକର କୌଣସି ଉତ୍ତମ କର୍ମକରି ସେମାନଙ୍କୁ ତୃପ୍ତ କରିବା ଶ୍ରେୟସ୍କର । ଏଗୁଡକ ହିଁ ପ୍ରକୃତ ପିତୃଯଜ୍ଞ ବୋଲି କୁହାଯାଇଛି । ଯେଉଁମାନେ ଜୀବିତ ମାତାପିତାଙ୍କର ଶ୍ରାଦ୍ଧ-ତର୍ପଣ କରନ୍ତି, ସେମାନେ ନିଜର ଜୀବନକାଳ ମଧ୍ୟରେ ଯାବତୀୟ ସୁଖ-ସମ୍ପଦ ଭୋଗ କରନ୍ତି ଓ ସେମାନଙ୍କ ମନସ୍କାମନା ଅଚିରେ ପୂର୍ଣ୍ଣ ହୋଇଥାଏ ।

ପ୍ରାଚୀନ ଭାରତରେ ଯେ କୌଣସି ବୟସ୍କ ବ୍ୟକ୍ତିଙ୍କୁ ମାନସମ୍ମାନ ପ୍ରଦାନ କରାଯାଉଥିଲା ଓ ସତ୍କାର ମଧ୍ୟ କରାଯାଉଥିଲା, ସେ ସବୁକୁ ହିଁ ପିତୃଯଜ୍ଞ କୁହାଯାଉଥିଲା । ଯେଉଁମାନେ ନିଜର ସ୍ନେହ-ମମତା ବାରିକୁ ସିଞ୍ଚନ କରି, ଆମର ଜୀବନ କଳିକାକୁ ପ୍ରସ୍ଫୁଟିତ ଓ ସୁରଭିତ କରି ପ୍ରକୃତ ମାନବ ପଦବାଚ୍ୟ କରିଛନ୍ତି, ଯେଉଁମାନେ ଆଗରୁ ଆମକୁ ଅନାବିଳ ସ୍ନେହ ଶ୍ରଦ୍ଧା ଶୁଶ୍ରୁଷା, ଲାଳନପାଳନ କରି ବଢ଼ାଇଛନ୍ତି ଅଥଚ କାଳର କରାଳ କବଳରେ ପଡି ବାର୍ଦ୍ଧକ୍ୟାବସ୍ଥା ଯୋଗୁଁ ଅକର୍ମଣ୍ୟ ହୋଇ ପଡ଼ିଛନ୍ତି, ସେମାନେ ଚିର ଦିନ ପାଇଁ ଅମର ହୋଇ ରହିଥାନ୍ତୁ, ଏହି ପବିତ୍ର ଭାବନାକୁ ଉଜ୍ଜୀବିତ ବା ଜାଗ୍ରତକରି ରଖିବା ପାଇଁ ପିତୃଯଜ୍ଞର କଳ୍ପନା କରାଯାଇଛି ।

ପ୍ରାତଃ ଓ ସାୟଂକାଳରେ ଈଶ୍ୱରଙ୍କୁ ସ୍ମରଣକରିବାଦ୍ୱାରା ସହୃଦୟତା ଓ ପିତୃଯଜ୍ଞଦ୍ୱାରା କୃତଜ୍ଞତାର ମହନୀୟ ପାଠ ଶିକ୍ଷା କରି, ଯେଉଁ ବ୍ୟକ୍ତି ଯଜ୍ଞମୟ ଜୀବନଯାପନ କରେ, ସେ ନିଜର ତଥା ଅନ୍ୟର ଜୀବନକୁ ଶୁଦ୍ଧ-ପୂତ ରୂପେ ଗଠନ କରିବାରେ ସର୍ବତୋଭାବେ ସମର୍ଥ ହୋଇଥାଏ । ପ୍ରାଚୀନକାଳର ସେହି ସର୍ବଜନ ପ୍ରଶଂସିତ, ସର୍ବଜନାଦୃତ ମହାମହିମ ପ୍ରଥା ପୁଣି ଥରେ ପ୍ରଚଳିତ ହେଉ, ସକଳ ଜଗତ୍ ଯଜ୍ଞମୟ ହେଉ, ବିଶ୍ୱବାସୀ ଯଶସ୍ୱୀ ଜୀବନଯାପନ କରିବାରେ ସମର୍ଥ ହୁଅନ୍ତୁ ଏହାହିଁ କରୁଣାବରୁଣାଳୟଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।



## ୪. ବଳିବୈଶ୍ୱଦେବ ଯଜ୍ଞ ବା ଭୂତଯଜ୍ଞ

ପଞ୍ଚ ମହାଯଜ୍ଞ ମଧ୍ୟରେ ଚତୁର୍ଥ ଯଜ୍ଞ ହେଉଛି ବଳିବୈଶ୍ୱଦେବ ଯଜ୍ଞ । ପ୍ରାତଃ କାଳର ଶୁଭ ମୁହୂର୍ତ୍ତରେ ବ୍ରହ୍ମଯଜ୍ଞ, ଦେବଯଜ୍ଞ ତଥା ପିତୃଯଜ୍ଞ ସମାପନ କରି ଚତୁର୍ଥ ଯଜ୍ଞ ବଳିବୈଶ୍ୱଦେବ ଯଜ୍ଞ କରିବାର ମହାନ୍ ପରମ୍ପରା ରହିଛି । ବୈଶ୍ୱଦେବର ଅର୍ଥ- ଏହି ଯଜ୍ଞରେ ସମ୍ପୂର୍ଣ୍ଣ ବିଶ୍ୱ ବ୍ରହ୍ମାଣ୍ଡର ଦେବତାମାନଙ୍କ ଅଂଶ ସମ୍ମୁଖରେ ଆସି ଉପସ୍ଥିତ ହୋଇଯାଇଥାଏ । ଯଥା- ସୂର୍ଯ୍ୟ, ଚନ୍ଦ୍ର, ଜଳ, ବାୟୁ, ଅଗ୍ନି, ପୃଥିବୀ ଆଦି ଜଡ଼ ପଦାର୍ଥ, ତଥା ବ୍ରାହ୍ମଣ, ରାଜା, ବିଦ୍ୱାନ୍ ପ୍ରଭୃତି ଚେତନମାନଙ୍କ ନିକଟରେ ଯେଉଁ ଦେବତ୍ୱ ଅଛି, ଅର୍ଥାତ୍ ଅନ୍ୟମାନଙ୍କୁ ଦେବାପାଇଁ ଯେଉଁମାନଙ୍କର କିଛି ନା କିଛି ଶକ୍ତି ସାମର୍ଥ୍ୟ ରହିଛି, ସେମାନଙ୍କୁ "ବିଶ୍ୱଦେବ" ବୋଲି କୁହାଯାଏ । ଜଗତର ଯାବତୀୟ ବସ୍ତୁରେ ଓ ଚେତନ ପ୍ରାଣୀଗଣଙ୍କ ମଧ୍ୟରେ କିଛି ନା କିଛି ଦେବତ୍ୱ ରହିଛି । ସାଧାରଣଭାବେ ଆମର କାନ ଯେତେବେଳେ କୁଣ୍ଡାଇ ହୁଏ, ସେତେବେଳେ ଛୋଟ କୁଟାକାଠି ଖଣ୍ଡିଏ ମଧ୍ୟ ଆମର ମହୋପକାର ସାଧନ କରେ । କିନ୍ତୁ ସେତେବେଳେ ଛୁରୀ, ଗୁଜୁ, ଖଣ୍ଡା, ଗୁମଚ ଆଦି ଜିନିଷ କୌଣସି କାମରେ ଆସେ ନାହିଁ । ପାକଶାଳାକୁ ପ୍ରବେଶ କରି ଉତ୍ତମ ଉତ୍ତମ ଖାଦ୍ୟ ପଦାର୍ଥ ତିଆରି କଲେ ମନୁଷ୍ୟର ହୃଦୟରେ କାଳେ ଗର୍ବ, ଅଭିମାନ ଜାତ ହୋଇପାରେ, ତେଣୁ ତା'ର ନିରାକରଣ ପାଇଁ ଭୋଜନର ଠିକ୍ ଅବ୍ୟବହିତ ପୂର୍ବରୁ ଏହି ଯଜ୍ଞର ବିଧାନ କରାଯାଇଛି । ମନୁଷ୍ୟର ମନ-ହୃଦୟରେ ଯେପରି କୌଣସି ଗର୍ବ, ଅହଂଭାବ ବା ଅଭିମାନ ଜାତ ନ ହେବ, ତା'ପାଇଁ ଏ ଯଜ୍ଞର ପରିକଳ୍ପନା କରାଯାଇଛି । କାରଣ ଏହି ଯଜ୍ଞ ଯେଉଁମାନେ ଆଚରଣ କରନ୍ତି, ଭୋଜନ ପୂର୍ବରୁ ସେମାନେ ମନରେ ବିଗ୍ର କରନ୍ତି... ଯେଉଁ ଖାଦ୍ୟ ସାମଗ୍ରୀ ଆମେ ଉପଭୋଗ ବା ଭୋଜନ କରିବାକୁ ଯାଉଛୁ, ସେ ସବୁରେ ସଂସାରର ଅସଂଖ୍ୟ ଦେବଦେବୀଙ୍କ ପରିଶ୍ରମ ଓ ଶୁଭାଶୀର୍ବାଦ ପ୍ରଚ୍ଛନ୍ନଭାବେ ନିହିତ ହୋଇ ରହିଛି । ସେହି ଦେବଗଣଙ୍କୁ ସ୍ମରଣ କରିବା ଓ ସେମାନଙ୍କ ସଦୁଦ୍ଦେଶ୍ୟରେ କିୟଦଂଶ ସମର୍ପଣ କରିବା ହେଉଛି ଆମର

ପରମ ଓ ଚରମ କର୍ତ୍ତବ୍ୟ । ତା' ନ କରିବା ପର୍ଯ୍ୟନ୍ତ ଖାଦ୍ୟ ପଦାର୍ଥ ଭୋଜନ କରିବା କଦାପି ଉଚିତ ନୁହେଁ ।

ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇଯିବା ପରେ ଭୋଜନ ପୂର୍ବରୁ ନିମ୍ନଲିଖିତ ଦଶଗୋଟି ମନ୍ତ୍ରପାଠକରି ପ୍ରତ୍ୟେକ ମନ୍ତ୍ରରେ ପାକଶାଳାର ଚୁଲିରେ ପ୍ରତ୍ୟହ ବିଧିପୂର୍ବକ ଦଶଟି ଆହୁତି ଦେବାକୁ ହେବ । ଲବଣଯୁକ୍ତ ଓ ଖଟାପଦାର୍ଥ ଆହୁତି ନ ଦେଇ ଘୃତମିଶ୍ରିତ ଅନ୍ନ, କ୍ଷୀରି, ଆଦି ଯା'କିଛି ପ୍ରସ୍ତୁତ କରାଯାଇଥିବ, ସେ ସବୁକୁ ସମ୍ମିଶ୍ରଣ କରି ମନ୍ତ୍ରପାଠ ପୂର୍ବକ ଆହୁତି ଦେବାକୁବେ ।

**ଓମ୍ ଅଗ୍ନୟେ ସ୍ୱାହା ।୧।**

ମୁଁ ଅଭିମାନଶୂନ୍ୟ ହୋଇ, ସଂକଳ୍ପାଗ୍ନିର ସଂରକ୍ଷଣ ପାଇଁ, ଏହି ପ୍ରଥମ ଆହୁତି ଦେଉଛି ।

**ଓମ୍ ସୋମାୟ ସ୍ୱାହା ।୨।**

ମୋଠାରେ ସୋମ ଅର୍ଥାତ୍ ମଧୁର କୋମଳ ସ୍ୱଭାବ ସର୍ବଦା ରହୁ, ଏଥିପାଇଁ ଏ ଦ୍ୱିତୀୟ ଆହୁତି ଦେଉଛି ।୨।

**ଓମ୍ ଅଗ୍ନୀଷୋମାଭ୍ୟାଂ ସ୍ୱାହା ।୩।**

ଯିଏ ସକଳ ପ୍ରାଣୀଙ୍କ ଜୀବନର କାରଣ, ପ୍ରାଣ ତଥା ଯେ ଦୁଃଖନାଶର ହେତୁ ଅପାନ ଅଟନ୍ତି, ତାଙ୍କୁ ସ୍ମରଣକରି ଏହି ତୃତୀୟ ଆହୁତି ଦେଉଛି ।୩।

**ଓମ୍ ବିଶ୍ୱେଭ୍ୟୋ ଦେବେଭ୍ୟଃ ସ୍ୱାହା ।୪।**

ଜଗତର ପ୍ରକାଶକ ପରମେଶ୍ୱରଙ୍କ ଗୁଣ ଅଥବା ସମସ୍ତ ଦିବ୍ୟଗୁଣ ସମ୍ପନ୍ନ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏ ସୁନ୍ଦର ଆହୁତି ଦେଉଛି ।୪।

**ଓମ୍ ଧନ୍ୱନ୍ତରୟେ ସ୍ୱାହା ।୫।**

ଜନ୍ମ ମରଣାଦି ରୋଗନାଶକ ପରମେଶ୍ୱରଙ୍କୁ ସ୍ମରଣକରି ଏହି ସୁନ୍ଦର ଆହୁତି ଦେଉଛି ।

**ଓମ୍ କୁହ୍ୱୈ ସ୍ୱାହା ।୬।**



ବିସ୍ମୟକର ବିଭୁ ଓ ବିସ୍ମୟକର ଏହି ମନୁଷ୍ୟର ଶରୀରକୁ ସ୍ମରଣକରି ଏ ସୁନ୍ଦର ଆହୁତି ପ୍ରଦାନ କରୁଛି ।୬।

**ଓମ୍ ଅନୁମତ୍ୟୈ ସ୍ୱାହା ।୭।**

ଯେଉଁ ଯେଉଁ କୁଶଳୀ ଶିଳ୍ପୀ ଓ ଶ୍ରମଜୀବୀଙ୍କଦ୍ୱାରା ଅନ୍ନ ଓ ଜଳ ଉପଲବ୍ଧ ହେଉଛି, ସେମାନଙ୍କ ଅନୁମତି ନିମନ୍ତେ ଏହି ଆହୁତି ହେଉଛି ।୭।

**ଓମ୍ ପ୍ରଜାପତୟେ ସ୍ୱାହା ।୮।**

ପ୍ରଜାପାଳକ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏ ଆହୁତି ପ୍ରଦାନ କରୁଛି ।

**ଓମ୍ ସହ ଦ୍ୟାବାପୃଥିବୀଭ୍ୟାଂ ସ୍ୱାହା ।୯।**

ପୃଥିବୀ ମଧ୍ୟସ୍ଥ ରାଜ୍ୟ ଓ ସତ୍ୟ ବିଦ୍ୟାର ପରିପ୍ରକାଶ ଅର୍ଥାତ୍ ଲୌକିକ ଓ ପାରଲୌକିକ ଉଭୟ ପ୍ରକାର ସୁଖଲାଭପାଇଁ ତଥା ଅଗ୍ନି ଓ ଭୂମିଦ୍ୱାରା ଉପକାର ପା ଇବାପାଇଁ, ଏହି ସୁନ୍ଦର ଆହୁତି ଦେଉଛି ।୯।

**ଓମ୍ ସ୍ୱିଷ୍ଟକୃତେ ସ୍ୱାହା ।୧୦।**

ଜୀବଗଣଙ୍କୁ ଆବଶ୍ୟକୀୟ ପଦାର୍ଥ ସମାନଭାବରେ ପ୍ରଦାନ କରୁଥିବା, ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏହି ଆହୁତି ଦେଉଛି ।୧୦।

(ଏହି ଦଶଟି ମନ୍ତ୍ରରେ ଦଶଗୋଟି ଆହୁତି ଦେବାପରେ ବଳିଦାନ କରିବେ । ଅର୍ଥାତ୍ ଥାଳୀ ବା ଭୂମିଉପରେ ପତ୍ର ରଖି ନିମ୍ନୋକ୍ତ ମନ୍ତ୍ର ପାଠକରି ପୂର୍ବାଦି ଦିଗରୁ କ୍ରମାନ୍ୱୟରେ ଭାଗ ରଖିବେ । ସେହି ସମୟରେ କୌଣସି ଅତିଥି ଅଭ୍ୟାଗତ ଆସି ଉପସ୍ଥିତ ହେଲେ ଭୋଜନପାଇଁ ସେସବୁକୁ ତାଙ୍କୁ ଅର୍ପଣ କରିବେ । ନତୁବା ପରିଶେଷରେ ସେ ସବୁକୁ ମିଶ୍ରଣ କରି ପାକାଗ୍ନିରେ ହୋମ କରିବେ) ।

| | |
|---|---|
| **ଓମ୍ ସାନୁଗାୟେନ୍ଦ୍ରାୟ ନମଃ ।୧।** | (ଏଥିରେ ପୂର୍ବ) |
| **ଓମ୍ ସାନୁଗାୟ ଯମାୟ ନମଃ ।୨।** | (ଏଥିରେ ଦକ୍ଷିଣ) |
| **ଓମ୍ ସାନୁଗାୟ ବରୁଣାୟ ନମଃ ।୩।** | (ଏଥିରେ ପଶ୍ଚିମ) |
| **ଓମ୍ ସାନୁଗାୟ ସୋମାୟ ନମଃ ।୪।** | (ଏଥିରେ ଉତ୍ତର) |

**ଓମ୍ ମରୁଦ୍‌ଭ୍ୟୋ ନମଃ ।୫।** (ଏଥିରେ ଦ୍ୱାର)
**ଓମ୍ ଅଦ୍‌ଭ୍ୟୋ ନମଃ ।୬।** (ଏଥିରେ ଜଳ)
**ଓମ୍ ବନସ୍ପତିଭ୍ୟୋ ନମଃ ।୭।** (ଏଥିରେ ମୂଷଳ ଓ ଉଖଳ)
**ଓମ୍ ଶ୍ରିୟୈ ନମଃ ।୮।** (ଏଥିରେ ଈଶାନ)
**ଓମ୍ ଭଦ୍ରକାଲ୍ୟୈ ନମଃ ।୯।** (ଏଥିରେ ନୈରୃତ)
**ଓମ୍ ବ୍ରହ୍ମପତୟେ ନମଃ ।୧୦।** (ଏହି ଦିଓଟିମନ୍ତ୍ରରେ
**ଓମ୍ ବାସ୍ତୁପତୟେ ନମଃ ।୧୧।** (ମଧ୍ୟଭାଗରେ ଦିଓଟି)
**ଓମ୍ ବିଶ୍ୱେଭ୍ୟୋଦେବେଭ୍ୟୋ ନମଃ ।୧୨।**
**ଓମ୍ ଦିବାଗ୍ଚରିଭ୍ୟୋ ଭୂତେଭ୍ୟୋ ନମଃ ।୧୩।**
**ଓମ୍ ନକ୍ତଂ ଗ୍ଚରିଭ୍ୟୋ ଭୂତେଭ୍ୟୋ ନମଃ ।୧୪।**
(ଏହି ତିନି ମନ୍ତ୍ରଦ୍ୱାରା ଉପରି ଭାଗରେ ତିନୋଟି)
**ଓମ୍ ସର୍ବାତ୍ମଭୂତୟେ ନମଃ ।୧୫।** (ଏଥିରେ ପୃଷ୍ଠ)
**ଓମ୍ ପିତୃଭ୍ୟଃ ସ୍ୱଧାୟିଭ୍ୟଃ ସ୍ୱଧା ନମଃ ।୧୬।** (ଏଥିରେ ଦକ୍ଷିଣ)

ଉପକାରୀ ଦେବଗଣଙ୍କ ଋଣ ପରିଶୋଧ କରିବା ଉଦ୍ଦେଶ୍ୟରେ ମନମଧ୍ୟରେ ସଂକଳ୍ପ କରି, ସେମାନଙ୍କୁ ସ୍ମରଣ କରିବା ସଙ୍ଗେ ସଙ୍ଗେ ବିଧିପୂର୍ବକ ଅନ୍ନଭାଗମାନ ଦିଆଯାଏ ।

**ଷୋହଳଟି ମନ୍ତ୍ରର ଅର୍ଥ...**

୧. ସର୍ବୈଶ୍ୱର୍ଯ୍ୟଯୁକ୍ତ ପରମେଶ୍ୱର ଓ ତାଙ୍କର ଅନୁକରଣୀୟ ଗୁଣପ୍ରତି ଆଦରର ସହିତ ନମସ୍ତେ କରୁଅଛୁ । ଆମ୍ଭେମାନେ ଶାସକ ଓ ଶାସନ ବିଭାଗୀୟ ସମସ୍ତ ଅଧିକାରୀଙ୍କର ଋଣୀ, ତେଣୁ ତାଙ୍କ ନିମନ୍ତେ ଅନ୍ନଭାଗ, ୨. ବିଗ୍ରହପତି ଓ ବିଗ୍ରହକାରୀ ପୁରୁଷ, ୩. ଶାନ୍ତି ଶୃଙ୍ଖଳା ରକ୍ଷକ, ୪. ଚିକିତ୍ସକ ଓ ତାଙ୍କର ସହକାରୀଗଣ, ୫. ସୈନିକ, ୬. ଜଳବିଭାଗୀୟ ଅଧିକାରୀ, ୭. ଅରଣ୍ୟାଧିକାରୀ, ୮. କଳାକାର, ୯. ବନ୍ଦୀଶାଳାର କର୍ମଚାରୀ, ୧୦. ଉପଦେଶକ, ୧୧. ଶିକ୍ଷୀ, ୧୨. ବିଶ୍ୱର ସମସ୍ତ ଦେବଗଣ, ୧୩. ଦିବସର ରକ୍ଷକ, ୧୪. ରାତ୍ରିର ରକ୍ଷକ, ୧୫. ଆତ୍ମବେତ୍ତାଗଣ, ୧୬. ମାତାପିତାଦି ପିତୃପୁରୁଷ । ନମଃ ଶବ୍ଦର ଅର୍ଥ- ନିଜେ ଅଭିମାନଶୂନ୍ୟ ହୋଇ ଅନ୍ୟମାନଙ୍କ ନିକଟରେ ଯେଉଁ ବୁଦ୍ଧି, ବିଦ୍ୟା, ବଳ, ବୟସାଦିର ଆଧିକ୍ୟତା ଅଛି ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରି ସେମାନଙ୍କ ନିକଟରେ ନମ୍ର ହେବା ।



(ଏହା ପରେ ଘୃତମିଶ୍ରିତ ଅନ୍ନ ପ୍ରଭୃତିକୁ ନେଇ ମହର୍ଷିମାନଙ୍କ ପ୍ରଣୀତ ନିମ୍ନ ଶ୍ଳୋକ, ଅଥବା ସେମାନଙ୍କ ନାମ ପୃଥକ୍ ଭାବେ ଉଚ୍ଚାରଣକରି ଛଅଗୋଟି ଭାଗ ରଖିବ । ଯେଉଁମାନଙ୍କ ନାମରେ ସେହି ଛଅଭାଗ ଅର୍ପିତ ହୋଇଥିବ, ସେହି ଭାଗ ସେମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିବ)

ଶୁନାଂ ଚ ପତିତାନାଂ ଚ ଶ୍ୱପଚାଂ ପାପରୋଗିଣାମ୍ ।
ବାୟସାନାଂ କୃମୀଣାଂ ଚ ଶନକୈ ନିର୍ବପେଦ୍ ଭୁବି ।୧।
(ମନୁ ଅ-୩ ଶ୍ଳୋ ୯୨)

**ଓମ୍ ଶ୍ୱଭ୍ୟୋ ନମଃ ।୧। ଓମ୍ ପତିତେଭ୍ୟୋ ନମଃ ।୨। ଓମ୍ ଶ୍ୱପଚ୍‌ଭ୍ୟୋ ନମଃ ।୩। ଓମ୍ ପାପରୋଗିଭ୍ୟୋ ନମଃ ।୪। ଓମ୍ ବାୟସେଭ୍ୟୋ ନମଃ ।୫। ଓମ୍ କୃମିଭ୍ୟୋ ନମଃ ।୬।**

କୁକୁର, ପତିତ, ଚାଣ୍ଡାଳ, ପାପରୋଗୀ, କାକ ଓ କୃମି, ଏମାନଙ୍କ ପାଇଁ ଛଅଭାଗ ଅନ୍ନ ରଖିବ ଓ ଯେଉଁମାନଙ୍କ ଉଦ୍ଦେଶ୍ୟରେ ଅର୍ପିତ ହୋଇଥିବ, ସେହି ଭାଗ ସେମାନଙ୍କ ପାଇଁ ଘର ବାହାରେ ରଖିଦେବ ।୧।

ଏମାନେ ସମସ୍ତେ ମଧ୍ୟ ଦେବପଦବାଚ୍ୟ ଅଟନ୍ତି । କାରଣ ଏମାନେ ସମସ୍ତେ ଦିନେ ଶ୍ରେଷ୍ଠ ଜୀବନ ଲାଭ କରିଥିଲେ । କିନ୍ତୁ ନିଜ ନିଜର କୁକର୍ମ ଯୋଗୁଁ ଆଜି ସେମାନଙ୍କୁ ଏଭଳି ଦଣ୍ଡ ଭୋଗିବାକୁ ପଡୁଛି । ତେଣୁ ସେମାନେ ଆମକୁ ଉତ୍ତମରୁ ଉତ୍ତମ ଓ ପରୋପକାର କରି ଇହଜନ୍ମ ଓ ପରଜନ୍ମକୁ ସାର୍ଥକ କରିବା ପାଇଁ ସତତ ସୂଚନା ଦେବାରେ ଲାଗିଛନ୍ତି ।

ପ୍ରାଚୀନ ଭାରତରେ ଘରେ ଘରେ ବଳିବୈଶ୍ୱଦେବ ଯଜ୍ଞର ପ୍ରଚଳନ ଥିଲା

। କର୍ପୂର ଉଡ଼ିଯାଇଛି କନା ପଡ଼ିରହିଛି ନୀତିରେ ଆଜି ମଧ୍ୟ ଘରମାନଙ୍କରେ ମାଆ ଭଉଣୀମାନେ, ଭୋଜି ଭାତ ପ୍ରଭୃତିରେ ବିବେକୀ ବ୍ୟକ୍ତିମାନେ ଖାଦ୍ୟ ପ୍ରସ୍ତୁତ କରିବା ପରେ ରୋଷେଇ କରିଥିବା ଖାଦ୍ୟ ଦ୍ରବ୍ୟରୁ ସାମାନ୍ୟ ଅଂଶ ଅଗ୍ନିରେ ପ୍ରଥମେ ନିକ୍ଷେପ କରିବାର ଦେଖାଯାଏ । ଏହା ହେଉଛି ଭୂତ ଯଜ୍ଞର ଅପଭ୍ରଂଶ ରୂପ । ଏହି ଯଜ୍ଞଦ୍ୱାରା କୀଟ ପତଙ୍ଗ ନିର୍ବିଶେଷରେ ସମସ୍ତଙ୍କ ଉପକାର ସାଧିତ ହୋଇଥାଏ ।

**-: ବଳିବୈଶ୍ୱଦେବ ଯଜ୍ଞ ସମାପ୍ତ :-**

## ୫. ଅତିଥି ଯଜ୍ଞ

ଯଜ୍ଞ କ୍ରମରେ ଅତିଥି ଯଜ୍ଞ ପଞ୍ଚମ ସ୍ଥାନ ଅଧିକାର କରିଛି । ଏହାକୁ ନୃଯଜ୍ଞ ମଧ୍ୟ କୁହାଯାଏ । ଏଥିରେ ଅତିଥି ଅଭ୍ୟାଗତମାନଙ୍କ ଯଥାଯୋଗ୍ୟ ସତ୍କାର କରାଯାଇଥାଏ । ବିଦ୍ୱାନ୍, ପରୋପକାରୀ, ଧାର୍ମିକ, ସତ୍ୟୋପଦେଷ୍ଟା, ପକ୍ଷପାତରହିତ ସର୍ବହିତକାରୀ ବିଦ୍ୱାନ୍ ଓ ସାଧୁ ସନ୍ନ୍ୟାସୀମାନଙ୍କୁ ଭୋଜନାଦି ଦେଇ ସତ୍କାର କରିବା ସଙ୍ଗେ ସଙ୍ଗେ ପ୍ରଶ୍ନୋତ୍ତରଦ୍ୱାରା ନିଜର ସନ୍ଦେହକୁ ଦୂରକରି ସଦ୍‌ବିଦ୍ୟା, ସଦ୍‌ଜ୍ଞାନ ଲାଭ କରିବା ହେଉଛି "ଅତିଥିଯଜ୍ଞ" ।

ଏପରି ଅନେକସାଧୁ-ସନ୍ଥ, ମହାତ୍ମା-ମହାପୁରୁଷ, ମୁନି-ଋଷି, ବେଦବିଦ୍ ବିଦ୍ୱାନ୍ ଓ ମନୀଷୀଗଣ ଅଛନ୍ତି, ଯେଉଁମାନେ ଜନସମାଜର କଲ୍ୟାଣ ପାଇଁ, ଜନତାକୁ ସତ୍‌ପଥରେ ପରିଚାଳିତ କରିବା ପାଇଁ, ସର୍ବୋପରି ବେଦର ଦିବ୍ୟପଥ ପ୍ରଦର୍ଶନ କରି ସୁଖ-ଶାନ୍ତି ଆନନ୍ଦରେ ଜନସାଧାରଣଙ୍କୁ ରଖିବା ପାଇଁ, ନିଜର ଘର-ଦ୍ୱାର, ବନ୍ଧୁ-ବାନ୍ଧବ, ଆତ୍ମୀୟ ସ୍ୱଜନଙ୍କ ମାୟାମୋହକୁ ପରିତ୍ୟାଗ କରି ନିଜ ଶରୀର ଓ ସ୍ୱାସ୍ଥ୍ୟ ପ୍ରତି ମୋଟେ ଦୃଷ୍ଟି ନ ଦେଇ, ସଂକ୍ଷେପରେ କହିବାକୁ ଗଲେ ନିଜର ସବୁ କିଛି ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ପରିବ୍ରାଜକ ରୂପେ ଦେଶରେ ଅହରହ ପରିଭ୍ରମଣ କରିଥାନ୍ତି । ସେମାନେ ପରିଭ୍ରମଣ କାଳରେ ଆକସ୍ମିକ ଭାବେ କୌଣସି ଗୃହସ୍ଥର ଘରେ ଆସି ଯଦି ପହଞ୍ଚି ଯାଆନ୍ତି, ତେବେ ସେହି ଗୃହସ୍ଥର ଚରମ ଓ ପରମ କର୍ତ୍ତବ୍ୟ ହେଉଛି ଆନନ୍ଦର ସହିତ ସେମାନଙ୍କର ଯଥାଯୋଗ୍ୟ ସେବା ସତ୍କାର



କରି ଆଦର ଅଭ୍ୟର୍ଥନା କରିବା । କାରଣ ସେ ହେଉଛନ୍ତି ସେହି ଗୃହସ୍ଥର ସେ ଦିନର ଅତିଥି । ଅତିଥିଙ୍କ ସେବା ସତ୍କାର ହେଉଛି ମାନବୋଚିତ ପରମ ଧର୍ମ । ଅତିଥି ସତ୍କାରରେ ସାମାନ୍ୟ ମାତ୍ରାରେ ଅବହେଳା ପ୍ରଦର୍ଶନ କରିବା କଦାପି ଶୋଭନୀୟ ନୁହେଁ । ଓଡ଼ିଆରେ ଏକ ପ୍ରବାଦ ଅଛି...ଅତିଥି ହୋଇଲେ ନିରାଶ । ସକଳ ଧର୍ମ ହୁଏ ନାଶ । ସଂସ୍କୃତରେ ମଧ୍ୟ କଥିତ ହୋଇଛି...

ଉତ୍ତମସ୍ୟାପି ବର୍ଣ୍ଣସ୍ୟ ନୀଚୋଽପିଗୃହମାଗତଃ ।
ପୂଜନୀୟୋ ଯଥାୟୋଗ୍ୟଂ ସର୍ବଦେବମୟୋଽତିଥିଃ ।୧।
ଅତିଥିର୍ଯସ୍ୟ ଭଗ୍ନାଶୋ ଗୃହାତ୍‌ପ୍ରତିନିବର୍ତ୍ତତେ ।
ସ ତସ୍ମୈ ଦୁଷ୍କୃତଂ ଦତ୍ତ୍ୱା ପୁଣ୍ୟମାଦାୟ ଗଚ୍ଛତି ।୨।

ଉତ୍ତମ ବର୍ଣ୍ଣ ଗୃହସ୍ଥର ଘରେ ନୀଚ ବର୍ଣ୍ଣର ଅତିଥି ଜଣେ ଆସି ଉପସ୍ଥିତ ହେଲେ ମଧ୍ୟ ତାର ଯଥାଯୋଗ୍ୟ ସତ୍କାର କରିବା ଏକାନ୍ତ ଆବଶ୍ୟକ । କାରଣ ଅତିଥି ସର୍ବଦେବୋମୟ ଅଟନ୍ତି ।୧।

ଯେଉଁ ବ୍ୟକ୍ତି ଅତିଥିଙ୍କ ଉପଯୁକ୍ତ ସେବା ସତ୍କାର ନ କରି ନିରାଶରେ ଅତିଥିଙ୍କୁ ଘରୁ ଫେରାଇଦିଏ, ସେହି ଅତିଥି ନିଜ ଦୁଷ୍କୃତିକୁ ତାକୁ ଦେଇ ତାର ପୁଣ୍ୟ ଫଳକୁ ନେଇ ଚାଲିଯାଆନ୍ତି । ଅର୍ଥାତ୍ ସେହି ବ୍ୟକ୍ତି ପାପଭାଗୀ ଓ ଅତିଥି ପୁଣ୍ୟଭାଗୀ ହୋଇଥାନ୍ତି ।୨।

ଯେଉଁମାନେ ଆକସ୍ମିକ ଭାବେ ଗୃହସ୍ଥର ଘରେ ଆସି ପହଞ୍ଚି ଯାଆନ୍ତି, ସେମାନଙ୍କୁ ଅତିଥି କୁହାଯାଏ । ସେମାନଙ୍କ ଆସିବାରେ କୌଣସି ନିର୍ଦ୍ଦିଷ୍ଟ ତିଥି, ବାର, ନକ୍ଷତ୍ର ନ ଥିବାରୁ ସେମାନଙ୍କୁ ଅତିଥି କୁହାଯାଏ । "ନ ତିଥିର୍ବିଦ୍ୟତେ ଯସ୍ୟ ସ ଦେବୋ ଅତିଥିଃ ସ୍ମୃତଃ" । ଆକସ୍ମିକ ଭାବେ ସମାଗତ ଅତିଥିଙ୍କ ଯଥୋଚିତ ସତ୍କାର କରିବାରେ ମନୁଷ୍ୟ ଅଧିକମାତ୍ରାରେ ପ୍ରଶଂସିତ ହୋଇଥାଏ । ସମୟ ଦିବସ ଆଗରୁ ଅବଗତ କରାଇ ଉପସ୍ଥିତ ଅତିଥିଙ୍କ ସତ୍କାରରେ ସେତେ ପରିଣାମରେ ମନୁଷ୍ୟ ପ୍ରଶଂସିତ ହୋଇପାରେ ନାହିଁ । ଅଥର୍ବବେଦର ନବମକାଣ୍ଡ ଷଷ୍ଠସୂକ୍ତରେ

ଅତିଥି ଯଜ୍ଞର ମାହାତ୍ମ୍ୟ ବିଶଦ୍‌ଭାବରେ ବର୍ଣ୍ଣିତ ହୋଇଅଛି । ପାଠକପାଠିକାମାନଙ୍କ ଅବଗତି ନିମନ୍ତେ ଏଠାରେ କେବଳ ଦିଓଟି ମନ୍ତ୍ର ଅବତାରଣା କରାଯାଇଛି ।

**ଓମ୍ ତଦ୍ ଯସ୍ୟୈବଂ ବିଦ୍ୱାନ୍ ବ୍ରାତ୍ୟୋଽତିଥିର୍ଗୃହାନାଗଚ୍ଛେତ୍ ।୧।**

**ଓମ୍ ସ୍ୱୟମେନମଭ୍ୟୁଦେତ୍ୟ ବ୍ରୁୟାତ୍ ବ୍ରାତ୍ୟକ୍ୱାଽବାତ୍ସୀର୍ବ୍ରାତ୍ୟୋଦକଂ ବ୍ରାତ୍ୟ ତର୍ପୟନ୍ତୁ ବ୍ରାତ୍ୟ ଯଥା ତେ ପ୍ରିୟଂ ତଥାସ୍ତୁ ବ୍ରାତ୍ୟ ଯଥା ତେ ବଶସ୍ତଥାସ୍ତୁ ବ୍ରାତ୍ୟ ଯଥା ତେ ନିକାମସ୍ତଥାସ୍ତିତି ।୨।** (ଅଥର୍ବ କା. ୧୫-ସୂ. ୧୧ମ. ୧-୨)

ସର୍ବବ୍ୟାପକ ପରମେଶ୍ୱରଙ୍କୁ ଉତ୍ତମରୂପେ ଜାଣିଥିବା କୌଣସି ଅତିଥି ଯଦି ଗୃହସ୍ଥଙ୍କ ଘରେ ଆସି ପହଞ୍ଚି ଯାଆନ୍ତି ।୧। ତେବେ ତାଙ୍କୁ ଗୃହସ୍ଥ ଅତ୍ୟନ୍ତ ଆନନ୍ଦର ସହିତ ଉଠି ଅତିଥିଙ୍କୁ ଉତ୍ତମ ଆସନରେ ବସାଇ, ତାଙ୍କୁ ପଗ୍ଚରିବେ...ବ୍ରହ୍ମନ୍ ! ଗତକାଲି ଆପଣ କେଉଁଠାରେ ଅବସ୍ଥାନ କରିଥିଲେ ? ବ୍ରହ୍ମନ୍ ! ଜଳାଦି ଯେଉଁ ପଦାର୍ଥ ଆପଣଙ୍କର ଆବଶ୍ୟକ, ସେସବୁ ଗ୍ରହଣ କରନ୍ତୁ । ହେ ବିଦ୍ୱନ୍ ! ଆପଣ ଯେଉଁ କାମରେ ପ୍ରସନ୍ନ ହେବେ ଆମେ ସେପରି କାମ କରିବୁ । କେଉଁ ପଦାର୍ଥ ଆପଣଙ୍କୁ ପ୍ରିୟ ଦୟାକରି ତାହା ପ୍ରକାଶ କରନ୍ତୁ । ଆପଣଙ୍କ କାମନା ପୂର୍ଣ୍ଣ ହେବାପରି କାମ ଆମେ ନିଶ୍ଚୟ କରିବୁ । ଫଳରେ ସେବ୍ୟ ଓ ସେବକ ଅର୍ଥାତ୍ ଆପଣଙ୍କ ଓ ଆମ ମଧ୍ୟରେ ପ୍ରୀତି ଉତ୍ପନ୍ନ ହୋଇ ସତ୍ସଙ୍ଗଦ୍ୱାରା ଆମର ଜ୍ଞାନ ଓ ବିଦ୍ୟା ବୃଦ୍ଧି ହେବ । ପରେ ପୁଣି ତାଙ୍କୁ ପ୍ରାର୍ଥନା କରିବେ, ହେ ବିଦ୍ୱନ୍ । ଆପଣ ଆପଣଙ୍କ ସତ୍ୟୋପଦେଶଦ୍ୱାରା ଆମ୍ଭମାନଙ୍କୁ ତୃପ୍ତ କରନ୍ତୁ, ଯା'ଫଳରେ ଆମ୍ଭର ଇଷ୍ଟ-ମିତ୍ର, ଆତ୍ମୀୟସ୍ୱଜନଗଣ ଆପଣଙ୍କ ଉପଦେଶରୁ ଜ୍ଞାନାର୍ଜନ କରି ପସନ୍ନ ହୋଇ ରହିବେ । ଆପଣଙ୍କ ଯଥୋଚିତ ସେବାସତ୍କାର କରି ଆପଣଙ୍କୁ ମଧ୍ୟ ସନ୍ତୁଷ୍ଟ କରି ରଖିବେ ।

ତସ୍ମାନ୍ନ ଦ୍ୱିଷନ୍ନ ଶ୍ରୀୟାନ୍ନ ଦ୍ୱିଷତୋଽନ୍ନ ମଶ୍ନୀୟାତ୍ ନ ମୀମାଂସିତସ୍ୟ ନ ମୀମାଂସମାନସ୍ୟ । ତସ୍ମାତ୍ ପୂର୍ବୋ ନାଶ୍ନୀୟାତ୍ ।

ହେ ଅତିଥି ! ଯେଉଁ ବ୍ୟକ୍ତିର ଅନ୍ନ ଭୋଜନ କରୁଥିବ, ସେ ଯଦି ଦ୍ୱେଷଭାବ ପୋଷଣ କରନ୍ତି, ତେବେ ତାର ଅନ୍ନ ଭୋଜନ କରିବ ନାହିଁ । ଦ୍ୱେଷଭାବ ପୋଷଣ



କରି ଅନ୍ନ ଦେଉଥିଲେ, ସେହି ଅନ୍ନ ମଧ୍ୟ ଗ୍ରହଣ କରିବ ନାହିଁ । ଯେଉଁ ବ୍ୟକ୍ତିର ମନ୍ଦ ପ୍ରକୃତି ସମ୍ପର୍କରେ ତୁମେ ଅବଗତ ଅଛ, ପୁନଶ୍ଚ ଯେଉଁମାନେ ସନ୍ଦେହମନା ହୋଇ ଭୋଜନ ଦେଉଥିବେ, ସେମାନଙ୍କ ଅନ୍ନ ମଧ୍ୟ ଭୋଜନ କରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତିଙ୍କର ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି, ଅତିଥି ଅଭ୍ୟାଗତଙ୍କୁ ଭୋଜନ କରାଇବା ପରେ ନିଜେ ଭୋଜନ କରିବେ । ଅଥର୍ବ ବେଦରେ ଅତିଥିଯଜ୍ଞର ମହନୀୟତା ଯେପରି ବର୍ଣ୍ଣିତ ହୋଇଛି ସେସବୁ ପାଠ କଲାମାତ୍ରକେ, ସ୍ପଷ୍ଟ ରୂପେ ଉପଲବ୍ଧି କରିହେବ ଯେ, ଆର୍ଯ୍ୟମାନେ କଦାପି ଏକାକୀ ଭୋଜନ କରିବା ଉଚିତ୍ ନୁହେଁ । ପ୍ରଥମେ ଅନ୍ୟକୁ ଭୋଜନ କରାଇ ପ୍ରୀତ କରିବା ପରେ, ନିଜେ ଭୋଜନ କଲେ ହୃଦୟ ଓ ମନରେ ଅପାର ଆନନ୍ଦ ଓ ଉତ୍ସାହ ଜାତ ହୋଇଥାଏ ।

ଯେଉଁମାନେ ଅତିଥିଙ୍କୁ ଭୋଜନ ନ କରାଇ, ନିଜେ କେବଳ ଏକାକୀ ଭୋଜନ କରନ୍ତି, ସେମାନେ ଆପେ ଆପଣାର ସୁଖ-ସମୃଦ୍ଧି ଯଶ, କୀର୍ତ୍ତି, ପ୍ରଜା, ପଶୁ ସବୁ କିଛିକୁ ବିନାଶ କରିଥାନ୍ତି । ବେଦରେ କୁହାଯାଇଛି...ଅତିଥିଙ୍କ ସେବାସତ୍କାର କରୁଥିବା ବ୍ୟକ୍ତିଙ୍କୁ, ପ୍ରାତଃକାଳର ଉଦିତ ଅରୁଣ ଶୁଭସନ୍ଦେଶ ଦିଅନ୍ତି, ମଧୁମୟ ପ୍ରଭାତ ବେଳା ସେମାନଙ୍କ ପ୍ରଶଂସା କରନ୍ତି, ମଧ୍ୟାହ୍ନ ସୁଗୁଣ ଗାନ କରନ୍ତି, ଅପରାହ୍ଣ ପୁଷ୍ଟିସାଧନ କରନ୍ତି, ତଥା ସାୟଂକାଳ ସୁଖାଶ୍ରୟ ପ୍ରଦାନ କରନ୍ତି । ଅତିଥିଙ୍କ ଯଥୋଚିତ ସତ୍କାର ଯେଉଁମାନେ କରନ୍ତି, ସେମାନେ ଜନସମାଜରେ ଅତ୍ୟନ୍ତ ଆଦୃତ ଓ ପ୍ରଶଂସିତ ହୋଇ ଯଶସ୍ୱୀ ଜୀବନ ଯାପନ କରିଥାନ୍ତି ।

ଆମର ଧର୍ମଶାସ୍ତ୍ରମାନଙ୍କରେ ଅତିଥି ଅଭ୍ୟାଗତଙ୍କ ସେବାସତ୍କାରକୁ ମହାନ୍ ପୁଣ୍ୟକର୍ମ ବୋଲି ବର୍ଣ୍ଣନା କରାଯାଇଛି । କେବଳ ଦିନବେଳେ ନୁହେଁ, ରାତ୍ରି ସମୟରେ ମଧ୍ୟ ଅତିଥି ଅଭ୍ୟାଗତ ଆସି ଘରେ ପହଞ୍ଚିଲେ, ସେମାନଙ୍କ ଯଥୋଚିତ ସେବା ସତ୍କାର କରି, ବିଶ୍ରାମ ପାଇଁ ସୁବ୍ୟବସ୍ଥା କରିବା ହେଉଛି ପରମ ଓ ଚରମ କର୍ତ୍ତବ୍ୟ । ଯେଉଁ ବ୍ୟକ୍ତିଙ୍କ ଗୃହରେ ବିଦ୍ୱାନ୍, ପରୋପକାରୀ, ଦେଶ ସେବକ, ସମାଜ ସଂସ୍କାରକ, ସାଧୁ ସନ୍ନ୍ୟାସୀ ଆସି ପହଞ୍ଚିଯାଆନ୍ତି, ସେହି ଗୃହସ୍ଥ ନିଜକୁ "ଅହୋଭାଗ୍ୟ" ବୋଲି

ବିବେଚନା କରିବା ଉଚିତ୍ । ସେପରି ମାନ୍ୟାର୍ହ ଅତିଥିଙ୍କୁ ପରିବାରରେ ସାମୂହିକ ବ୍ରହ୍ମଯଜ୍ଞ ଓ ଦେବଯଜ୍ଞରେ ସମ୍ମିଳିତ କରାଇବା ଆବଶ୍ୟକ । ସେମାନଙ୍କ ସୁମଧୁର, ପ୍ରବଚନ, ସଦୁପଦେଶମାନ ପରିବାରର ସମସ୍ତ ସଦସ୍ୟ ସଦସ୍ୟା ଶୁଣିବା ଓ ଆଖପାଖ ପଡ଼ୋଶୀ ଲୋକଙ୍କୁ ମଧ୍ୟ ଶୁଣାଇବା ଆବଶ୍ୟକ ।

ଆଜିକାଲି ଉପଯୁକ୍ତ ଜ୍ଞାନଥିବା ଅତିଥି ସୁଲଭ ନୁହନ୍ତି । ତେଣୁ ପାରିବାରିକ ଜୀବନ-ଯାପନ ଅତ୍ୟନ୍ତ ଦୁର୍ବହ ହୋଇ ପଡୁଛି । ଏହାର ଏକମାତ୍ର ମୁଖ୍ୟ କାରଣ ହେଉଛି, ପ୍ରାଚୀନ ଭାରତରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଲୋକ, ନିଜ ନିଜ ପରିବାରର ଯାବତୀୟ କର୍ମ ସମ୍ପାଦନ କରି, ତୃତୀୟାଶ୍ରମରେ ପ୍ରବେଶ କରି, ଅର୍ଥାତ୍ ବାନପ୍ରସ୍ଥ ଦୀକ୍ଷା ଗ୍ରହଣ କରି, ଜନସମାଜର କଲ୍ୟାଣ ସାଧନରେ ଆତ୍ମୋତ୍ସର୍ଗ କରୁଥିଲେ । ପରବର୍ତ୍ତୀ ସମୟରେ ସନ୍ନ୍ୟାସାଶ୍ରମରେ ପ୍ରବେଶକରି ସକଳ ଜଗତର କଲ୍ୟାଣ ସାଧନ କରୁଥିଲେ । ଆଜିକାଲି ଲୋକେ ସର୍ବଜନାଦୃତ ସେହି ମହନୀୟ ପରମ୍ପରାକୁ ବିସ୍ମୃତ ହୋଇଯାଇଛନ୍ତି । ପରିଣତ ବୟସରେ ଜ୍ଞାନୀ ଶିକ୍ଷିତ ଅଭିଜ୍ଞ ବ୍ୟକ୍ତିମାନେ ନିଜନିଜ ଗୃହର କ୍ଷୁଦ୍ର ସ୍ୱାର୍ଥକୁ ପରିତ୍ୟାଗ କରି, ଗୃହ କର୍ମରୁ ଅବସର ନେଇ, ପରିବ୍ରାଜକ ଜୀବନଯାପନ କରିବା ବିଧେୟ । ବାନପ୍ରସ୍ଥୀମାନେ ଘରେ-ଘରେ, ପୁରେ-ପୁରେ, ନଗରେ-ନଗରେ ପରିଭ୍ରମଣକରି ନିଜ ନିଜର ଜ୍ଞାନ-ବିଜ୍ଞାନ, ସୁମଧୁର ଅନୁଭୂତି ଓ ଅଭିଜ୍ଞତାର ସୁସ୍ୱାଦୁ ପ୍ରସାଦ ସମସ୍ତଙ୍କୁ ବଣ୍ଟନ କରିବା ଉଚିତ୍ । ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ପରିଣତ ବୟସରେ ସମସ୍ତେ ବାନପ୍ରସ୍ଥ ଦୀକ୍ଷା ଗ୍ରହଣ କରିବା ଆବଶ୍ୟକ । ଏହି ପରମ୍ପରା ଅଧିକରୁ ଅଧିକ ମାତ୍ରାରେ ଯେତେ ବୃଦ୍ଧି ପ୍ରାପ୍ତ ହେବ, ସମାଜରେ ଶାନ୍ତି, ଶୃଙ୍ଖଳା, କର୍ତ୍ତବ୍ୟ ଜ୍ଞାନ, ସେତେ ଅଧିକ ମାତ୍ରାରେ ପରିଲକ୍ଷିତ ହେବ ।

ସାଂସାରିକ ଜୀବନଯାପନ କରି କର୍ମ ଜଞ୍ଜାଳରୁ ଅବ୍ୟାହତି ନେଇ ତ୍ୟାଗ ପଥର ପଥିକ ହୋଇଥିବା, ବାନପ୍ରସ୍ଥୀ, ସନ୍ନ୍ୟାସୀମାନେ ହିଁ ପୂଜ୍ୟ ଅତିଥିରୂପେ ପରିଗଣିତ ହୋଇଥାନ୍ତି । ଏ ଆଶ୍ରମ ଦ୍ୱୟର ବ୍ୟକ୍ତିମାନେ ହିଁ ଗୃହସ୍ଥ ବ୍ୟକ୍ତିମାନଙ୍କୁ



ସଦୁପଦେଶ ଦେବା ପାଇଁ ଯୋଗ୍ୟ ନିବେଚିତ ହୋଇଥାନ୍ତି । କାରଣ ସେମାନେ ସମାଜରେ କ୍ଷିପ୍ରଗତିରେ ବ୍ୟାପୁଥିବା ଭୋଗ-ବାଦର ମୂଳୋତ୍ପାଟନ କରିବାପାଇଁ ସମର୍ଥ ହୋଇଥାନ୍ତି । ଦୁଃଖ ଦୁର୍ବିପାକରେ ଘାଣ୍ଟି ହୋଇ ଅଶାନ୍ତିରେ କଳାତିପାତ କରୁଥିବା ଗୃହସ୍ଥ ଗୃହିଣୀଗଣ ଏହି ଅଭିଜ୍ଞ, ଅନୁଭବୀ ଅତିଥିଙ୍କ ସଦୁପଦେଶ ଓ ସତ୍ପରାମର୍ଶକୁ ଯଦି ଗ୍ରହଣ କରନ୍ତି ତେବେ ସେମାନଙ୍କ ଗାର୍ହସ୍ଥ୍ୟ ଜୀବନ ମଧୁମୟ ଓ ସୁଖ ସମୃଦ୍ଧିମୟ ହୋଇଥାଏ । ଅତିଥି ମହାନୁଭବଗଣ ସଦ୍ ଗୃହସ୍ଥମାନଙ୍କଦ୍ୱାରା ସତ୍କୃତ ହେଲେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଅଶାନ୍ତିରେ ଜୀବନଯାପନ କରୁଥିବା ଗୃହସ୍ଥ, ଗୃହିଣୀମାନଙ୍କୁ ନିଜ ପାଖରେ ବସାଇ ସ୍ୱକୀୟ ଅନୁଭୂତିର ସୁନ୍ଦର ଘଟଣାମାନ ଶୁଣାନ୍ତି । ସେ ସବୁକୁ ଶୁଣିବା ପରେ ଗୃହସ୍ଥମାନେ ଗୃହର ଯାବତୀୟ ଗୁରୁ ଭାରକୁ ମଧ୍ୟ ସହାସ୍ୟ ବଦନରେ ସହ୍ୟକରି କର୍ତ୍ତବ୍ୟ ସମ୍ପାଦନରେ ତତ୍ପର ହୋଇଥାନ୍ତି ଓ ଭାରାକ୍ରାନ୍ତ ମନକୁ ଆଶ୍ୱସ୍ତ ଓ ପ୍ରଶସ୍ତ କରିଥାଆନ୍ତି ।

କିନ୍ତୁ ସ୍ୱାର୍ଥୀ, ଠକ, ପାଖଣ୍ଡୀ, ବେଦନିନ୍ଦୁକ, କୁତର୍କୀ ବକଭକ୍ତ, ବୈରାଗୀ, ଭସ୍ମଧାରଣକାରୀ, ନାଗାସାଧୁ, ଦୁରାଗ୍ରହୀ, ମିଥ୍ୟା ଉପଦେଶକ, ବିଡ଼ାଳ ବୃତ୍ତି, ବେଦବିରୋଧୀ ବ୍ୟକ୍ତିମାନଙ୍କୁ ସତ୍କାର କରିବା ତ ଦୂରର କଥା, ବସିବା ପାଇଁ ସ୍ଥାନ ମଧ୍ୟ ଦେବା ଉଚିତ ନୁହେଁ ।

ପିତୃଯଜ୍ଞ ଓ ବଳିବୈଶ୍ୱଦେବଯଜ୍ଞ ସହିତ ଅତିଥି ଯଜ୍ଞ ଯେଉଁ ସାମାନ୍ୟ ପାର୍ଥକ୍ୟ ରହିଛି ତାହା ସମସ୍ତେ ଉପଲବ୍ଧି କରିବା ଆବଶ୍ୟକ । ଭୂତଯଜ୍ଞରେ ରୋଗୀ, ପତିତ, ଅସହାୟ ଅଭାବଗ୍ରସ୍ତ ବ୍ୟକ୍ତିମାନଙ୍କୁ ଦୟାପରବଶ ହୋଇ, ଅନ୍ନ ପ୍ରଦାନ କରାଯାଏ । ପିତୃଯଜ୍ଞରେ କିନ୍ତୁ ବାର୍ଦ୍ଧକ୍ୟ ପ୍ରପୀଡ଼ିତ, ଦୁର୍ବଳ, କ୍ଷୀଣ, ଅସମର୍ଥ ବ୍ୟକ୍ତିମାନଙ୍କୁ କୃତଜ୍ଞତାର ନିଦର୍ଶନ ସ୍ୱରୂପ ସେବା ଶୁଶ୍ରୂଷା ଓ ସତ୍କାର କରାଯାଏ । କିନ୍ତୁ ଅତିଥି ଯଜ୍ଞରେ ପରୋପକାରୀ, ସତ୍ୟୋପଦେଶକ, ପକ୍ଷପାତରହିତ, ନ୍ୟାୟକାରୀ ସମାଜ ସଂସ୍କାରକ, ବିଦ୍ୱାନ୍ଗଣ ଘରେ ପହଞ୍ଚିଲେ ସେମାନଙ୍କୁ ଉପଯୁକ୍ତ ସେବା ସତ୍କାରକରି ସେମାନଙ୍କ ଉପଦେଶାମୃତକୁ ପାନକରି ସତ୍ୟ ନ୍ୟାୟ ମାର୍ଗରେ ପରିଚାଳିତ

ହେବାକୁ ପଡ଼ିଥାଏ ।

କୀଟ-ପତଙ୍ଗଠାରୁ ଆରମ୍ଭ କରି ଆତ୍ମିକ ଉନ୍ନତିପାଇଁ ପଞ୍ଚ ମହାଯଜ୍ଞର କଳ୍ପନା କରାଯାଇଛି । ବ୍ରହ୍ମଯଜ୍ଞଦ୍ୱାରା ଆତ୍ମାର, ଦେବଯଜ୍ଞଦ୍ୱାରା ସମାଜର, ପିତୃଯଜ୍ଞଦ୍ୱାରା ସକଳ ପରିବାରର, ଭୂତଯଜ୍ଞଦ୍ୱାରା ପ୍ରାଣୀଗଣ ଓ ଅସହାୟ ବ୍ୟକ୍ତିମାନଙ୍କର ଏବଂ ଅତିଥି ଯଜ୍ଞଦ୍ୱାରା ଯୋଗ୍ୟ ବ୍ୟକ୍ତିମାନଙ୍କର ଉପକାର ସାଧିତ ହୋଇଥାଏ ।

**-: ଅତିଥି ଯଜ୍ଞ ସମାପ୍ତ :-**

## ଶୁଦ୍ଧି ବିଧି

**(ଆର୍ଯ୍ୟ ସମାଜରେ ପ୍ରବେଶ ପଦ୍ଧତି)**

ସତ୍ୟ ସନାତନ ବୈଦିକ ଧର୍ମ ସମ୍ପର୍କରେ ଅନଭିଜ୍ଞ କୌଣସି ବ୍ୟକ୍ତି, ସ୍ତ୍ରୀ ହୁଅନ୍ତୁ ଅଥବା ପୁରୁଷ ଆର୍ଯ୍ୟସମାଜରେ ସମ୍ମିଳିତ ହୋଇ, ଯଦି ବୈଦିକ ଧର୍ମରେ ଦୀକ୍ଷିତ ହେବାକୁ ଚାହାନ୍ତି ତେବେ ସଂସ୍କାରର ପୂର୍ବଦିନ ତାଙ୍କୁ ରାତ୍ରିରେ ଉପବାସରେ ରହିବାକୁ ପଡ଼ିବ । କୌଣସି କାରଣ ବଶତଃ ଉପବାସରେ ରହିବା ଯଦି ସମ୍ଭବପର ନୁହେଁ, ତେବେ ଅନ୍ନାଦି ଭୋଜନ ନ କରି, କେବଳ ଫଳ-ମୂଳ, କିମ୍ବା ଦୁଗ୍ଧ ସେବନ କରି ରହିବାକୁ ପଡ଼ିବ । ତା'ପରଦିନ ସଂସ୍କାର ପୂର୍ବରୁ ପୁରୁଷମାନେ ନିଜ ନିଜ ଦେଶ ପ୍ରଚଳିତ ରୀତିରେ କେଶ କର୍ତ୍ତନ ଓ କ୍ଷୌର ହୋଇ ଶୀତଳଜଳ କିମ୍ବା ସାମାନ୍ୟ ଗରମ ଜଳରେ ସ୍ନାନ କରିବେ । ତା'ପରେ ନୂତନ ବସ୍ତ୍ର ପରିଧାନ କରିବେ । ଯଦି ତା' ସମ୍ଭବପର ନୁହେଁ ତେବେ ପରିଷ୍କାର ପରିଚ୍ଛନ୍ନ ଶୁଦ୍ଧ-ପୂତ ବସ୍ତ୍ର ପରିଧାନ କରି, ଯଜ୍ଞକୁଣ୍ଡର ପଶ୍ଚିମଦିଗରେ ପୂର୍ବ ଦିଗକୁ ମୁଖକରି ବସିବେ । ତା'ପରେ ଆଚାର୍ଯ୍ୟ ସେମାନଙ୍କ ଦ୍ୱାରା ନିମ୍ନଲିଖିତ ମନ୍ତ୍ରମାନପାଠ କରାଇବେ ଓ ସେସବୁର ଅର୍ଥ ମଧ୍ୟ ଶୁଣାଇଦେବେ । ଆଚାର୍ଯ୍ୟ ଏହି ମନ୍ତ୍ରଗୁଡ଼ିକୁ ଉଚ୍ଚାରଣ କରି ସେମାନଙ୍କ ଉପରେ ସାମାନ୍ୟ ପରିଣାମରେ ଜଳ-ସିଞ୍ଚନ କରିବେ ।

**ଓମ୍ ପୁନନ୍ତୁ ମା ଦେବଜନାଃ ପୁନନ୍ତୁ ମନସା ଧିୟଃ ।**



**ପୁନନ୍ତୁ ବିଶ୍ୱା ଭୂତାନି ଜାତବେଦଃ ପୁନିହୀ ମା ।୧।**
**ଓମ୍ ପବିତ୍ରେଣ ପୁନୀହି ମା ଶୁକ୍ରେଣ ଦେବ ଦୀଦ୍ୟତ୍ ।**
**ଅଗ୍ନେ କ୍ରତ୍ୱା କ୍ରତୂଂ ୨ଃରନୁ ।୨।**
**ଓମ୍ ଯତ୍ତେ ପବିତ୍ରମର୍ଚିଷ୍ୟଗ୍ନେ ବିତତମନ୍ତରା ।**
**ବ୍ରହ୍ମ ତେନ ପୁନାତୁମା ।୩।**
**ଓମ୍ ପବମାନଃ ସୋଽଦ୍ୟ ନଃ ପବିତ୍ରେଣ ବିଚର୍ଷଣିଃ ।**
**ଯଃ ପୋତା ସ ପୁନାତୁ ମା ।୪।**

(ଯଜୁ ଅ.୧୯ ମ.୩୯ରୁ୪୨)

ହେ ସକଳ ଶ୍ରେଷ୍ଠ ପୁରୁଷ ଓ ବିଦ୍ୱଦ୍‌ଗଣ୍ ! ଆପଣମାନେ ଦୟାକରି ମୋତେ ପବିତ୍ର କରନ୍ତୁ । ମନ, ବୁଦ୍ଧି ସହିତ ମୋର କର୍ମକୁ ମଧ୍ୟ ପବିତ୍ର କରନ୍ତୁ । ଦୟାକରି ସମସ୍ତ ନର-ନାରୀ ମୋତେ ପବିତ୍ର ଭାବର ପ୍ରେରଣା ଦିଅନ୍ତୁ । ହେ ସୁଗୁଣ ସଂପନ୍ନ ଆଚାର୍ଯ୍ୟ ! ଆପଣ ମଧ୍ୟ ସମସ୍ତଙ୍କ ସମ୍ମୁଖରେ ମୋତେ ପବିତ୍ରତା ପ୍ରଦାନ କରନ୍ତୁ ।୧।

ହେ ଶୁଭଗୁଣଯୁକ୍ତ ଜ୍ଞାନ ପରିପ୍ରକାଶଙ୍କ ଆଚାର୍ଯ୍ୟ ! ଆପଣ ଦେଦୀପ୍ୟମାନ ହୋଇ, ଶୁଦ୍ଧ-ପୂତ କର୍ମଦ୍ୱାରା, ଉତ୍ତମ ପ୍ରେରଣା ଦାନକରି ମୋତେ ପବିତ୍ର କରନ୍ତୁ । ମୋର ଜୀବନ ଯେପରି ଯଜ୍ଞମୟ ହେବ, ସେହି ସୁମହତ୍ ଲକ୍ଷ୍ୟକୁ ଆଖି ଆଗରେ ରଖି ଯଜ୍ଞକର୍ମଦ୍ୱାରା ମୋତେ ପବିତ୍ର କରନ୍ତୁ ।୨।

ହେ ଜ୍ଞାନତେଜୋଦୀପ୍ତ ଆଚାର୍ଯ୍ୟ ! ଆପଣ ଜାଜ୍ୱଲ୍ୟମାନ ଅଗ୍ନିସମ ଦେଦୀପ୍ୟମାନ ଅଟନ୍ତି । ଆପଣଙ୍କ ତେଜୋଦୀପ୍ତ ବୁଦ୍ଧିଦ୍ୱାରା, ବେଦର ଯେଉଁ ପବିତ୍ର ମନ୍ଦାକିନୀ ଧାରା ହୃଦେଶ୍ୱରେ ପ୍ରବାହିତ କରିଛନ୍ତି, ସେହି ପୂତ ପବିତ୍ର ଧାରାଦ୍ୱାରା ମୋତେ ପବିତ୍ର କରନ୍ତୁ । ଅର୍ଥାତ୍ ବେଦର ସଦୁପଦେଶମାନ ପ୍ରଦାନ କରି ମୋର ଜୀବନକୁ ମଧୁମୟ କରିବାରେ ସହାୟକ ହୁଅନ୍ତୁ ।୩।

ହେ ବେଦୋପଦେଶକ, ପବିତ୍ର ସ୍ୱରୂପ, ସର୍ବଜ୍ଞ ପରମେଶ୍ୱର ! ଆପଣଙ୍କ

ସୁଦୟାରୁ ବେଦୋପଦେଶଦ୍ୱାରା ସର୍ବଦା ମୁଁ ପବିତ୍ର ହୋଇ ରହିବି ।

ହେ ନିଃସ୍ୱାର୍ଥପର ପବିତ୍ରକାରକ ପ୍ରଭୋ ! ଆପଣଙ୍କୁ ସାକ୍ଷୀ ରଖି ମୁଁ ଆଜି ଏହି ପବିତ୍ର ଯଜ୍ଞପୀଠରେ ବେଦାନୁକୂଳ କାର୍ଯ୍ୟକଳାପଦ୍ୱାରା ଶରୀରକୁ ପବିତ୍ର କରିବାପାଇଁ ପ୍ରତିଜ୍ଞା କରୁଛି ।୪।

ଉପର୍ଯ୍ୟୁକ୍ତ ମନ୍ତ୍ରମାନ ପାଠ କରାଇ ଜଳସିଞ୍ଚନ କରିବା ପରେ ଆଗ୍ରର୍ଯ୍ୟ "ଶନ୍ନୋଦେବୀରଭିଷ୍ଟୟ" ମନ୍ତ୍ରଦ୍ୱାରା ଆଚମନ କରାଇବେ । ଆଚମନ ପରେ "ଓମ୍ ଯଜ୍ଞୋପବୀତଂ ପରମଂ" ମନ୍ତ୍ରଦ୍ୱାରା ଯଜ୍ଞୋପବୀତ ଧାରଣ କରାଇବେ । ଗାୟତ୍ରୀମନ୍ତ୍ର ସେମାନଙ୍କଦ୍ୱାରା ଆବୃତ୍ତି କରାଇ, ତାର ଅର୍ଥ ସହିତ ପରିଚୟ କରାଇଦେବେ । ତା'ପରେ କ୍ରମାନ୍ୱୟରେ "ଈଶ୍ୱର ସ୍ତୁତି ପ୍ରାର୍ଥନୋପାସନା" ର ଆଠଗୋଟି ମନ୍ତ୍ର, "ସ୍ୱସ୍ତି ବାଚନମ୍"ର ଏକତିରିଶ ଓ "ଶାନ୍ତି କରଣମ୍"ର ଅଠେଇଶଗୋଟି ମନ୍ତ୍ର ପାଠ କରିବେ ।

ତା'ପରେ "ଓମ୍ ଭୂର୍ଭୁବଃ ସ୍ୱଃ" ମନ୍ତ୍ରଦ୍ୱାରା ଅଗ୍ନି ପ୍ରଜ୍ୱଳନ କରାଇ, ସାମାନ୍ୟ ବିଧି ଅନୁସାରେ "ଓମ୍ ଅଗ୍ନେନୟ ସୁପଥା" ମନ୍ତ୍ର ପର୍ଯ୍ୟନ୍ତ ବିଧିବିଧାନ ଅନୁଯାୟୀ ଯଜ୍ଞ କରିବାକୁ ହେବ । ପୂର୍ଣ୍ଣାହୁତି ମନ୍ତ୍ରପାଠ କରି ଯଜ୍ଞ ସମାପ୍ତି କରିବା ପୂର୍ବରୁ ନିମ୍ନୋକ୍ତ ଚ୍ୱରୋଟି ମନ୍ତ୍ର ପାଠକରି ଚ୍ୱରୋଟି ଆହୁତି ଦେବେ ।

**ଓମ୍ ଯଦ୍ଦେବା ଦେବହେଡ଼ନଂ ଦେବାସଶ୍ଚକୃମା ବୟମ୍ ।**
**ଅଗ୍ନିର୍ମା ତସ୍ମାଦେନସୋ ବିଶ୍ୱାନ୍ମୁଞ୍ଚ ତ୍ୱଁ ହସଃ ।୧।**
**ଓମ୍ ଯଦି ଦିବା ଯଦି ନକ୍ତମେନାଂସି ଚକୃମା ବୟମ୍ ।**
**ବାୟୁର୍ମା ତସ୍ମାଦେନସୋ ବିଶ୍ୱାନ୍ମୁଞ୍ଚ ତ୍ୱଁ ହସଃ ।୨।**
**ଓମ୍ ଯଦି ଜାଗ୍ରଦ୍ୟଦି ସ୍ୱପ୍ନଏନାଁସି ଚକୃମା ବୟମ୍ ।**
**ସୂର୍ଯ୍ୟୋ ମା ତସ୍ମାଦେନସୋ ବିଶ୍ୱାନ୍ମୁଞ୍ଚ ତ୍ୱଁ ହସଃ ।୩।**
**ଓମ୍ ଯଦ୍ ଗ୍ରାମେ ଯଦରଣ୍ୟେ ଯତ୍ସଭାୟାଂ ଯଦିନ୍ଦ୍ରିୟେ । ଯଚ୍ଛୁଦ୍ରେ ଯଦର୍ଯ୍ୟେ**
**ଯଦେନଶ୍ଚକୃମା ବୟଂ ଯଦେକସ୍ୟାଧି ଧର୍ମଣି ତସ୍ୟାବୟ ଜନମସି ।୪।**



(ଯଜୁ ଅ.୨୦ମ.୧୪ରୁ୧୭)

ହେ ବିଦ୍ୱଦ୍‌ଗଣ ! ଆମ୍ଭେମାନେ ଜ୍ଞାତ ବା ଅଜ୍ଞାତସାରରେ ଯଦି ବିଦ୍ୱାନ୍ ମାନଙ୍କ କୌଣସି ଅପରାଧ କରିଅଛୁ, ତେବେ ଯଜ୍ଞର ଏହି ଭୌତିକ ଅଗ୍ନି, ଜ୍ଞାନୀ ଆଗ୍ରର୍ଯ୍ୟ ଅଥବା ପ୍ରକାଶ ସ୍ୱରୂପ ପରମେଶ ଆମ୍ଭମାନଙ୍କୁ ସେହି ପାପରୁ ମୁକ୍ତ କରନ୍ତୁ ଓ ପାପକର୍ମରୁ ସର୍ବଦା ଦୂରେଇ ରଖନ୍ତୁ ।୧।

ଆମ୍ଭେମାନେ ଦିବସ ଅଥବା ରାତ୍ରିରେ ଯଦି କୌଣସି ପାପ କର୍ମରେ ପ୍ରବୃତ୍ତ ହୋଇଥାଉଁ, ତେବେ ଭୌତିକ ବାୟୁ, ନିଜ ଜ୍ଞାନ ଗାରିମାରେ ସର୍ବତ୍ର ପୂଜ୍ୟ ଆଗ୍ରର୍ଯ୍ୟ, ଅଥବା ସର୍ବଜ୍ଞ ସର୍ବେଶ୍ୱର ପ୍ରଭୁ ଆମ୍ଭମାନଙ୍କୁ ସେହି ପାପରୁ ନିବୃତ୍ତ କରନ୍ତୁ ।୨।

ଜାଗ୍ରତ ଅଥବା ସୁଷୁପ୍ତି ଅବସ୍ଥାରେ ଆମ୍ଭେମାନେ ଯଦି କୌଣସି ପାପାଚରଣ କରିଥାଉଁ, ତେବେ ଭୌତିକ ସୂର୍ଯ୍ୟ ଜ୍ଞାନ ପ୍ରଦାୟକ ଆଗ୍ରର୍ଯ୍ୟ, ଅଥବା ପରମପ୍ରିୟ ସେହି ପରମେଶ୍ୱର ସକଳ ପାପ ପ୍ରବୃତ୍ତିରୁ ଆମ୍ଭମାନଙ୍କୁ ଦୂରେଇ ରଖନ୍ତୁ ।୩।

ଆମ୍ଭେମାନେ ଯଦି କୌଣସି ଗ୍ରାମ, ଅରଣ୍ୟ ଅଥବା ସଭାସମିତିରେ ପରନିନ୍ଦା କରିଥାଉଁ, ପର ନାରୀ ଦର୍ଶନାଦି ଦୂଷିତ କର୍ମ କରିଥାଉଁ, ତେବେ ସକଳ ପାପ କର୍ମର ଜ୍ଞାତା ପରମେଶ୍ୱର ଆମ୍ଭମାନଙ୍କ ସେହି ପାପଗୁଡ଼ିକୁ ସମୂଳେ ବିନାଶ କରିଦିଅନ୍ତୁ ।୪।

ଯେଉଁମାନଙ୍କ ପୂର୍ବପୁରୁଷମାନେ ବୈଦିକ ଧର୍ମାବଲମ୍ବୀ ଥିଲେ, କିମ୍ବା ଯେଉଁମାନେ ଜନ୍ମରୁ ବୈଦିକ ଧର୍ମକୁ ସ୍ୱୀକାର କରିଥିଲେ, ଅଥଚ କୌଣସି କାରଣବଶତଃ ଭ୍ରମରେ ପଡ଼ି, ବେଦ ବିରୁଦ୍ଧ ଖ୍ରୀଷ୍ଟ କିମ୍ବା ମୁସ୍‌ଲିମ୍ ଧର୍ମକୁ ଆଦରି ନେଇଥାନ୍ତି, କିନ୍ତୁ ବିବେକାନୁମୋଦନକ୍ରମେ ପୁଣି ବୈଦିକ ଧର୍ମରେ ଦୀକ୍ଷିତ ହେବାପାଇଁ ମନ ବଳାଇଥାନ୍ତି, ସେମାନଙ୍କୁ ନିମ୍ନମନ୍ତ୍ର ଆବୃତ୍ତି କରାଇବାକୁ ହେବ ।

**ଓମ୍ ଯଦ୍ ବିଦ୍ୱାଂସୋ ଯଦବିଦ୍ୱାଂସ ଏନାଂସି ଚକୃମା ବୟମ୍ ।**
**ଯୂୟଂ ନସ୍ତସ୍ମାନ୍ମୁଞ୍ଚତ ବିଶ୍ୱେ ଦେବାଃ ସଜୋଷସଃ ।୧।**

(ଅଥର୍ବ କା.୬ସୂ. ୧୧୫ମ. ୧)

ଆମ୍ଭେମାନେ ଅଜ୍ଞାନତାବଶତଃ ଜ୍ଞାତସାରରେ ହେଉ କିମ୍ବା ଅଜ୍ଞାତସାରରେ ହେଉ, ଯେଉଁସବୁ ପାପ କର୍ମମାନ କରିଅଛୁ, ହେ ବିଦ୍ୱଦ୍‌ଗଣ ! ଆପଣମାନେ ସମସ୍ତେ ଆନନ୍ଦର ସହିତ ସେସବୁକୁ ଦୂର କରିଦିଅନ୍ତୁ ।୧।

(ଏହି ମନ୍ତ୍ରକୁ ଆବୃତ୍ତି କରାଇ ପୁଣି ଥରେ ଗାୟତ୍ରୀ ମନ୍ତ୍ର ଅର୍ଥ ସହିତ ସେମାନଙ୍କ ଦ୍ୱାରା ଆବୃତ୍ତି କରାଇ ନିମ୍ନୋକ୍ତ ମନ୍ତ୍ରରେ ଆହୁତିଟିଏ ଦେବାକୁ ହେବ) ।

**ଓମ୍ ଅଗ୍ନେ ବ୍ରତପତେ ବ୍ରତଂ ଚରିଷ୍ୟାମି ତଚ୍ଛକେୟଂ ତନ୍ମେରାଧ୍ୟତାମ୍ ।**
**ଇଦମହମନୃତାତ୍ ସତ୍ୟମୁପୈମି ।୧।** (ଯଜୁ ଅ.୧ମ.୫)

ପରମ ଦୟାଳୁ ହେ ବ୍ରତପତି ପରମେଶ୍ୱର ! ଆପଣଙ୍କ ସୁଦୟାରୁ ମୁଁ ଯେପରି ମୋର ବ୍ରତକୁ ଉତ୍ତମରୂପେ ପାଳନ କରିପାରିବି, ବ୍ରତ ପରିପାଳନରେ ଯେପରି ସାମର୍ଥ୍ୟ ଅର୍ଜନ କରିପାରିବି ସେପରି ପ୍ରେରଣା ମୋତେ ପ୍ରଦାନ କରନ୍ତୁ । ହେ ନାଥ ! ଅସତ୍ୟ ମାର୍ଗକୁ ପରିହାର କରି କାୟ ମନୋବାକ୍ୟରେ ସତ୍ୟପଥର ମୁଁ ପଥିକ ହୁଏ ।୧।

ତା'ପରେ ନିମ୍ନୋକ୍ତ ପୂର୍ଣ୍ଣାହୁତି ମନ୍ତ୍ର ତିନିଥର ପାଠ କରି ତିନୋଟି ଆହୁତି ପ୍ରଦାନ କରିବେ । ଏସବୁ କାର୍ଯ୍ୟକ୍ରମ ଶେଷ ହେଲାପରେ, ସେମାନେ ଆର୍ଯ୍ୟସମାଜର ସଦସ୍ୟ ଶ୍ରେଣୀଭୁକ୍ତ ହୋଇପାରିବେ ।

**ଓମ୍ ସର୍ବଂ ବୈ ପୂର୍ଣ୍ଣଂ ସ୍ୱାହା ।**

-; ଶୁଦ୍ଧିବିଧି ସମାପ୍ତ :-

## ସଂକ୍ଷିପ୍ତ ବେଦ ପରିଚୟ

କି ପ୍ରାଚ୍ୟ, କି ପାଶ୍ଚାତ୍ୟ ସମସ୍ତ ବିଦ୍ୱାନ୍ ସମସ୍ୱରରେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି, "ବେଦ" ହେଉଛି ପୃଥିବୀର ସର୍ବାପେକ୍ଷା ପ୍ରାଚୀନତମ ଗ୍ରନ୍ଥ" । ଈଶ୍ୱରୀୟ ଜ୍ଞାନର ନାମ ହେଉଛି "ବେଦ" । ବିଦ୍ ଜ୍ଞାନେ, ବିଦ୍ ବିଗ୍ରଣେ, ବିଦ୍ ସତ୍ତାୟାମ୍, ବିଦ୍‌ଲୃ ଲାଭେ, ଧାତୁରେ କରଣ ଓ ଅଧିକରଣ ଅର୍ଥରେ ପ୍ରତ୍ୟୟ ଯୋଗ ହୋଇ "ବେଦ" ଶବ୍ଦ ନିଷ୍ପନ୍ନ ହୋଇଛି । ପରମକାରୁଣିକ ପରମେଶ୍ୱର ଜୀବଜଗତର ମଙ୍ଗଳ ବିଧାନ, ସୁଖଲାଭ ଉଦ୍ଦେଶ୍ୟରେ ପ୍ରଥମେ ସୃଷ୍ଟି ସର୍ଜନା କରି ଅସଂଖ୍ୟ ଜୀବଜଗତ୍ ମଧ୍ୟ ସୃଷ୍ଟି କଲେ । ସକଳ ଜୀବ-ଜଗତ୍ ମଧ୍ୟରେ ଜ୍ୟେଷ୍ଠ ଓ ଶ୍ରେଷ୍ଠ ବୋଲାଉଥିବା ମନୁଷ୍ୟ ସମାଜ ଯେପରି କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ସୁଖ-ଦୁଃଖ, ହାନି-ଲାଭକୁ ଉପଲବ୍‌ଧ କରି ନୀତି-ନିୟମର ବଶବର୍ତ୍ତୀ ହୋଇ ସୁଖାବହ ଜୀବନ-ଯାପନ କରିବ ଦ୍ୱିତୀୟତଃ କର୍ତ୍ତବ୍ୟ ବୋଧ ପାଇଁ ଦୟାମୟ ଦୟାକରି ଅଗ୍ନି, ବାୟୁ, ଆଦିତ୍ୟ, ଅଙ୍ଗିରା ଏହିପରି ପବିତ୍ରାତ୍ମା ଚାରିଜଣ ଋଷିଙ୍କଦ୍ୱାରା ଜ୍ଞାନମୟ ବେଦକୁ ଜନସମାଜରେ ପ୍ରକାଶ କରିଛନ୍ତି । ସେମାନେ ମନ୍ତ୍ର ରଚନା କରି ନଥିଲେ, କିନ୍ତୁ ମନ୍ତ୍ର ସବୁକୁ ଦର୍ଶନ କରିଥିଲେ । ତେଣୁ କଥିତ ହୋଇଛି "ଋଷୟଃ ମନ୍ତ୍ରଦ୍ରଷ୍ଟାରଃ ନତୁସ୍ରଷ୍ଟାରଃ" । ସେମାନଙ୍କୁ ଯେଉଁମାନେ ମନ୍ତ୍ରର ସ୍ରଷ୍ଟା ବୋଲି କହିଥାନ୍ତି ତାହା ବିଭ୍ରାନ୍ତିକର ତଥ୍ୟ ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ ।

"ଅଗ୍ନିଋଷି" ହେଉଛନ୍ତି ଋଗ୍‌ବେଦର ମନ୍ତ୍ରଦ୍ରଷ୍ଟା, ସେହିପରି ଯଜୁର୍ବେଦର ମନ୍ତ୍ରଦ୍ରଷ୍ଟା ହେଉଛନ୍ତି "ବାୟୁଋଷି" । ସାମବେଦର ମନ୍ତ୍ରଦ୍ରଷ୍ଟା "ଆଦିତ୍ୟ ଋଷି" ହୋଇଥିବାସ୍ଥଳେ ଅଥର୍ବ ବେଦର ମନ୍ତ୍ରଦ୍ରଷ୍ଟା ହେଉଛନ୍ତି "ଅଙ୍ଗିରା ଋଷି" । "ଋଗ୍‌ବେଦ" ଜ୍ଞାନକାଣ୍ଡ ହୋଇଥିବାସ୍ଥଳେ, "ଯଜୁର୍ବେଦ" ହେଉଛି କର୍ମକାଣ୍ଡ, ସେହିପରି "ସାମବେଦ" ଉପାସନା କାଣ୍ଡ ହୋଇଥିବାସ୍ଥଳେ "ଅଥର୍ବବେଦ" ହେଉଛି ସଂପୂର୍ଣ୍ଣରୂପେ ବିଜ୍ଞାନ କାଣ୍ଡ । ସାଧାରଣତଃ ବେଦର ମୁଖ୍ୟାର୍ଥ ହେଉଛି ଏକମାତ୍ର ଜ୍ଞାନ । ବେଦର କ୍ରମକୁ ସୁସଜ୍ଜିତ କରି ରଖିବାପାଇଁ ତାକୁ ଋକ୍, ଯଜୁ, ସାମ ଓ ଅଥର୍ବ ଏହିପରି ଚାରିଭାଗରେ ବିଭକ୍ତ କରାଯାଇଛି ।

ଆର୍ଯ୍ୟାବର୍ତ୍ତ ଅର୍ଥାତ୍ ପ୍ରାଚୀନ ଭାରତରେ ସକଳ ନର-ନାରୀ ବେଦ ବିହିତ ପଥରେ ପରିଚାଳିତ ହେଉଥିଲେ । କାଳକ୍ରମେ ସ୍ୱାର୍ଥୀ, ଧର୍ମ ଧ୍ୱଜୀମାନଙ୍କ କୁଚକ୍ରାନ୍ତର

ବଶବର୍ତ୍ତୀହୋଇ ଲୋକେ ବେଦକୁ ଏକାବେଳକେ ଭୁଲିଗଲେ । ଏପରିକି ମଧ୍ୟବର୍ତ୍ତୀ କାଳରେ ବହୁଳଭାବେ ପ୍ରଗ୍ବରିତ ହେଲା, ଶଙ୍ଖାସୁର ବେଦକୁ ଅପହରଣ କରି ନେଇଯାଇଛି । ଆମର ସୌଭାଗ୍ୟକୁ ପ୍ରାତଃ ସ୍ମରଣୀୟ ଯୁଗପ୍ରବର୍ତ୍ତକ ମହର୍ଷି ଦୟାନନ୍ଦ ସରସ୍ୱତୀ ଏ ପବିତ୍ର ଭାରତ ଭୂମିରେ ଜନ୍ମଗ୍ରହଣ କରି, ଲୋକେ ଯେପରି ଥରେ ଭାରତର ପ୍ରାଚୀନ ପରମ୍ପରାକୁ ଆଦରି ନେବେ ତା'ପାଇଁ ସାରା ଜୀବନ ସଂଗ୍ରାମ ଚଳାଇଥିଲେ । ଜନମାନସରେ ବେଦକୁ ଉଜ୍ଜୀବିତ କରି ରଖିବାପାଇଁ ବହୁ ବିଗ୍ବର ବିମର୍ଷ କଲାପରେ ସ୍ଥାପନ କଲେ "ଆର୍ଯ୍ୟସମାଜ" । ପୁଣି ତା'ପାଇଁ ପ୍ରଣୟନ କଲେ ସର୍ବ ଜନକଲ୍ୟାଣକର ଦଶ ନିୟମ । ଆର୍ଯ୍ୟ ସମାଜର ସେହି ନୀତି ଦଶକରୁ ତୃତୀୟ ନିୟମ ହେଉଛି... ବେଦ ସମସ୍ତ ସତ୍ୟ ବିଦ୍ୟାର ଗ୍ରନ୍ଥ । ବେଦକୁ ପଢ଼ିବା-ପଢ଼ାଇବା ଓ ଶୁଣିବା ଶୁଣାଇବା ହେଉଛି ଆର୍ଯ୍ୟମାନଙ୍କର ପରମଧର୍ମ ।

ଆମର ପ୍ରାଚୀନ ମୁନି-ଋଷିଗଣ ସୃଷ୍ଟିର ପ୍ରାରମ୍ଭରୁ ଅଭ୍ରାନ୍ତଭାବେ ସୃଷ୍ଟିକାଳ ଗଣନା କରି ଆସୁଛନ୍ତି । ବର୍ତ୍ତମାନ ବେଦ ଗଣନାନୁଯାୟୀ ସୃଷ୍ଟି ସମ୍ବତ୍ ହେଉଛି ୧୯୬୦୮୫୩୧୬ ବର୍ଷ । ସୃଷ୍ଟି ଆରମ୍ଭରେ ବେଦ ଉଦ୍‌ଭାସିତ ହୋଇଥିବାରୁ ତା'ମଧ୍ୟ ହେଉଛି ଏକବୃନ୍ଦ ଛଆନବେକୋଟି ଆଠଲକ୍ଷ ତେପନହଜାର ଶହେ ଷୋଳହ ବର୍ଷ । ପ୍ରଥମ ଋଗ୍ ବେଦରେ ୧୦୫୫୨ଟି ମନ୍ତ୍ର ଦ୍ୱିତୀୟ ଯଜୁର୍ବେଦରେ ୧୯୭୫ଟି ମନ୍ତ୍ର ସାମବେଦରେ ୧୮୭୫ଟି ମନ୍ତ୍ର ତଥା ଅଥର୍ବ ବେଦରେ ୫୯୭୭ ଟି ମନ୍ତ୍ର ରହିଛି । ଗ୍ବରି ବେଦରେ ମନ୍ତ୍ର ସଂଖ୍ୟା ହେଉଛି କୋଡ଼ିଏ ହଜାର ତିନିଶହ ଅଣାଅଶୀ (୨୦,୩୭୯) ।

**୧. ଋଗ୍ ବେଦ :** ଋଗ୍‌ବେଦରେ ୧୦ଟି ମଣ୍ଡଳ, ୮ଟି ଅଷ୍ଟକ ଚଉଷଠିଟି ଅଧ୍ୟାୟ, ୮୪ଟି ଅନୁବାକ୍, ୧୦୨୮ଟି ସୂକ୍ତ, ୧୦୨୪ଟି ବର୍ଗ, ୧୦୫୫୨ଟି ମନ୍ତ୍ର, ୨,୫୩୭୯୨ଟି ଶବ୍ଦ, ୨୦୯ଟି ଦେବତା, ଓ ୩୫୪ଋଷି ଅଛନ୍ତି । ସେହି ଋଷିମାନଙ୍କ ମଧ୍ୟରେ ଏକୋଇଶଜଣ ବ୍ରହ୍ମବାଦିନୀ ଋଷିକା ମଧ୍ୟ ଅଛନ୍ତି । ଯଥା- ରୋମଶା, ଲୋପାମୁଦ୍ରା, ବିଶ୍ୱବାରା, ଶଶ୍ୱତୀ, ଅପାଲା, ଯମୀ, ସୂର୍ଯ୍ୟା, ଘୋଷା, ଇନ୍ଦ୍ରାଣୀ, ଉର୍ବଶୀ, ଦକ୍ଷିଣା, ସରମା, ଜୁହୁବରା, ରାତ୍ରୀ, ଗୋଧା, ଶ୍ରଦ୍ଧା, ଇନ୍ଦ୍ରମାତରଃ, ଶଚୀ, ସର୍ପରାଜ୍ଞୀ ତଥା ଇନ୍ଦ୍ରାଣୀ ।



"ଋଗ୍‌ବେଦ" ହେଉଛି ସକଳ ଜ୍ଞାନର ଭଣ୍ଡାର । ବ୍ରହ୍ମଙ୍କଠାରୁ ଆରମ୍ଭ କରି ତୃଣପର୍ଯ୍ୟନ୍ତ, ତିଳଠାରୁ ଆରମ୍ଭକରି ତାଳ ପର୍ଯ୍ୟନ୍ତ, ଅର୍ଥାତ୍ ଅତିକ୍ଷୁଦ୍ରାତିକ୍ଷୁଦ୍ରଠାରୁ ଆରମ୍ଭକରି ପରମେଶ୍ୱରଙ୍କ ପର୍ଯ୍ୟନ୍ତ ସକଳ ପଦାର୍ଥର ଜ୍ଞାନ ଏଥିରେ ସନ୍ନିବେଶିତ ହୋଇ ରହିଛି ।

**୨. ଯଜୁର୍ବେଦ :** କର୍ମକାଣ୍ଡୀ ବେଦରୂପେ ଯଜୁର୍ବେଦ ସୁପରିଚିତ । ଏଥିରେ ଗ୍ବଳିଶଗୋଟି ଅଧ୍ୟାୟ ୧୯୭୫ଟି ମନ୍ତ୍ର, ୯୦୫୬୨୫ଟି ଶବ୍ଦ ଓ ୨୧୩୦ଟି ଚିହ୍ନ ରହିଛି । ଋଗ୍‌ବେଦର ଅର୍ଦ୍ଧେକ ମନ୍ତ୍ରପ୍ରାୟ ଯଜୁର୍ବେଦରେ ଦେଖିବାକୁ ମିଳେ ।

ଏଥିରେ ଅଗ୍ନିହୋତ୍ରଠାରୁ ଆରମ୍ଭ କରି ଅଶ୍ୱମେଧ ପର୍ଯ୍ୟନ୍ତ ସମସ୍ତ ଯଜ୍ଞର ବର୍ଣ୍ଣନା ରହିଛି । ତା'ସହିତ କଳା, କୌଶଳ, ଉଦ୍ୟୋଗ ଧନ୍ଦା, ଉତ୍ତମକର୍ମ ପରୋପକାର କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି ।

**୩. ସାମବେଦ :** ଉପାସନା ବେଦ ନାମରେ ସାମବେଦ ଅଭିହିତ । ଏହି ବେଦରେ ସତେଇଶଟି ଅଧ୍ୟାୟ, ୮୭ ସାମ ଓ ୧୮୭୫ଟି ମନ୍ତ୍ର ରହିଛି । ଏହାକୁ ପୁଣି ପୂର୍ବାର୍ଚ୍ଚିକ ଓ ଉତ୍ତରାର୍ଚ୍ଚିକ, ଏପରି ଦୁଇଭାଗରେ ବିଭକ୍ତ କରାଯାଇଛି । ପୂର୍ବାର୍ଚ୍ଚିକରେ ୬୪୦ଟି ମନ୍ତ୍ର ଓ ଉତ୍ତରାର୍ଚ୍ଚିକରେ ୧୨୨୫ଟି ମନ୍ତ୍ର ରହିଛି । ପୁଣି ମହାନାମ୍ୟାର୍ଚିକରେ ଦଶଗୋଟି ମନ୍ତ୍ର ରହିଛି ।

କାହାର ଉପାସନା କରିବା ? କାହିଁକି ଉପାସନା କରିବା ? କେଉଁ ସ୍ଥାନରେ କରିବା ? କିପରି ଉପାସନା କରିବା ? ଏ ସବୁର ଉତ୍ତର ସାମବେଦରେ ରହିଛି ।

**୪. ଅଥର୍ବବେଦ :** ଏହା ହେଉଛି ସମ୍ପୂର୍ଣ୍ଣ ବିଜ୍ଞାନମୟ ବେଦ । ଏଥିରେ କୋଡ଼ିଏଟି କାଣ୍ଡ, ଚବିଶଗୋଟି ପ୍ରପାଠକ, ୧୧୧ଟି ଅନୁବାକ୍ ୭୬୦ଟି ସୂକ୍ତ ୭୩୧ଟି ବର୍ଗ ଓ ୫୯୭୭ଟି ମନ୍ତ୍ର ରହିଛି ।

ଏହି ବେଦରେ ଈଶ୍ୱର, ଜୀବ ଓ ପ୍ରକୃତି ବିଷୟକ ବିଶେଷ ଜ୍ଞାନର

ସମାବେଶ ହୋଇଛି । ଏହା ଯୁଦ୍ଧ ତଥା ଶାନ୍ତିର ମଧ୍ୟ ବେଦ ଅଟେ ।

ଶାଖା...ଋଗ୍‌ବେଦରେ ଏକୋଇଶିଟି ଶାଖା ରହିଥିବା ସ୍ଥଳେ, ଯଜୁର୍ବେଦରେ ୧୦୧, ସାମବେଦରେ ୧୦୦୦, ଅଥର୍ବ ବେଦରେ ନଅଟି ଶାଖା ରହିଛି । ଚତୁର୍ବେଦରେ ଶାଖା ସଂଖ୍ୟା ହେଉଛି ୧୧୩୧ ।

ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ ଏହି ଛଅଗୋଟି ହେଉଛି ବେଦର ଅଙ୍ଗ ବା ବେଦାଙ୍ଗ । ଏ ସବୁଦ୍ୱାରା ବେଦର ଅର୍ଥଗୁଡ଼ିକ ସ୍ପଷ୍ଟଭାବରେ ଜଣାପଡ଼ିଥାଏ ।

ଭାରତର ପ୍ରାଚୀନ ମୁନି, ଋଷିଙ୍କ ପ୍ରଣୀତ ଛଅଟି ଦର୍ଶନଶାସ୍ତ୍ରକୁ "ଉପାଙ୍ଗ" ବୋଲି କୁହାଯାଏ । ଯଥା- ଗୌତମ ଋଷିଙ୍କ ପ୍ରଣୀତ-ନ୍ୟାୟ, କଣାଦ ଋଷିଙ୍କ ପ୍ରଣୀତ-ବୈଶେଷିକ, କପିଳ ଋଷିଙ୍କ ପ୍ରଣୀତ-ସାଂଖ୍ୟ, ପତଞ୍ଜଳି ଋଷିଙ୍କ ପ୍ରଣୀତ-ଯୋଗ ଦର୍ଶନ, ବ୍ୟାସ ଦେବଙ୍କ ପ୍ରଣୀତ-ବେଦାନ୍ତ ତଥା ଜୈମିନୀ ଋଷିଙ୍କ ପ୍ରଣୀତ-ମୀମାଂସା ।

ଋଗ୍‌ବେଦର ଉପବେଦ ହେଉଛ- ଆୟୁର୍ବେଦ । ଏଥିରେ ପଥ୍ୟାପଥ୍ୟ, ଛେଦନଭେଦନ, ରୋଗ ନିର୍ଣ୍ଣୟ ତଥା ରୋଗ ଉପଶମ, ଚିକିତ୍ସା ବିଷୟମାନ ରହିଛି ।

ଯଜୁର୍ବେଦର ଉପବେଦ ହେଉଛି- ଧନୁର୍ବେଦ । ଏଥିରେ ଅସ୍ତ୍ରଶସ୍ତ୍ର ନିର୍ମାଣ ଓ ଚଳନାଦିର ଶିକ୍ଷା ବିଷୟମାନ ରହିଛି । ସାମବେଦର ଉପବେଦ ହେଉଛି- ଗନ୍ଧର୍ବ ବେଦ । ଏଥିରେ ରାଗ ରାଗିଣୀ, ତାଳମାନ, ନୃତ୍ୟଗୀତ ସ୍ୱର ଶିକ୍ଷା ଓ ବାଦ୍ୟ ଯନ୍ତ୍ରାଦିର ଶିକ୍ଷା ବିଷୟମାନ ରହିଛି । ଅଥର୍ବ ବେଦର ଉପବେଦ ହେଉଛି- ଅର୍ଥବେଦ (ବିଜ୍ଞାନ) । ଏଥିରେ ପ୍ରତ୍ୟେକ ପଦାର୍ଥକୁ ଗବେଷଣା କରି ତା'ର ନିଦାନ ପ୍ରକାଶ କରାଯାଇଛି; ଅର୍ଥାତ୍ କ୍ଷୁଦ୍ର କୁଟୀର ଶିଳ୍ପଠାରୁ ଆରମ୍ଭକରି ବୃହତ୍ ଶିଳ୍ପ ପର୍ଯ୍ୟନ୍ତ ନିର୍ମାଣ କରିବା, ଦେଶ ଓ ରାଜ୍ୟର ସକଳ ପ୍ରକାର ସୁଖ-ଶାନ୍ତି ବୃଦ୍ଧି କରିବାର କୌଶଳମାନ ରହିଛି । ଏହା ପଦାର୍ଥ ବିଜ୍ଞାନ ନାମରେ ମଧ୍ୟ ଅଭିହିତ ।

ବେଦର ସାରଗର୍ଭକ ସୂକ୍ଷ୍ମାତିସୂକ୍ଷ୍ମ ଜ୍ଞାନସବୁକୁ ପ୍ରଶ୍ନୋତ୍ତର ଓ ଗୁରୁଶିଷ୍ୟ ସମ୍ବାଦରୂପେ ଉପନିଷଦ୍‌ମାନଙ୍କରେ ବ୍ୟାଖ୍ୟାନ କରାଯାଇଛି । ଯଜୁର୍ବେଦର ଅନ୍ତିମ



ଅଧ୍ୟାୟ ଅର୍ଥାତ୍ ଚତ୍ୱାରିଂଶତ୍ ଅଧ୍ୟାୟର ସାରତତ୍ତ୍ୱ ଜ୍ଞାନକୁ ପ୍ରକାଶ କରାଯାଇ ଥିବାରୁ ଏହାକୁ "ବେଦାନ୍ତ" ବୋଲି ମଧ୍ୟ କୁହାଯାଏ । ଏବେ ଅନେକ ଉପନିଷଦ୍ ଦେଖିବାକୁ ମିଳୁଥିଲେ ମଧ୍ୟ ଭାରତର ପ୍ରାଚୀନ ଉପନିଷଦ୍ ସଂଖ୍ୟା ହେଉଛି ଏକାଦଶ । ଯଥା- ୧. ଈଶ, ୨. କେନ, ୩. କଠ, ୪. ପ୍ରଶ୍ନ, ୫. ମୁଣ୍ଡକ, ୬. ମାଣ୍ଡୁକ୍ୟ, ୭. ଐତ୍ତରେୟ, ୮. ତୈତ୍ତରେୟ, ୯. ଛାନ୍ଦୋଗ୍ୟ, ୧୦. ବୃହଦାରଣ୍ୟକ, ଓ ୧୧. ଶ୍ୱେତାଶ୍ୱେତର ।

ଏତଦ୍ ବ୍ୟତୀତ ଶତପଥ, ଗୋପଥ, ଐତ୍ତରେୟ ଓ ଆରଣ୍ୟକ ନାମରେ ଚତୁର୍ଖଣ୍ଡ ବ୍ରାହ୍ମଣ ଗ୍ରନ୍ଥ ମଧ୍ୟ ରହିଛି ।

## କତିପୟ ବେଦମନ୍ତ୍ର ଓ ତା'ର୍ ପଦ୍ୟାନୁବାଦ

**ଓମ୍ ଅଭୟଂ ମିତ୍ରାଦଭୟମମିତ୍ରାଦଭୟଂ ଜ୍ଞାତାଦଭୟଂ ପରୋକ୍ଷାତ୍ ।**
**ଅଭୟଂ ନକ୍ତମଭୟଂ ଦିବା ନଃ ସର୍ବା ଆଶା ମମ ମିତ୍ରଂ ଭବନ୍ତୁ ।୧।**

(ଅଥର୍ବ କା ୧୯ ସୂ.୧୫ ମ.୬)

ଶତ୍ରୁ ହେଉ ମିତ୍ର ହେଉ ଜ୍ଞାତ ବା ଅଜ୍ଞାତ,
ଭୟରେ ଅନ୍ତର କେବେ ନୋହୁ ବିଚଳିତ ।
ଉଷା ପ୍ରଦୋଷରେ ବାଜୁ ମଙ୍ଗଳ ବାଜଣା,
ଆଲୋକ ଅନ୍ଧାରେ ଝରୁ ଆଶିଷ ଝରଣା ।୧।

**ଓମ୍ ଅସ୍ମାକମ୍ ଇନ୍ଦ୍ରଃ ସମୃତେଷୁ ଧ୍ୱଜେଷ୍ୱସ୍ମାକଂ ଯା ଇଷବସ୍ତା ଜୟନ୍ତୁ ।**
**ଅସ୍ମାକଂ ବୀରା ଉତ୍ତରେ ଭବନ୍ତ୍ୱସ୍ମାଁ ଉ ଦେବା ଅବତା ହବେଷୁ ।୨।**

(ଋକ୍ ମ.୧୦ ସୂ.୧୦୩ ମ.୧୧)

ଝରିଯାଉ ବିଭୁକୃପା ଏ ଦେଶ ଅଙ୍ଗନେ,
ବିଜୟର ଧ୍ୱଜା ଉଡୁ ନିଖିଳ ଗଗନେ ।
ଦେଶପାଇଁ ଯେତେ ଆଶା ହେଉ ସୁମହତ,
ଦେବତାର ବରେ ଅରି ହେଉ ପରାଜିତ ।

କରେ କରବାଳ ହେଉ ଦୁର୍ବାର-ଦୁର୍ଜୟ,
ବୀର ହେଉ ରଣେ ଜୟୀ କରି ଅରିକ୍ଷୟ ।୨।

**ଓମ୍ ଇନ୍ଦ୍ରାୟ ପବତେ ମଦଃ ସୋମୋ ମରୁତ୍ୱତେ ସୁତଃ ।**
**ସହସ୍ରଧାରୋ ଅତ୍ୟବ୍ୟମର୍ଷତି ତମୀ ମୃଜନ୍ତ୍ୟାୟବଃ ।୩।**

(ସାମ ୬-୧-୩-୧୦)

ଝରିଆସେ ସୋମାମୃତ ସହସ୍ର ଧାରାରେ,
ପ୍ରେମ ପୁଲକିତେ ପାନ କରିନିଅ ତାରେ ।
ପ୍ରେମଭରେ କଲେ ପାନ ସେ ମଧୁ ଅମିୟ,
ହର୍ଷଭରେ ତନୁ-ମନ ହେବ ମୋଦମୟ ।୩।

**ଓମ୍ ଉତେଦାନୀଂ ଭଗବନ୍ତଃ ସ୍ୟାମୋତ ପ୍ରପିତ୍ୱଃଉତମଧ୍ୟେଃଅହ୍ନାମ୍ ।**
**ଉତୋ ଦିତା ମଘବନ୍ତ୍ ସୂର୍ଯ୍ୟସ୍ୟ ବୟଂ ଦେବାନାଂ ସୁମତୌ ସ୍ୟାମ ।୪।**

(ଯଜୁ ଅ.୩୪-ମ.୩୭)

ଉଷା-ପ୍ରଦୋଷରେ ଅବା ମଧ୍ୟାହ୍ନ ବେଳାରେ,
ଝରୁ ଆଲୋକର ଧାରା ଆଦିତ୍ୟ ତେଜରେ ।
ଝରିଯାଉ ଦେବତାଙ୍କ ଆଶିଷର ଧାର,
ଯୁଗେ ଯୁଗେ ହେଉ ଆମ ଐଶ୍ୱର୍ଯ୍ୟ ଅମର ।୪।

**ଓମ୍ କୁର୍ବନ୍ନେବେହ କର୍ମାଣି ଜିଜୀବିଷେଚ୍ଛତଂ ସମାଃ ।**
**ଏବଂ ତ୍ୱୟି ନାନ୍ୟଥେତୋଃସ୍ତି ନ କର୍ମ ଲିପ୍ୟତେନରେ ।୫।**

(ଯଜୁ ଅ.୪୦-ମ.୨)

ଇହଲୋକେ କର୍ମକରି ଶତବର୍ଷ ପାଇଁ,
ଜନମିଛି ନର ସୁଖେ ବଞ୍ଚିବାର ପାଇଁ ।
ହେ ମାନବ ! ତୋ ପାଇଁ କି ଏହି ପନ୍ଥା ଜାଣ,
ଉତ୍ତମ ବୋଲି ଶାସ୍ତ୍ରରେ ରହିଛି ପ୍ରମାଣ ।



କର୍ମକରି କର୍ମେ ଲିପ୍ତ କେବେହେଁ ନୋହିବ,
ସେ ଆନନ୍ଦଧାମ ତେବେ ଅବଶ୍ୟ ଲଭିବ ।୫।

**ଓମ୍ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମଦେବା ଭଦ୍ରଂ ପଶ୍ୟେମାକ୍ଷଭିର୍ୟ୍ୟ ଜତ୍ରାଃ ।**
**ସ୍ଥିରୈରଙ୍ଗୈ ସ୍ତୁଷ୍ଟୁବାଂ ସସ୍ତନୁଭିର୍ବ୍ୟଶେମହି ଦେବହିତଂ ଯଦାୟୁଃ ।୬।**

(ଯଜୁ ଅ.୨୫-ମ.୨୧)

ନୟନେ ନୟନେ ଦେଖୁ ଶୁଭ ସରସତା,
ଶ୍ରବଣେ ଶ୍ରବଣେ ଝରୁ ମଙ୍ଗଳ ବାରତା ।
ଦିବ୍ୟ ଆଶିଷ ପୀୟୂଷ ଲଭି ଶାଶ୍ୱତର,
ସୁସ୍ଥ ଶରୀରରେ ସାଧୁ-ହିତ ଜଗତର ।୬।

**ଓମ୍ ଯୋ ଜାଗାର ତମୃଚଃ କାମୟନ୍ତେ ଯୋ ଜାଗାର ତମୁ ସାମାନିୟନ୍ତି ।**
**ଯୋ ଜାଗାର ତମୟଂ ସୋମ ଆହ ତବାହମସ୍ମି ସଖ୍ୟେନ୍ୟୋକାଃ ।୭।**

(ଋକ୍ ମ.୫-ସୂ.୪୪-ମ.୧୪)

"ଋକ୍" ଅଭିଳାଷକରେ, ରହେ ଯେ ଜାଗ୍ରତ,
"ସାମ" ପ୍ରାପ୍ତ ଅକ୍ଳେଶରେ ହୁଏ ସେ ସତତ ।
"ସୋମ" ଦିଏ ଉଦ୍‌ବୋଧନ ଅଟେ ମୁଁ ତୁମ୍ଭର,
ତୁମ୍ଭ ମିତ୍ରତା ଅଟଇ ନିବାସ ମୋହର ।
ଆହ୍ୱାନ କରିବ ଯେବେ ତୁମେ ଯେଉଁ ସ୍ଥାନେ,
ସେହି ସ୍ଥାନେ ପହଞ୍ଚିବି, ମୁହିଁ ତତକ୍ଷଣେ ।୭।

**ଓମ୍ ଶଂନୋ ବାତୋ ବାତୁ ଶଂନ ସ୍ତପତୁ ସୂର୍ଯ୍ୟଃ, ଅହାନି ଶଂ ଭବନ୍ତୁ**
**ନଃ ଶଂ ରାତ୍ରୀ ପ୍ରତି ଧୀୟତାଂ ଶମୁଷାନୋ ବ୍ୟୁଚ୍ଛତୁ ।୮।**

(ଅଥର୍ବ କା.୭-ସୂ.୬୯-ମ.୧)

ମନ୍ଦ ମନ୍ଦ ଗନ୍ଧବହ ହିଲ୍ଲୋଳେ ହିଲ୍ଲୋଳେ,
ଶାନ୍ତିର ସୁରଭି ଖେଳୁ ବସୁମତୀ କୋଳେ ।

ସ୍ୱର୍ଣ୍ଣ-ବର୍ଣ୍ଣ ବିଭା ଘେନି ଅରୁଣ-କିରଣ,
ଧରା ବୁକେ ବିଞ୍ଚିଦେଉ ଶାଶ୍ୱତ ଜୀବନ ।
ଉଲ୍ଲାସରେ ହସିଉଠୁ ସ୍ୱର୍ଣ୍ଣମୟୀ ଉଷା,
ଶୁଭମୟ ହେଉ ଦିବା ମଧୁମୟୀ ନିଶା ।୮।

**ଓମ୍ ଶନ୍ନୋ ବାତଃ ପବତାଂ ଶନ୍ନସ୍ତପତୁ ସୂର୍ଯ୍ୟଃ. ଶନ୍ନଃ କନିକ୍ରଦ**
**ଦ୍ଦେବଃ ପର୍ଜନ୍ୟୋଽଭି ବର୍ଷତୁ ।୯।** (ଯଜୁ ଅ.୩୬-ମ.୧୦)

ପୂତ ବାୟୁ ପ୍ରବାହିତ ହେଉ ସଦାକାଳ,
ସବିତା-ଦେବତା ତାପ ହେଉ ଅନୁକୂଳ ।
ଅନ୍ତରିକ୍ଷରେ ଗର୍ଜନଶୀଳ ମେଘଗଣ,
ଧରାକୁ ଶସ୍ୟଶ୍ୟାମଳା କରନ୍ତୁ ବହନ ।୯।

**ଓମ୍ ସନଃ ପିତେବ ସୂନବେଽଗ୍ନେ ସୂପାୟନୋ ଭବ ।**
**ସଚସ୍ୱା ନଃ ସ୍ୱସ୍ତୟେ ।୧୦।** (ଋକ୍ ୧-୧-୯)

ଆହେ ଦୟାମୟ ! ପରମପିତା,
ସନ୍ତାନଗଣଙ୍କ ପାଳନକର୍ତ୍ତା ।
ସଦା ତାଙ୍କରି କଲ୍ୟାଣ ନିମିତ୍ତ,
ଖୋଲା ରହିଅଛି ତୁମରି ଚିତ୍ତ ।
ପ୍ରସାର କର ମଙ୍ଗଳ ପଥକୁ,
କରମେ ପ୍ରେରଣା ଦିଅ ଆମକୁ ।୧୦।

**ଓମ୍ ସମାନମସ୍ତୁ ବୋ ହୃଦୟଂ ସମାନମସ୍ତୁ ବୋ ମନଃ ।**
**ସମାନୋ ଅଗ୍ନିର୍ବୋ ଦେବଃ ସହ ରାଷ୍ଟ୍ର ମୁପାଧମ ।୧୧।**
(ପିପ୍ପଳାଦି ସଂହିତା ୯-୪-୨)

ସମତା ମମତା ଜାଗୁ ସକଳ ଅନ୍ତରେ,
ସଭିଙ୍କର ମନମିଶୁ ସମାନ ପଥରେ ।



ସର୍ବେ ଏକ ପ୍ରାଣେ ଦେଇ ପ୍ରଭୁପଦେ ଧ୍ୟାନ,
ସଙ୍ଗଠିତେ ସମ୍ପାଦିବ ରାଷ୍ଟ୍ରର କଲ୍ୟାଣ ।୧୧।

**ଓମ୍ ସ୍ତୁତା ମୟା ବରଦା ବେଦମାତା ପ୍ରଚୋଦୟନ୍ତାଂ ପାବମାନୀ ଦ୍ୱିଜାନାମ୍ ।**
**ଆୟୁଃ ପ୍ରାଣଂ ପ୍ରଜାଂ ପଶୁଂ କୀର୍ତ୍ତିଂ ଦ୍ରବିଣଂ ବ୍ରହ୍ମବର୍ଚ୍ଚସମ୍ । ମହ୍ୟଂ ଦତ୍ତ୍ୱା ବ୍ରଜତ ବ୍ରହ୍ମଲୋକମ୍ ।୧୨।**
(ଅଥର୍ବ କା.୧୯-ସୂ.୭୧-୧)

ବେଦମାତାଙ୍କୁ ମୁଁ କରେ ବିନତି,
ମାତୃ-ସ୍ନେହେ ଯେ ପବିତ୍ର କରାନ୍ତି ।
ଆୟୁ-ବଳ-ପଶୁ-କୀର୍ତ୍ତି ସନ୍ତାନ,
ବୁଦ୍ଧି-ବିଦ୍ୟା-ଧନ କରନ୍ତି ଦାନ ।
ସେ, ମହୀୟସୀ ମହୀୟାନ ଯେ,
ଜନ ସମାଜକୁ ପ୍ରଦାନ କରନ୍ତି ମୋକ୍ଷ-ମାର୍ଗ ପୂତ ଜ୍ଞାନ ଯେ ।୧୨।

## ବୈଦିକ ସିଦ୍ଧାନ୍ତ ବା ଆର୍ଯ୍ୟ ସମାଜର ପ୍ରତିପାଦ୍ୟ ବିଷୟ

୧. ଈଶ୍ୱର, ଜୀବ ଓ ପ୍ରକୃତି, ଏହି ତିନୋଟି ପଦାର୍ଥ ସମ୍ପୂର୍ଣ୍ଣ ପୃଥକ୍ ତଥା ନିତ୍ୟ ଓ ସତ୍ୟ ଅଟେ । ଏ ତିନୋଟିକୁ ବ୍ରହ୍ମ ବା ସୃଷ୍ଟିକର୍ତ୍ତାଙ୍କ ଅଂଶ ବୋଲି ବିବେଚନା କରିବା ଉଚିତ ନୁହେଁ । ଯେଣୁ ଜୀବ, ବ୍ରହ୍ମଙ୍କର କଦାପି ଅଂଶ ହୋଇ ନ ପାରେ, କାରଣ ବ୍ରହ୍ମଙ୍କ ତୁଲ୍ୟ ଗୁଣ, କର୍ମ, ସ୍ୱଭାବ ଜୀବଠାରେ ନାହିଁ । ଈଶ୍ୱର ସର୍ବଜ୍ଞ, ଜୀବ ଅଳ୍ପଜ୍ଞ ଓ ପ୍ରକୃତି ହେଉଛି ଅଜ୍ଞ । ଈଶ୍ୱର ହେଉଛନ୍ତି ସତ୍, ଚିତ୍ ଓ ଆନନ୍ଦ; ଜୀବ ହେଉଛି ସତ୍ ଓ ଚିତ୍ କିନ୍ତୁ ପ୍ରକୃତି ହେଉଛି କେବଳ ସତ୍ । ସୃଷ୍ଟି ଉତ୍ପତ୍ତି ସମ୍ପର୍କରେ ଈଶ୍ୱର ନିମିତ୍ତ କାରଣ, ପ୍ରକୃତି ଉପାଦାନ କାରଣ ଓ ଜୀବାତ୍ମା ସାଧାରଣ କାରଣ ଅଟେ ।

୨. ପରମେଶ୍ୱର ଅନାଦି, ଅନନ୍ତ, ନିରାକାର ତଥା ସର୍ବବ୍ୟାପକ ହୋଇଥିବାରୁ ସେ କେବେ ଅବତାର ଗ୍ରହଣ କରନ୍ତି ନାହିଁ । ଚିରନ୍ତନ ପରମାତ୍ମା ନିତ୍ୟ, ଶୁଦ୍ଧ, ବୁଦ୍ଧ

ଓ ମୁକ୍ତ ହୋଇଥିବାରୁ, ନାଶଶୀଳ ଶରୀରଧାରୀ ଅବତାର ନିଅନ୍ତି ନାହିଁ । ତାଙ୍କର ଆବିର୍ଭାବ ବା ତିରୋଭାବର ପ୍ରଶ୍ନହିଁ ଉଠୁନାହିଁ । ଅଜ୍ଞ ବ୍ୟକ୍ତିମାନେ ଅବତାର କଳ୍ପନା କରି ନିଜ ସ୍ୱାର୍ଥକୁ କେବଳ ଚରିତାର୍ଥ କରିଥାଆନ୍ତି । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, ଯୋଗେଶ୍ୱର ଭଗବାନ କୃଷ୍ଣଚନ୍ଦ୍ର ପ୍ରଭୃତି ଯୁଗପୁରୁଷ ତଥା ମହାପୁରୁଷ ଅଟନ୍ତି; ସେମାନେ ପରମେଶ୍ୱର ବା ଈଶ୍ୱରଙ୍କ ଅବତାର ନୁହନ୍ତି । ଈଶ୍ୱର ସର୍ବବ୍ୟାପକ, କିନ୍ତୁ ଏମାନେ ହେଉଛନ୍ତି ଏକଦେଶୀ ।

୩. ମଣିଷକୁ ତ୍ରାଣ କରିବାର ଶକ୍ତି ଯେଉଁଠି ନିହିତ, ତାହାହିଁ ହେଉଛି ପ୍ରକୃତ ତୀର୍ଥ । ତେଣୁ ସାଧୁ-ସନ୍ଥ, ମହାତ୍ମାମହାପୁରୁଷମାନଙ୍କ ସାନ୍ନିଧ୍ୟ ହିଁ ଯଥାର୍ଥରେ ତୀର୍ଥ ପଦବାଚ୍ୟ । କାରଣ ସେମାନଙ୍କ ସମ୍ପର୍କରେ ଆସି ଦୁର୍ଜନ, ଖଳ, ପାପାତ୍ମା, ଚୋର, ଖଣ୍ଟ, ଡ଼କାୟତ ପ୍ରଭୃତି ନିନ୍ଦନୀୟ ବ୍ୟକ୍ତିମାନେ ମଧ୍ୟ, ନିଜ ନିଜର ଦୁର୍ଗୁଣକୁ ପରିତ୍ୟାଗ କରି ପରିଣାମରେ  ଜନସମାଜର ପଥପ୍ରଦର୍ଶକ ହୋଇଥାନ୍ତି । ନଦ-ନଦୀ, ନଗର-ନଗରୀ, ପ୍ରସିଦ୍ଧ ସ୍ଥାନ ପ୍ରଭୃତି କଦାପି ତୀର୍ଥ ପଦବାଚ୍ୟ ହୋଇପାରିବ ନାହିଁ । ଯେଣୁ କାହାକୁ ତ୍ରାଣକରିବାର ଶକ୍ତି-ସାମର୍ଥ୍ୟ ସେମାନଙ୍କଠାରେ ନାହିଁ । ପ୍ରାଚୀନ ଆର୍ଯ୍ୟାବର୍ତ୍ତରେ ସେପରି ବିଶିଷ୍ଟସ୍ଥାନମାନଙ୍କରେ ସାଧକ ଯୋଗୀ, ମୁନି, ଋଷିମାନେ ବସବାସ କରି ଜନତାକୁ ଦିବ୍ୟପଥ ପ୍ରଦର୍ଶନ କରୁଥିଲେ, ତେଣୁ ସେଗୁଡ଼ିକୁ ତୀର୍ଥ ନାମରେ ନାମିତ କରାଯାଇଥିଲା । କିନ୍ତୁ ଆଜିର ଜନତା ଭ୍ରମବଶତଃ ନଦ ନଦୀ, ନିର୍ଝର ନିର୍ଝରଣୀରେ, ତୀର୍ଥାରୋପ କରି ନିଜେ କେବଳ ବିଭ୍ରାନ୍ତ ହୋଇନାହିଁ, ସରଳ-ତରଳ ଜନସାଧାରଣଙ୍କୁ ମଧ୍ୟ ଭ୍ରମଜାଲରେ ନିକ୍ଷେପ କରୁଅଛି ।

୪. ଜାତି ଓ ବର୍ଣ୍ଣ ମଧ୍ୟରେ ମହାନ୍ ପାର୍ଥକ୍ୟ ରହିଛି । ଜନ୍ମରୁ ଜାତି ସିଦ୍ଧ ହୋଇଥାଏ ଯେଣୁ କଥିତ ହୋଇଛି ଅସ୍ମାତ୍ ଜାୟତେ ଇତି ଜାତିଃ, ଯାହାଠାରୁ ସେ ଜନ୍ମ ହେଉଛି ସେ ସେହି ଜାତିରେ ପରିଗଣିତ । ତେଣୁ ମନୁଷ୍ୟଜାତି, ପଶୁଜାତି ପ୍ରଭୃତି । ତାହା ପୁଣି ଅପରୀବର୍ତ୍ତନୀୟ ଅଟେ; କିନ୍ତୁ କର୍ମରୁ ବର୍ଣ୍ଣ ବ୍ୟବସ୍ଥା ହେବା ସଙ୍ଗେ ସଙ୍ଗେ ତା' ପୁଣି ପରିବର୍ତ୍ତନ ମଧ୍ୟ ହୋଇଥାଏ । ଯେଣୁ କଥିତ ହୋଇଛି



ବ୍ରିୟତେ ଅନେନ ଇତିବର୍ଣ୍ଣଃ, ବରଣ କରାଯାଉଥିବାରୁ ତାକୁ ବର୍ଣ୍ଣ କହନ୍ତି । ଅର୍ଥାତ୍ ସମାଜର ଋଣ ପରିଶୋଧ କରିବାପାଇଁ ଯିଏ ଯେଉଁ କର୍ମକୁ ବରଣ କରେ ସେ ସେହି ବର୍ଣ୍ଣରେ ପରିଗଣିତ ହୁଏ; ଗୁଣ, କର୍ମ, ସ୍ୱଭାବ ଅନୁଯାୟୀ ବର୍ଣ୍ଣର ପୁଣି ପରିବର୍ତ୍ତନ ଘଟେ । ଗୁଣ, କର୍ମ, ସ୍ୱଭାବ ଅନୁଯାୟୀ ବର୍ଣ୍ଣ ବ୍ୟବସ୍ଥା ହେଉଛି ଶାସ୍ତ୍ରସମ୍ମତ । ଜଣେ ଶୁଦ୍ର ମଧ୍ୟ ସଦ୍‌ବିଦ୍ୟା ସଦାଚରଣ ବଳରେ ବ୍ରାହ୍ମଣ ହୋଇପାରେ, ସେହିପରି ବିଦ୍ୟାବିହୀନ, ଅଜ୍ଞାନ ବ୍ରାହ୍ମଣକୁଳୋତ୍ପନ୍ନ ବ୍ୟକ୍ତି ଶୁଦ୍ରରୂପେ ପରିଗଣିତ ହୋଇଥାଏ । ତେଣୁ ଜନ୍ମରୁ କେହି ବ୍ରାହ୍ମଣ, ଶୁଦ୍ର ନ ହୋଇ କର୍ମାନୁସାରେ ସମସ୍ତେ ବ୍ରାହ୍ମଣ ବା ଶୁଦ୍ର ହୋଇଥାନ୍ତି । ଗୀତାରେ କୁହାଯାଇଛି... "ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମ ବିଭାଗଶଃ" ।

୫. ଜୀବନ୍ତ ପିତା-ମାତାଙ୍କ ସେବା ଶୁଶ୍ରୁଷାରେ ମଗ୍ନ ରହିବା ହେଉଛି ଧର୍ମ । ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ-ତର୍ପଣ କରିବାଦ୍ୱାରା ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୁଏ ନାହିଁ । କାରଣ ମନୁଷ୍ୟ ମୃତ୍ୟୁ ବରଣ କଲାପରେ ନିଜକର୍ମାନୁରୂପ ଫଳଭୋଗ ପାଇଁ ଭିନ୍ନ ଭିନ୍ନ ଜନ୍ମ ଗ୍ରହଣ କରେ । ତେଣୁ ମୃତ୍ୟୁପରେ ସେମାନଙ୍କ ଉଦ୍ଦେଶ୍ୟରେ ଯାହାକିଛି ପ୍ରଦାନ କରାଯାଏ, ସେସବୁ ସେମାନେ ପାଇପାରନ୍ତି ନାହିଁ । ତେଣୁ ପ୍ରକୃତ ଅର୍ଥକୁ ବୁଝି ଜୀବନ୍ତ ପିତାମାତାଙ୍କର ଶ୍ରାଦ୍ଧ-ତର୍ପଣାଦି କରିବା ଆବଶ୍ୟକ ।

୬. ବେଦ ହେଉଛି ସମସ୍ତ ସତ୍ୟବିଦ୍ୟାର ଅମୂଲ୍ୟ ଗ୍ରନ୍ଥ । ଅନ୍ୟ ଯେଉଁ ଗ୍ରନ୍ଥଗୁଡ଼ିକ ବେଦାନୁକୂଳ, ତାକୁ ମଧ୍ୟ ପ୍ରାମାଣିକ ଗ୍ରନ୍ଥରୂପେ ଗଣନା କରାଯାଇଥାଏ । ପରମାତ୍ମାଙ୍କ ବାଣୀ ବେଦକୁ ପଢ଼ିବା ଓ ପଢ଼ାଇବା ତଥା ତଦନୁକୂଳ ଆଚରଣ କରିବା ଉଚିତ । ଏତଦ୍ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ସହଜରେ ହୋଇପାରିବ ।

୭. ଈଶ୍ୱର ସଚ୍ଚିଦାନନ୍ଦ ସ୍ୱରୂପ, ନ୍ୟାୟକାରୀ, ଅଜନ୍ମା, ଅନନ୍ତ, ସର୍ବବ୍ୟାପକ, ଅନାଦି ଓ ସୃଷ୍ଟିକର୍ତ୍ତା ଅଟନ୍ତି । ସେ ଏକ ହେଲେହେଁ ଗୁଣ, କର୍ମ, ସ୍ୱଭାବ ଅନୁସାରେ ଅନେକ ନାମରେ ନାମିତ ହୋଇଥାନ୍ତି । ସେ ପ୍ରତ୍ୟେକ କଳ୍ପରେ ପବିତ୍ର ବେଦଦ୍ୱାରା ଜ୍ଞାନର ପରିପ୍ରକାଶ କରିଥାନ୍ତି । ସେ ହେଉଛନ୍ତି ପ୍ରତ୍ୟେକଙ୍କର ଏକମାତ୍ର ଉପାସ୍ୟ

ଦେବ । ତେଣୁ କେବଳ ତାଙ୍କରି ଉପାସନା କରିବା ଆବଶ୍ୟକ । ତାଙ୍କର ଅନେକ ନାମହେତୁ ଅନେକ ପ୍ରକାର ଚେତନ ଓ ଜଡ଼ପ୍ରକୃତି ମୂର୍ତ୍ତିମାନ ସ୍ଥାପନ କରି ପୂଜା କରିବା ଅର୍ଥ ବେଦର ବିରୁଦ୍ଧାଚରଣ କରିବା । ପୂଜାର ପ୍ରକୃତ ଅର୍ଥ ହେଉଛି ଯଥୋଚିତ ସତ୍କାର । ଈଶ୍ୱରସୃଷ୍ଟ ମୂର୍ତ୍ତିକୁ ପୂଜା କରିବାରେ ଲାଭ ଅଛି, ମଣିଷକୃତ ମୂର୍ତ୍ତିପୂଜା କରିବାରେ କୌଣସି ପ୍ରକାର ଲାଭ ନାହିଁ । ତେଣୁ ପ୍ରତିମା ପୂଜା ନ କରି ପ୍ରତିଭାର ପୂଜା କର; ତଦ୍ଦ୍ୱାରା ନିଜେ ଲାଭାନ୍ୱିତ ହେବା ସଙ୍ଗେ ସଙ୍ଗେ ଜଗତର ମଧ୍ୟ କଲ୍ୟାଣ ସାଧିତ ହେବ ।

୮. ଆର୍ଯ୍ୟ ସଂସ୍କୃତିର ଆଦି ସ୍ରୋତ ହେଉଛି ବେଦ । ଏଣୁ ପ୍ରାଚୀନ ସଂସ୍କୃତି ଓ ସଭ୍ୟତାର ସୁରକ୍ଷା ପାଇଁ, ବେଦ ସଂରକ୍ଷଣ କରିବା ହେଉଛି ପ୍ରତ୍ୟେକ ଭାରତୀୟଙ୍କ ପରମ ଓ ଚରମ କର୍ତ୍ତବ୍ୟ ।

୯. ଗୋଜାତିର ରକ୍ଷଣ ଓ ବୃଦ୍ଧି ସର୍ବାଦୌ ଆବଶ୍ୟକ । ଯେଉଁ ଭାଇମାନେ ଅଜ୍ଞାନତାବଶତଃ ଖ୍ରୀଷ୍ଟିଆନ୍ କିମ୍ବା ମୁସଲମାନ୍ ହୋଇଯାଇଛନ୍ତି, ସେମାନଙ୍କୁ ଶୁଦ୍ଧି କରି ଭାରତୀୟ ସ୍ୱରାଜ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ହେଉଛି, ପ୍ରତ୍ୟେକ ଦେଶପ୍ରେମୀଙ୍କ ଅପରିହାର୍ଯ୍ୟ କର୍ତ୍ତବ୍ୟ ।

୧୦. ସଂସାରରେ ଯାବତୀୟ ଦୁଃଖର ଏକମାତ୍ର କାରଣ ହେଉଛି "ଅବିଦ୍ୟା" । ଅବିଦ୍ୟାର ବିନାଶ ତଥା ସଦ୍‌ବିଦ୍ୟାର ବୃଦ୍ଧି ନିମିତ୍ତ ସମସ୍ତେ ପ୍ରତିଜ୍ଞାବଦ୍ଧ ହେବା ଏକାନ୍ତ ଆବଶ୍ୟକ ।

୧୧. ସକଳ ସଂସାରକୁ ନିଜ ପରିବାରପରି ବିଗ୍ରହ କରି ପ୍ରତ୍ୟେକ ପ୍ରାଣୀଙ୍କ ପ୍ରତି ପ୍ରୀତିପୂର୍ବକ ବ୍ୟବହାର ପ୍ରଦର୍ଶନ କରିବା ହେଉଛି ମାନବୋଚିତ ଧର୍ମ ଓ କର୍ମ ।

୧୨. ଦିନକୁଦିନ ବିଭିନ୍ନ ସମ୍ପ୍ରଦାୟମାନ ବହୁଳଭାବେ ଗଠିତ ହେଉଥିବାରୁ, ତା'ରି ସଂକୀର୍ଣ୍ଣତା ମଧ୍ୟରେ ଆବଦ୍ଧ ରହି ମାନବ ସମାଜ ମଧ୍ୟରେ ଥିବା ଏକତା, ସୌହାର୍ଦ୍ଦ୍ୟ ତଥା ସଂହତି ବିନାଶ ହୋଇ କ୍ଷିପ୍ରଗତିରେ ଦାନବତା ବୃଦ୍ଧି ପାଇବାରେ ଲାଗିଛି । ଏସବୁ ସମସ୍ୟାର ସମାଧାନ ହୋଇପାରିବ, ଯଦି ଆମର ଉପାସ୍ୟ ଦେବ, ଉପାସନା ସ୍ଥଳୀ ଏକ ହେବ । ଏହାର ଉପାଦେୟତାକୁ ଉପଲବ୍ଧି କରି



ପ୍ରାଚୀନ କାଳର କପିଳ, କଣାଦ ପ୍ରଭୃତି ମହା ମହା ଋଷି ମହର୍ଷିଗଣ ନୂତନ ସମ୍ପ୍ରଦାୟ ଗଠନ ନକରି ବେଦବିହିତ ମାର୍ଗରେ ବାଧ୍ୟ ହୋଇ ପରିଚାଳିତ ହୋଇଥିଲେ ।

୧୩. ସଂସାରରେ ଥିବା ସମସ୍ତ ଅଦୃଶ୍ୟ ଓ ଦୃଶ୍ୟମାନ ପଦାର୍ଥ ଈଶ୍ୱର ହିଁ ସୃଷ୍ଟି କରିଛନ୍ତି । ତାଙ୍କ ସୃଷ୍ଟ ପଦାର୍ଥକୁ ତାଙ୍କୁ ଅର୍ପଣ କରି କଦାପି ସନ୍ତୁଷ୍ଟ କରିହେବ ନାହିଁ । ଦ୍ୱିତୀୟତଃ ତାଙ୍କର କୌଣସି ଅବୟବ ନ ଥିବାରୁ ଫୁଲ-ଚନ୍ଦନାଦି ଦେବା ନିରର୍ଥକ । ସେ ଖାଦ୍ୟ ଗ୍ରହଣ କରୁ ନ ଥିବାରୁ ତାଙ୍କୁ କୌଣସି ପ୍ରକାର ଖାଦ୍ୟଦ୍ରବ୍ୟ ଦେବାର ଆବଶ୍ୟକତା ସାମାନ୍ୟ ମାତ୍ରାରେ ମଧ୍ୟ ନାହିଁ ।

୧୪. ପ୍ରଚଳିତ ପୁରାଣମାନଙ୍କରେ ଅନେକାନେକ ଅବୈଜ୍ଞାନିକ, କପୋଳକଳ୍ପିତ, ଅସମ୍ଭବ, ଅବାସ୍ତବ ତଥା ବିଭ୍ରାନ୍ତିମୂଳକ ତଥ୍ୟମାନ ନିହିତ ହୋଇ ରହିଛି । ଗୋଟିଏ ପୁରାଣ ଅନ୍ୟ ଏକ ପୁରାଣକୁ ନିନ୍ଦା କରିବାରେ ଶତମୁଖ ହୋଇ ପଡ଼ିଛି । ପରସ୍ପର ଦ୍ୱନ୍ଦ୍ୱ ତଥା ବିରୋଧାଭାଷ ହେତୁ ଏସବୁ ହେଉଛି, ଏକାବେଳକେ ବର୍ଜନୀୟ ।

୧୫. ସାତ୍ତ୍ୱିକ, ରାଜସିକ ଓ ତାମସିକ ଭେଦରେ ଖାଦ୍ୟ ଦ୍ରବ୍ୟକୁ ତିନି ଭାଗରେ ବିଭକ୍ତ କରାଯାଇଛି । ଖାଦକ ଉପରେ ଖାଦ୍ୟଦ୍ରବ୍ୟର ପ୍ରଭାବ ବହୁଳଭାବେ ପଡ଼ିଥାଏ । ତେଣୁ ଉତ୍ତମ ଆଗ୍ରହ-ବିଗ୍ରହ, ଶାନ୍ତ-ଶିଷ୍ଟ, ସର୍ବୋପରି ପ୍ରଶଂସନୀୟ ମନୁଷ୍ୟ ହେବାପାଇଁ, ସମସ୍ତଙ୍କ ପକ୍ଷେ ସାତ୍ତ୍ୱିକ ଖାଦ୍ୟ ଭୋଜନ କରିବା ଏକାନ୍ତ ବାଞ୍ଛନୀୟ । ରାଜସିକ, ତାମସିକ ଖାଦ୍ୟରେ ଗର୍ବ, ଅହଂକାର, ପରଶ୍ରୀକାତରତା, ହିଂସ୍ରଭାବଗୁଡ଼ିକ କେବଳ ଜାତ ହୋଇଥାଏ, ତେଣୁ ସେସବୁ ବର୍ଜନୀୟ ଅଟେ । ଫଳ-ମୂଳ, ଦୁଧ-ଦହି, ସର-ଲବଣି, ତଟକା ପନିପରିବା, ଅନ୍ନ ପ୍ରଭୃତି ସାତ୍ତ୍ୱିକ ଶ୍ରେଣୀର । ମାଛ, ମାଂସ, ଅଣ୍ଡା, ଅତ୍ୟଧିକ ରାଗ, ତେଲ, ମସଲା, ପିଆଜ, ରସୁଣଯୁକ୍ତ ଖାଦ୍ୟକୁ ରାଜସିକରେ ଗଣନା କରାଯାଇଛି । ପଚ୍‌, ସଢ଼ା, ପଖାଳ, ଶୁଖୁଆ, ଶୁଷ୍କ ମାଛ, ମାଂସ, ଦୁର୍ଗନ୍ଧଯୁକ୍ତ ଖାଦ୍ୟପଦାର୍ଥ ତାମସିକରେ ପରିଗଣିତ ହୋଇଥାଏ । ଶରୀରପକ୍ଷେ ହିତକାରୀ ଖାଦ୍ୟ ଗ୍ରହଣ କରିବା ଆବଶ୍ୟକ ।

## ଯଜ୍ଞ ସମ୍ବନ୍ଧୀୟ କେତୋଟି ପ୍ରଶ୍ନ ଓ ତା'ର୍ ଉତ୍ତର୍

**ପ୍ରଶ୍ନ-** ବୈଦିକ ଧର୍ମରେ ଯଜ୍ଞକୁ କାହିଁକି ଏତେ ପ୍ରାଧାନ୍ୟ ଦିଆଯାଇଛି ?

**ଉତ୍ତର-** ସାଧାରଣ ଦୃଷ୍ଟିରୁ ବିଚାର କଲେ ଜାଣିପାରିବା ଆମେ ବ୍ୟବହାର କରୁଥିବା ଲୁଗାପଟା, ବାସନ କୁସନ ପ୍ରଭୃତି ଯେତେବେଳେ ଅପରିଷ୍କାର ହୋଇଯାଏ, ପ୍ରଥମେ ଆମେ ତାକୁ ପରିଷ୍କାର କରୁଁ ଓ ତା'ପରେ ତାକୁ ବ୍ୟବହାର କରିଥାଉ । ଶରୀରକୁ ପରିଷ୍କାର ପରିଛନ୍ନ ରଖିବାପାଇଁ ପ୍ରତିଦିନ ଥରେ ଦି'ଥର ସ୍ନାନ କରିବା ସଙ୍ଗେ ସଙ୍ଗେ ସାବୁନ୍ ପ୍ରଭୃତି ବ୍ୟବହାର କରିଥାଉଁ । କିନ୍ତୁ ଛେପ, ଖଙ୍କାର, ମଳ, ମୂତ୍ର ଦ୍ୱାରା ମଣିଷ ଅନବରତ ବାୟୁମଣ୍ଡଳର ପରିବେଶକୁ ଦୂଷିତ କରୁଛି । ଦୂଷିତ ବାୟୁମଣ୍ଡଳକୁ ଶୁଦ୍ଧପୂତ କେବଳ ଯଜ୍ଞଦ୍ୱାରା କରାଯାଇପାରେ । ତେଣୁ ବୈଦିକ ରୀତିରେ ଅନୁଷ୍ଠିତ ସଂସ୍କାରଗୁଡ଼ିକ ପ୍ରାୟଶଃ ଯଜ୍ଞ ମାଧ୍ୟମରେ ସମ୍ପନ୍ନ କରାଯାଇଥାଏ । ପ୍ରାଚୀନ କାଳରେ ଆର୍ଯ୍ୟାବର୍ତ୍ତର ଘରେ ଘରେ ପୁରେ ପୁରେ ଅଗ୍ନିହୋତ୍ରମାନ କରାଯାଉଥିଲା । ତା'ର ଜ୍ୱଳନ୍ତ ନିଦର୍ଶନ ହେଉଛି ଆଜିକାଲି ମଧ୍ୟ ଗୃହିଣୀମାନେ ସନ୍ଧ୍ୟାର ଅବ୍ୟବହିତ ପୂର୍ବରୁ ଗୃହର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଘିଅ ବଳିତା, ତେଲ ବଳିତାମାନ ଜାଳି ଥାଆନ୍ତି । ଏହା ହେଉଛି ସେହି ଯଜ୍ଞର ଅପଭ୍ରଂଶ ରୂପ । କାରଣ ମଣିଷ ସର୍ବଦା ସୁବିଧାବାଦୀ, ଅନାୟାସରେ, ଅଳ୍ପ ସମୟ ମଧ୍ୟରେ କିପରି କର୍ମ ସମ୍ପାଦନ କରିବ ତା'ପାଇଁ ଉଦ୍ୟମ କରିଥାଏ । ତେଣୁ ଅଗ୍ନିହୋତ୍ର ପରିବର୍ତ୍ତେ ବଳିତା ଜାଳି କର୍ତ୍ତବ୍ୟ ସଂପାଦନ କରି ଦେଉଛି । ପରିବେଶକୁ ଦୂଷିତ କରୁଥିବାରୁ ତାକୁ ଶୁଦ୍ଧ-ପୂତ କରିବା ଅପରିହାର୍ଯ୍ୟ କର୍ତ୍ତବ୍ୟ, ଏହା ବିଚାରି ସମସ୍ତେ ଯଜ୍ଞାନୁଷ୍ଠାନ କରିବା ଏକାନ୍ତ ବାଞ୍ଛନୀୟ । ଏଥିପାଇଁ ହିଁ ବୈଦିକ ଧର୍ମରେ ଯଜ୍ଞକୁ ପ୍ରାଧାନ୍ୟ ଦିଆଯାଇଛି ।

**ପ୍ରଶ୍ନ-** ଯଜ୍ଞକୁ ଅଗ୍ନିହୋତ୍ର ବୋଲି କାହିଁକି କହନ୍ତି ?

**ଉତ୍ତର-** ଅଗ୍ନୟେ ପରମେଶ୍ୱରାୟ ଜଳ-ବାୟୁ ଶୁଦ୍ଧି କରଣାୟ ଚ ହୋତ୍ରଂ ହବନଂ ଯସ୍ମିନ୍ କର୍ମଣି କ୍ରିୟତେ ତଦଗ୍ନି-ହୋତ୍ରମ୍ । ଅର୍ଥାତ୍ ଅଗ୍ନି ବା ପରମେଶ୍ୱରଙ୍କ



ନିମିତ୍ତ, ଜଳ ବାୟୁର ବିଶୁଦ୍ଧି, ଅଥବା ପରମେଶ୍ୱରଙ୍କ ନିମିତ୍ତ ଜଳବାୟୁର ବିଶୁଦ୍ଧି ଅଥବା ପରମେଶ୍ୱରଙ୍କ ଆଜ୍ଞାପାଳନ ଉଦ୍ଦେଶ୍ୟରେ ଯେଉଁ ହୋତ୍ର, ଯେଉଁ ହବନ, ଅର୍ଥାତ୍ ଦାନ କରାଯାଏ ତାକୁ ଅଗ୍ନିହୋତ୍ର କହନ୍ତି ।

**ପ୍ରଶ୍ନ-** ଯଜ୍ଞ ମଣ୍ଡପରେ ଉପବେଶନ କରିଥିବା ଜନସାଧାରଣ ସ୍ୱାହା ଉଚ୍ଚାରଣ କରିବାର କି ଆବଶ୍ୟକତା ଅଛି ?

**ଉତ୍ତର-** ଯଜ୍ଞରେ ଯଜମାନ ଆସନ ଅଳଙ୍କୃତ କରିଥିବା ଦମ୍ପତୀ ମନ୍ତ୍ର ଶେଷରେ ନିଶ୍ଚୟ "ଓମ୍ ସ୍ୱାହା" ଉଚ୍ଚାରଣ କରି ଆହୁତି ପ୍ରଦାନ କରିବେ । ତାଙ୍କ ବ୍ୟତୀତ ଯଜ୍ଞ ମଣ୍ଡପରେ ଉପସ୍ଥିତ ଥିବା, ଅନ୍ୟାନ୍ୟ ସଜ୍ଜନଗଣ ମଧ୍ୟ ସମସ୍ୱରରେ "ଓମ୍ ସ୍ୱାହା" ସ୍ପଷ୍ଟଭାବରେ ଉଚ୍ଚାରଣ କରିବେ । ଫଳରେ ସମସ୍ତଙ୍କ ମନ ଯଜ୍ଞପ୍ରତି ଆକର୍ଷିତ ହୋଇ ରହିବ, ଦ୍ୱିତୀୟତଃ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ନାମ "ଓମ୍" ଉଚ୍ଚାରିତ ହେବା ସଙ୍ଗେ ସଙ୍ଗେ ଶରୀର ରୋଗଶୂନ୍ୟ ହୋଇ ସୁସ୍ଥ ସବଳ ରହିବ । କାରଣ "ଓମ୍" ଉଚ୍ଚାରଣ ସମୟରେ ଯଜ୍ଞର ସୁଗନ୍ଧିତ ପଦାର୍ଥଦ୍ୱାରା ବିଶୁଦ୍ଧ ହୋଇଥିବା ବାୟୁ ବହୁଳ ଭାବେ ହୃଦୟ ମଧ୍ୟକୁ ପ୍ରବେଶ କରିବ । ପରେ 'ସ୍ୱାହା' କହିବା ଫଳରେ ହୃଦୟସ୍ଥିତ ଦୂଷିତ ବାୟୁ ନିର୍ଗତ ହୋଇଯିବ । ଏ ସବୁର ଉପାଦେୟତାକୁ ଉପଲବ୍ଧି କରି ସମସ୍ତେ 'ଓମ୍ ସ୍ୱାହା' ଉଚ୍ଚାରଣ କରିବା ଏକାନ୍ତ ଆବଶ୍ୟକ ।

**ପ୍ରଶ୍ନ-**ଅଗ୍ନ୍ୟାଧାନ ପରେ ପ୍ରଜ୍ୱଳିତ ପ୍ରଦୀପକୁ ଐଶାନ୍ୟ କୋଣରେ କାହିଁକି ସ୍ଥାପନ କରାଯାଏ ?

**ଉତ୍ତର-** ଯଜ୍ଞର ବିଧି- ବିଧାନଦ୍ୱାରା ମଣିଷର ଅନ୍ତର୍ନିହିତ ଉଦ୍ଦେଶ୍ୟମାନ ପ୍ରକାଶିତ ହୋଇଥାଏ । ଆକାଶରେ ଧ୍ରୁବତାରା ଉତ୍ତର ଦିଗରେ ନିର୍ଦ୍ଦିଷ୍ଟ ସ୍ଥାନରେ ହିଁ ଅବସ୍ଥାନ କରନ୍ତି । ରାତିରେ ଦିଗହରା ନାବିକ, ପଥହରା ପଥିକ ପ୍ରଭୃତି ଧ୍ରୁବତାରାକୁ ଅବଲୋକନ କରି ନିଜ ତ୍ରୁଟିକୁ ସୁଧାରି ଥାଆନ୍ତି । ଦୀପକୁ ଐଶାନ୍ୟ କୋଣରେ ସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି... ଦୀପକୁ ଆଲୋକ, ଉନ୍ନତି, ସୁଖ-ସମୃଦ୍ଧିର ପ୍ରତୀକରୂପେ ଗ୍ରହଣ କରାଯାଇଛି । ତାକୁ ଐଶାନ୍ୟ କୋଣରେ ସ୍ଥାପନ କରି ସୂଚନା ଦିଆଯାଏ, ଆମର ଇଷ୍ଟ, ଲକ୍ଷ୍ୟ ଓ ଅନ୍ତିମ ଉଦ୍ଦେଶ୍ୟ ସ୍ଥିରୀକୃତ ହେବା ଆବଶ୍ୟକ ।

ଲକ୍ଷ୍ୟ ସ୍ଥଳରେ ଉପନୀତ ହେବା ଆମର ଚରମ ଓ ପରମ କର୍ତ୍ତବ୍ୟ, ତେଣୁ ତାକୁ ସୂଚାଇବା ପାଇଁ ଦୀପକୁ ଲକ୍ଷ୍ୟକରି ଜଳ ପ୍ରୋକ୍ଷଣ କରାଯାଏ ।

**ପ୍ରଶ୍ନ-** ଯଜ୍ଞ କୁଣ୍ଡର ଚତୁର୍ଦ୍ଦିଗରେ ଜଳ ପ୍ରୋକ୍ଷଣ କେଉଁ ସମୟରେ କରାଯିବ ?

**ଉତ୍ତର-** ଏ ସମ୍ପର୍କରେ ଦୁଇ ପ୍ରକାର ମତ ପରିଲକ୍ଷିତ ହୁଏ । "ଦେବଃ ସବିତଃ ପ୍ରସୁବ..." ମନ୍ତ୍ରପାଠ ଆରମ୍ଭକରି ମନ୍ତ୍ରପାଠ ସହିତ ତାଳଦେଇ ଚତୁର୍ଦ୍ଦିଗରେ ଜଳ ପ୍ରୋକ୍ଷଣ କରାଯିବ, ଯେପରି ମନ୍ତ୍ରପାଠ ସମାପ୍ତି ସହିତ ଜଳ ପ୍ରସେଚନ ମଧ୍ୟ ଶେଷ ହେବ । ଏପରି କେତେକ ବିଦ୍ୱାନ୍ ମତ ଦେଇଥିବା ସ୍ଥଳେ, ଅନ୍ୟ କେତେକ ମତ ଦିଅନ୍ତି... ପ୍ରଥମେ ମନ୍ତ୍ର ପାଠ କରି ଶେଷ କରିବାକୁ ହେବ, ତା'ପରେ ଜଳ ପ୍ରସେଚନ ଆରମ୍ଭ କରାଯିବ । ପଥମ ମତ ଅପେକ୍ଷା ଦ୍ୱିତୀୟ ମତ ଅଧିକ ଯୁକ୍ତିଯୁକ୍ତ ବୋଲି ପ୍ରତୀୟମାନ ହେଉଛି । କାରଣ ମନ୍ତ୍ରପାଠ ଶେଷରେ ଆହୁତି ଆଦି ଦିଆଯାଏ । ତେଣୁ ଯଜମାନ ପ୍ରଥମେ ମନ୍ତ୍ରକୁ ଶୁଣି ପରେ ଜଳ ପ୍ରସେଚନ କରିବେ । କାରଣ ଏପରି କଲେ ମନ୍ତ୍ରାର୍ଥକୁ ଚିନ୍ତନ ମଧ୍ୟ କରିପାରିବେ ।

**ପ୍ରଶ୍ନ-** ଆଚମନ ସମୟରେ ଅଳ୍ପ ଅଳ୍ପ ଜଳ ତିନିଥର କାହିଁକି ପାନ କରାଯାଏ ? ଅଧିକ ପାନ କରିବା ଦୋଷାବହ କି ?

**ଉତ୍ତର-** ଆଚମନ ପାଇଁ ଉଦ୍ଦିଷ୍ଟ ତିନୋଟି ମନ୍ତ୍ରକୁ ପାଠକରି ଅଳ୍ପ ଅଳ୍ପ ଜଳ ତିନିଥର ପାନ କରାଯାଏ । ତିନିଥର ନ ପିଇ ଥରଟିଏ ବା ତିନିଥରରୁ ଅଧିକ ଥର ପାନ କରିବାରେ ଦୋଷ କଅଣ ? ସାମାନ୍ୟଭାବେ ଜଳପାନ ନ କରି ମନଇଚ୍ଛା ଗ୍ଲାସ୍‌ର ଜଳକୁ ପିଇଲେ ଦୋଷ ହେବ କି ? ଏହାର ଉତ୍ତର ହେବ ସେପରି କଦାପି କରାଯାଇ ପାରିବ ନାହିଁ । ଜଳର ଧର୍ମ ହେଉଛି ସର୍ବତ୍ର ସାମ୍ୟାବସ୍ଥାରେ ବ୍ୟାପି ରହିବା । ଜଳର ଉପର ସ୍ତର ନ୍ୟୁନାଧିକ ହୋଇ କେଉଁଠି ରହେ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଶରୀରରେ ବାତ, ପିତ୍ତ, କଫ ଭେଦରେ ତିନି ପ୍ରକାର ବିକାର ରହିଛି । ଏ ତିନୋଟି ସାମ୍ୟାବସ୍ଥାରେ ଥିବା ପର୍ଯ୍ୟନ୍ତ ଶରୀର ନୀରୋଗ ରହେ । ଏଗୁଡ଼ିକ ଯେତେବେଳେ ନ୍ୟୁନାଧିକ ହୋଇଯାଏ, ସେତେବେଳେ ଶରୀର ରୋଗାକ୍ରାନ୍ତ



ହୋଇପଡ଼େ । ଶରୀରସ୍ଥିତ ବିକାରତ୍ରୟକୁ ସାମ୍ୟାବସ୍ଥାରେ ରଖିବା ପାଇଁ ତିନଥର ଜଳ ପାନ କରାଯାଏ । ଆଚମନ ସମୟରେ ମନଇଚ୍ଛା ଜଳପାନ କରିବା ଅନାବଶ୍ୟକ । ବେଦର ଅନେକ ମନ୍ତ୍ରରେ ଜଳକୁ ଔଷଧିରୂପେ କଳ୍ପନା କରାଯାଇଛି । କୁହାଯାଇଛି... "ଆପଃ ଭବନ୍ତୁ ଭେଷଜମ୍" । ପ୍ରାକୃତିକ ଚିକିତ୍ସାରେ ଜଳର ପ୍ରୟୋଗଦ୍ୱାରା ରୋଗକୁ ଭଲ କରାଯାଇଥାଏ । ମଣିଷକୁ ସାମାନ୍ୟ ରୋଗ ହେଉ ବା ଭୟଙ୍କର ରୋଗ ହେଉ ସେ ମାତ୍ରା ଅନୁଯାୟୀ ଔଷଧ ସେବନ କରେ । କେବେ କେହି ଆତୁର ହୋଇ ଏକା ଥରକେ ବୋତଲ ବୋତଲ ଔଷଧ ପିଅନ୍ତି ନାହିଁ । ତେଣୁ ଆଚମନରେ ଜଳକୁ ଔଷଧପରି ସେବନ କରିବାକୁ ହୋଇଥାଏ ।

**ପ୍ରଶ୍ନ-**ସମିଦାଧାନ ପରେ "ଅୟନ୍ତ ଇଧ୍ମ ଆତ୍ମା" ମନ୍ତ୍ରରେ କାହିଁକି ପାଞ୍ଚଥର ଆହୁତି ଦିଆଯାଏ ?

**ଉତ୍ତର-** ଆମର ଧ୍ୟେୟ ହେଉଛି... "ସର୍ବେ ଭବନ୍ତୁ ସୁଖିନଃ" । ଗୁଣ କର୍ମ ସ୍ୱଭାବ ଅନୁଯାୟୀ ସମସ୍ତଙ୍କୁ ଚାରୋଟି ବର୍ଣ୍ଣରେ ବିଭକ୍ତ କରାଯାଇଛି । ଚାରିବର୍ଣ୍ଣ ପାଇଁ ପୃଥକ୍ ପୃଥକ୍ ନୀତି ନିୟମମାନ ପ୍ରଣୟନ କରାଯାଇଛି । ଯିଏ ଯେଉଁ ନୀତି ନିୟମକୁ ଆନ୍ତରିକତାର ସହିତ ପାଳନ କରେ, ସେ ସେହି ବର୍ଣ୍ଣରେ ପରିଗଣିତ ହୋଇଥାଏ । ଶତଚେଷ୍ଟା କଲେ ମଧ୍ୟ ଯେଉଁ ବ୍ୟକ୍ତି ଚାରିବର୍ଣ୍ଣର ନୀତି-ନିୟମଗୁଡ଼ିକୁ ପାଳନ କରିପାରେ ନାହିଁ ତାକୁ "ନିଷାଦ" ବୋଲି ବିବେଚନା କରାଯାଏ । ତେଣୁ ଗାଁ ଗହଳିରେ ସାଧାରଣତଃ ପଞ୍ଚପ୍ରଜା ବୋଲି କୁହାଯାଏ । ସେ ସମସ୍ତଙ୍କ ହିତ ସାଧିତ ହେଉ, ଏହି ମହତ୍ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଯଜ୍ଞରେ ପଞ୍ଚ ପ୍ରଜାପାଇଁ ପାଞ୍ଚୋଟି ଆହୁତି ପ୍ରଦାନ କରାଯାଏ । ଅନ୍ୟ ଏକ ମତ ହେଉଛି... ପ୍ରୋକ୍ତ ମନ୍ତ୍ରରେ ପରମଦୟାଳୁ ପରମେଶ୍ୱରଙ୍କୁ ପାଞ୍ଚୋଟି ପଦାର୍ଥ ପ୍ରାର୍ଥନା କରାଯାଇଛି । ତେଣୁ ପାଞ୍ଚୋଟି ଆହୁତି ପ୍ରଦାନ କରାଯାଏ ।

**ପ୍ରଶ୍ନ-** ମନ୍ୱନ୍ତର କେତେ ବର୍ଷରେ ହୁଏ ଓ ତା'ର ସଂଖ୍ୟା କେତୋଟି ?

**ଉତ୍ତର-** ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ଏପରି ଚାରୋଟି ଯୁଗ । ସତ୍ୟଯୁଗର ଆୟୁଷ ୧୭ ଲକ୍ଷ ୨୮ ହଜାର, ତ୍ରେତୟାର ଆୟୁଷ ୧୨ ଲକ୍ଷ ୯୬

ହଜାର, ଦ୍ୱାପରର ଆୟୁଷ ୮ ଲକ୍ଷ ୬୪ ହଜାର ତଥା କଳିର ଆୟୁଷ ହେଉଛି ୪ ଲକ୍ଷ ୩୨ ହଜାର । ଚତୁର୍ଯୁଗର ମୋଟ ଆୟୁଷ ହେଉଛି- ୪୩ ଲକ୍ଷ ୨୦ ହଜାର । ୪୩ ଲକ୍ଷ ୨୦ ହଜାର ବର୍ଷକୁ ଏକ ଚତୁର୍ଯୁଗୀ କୁହାଯାଏ । ୭୨ଟି ଚତୁର୍ଯୁଗୀରେ ଏକ ମନ୍ୱନ୍ତର ହୁଏ । ଚଉଦଟି ମନ୍ୱନ୍ତର ଅଛି । ତନ୍ମଧ୍ୟରୁ ସ୍ୱୟମ୍ଭବ, ସ୍ୱାରୋଚିଷ, ଔତ୍ତମୀ, ତାମସ, ରୈବତ, ଚାକ୍ଷୁଷ ଛଅଟି ମନ୍ୱନ୍ତର ଗଲାଣି । ବର୍ତ୍ତମାନ ସପ୍ତମ ମନ୍ୱନ୍ତର ବୈବସ୍ୱତ ଚାଲିଛି ।

ଜୀବାତ୍ମାର ମୋକ୍ଷପ୍ରାପ୍ତି ହେଲେ ସେ ଗୋଟିଏ ଚତୁର୍ଯୁଗୀ ଅର୍ଥାତ୍ ୪୩ ଲକ୍ଷ ୨୦ ହଜାର ବର୍ଷ ରହି ପୁଣି ଜନ୍ମଗ୍ରହଣ କରେ । କେତେକ ଲୋକ କହନ୍ତି ଯଦି ଜନ୍ମଗ୍ରହଣ କରିବାକୁ ହେବ ତେବେ କଷ୍ଟ ସ୍ୱୀକାର କରି ମୋକ୍ଷ ପାଇବାରେ ଲାଭ ବା କ'ଣ ଅଛି ? ଆମେ ଖାଉଛୁ, ୬ ଘଣ୍ଟାପରେ ପୁଣି ଥରେ ଖାଇବାକୁ ହେବ । ଏହା ବୋଲି କ'ଣ ଖାଇବା ନାହିଁ ? "

## ନିଜ ରଚିତ କେତେକ ଉପାଦେୟ ଖଣ୍ଡିତ ପଦ୍ୟାଂଶ...

ଅତୀତ ଯାଇଛି ହଜି ବହୁଦୂରେ ଭବିଷ୍ୟତ,
ତା'ପାଇଁ କିଛି ନ ଭାବି ବର୍ତ୍ତମାନେ ରହ ରତ ।୧।
ଅଧ୍ୟବସାୟ ବଳରେ କାର୍ଯ୍ୟ ସିଦ୍ଧି ହୁଏ,
ତା'ବିନା କୌଣସି କାର୍ଯ୍ୟ ସଫଳ ନ ହୁଏ ।୨।
ଅନିତ୍ୟ ଜଗତେ କେବଳ ନିତ୍ୟ ଧରମ-ଧନ,
ତାକୁ ଅର୍ଜିକର ସଫଳ ଇହ ପର ଜନମ ।୩।
ଅସତ୍ୟ ପଥ ପରିହରି । ଧର୍ମ ପଥକୁ ଅନୁସରି ।
ସେ ପଥେ ଚଳେ ଯେଉଁ ଜନ । ଲଭେ ସେ ସର୍ବତ୍ର ସମ୍ମାନ ।୪।



ଆଉ କେହି ଭଲ ହେଉ ବା ନ ହେଉ,
ନିଶ୍ଚେ ମୁହିଁ ନିଜେ ଭଲ ହେବି ।
ଆଜିଠାରୁ ଏହି ବ୍ରତ ହେଉ ମୋର,
ନିଜକୁ ନିଜେ ମୁଁ ସଜାଡ଼ିବି ।୫।
ଆନ୍ତରିକତା ବିହୀନ ଯେତେକ କରମ,
ସଫଳ ନୋହେ ତା କେବେ ଭଲ ଭାବେ ଜାଣ ।୬।
ଈଶ୍ୱରଙ୍କୁ ଭୟ ଯାହାର କାହାକୁ ସେ ନ ଡ଼ରେ,
ଭୟ ନାହିଁ ଯାର ପ୍ରଭୁଙ୍କୁ ସେହୁ ସଭିଙ୍କୁ ଡ଼ରେ ।୭।
ଈଶ୍ୱର ଯା କିଛି କରନ୍ତି ପ୍ରାଣୀଙ୍କ ହିତ ପାଇଁ,
ଅଳ୍ପଜ୍ଞ ମାନବ ତାହାକୁ କେବେ ବୁଝଇ ନାହିଁ ।୮।
ଉଦ୍ୟମଶୀଳ ଯେଉଁ ଜନ, ସଫଳ ହୁଏ ତା'କରମ,
ପରିଶ୍ରମକୁ ଭୟ ଯାର, ବିଫଳ ହୁଏ କାର୍ଯ୍ୟ ତାର ।୯।
ଏ ସାରା ସଂସାରେ ଯେତେ ନର-ନାରୀ ରହିଛନ୍ତି ବାସ କରି ।
ସେ ସକଳେ ଯେବେ ହେବେ ଏକତ୍ରିତ ପରମାତ୍ମା ସେହପରି ।୧୦।
କାଲି କାମ ଆଜି କର ଆଜି କାମ ଏବେ,
କାମ ଯଦି ପଡ଼ିରହେ କରିବ ତା କେବେ ? ।୧୧।
ଗଞ୍ଜା ସେବନ ସୁରା ପାନ, ଲୋକଙ୍କୁ କରେ ସଇତାନ ।୧୨।
ଚରିତ୍ରବନ୍ତ ହେଲେ ନର, ଲଭେ ସେ ସଭିଙ୍କ ଆଦର ।୧୩।
ଜଗତେ ଯା କିଛି ରହିଛି ସବୁ ତୋହରି ପାଇଁ,
ବିଚାରି ଦେଖିଲେ ଜାଣିବୁ କିଛି ତୋର ନୁହଁଇ ।୧୪।
ତିଥି ବାର କିଛି ନ ଥାଇ ଆସେ ଯେ ଜନ ଘରେ,
ପ୍ରକୃତ ଅତିଥି ସେ ଏକା ପୂଜା କରିବ ତା'ରେ ।୧୫।
ଥରେ ମାତ୍ର ଆସେ ଯୌବନ ପୁଣି ସେ ଚାଲିଯାଏ,

ଉପଗତ ହେଲେ ବାର୍ଦ୍ଧକ୍ୟ ମୃତ୍ୟୁ ପର୍ଯ୍ୟନ୍ତ ରହେ ।୧୬।
ଦେବି ନାହିଁ ଦେବି ନାହିଁ ଏ ମହାଭାରତ,
ନେବି ନାହିଁ ନେବି ନାହିଁ ରାମାୟଣ ମତ ।୧୭।
ଧାନ-ଧାନ୍ୟ ମଧ୍ୟେ ବିଦ୍ୟା ଅଟେ ମହାଧନ,
ତେଣୁ ତାକୁ ଆଗ୍ରହରେ କର ଉପାର୍ଜନ ।୧୮।
ନାରୀଙ୍କୁ ସମ୍ମାନ ଦେବାରେ କେବେ ନକର ହେଳା,
କର ଯେବେ ଅପମାନିତ ଦିନେ ବୁଡ଼ିବ ଭେଳା ।୧୯।
ନରୀ ଯେବେ ହୁଏ ଶିକ୍ଷିତା କରେ କୁଳ ଉଦ୍ଧାର,
ସଭ୍ୟ ସୁଶିକ୍ଷିତ ହୁଅନ୍ତି ସୁତ-ସୁତା ତାହାର ।୨୦।
ନିଜ ପାଇଁ ଯାହା କରିବ ତାହା ହେବ କରମ,
ପରପାଇଁ ତାକୁ କରିଲେ ହୋଇଯିବ ଧରମ ।୨୧।
ପିତାସିନା ଜନ୍ମ ଦିଅନ୍ତି ଗୁରୁ ଦିଅନ୍ତି ଜ୍ଞାନ,
ଗୁରୁ ତେଣୁ ପିତାଙ୍କଠାରୁ ହୋଇଥାନ୍ତି ମହାନ ।୨୨।
ପ୍ରକୃତରେ ଆମେ ମନୁଷ୍ୟ ପଦବାଚ୍ୟ ନୁହଁଇ,
ଯେବେ ବୋଲାଉଛୁ ମନୁଷ୍ୟ ମନୁଷ୍ୟପଣ ନାହିଁ ।୨୩।
ପ୍ରଭୁଙ୍କୁ ମାନନ୍ତି ସମସ୍ତେ କିନ୍ତୁ ଜାଣନ୍ତି ନାହିଁ,
ମରଣକୁ ଜାଣୁଥିଲେ ହେଁ, କେବେ ମାନନ୍ତି ନାହିଁ ।
ନ ଜାଣନ୍ତି ପାପ-ପୁଣ୍ୟକୁ କିମ୍ବା ମାନନ୍ତି ନାହିଁ,
ଧନକୁ ଜାଣନ୍ତି ମାନନ୍ତି ଦୁନିଆଁରୀତି ଏହି ।୨୪।
ବିଦ୍ୟାବଳେ ହୋଇଥାଏ ମନୁଷ୍ୟ ମହାନ,
ଅକ୍ଳେଶରେ ସବୁ କାମ କରେ ସେ ସାଧନ ।୨୫।
ବିଧିର ବିଧାନ କେବେ ନୋହେ ଆନ ।
ତେଣୁ ଜଗତରେ ଭାଗ୍ୟ ବଳବାନ ।୨୬।



ବ୍ରହ୍ମଚର୍ଯ୍ୟ ବଳରେ ବଳୀ ଭବେ ଯେ ବ୍ରହ୍ମଚାରୀ,
ନିର୍ଭୟରେ ସାରା ସଂସାରେ ସେହୁ ଥାଏ ବିଚରି ।୨୭।
ଭବିତବ୍ୟ ଯାହା ନିଶ୍ଚୟ ଘଟିବ କିଏ ତା' କରିବ ଆନ,
ଯା ହେବାର ହୁଏ ନ ହେବାର ନୋହେ ଏହା ବିଧିର ବିଧାନ ।୨୮।
ମତ୍ସ୍ୟ-ମାଂସ ଯେ ଅଣ୍ଡା ମଦ୍ୟ, ଏସବୁ ଅସୁରଙ୍କ ଖାଦ୍ୟ ।୨୯।
ମୋର ମୋର କହେ ଯେହୁ, ଅବଶ୍ୟ ସେ ମରେ,
ତୋର ତୋର କହି ଜନ ଭବ-ସିନ୍ଧୁ ତରେ ।୩୦।
ଯା କିଛି ହୋଇଛି ଯାହା ବା ହେଉଛି ଭବିଷ୍ୟତେ ଯାହାହେବ,
ସେ ସବୁରେ ନିଶ୍ଚେ ମଙ୍ଗଳ ନିହିତ ମନେ ଏହା ବିଚାରିବ ।୩୧।
ଯେ ଜନ ବେଦପଥେ ଚଳେ, ତାହାକୁ ସୁଖ-ଶାନ୍ତି ମିଳେ ।
ବେଦପଥକୁ ଯେହୁ ଛୁଡ଼େ, ଦୁଃଖ ସାଗରେ ସେହୁ ବୁଡ଼େ ।୩୨।
ଯେ ଜନ ଈଶ୍ୱରଙ୍କୁ ଡ଼ରେ, ଭୟ ସେ କାହାକୁ ନ କରେ ।
ପ୍ରଭୁଙ୍କୁ ଭୟ ନାହିଁ ଯାର, ସଭିଙ୍କୁ ଭୟ ଥାଏ ତା'ର ।୩୩।
ଯେ ଜନ ଧର୍ମ-ପଥ ଛୁଡ଼େ, ଅକାଳେ ତା'ର ବଂଶ ବୁଡ଼େ ।୩୪।
ଯେ ଜନ ଈଶ୍ୱର ବିଶ୍ୱାସୀ, ରହେ ସେ ସୁଖେ ଦିବାନିଶି ।୩୫।
ଯେ ପର୍ଯ୍ୟନ୍ତ ଯାଗଯଜ୍ଞ ନ କରିଛି ନର,
ବନ୍ୟା ବାତ୍ୟା ଦୁର୍ଭିକ୍ଷାଦି ହେବ ବାରମ୍ବାର ।୩୬।
ଯେ ଦୀକ୍ଷାରେ ଥରେ ହୋଇଛ ଦୀକ୍ଷିତ,
ନ ଛାଡ଼ିବ କେବେ ହେଉ ପ୍ରାଣପାତ ।୩୭।
ଯୌବନ ଆସିଲା ଯୁବକର ମୁଖେ କଳା ନିଶ ଦେଖାଦେଲା,
ସାବଧାନେ ଚଳ ତୋ କାମେ କାଳିମା ଲାଗିବ ସୂଚାଇ ଦେଲା ।୩୮।
ଶୁଭ କାମ କଲେ ଶୁଭ ଫଳମିଳେ ଅଶୁଭେ ଅଶୁଭ ଫଳ,
ପ୍ରଭୁ ଦରବାରେ ବିଳମ୍ବ ହେଲେହିଁ ମିଳେ ଅନୁରୂପ ଫଳ ।୩୯।

ଶୁଭ କାମ ଦେଖି ବେଗେ କର ସମ୍ପାଦନ,
ଅଶୁଭ କାମ ସବୁକୁ କର ବରଜନ ।୪୦।
ସମ୍ପଦ କାଳେ ସକଳେ ହୋଇଥାନ୍ତି ସଖା,
ଆସିଲେ ବିପଦବେଳ ନ ଦିଅନ୍ତି ଦେଖା ।୪୧।
ସଂସାରେ ଯା କିଛି ରହିଛି ସେ ସବୁରେ ଈଶ୍ୱର,
ସେହି ରୂପେ ତାଙ୍କୁ ନିରେଖି ଆଦରେ ପୂଜାକର ।୪୨।
ସୁଖପରେ ଦୁଃଖ ଦୁଃଖପରେ ସୁଖ ଲାଗିଛି ନିତ୍ୟ ସଂସାରେ,
ଦୁଃଖ ଭୋଗ ପରେ ସୁଖକୁ ଭୋଗିବ ବଞ୍ଚିରହ ସେ ଆଶାରେ ।୪୩।

## ମାନବିକତାର୍ ଲକ୍ଷଣ...

୧. ଅନ୍ତରାତ୍ମାରେ- ଶୁଦ୍ଧତା, ୨. ଅର୍ଜନରେ- ପ୍ରସନ୍ନତା, ୩. ଅସତ୍ କାର୍ଯ୍ୟରେ- ପଶ୍ଚାତ୍ପଦତା, ୪. ଆହାରରେ- ସାତ୍ୱିକତା, ୫. ଉପଦେଶରେ- ଅଭିଜ୍ଞତା, ୬. ଉପବେଶନରେ- ସ୍ଥିରତା, ୭. କର୍ମରେ- କୁଶଳତା, ୮. କର୍ତ୍ତବ୍ୟରେ- ସଚେତନତା, ୯. କଳାରେ- ନିପୁଣତା, ୧୦. କାର୍ଯ୍ୟରେ- ଦକ୍ଷତା, ୧୧. କ୍ଷତିରେ- ସହିଷ୍ଣୁତା, ୧୨. ଗୀତରେ- ମାଦକତା, ୧୩. ଜୀବନରେ- ସ୍ୱଚ୍ଛତା, ୧୪. ଜ୍ଞାନରେ- ନିରହଙ୍କାରିତା, ୧୫. ଦାନରେ- ଉଦାରତା, ୧୬. ଦୁଃଖରେ- ଅବିଚଳିତା, ୧୭. ଦୃଷ୍ଟିରେ- ପବିତ୍ରତା, ୧୮. ଧନସମ୍ପତ୍ତିରେ- ବିତରଣତା, ୧୯. ଧନାର୍ଜନରେ- ଦୂର ଦୃଷ୍ଟିତା, ୨୦. ଧ୍ୟାନରେ- ଏକାଗ୍ରତା, ୨୧. ନାରୀ ସମାଜ ପ୍ରତି- ସଂଭ୍ରମତା, ୨୨. ନିଦ୍ରାରେ- ନିଶ୍ଚିନ୍ତତା, ୨୩. ନ୍ୟାୟରେ- ନିଷ୍ପକ୍ଷପାତିତା, ୨୪. ପଠନରେ- ମନଯୋଗିତା, ୨୫. ପତି ବା ପତ୍ନୀ ପ୍ରତି- ବିଶ୍ୱସ୍ତତା, ୨୬. ପରନିନ୍ଦାରେ- ଅନାଗ୍ରହତା, ୨୭. ପରମାତ୍ମାଙ୍କ ପ୍ରତି- କୃତଜ୍ଞତା, ୨୮. ପରିଧାନରେ- ଶୁଭ୍ରତା, ୨୯. ପାପରେ- ଲଜ୍ଜାଶୀଳତା, ୩୦. ପାଳନରେ- ସମାନତା, ୩୧. ପ୍ରଶ୍ନରେ- ନିର୍ଭୀକତା, ୩୨. ପ୍ରଶଂସାରେ- ମୁଖରତା, ୩୩. ପ୍ରାର୍ଥନାରେ- ଐକାନ୍ତିକତା, ୩୪. ବନ୍ଧୁପ୍ରତି- ଆତ୍ମୀୟତା, ୩୫. ବକ୍ତୃତ୍ୱରେ- ତତ୍ତ୍ୱଜ୍ଞତା, ୩୬. ବାଣୀରେ- ମଧୁରତା,



୩୭. ବିଗ୍ରହରେ- ନିରପେକ୍ଷତା, ୩୮. ବିପଦରେ- ଧୀରତା, ୩୯. ବିଦ୍ୟାରେ- ନିରଭିମାନିତା, ୪୦. ବୁଦ୍ଧିରେ- ଦିବ୍ୟତା, ୪୧. ବ୍ୟକ୍ତିତ୍ୱରେ- ଶୋଭନୀୟତା, ୪୨. ବ୍ୟବସାୟରେ- ସାଧୁତା, ୪୩. ବ୍ୟବହାରରେ- ସରଳତା, ୪୪. ବ୍ରହ୍ମଚର୍ଯ୍ୟରେ- ଅଖଣ୍ଡତା, ୪୫. ଭକ୍ତିରେ- ତନ୍ମୟତା, ୪୬. ଭୋଗରେ- ନିର୍ଲିପ୍ତତା, ୪୭. ମନରେ- ସନ୍ତୁଷ୍ଟତା, ୪୮. ଶାସ୍ତ୍ରରେ- ପାରଦର୍ଶିତା, ୪୯. ସମ୍ପର୍କରେ- ନିବିଡ଼ତା, ୫୦. ସଂସ୍କାରରେ- ଶ୍ରେଷ୍ଠତା, ୫୧. ସତ୍କାର୍ଯ୍ୟରେ- ତତ୍ପରତା, ୫୨. ସୁଖରେ- ଅନୁଦ୍ବିଗ୍ନତା, ୫୩. ସେବାରେ- ଆନ୍ତରିକତା, ୫୪. ସୌନ୍ଦର୍ଯ୍ୟରେ- ଆକର୍ଷଣୀୟତା, ୫୫. ସ୍ନେହରେ- ଅନାବିଳତା ।

## ଶ୍ରାବଣୀ ଉପାକର୍ମ- ଋଷି ତର୍ପଣ

ଆର୍ଯ୍ୟ ପର୍ବ-ପର୍ବାଣୀ ମଧ୍ୟରେ ଶ୍ରାବଣୀ ଉପାକର୍ମ ହେଉଛି ଏକ ମହତ୍ୱପୂର୍ଣ୍ଣ ପର୍ବ । ଶ୍ରାବଣ ପୂର୍ଣ୍ଣିମାଠାରୁ ଆରମ୍ଭ କରି ଭାଦ୍ରବ ଜନ୍ମାଷ୍ଟମୀ ପର୍ଯ୍ୟନ୍ତ ନଅଦିନ ଧରି ଏହାକୁ ମହା ସମାରୋହରେ ପାଳନ କରାଯାଏ । ପୂର୍ଣ୍ଣିମା ଦିନ ଯଜ୍ଞରେ ସାମୂହିକ ଭାବେ ଯଜ୍ଞୋପବୀତ ପରିବର୍ତ୍ତନ କରିବାକୁ ହୁଏ ।

**ବିଧି :** ସଙ୍କଳ୍ପ ପାଠ, ଆଚମନ, ଈଶ୍ୱର ସ୍ତୁତି ପ୍ରାର୍ଥନୋପାସନା, ସ୍ୱସ୍ତି ବାଚନମ୍, ଶାନ୍ତି କରଣମ୍ ମନ୍ତ୍ର ପାଠପରେ ଅଗ୍ନ୍ୟାଧ୍ୟାନ ଠାରୁ ଆରମ୍ଭ କରି ଅଷ୍ଟାଜ୍ୟାହୁତି ପର୍ଯ୍ୟନ୍ତ ଯଥାଯଥ ଭାବେ ଯଜ୍ଞକରି ପ୍ରଥମେ ନିମ୍ନୋକ୍ତ ମନ୍ତ୍ରଦ୍ୱୟରେ ଦିଓଟି ଆହୁତି ଦେବେ...୧- ଓ୩ମ୍ ବ୍ରହ୍ମଣେ ସ୍ୱାହା । ୨. ଓ୩ମ୍ ଛନ୍ଦୋଭ୍ୟଃ ସ୍ୱାହା । ତା'ପରେ ନିମ୍ନଲିଖିତ ଦଶଟି ମନ୍ତ୍ର ପାଠକରି ଦଶଟି ଆହୁତି ଦେବେ... ୧- ଓ୩ମ୍ ସାବିତ୍ର୍ୟୈ ସ୍ୱାହା । ୨- ଓ୩ମ୍ ବ୍ରହ୍ମଣେ ସ୍ୱାହା । ୩- ଓ୩ମ୍ ଶ୍ରଦ୍ଧାୟୈ ସ୍ୱାହା । ୪- ଓ୩ମ୍ ମେଧାୟୈ ସ୍ୱାହା । ୫- ଓ୩ମ୍ ପ୍ରଜ୍ଞାୟୈ ସ୍ୱାହା । ୬- ଓ୩ମ୍ ଧାରଣାୟୈ ସ୍ୱାହା । ୭- ଓ୩ମ୍ ସଦସସ୍ପତୟେ ସ୍ୱାହା । ୮- ଓ୩ମ୍ ଅନୁମତୟେ ସ୍ୱାହା । ୯- ଓ୩ମ୍ ଛନ୍ଦୋଭ୍ୟଃ ସ୍ୱାହା । ୧୦- ଓ୩ମ୍ ଋଷିଭ୍ୟଃ ସ୍ୱାହା ।

ପରେ ପୁଣି ନିମ୍ନଲିଖିତ ଋଗ୍‌ବେଦ ମନ୍ତ୍ରରେ ଏଗାର ଗୋଟି ଆହୁତି ଦେବେ ।

**ଓ୩ମ୍ ବୃହସ୍ପତେ ପ୍ରଥମଂ ବାଚ୍ରୋ ଅଗ୍ରଂ ଯତ୍‌ପ୍ରୈରତ ନାମଧେୟଂ ଦଧାନାଃ ।**
**ଯଦେଷାଂ ଶ୍ରେଷ୍ଠଂ ଯଦରିପ୍ରମାସୀତ୍‌ପ୍ରେଣା ତଦେଷାଂ ନିହିତଂ ଗୁହାବିଃ ।୧।**
**ଓ୩ମ୍ ସକ୍ତୁମିବ ତିତଉନା ପୁନନ୍ତୋ ଯତ୍ର ଧୀରା ମନସା ବାଚମକ୍ରତ ।**
**ଅତ୍ରା ସଖାୟଃ ସଖ୍ୟାନି ଜାନତେ ଭଦ୍ରୈଷାଂ ଲକ୍ଷ୍ମୀ ର୍ନିହିତାଧି ବାଚି ।୨।**
**ଓ୩ମ୍ ଯଜ୍ଞେନ ବାଚଃ ପଦବୀୟମାୟନ୍ତାମନ୍ୱ ବିନ୍ଦନ୍ନୃଷିଷୁ ପ୍ରବିଷ୍ଟାମ୍ ।**
**ତାମାଭୃତ୍ୟା ବ୍ୟଦଧୁଃ ପୁରୁତ୍ରା ତାଂ ସପ୍ତ ରେଭା ଅଭିସଂ ନବନ୍ତେ ।୩।**
**ଓ୩ମ୍ ଉତ ତ୍ୱଃ ପଶ୍ୟନ୍ନ ଦଦର୍ଶ ବାଚମୁତ ତ୍ୱଃ ଶୃଣ୍ୱନ୍ନ ଶୃଣୋତ୍ୟେନାମ୍ ।**
**ଭତୋ ତ୍ୱସ୍ମୈ ତନ୍ୱଂ ବି ସସ୍ରେ ଜାୟେବ ପତ୍ୟ ଉଶତୀ ସୁବାସାଃ ।୪।**
**ଓ୩ମ୍ ଉତ ତ୍ୱଂ ସଖ୍ୟେ ସ୍ଥିରପୀତମାହୁର୍ନୈନଂ ହିନ୍ୱନ୍ତ୍ୟପି ବାଜିନେଷୁ ।**
**ଅଧେନ୍ୱା ଚରତି ମାୟୟୈଷ ବାଚଂ ଶୁଶ୍ରୁବାଂ ଅଫଳା ମପୁଷ୍ପାମ୍ ।୫।**
**ଓ୩ମ୍ ଯସ୍ତିତ୍ୟାଜ ସଚିବିଦଂ ସଖାୟଂନ ତସ୍ୟ ବାଚ୍ୟପି ଭାଗୋଅସ୍ତି ।**
**ଯଦୀ ଶୃଣୋତ୍ୟଲକଂ ଶୃଣୋତି ନହି ପ୍ରବେଦ ସୁକୃତସ୍ୟ ପନ୍ଥାମ୍ ।୬।**
**ଓ୩ମ୍ ଅକ୍ଷଣ୍ୱନ୍ତଃ କର୍ଣ୍ଣବନ୍ତଃ ସଖାୟୋ ମନୋଜବେଷ୍ୱସମା ବଭୂବୁଃ ।**
**ଆଦଘ୍ନାସ ଉପକକ୍ଷାସ ଉତ୍ୱେ ହ୍ରଦା ଇବ ସ୍ନାତ୍ୱା ଉତ୍ୱେ ଦଦୃଶ୍ରେ ।୭।**
**ଓ୩ମ୍ ହୃଦା ତଷ୍ଟେଷୁ ମନସୋ ଜବେଷୁ ଯଦ୍‌ବ୍ରାହ୍ମଣାଃ ସଂଯଜନ୍ତେ ସଖାୟଃ ।**
**ଅତ୍ରାହ ତ୍ୱଂ ବି ଜହୁର୍ବେଦ୍ୟାଭି ରୋହ ବ୍ରହ୍ମାଣୋ ବି ଚରନ୍ତ୍ୟୁ ତ୍ୱେ ।୮।**
**ଓ୩ମ୍ ଇମେ ୟେ ନାର୍ବାଙ୍ଗ ପରଶ୍ଚରନ୍ତି ନ ବ୍ରାହ୍ମଣାସୋ ନ ସୁତେ କରାସଃ ।**
**ତ ଏତେ ବାଚମଭିପଦ୍ୟ ପାପୟା ସରୀସ୍ତନ୍ତ୍ରଂ ତନ୍ୱତେ ଅପ୍ରଜଜ୍ଞୟଃ ।୯।**
**ଓ୩ମ୍ ସର୍ବେ ନନ୍ଦନ୍ତି ଯଶସାଗତେନ ସଭାସାହେନ ସଖ୍ୟା ସଖାୟଃ ।**
**କିଲ୍ବିଷସ୍ପୃତ୍ ପିତୁଷଣି ର୍ହ୍ୟେଷାମରଂ ହିତୋ ଭବତି ବାଜିନାୟ ।୧୦।**
**ଓ୩ମ୍ ଋଚାଂ ତ୍ୱଃ ପୋଷମାସ୍ତେ ପୁପୁଷ୍ୱାନ୍‌ଗାୟତ୍ରଂ ତ୍ୱୋ ଗାୟତି ଶକ୍ୱରୀଷୁ ।**
**ବ୍ରହ୍ମାତ୍ୱୋ ବଦତି ଜାତବିଦ୍ୟାଂ ଯଜ୍ଞସ୍ୟ ମାତ୍ରାଂ ବି ମିମୀତ ଉତ୍ୱଃ ।୧୧।**

(ଋକ୍ ମ ୧୦ ସୂ-୭୧ ମ-୧ ରୁ ୧୧)



(ଉପର୍ଯ୍ୟୁକ୍ତ ମନ୍ତ୍ରରେ ଦଶଟି ଆହୁତି ଦେବାପରେ ନିମ୍ନ ମନ୍ତ୍ରରେ ଯଜମାନ ଆହୁତି ଦେବେ । କିନ୍ତୁ ମନ୍ତ୍ରପାଠ ସମସ୍ତେ କରିବେ) ।

**ଓ୩ମ୍ ସଦସସ୍ପତିମଦ୍ଭୁତଂ ପ୍ରିୟମିନ୍ଦ୍ରସ୍ୟ କାମ୍ୟମ୍ । ସନିଂ ମେଧା ମୟାଶିଷଂ ସ୍ୱାହା ।**

(ଯଜୁ ଅ-୩୨. ମ-୧୩)

ଏହାପରେ ପରିବାରର ସମସ୍ତଲୋକ ପଲାଶକାଠର ତିନି ତିନି ଖଣ୍ଡ ସମିଧକୁ ଘିଅରେ ବୁଡ଼ାଇ ସାବିତ୍ରୀ ମନ୍ତ୍ରରେ ତିନିଥର ଆହୁତି ଦେବେ ।

**ଓ୩ମ୍ ଭୂର୍ଭୁବଃ ସ୍ୱଃ । ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି ।**
**ଧିୟୋ ୟୋ ନଃ ପ୍ରଚୋଦୟାତ୍ ।** (ଯଜୁ ଅ-୩୬ ମ-୩)

ପରେ ପୁଣିଥରେ ସ୍ୱିଷ୍ଟକୃତ୍ ଆହୁତି ଦେବେ...

**ଓ୩ମ୍ ଯଦସ୍ୟ କର୍ମଣୋଽତ୍ୟରୀରିଚଂ ଯଦ୍ୱାନ୍ୟୂନମିହାକରମ୍ । ଅଗ୍ନିଷ୍ଟତ୍ ସ୍ୱିଷ୍ଟକୃତ୍‌ବିଦ୍ୟାତ୍ସର୍ବଂ ସ୍ୱିଷ୍ଟଂ ସୁହୁତଂ କରୋତୁମେ । ଅଗ୍ନୟେ ସ୍ୱିଷ୍ଟକୃତେ ସୁହୁତହୁତେ ସର୍ବପ୍ରାୟଶ୍ଚିତାହୁତୀନାଂ କାମାନାଂ ସମର୍ଦ୍ଧୟିତ୍ରେ ସର୍ବାନ୍ନଃ କାମାନ୍ତ୍ ସମର୍ଦ୍ଧୟ ସ୍ୱାହା । ଇଦମଗ୍ନୟେ ସ୍ୱିଷ୍ଟକୃତେ- ଇଦନ୍ନମମ ।**

(ଏହି ମନ୍ତ୍ରରେ ଆହୁତି ଦେବାପରେ ପ୍ରାତଃକାଳୀନ ସୂର୍ଯ୍ୟଜ୍ୟୋତିଃ ମନ୍ତ୍ରଠାରୁ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ସମସ୍ତ ମନ୍ତ୍ରରେ ଆହୁତି ଦେବେ) ।

(ଉପସ୍ଥିତ ସମସ୍ତେ ନିମ୍ନୋକ୍ତ ମନ୍ତ୍ରକୁ ପାଠ କଲାପରେ ମୁଖ ପ୍ରକ୍ଷାଳନ କରିବେ) ।

ଓ୩ମ୍ ଶଂନୋମିତ୍ରଃ ଶଂ ବରୁଣଃ ଶଂନୋଭବତ୍ୱର୍ଯ୍ୟମା ।
ଶଂନୋଽଇନ୍ଦ୍ରୋ ବୃହସ୍ପତିଃ ଶଂ ନୋ ବିଷ୍ଣୁ ରୁରୁକ୍ରମଃ ॥

(ସମସ୍ତେ ମୁଖ ପ୍ରକ୍ଷାଳନ କଲାପରେ ନିଜ ନିଜ ଆସନରେ ଉପବେଶନ କରି ନିଜ ସମ୍ମୁଖ ଭାଗରେ ଜଳପାତ୍ରରେ କୁଶ ରଖି ତିନିଥର ଆଚମନ କରିବେ । ତା'ପରେ ହାତଜୋଡ଼ି ସମସ୍ତେ ପୁରୋହିତଙ୍କ ସହିତ ତିନିଥର ଓଙ୍କାର ଉଚ୍ଚାରଣ

କରି ତିନିଥର ସାବିତ୍ରୀମନ୍ତ୍ର ପାଠ କରିବେ । ତା'ପରେ ଚତୁର୍ବେଦର ୮ଟି ମନ୍ତ୍ରକୁ ଉଚ୍ଚାରଣ କରିବେ) ।

ଋଗ୍‌ବେଦ :

**ଓ୩ମ୍ ଅଗ୍ନିମିଢ଼େ ପୁରୋହିତଂ ଯଜ୍ଞସ୍ୟ ଦେବମୃତ୍ୱିଜମ୍ ।**
**ହୋତାରଂ ରତ୍ନଧାତମମ୍ ।୧।** (ଋକ୍-୧-୧-୧)

**ଓ୩ମ୍ ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ । ସମାନମସ୍ତୁ ବୋ ମନୋ ଯଥାବଃ ସୁସହାସତି ।୨।** (ଋକ୍-ମ-୧୦-୧୯୧-୪)

ଯଜୁର୍ବେଦ :

**ଓ୩ମ୍ ଇଷେ ତ୍ୱୋର୍ଜେ ତ୍ୱା ବାୟବସ୍ଥ ଦେବୋ ବଃ ସବିତା ପ୍ରାର୍ପୟତୁ ଶ୍ରେଷ୍ଠତମାୟ କର୍ମଣଃଆପ୍ୟାୟଧ୍ୱମଘ୍ନ୍ୟାଃଇନ୍ଦ୍ରାୟ ଭାଗଂ ପ୍ରଜାବତୀରନମୀବାଃଅୟକ୍ଷ୍ମା ମା ବସ୍ତେନଃଇଶତ ମାଘଶଂସୋ ଧ୍ରୁବାଃଅସ୍ମିନ୍ ଗୋପତୌ ସ୍ୟାତ ବହ୍ୱୀର୍ୟଜମାନସ୍ୟ ପଶୂନ୍ ପାହି ।୧।** (ଯଜୁ ଅ. ୧-ମ.୧)

**ଓ୩ମ୍ ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ ।**
**ଯୋଃସାବାଦିତ୍ୟେ ପୁରୁଷଃ ସୋଃସାବହମ୍ । ଓଁ ଖଂ ବ୍ରହ୍ମ ।୨।**
(ଯଜୁ ଅ. ୪୦-ମ.୧୭)

ସାମବେଦ :

**ଓ୩ମ୍ ଅଗ୍ନ ଆୟାହି ବୀତୟେ ଗୃଣାନୋ ହବ୍ୟ ଦାତୟେ । ନି ହୋତା ସତ୍ସି ବର୍ହିଷି ।୧।**
(ସାମ ପୂର୍ବା-୧-୧)

**ଓ୩ମ୍ ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ ।**
**ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ ସ୍ୱସ୍ତି ନୋ ବୃହସ୍ପତିର୍ଦ୍ଦ ଧାତୁ ।୨।**
(ସା.ଉ.ପ୍ର. ୯-୩-୩)

**ଅଥର୍ବ ବେଦ :**

**ଓ୩ମ୍ ୟେ ତ୍ରିଷପ୍ତାଃ ପରିୟନ୍ତି ବିଶ୍ୱା ରୂପାଣି ବିଭ୍ରତଃ ।**



**ବାଚସ୍ପତିର୍ବଳା ତେଷାଂ ତନ୍ୱୋ ଅଦ୍ୟ ଦଧାତୁ ମେ ।୧।** (ଅଥର୍ବ ୧-୧-୧)

**ମତାନ୍ତରେ :**

**ଓ୩ମ୍ ଶନ୍ନୋ ଦେବୀରଭିଷ୍ଟୟ ଆପୋ ଭବନ୍ତୁ ପୀତୟେ ।**
**ଶଂୟୋରଭି ସ୍ରବନ୍ତୁ ନଃ ।୨।** (ଅଥର୍ବ ୧-୬- ୧)

**ଓ୩ମ୍ ପନାଯ୍ୟଂ ତଦଶ୍ୱିନା କୃତଂ ବାଂ ବୃଷଭୋ ଦିବୋ ରଜସଃ ପୃଥିବ୍ୟାଃ ।**
**ସହସ୍ରଂ ଶଂସା ଉତୟେ ଗବିଷ୍ଟୌ ସର୍ବାଂଇତ୍ ତାଁ ଉପୟାତା ପିବଧ୍ୟୈ ।୩।**
(ଅଥର୍ବ ୨୦-୧୪ ୩-୯)

(ପରେ ପୁଣି ଏହି ମନ୍ତ୍ରକୁ ଆବୃତ୍ତି କରିବେ)

**ଓ୩ମ୍ ସହନୋଃସ୍ତୁ ସହନୋଃବତୁ, ସହନଇଦଂବୀର୍ଯ୍ୟ ବଦସ୍ତୁ ।**
**ବ୍ରହ୍ମ ଇନ୍ଦ୍ରସ୍ତଦ୍‌ବେଦ ଯେନ ଯଥା ନ ବିଦ୍ୱିଷାମହେ ।୧।**

(ଏହି ବେଦମନ୍ତ୍ରକୁ ପଢ଼ି ସାମବେଦର ମହାବାମ ଦେବ୍ୟଗାନ କରିବେ । ପୂର୍ଣ୍ଣିମାଠାରୁ ସପ୍ତମୀଦିନ ପର୍ଯ୍ୟନ୍ତ ପ୍ରାତଃ କାଳରେ ଯଜ୍ଞ, ଭଜନ ଓ ସାୟଂ କାଳରେ ପ୍ରବଚନର ବ୍ୟବସ୍ଥା କରିବେ) ।

## ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ

ଭାଦ୍ର କୃଷ୍ଣପକ୍ଷ ଅଷ୍ଟମୀ

(ଜନ୍ମାଷ୍ଟମୀ ଦିନ ସମସ୍ତେ ଏକତ୍ରିତ ହୋଇ ସଙ୍କଳ୍ପ ପାଠରୁ ଆରମ୍ଭ କରି ପୂର୍ଣ୍ଣାହୁତି ପୂର୍ବ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଶେଷ କରିନେବେ । ପୂର୍ଣ୍ଣାହୁତି ପୂର୍ବରୁ ନିମ୍ନଲିଖିତ ଛଅଟି ଆହୁତି ଦେଇ ପୂର୍ଣ୍ଣାହୁତି କରିବେ) ।

**ଓ୩ମ୍ ତେଜୋଃସି ତେଜୋ ମୟି ଧେହି ସ୍ୱାହା ।୧।**
**ଓ୩ମ୍ ବୀର୍ଯ୍ୟମସି ବୀର୍ଯ୍ୟଂମୟି ଧେହି ସ୍ୱାହା ।୨।**
**ଓ୩ମ୍ ବଳମସି ବଳଂମୟି ଧେହି ସ୍ୱାହା ।୩।**
**ଓ୩ମ୍ ଓଜୋଃସ୍ୟୋଜୋମୟି ଧେହି ସ୍ୱାହା ।୪।**

**ଓ୩ମ୍ ମନ୍ୟୁରସି ମନ୍ୟୁଂମୟି ଧେହି ସ୍ୱାହା ।୫।**
**ଓ୩ମ୍ ସହୋଽସି ସହୋମୟି ଧେହି ସ୍ୱାହା ।୬।**

(ନିମନ୍ତ୍ରିତ ବିଦ୍ୱାନ୍‌ଗଣଙ୍କ ଦ୍ୱାରା ଯୋଗୀରାଜ କୃଷ୍ଣଙ୍କ ଆଦର୍ଶ ଚରିତ୍ର ଓ ଗୀତା ସମ୍ପର୍କରେ ଆଲୋଚନା କରାଇ ନବଦିବସୀୟ କାର୍ଯ୍ୟକ୍ରମକୁ ସମାପ୍ତି କରିବେ) ।

## ମକର୍ ସଂକ୍ରାନ୍ତି

(ମକର ସଂକ୍ରାନ୍ତି ଦିନ ଗୃହକୁ ପରିଷ୍କାର ପରିଚ୍ଛନ୍ନ କରି ଯଜ୍ଞକର୍ତ୍ତା ନୂତନ ବସ୍ତ୍ର ପରିଧାନ କରିବେ । ପରିବାରର ସମସ୍ତଙ୍କ ସହିତ ଯଜ୍ଞରେ ଉପସ୍ଥିତ ରହି ଈଶ୍ୱର ସ୍ତୁତି ପ୍ରାର୍ଥନାଠାରୁ ଆରମ୍ଭ କରି ସ୍ୱସ୍ତିବାଚନ ଶାନ୍ତି କରଣ ସମେତ ବିଶେଷ ଯଜ୍ଞ କରିବେ । ସେଦିନର ସାକଲ୍ୟରେ ଅଧିକ ପରିମାଣରେ ତିଳ ଓ ଗୁଡ଼ ଦେଇ ସାକଲ୍ୟ ପ୍ରସ୍ତୁତ କରି ରଖିବେ । ପୂର୍ଣ୍ଣାହୁତି ପୂର୍ବରୁ ନିମ୍ନଲିଖିତ ମନ୍ତ୍ରମାନଙ୍କ ଦ୍ୱାରା ବିଶେଷ ଆହୁତି ଦେବାକୁ ହେବ) ।

**ଓ୩ମ୍ ସହଶ୍ଚ ସହସ୍ୟଶ୍ଚ ହୈମନ୍ତିକାବୃତୂ । ଅଗ୍ନେରନ୍ତଃ ଶ୍ଳେଷୋଽସି ସ୍ୱାହା ।୧।**
**କଲ୍ପେତାଂ, ଦ୍ୟାବା ପୃଥିବୀ ସ୍ୱାହା ।୨।**
**କଲ୍ପନ୍ତାଂ, ଆପ ଓଷଧୟଃ ସ୍ୱାହା ।୩।**
**କଲ୍ପନ୍ତାଂ, ଅଗ୍ନୟଃ ପୃଥଙ୍ ମମ ଜ୍ୟୈଷ୍ଠ୍ୟାୟ ସବ୍ରତାଃ ସ୍ୱାହା ।୪।**
**ଓ୩ମ୍ ଯେ ଅଗ୍ନୟଃ ସମନସୋଽନ୍ତରା ଦ୍ୟାବା ପୃଥିବୀ ଇମେ । ହୈମନ୍ତିକା ବୃତୂଽଭିକଳ୍ପମାନାଃ ଇନ୍ଦ୍ରମିବ ଦେବାଅଭି ସଂବିଶନ୍ତୁ ତୟା ଦେବତୟାଙ୍ଗିରସ୍ୱଦ୍ ଧ୍ରୁବେ ସୀଦତମ୍ ସ୍ୱାହା ।୫।** (ଯଜୁ ଅ. ୧୪ମ.୨୭)
**ଓ୩ମ୍ ତପଶ୍ଚ ତପସ୍ୟଶ୍ଚ ଶୈଶିରାବୃତୂ, ଅଗ୍ନେରନ୍ତଃ ଶ୍ଳେଷୋଽସିସ୍ୱାହା ।୬।**
**ଓ୩ମ୍ କଲ୍ପେତାମ୍, ଦ୍ୟାବାପୃଥିବୀ ସ୍ୱାହା ।୭।**
**ଓ୩ମ୍ କଲ୍ପନ୍ତାମ୍, ଆପଃଓଷଧୟଃ ସ୍ୱାହା ।୮।**
**ଓ୩ମ୍ କଲ୍ପନ୍ତାମ୍ ଅଗ୍ନୟଃ ପୃଥଙ୍ ମମ ଜ୍ୟୈଷ୍ଠ୍ୟାୟ ସବ୍ରତାଃ ସ୍ୱାହା ।୯।**



**ଓ୩ମ୍ ୟେଽଅଗ୍ନୟଃ ସମନସୋଽନ୍ତରା ଦ୍ୟାବା ପୃଥିବୀ ଇମେ । ଶୈଶିରା ବୃତୂଽଅଭିକଳ୍ପମାନାଃଇନ୍ଦ୍ରମିବଦେବାଃଅଭିସଂବିଶନ୍ତୁ ତୟା ଦେବତୟାଙ୍ଗିରସ୍ୱଦ୍ ଧ୍ରୁବେ ସୀଦତମ୍ ସ୍ୱାହା ।୧୦।**

(ଯଜୁ ଅ. ୧୫ ମ.୫୭)

(ପରେ ପୂର୍ଣ୍ଣାହୁତି ଦେବେ । ଉପସ୍ଥିତ ସମସ୍ତଙ୍କୁ ରାଶିଲଡୁ ବଣ୍ଟନ କରିବେ । ସ୍ୱସାମର୍ଥ୍ୟାନୁସାରେ ଦୀନ ଦୁଃଖୀଙ୍କୁ କମ୍ବଳାଦି ମଧ୍ୟ ବିତରଣ କରିବେ) ।

## ଆର୍ଯ୍ୟ ସମାଜ ସ୍ଥାପନାଦିବସ

### (ଚୈତ୍ରଶୁକ୍ଳ ପ୍ରତିପଦା)

ସେଦିନ ଆର୍ଯ୍ୟସମାଜର ସମସ୍ତ କର୍ମକର୍ତ୍ତାଗଣ ପ୍ରଭାତ ଫେରି କରି ସହର ବା ଗ୍ରାମ ପରିକ୍ରମା କରି ଆର୍ଯ୍ୟ ସମାଜର ନୀତିନିୟମକୁ ବିସ୍ତାର କରିବାରେ ସହାୟକ ହେଉଥିବା, ଭଜନାଦି ଗାନ କରି, ଜନତା ମଧ୍ୟରେ ଚେତନା ସୃଷ୍ଟି କରିବେ । ନିତ୍ୟକର୍ମ ସମାପନ କରି ଯଜ୍ଞଶାଳାରେ ସମସ୍ତେ ସ୍ୱଦେଶୀ ବେଷ ଭୂଷାରେ ଭୂଷିତ ହୋଇ ସଙ୍କଳ୍ପପାଠଠାରୁ ଆରମ୍ଭ କରି ଅଷ୍ଟାଜ୍ୟାହୁତି ପର୍ଯ୍ୟନ୍ତ ହୋମ କରି ନିମ୍ନୋକ୍ତ ମନ୍ତ୍ରରେ ଆହୁତି ପ୍ରଦାନ କରି ପ୍ରଧାନହୋମ କରିବେ ।

**ଓ୩ମ୍ ସଂ ଜାନୀଧ୍ୱଂ ସଂ ପୃଚ୍ୟଧ୍ୱଂ ସଂବୋ ମନାଂସି ଜାନତାମ୍ ।**
**ଦେବା ଭାଗଂ ଯଥାପୂର୍ବେ ସଂଜାନାନା ଉପାସତେ... ସ୍ୱାହା ।୧।**

(ଅଥର୍ବ ୬-୬୪-୧)

**ଓ୩ମ୍ ସଂ ବଃ ପୃଚ୍ୟନ୍ତାଂ ତନ୍ୱଃ ସଂ ମନାଂସି ସମୁ ବ୍ରତା ।**
**ସଂବୋଽୟଂ ବ୍ରହ୍ମଣସ୍ପତିର୍ଭଗଃ ସଂବୋ ଅଜୀଗମତ୍... ସ୍ୱାହା ।୨।**

(ଅଥର୍ବ ୬-୭୪-୧)

**ଓ୩ମ୍ ଜ୍ୟାୟସ୍ୱନ୍ତଶ୍ଚିତ୍ତିନୋ ମାବିୟୌଷ୍ଟ ସଂରାଧୟନ୍ତଃ ସଧୁରାଶ୍ଚରନ୍ତଃ ।**
**ଅନ୍ୟୋ ଅନ୍ୟସ୍ମୈ ବଲ୍ଗୁ ବଦନ୍ତ ଏତ ସଧ୍ରୀଚୀ ନାନ୍ୱଃ ସଂମନସ ସ୍କୃଣୋମି ସ୍ୱାହା ।୩।**

**ଓ୩ମ୍ ସମାନୀ ପ୍ରପା ସହ ବୋଽନ୍ନଭାଗଃ ସମାନେ ଯୋକ୍ତ୍ରେ ସହ ବୋ ଯୁନଜ୍ମି ।**
**ସମ୍ୟଞ୍ଚୋଽଗ୍ନିଂ ସପର୍ଯତାରା ନଭି ମିବା ଭିତଃ... ସ୍ୱାହା ।୪।**
**ଓ୩ମ୍ ସଧ୍ରୀଚୀନାନ୍ୱଃ ସଂମନସସ୍କୃଣୋମ୍ୟେକଶ୍ନୁ ଷ୍ଟୀନ୍ତ୍ ସଂବନେନ ସର୍ବାନ୍ ।**
**ଦେବା ଇବାଽମୃତଂ ରକ୍ଷମାଣାଃ ସାୟଂ ପ୍ରାତଃ ସୌମନସୋ ବୋ ଅସ୍ତୁ... ସ୍ୱାହା ।୫।**

(ଅଥର୍ବ ୩-୩୦-୫ରୁ୭)

**ଓ୩ମ୍ ସଂବୋ ମନାଂସି ସଂବ୍ରତା ସମାକୂତୀର୍ନୟାମସି ।**
**ଅମୀୟେ ବିବ୍ରତା ସ୍ଥନ ତାନ୍ୱଃ ସଂନମୟାମସି... ସ୍ୱାହା ।୬।**

(ଅଥର୍ବ ୬-୯୪-୧)

**ଓ୩ମ୍ ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନଂ ମନଃ ସହ ଚିତ୍ତମେଷାମ୍ ।**
**ସମାନଂ ମନ୍ତ୍ରମଭିମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ସ୍ୱାହା ।୭।**
**ଓ୩ମ୍ ସମାନୀ ବ ଆକୂତିଃ ସମାନୀ ସମାନା ହୃଦୟାନିବଃ ।**
**ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି... ସ୍ୱାହା ।୮।**

(ଋକ୍ ୧୦-୧୯୧-୩ଓ୪)

**ଓ୩ମ୍ ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି ।**
**ଧିୟୋ ୟୋନଃ ପ୍ରଚୋଦୟାତ୍... ସ୍ୱାହା ।୯।**
**ଓ୩ମ୍ ଦୃତେ ଦୃହଂ ମା ମିତ୍ରସ୍ୟ ମା ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷନ୍ତାମ୍ ।**
**ମିତ୍ରସ୍ୟାହଂ ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷେ । ମିତ୍ରସ୍ୟ ଚକ୍ଷୁସା ସମୀକ୍ଷାମହେ...**
**ସ୍ୱାହା ।୧୦।** (ଯଜୁ ଅ.୩୬-ମ-୧୮)

## ଭଜନାବଳୀ

ନିମ୍ନରେ କେତୋଟିମାତ୍ର ପ୍ରଚଳିତ ଓଡ଼ିଆ, ସଂସ୍କୃତ ଓ ହିନ୍ଦୀ ଭାଷାର ଭଜନ ଉଲ୍ଲେଖ କରାଯାଇଛି । ସନ୍ଧ୍ୟୋପାସନା ବା ଯଜ୍ଞାନୁଷ୍ଠାନପରେ କିମ୍ବା ଅବସର



ସମୟରେ ତନ୍ମଧ୍ୟରୁ କେତୋଟି ଭକ୍ତିଗଦ୍‌ଗଦ ଚିତ୍ତରେ ତନ୍ମୟ ହୋଇ ଗାନ କଲେ ବା ଆବୃତ୍ତିକଲେ, ଅନ୍ତର୍ନିହିତ ଦୁଃଖ କ୍ଳେଶ ଲାଘବ ହେବା ସଙ୍ଗେ ସଙ୍ଗେ ଭାରାକ୍ରାନ୍ତ ମନ ଉଶ୍ୱାସ ମଧ୍ୟ ହୋଇଥାଏ ।

### ଓଡ଼ିଆ ବିଭାଗ

### ୧. ଗୁହାରି

ଅରୂପ ବିଶ୍ୱ-ବିହାରୀ, ଶୁଣ ବାରେ ମୋ ଗୁହାରି,
ଦୟା ବହି ଦିଅ ବାରେ, ଢ଼ାଳି ତବ କୃପା-ବାରି, ପ୍ରଭୋ... ।୧।
ତବ ପୂଜା-ଅରଚନା, ନ କରେଁ କେବେ ପ୍ରାର୍ଥନା,
ଭକତି ଖୁଅକୁ ଧରି, ହେବି ସତେ ଭବୁପାରି... ପ୍ରଭୋ ।୨।
ଦେଖିଲି ସାରା ସଂସାର, ସକଳେ ସାଥୀ ସୁଖର,
ତୁମ୍ଭ ବିନା ମାୟାଭବୁ, ପାରିବ କିଏ ଉଦ୍ଧରି... ପ୍ରଭୋ ।୩।
କାମ-କ୍ରୋଧ-ଲୋଭ-ମଦ, ହିଂସା-ମୋହ-ଭେଦାଭେଦ,
ସକଳ ଦାନବ କୂଳ, ଦିଅନ୍ତି ହୃଦ ବିଦାରି... ପ୍ରଭୋ ।୪।
ସୁଖ ଆସୁ, ଦୁଃଖ ଆସୁ, ଆପଦ-ବିପଦ ଗ୍ରାସୁ,
ତିଳେ ନ କରିବି ଭୟ, ସବୁ ଭିଆଣ ତୁମରି... ପ୍ରଭୋ ।୫।
ଛାମୁରେ ଗୁହାରି ଏହି, ଦୟାମୟ ! ଦୟାବହି,
ଦିଅ ସାହସ-ଶକତି, ଦୁଃଖ ସିନ୍ଧୁ ହେବି ପାରି... ପ୍ରଭୋ ।୬।
ସତ୍ୟପଥେ, ଧର୍ମପଥେ, ଟାଣିନିଅ ସଦା ମୋତେ,
ତୁମ ଆଦେଶ-ନିର୍ଦ୍ଦେଶ, ପାଳିବି ପରାଣ ଭରି... ପ୍ରଭୋ ।୭।
ଅଜ୍ଞାନ-ଅବୋଧ ମୁହିଁ, ଭଲ-ମନ୍ଦ ନ ଜାଣଇ,
ଜ୍ଞାନାଞ୍ଜନ ନେତ୍ରେ ବୋଳି, ଦେଖାଅ ମୁକତି ପୁରୀ... ପ୍ରଭୋ ।୮।
ଜଗତେ ରହିଛି ଯାହା, ଦିନେ ନାଶ ହେବ ତାହା,
ତୁମ୍ଭ ନାମାମୃତ ରସ, ପିଇବି ଅଞ୍ଜଳି ଭରି... ପ୍ରଭୋ ।୯।

## ୨. ପ୍ରଣତି

ଅଗତିର ଗତି ତୁମେ ବିରାଜ ମମଜୀବନେ,
ମେଣ୍ଟାଇବି ବୋଲି ଆଶା-ତୃଷା ତବ ସୁଧାପାନେ... । (ଘୋଷ)
ଗୃହିଁ ଗୃହିଁ ତୋ ସରଣୀ, ଆଶାବନ୍ଧ ଭାଙ୍ଗିଲାଣି,
ଡ଼ାକି ଡ଼ାକି ଥକିଲିଣି, ତେବେ ବି ନଶୁଣ କର୍ଣ୍ଣେ... ।୧।
ଆଶା ବୋଳା ନେତ୍ରେ ଗୃହିଁ, ନୟନୁ ଧାରା ଝରଇ,
ତବ ନୀରାଜନା ପାଇଁ, ବସିଛି ହୋଇ ମଉନେ... ।୨।
ଶାନ୍ତି-ମୈତ୍ରୀ-ପ୍ରେମ ଦାନ, ଦେଇ ବଞ୍ଚାଅ ଜୀବନ,
କ୍ଷୀଣ ହେଉଛି ପରାଣ, ଦୟାବହ ଅକିଞ୍ଚନେ... ।୩।
ମାଗେନା ମୁଁ ଧନ-ଜନ, ଐଶ୍ୱର୍ଯ୍ୟ ଇନ୍ଦ୍ର ଆସନ,
ତାପିତ-ପରାଣ ଶାନ୍ତି, ଲଭୁ ତବ ଗୁଣଗାନେ... ।୪।
ଏତିକି ମୋର କାମନା, ମୋ ପ୍ରତି ନୋହି ବିମନା,
ଜଣାଏ ପ୍ରଣତି ନିତି, ତବ ଅଭୟ ଚରଣେ... ।୫।

## ୩. ଆର୍ଯ୍ୟ ଆମର୍ ନାମ

ଆର୍ଯ୍ୟ ଆମର ନାମ ଅଟେ, ସତ୍ୟ ଆମର କର୍ମ,
ଓମ୍ ଆମର ମହାପ୍ରଭୁ, ବେଦ ଆମର ଧର୍ମ... ଆର୍ଯ୍ୟ ।୧।
ସତ୍ୟ ଆମର କର୍ମ, ବେଦ ଆମର ଧର୍ମ,
ଓମ୍ ଆମର ମହାପ୍ରଭୁ, ବେଦ ଆମର ଧର୍ମ ।୨।
ଭଜ ଓମ୍, ଜପ ଓମ୍, ଭଜ ଓମ୍, ଜପ ଓମ୍
ଓମ୍ ଭଜ ଓମ୍ ଜପ, ଓମ୍ ଭଜ ଓମ୍ ଜପ,
ଓମ୍ ଜପ ଓମ୍ ଭଜ... ଭଜ ଓମ୍ ଜପ ଓମ୍... ।୩।



## ୪. ଓମ୍ ମହାତ୍ମ୍ୟ

ଓମ୍ ଭଜ ନିଶିଦିନ ବିମୁଖ ନୂହରେ ମନ... । (ଘୋଷା)
ଅ-ଉ-ମ, ତିନ ଅକ୍ଷର ବୀଣା-ଜିଣା ସ୍ୱନତାର,
କଣ୍ଠରେ କଲେ ଧାରଣ, ଲଭିବୁ ମୁକତି ଧାମ ।୧।
ଓମ୍ ପ୍ରାଣ ପ୍ରଦାୟକ, ସର୍ବବ୍ୟାପୀପ୍ରକାଶକ,
ସଚ୍ଚିଦାନନ୍ଦ ସ୍ୱରୂପ, ନିଅ ତାହାରି ଶରଣ ।୨।
ଓମ୍ ଆନନ୍ଦ ଦାୟକ, ସୁଖ-ଶାନ୍ତି ବିଧାୟକ,
ପାପ-ତାପ ବିନାଶକ, ସଦାକର ତାରେ ଧ୍ୟାନ ।୩।
ଓମ୍ ସର୍ବାର୍ଥ ସାଧକ, ଦୁଃଖ-ଦୈନ୍ୟ ନିବାରକ,
ଓମ୍ ଜଗତ-ଜୀବନ, କର ତାକୁ ଗଣ୍ଠିଧନ ।୪।
ଓମ୍ ସୁଧାରସସାର, ପାନ କର ବାରମ୍ବାର,
ଓମ୍ ନାମ ସୁମରଣେ, ପୁଲକି ଉଠେ ପରାଣ ।୫।
ଓମ୍ ବ୍ରହ୍ମନିରଞ୍ଜନ, ଶୁଦ୍ଧ-ବୁଦ୍ଧ ସନାତନ,
ଓମ୍ ଭଜନରେ ନିତି, ମିଳେ ଅମୂଲ୍ୟ ରତନ ।୬।
ଓମ୍ ପଦେ ରଖ ଆଶ, ତୁଟିବ ସର୍ବ କଳୁଷ,
ଓମ୍ ଏକାକ୍ଷର ବ୍ରହ୍ମ, ଗୀତାର ସାର ପ୍ରମାଣ ।୭।
ଓମ୍ ମହିମା ଅପାର, ଚତୁର୍ବେଦ ସାର ଗୀର,
ଓମ୍ ମହିମା ବଳରେ, ଆତ-ଯାତ ତ୍ରିଭୁବନ ।୮।
ଓମ୍ ବଳେ ବଳୀୟାନ, ସକଳ ଜଗତ-ଜନ,
ଓମ୍ ଅହରହ ଘୋଷି, ବିତିଯାଉ ଏ ଜୀବନ... ।୯।

## ୫. କର୍ ପ୍ରଭୁ ଗୁଣ ଗାନ

କର ପ୍ରଭୁ ଗୁଣଗାନରେ ସୁମନ... କର,
ନ କରି ତୁ ଅଭିମାନରେ ସୁମନ... ନ କରି... (ଘୋଷା)
ପ୍ରଭୁ ଭଜନରେ ନୁହଁରେ ବିମୁଖ,
ବିମୁଖ ହେଲେ କି ପାଇବୁ ତୁ ସୁଖ,
ଭଜୁଥାଅ ରାତି ଦିନରେ ସୁମନ...ଭଜୁଥାଅ... ।୧।
ଆପଦେ ବିପଦେ ନୋହିତୁ କାତର,
ଧନ-ଦଉଲତେ ନ ହେବୁ ବିଭୋର,
ରହିବ କି ଚିରଦିନରେ ସୁମନ...ରହିବ କି... ।୨।
ପିତା-ମାତା ଭାଇ-ବନ୍ଧୁଜନ ତୋର,
ଦିନେ ସେ ସକଳେ ହୋଇଯିବେ ପର,
ସାହା ଏକା ଭଗବାନରେ ସୁମନ...ସାହା.... ।୩।
କେହି ରହିନାହିଁ ନ ରହିବେ ଭବେ,
ଅରଜିଛୁ ଯାହା ତୋ ସାଥେ ନ ଯିବେ,
ପ୍ରଭୁ-ପଦେ ରଖ ଧ୍ୟାନରେ ସୁମନ...ପ୍ରଭୁ... ।୪।
ତୁଚ୍ଛ ଧନ-ଜନ-ଯଉବନ ପାଇ,
ମିଛରେ କରୁରେ କେତେ ତୁ ବଡ଼େଇ,
ଦିନେ ହେବ ସବୁ ଶୂନ୍ୟରେ ସୁମନ...ଦିନେ... ।୫।
ଯା ହେବାର ଥିଲା, ତାହା ହିଁ ତ ହେଲା,
ବିଭୁ ନାମ ଏବେ ହେଉ ଗଳାମାଳା,
ଭବୁ ହେବୁ ପରିତ୍ରାଣରେ ସୁମନ...ଭବୁ... ।୬।



## ୬. ନିରାକାର୍

କିପରି ହେ ଭଗବାନ !, କରିବି ତବ ପୂଜନ,
ଚିନ୍ତାରେ ଯାଉଛି ସଢ଼ି, ଥୟେ ନ ରହୁଛି ମନ ।୧।
ନିରାକାର, ନିରାଧାର, ସର୍ବେଶ୍ୱର, ସର୍ବାଧାର,
ଅଜର, ଅମର ତୁମେ ନ୍ୟାୟକାରୀ, ନିରୁପମ ।୨।
ସର୍ବବ୍ୟାପକ, ଅନନ୍ତ, ଅନାଦି, ନିତ୍ୟ, ପବିତ୍ର,
କାଠ-ପାଷାଣ ପିତୁଳା, କରିବି କିମ୍ପା ପୂଜନ ।୩।
ଗଙ୍ଗା-ଯମୁନା-କାବେରୀ, କରୁଣା ବିନ୍ଦୁରୁ ଝରି,
କିପରି ଅଳପ-ଜଳେ, ସମ୍ଭବ ସ୍ନାନ ମାର୍ଜନ ।୪।
ପଦ-ଉଦର-ଆନନ, ନାହିଁ ବାହୁ ବକ୍ଷ ତୁମ,
କେଉଁ ଅଙ୍ଗେ କରିବି ବା, ଚୂଆ-ଚନ୍ଦନ ଲେପନ ।୫।
ରବି-ଶଶୀ ତାରାଗଣ, ତୁମ୍ଭ ତେଜେ ତେଜୀୟାନ,
କିରୂପେ ସାଜିବି ପ୍ରଭୋ ! ଆରତି ପ୍ରଦୀପ ଦାନ ।୬।
ଫୁଲ-ଫଳ-ପତ୍ରମାନ, ସବୁ ତୁମ୍ଭରି ଭିଆଣ,
ପୂଜା-ଅରଚନା ପାଇଁ, କି କରିବି ଅରପଣ ? ।୭।
ସ୍ୱର୍ଣ୍ଣ-ରୌପ୍ୟ, ଧନ-ଧାନ୍ୟ, ନାହିଁ ଯାର ପ୍ରୟୋଜନ,
ଟଙ୍କା-ପଇସା ଅର୍ପଣ, ହେବସିନା ପ୍ରବଞ୍ଚନ ।୮।
ମୋର ହୃଦୟ ମନ୍ଦିରେ, ଅଛ ଗୁପତ ଭାବରେ,
ଦୂର-ଦେବାଳୟେ ଯାଇ, କରିବି କାହେ ଦର୍ଶନ ? ।୯।
ଜ୍ଞାନଦାତା ଭଗବାନ !, ଦିଅ ମୋତେ ଦିବ୍ୟଜ୍ଞାନ;
ସକଳ ଦରବେ କରେ, ତୁମ୍ଭ ରୂପ ଦରଶନ ।୧୦।

## ୭. ଗୁରୁକୁଳ ସମ୍ପର୍କୀୟ ଉକ୍ତି ପ୍ରତ୍ୟୁକ୍ତି

୧ମ ଗୁରୁକୁଳେ କର ପଦାର୍ପଣ, ଗଛ-ଲତାରେ ହୋଇଛି ପୂର୍ଣ୍ଣ,
ଫୁଲଫଳେ ଦିଶେ ସୁଶୋଭନ, ମିଳେ ସ୍ୱଚ୍ଛ ନିର୍ମଳ ପବନ,
କି ଲାଖିଯିବ ତୁମରି ମନ, କି ଲାଖିଯିବ...
ଆହେ ସହରୀ ଭାଇ ।୧।

୨ୟ ଗୁରୁକୁଳେ କିଆଁ ଯିବି ମୁହିଁ, ଦେଖିବାକୁ ତହିଁ କିଛି ନାହିଁ,
ପକ୍କା ଘରେ ପଙ୍ଖା ଘୁରୁନାହିଁ, ସୁଖନିଦିରା ହେବ ବା କାହିଁ
କି ମନ ମୋର ଲାଖିବ ନାହିଁ, ମନମୋର...
ଆହେ ଆଶ୍ରମୀ ଭାଇ ।୨।

ଖଟା-ମିଠା-ରାଗ ମିଳେ ନାହିଁ, ମାଛ-ମାଂସ-ଅଣ୍ଡା ମନା ତହିଁ,
ବିସ୍କୁଟ୍-ଟଫିଂଗ୍ ଚଳନ ନାହିଁ, ପେଟ ପୂରଣ ହେବ କି ଖାଇ ?
କି ମରିଯିବି ଅଳ୍ପାୟୁ ହୋଇ, ମରିଯିବି...
ଆହେ ଆଶ୍ରମୀ ଭାଇ ।୩।

୧ମ ତୁମେ ଯେପରି କହୁଛ ଭାଇ, ସେହିପରି ସତରେ ନୁହଁଇ,
ମିଳେ ଶୁଦ୍ଧ ଘିଅ-ଦୁଧ-ଦହି, ସୁସ୍ଥ-ସବଳ ହେବ ତା'ଖାଇ,
କି ରୋଗ ସବୁ ଯିବ ପଳାଇ, ରୋଗସବୁ...
ଆହେ ସହରୀ ଭାଇ ।୪।

୨ୟ ଇତିହାସ-ଭୂଗୋଳ-ବିଜ୍ଞାନ, ହେଉନାହିଁ ଗଣିତ ପଠନ,
ଇଂରାଜୀକୁ ଦେଇନାହଁ ସ୍ଥାନ, କାହୁଁ ହେବ ଆଧୁନିକ ଜ୍ଞାନ ?
କି ହେବି କିଆଁ ମୂରୁଖ ମୁହିଁ, ହେବି କିଆଁ...
ଆହେ ଆଶ୍ରମୀ ଭାଇ ।୫।

୧ମ ଆମେ ପଢୁଛୁ ବେଦ ଦର୍ଶନ, ଉପନିଷଦ୍ ଆଖ୍ୟାୟିକା ମାନ,
ସୁଖ-ଦୁଃଖ ଜନମ-ମରଣ, ରହସ୍ୟକୁ ଜାଣି କରୁ କାମ,



କି ମିଳେ ଶାଶ୍ୱତ ସୁଖ ତହିଁ...୨...
ଆହେ ସହରୀ ଭାଇ... ।୬।

୨ୟ ତୁମ ବେଶ-ଭୂଷଣ କଦର୍ଯ୍ୟ, ଦେଖି ଜାତ ହୁଏ ମନେ ଲାଜ,
ଥଟ୍ଟା କରନ୍ତି ଭଦ୍ର ସମାଜ, କିଏ ରହିବ ବା ଧରି ଧୈର୍ଯ୍ୟ,
କି ନ ଚଳିବି ହିନସ୍ତା...୨...
ଆହେ ଆଶ୍ରମୀ ଭାଇ ।୭।

୧ମ ବେଶ-ଭୂଷା ଆଡ଼ମ୍ବର ଶୂନ୍ୟ, କର ଶୁଦ୍ଧ ସାତ୍ୱିକ ଭୋଜନ,
ନିତି କର ବୈଠକ ଆସନ, ଦୀର୍ଘାୟୁଷ ଲଭିବ ବହନ,
କି ଦିବ୍ୟାନନ୍ଦ ମିଳିବ ତହିଁ...୨...
ଆହେ ଶହରମ ଭାଇ

୨ୟ ତୁମ ବଚନ ନିରାଟ ସତ୍ୟ, ବାହ୍ୟ ଚାକଚକ୍ୟେ ଆମେ ରତ,
ସ୍ଥିର ନୁହେଁ ଆମ ମତାମତ, ଦେଖାଇଲ ଆଜି ସତ୍ୟପଥ,
କି ହେଲି ସତେ କୃତାର୍ଥ ମୁହିଁ...୨...
ଆହେ ଆଶ୍ରମୀ ଭାଇ... ।୯।

**ଉଭୟେ :**

ଆମେ ସକଳେ ତ ଭାଇ ଭାଇ, ଆସ ହାତକୁ ହାତ ମିଳାଇ,
ଋଷିବର-ଗୁଣ ଗାଇ ଗାଇ, ଦେଶ-ଯଶ ଆଣିବା ଫେରାଇ,
କି ଭେଦଭାବ ରହିବ ନାହିଁ...୨...
ଆମେ ସହରୀ ଭାଇ, ଆହେ ଆଶ୍ରମୀ ଭାଇ... ।୧୦।

## ୮. ବିନତି

ଘେନା ହେଉ ମୋ ବିନତି, ହେ ଦେବ ଦେବାଧିପତି !

ଅନାଥର ନାଥ ତୁମେ, ଅଗତିର ଗତି । (ଘୋଷା)

ମୋ ମନ-ମନ୍ଦିରେ, ଆରାଧନା କରେଁ,

କେବଳ ଭକତି ଅର୍ଘ୍ୟ, ଅରପି ଆଦରେ ।

ତୋରେ କି ଦେଇ ପୂଜିବି ନ ପାରୁଛି ଭାବି,

ଯା କିଛି ଦେଖୁଛି ସବୁ ତୁମରି କୀରତି ।୧।

ମାନବ-ଜନମ, ଲଭି ହେଲି ଧନ୍ୟ,

ସୁ-କରମେ ସୁ-ପଥେ ମୋ ଲଖିଥାଉ ମନ ।

ଶରୀର କେବଳ ମୋର, ମାଟିର ପ୍ରତିମା,

ଜୀବର ଜୀବନ ତୁମେ, ତୁମେ ଅନ୍ତରାତ୍ମା ।୨।

ସନ୍ଧ୍ୟା-ଉପାସନା, ନୋହି ଆନମନା,

ପ୍ରାତଃ-ସାୟଂକାଳେ କରୁଥିବି ଅରଚନା ।

ଏ ଜନମେ ହେବି ଯେବେ, ମୁହିଁ ଶୁଦ୍ଧ ପୂତ,

ପର ଜନମରେ ଅବା ହେବି ମୁଁ ମୁକତ ।୩।

ତୁମେ ମୋ ସର୍ବସ୍ୱ, ନୟନ ପିତୁଳା,

ତୁମକୁ ଛାଡ଼ିଲେ ହେବି, ମୁହିଁ ବାଟଭୁଲା ।

ଦୁସ୍ତର ଭବସାଗର, ହେବାପାଇଁ ପାର,

ଭକତି-ପୋତ ବ୍ୟତୀତ ଆଶ୍ରା ନେବି କା'ର ? ।୪।

ସୁପଥରେ ନିଅ, ସୁପଥ ଦେଖାଅ,

ଆର୍ଯ୍ୟଜନ କାମପାଇଁ, ହୃଦେ ବଳ ଦିଅ ।

ସୁକର୍ମେ ସଦା ସୁଫଳ, କୁକର୍ମେ କୁଫଳ,

ସକଳେ ଲଭନ୍ତି କର୍ମ ଅନୁରୂପ ଫଳ ।୫।

ରଜନୀ ଦିବସ, ପକ୍ଷ-ମାସ-ବର୍ଷ,

ରବି-ଶଶୀ-ଗ୍ରହ-ତାରା, କେତେ ଯେ ରଚିଛ ।



ତୁମରି ସକଳ କୀର୍ତ୍ତି କେ ପାରିବ ଲେଖି,

ଅନନ୍ତ କାଳ ସ୍ରୋତ ହିଁ, ତା'ର ମୂକ ସାକ୍ଷୀ ।୬।

ମିଷ୍ଟ ଫଳ-ମୂଳ, ଶୀତଳ ସଲିଳ,

ଜୀବନ ଧାରଣପାଇଁ, ଦେଇଛ ସକଳ ।

ଯେ ଦରବମାନ ପ୍ରଭୁ, ଦେଇଅଛ ତୁମେ,

ହରଷେ ଭୁଞ୍ଜିବି ତାହା, ଦେଇ ଆନଜନେ ।୭।

ଜନ ସମାଜର, କରି ଉପକାର,

ତୁମ୍ଭ ନାମ ଜପି ବିତୁ, ରଜନୀ-ବାସର ।

ଆପଦେ-ବିପଦେ କେବେ, ନୋହି ବିଚଳିତ,

ଧ୍ୟାନ ଧାରଣାରେ ରତ, ରହୁ ମୋର ଚିତ୍ତ ।୮।

## ୯. ପ୍ରାତଃକାଳୀନ ଉଦ୍‌ବୋଧନ

ଜଗ୍ରତ ହୁଅ ନଗରବାସୀ, ଓ୩ମ୍ ଧ୍ୱଜା ଉଡ଼ିଲାରେ,

ଓ୩ମ୍ ଧ୍ୱଜା ଉଡ଼ିଲାରେ ଭାଇ !,

ଆର୍ଯ୍ୟ ଧ୍ୱଜା ଉଡ଼ିଲାରେ... । (ଘୋଷା)

ଏଇ ପତାକା ଜାତିର ଟେକ, ଉଡ଼ଇ ଆକାଶେ ଦେଖରେ ଦେଖ,

ଏ ଜାତି ଏଇ ପତାକା ତଳେ, ବିଜୟ ଗାଥା ଗାଇଲାରେ... ।୧।

ଏଇ ପତାକା ଉଡ଼େ ହରଷେ, ଲଙ୍କା ବାଲି ସୁମାତ୍ରା ଦେଶେ,

ଦେଶେ ବିଦେଶେ ଏଇ ପତାକା, ଆର୍ଯ୍ୟ ଗାଥା ଗାଇଲାରେ... ।୨।

ଏଇ ପତାକା ହାତରେ ଧରି, ଜନହିତ କାମ ଯିବାରେ କରି,

ଏଇ ପତାକାକୁ କେନ୍ଦ୍ର କରି, ସଂସ୍କାର ଧାରା ବୋହିଲାରେ... ।୩।

ସାରା ଧରା ଆର୍ଯ୍ୟ ଭାଇ-ଭଉଣୀ, ଓଁକାର ଶବଦେ କମ୍ପୁ ମେଦିନୀ,
ଭେଦାଭେଦ ଭାବ ଭୁଲାଇବାକୁ, ସାମ୍ୟ-ଗୀତି ଗାଇଲାରେ... ।୪।
ହୃଦେ ନୂଆ ଆଶା ଆକାଂକ୍ଷା ଆଣି, ଏ ପୁଣ୍ୟ ପ୍ରଭାତ ଆସିଛି ପୁଣି,
ହିଂସା-ରାଗ-ଦ୍ୱେଷ ଦୂରେଇବାକୁ, ଶୁଭ-ଶଙ୍ଖ ଫୁଙ୍କିଲାରେ... ।୫।
ସମବେତ ହୁଅ ପତାକା ତଳେ, ଭେଦଭାବ ଭୁଲି ମିଳି ସକଳେ,
ମହର୍ଷିଙ୍କ ଆଶା ପୂରଣ ପାଇଁ, ପ୍ରେରଣା ଦାନ କରିଲାରେ... ।୬।

## ୧୦. ଜାଗରଣ

ଜାଗ ହେ ଜାଗ ହେ ଆର୍ଯ୍ୟ ସନ୍ତାନ... ।
ଜାଗି ଉଠ ବୀର ସୈନିକ,
ପ୍ରାଣବଳି ଦେଇ ରଖ ଧର୍ମର ଟେକ,
ତୁ ସହିଦ ବନ, ତୁ ସହିଦ ବନ... ଜାଗ ହେ ।୧।
ବଜାଇ ଦେ ବେଦ ନାଗରା,
ବେଦ ପଥେ ଗତି କରୁ ଏ ବସୁନ୍ଧରା,
ଏହି ମହାନ କର୍ମ, ଏହି ମହାନ ଧର୍ମ... ଜାଗ ହେ... ।୨।
ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚର,
ଅନ୍ତକାଳେ ନ ରହିବ ଶମନ ଡ଼ର,
ଜୟ ବୈଦିକ ଧର୍ମ, ଜୟ ବୈଦିକ ଧର୍ମ... ଜାଗ ହେ... ।୩।



## ୧୧. ବେଦଜ୍ଞାନ

ଜାଗ ହେ ମାନବ ଜାତି, ପାହିଲାଣି ଅମା ରାତି... ।
ଦିଗ୍‌ବଳୟେ ଜ୍ୟୋତି ଆଭା, ପ୍ରକାଶଇ ବେଦ ପ୍ରଭା,
ଜୟ ବେଦଗାନ ଘୋଷେ, କମ୍ପିତ ହୁଏ ଧରିତ୍ରୀ... ।୧।
ଧରି ବେଦ ମଶାଲକୁ, ବାଛିନିଅ ସୁପଥକୁ,
ଲଭିବ ଅପାର ସୁଖ, ଆଲୋକରେ କଲେ ଗତି... ।୨।
ବେଦ ଜ୍ଞାନର ଭଣ୍ଡାର, ସାକ୍ଷ୍ୟ ଧର୍ମ ନିର୍ଣ୍ଣୟର,
ବେଦଜ୍ଞାନ ଉପଗ୍ରହେ, ସଂଶୋଧିତ କର ମତି... ।୩।
ବେଦ ଧର୍ମ ସନାତନ, ବିଶ୍ୱ କରୁଅଛି ଗାନ,
ନିର୍ବେଦେ ନାହିଁ ସାଧନ, ଅସାଧନେ କାହିଁ ମୁକ୍ତି ?... ।୪।
ବେଦ-ବିଧି କର୍ମମାନ, ନିରତେ କର ସାଧନ,
ସାଧନା ପଥରେ ବ୍ରତୀ, ହେଲେ ଲଭିବ ମୁକତି... ।୫।
ବେଦୋଽଖିଲୋ ଧର୍ମ ମୂଳ, ବିବେକ ବୁଦ୍ଧିରେ କଳ,
ନାହିଁ ଅନ୍ୟ ପ୍ରତିକାର, ସୁରେନ୍ଦ୍ରର ଏ ଭାରତୀ... ।୬।

## ୧୨. ଜାଗରଣ

ଜାଗ୍ରତ ହୁଅ ଉଠ ମେଲ ନୟନ ହେ ବୀର ଆର୍ଯ୍ୟ ସନ୍ତାନ
ସିଂହଶାବକ ହୋଇ ଶୃଗାଳ ସମ,
ଆପଣା ଦୋଷେ ସିନା ହୋଇଛ ହୀନ, ହେ ବୀର... ।୧।
ଭାରତ ଆର୍ଯ୍ୟାବର୍ତ୍ତ ଆମରି ଦେଶ,
ବେଦ-ଶାସ୍ତ୍ରକୁ ଛାଡ଼ି ହୋଇଛ ନାଶ, ହେ ବୀର... ।୨।

କାଶ୍ୟପ ମନୁ ଆଦି ଗର୍ଗ-ଅଙ୍ଗିର,
ଶିରାରେ ସେହି ରକ୍ତ ବହେ ପ୍ରଖର, ହେ ବୀର... ।୩।
କାହାର ବଂଶଧର କାହାର ସୁତ,
ପରିଚୟ ନ ଦେବେ ଆପଣାମତ, ହେ ବୀର... ।୪।
ଭୀଷ୍ମ-ଦ୍ରୋଣ-କର୍ଣ୍ଣାଦି ସପତ ରଥୀ,
ତୁମରି ଘରେ ପରା ଜନମିଛନ୍ତି, ହେ ବୀର... ।୫।
କେଉଁ କୁହୁକ ନିଶା ମଦିରା ପିଇ,
ନିଜକୁ ଭୁଲି ସୁଖେ ପଡ଼ିଛ ଶୋଇ, ହେ ବୀର... ।୬।
ଆସିଛି ବେଳ ଏବେ ମେଲ ନୟନ,
ସିଂହ-ଶକତି ଧରି ଜାଗ ବହନ, ହେ ବୀର... ।୭।
ଉଡ଼ଇ ସନାତନ ଆର୍ଯ୍ୟ ନିଶାଣ,
ଧରମ ଲାଗି ବଳି ଦିଅନ୍ତୁ ପ୍ରାଣ, ହେ ବୀର... ।୮।
ଭୁଜେ କବଚ ବାନ୍ଧି କର୍ଣ୍ଣେ କୁଣ୍ଡଳ,
ଅହିଂସା ଅସୀ କରେ ଧର ବଞ୍ଚଳ, ହେ ବୀର... ।୯।
ଆସିବ ଫେରି ସେହି ସତ୍ୟ ଦ୍ୱାପର,
ଆର୍ଯ୍ୟଙ୍କର ଉନ୍ନତି ବେଦ ପ୍ରଗ୍ୱର, ହେ ବୀର... ।୧୦।
ଭାରତ ଆର୍ଯ୍ୟାବର୍ତ୍ତେ ଯଜ୍ଞ ଆହୁତି,
ବେଦଶାସ୍ତ୍ରରେ ସର୍ବେ ଦିଅନ୍ତୁ ମତି, ହେ ବୀର... ।୧୧।
ଉନ୍ନତ ହେବ ଏହି ଦେଶ ଆମ୍ଭର,
ଦେବ ଦୟାନନ୍ଦଙ୍କ ବେଦ ପ୍ରଗ୍ୱର, ହେ ବୀର... ।୧୨।



## ୯୩. ଓଇ ମନ

ତୁହି ଆପେ ଆପଣାକୁ ଚିହ୍ନରେ...ମନ,
ସେତ ବ୍ରହ୍ମାନନ୍ଦ ସୁଖ ସ୍ଥାନରେ...ମନ,
ନିଜକୁ ଚିହ୍ନିଲେ ଆତୁଆ ତୁଟିବ,
ଫିଟିବ ମାୟା ବନ୍ଧନରେ...ମନ । (ଘୋଷା)
ଏକଇ ସୂତ୍ରରେ ଗୁନ୍ଥା ହୋଇଅଛି,
ଅସଂଖ୍ୟ ମାଳାଟି ଜାଣ,
ପରମ-ସୂତ୍ରରେ ଗୁନ୍ଥି ରଖିଅଛି,
ଜୀବ୍‌ଟୁ ବ୍ରହ୍ମଯାଏ ପୁଣରେ...ମନ ।୧।
ମାତା-ଗର୍ଭେ ରହି ଭଜୁଥିଲୁ ଯାହା,
ସେହି ତୋ ଶ୍ରେଷ୍ଠ ଭଜନ,
ସେ ଭଜନ ଛାଡ଼ି ମାୟାରେ ପଡ଼ିଲୁ,
ଦିନଗଲା ଅକାରଣ, ରେ...ମନ ।୨।
ଯେ ଭଜନ ଲାଗି, ଯୋଗୀ ମହାଯୋଗୀ,
ଛାଡ଼ି ସଂସାର ବନ୍ଧନ,
ଭ୍ରମି ଭ୍ରମି ପୁଣି ନିରାଶ ହୁଅନ୍ତି,
ନ ମିଳେ ସେ ଶାନ୍ତି ସ୍ଥାନ, ରେ ମନ... ।୩।
ବହୁ ଜନ୍ମ ଅନ୍ତେ ତତ୍ତ୍ୱଦର୍ଶୀ ଗୁରୁ,
ଯଦି ଦିଅନ୍ତି ଦର୍ଶନ,
ବଇଷ୍ଣବ କହି, ଭ୍ରମ ତୁଟିଯାଇ,
ମିଳେ ମାତୃଗର୍ଭ ଜ୍ଞାନ, ରେ ମନ ।୪।

## ୧୪. ଫୁଲ୍ ବଉଳ ବେଣୀ-ବୃତ୍ତେ

ଦେବ ଦୟାନନ୍ଦ ଋଷି ଗୋ- ଫୁଲ ବଉଳବେଣୀ,
ଈଶ୍ୱରଙ୍କ ରୂପଗୁଣ ସବୁକିଛି, ଠିକେ ଦେଲେ ପରକାଶି ଗୋ... ।୧।
ଆର୍ଯ୍ୟ ସମାଜ ସ୍ଥାପିଣ ଗୋ, ଫୁଲ...
ସଭିଙ୍କର ହିତପାଇଁ ପ୍ରଣୟନ, କଲେ ସେ ଦଶ ନିୟମ ଗୋ... ।୨।
ସୃଷ୍ଟିକରତା ଈଶ୍ୱର ଗୋ, ଫୁଲ...
ତାଙ୍କର ମୂରତି କିଏ ସେ ଗଢ଼ିବ, ସିଏ ପରା ନିରାକାର ଗୋ... ।୩।
ନ ନିଅନ୍ତି ଅବତାର ଗୋ, ଫୁଲ...
ସହଜରେ କରିଥାନ୍ତି ସୃଷ୍ଟି ସ୍ଥିତି, ଶେଷରେ ପୁଣି ସଂହାର ଗୋ... ।୪।
ଏକାକୀ ସେ ଶକ୍ତିମାନ ଗୋ, ଫୁଲ...
ତାଙ୍କର ପ୍ରଣୀତ ନୀତି ନିୟମକୁ, କିଏ କରିବ ଲଂଘନ ଗୋ... ।୫।
ହର୍ତ୍ତା କର୍ତ୍ତା ସେ ବିଧାତା ଗୋ, ଫୁଲ...
ତାଙ୍କୁ ମନେ ରଖି କାମେ ହାତ ଦେଲେ, କେବେ ନ ଭୋଗିବ ବ୍ୟଥା ଗୋ... ।୬।
ଦୁର୍ଲ୍ଲଭ ନର ଜନମ ଗୋ, ଫୁଲ...
ସେ ପ୍ରଭୁ ଆମକୁ ସବୁ ଦେଇଛନ୍ତି, କର ତାଙ୍କ ଗୁଣଗାନ ଗୋ... ।୭।
ଓମ୍ ତାଙ୍କ ମୁଖ୍ୟ ନାମ ଗୋ, ଫୁଲ...
ଅନ୍ୟ ଯାହା କିଛି, ନାମ ରହିଅଛି, ସେ ସବୁ ଅଟେ ଗଉଣ ଗୋ... ।୮।
କର ତାଙ୍କ ଉପାସନା ଗୋ, ଫୁଲ...
ଭବ-ଭୟ ଭ୍ରାନ୍ତି ନ ରହିବ ନାହିଁ, ଭୋଗିବ ନାହିଁ ଯାତନା ଗୋ... ।୯।
ପଢ଼ ସତ୍ୟାର୍ଥ ପ୍ରକାଶ ଗୋ, ଫୁଲ...
ସଂସାରର ସବୁ ରହସ୍ୟ ଜାଣିବ, ନ ଭୋଗିବ ଦୁଃଖ-କ୍ଲେଶ ଗୋ... ।୧୦ ।
ତାଙ୍କୁ କୋଟି ନମସ୍କାର ଗୋ, ଫୁଲ...



ତାଙ୍କରି ସୁଗୁଣ ଉପକାରମାନ, ଗାଉଛି ସାରା ସଂସାର ଗୋ... ।୧୧।

## ୧୫. ଆଶିଷ

ଦେବ ଦାନବ ମାନବ ପାଳକ ହେ !,
ଜୀବ ସ୍ଥାବର ଜଙ୍ଗମ ରକ୍ଷକ ହେ !,
ସଚରାଚର ସୃଷ୍ଟି ସୃଜକ ତୁମେ,
ଦୟାମୟ ! ଦୟାକର ଦୀନ-ଜନେ ।୧।
ରବି-ଶଶୀ, ତାରା-ଗ୍ରହ-ଉପଗ୍ରହ
ପ୍ରାଣୀ-ଗଣ ହିତେ ରତ ଅହରହ ।
ତୁମ୍ଭ ମହିମା ବ୍ୟାପ୍ତତ କଣେ କଣେ,
ଦୟାମୟ ! ଦୟାକର ଦୀନଜନେ ।୨।
ନଦ-ନଦୀ-ବନ-ଗିରି-ବୃକ୍ଷଲତା,
ବିଚିତ୍ରେ ସଜାଇ ରଖିଛ କରତା ।
ବାୟୁ ଗୁଞ୍ଜରିତ ତୁମ୍ଭ ଗୁଣଗାନେ,
ଦୟାମୟ ! ଦୟାକର ଦୀନଜନେ ।୩।
ଅଜର ଅମର ତୁମେ ପରାତ୍ପର,
ଘଟେ ଘଟେ ବିରାଜିଛ ସର୍ବେଶ୍ୱର ।
ଆଚରିବୁ ଧରମ ହରଷ ମନେ,
ଦୟାମୟ ! ଦୟାକର ଦୀନଜନେ ।୪।
ସତ୍ୟ-ଶାନ୍ତି-ଦୟା-କ୍ଷମା-ସେବା-ଦାନେ
ବିଭୂଷିତ ହେବୁ ଆମ୍ଭେ ଦିବ୍ୟଗୁଣେ ।

ହିଂସା-ରାଗ-ଦ୍ୱେଷ ନ ବହିବୁ ମନେ,
ଦୟାମୟ ! ଦୟାକର ଦୀନଜନେ ।୫।

ଜପ-ତପଃ ଯଜ୍ଞ ଶାନ୍ତିର କାରଣ,
ରୋଗ-ଶୋକ-ଦୁଃଖ-ଦୁରିତ ନାଶନ ।
ମମ ମନ ଲୀନ ରହୁ ଓମ୍ ଧ୍ୟାନେ,
ଦୟାମୟ ! ଦୟାକର ଏ ସନ୍ତାନେ ।୬।

## ୧୭. ଓମ୍ ମାହାତ୍ମ୍ୟ

ଧୀରେ ଓମ୍ ନାମ କର ଗାନ, କର ଗାନ କର ଗାନ...
କାୟାରୁ ମାୟା ମିଳାଇ ଯିବ ବାୟା
ବଢ଼ିବ ଦିବ୍ୟଜ୍ଞାନ...ଦିବ୍ୟ...। (ଘୋଷା)
ଘଟେ ଘଟେ ଓମ୍ ନାମ ରଟେ, ଚତୁର୍ବେଦେ ଯା ମହିମା ପ୍ରକଟେ ।
ଭଜ ଓମ୍ ନାମ, ଜପ ଓମ୍ ନାମ,
ଓମ୍ ନାମେ ଲଗା ଧ୍ୟାନ...ଲଗା... ।୧।
କାହିଁ କାହିଁ, ଖୋଜୁ ମନବାଇ, ଓମ୍ ନାମେ ସଦା ଯୋଗୀ ଋଷି ଧ୍ୟାୟି
କପିଳ-ଜୈମିନୀ, କଣାଦ-ପାଣିନି
ଓଁକାରେ ହେଲେ ମଗନ... ହେଲେ ମଗ୍ନ ।୨।
ଦିବା-ନିଶା, ଓମ୍ ନାମେ ଲଗା ଆଶା, ଅନ୍ତିମେ ନ ଲାଗିବ ଶମନର ଦଶା
ଓମ୍ ନାମ ନାଦ, ଜ୍ଞାନୀର ସମ୍ପଦ,
ଭକ୍ତ ହୃଦ ଗଣ୍ଠି ଧନ...ଗଣ୍ଠି... ।୩।



ସଞ୍ଜ ସକାଳେ, ଶୁଦ୍ଧ ଚିତ୍ତରେ, ପ୍ରାଣାୟାମ କରତୁ ଧୀରେ ଧୀରେ
ଗାୟତ୍ରୀ ଜପ, ଘୁଞ୍ଚିବ ତାପ,
ଚଞ୍ଚଳ ନୋହିବ ମନ...ତୋର... ।୪।
ତୁଛ ଉଚ୍ଚ, ଭାବଗୋଟି ମିଛ, ଏକା ସତ୍ୟ ଓମ୍ ନାମ ସ୍ୱଚ୍ଛ ।
ଭାବ ବିନୋଦିଆ, ଭକତ ଘାଟିଆ,
ଯାଚି ଦେବେ ଦିବ୍ୟ ଜ୍ଞାନ...ଦିବ୍ୟ... ।୫।
ଅକାର, ଉକାର, ମକାରକୁ ସ୍ମର, ସଚ୍ଚିଦାନନ୍ଦେ ଆନନ୍ଦେ ବିହର
ସତ୍ୟ-କଥନ, ଆତ୍ମ ସଂଯମ,
ବେଳହୁଁ କର ସାଧନ...ହେବୁ ଧନ୍ୟ... ।୬।

## ୧୭. କାମନା

ନମଇଁ ମହାପ୍ରଭୁ ପରମେଶ୍ୱର,
ତୁମ୍ଭ ଭକ୍ତିରେ ମତି, ରହୁ ମୋ ସ୍ଥିର, ହେ ଜଗଦୀଶ୍ୱର ।୧।
ବାଳୁତ କାଳୁ ମୁଁ ନ ଜାଣେ ଧରମ,
ଦୁରିତ ନାଶି, ଦିଅ ମୋତେ ସୁଗୁଣ, ହେ ଆଦିକାରଣ ! ।୨।
ପର ବିଭବ ଦେଖି ଲୋଭୀ ନ ହେବି,
ସ୍ୱ ଅରଜିତ ଧନେ ସୁଖେ ରହିବି, ହେ ତୁମକୁ ସେବି ।୩।
ପର ଅନିଷ୍ଟ ଚିନ୍ତା ନ ଆସୁ ମନେ,
ମୋ ମନ ଲୀନ ରହୁ, ଶୁଭ କରମେ ହେ ସରବସ୍ଥାନେ ।୪।
ଦେଶ-ସେବା ହେଉ ମୋ ମୁଖ୍ୟ କରମ,
ଜଗତ-ହିତେ ଦିଏଁ ଆପଣା ପ୍ରାଣ, ହେ ମହାମହିମ ! ।୫।

ଅଜ୍ଞାନ ଅବୋଧ ମୁଁ ଦୀନ...ଅରକ୍ଷ,
ତୁମ୍ଭ ସୁଦୟା ଲଭି, ହେବି ସୁଦକ୍ଷ, ହେ ଅରକ୍ଷରକ୍ଷ ! ।୬।
କାହାରି ଅହିତ ମୁଁ କରିବି ନାହିଁ,
ଜଗତ-ଜନେ ମୋର, ଭଉଣୀ ଭାଇ, ହେ ଜଗତ ସାଇଁ ! ।୭।
ବ୍ରହ୍ମତେଜ ଧରିଣ ବିଦ୍ୟା ଅର୍ଜିବି,
ପିତା-ମାତା-ଗୁରୁଙ୍କ ସ୍ନେହ ଲଭିବି, ହେ ଚରଣସେବି ।୮।
କ୍ଷୁଦ୍ର କାମନା ମୋର ପୂରଣ କର,
ଏ ଦୀନ-ଅକିଞ୍ଚନେ ଭବୁ ଉଦ୍ଧର, ହେ କରୁଣାକର ! ।୯।

## ୯୮· ବିଚାରି ଦେଖ

ପର ଉପକାର, କରି ନ ପାରିଲେ, କରନାହିଁ ଅପକାର,
ମଣିଷ ଜନମ, ଲଭିଅଛ ଯେଣୁ, ମଣିଷପଣ ଆଚର ।୧।
ଭଲଲୋକ ଜଣେ, ହେବାକୁ ଚାହିଁଲେ, ବେଦଜ୍ଞାନେ ଦିଅ-ମନ,
ତାହା ଯେବେ ନୁହେଁ,ଶସ୍ତା ଉପନ୍ୟାସ, ଦୂରୁ କର ବରଜନ ।୨।
ଦେଶହିତ, ଜନ- ହିତକର କାମେ, ବଳି ନପାରିଲେ ମତି,
ଅଳପ ମାତର, କାହାରି କେବେହେଁ, କରନାହିଁ କିଛି କ୍ଷତି ।୩।
ସାଧୁ-ସନ୍ଥ ଭଳି ହୋଇ ନ ପାରିଲେ, ଅମଣିଷ ହୁଅ ନାହିଁ,
ଚୋର, ଖଣ୍ଟ, ଦାଗୀ, ଅପରାଧୀ ହେଲେ, ଭଲଦଶା ତାର କାହିଁ ? ।୪।
ଦୀପ ହୋଇ ଯେବେ, ଜଳି ନ ଜାଣୁଛ, କରନାହିଁ ଅନ୍ଧକାର,
ଫୁଲଫୁଟି ବାସ, ଚହଟ ନ କରି, ଦୁର୍ଗନ୍ଧ କିଆଁ ବିସ୍ତର ? ।୫।
ଇଚ୍ଛାଯେବେ ନାହିଁ, ପୁଣ୍ୟ ଅରଜନେ, ପାପରୁ ଦୂରେଇ ରୁହ,



ଆଶ୍ୱାସନା କା'କୁ, ଦେଇ ନ ପାରିଲେ, ହୋଇଯାଅ ସର୍ବଂସହ ।୬।
ଉପକାରୀ ପ୍ରତି, ପ୍ରତି ଉପକାର, କରିନପାରିବ ଯେବେ,
ତାର ବିନିମୟେ, ଅପକାର ଚିନ୍ତା, କରନାହିଁ ମନେ କେବେ ।୭।
ପର-ଘର ଯେବେ, ସୁଧାରି ନପାର, ଭଙ୍ଗାରୁଜା କରନାହିଁ,
ଭିକାରିକୁ ଭିକ, ନ ଦେଲେ ନ ଦିଅ, ସୁଖୀକର କଥା କହି ।୮।
ଧର୍ମକାର୍ଯ୍ୟ ପ୍ରତି, ଆଗ୍ରହ ନ ଥିଲେ, ଅଧର୍ମ କାମେ ନ ମାତ,
ସୁଗୁଣ ଧାରଣେ, କ୍ଷମତା ନ ଥିଲେ, ଦୁର୍ଗୁଣକୁ ମାର ଲାତ ।୯।
ସାଧୁ-ସନ୍ଥଙ୍କର, ସେବା ନ କରିଲେ, ଅସାଧୁ ସଙ୍ଗ ବରଜ,
ଦୁଧ ଖାଇବାକୁ, ରୁଚି ଯେବେ ନାହିଁ, ମଦକୁ ଦୂରରୁ ତେଜ ।୧୦।
ଧରମ-ନୀତିରେ, ଚଳି ନ ପାରିଲେ, ରାଜନୀତି ଯାଅ ଭୁଲି,
ଯୋଗସାଧନାରେ, ନ ବଳିଲେ ମନ, ଭୋଗେଦିଅ ଜଳାଞ୍ଜଳି ।୧୧।
ବେଦ-ଶାସ୍ତ୍ର-ଗୀତା, ବୁଝି ନ ପାରିଲେ, ନ କରିବକେବେ ନିନ୍ଦା
ନ ଥିଲେ ସାମର୍ଥ୍ୟ, ମିତ୍ରତା ସ୍ଥାପନେ, ଶତ୍ରୁତା ନ ହେଉ ଫନ୍ଦା ।୧୨।
ଅହିଂସା ବ୍ରତକୁ, ନ କଲେ ଧାରଣ, ନ ବହିବ ହିଂସାଭାବ,
ସତ କହିବାକୁ, ସାହସ ନ ଥିଲେ, ମିଛ କେବେ ନ କହିବ ।୧୩।
ମାଂସ ଖାଇବାକୁ, ଇଚ୍ଛା ଯେବେ ଥାଏ, ନିଜ ମାଂସ କର ଦାନ,
ଅନ୍ୟକୁ ସମ୍ମାନ, ଦେଇ ନ ପାରିଲେ, ଦିଅନାହିଁ ଅପମାନ ।୧୪।
ରୋଗୀ ହୋଇ ଯେବେ ପଥ୍ୟରେ ନ ରୁହ, ଔଷଧ ଖାଇ କି ଲାଭ, ?
ଅପରକୁ କ୍ଷମା, ନ ଦେଇ କେବେହେଁ, କ୍ଷମା ନିଜେ ନ ଚାହିଁବ ।୧୫।
ଈଶ୍ୱରଙ୍କ ତତ୍ତ୍ୱ, କିଞ୍ଚିତେ ନ ଜାଣି, କାଷ୍ଠ-ପାଷାଣ ନ ପୂଜ,
ଯଶ ଅର୍ଜିବାକୁ ଶକତି ନ ଥିଲେ, ଅପଯଶ ନ ଅରଜ ।୧୬।
ପରିଶୋଧ ପାଇଁ, ଶକତି ନ ଥିଲେ, କଦାପି ନ କର ଋଣ,
ଧନ ଦଉଲତ, ନଥିଲେ ହାତରେ, ବାନ୍ଧି ରଖି ଦିଅ ମନ ।୧୭।

ଖାଇବାକୁ କାରେ, ନ ଦେଲେ ନ ଦିଅ, କର ନାହିଁ ଖାଦ୍ୟ ନଷ୍ଟ,
ଈଶ୍ୱର ଭକତି, ନ ଥିଲେ କିମ୍ପତେ, ବଞ୍ଚିବାରେ ବଡ଼ କଷ୍ଟ ।୧୮।
ଭଲକାମେ ମିଠା, ଫଳ ଲାଭ ହୁଏ, ମନ୍ଦକାମେ ବିଷଫଳ,
ବିଚାରିଣ ଦେଖ, କେଉଁଫଳ ଖାଇ, ଜନମ ହେବ ସଫଳ ।୧୯।

## ୧୯. ପାଗଳ ହେଲୁରେ ମନ

ପାଗଳ ହେଲୁରେ ମନ ! ଭୁଲିଗଲୁ ତୋ କରମ,
ପୁରାଣକୁ ମାନି କରୁ, ବେଦ ବିପରୀତ କାମ ।୧।
ଦେବ ଭୂମି ଏ ଭାରତେ, ବେଦକୁ ମାନି ସମସ୍ତେ,
ଚଳୁଥିଲେ ନ୍ୟାୟ-ପଥେ, ଲଭି ବିଶ୍ୱେ ସନମାନ ।୨।
ଆଜି ଜନ-ସାଧାରଣ, ତେଜି ସେ ବେଦ ବିଧାନ,
ପୁରାଣ ପଛରେ ଯାଇ, ଭୋଗୁଛନ୍ତି ଦୁଃଖମାନ ।୩।
ପଣ୍ଡା-ପୁରୋହିତ ଗଣ, କରିବାକୁ ସ୍ୱାର୍ଥ ପୂର୍ଣ୍ଣ,
ରଚନା କଲେ ଯେ କେତେ, ମନଗଢ଼ା ପାଠମାନ ।୪।
ଠକ-ଭଣ୍ଡଙ୍କ ବଚନ, ନ ଶୁଣୁ ତୋ ଦୁଇ କାନ,
ଅନ୍ଧାରେ ନ ବୁଲା ବାଡ଼ି, ଫାଟିବ ତୋ ନାକ-କାନ ।୫।
ତେତିଶ କୋଟି ଦେବତା, କଳପନା ମିଥ୍ୟା କଥା,
ଏକ ପରମାତ୍ମା ବୋଲି, ଚାରି ବେଦ କରେ ଗାନ ।୬।
ଗୁଣ-ସ୍ୱଭାବ କରମେ, ନାମିତ ସେ ବହୁ ନାମେ,
କିମ୍ବା ସେ ହେବେ ଅନେକ, ନ କରୁ କିଆଁ ଚିନ୍ତନ ? ।୭।
କାଠ-ପାଷାଣ ମୂରତି, ସେବୁ ଭକତିରେ ନିତି,



ନୋହିବ ଇଚ୍ଛା ପୂରଣ, ଚାଲିଗଲେ ହେଁ ଜୀବନ ।୮।
ଜନ୍ମଦାତା ମାତା-ପିତା, ସେ ତୋ ଜୀବନ୍ତ ଦେବତା,
ଭକତିରେ ପୂଜା କଲେ, ହେବ ସିନା ତୋ କଲ୍ୟାଣ ।୯।
ପିତା-ମାତା ଛନ୍ତି ଘରେ, ତାଙ୍କୁ ନ ପଚାରୁ ଥରେ,
ମଲାପରେ ବିପ୍ରେ ଦେଉ, ଦାନ-ଦକ୍ଷିଣା-ଭୋଜନ ।୧୦।
ପଞ୍ଚ ମହାଯଜ୍ଞ ନିତି କଲେ ପାଇବୁ ମୁକତି
ତାକୁ ଛାଡ଼ି ମରିଚିକା ପଛରେ ଗୋଡ଼ାଉ ଧନ ।୧୧।
ମାଛ-ମାଂସ-ଅଣ୍ଡା-ମଦ୍ୟ, ଏ ନୁହେଁ ମଣିଷ ଖାଦ୍ୟ,
ଶବକୁ କରି ଭକ୍ଷଣ ପେଟକୁ କଲୁ ଶ୍ମଶାନ ।୧୨।
ଦୁଧ-ଦହି-ଘୃତ-ଅନ୍ନ କର ସାତ୍ତ୍ୱିକ ଭୋଜନ,
ଜୀବ ମାରି କେବଳ ତୁ, କରୁ ପାପ ଅରଜନ ।୧୩।
ଜ୍ଞାନୀ-ମାନୀ-ଗୁଣୀଜନ, ଅତିଥି ଭିକ୍ଷୁ ସଜ୍ଜନ,
ତାଙ୍କ ସେବା-ପୂଜା କରି, ଅରଜ ତୁ ପୁଣ୍ୟ ଧନ ।୧୪।
ସନ୍ଧ୍ୟା-ଭଜନ-କୀର୍ତ୍ତନ, ବେଦ ଉପଦେଶମାନ,
ଶ୍ରଦ୍ଧାରେ କରି ପାଳନ, ଧନ୍ୟ କର ତୋ ଜୀବନ ।୧୫।
ମୋକ୍ଷ ମାର୍ଗେ ରଖି ଧ୍ୟାନ, ସୁ-ପଥେ ଚଳ ବହନ
ଓ୩ମ୍ ନାମେ ଲଗା ଧ୍ୟାନ, ଉଦ୍ଧାର ହେବୁରେ ମନ ।୧୬।

## ୨୦. ଗାୟତ୍ରୀ-ମନ୍ତ୍ର ଭାବାନୁବାଦ

**(ରାଗ-ଚୋଖି)**

ପ୍ରଣବେ ପରମେଶ୍ୱର, ପ୍ରକାଶେ ନାମ ମଧୁର,

ଗତି-ମୁକ୍ତିଦାତା ପ୍ରଭୁ, ତୃପ୍ତି ଆଧାର,
ପାପ-ତାପ ବିନାଶକ, ସର୍ବବ୍ୟାପୀ ପ୍ରକାଶକ,
ସଚ୍ଚିଦାନନ୍ଦ ସ୍ୱରୂପ ପ୍ରଭୁ ଓଙ୍କାର ।
ଅକାର, ଉକାର, ମକାର,
ତ୍ରିବର୍ଣ୍ଣ ତ୍ରିଭୁବନରେ ତୋଳେ ଝଙ୍କାର ।୧।
ଅନିତ୍ୟ ଜଗତେ ନିତ୍ୟ, ଯୁଗେ ଯୁଗେ ବିରାଜିତ,
ପ୍ରାଣପ୍ରିୟ ପ୍ରାଣଦାତା, "ଭୂଃ" ନାମେ ଖ୍ୟାତ,
ଲଭି ତବ ଦିବ୍ୟଜ୍ଞାନ, ଲିଭେ ଦୁଃଖ-ଶୋକମାନ,
ମୋକ୍ଷଦାତା "ଭୁବଃ" ନାମେ ଭବେ ବିଦିତ ।
ସ୍ୱଃ ସରୂପରେ ପ୍ରକାଶ,
ନିତ୍ୟାନନ୍ଦମୟ ପ୍ରଭୋ ! ଜଗତ ଈଶ ।୨।
ସେହୁ ସବିତା ଦେବତା, ସାରା ସଂସାର କରତା
ଦିବ୍ୟ ଗୁଣ ପରମାତ୍ମା ସଦା ବରେଣ୍ୟ,
ପବିତ୍ର ପାପ ରହିତ, ନିର୍ମଳ, ନିର୍ଗୁଣ, ମୁକ୍ତ,
ଭର୍ଗ ସ୍ୱରୂପକୁ ଆମ୍ଭେ କରୁଁ ଧାରଣ ।
ତବ ତେଜ ଓଜକୁ ପାଇ,
ତେଜସ୍ୱୀ, ଓଜସ୍ୱୀ ହେବୁ ଜଗତ-ସାଇଁ ।୩।
ଅଖିଳ-ବ୍ରହ୍ମାଣ୍ଡପତି, ଜଣାଉଁ ଆମ ପ୍ରଣତି,
ଏତିକି ମିନତି ପ୍ରଭୁ କରିବ ଘେନା,
ତୁମରି ଶାଶ୍ୱତ ବାଣୀ, ଦେଖାଉ ସତ୍ୟ-ସରଣୀ
ଭରିଯାଉ ଜୀବନରେ ତବ ପ୍ରେରଣା ।
ବୁଦ୍ଧି-ମନ-କର୍ମ-ବଚନ,



ତବ ଗୁଣେ, ତବ ନାମେ ହେଉ ମଗନ ।୪।

## ୨୧· ମୂଢ଼ ମନ

ପ୍ରଣବେ ଲଗା ତୁ ଧ୍ୟାନ, ରେ ମୂଢ଼ମନ ! ନୁହ ବିମନ । ଘୋଷା ।
ଅକାର, ଉକାର, ମକାର ଅକ୍ଷର,
ହେଉ ତୋ ଜୀବନ ଧନ, ରେ ମୂଢ଼ମନ ! ।୧।
କେତେ ଯୋଗୀ ଋଷି, ଓମ୍ ନାମ ଘୋଷି,
ସଫଳ କଲେ ନର ଜନ୍ମ, ରେ ମୂଢ଼ମନ ! ।୨।
ଅସାର-ସଂସାର ନୁହେଁ କେ କାହାର,
ନିତ୍ୟ ନୁହଇ ଧନ-ପ୍ରାଣ, ରେ ମୂଢ଼ମନ ! ।୩।
ଆସିଛୁ ଯେପରି, ଯିବୁ ତୁ ସେପରି,
ସାଥେ ନ ଯିବେ ଜ୍ଞାତିଜନ, ରେ ମୂଢ଼ମନ ! ।୪।
ପିତା-ମାତା ତ୍ୟଜି, ଜଡ଼ ଦେବେ ଭଜି,
ହଜାନା ତୋ ଗଣ୍ଠିଧନ, ରେ ମୂଢ଼ମନ ! ।୫।
ସଞ୍ଜ-ସକାଳେ, ଉପାସନା କାଳେ,
ଧୀରେ କର ତୁ ପ୍ରାଣାୟାମ, ରେ ମୂଢ଼ମନ ! ।୬।
ଏ ଭବ-ସାଗର, ହେବାପାଇଁ ପାର,
ସାହା ଏକା ଓମ୍ ନାମ, ରେ ମୂଢ଼ମନ ! ।୭।

## ୨୨. ଯଜ୍ଞ ପ୍ରାର୍ଥନା

ବରଣୀୟ ପ୍ରଭୁ ଶରଣ, ମାଗୁ ଭକତି ଭରେ,
ଲିଭିଯାଉ ଛଳ-କପଟ, ଶୁଦ୍ଧ ମାନସ ବଳେ ।୧।
କଣ୍ଠେ କଣ୍ଠେ ବେଦଗୀତି, ସତ୍ୟ କରୁ ଧାରଣ,
ଝରିଯାଉ ହର୍ଷ ବରଷା, ପୁଲକି ଉଠୁ ପ୍ରାଣ ।୨।
ଅଶ୍ୱମେଧ ଯଜ୍ଞ ହେଉ, ଜଗତ ହିତକାରୀ,
ଧର୍ମେ ଧରିତ୍ରୀ ଭରିଯାଉ, ମର୍ଯ୍ୟାଦା ଉପକାରୀ ।୩।
ଶୁଦ୍ଧ-ପୂତ ଭକ୍ତିଚିତ୍ତେ, ନିତ୍ୟ ପ୍ରତି ଅଗ୍ନିହୋତ୍ରେ,
ଘୁଞ୍ଚିଯାଉ ପାପ-ତାପ, ଶାନ୍ତି ସେବିତ ଜଗତେ ।୪।
ଅନ୍ତରୁ ଅନ୍ତର ହେଉ, ପାପ-କଳୁଷ ଭାବନା,
ଯଜ୍ଞଫଳେ ପୂର୍ଣ୍ଣ ହେଉ, ଆମ ଅନ୍ତର ବାସନା ।୫।
ଧରାବୁକେ ସର୍ବଜୀବେ, ଯଜ୍ଞ ହେଉ ଫଳବତୀ,
ଗନ୍ଧଭରା ବାୟୁ-ଜଳେ, ସୁନ୍ଦର ଏ ବସୁମତୀ ।୬।
ପଲ୍ଲବି ଉଠୁ ପ୍ରେମ-ବଲ୍ଲରୀ, ସ୍ୱାର୍ଥ ବିନାଶ କର,
"ଇଦନ୍ନମମ" ର ମନ୍ତ୍ର ଛନ୍ଦେ, ମଗ୍ନ ହେଉ ଅନ୍ତର ।୭।
ଯଜ୍ଞରୂପେ ପୂଜା କରୁଁ, ପ୍ରେମ ପୁଲକିତ ଚିତ୍ତେ,
କରୁଣାମୟ ! କରୁଣା, ଖେଳିଯାଉ ଏ ଜଗତ ।୮।

## ୨୩. ଓମ୍ ଦିବ୍ୟ ପଥ

ବୋଲ୍ ଓମ୍ ବୋଲ, ଓମ୍ ବୋଲ, ଓମ୍ ବୋଲ ଭାଇରେ,
ଓମ୍ ଜପ ନିତି କଲେ, ଭବୁ ତରି ଯାଇରେ... (ଘୋଷା)



ଓମ୍ ଜପୁଥିଲେ ସତୀ ସୀତା ରାମଚନ୍ଦ୍ର,
ଦ୍ୱାପର ଯୁଗରେ ଯୋଗୀରାଜ କୃଷ୍ଣଚନ୍ଦ୍ର,
କୀରତି କହିଛି ତାଙ୍କ ଓମ୍ ନାମ ଧ୍ୟାୟିରେ... ।୧।
ଓମ୍ ଜପ କରୁଥିଲେ କପିଳ-କଣାଦ,
ଗୌତମ, ଜୈମିନୀ, ପତଞ୍ଜଳି, ପ୍ରହଲ୍ଲାଦ,
ଜୀବନ-ଯୌବନ, ବିତୁ ଓମ୍ ନାମ ଗାଇରେ... ।୨।
ବିଶ୍ୱାମିତ୍ର-ବ୍ୟାସଦେବ-ଦେବ ଦୟାନନ୍ଦ,
ହରଷରେ ଓମ୍ ଜପି ଲଭିଲେ ଆନନ୍ଦ,
ଓମ୍ ଦିବ୍ୟ ପଥ ଦେଲେ ଆମକୁ ଦେଖାଇରେ... ।୩।

## ୨୪. ସୁଧା-ବଚନ

ଭାଇ-ଭଉଣୀ ମୋ ଶୁଣ ଦୟାନନ୍ଦଙ୍କ ଏ ସୁଧାବଚନ,
ଆଗ୍ରହେ କର ପାଳନ ।୧।
କାଠ-ପଷାଣ ମୂରତି, ଜଡ଼ ଦେବାଦେବୀ ଯେତେ ଅଛନ୍ତି
ଅକାରଣେ ପୂଜ ନିତି ।୨।
ପିତା-ମାତା-ଗୁରୁଜନ, ସାକ୍ଷାତେ ଜୀବନ୍ତ ଦେବତା ମଣ
ସେବ ତାଙ୍କରି ଚରଣ ।୩।
ସ୍ୱର୍ଗ-ନରକ କି ଅଛି ? ନିଜ କଲା କାମେ ସବୁ ରହିଛି
ଉପଭୋଗ କରବାଛି ।୪।
ନିତ୍ୟ ପ୍ରାତଃ ସାୟଂକାଳେ, ସନ୍ଧ୍ୟା ଉପାସନା କର ସକଳେ
ତରିଯିବ ଅବହେଳେ ।୫।

ଘରେ ଘରେ ଗ୍ରାମେ ଗ୍ରାମେ,    ପଞ୍ଚ ମହାଯଜ୍ଞ କର ସୁମନେ,
ସୁଖ ଲଭିବ ଜୀବନେ ।୬।
ମାଛ-ମାଂସ-ଅଣ୍ଡା-ମଦ୍ୟ,    ଏସବୁ ହେଉଛି ଆସୁରୀ ଖାଦ୍ୟ,
ଅବିଳମ୍ବେ ତାକୁ ତେଜ ।୭।
ଶୁଦ୍ଧ ଆଗ୍ୱର-ବିଗ୍ୱର,    ପିଣ୍ଡେ ପ୍ରାଣ ଥିବାଯାଏ ଆଚର,
ଭବାର୍ଣ୍ଣବୁ ହେବ ପାର ।୮।
ହିଂସା ଦ୍ୱେଷ ଅହଂକାର,    ପରପ୍ରତି ଯେହୁ କରେ ବେଭାର,
ଆପେ ହୁଏ ନାରଖାର ।୯।
ବେଦ ଈଶ୍ୱରୀୟ ବାଣୀ,    ଶ୍ରଦ୍ଧା-ଭକତିରେ ତାହାକୁ ଶୁଣି,
ପାଳନ କରିବ ପୁଣି ।୧୦।
ଶ୍ରଦ୍ଧାକୃତ ଶ୍ରାଦ୍ଧନାମ,    ମୃତ୍ୟୁ ପରେ ନୁହେଁ ଗଙ୍ଗା ଗମନ,
ବିପ୍ରେ ପୋଷ ଅକାରଣ ।୧୧।
ପର ସୁଖ-ଦୁଃଖ ଦେଖି    ନିଜ ସୁଖ-ଦୁଃଖ ବେଗେ ଦେ ଯୋଖି
ତେବେ ହେବୁ ସିନା ସୁଖୀ ।୧୨।
ଅତିଥି ଜନ ସତ୍କାର    ଆଗ୍ରହରେ କର ହୋଇ ତତ୍ପର
ପୂଜା କରିବ ସଂସାର ।୧୩।
ସୂର୍ଯ୍ୟ-ଧର୍ମୀ ଆମେ ହେବା    ମନ-ମନ୍ଦିରକୁ ଶୁଦ୍ଧ ରଖିବା,
ସଭିଙ୍କ ଶ୍ରଦ୍ଧା ଲଭିବା ।୧୪।
ଆସ ସର୍ବେ ମିଳିମିଶି    ବୈଦିକ ଧର୍ମର ମହିମା ଘୋଷି
ସୁଖେ ପୁହାଇବା ନିଶି ।୧୫



## ୨୫. ସତ୍ୟ ସ୍ୱରୂପ ଭଜ

ମାନସ ! ସତ୍ୟ ସ୍ୱରୂପ ଭଜରେ...ମାନସ...
ନିଶ୍ୱାସେ ବିଶ୍ୱାସ, ନ କରି ବିଶେଷ,
ସଚ୍ଚିଦାନନ୍ଦ ଧ୍ୟାନେ ମଜ୍ଜରେ...ମାନସ ।୧।
ପ୍ରାତଃ ସାୟଂ କାଳେ, ବସି ତୁ ନିରୋଳେ,
ସନ୍ଧ୍ୟୋପାସନା ପଥ ଖୋଜରେ...ମାନସ...।୨।
ଜନକ-ଜନନୀ, ଗୁରୁଜନ-ଗୁଣୀ,
ଭକତି-ଅର୍ଘ୍ୟେ ତାଙ୍କୁ ପୂଜରେ... ।୩।
ଧନ, ଜନ, ପ୍ରାଣ ନୁହେଁ ଚିରଦିନ,
ଜୀବନେ କର ଯଶ କାର୍ଯ୍ୟରେ... ।୪।
ଦୟା, ଦାନ, ସତ୍ୟ ଆର୍ଯ୍ୟର ମହତ୍ୱ,
ହିଂସା, କପଟ, ଲୋଭ ତେଜରେ... ।୫
ସାତ୍ୱିକ ଭୋଜନେ, ପବିତ୍ର କରମେ,
ହୃଦ-ମନ୍ଦିର ବେଗେ ସାଜରେ... ।୬।
ଅତିଥି ପୂଜନେ, ମଧୁର ବଚନେ,
କେବେ ନ କର ତୁହି ଲାଜରେ... ।୭।
ଯା ଦେଖୁ ନୟନେ, ଗ୍ଳିଯିବ ଦିନେ,
ଧରମ-ଧନ ସଦା ଅର୍ଜରେ... ।୮।
ନର ଜନ୍ମ ଏକା, ମୋକ୍ଷ ମାର୍ଗେ ଲେଖା,
ଉଦ୍ଧାର ହେବାପାଇଁ ହେଜରେ... ।୯

## ୨୬. କି ଥିଲା ଏ ରାଜ୍ୟ କି ହୋଇଅଛି ଆଜ

ମୋ ଦେଶ ଭାଇ-ଭଉଣୀ ଜାଗି ଉଠ ସକଳେ,
ବିକଳେ ଜନମ ଭୂମି ନୟନୁ ନୀର ଢ଼ାଳେ ।୧।
ବିଦେଶୀ ଶାସନ ଦେଲା ଆମ ଧର୍ମ ବୁଡ଼ାଇ,
ଯା' ଥିଲା ଗୁଣ-ଗାରିମା ସବୁ ଦେଲା ଉଡ଼ାଇ ।୨।
ଆର୍ଯ୍ୟାବର୍ତ୍ତ ଦେଶ ପୁଣି ଦିନେ ହେଲା ଭାରତ,
ହିନ୍ଦୁସ୍ଥାନ ହୋଇ ହେଲା ଇଣ୍ଡିଆ ନାମେ ଖ୍ୟାତ ।୩।
ଥିଲୁ ଆର୍ଯ୍ୟ ହେଲୁ ହିନ୍ଦୁ ହିନ୍ଦୁରୁ ପୁଣି କଳା,
କୁଲିର କାଳିମା ଦାଗ ଆମ ଦେହେ ଲାଗିଲା ।୪।
ଧୋତି-ଉତ୍ତରୀୟ-ଜାମା ଶୋଭୁଥିଲା ଶରୀରେ,
ପେଣ୍ଟ୍-କୋଟ୍-ପତଲୁନ ବାଛିନେଲୁ ଆଦରେ ।୫।
ନମସ୍ତେରୁ ନମସ୍କାର ଜୟଗୁରୁ ସୀତାରାମ,
ଏବେ ହେଲା ଗୁଡ୍‌ମର୍ଣ୍ଣିଂ ଗୁଡ୍‌ଡ଼େ ସଲାମାଲିକମ୍ ।୬।
ଶିଖା-ସୂତ୍ର ଚିହ୍ନିଥିଲା ଭଦ୍ରଜନ ଲକ୍ଷଣ,
ଗଞ୍ଜା-ମଦ-ସିଗାରେଟ ଆଜି ହେଲା ଧରମ ।୭।
ଯାଗ-ଯଜ୍ଞ କରୁଥିଲେ ଆମ ପୂର୍ବ ପୁରୁଷ,
ଚିତ୍ରାଳୟେ ନଗ୍ନ ଚିତ୍ର ଦେଖି ହେଲୁ ହରଷ ।୮।
ଘରେ ଘରେ ବେଦମନ୍ତ୍ର ହେଉଥିଲା ପଠନ
କ୍ୟାସେଟ୍‌ର ଗନ୍ଧାଗୀତ ମନ କରେ ହରଣ ।୯।
ସକଳେ ସଞ୍ଜ-ସକାଳେ ସମବେତ ହୋଇଣ,
ଭକତିରେ ଈଶ୍ୱରଙ୍କୁ କରୁଥିଲେ ଜଣାଣ ।୧୦।
ଈଶ୍ୱର ଭକତି ଆଜି ହେଲା ସାତ ସପନ,



ଭୌତିକ ପଦାର୍ଥ କଲା ଜନ-ମନ-ରଞ୍ଜନ ।୧୧।
ଶୁଦ୍ଧ ସାତ୍ତ୍ୱିକ ଭୋଜନ କରୁଥିଲେ ଆଦରେ,
ମାଛ-ମାଂସ-ଅଣ୍ଡାଖାଇ ହାତ ଦେଲେ ନିଶରେ ।୧୨।
ଘିଅ-ଦୁଧ-ଦହି ଖାଇ ଲଭୁଥିଲେ ସନ୍ତୋଷ,
ଭିଟାମିନ ଖାଦ୍ୟ ହେଲା ଏବେ ମଦ-ମାଉଁସ ।୧୩।
ଥିଲା ପୂର୍ବ ପୁରୁଷଙ୍କ ପାପ-ପୁଣ୍ୟ ବିଗ୍ଚାର,
ପାପ-ପଙ୍କରେ ପଙ୍କିଳ ସଭିଙ୍କର ଅନ୍ତର ।୧୪।
ଏହିପାଲା ଯେତେ ଦିନ ଚ୍ଚଲିଥିବ ଦେଶରେ,
ରହି ନ ପାରିବେ କେହି ତିଳେ ସୁଖ-ଶାନ୍ତିରେ ।୧୫।
ବିଗ୍ଚରି ଦେଖ ଏସବୁ ଥରେ ସୁସ୍ଥ ଚିତ୍ତରେ,
ଯହିଁରେ ମିଳିବ ସୁଖ ବରି ନିଅ ଆଦରେ ।୧୬।

## ୨୭. ମୋର୍ ଜନନୀ ଜନମ ଭୂମି ଭାରତ-ବର୍ଷରେ

ମୋର ହୃଦୟରେ ପରା ବାସ ତୁମର,
ନିତି ଖୋଜିବୁଲେ କେତେ ମଠ-ମନ୍ଦିର । ପଦ ।
ପାଏ ନାହିଁ ତୁମ ଦରଶନ,
ତେଣୁ ହାଇଁପାଇଁ ହୁଏ ମନ,
କିପରି ଥରଟେ ପାଇବି ତୁମକୁ,
ଆତୁର ହେଉଛି ମୋ ପରାଣ,
ଦୟାମୟ ! ଦୟାବାରେ କିମ୍ପା ନ କର ? ।୧।
ଏ ବିଶ୍ୱବ୍ରହ୍ମାଣ୍ଡେ ତୋ ମନ୍ଦିର,

ଅନନ୍ତ ଆକାଶ ଛାତ ତାର,
ପଥର ମନ୍ଦିରେ ରହିବ କିପରି
କରି ପାରୁନାହିଁ ମୁଁ ବିଗ୍ଚର,
ଦିବ୍ୟ ବୁଦ୍ଧି ଦିଅ ବିଭୁ ବାରେ ଏଥର ।୨।
ଶଶୀ-ଦିବାକର ଦିନ-ରାତି,
ଉତାରି ଦିଅନ୍ତି ଯା ଆଳତି,
ସୁଶୀତଳ ବାୟୁ ମନ୍ଦେ ମନ୍ଦେ ବହି,
ବିଞ୍ଚୁଦେଇ ରଖିଅଛି ଖ୍ୟାତି,
ତାଙ୍କ ଗୁଣଗାନେ ପଶୁ-ପକ୍ଷୀ ମୁଖର ।୩।
ମୂରତିରେ ଅଛି ତୁମ ସତ୍ତା,
ତଥାପି ନୋହିବ ସେ ଦେବତା,
ଦିଅଁ ବୋଲି ତାକୁ ଯେବେ ମାନିନେବି
ମିଛ ହୋଇଯିବ ବେଦ କଥା,
ପ୍ରଭୁ ବୋଲାଇବେ ଗୋଡ଼ି-ମାଟି-ପତର ।୪।
ସବୁଠି ରହିଛ ଯେଣୁ ତୁମେ,
କାଠ-ପଥରକୁ ପୂଜୁ ଆମେ,
ତହିଁରେ ସେପରି ଦୋଷ ନାହିଁ ବୋଲି,
ଗରବରେ କହିଥାନ୍ତି ଜନେ,
ତେବେ କୁଟାକାଠି ପୂଜୁ ଏବେ ସଂସାର ।୫।
ପୂଜାସିନା ସେବା ସତକାର,
ଗୁଣ ଗ୍ରହଣରେ ଉପକାର,
ତାକୁ ତେଜି ଆଜି ମରୀଚିକା ପଛେ,
କେବଳ ଗୋଡ଼ାଉଅଛି ନର,
ସଦବୁଦ୍ଧି ଦିଅ ତାଙ୍କୁ ଦୟାବତାର ।୬।



## ୨୮. ଯଜ୍ଞ ପ୍ରାର୍ଥନା

ଯଜ୍ଞ ସର୍ବୋତ୍ତମ କର୍ମ    କରେ ବିଶ୍ୱର କଲ୍ୟାଣ,
ଶୀଘ୍ର ପ୍ରସନ୍ନ ହୁଅନ୍ତି    ଯଜ୍ଞଦ୍ୱାରା ଭଗବାନ ।୧।
ଯଜ୍ଞକରେ ମେଘସୃଷ୍ଟି    ସେ ମେଘ କରଇ ବୃଷ୍ଟି,
ଶସ୍ୟ ଶ୍ୟାମଳା ଧରିତ୍ରୀ    ହରିନିଏ ଜନମନ ।୨।
ଭଗବାନଙ୍କ ଏ ଯଜ୍ଞ    ଯଜ୍ଞମାନେ ଭଗବାନ,
ନିତି ଯଜ୍ଞ କରୁଥିଲେ    ରାମ-କୃଷ୍ଣ-ଅରଜୁନ ।୩।
ଯଜ୍ଞକୁଣ୍ଡେ ଯା ଅର୍ପିବ    ପାଆନ୍ତି ତା ଅଗ୍ନିଦେବ,
ଏକଗୁଣ ବିନିମୟେ    ଦିଅନ୍ତି ସହସ୍ର ଗୁଣ ।୪।
ନିତି ଗୃହେ ଯଜ୍ଞକର    ଲଭିବ ସୁଖ ଅପାର,
ଯେଉଁ ଗୃହେ ଯଜ୍ଞ ନୋହେ    ସେ ଘର ହୁଏ ଶ୍ମଶାନ ।୫।
ସ୍ୱର୍ଣ୍ଣ ରତ୍ନ ଧନ-ଧାନ୍ୟ    ଗୃହେ ହୋଇଥାଉ ପୂର୍ଣ୍ଣ,
ଯଜ୍ଞ ବିନା ସେ ସକଳ    ଧନରେ ନୋହେ ଗଣନ ।୬।
ଘରେ-ଘରେ ପୁରେ-ପୁରେ    ଯଜ୍ଞକର ନାରୀ-ନରେ,
ଶାଶ୍ୱତ ସୁଖକୁ ଲଭି    ଧନ୍ୟକର ନର ଜନ୍ମ ।୭।
ଯଜ୍ଞକଲେ ପ୍ରତିଦିନ    ହରଷରେ ଭଗବାନ,
ଦେଇ ଥାନ୍ତି ସୁତ-ସୁତା    ଆବର ଐଶ୍ୱର୍ଯ୍ୟମାନ ।୮।
ତେଣୁ ସାଧୁ-ସୁଧୀଜନ    ଯଜ୍ଞେ ଅର୍ପିଦିଅ ମନ,

ଦେଇଛନ୍ତି ମୁନି-ଋଷି ଯଜ୍ଞକୁ ସର୍ବୋଚ୍ଚ ସ୍ଥାନ ।୯।
ଶୁଦ୍ଧ-ପୂତ କରିମନ କର ଯଜ୍ଞେ ଯୋଗଦାନ,
ଘୃତର ଆହୁତି ଦେଇ ପୁଣ୍ୟ କର ଅରଜନ ।୧୦।
ପ୍ରତିଦିନ ଯେଉଁ ଜନ ଶ୍ରଦ୍ଧାରେ କରେ ହବନ,
ସାରଥକ ହୁଏ ତାର ଇହଜନ୍ମ-ପରଜନ୍ମ ।୧୧।
ଯଜ୍ଞକୁ ଦେଇ ପ୍ରାଧାନ୍ୟ ଆଚ୍ଚରେ ଯେ ପ୍ରତିଦିନ,
ଦୂର ହୁଏ ଦୁଃଖ କ୍ଳେଶ ହରଷେ ବିତେ ତା ଦିନ ।୧୨।
ଘୃତର ସୁଗନ୍ଧିପାଇ ଦେବତା ଆସନ୍ତି ଧାଇଁ,
ଆପଦ-ବିପଦ ଦୁଃଖ ଦୂର କରନ୍ତି ବହନ ।୧୩।
ଯଜ୍ଞକରି ସମାପନ କରେ ଯେ ଅନ୍ନଗ୍ରହଣ,
ଦୀର୍ଘ ଆୟୁ ଲଭେ ସେହୁ ହୁଏ ପ୍ରଶଂସା ଭାଜନ ।୧୪।
ଶ୍ରଦ୍ଧାରେ ଯେ କରେ ଯଜ୍ଞ ହରଷରେ ଦେବଗଣ,
ଆଧି-ବ୍ୟାଧି ଦୁଃଖ-କ୍ଳେଶ ସବୁ କରନ୍ତି ଖଣ୍ଡନ ।୧୫।
ଯଜ୍ଞକଲେ ପ୍ରତିଦିନ ଦେବ ଲୋକେ ମିଳେସ୍ଥାନ,
ଚିରନ୍ତନ ସୁଖ ଲଭି ହୁଏ ସେ ଦେବେ ଗଣନ,
ଯଜ୍ଞ କରି ଘରେ ଘରେ ଗମିବା ଧର୍ମପଥରେ
କଳି ଯୁଗକୁ ହଟାଇ କରିବା ଯୁଗ ନିର୍ମାଣ ।୧୬।

## ୨୯. ସତ୍ୟଂ ଶିବଂ ସୁନ୍ଦରମ୍

ସତ୍ୟଂ ଶିବଂ ସୁନ୍ଦରଂ ଅଜ ନିତ୍ୟ ଅମର
ସର୍ବ-ଗୁଣ ଆକର ଧନ୍ୟ ସେଯେ ଈଶ୍ୱର ।୧।



ମାତା ଭ୍ରାତା ପିଅର ବନ୍ଧୁ ସଖା ଆମର,
ସୁଖ ଦିଏ ଅପାର ଭବୁ କରେ ଉଦ୍ଧାର ।୨।
ପାଦ-ପାଣି-ଉଦର ଚକ୍ଷୁ-କର୍ଣ୍ଣ-ଶରୀର,
କିଛି ନାହିଁ ତାହାର ଗଢ଼େ ଭାଙ୍ଗେ ସଂସାର ।୩।
ସବୁ ତାଙ୍କ ରଚନା କେହି ନାହିଁ ତାବିନା,
କର ତାରେ ପ୍ରାର୍ଥନା ହରେ ଭକ୍ତ ବେଦନା ।୪।
ହର୍ତ୍ତା କର୍ତ୍ତା ବିଧାତା ସୁଖ-ଶାନ୍ତି ପ୍ରଦାତା,
ଭବ-ଭୟ ନିହନ୍ତା ବିଶ୍ୱ ସୃଷ୍ଟି କରତା ।୫।
ଅଶ-ରଣ ଶରଣ ଜୀବ-ରସେ ଜୀବନ,
ଇଚ୍ଛା କରେ ପୂରଣ ଦୁଃଖୁ କରେ ତାରଣ ।୬।
ଆଶ୍ରା କର ତାହାରେ ମନ ଦେନା ଆନରେ,
ଅଛି ସେତୋ ଅନ୍ତରେ ଭୟ କାହିଁ ପାଇଁରେ ? ।୭।

### ସଂସ୍କୃତ ବିଭାଗଃ

## ୧. ପ୍ରାର୍ଥନା

ଅଙ୍ଗଂ ମେ ନିସ୍ସ୍ୱଯ୍ ଶମ୍ଭୋ !, କଥଂ ତେ ପୂଜନଂ କାର୍ଯ୍ୟମ୍ ।
ନ ସତ୍ତ୍ୱଂ ତତ୍ କିମପ୍ୟଚ୍ଛଂ, ଯଦଗ୍ରେ ଶ୍ରୀମତଃ କାର୍ଯ୍ୟମ୍ ।୧।
ଭବାନେବାସ୍ତି ଚିନ୍ମୂର୍ତ୍ତୌ, ଭବାନେବାସ୍ତି ପୁଷ୍ପେଷୁ ।
କଥଙ୍କାରଂ ପୁନଃ ଶମ୍ଭୋ !, ସୁମୈସ୍ତେ ପୂଜନଂ କାର୍ଯ୍ୟମ୍ ।୨।
ସମସ୍ତାନ୍ତର୍ଗତଂ ମତ୍ୱା ବିଭୋ ! ତ୍ୱାମୀଶ୍ୱରଂ ଦେବମ୍ ।
ବଳାଦାବହନଂ କସ୍ମିନ୍, କୁତସ୍ତେ ସତ୍ୱରଂ କାର୍ଯ୍ୟମ୍ ।୩।

ତିରସ୍କାରୋ ମହାନେଷଃ, ପ୍ରଭୋ ! ଯଦା ଭୋଜନାଧାନମ୍ ।
ସମସ୍ତାର୍ଥ ପ୍ରଦାସ୍ୟାଗ୍ରେ, କଥଂ ତତ୍ କଳ୍ପନଂ କାର୍ଯ୍ୟମ୍ ।୪।
ତ୍ୱୟ୍ୟାଦତ୍ତ ପ୍ରକାଶେନ, ପ୍ରକାଶନ୍ତେ ଗ୍ରହାଃ ସର୍ବେ ।
ଯଥାବତ୍ ପୁଷ୍କରେ ତସ୍ମାତ୍ କଥଂ ତେ ଦୀପନଂ କାର୍ଯ୍ୟମ୍ ।୫।
ନ ବାହୂ ନୋଦରଂ ନୋରୂ, ନ ବକ୍ଷୋ ନୋପଦଂ ନାସ୍ୟମ୍ ।
କଥଂ ନିର୍ଲେପନେ ଦେବେ, ମୟେଦଂ ଲେପନଂ କାର୍ଯ୍ୟମ୍ ।୬।

## ୭. ଦୀନବନ୍ଧ୍ୱଷ୍ଟକମ୍

ଧ୍ୟେୟଂ ବଦନ୍ତି ଶିବମେବ ହି କେଚିଦନ୍ୟେ,
ଶକ୍ତିଂ ଗଣେଶମପରେ ତୁ ଦିବାକରଂ ବୈ ।
ରୂପୈ ସ୍ତୁତୈରପି ବିଭାସି ଯତସ୍ତ୍ୱମେବ,
ତସ୍ମାତ୍ତ୍ୱମେବ ଶରଣଂ ମମ ଦୀନବନ୍ଧୋ ! ।୧।
ନ ସୋଦରୋ ନ ଜନକୋ ଜନନୀ ନ ଜାୟା,
ନୈବାତ୍ମଜୋ ନ ଚ କୁଳଂ ବିପୁଳଂ ବଳଂ ବା ।
ସଂଦୃଶ୍ୟତେ ନ କିଳ କୋଽପି ସହାୟକୋ ମେ,
ତସ୍ମାତ୍ତ୍ୱମେବ ଶରଣଂ ମମ ଦୀନବନ୍ଧୋ ! ।୨।
ନୋପାସିତା ମଦମପାସ୍ୟ ମୟାମହାନ୍ତ-
ସ୍ତୀର୍ଥାନି ଗୃସ୍ତିକଧିୟା ନହି ସେବିତାନି ।
ଦେବାର୍ଚ୍ଚନଂ ଚ ବିଧିବନ୍ନ କୃତଂ କଦାପି,
ତସ୍ମାତ୍ତ୍ୱମେବ ଶରଣଂ ମମ ଦୀନବନ୍ଧୋ ! ।୩।
ଦୁର୍ବାସନା ମମ ସଦା ପରିକର୍ଷୟନ୍ତି,



ଚିତ୍ତଂ ଶରୀରମପି ରୋଗଗଣା ଦହନ୍ତି ।
ସଞ୍ଜୀବନଂ ଚ ପରହସ୍ତଗତଂ ସଦୈବ,
ତସ୍ମାତ୍ତ୍ୱମେବ ଶରଣଂ ମମ ଦୀନବନ୍ଧୋ ! ।୪।
ପୂର୍ବଂ କୃତାନି ଦୁରିତାନି ମୟା ତୁ ଯାନି,
ସ୍ମୃତ୍ୱାଖିଳାନି ହୃଦୟଂ ପରିକମ୍ପତେ ମେ ।
ଖ୍ୟାତା ଚ ତେ ପତିତପାବନତା ତୁ ଯସ୍ମାତ୍
ତସ୍ମାତ୍ତ୍ୱମେବ ଶରଣଂ ମମ ଦୀନବନ୍ଧୋ ! ।୫।
ଦୁଃଖଂ ଜରା ଜନନଜଂ ବିବିଧାଶ୍ଚ ରୋଗାଃ,
କାକ ଶ୍ୱସୂକରଜନିର୍ନିରୟେ ଚ ପାତଃ ।
ତେ ବିସ୍ମୃତେଃ ଫଳମିଦଂ ବିତତଂ ହି ଲୋକେ,
ତସ୍ମାତ୍ତ୍ୱମେବ ଶରଣଂ ମମ ଦୀନବନ୍ଧୋ ! ।୬।
ନୀଚୋଽପି ପାପବଳିତୋଽପି ବିନିନ୍ଦିତୋଽପି,
ବ୍ରୂୟାତ୍ତବାହମିତି ଯସ୍ତୁ କିଲୈକ ବାରମ୍ ।
ତଂ ଯଚ୍ଛସୀଶ ନିଜଲୋକମିତି ବ୍ରତଂ ତେ,
ତସ୍ମାତ୍ତ୍ୱମେବ ଶରଣଂ ମମ ଦୀନବନ୍ଧୋ ! ।୭।
ବେଦେଷୁ ଧର୍ମବଚନେଷୁ ତଥାଗମେଷୁ,
ରାମାୟଣେଽପିଚ ପୁରାଣ କଦମ୍ବକେ ବା ।
ସର୍ବତ୍ର ସର୍ବବିଧିନା ଗଦିତସ୍ତ୍ୱମେବ,
ତସ୍ମାତ୍ତ୍ୱମେବ ଶରଣଂ ମମ ଦୀନବନ୍ଧୋ ! ।୮।

## ୩. ଈଶସ୍ତୁତିଃ

ନମସ୍ତେ ସତେତେ ଜଗତ୍କାରଣାୟ,
ନମସ୍ତେ ଚିତ୍ତେ ସର୍ବଲୋକାଶ୍ରୟାୟ ।
ନମୋଽଦ୍ୱୈତତତ୍ତ୍ୱାୟ ମୁକ୍ତିପ୍ରଦାୟ,
ନମୋ ବ୍ରହ୍ମଣେ ବ୍ୟାପିନେ ଶାଶ୍ୱତାୟ ।୧।
ତ୍ୱମେକଂ ଶରଣ୍ୟଂ ତ୍ୱମେକଂ ବରେଣ୍ୟଂ,
ତ୍ୱମେକଂ ଜଗତ୍ପାଳକଂ ସ୍ୱ ପ୍ରକାଶମ୍ ।
ତ୍ୱମେକଂ ଜଗତ୍କର୍ତ୍ତୃପାତ୍ତୃପ୍ରହର୍ତ୍ତୃ,
ତ୍ୱମେକଂ ପରଂ ନିଶ୍ଚଳଂ ନିର୍ବିକଳ୍ପମ୍ ।୨।
ଭୟାନାଂ ଭୟଂ ଭୀଷଣଂ ଭୀଷଣାନାମ୍,
ଗତିଃ ପ୍ରାଣୀନାଂ ପାବନଂ ପାବନାନାମ୍ ।
ମହୋଚ୍ଚୈଃ ପଦାନାଂ ନିୟନ୍ତୃ ତ୍ୱମେକଂ,
ପରେଷାଂ ପରଂ ରକ୍ଷଣଂ ରକ୍ଷଣାନାମ୍ ।୩।
ବୟଂ ତ୍ୱାଂ ସ୍ମରାମୋ ବୟଂ ତ୍ୱା ଭଜାମୋ,
ବୟଂ ତ୍ୱାଂ ଜଗତ୍ସାକ୍ଷୀରୂପମ୍ ନମାମଃ ।
ସଦେକଂ ନିଧାନଂ ନିରାଲମ୍ବମୀଶଂ,
ଭବାମ୍ଭୋଧିପୋତଂ ଶରଣ୍ୟଂ ବ୍ରଜାମଃ ।୪।
ବିଦୁର୍ଯନ୍ନ ଚିତ୍ତେନ୍ଦ୍ରିୟାଣୀନ୍ଦ୍ରି ୟେଶଂ,
ବିଜାନାତି ଯସ୍ତାନି ନିତ୍ୟଂ ନିୟନ୍ତା ।
ଜଗତ୍ସାକ୍ଷିଣଂ ବ୍ୟାପକଂ ବିଶ୍ୱବନ୍ଦ୍ୟଂ,
ଚିଦାନନ୍ଦରୂପଂ ତମୀଶଂ ପ୍ରପତ୍ୟେ ।୫।
ଅଣୋରପ୍ୟଣୀୟାନ୍ ମହଦ୍ଭ୍ୟୋ ମହୀୟାନ୍



ରବୀନ୍ଦୁ ଗ୍ରହୈର୍ଯୋ ଭୂଗୋଳାଦି କର୍ତ୍ତା ।
ଯ ଈଶୋ ହି ସୃଷ୍ଟ୍ୟାଦିମଧ୍ୟାନ୍ତ ସଂସ୍ଥ-
ଶ୍ଚିଦାନନ୍ଦରୂପଂ ତମୀଶଂ ପ୍ରପଦ୍ୟେ ।୬।
ଯତୋ ଜାୟତେ ବିଶ୍ୱମେତତ୍ ସମସ୍ତଂ,
ସ୍ଥିତିଂ ଯତ୍ର ଯସ୍ମିନ୍ ଲୟଂ ଯାତି କାଳେ ।
ଅନାଦିଂ ବିଭୁଂ ଗ୍ୱଦିମଧ୍ୟାନ୍ତଶୂନ୍ୟଂ,
ଚିଦାନନ୍ଦରୂପଂ ତମୀଶଂ ପ୍ରପଦ୍ୟେ ।୭।
ବଶେ ଯସ୍ୟ ବିଶ୍ୱଂ ସମସ୍ତଂ ସଦାଽଽସ୍ତେ,
ଯଦାଭାସତୋ ଭାତି ଯଦ୍ୱୈ ବିଚିତ୍ରମ୍ ।
ବିଜାନନ୍ତି ଯଂ ତତ୍ତ୍ୱତୋ ଯୋଗିନୋଽପି,
ଚିଦାନନ୍ଦରୂପଂ ତମୀଶଂ ପ୍ରପଦ୍ୟେ ।୮।

## ୪. ଭଗବଦ୍ଗୀତିଃ

ଭଗବନ୍ ! ତ୍ୱଦୀୟଭକ୍ତିଂ ସ୍ୱାନ୍ତେ ସଦା ଭରେୟମ୍ ।
ବେଦୋକ୍ତ ଧର୍ମ କାର୍ଯ୍ୟଂ ନକ୍ତଂ ଦିନଂ ବିଧେୟମ୍ ।୧।
ସଙ୍ଗଃ ସଦା ସୁଧୀନାଂ ସରଣୀ ଚ ସଜ୍ଜନାନାମ୍
ସଦ୍ ଭାବନାଶ୍ରିତୋଽହଂ ପାପାତ୍ସଦା ବିଭେୟମ୍ ।୨।
ରୋଗାଃ ଦହନ୍ତି ଦେହଂ ପ୍ରବଳାଃ ଶରୀର ମଧ୍ୟେ,
ବ୍ରହ୍ମଚର୍ଯ୍ୟମୌଷଧଂ ଚ ପେୟଂ ସଦା ବରେଣ୍ୟମ୍ ।୩।
ବାଲୈରମୂଲ୍ୟ ବେଳା, ଖେଳାସୁ ନାପନେୟା,
ଜ୍ଞାନଂ ମତୌ ଧରେୟଂ, ଧର୍ମଂ ସଦାଚରେୟମ୍ ।୪।

## ୫. ଦେବଯଜ୍ଞ ପ୍ରାର୍ଥନା

ଯଜ୍ଞରୂପ ପ୍ରଭୋ ! ସମେଷାଂ ଭାବନାମୁଜ୍ଜ୍ୱଲ୍ୟତାମ୍,
ସ୍ୟାମ ଛଲତାଦିବିହୀନା ମାନସୌଜଷ୍ଟନ୍ୟତାମ୍ ।୧।
ବେଦମନ୍ତ୍ରାନ୍ ଘୋଷୟେମ ଧାରୟେମ ସତ୍ୟତାମ୍,
ହର୍ଷ ବର୍ଷାଭିଃ ପ୍ରସନ୍ନାଃ ସଂହରେମ ବିଷାଦତାମ୍ ।୨।
ଅଶ୍ୱମେଧାଦି କ୍ରତୁଭିରୁପକୃତୋ ଲୋକୋ ଭବେତ୍,
ଧର୍ମମର୍ଯ୍ୟାଦା ବିତାନେ ସୌଖ୍ୟତୋ ବିଶ୍ୱଂ ଭରେତ୍ ।୩।
ସେବିତଂ ଶ୍ରଦ୍ଧା ପବିତ୍ରଂ ଭକ୍ତିତୋ ଯଜ୍ଞାଦିକମ୍,
ବ୍ୟଥିତ ସଂସାରସ୍ୟ କ୍ଷିପ୍ରଂ ସଂହରେମ କ୍ଳେଶକମ୍ ।୪।
କାମନାନାଂ ପାପଜାନାଂ ସର୍ବଥା ଲୋପଂ କୁରୁ,
ଭାବନାଃ ସଫଳା ଭବେୟୁର୍ଯଜ୍ଞତୋ ନୃଣାଂ ନନୁ ।୫।
ଲାଭକାରୀ ଦେବଯଜ୍ଞଃ ସର୍ବଜୀବାନାଂ କୃତେ,
ଜଳ-ସମୀରୌ ସୁରଭିଯୁକ୍ତୌ ସର୍ବ ରୋଗାନାଂ ହୃତେ ।୬।
ସ୍ୱାର୍ଥଭାବା ଲୋପିତାଃ ସ୍ୟୁର୍ବିସ୍ତୃତାଃ ପ୍ରୀତିଲତା,
ଇଦନ୍ନମମ ଭାବେନାନେନ ମାନବାଃ ସ୍ୟୁର୍ମଣ୍ଡିତାଃ ।୭।
ପ୍ରେମ-ଗଙ୍ଗାୟାଂ ନିଷଣ୍ଣା ବନ୍ଦନାଂ କୁର୍ମୋ ବୟମ୍,
ନାଥ କରୁଣାକନ୍ଦ କରୁଣାଂ ପାଳୟ ଜଗଦୀଶ ତ୍ୱମ୍ ।୮।

## ୬. ଦେଶଭକ୍ତି ସୈନ୍ୟଗୀତମ୍

ସାଦରଂ ସମୀୟତାମ୍, ବନ୍ଦନା ବିଧୀୟତାମ୍,
ଶ୍ରଦ୍ଧୟା ସ୍ୱମାତୃ-ଭୂ, ସମର୍ଚ୍ଚନାବିଧୀୟତାମ୍ ।୧।



ଆପଦୋ ଭବନ୍ତୁ ବା, ବିଦ୍ୟୁତୋଲସନ୍ତୁ ବା,
ଆୟୁଧାନି ଭୂରିଶୋ, ମସ୍ତକେ ପତନ୍ତୁ ବା,
ଧୀରତା ନ ହୀୟତାମ୍, ବୀରତା ବିଧୀୟତାମ୍,
ନିର୍ଭୟେନ ଚେତସା, ପଦଂପୁରୋ ନିଧୀୟତାମ୍ ।୨।
ପ୍ରାଣଦାୟିନୀ ଇୟମ୍, ତ୍ରାଣଦାୟିନୀ ଇୟମ୍,
ଶକ୍ତି-ଭକ୍ତି-ମୁକ୍ତିଦା, ସୁଧାଽନପାୟିନୀ ଇୟମ୍,
ଏତଦୀୟ ବନ୍ଦନେ, ସେବତେଽଭିନନ୍ଦନେ,
ସାଭିମାନମାତ୍ମନୋ, ଜୀବନଂ ପ୍ରଦୀୟତାମ୍ ।୩।

## ୭. ହେ ବିଭୋ ! ଆନନ୍ଦସିନ୍ଧୋ !

ହେ ବିଭୋ ! ଆନନ୍ଦସିନ୍ଧୋ ! ମେ ଚ ମେଧା ଦୀୟତାମ୍ ।
ୟଚ୍ଚ ଦୁରିତଂ ଦୀନବନ୍ଧୋ ! ତଚ୍ଚ ଦୂରଂ ନୀୟତାମ୍ ।୧।
ଚଞ୍ଚଳାନି ଚେନ୍ଦ୍ରିୟାଣି, ମାନସଂ ମେ ପୂୟତାମ୍ ।
ଶରଣଂ ଯାଚେ ତାବକୋଽହଂ, ସେବକଃ ଅନୁଗୃହ୍ୟତାମ୍ ।୨।
ତ୍ୱୟି ଚ ବୀର୍ଯ୍ୟଂ ବିଦ୍ୟତେ ୟତ୍, ତଚ୍ଚ ମୟି ନିଧୀୟତାମ୍ ।
ୟାଚ ଦୁର୍ଗୁଣ ଦୀନତାମୟି, ସା ତୁ ଶୀଘ୍ରଂ କ୍ଷୀୟତାମ୍ ।୩।
ଶୌର୍ଯ୍ୟଂ ଧୈର୍ଯ୍ୟଂ ତୈଜସଂ ଚ ଭାରତେ ଚେକ୍ରୀୟତାମ୍ ।
ହେ ଦୟାମୟ ! ଅୟି ଅନାଦେ ! ପ୍ରାର୍ଥନା ମମ ଶ୍ରୂୟତାମ୍ ।୪।

## ହିନ୍ଦୀ ବିଭାଗ

### ୧. ଆର୍ଯ୍ୟୋଁ କୀ ସନ୍ତାନ୍

ଆର୍ଯ୍ୟୋଁ କୀ ସନ୍ତାନ୍ ଡର୍‌ନା କ୍ୟା ଜାନେଁ
ଜୀଓ୍ୱ ଆତ୍ମା ଅମର୍ ୟେ ମରନା କ୍ୟା ଜାନେଁ... ।
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି" ପଢ଼୍‌ଲୋ ଗୀତାକୀ ବାଣୀ,
କୃଷ୍ଣକୀ ସାଫ୍ ଜଓ୍ୱାନୀ ଫିର୍ ମୋହ ଶୋକ ନାଦାନୀ...କରନା କ୍ୟା ଜାନେଁ ।୧।
ପର୍‌ନାରୀ ମାତ୍ ସମାନା, ଔର୍ ପର୍‌ଧନ୍ ମିଟ୍ଟୀଜାନା,
ଇସ୍ ସିଦ୍ଧାନ୍ତ କୋ ଜାନା ତୋ, ଫିର୍ ମାଲ୍ ପୂରାନା...ହର୍‌ନା କ୍ୟା ଜାନେଁ ।୨।
ଜୀଓ୍ୱନ୍ ପଥ୍‌ମେଁ ବାଧାୟେଁ, ଗ୍ରହେଁ କିତନି ଭୀ ଆଜାୟେଁ,
ପର୍ କିଞ୍ଚିତ୍ ନ ଘଓ୍ୱରାୟେଁ, କଭୀ ବୀର ବହାଦୁର ଆହେଁ...ଭରନା କ୍ୟା... ।୩।
ଜିହ୍ନୋଁନେ ହମ୍‌ସେ ବାତ୍ ବିଗାଡ଼ୀ, ହମ୍ ଆଗୟେ ତଭୀ ଆଗାଡ଼ୀ,
ବନେ ଅରିକେଲିୟେ କୁଲ୍‌ହାଡ଼ୀ, "ତାରାଚନ୍ଦ୍" କଦମ୍ ପିଛାଡ଼ୀ...ଧରନା କ୍ୟା ଜାନେଁ ।୪।

### ୨. ଇନ୍‌ସାନ୍ ନହୀଁ ଇନ୍‌ସାନ୍...

ଇନ୍‌ସାନ୍ ନହୀଁ ଇନ୍‌ସାନ୍ ରହା,
ବନ୍‌ଗୟା ହୈ ପଶୁ ସମାନ୍, ମେରେ ଭଗଓ୍ୱାନ୍,
ମାନବ୍ ମାନବତା ଖୋ ବୈଠା,
ନ ରହୀ ଅପ୍‌ନୀ ପହଚାନ୍...ମେରେ ଭଗଓ୍ୱାନ୍ ।୧।
ନିତ୍ୟକର୍ମ କା ଧ୍ୟାନ୍ ନହୀଁ, ବଡ଼ୋଁକା ଆଦର୍ ମାନ୍ ନହୀଁ,
ରାମ୍ ଭରତ୍ ଔର୍ ଶ୍ରବଣ୍ ଜୈସା, ଦୀଖେ ଅବ୍ ସନ୍ତାନ୍ ନହୀଁ,
ଅବ୍ ମାତା-ପିତା ଔର୍ ଗୁରୁଜନୋଁକା ହୋତା ହୈ ଅପମାନ୍ ।୨।



ବେଦୋଁ କା କୁଛ୍ ଜ୍ଞାନ୍ ନହୀଁ, କହ୍‌ତେ ହେଁ ଭଗଓ୍ୱାନ୍ ନହୀଁ,
ସନ୍ଧ୍ୟା ହଓ୍ୱନ୍‌ସେ ପ୍ରେମ୍ ନହୀଁ, ଔର୍ ଶୁଭକର୍ମୋ ମେଁ ଦାନ୍ ନହୀଁ,
ବସ୍ ଏକ୍‌ହୀ ନାରା ରହଗୟା ହୈ, ରୋଟୀ କପଡ଼ା ଓ୍ୱ ମକାନ୍ ।୩।
ମନ୍ଦିରମେଁ ନହୀଁ ଆତେ ହେଁ, ସିନେମା ରୋଜ୍‌ହୀ ଜାତେ ହେଁ,
ଅଣ୍ଡେ ମଛଲୀ ଔର୍ ମାଂସକୋ ଖାତେ, ହ୍ୱିସ୍କି ଖୁବ୍ ଉଡ଼ାତେ ହେଁ,
ଯୁବକୋଁକୀ ଐସୀ ଦେଖ୍ ଦଶା, ହୋତା ହୈ ଦୁଖ ମହାନ୍ ।୪।
ଦ୍ୱାର୍ ତେରେ ଜୋ ଆତା ହୈ, ମୁହଁମାଙ୍ଗା ଫଲ୍ ପାତା ହୈ,
ମାନବ୍ ମାନବ୍ ବନ୍‌ଜାୟେ, 'ନନ୍ଦଲାଲ୍' ଯହୀ ଅବ୍ ଚାହତାହୈ,
ବିନତୀ ହୈ ଆପ୍‌ସେ ଏକ୍‌ୟହୀ, ଇନ୍‌ସାନ୍ ବନେଁ ଇନ୍‌ସାନ୍ ।୫।

### ୩. ଉଠ ଜାଗ୍ ମୁସାଫିର୍

ଉଠ୍ ଜାଗ୍ ମୁସାଫିର୍ ଭୋର ଭଈ,
ଅବ୍‌ରୈନ୍ କହାଁ ଜୋ ସୋଓ୍ୱତ୍ ହୈ ।
ଜୋ ଜାଗତ୍ ହୈ ସୋ ପାଓ୍ୱତ୍ ହୈ,
ଜୋ ସୋଓ୍ୱତ୍ ହୈ ସୋ ଖୋଓ୍ୱତ୍ ହୈ ।୧।
ଟୁକ୍ ନୀନ୍ଦ୍‌ସେ ଅଖିୟାଁ ଖୋଲ୍ ଜରା,
ଔର୍ ଅପନେ ପ୍ରଭୁସେ ଧ୍ୟାନ୍‌ଲଗା ।
ଯହ୍ ପ୍ରୀତ୍ କରନ୍‌କୀ ରୀତ ନହୀଁ,
ପ୍ରଭୁଜାଗତ୍ ହୈ ତୁ ସୋଓ୍ୱତ୍ ହୈ ।୨।
ଜୋ କଲ୍ କରନା ସୋ ଆଜ୍ କର୍‌ଲେ,
ଜୋ ଆଜ୍ କର୍‌ନା ସୋ ଅବ୍ କରଲେ ।

ଜବ୍ ଚିଡ଼ିୟୋଁ ନେ ଚୁଗ୍ ଖେତ୍‌ଲିୟା,
ଫିର୍ ପଛତାୟେ କ୍ୟା ହୋଓ୍ୱତ୍ ହୈ ।୩।
ନାଦାନ୍ ଭୁଗତ୍ କର୍‌ନୀ ଅପ୍‌ନୀ,
ଏ ପାପୀ ପାପୋମେଁ ଚୈନ୍ କହାଁ,
ଜବ୍ ପାପ୍‌କୀ ଗଠ୍‌ରୀ ସୀସ୍ ଧରୀ,
ଫିର୍ ସୀସ୍ ପକଡ୍ କ୍ୟୋଁ ରୋଓ୍ୱତ୍ ହୈ ।୪।

## ୪. ଓମ୍ ମାହାତ୍ମ୍ୟ

ଓମ୍ ହୈ ଜୀଓ୍ୱନ୍ ହମାରା, ଓମ୍ ପ୍ରାଣାଧାର୍ ହୈ
ଓମ୍ ହୈ କରତା ବିଧାତା, ଓମ୍ ପାଲନ୍‌ହାର୍ ହୈ ।୧।
ଓମ୍ ହୈ ଦୁଃଖ୍‌କା ବିନାଶକ୍, ଓମ୍ ସର୍ବାନନ୍ଦ ହୈ,
ଓମ୍ ହୈ ବଲ ତେଜ୍ ଧାରୀ ଓମ୍ କରୁଣାକନ୍ଦ୍ ହୈ ।୨।
ଓମ୍ ସବ୍‌କା ପୂଜ୍ୟ ହୈ, ହମ୍ ଓମ୍‌କା ପୂଜନ୍ କରେଁ ।
ଓମ୍ ହୀକେ ଧ୍ୟାନ୍‌ସେ ହମ୍ ଶୁଦ୍ଧ ଅପନା ମନ୍ କରେଁ ।୩।
ଓମ୍ କେ ଗୁରୁ ମନ୍ତ୍ର ଜପ୍‌ନେ ସେ ରହେଗା ଶୁଦ୍ଧ ମନ୍ ।
ବୁଦ୍ଧି ଦିନ୍ ପ୍ରତିଦିନ୍ ବଢ଼େଗୀ, ଧର୍ମ ମେଁ ହୋଗୀ ଲଗନ୍ ।୪।
ଓମ୍ କେ ଜପ୍ ସେ ହମାରା, ଜ୍ଞାନ୍ ବଢ଼ତା ଜାୟେଗା ।
ଅନ୍ତମେଁ ୟହ ଓମ୍ ହମ୍‌କୋ, ମୁକ୍ତିତକ୍ ପହୁଁଚ୍ୟେଗା ।୫।



## ୫. ଜଗତ୍‌ମେଁ ଉନ୍‌କୀ ମିଟୀ ହୈ ଚିନ୍ତା

ଜଗତ୍ ମେଁ ଉନ୍‌କୀ ମିଟୀ ହୈ ଚିନ୍ତା,
ଜୋ ତେରେ ଚରଣୋ ମେଁ ଆପଡ଼େ ହୈଁ,
ଓ୍ୱହୀ ହମେଶା ହରେ-ଭରେ ହୈଁ, ଜୋ ତେରେ... ।୧।
ନ ପାୟା ରାଜା ଓ୍ୱଜୀର୍ ବନ୍‌କର,
ନ ପାୟା ତୁଝ୍‌କୋ ଫକୀର୍ ବନ୍‌କର୍,
ଉସୀ କୋ ତେରେ ହୁୟେଁ ହୈଁ ଦର୍ଶନ୍ ଜୋ ତେରେ... ।୨।
ନ ପାୟା ତୁଝ୍‌କୋ କିସୀନେ ବଲ୍‌ସେ,
ନ ପାୟା ତୁଝ୍‌କୋ କିସୀନେ ଛଲ୍‌ସେ,
ଓ୍ୱହୀ ପରମ୍‌ପଦ୍‌କୋ ପାଗୟେ ହୈଁ, ଜୋ ତେରେ... ।୩।
କିସୀନେ ଜଗ୍‌ମେଁ କରୀ ଭଲାଇ,
କିସୀନେ ଜଗ୍‌ମେଁ କରୀ ବୁରାଇ,
ଓ୍ୱହୀ ସୁମାରଗ୍ ପର୍‌ଚଲ୍ ପଡ଼େ ହେଁ, ଜୋ ତେରେ... ।୪।
କିସୀନେ ପତ୍‌ଥର୍ ସନମ୍ ବନାୟେ,
କୋଇ ଭଟକ୍‌ତା ହୈତୀର୍ଥୋଁ ପର୍,
ଫକତ୍ ଓ୍ୱହୀ ପହୁଁଚେ ତେରେ ଦ୍ୱାରେ, ଜୋ ତେରେ... ।୫।
ପ୍ରଭୁଜୀ ବିନ୍‌ତୀ ସୁନୋ ହମାରୀ,
ବନାଓ ବିଗ୍‌ଡ଼ୀ ତୁମ୍‌ହୀ ହମାରୀ,
ନିରାସରୋଁକୋ ତୁମ୍ ଆସରା ହୋ,
ହମ୍‌ତେରେ ଚରଣୋମେଁ... ।୬।

## ୬· ତେରେ ପୂଜନ୍‌କୋ ଭଗୱାନ୍

ତେରେ ପୂଜନ୍ କୋ ଭଗୱାନ୍, ବନା ମନ ମନ୍ଦିର୍ ଆଲୀଶାନ୍ ।
କିସ୍‌ନେ ଜାନୀ ତେରୀ ମାୟା, କିସ୍‌ନେ ଭେଦ୍ ତିହାରାପାୟା,
ହାରେ ଋଷି-ମୁନି କର ଧ୍ୟାନ୍...ବନା ।୧।
କିସ୍‌ନେ ଦେଖୀ ତେରୀ ସୂରତ୍, କୌନ୍ ବନାୱେ ତେରୀ ମୂରତ୍,
ତୂ ନିରାକାର୍ ଇଗୱାନ୍...ବନା... ।୨।
ତୂ ହର୍ ଗୁଲ୍‌ମେଁ, ତୂ ବୁଲ୍ ବୁଲ୍‌ମେଁ, ତୂ ହର୍ ଶାଖ୍ କେ ହର୍ ପାତନ୍‌ମେଁ,
ତୂ ହର୍ ଦିଲ୍ ମେଁ ମୂରତିମାନ୍...ବନା... ।୩।
ତୂହୀ ତନ୍‌ମେଁ, ତୂହୀ ମନ୍‌ମେଁ, ତୂହୀ ବନ୍‌ମେଁ ତୂହୀ ଘନ୍‌ମେଁ,
ତେରା ରୂପ୍ ଅନୂପ୍ ମହାନ୍...ବନା... ।୪।
ତୂନେ ରାଜା ରଙ୍କ୍ ବନାୟେ, ତୂନେ ଭିକ୍ଷୁକ୍ ରାଜ୍‌ବିଠାୟେ,
ତେରୀ ଲୀଲା ଈଶ ମହାନ୍...ବନା... ।୫।
ଦୁନିୟାମେଁ ମତ୍ ପ୍ରେମ୍ ଲଗାଓ, ପ୍ରେମ୍‌ସେ ଈଶ୍ୱର୍‌କେ ଗୁଣଗାଓ,
ପ୍ରେମ୍‌ସେ ବସ୍‌ତେହେଁ ଭଗୱାନ୍...ବନା... ।୬।
ଜଗ୍‌କୀ ନାଶବାନ୍ ସବ୍ ମାୟା, ମୂରଖ୍ ଇସ୍‌ମେଁ କ୍ୟୋଁ ଭର୍‌ମାୟଃ,
କର କୁଛ୍ ଜୀୱନ୍‌କା କଲ୍ୟାଣ୍...ବନା... ।୭।

## ୭· ମହର୍ଷି ମହିମା ଗାନ୍

ଦୟାନନ୍ଦ ଦେବ ବେଦୋଁକା, ଉଜାଲା ଲେକେ ଆୟେଥେ,
କରୋଁ ମେଁ ଓମ୍‌କୀ ପାୱନ୍ ପତାକା, ଲେକେ ଆୟେଥେ ।୧।
ନ ଥେ ଧନ୍ ଧାମ୍ ମଠ ମନ୍ଦିର, ନ ସଙ୍ଗ ଚେଲୀ ନ ଚେଲା ଥେ,



ହୃଦୟ ମେଁ ୱହ ଅଟଲ୍ ବିଶ୍ୱାସ୍, ପ୍ରଭୁକା ଲେକେ ଆୟେଥେ ।୨।
ଗୌ-ବିଧୱା ଦଲିତ ଦୁଖିୟା, ଅନାଥୋଁ ଦୀନଜନ୍‌କେ ହିତ୍,
ନୟନମେଁ ଅଶ୍ରୁ କଣ୍ ମାନସ୍‌ମେଁ, କରୁଣା ଲେକେ ଆୟେଥେ ।୩।
ଅବିଦ୍ୟା-ସିନ୍ଧୁସେ ଅଗଣିତ୍ ଜନୋଁ କୋ ପାର୍ କର୍‌ନେ କୋ,
ପରମ ସୁଖଦାୟିନୀ ସତ୍‌ସଙ୍ଗ ନୌକା, ଲେକେ ଆୟେଥେ ।୪।
କୋଈ ମାନେ ନ ମାନେ ସଚ୍‌ତୋ, ୟହ ଋଷିରାଜ୍ ହୀ ପହଲେ,
ସ୍ୱରାଜ୍ୟ ସ୍ଥାପନା କା ମନ୍ତ୍ରସଚ୍ଚା ଲେକେ ଆୟେ ଥେ ।୫।
ପିଲାୟା ଜହର୍‌କାପ୍ୟାଲ୍ୟା ଉନ୍‌ହୀ, ନାଦନ୍ ଲୋଗୋଁନେ,
କିୟେ ଜିନ୍‌କେଲିୟେ ଅମୃତ୍ କା ପ୍ୟାଲା, ଲେକେ ଆୟେଥେ ।୬।
ପ୍ରକାଶାଦର୍ଶ ଶିକ୍ଷାକା ପୁନଃ ବିସ୍ତାର କର୍‌ନେ କୋ,
ୱହୀ ପ୍ରାଚୀନ୍ ଗୁରୁକୁଲ୍‌କା ସନ୍ଦେଶ୍, ଲେକେ ଆୟେ ଥେ ।୭।

## ୮· ମହର୍ଷି ମହିମା...

ଧନ୍ୟହୈ ତୁଝ୍‌କୋ ଐ ଋଷି ! ତୂନେ ହମେଁ ଜଗା ଦିୟା,
ସୋ ସୋ କେ ଲୁଟ୍‌ରହେଥେ ହମ୍, ତୂନେ ହମେଁ ବଚ୍ୟାଦିୟା... ।୧।
ଅନ୍ଧୋଁ କୋ ଆଖେଁ ମିଲ୍‌ଗଈ, ମୁର୍ଦୋମେଁ ଜାନ୍ ଆଗଈ,
ଜାଦୁସା କ୍ୟା ଚଲାଦିୟା, ଅମୃତ୍ ସା କ୍ୟା ପିଲାଦିୟା... ।୨।
ବାଣୀମେଁ କ୍ୟା ତେରୀଥୀ, ତେରେ ବଚନ୍‌ମେଁ ଐ ଋଷି ।
କିତ୍‌ନେ ଶହୀଦ୍ ହୋ ଗୟେ, କିତ୍‌ନୋଁନେ ସିର୍ କଟାଦିୟା ।୩।
ଶ୍ରଦ୍ଧା ସେ ଶ୍ରଦ୍ଧାନନ୍ଦନେ, ସୀନେ ପୈ ଖାଈ ଗୋଲିୟାଁ ।
ହଁ ସ୍ ହଁସ୍ କେ ହଂସରାଜ୍‌ନେ, ତନ୍-ମନ୍‌ୱଧନ୍ ଲୁଟାଦିଆ ।୪।

ଅପ୍‌ନେ ଲହୁସେ ଲେଖରାମ୍, ତେରୀ କହାନୀ ଲିଖ୍‌ଗୟା,
ତୂନେ ହୀ ଲାଲା ଲାଜପତ୍, ଶେରେ ବାବର୍ ବନାଦିୟା ।୫।
ତେରେ ଦିୱାନେ ଜିସ୍‌ଘଡ଼ୀ, ଦକ୍ଷିଣ୍ ଦିଶାକା ଚଲ୍‌ଦିୟେ,
ବୈଦିକ୍ ଧର୍ମ ପୈ ହୋ ଫିଦା, ଦୁନିୟାଁ କା ଦିଲ୍ ଦହ୍‌ଲା ଦିୟା ।୬।

## ୯. ଭଜ୍‌ଲୋ ପ୍ୟାରେ ଓମ୍ କା ନାମ୍

ନର-ନାରୀ ସବ୍ ପ୍ରାତଃ ଶାମ୍, ଭଜ୍ ଲୋ ପ୍ୟାରେ ଓମ୍ କା ନାମ୍,
ଜପ୍ ଲୋ ପ୍ୟାରେ ଓମ୍.. ।
ଓମ୍ ନାମକା ପକଡ଼ ସହାରା, ୱହୀ ହୈ ସଚ୍ଚା ପିତା ହମାରା,
ୱହୀ ହୈ ମୁକ୍ତିକା ଧାମ୍..ଭଜ୍ ଲୋ... ।୧।
କୈସା ସୁନ୍ଦର୍ ଜଗତ୍ ରଚୟା, ସୁରଜ୍-ଚନ୍ଦ୍ର ଆକାଶ୍ ବନାୟା,
ଗୁଣ୍ ଗାତା ହୈ ଜଗତ୍ ତମାମ୍...ଭଜ୍ ଲୋ... ।୨।
ପୃଥିବୀ ଔର୍ ପାହାଡ଼୍ ବନାୟେ, ନଦିୟାଁ ନାଲେ ଖୁବ୍ ସଜାୟେ,
ବିନକର କର୍ମ କରେ ନିଷ୍କାମ୍...ଭଜ ଲୋ... ।୩।
ଋଷିୟୋଁ ମୁନିୟୋଁନେ ହୈ ଧ୍ୟାୟା ଅନ୍ତ କିସୀନେ ନ ଉସ୍‌କା ପାୟା ।
ଉସ୍‌କୋ କରତେ ହେଁ ପ୍ରଣାମ୍...ଭଜ ଲୋ... ।୪।
ମନ୍ ଅପ୍‌ନେକୋ ଶୁଦ୍ଧ ବନାଓ, ବିଷୟ ବିକାରୋଁସେ ବଚ୍ ଜାଓ,
ବେଦୋଁକା ୟହ୍‌ହୀ ପରମାଣ୍...ଭଜ ଲୋ... ।୫।
ହୀରା ଜନ୍ମ ଗଁବାଓ ନା ତୁମ୍, 'ନନ୍ଦଲାଲ୍' ଘବରାଓ ନା ତୁମ୍,
ସନ୍ଧ୍ୟା କରୋ ସୁବହ୍ ଔର୍ ଶାମ୍...ଭଜ ଲୋ... ।୬।



## ୧୦. ଈଶ ସ୍ତବନ

ପିତୁ-ମାତୁ ସହାୟକ ସ୍ୱାମୀ ସଖା,
ତୁମ୍‌ହୀ ଇକ୍ ନାଥ୍ ହମାରେ ହୋ ।
ଜିନ୍‌କେ କଛୁ ଔର ଆଧାର ନହୀଁ,
ତିନ୍‌କେ ତୁମ୍‌ହୀ ରଖ୍‌ୱାରେ ହୋ ।୧।
ସବ୍ ଭାନ୍ତି ସଦା ସୁଖଦାୟକ୍ ହୋ,
ଦୁଃଖ ଦୁର୍ଗୁଣ ନାଶନ୍ ହାରେ ହୋ ।
ପ୍ରତିପାଲ୍ କରୋ ସିଗରେ ଜଗ୍‌କୋ,
ଅତିଶୟ କରୁଣା ଉରଧାରେ ହୋ ।୨।
ଭୂଲି ହେଁ ହମ୍‌ହୀ ତୁମ୍ କୋ ତୁମ୍ ତୋ,
ହମ୍‌ରୀ ସୁଧି ନାହିଁ ବିସାରେ ହୋ ।
ଉପକାରନ୍ କୋ କଛୁ ଅନ୍ତ ନହିଁ,
ଛିନହୀ ଛିନ ଜୋ ବିସ୍ତାରେ ହୋ ।୩।
ମହାରାଜ୍ ! ମହା ମହିମା ତୁମ୍‌ହାରୀ,
ସମଝେ ବିରଲେ ବୁଧିୱାରେ ହୋ ।
ଶୁଭ-ଶାନ୍ତି ନିକେତନ୍ ପ୍ରେମନିଧେ,
ମନ୍-ମନ୍ଦିର୍‌କେ ଉଜିୟାରେ ହୋ ।୪।
ୟହି ଜୀୱନ୍‌କେ ତୁମ୍ ଜୀୱନ୍ ହୋ,
ଇନ୍ ପ୍ରାଣନ୍‌କେ ତୁମ୍ ପ୍ୟାରେ ହୋ ।
ତୁମ୍ ସୋ ପ୍ରଭୁପାୟ 'ପ୍ରତାପହରୀ'
କେହିକେ ଅବ୍ ଔର୍ ସହାରେ ହୋ ।୫।

## ୧୧· ନିରାକାର ପ୍ରଭୁ

ପ୍ରଭୁ ନିରାକାର୍ ହୈ, ମହିମା ଅପରଂ ପାର୍ ହୈ
ଶରଣ୍‌ମେ ଜୋ ଆୟେଗା, ଉସ୍‌କା ବେଡ଼ା ପାର୍ ହୈ... ।
ସୂରଜ୍-ଚନ୍ଦ୍ର ବନାୟା ଉସ୍‌ନେ,
ତାରେ ଖୁବ୍ ସଜାୟେ ହେଁ...ତାରେ...
ହାଥୋଁ ବିନା ପାହାଡ଼ ବନାୟେ,
ସୁନ୍ଦର୍ ଫୁଲ୍ ଖିଲାୟେ ହେଁ...ସୁନ୍ଦର୍... ।୧।
ବାଦଲ୍ ଗରଜେ, ବିଜ୍‌ଲୀ ଚମ୍‌କେ,
ଛମ୍-ଛମ୍ ବର୍ଷା ଆତୀ ହୈ...ଛମ୍...
ମୀଠେ ସ୍ୱର୍‌ସେ କୋୟଲ୍ ବୋଲେ,
ୟେ ହୀ ରାଗ୍ ସୁନାତୀ ହୈ...ୟେ ହୀ... ।୨।
ଋଷି-ମୁନି ଔର୍ ଦେବୀ ଦେବତା,
ତେରେ ହି ଗୁଣ୍ ଗାତେ ହେଁ...ତେରେ...
ବେଦ୍ ଶାସ୍ତ୍ର ସବ୍ ଗାକର୍ ଥକ୍‌ଗୟେ,
ତେରା ପାର୍ ନ ପାତେ ହେଁ...ତେରା... ।୩।
ସତ୍ ଚିତ୍ ଆନନ୍ଦ ପ୍ରଭୁକୋ,
ବେଦୋଁ ମେ ବତଲାୟା ହୈ...ବେଦୋଁ...
ଅଖିଲ୍, ଅଗୋଚର୍, ଅଭୟ, ଅଜନ୍ମା,
ଅଦ୍‌ଭୁତ ତେରୀ ମାୟା ହୈ...ଅଦ୍‌ଭୁତ... ।୪।
ଶୁଭ କର୍ମୋ ସେ ମାନବକା ୟହ,
ସୁନ୍ଦର୍ ଚୋଲା ପାୟା ହୈ...ସୁନ୍ଦର୍...
ବିଷୟ-ବିକାରୋଁ ସେ ଫସ୍ କର୍‌କେ,



ଇସ୍‌କୋ ଦାଗ୍ ଲଗାୟା ହୈ...ଇସ୍‌କୋ... ।୫
ବୁଦ୍ଧି ନିର୍ମଲ କରୋ ହମାରୀ,
ଶରଣ୍ ତୁମ୍‌ହାରୀ ଆତେ ହେଁ...ଶରଣ୍..
ଭକ୍‌ତିକା ଦୋ ଦାନ୍ ହମେଁ,
ଶ୍ରଦ୍ଧା ସେ ଶୀଶ୍ ଝୁକାତେ ହେଁ...ଶ୍ରଦ୍ଧା ସେ... ।୬।

## ୧୨· ପ୍ରଭୁ ଭକ୍ତିମେଁ ମନ୍‌କୋ ଲଗାଇୟେ

ପ୍ରଭୁ ଭକ୍ତିମେଁ ମନ୍‌କୋ ଲଗାଇୟେ,
ୱହ ସବ୍‌କାହୀ ପାଲନ୍‌ହାର୍ ହୈ,
ଦୁଖ ଦୂର କରେଗା ପରମାତ୍ମା,
ସର୍ବ ସୁଖୋଁକା ୱହ୍ ଭଣ୍ଡାର୍‌ହୈ... ।
ଖାଲୀ ଉସ୍‌କେ ଦ୍ୱାର୍‌ସେ ଆୟେ, ଐସା କଭୀ ନା ହୋସକତା,
ପରମ୍ ପିତାକୋ ଭୁଲ୍‌କେ ପ୍ରାଣୀ, ସୁଖ୍‌ସେ କଭୀନା ସୋ ସକତା,
ସାରୀ ସୃଷ୍ଟିକା ୱହ୍ ଆଧାର୍ ହୈ,
ଉସ୍‌କୀ ମହିମାକା ପାୟା ନ ପାର୍ ହୈ...ଦୁଖ୍... ।୧।
ଭାଇ-ବନ୍ଧୁ ମାଲ୍‌ଖଜାନା, ସାଥ୍ ତେରେ ନ ଜାୟେଗା,
ଧର୍ମହୀ ହୈ ଇକ୍ ଅନ୍ତକାସାଥୀ, କାମ୍ ତେରେ ଜୋ ଆୟେଗା ।
ଶୁଭ କର୍ମୋଁ ସେ ହୋତା ବେଡ଼ା ପାର୍ ହୈ,
ନାବ୍ ପାପୀକୀ ଡୁବେ ମଝଧାର୍ ହୈ...ଦୁଖ... ।୨।
ବିଷୟୋଁମେଁ ଫଁସ୍ କରକେ ବନ୍ଦେ, ଜୀୱନ୍ କୋ ବରବାଦ୍ ନ କର୍

ନରତନ୍ ଗେ୍ଲା ଉତ୍ତମ ହୈ ୟହ, ପାପ୍ ନକର୍ ଅପରାଧ୍ ନକର୍
"ନନ୍ଦଲାଲ" ପ୍ରଭୁ ନିରାକାର୍ ହୈ,
ନମସ୍କାର ଉସେ ବାରମ୍ବାର୍ ହୈ...ଦୁଖ... ।୩।

## ୧୩. କୁଲ୍-ଗୀତ୍

ପ୍ରାଣୋଁସେ ହମ୍‌କୋ ପ୍ୟାରା, କୁଲ୍ ହୋ ସଦା ହମାରା... ।
ବିଷ୍ ଦେନେ ୱାଲୋଁକୋ ଭୀ, ବନ୍ଧନ, କଟାନେ ୱାଲେ,
ମୁନିୟୋଁ କା ଜନ୍ମଦାତା, କୁଲ୍ ହୋ ସଦା ହମାର... ।୧।
କଟ୍‌ଜାୱେ ଶିର୍ ନ ଝୁକ୍‌ନା, ୟହ ମନ୍ତ୍ର ଜପ୍‌ନେ ୱାଲେ,
ବୀରୋଁକା ଜନ୍ମଦାତା, କୁଲ୍‌ହୋ ସଦା ହମାରା... ।୨।
ସ୍ୱାଧୀନ୍ୟ ଦୀକ୍ଷିତୋଁପର୍, ସବ୍‌କୋ ଜୁଟାନେ ୱାଲା,
ଧନିୟୋଁ କା ଜନ୍ମଦାତା, କୁଲ୍‌ହୋ ସଦା ହମାରା... ।୩।
ତନ୍-ମନ୍ ସଭୀ ନ୍ୟୋଛାବର୍, ଜରେଁ ବେଦ୍‌କା ସନ୍ଦେଶା,
ଜଗ୍‌ମେଁ ପହୁଁଚ୍‌ନେ ୱାଲା, କୁଲ୍‌ହୋ ସଦା ହମାର... ।୪।
ହିମ-ଶୈଲ୍ ତୁଲ୍ୟ ଉଁଚ୍, ଭାଗୀରଥୀ ସା ପାୱନ୍,
ଭଟକୋଁକା ମାର୍ଗ ଦର୍ଶକ୍, କୁଲ୍‌ହୋ ସଦା ହମାରା... ।୫।
ଆଦିତ୍ୟ ବ୍ରହ୍ମଚ୍ରରୀ, ଜ୍ୟୋତି ଜଗା ଗୟା ହୈ,
ଅନୁରୂପ୍ ପୁତ୍ର ଉସ୍‌କା, କୁଲ୍ ହୋ ସଦା ହମାରା... ।୬।



## ୧୪. ରାଷ୍ଟ୍ରୀୟ ପ୍ରାର୍ଥନା ହିନ୍ଦୀ ପଦ୍ୟାନୁବାଦ

ବ୍ରହ୍ମନ୍ ! ସ୍ୱରାଷ୍ଟମେଁ ହୋ ଦ୍ୱିଜ ବ୍ରହ୍ମ ତେଜଧାରୀ,
କ୍ଷତ୍ରିୟ ମହାରଥୀ ହୋ ଅରି-ଦଲ୍ ବିନାଶକାରୀ ।୧।

ହୋୱେଁ ଦୁଧାରୁ ଗୌୱେଁ ପଶୁ ଅଶ୍ୱ ଆଶୁବାହୀ,
ଆଧାର ରାଷ୍ଟ୍ରକୀ ହୋ ନାରୀ ସୁଭଗ ସଦାହୀ ।୨।
ବଲବାନ୍ ସଭ୍ୟ ୟୋଦ୍ଧା ୟଜମାନ୍ ପୁତ୍ର ହୋୱେଁ,
ଇଚ୍ଛାନୁସାର ବରଷେ ପର୍‌ଜନ୍ୟ ତାପ ଧୋୱେଁ ।୩।

ଫଲ ଫୁଲ୍‌ସେ ଲଦୀ ହୋଁ ଔଷଧ ଅମୋଘ ସାରୀ,
ହୋ ଯୋଗ କ୍ଷେମକାରୀ ସ୍ୱାଧୀନତା ହମାରୀ ।୪।

## ୧୫. ଭରୋସା କର୍ ତୂ...

ଭରୋସା କର୍ ତୁ ଈଶ୍ୱର ପର୍, ତୁଝେ ଧୋଖା ନହୀଁ ହୋଗା,
ୟହ୍ ଜୀୱନ୍ ବୀତ୍ ଜାୟେଗା, ତୁଝେ ରୋନା ନହୀଁ ହୋଗା ।୧।

କଭୀ ସୁଖ୍ ହୈ, କଭୀ ଦୁଃଖ ହୈ, ୟହ୍‌ଜୀୱନ୍ ଧୂପ୍ ଛାୟା ହୈ,
ହଁସୀମେଁ ହୀ ବିତାଡ଼ାଲୋ, ବିତାନା ହୀ ୟହ୍ ମାୟା ହୈ... ।୨।

ଜୋ ସୁଖ ଆୟେତୋ ହଁସ୍ ଦେନା, ଜୋ ଦୁଃଖ ଆୟେତୋ ସହଲେନା,
ନକହନା କୁଛ୍ କଭୀଜଗ୍‌ସେ, ପ୍ରଭୁସେ ହୀ ତୁ କହଲେନା ।୩।

ୟହ୍ କୁଛ୍‌ଭୀ ତୋ ନହୀଁ ଜଗମେଁ, ତେରେ ବସ୍ କର୍ମକୀ ମାୟା,
ତୁ ଖୁଦ୍‌ହୀ ଧୂପ୍ ମେଁ ବୈଠା, ଲଖେ ନିଜ ରୂପ୍‌କୀ ଛାୟା... ।୪।

କହାଁ ୟେ ଥା କହାଁ ତୁଥା, କଭୀ ତୋ ସୋଚ୍‌ଏ ବନ୍ଦେ,

ଝୁକାକର ସୀସ୍ କୋ କହଦେ, ପ୍ରଭୁବନ୍ଦେ ! ପ୍ରଭୁବନ୍ଦେ !... ।୪।

## ୧୭. ଈଶ ବିନୟ୍...

ହେ ପ୍ରଭୋ ! ଆନନ୍ଦଦାତା, ଜ୍ଞାନ୍ ହମ୍‌କୋ ଦୀଜିୟେ ।

ଶୀଘ୍ର ସାରେ ଦୁର୍ଗୁଣୋଁକୋ, ଦୂର୍ ହମ୍‌ସେ କୀଜିୟେ ।୧।

ଲୀଜିୟେ ହମ୍‌କୋ ଶରଣ୍‌ମେଁ, ହମ୍ ସଦାଗୃରୀ ବନେଁ ।

ବ୍ରହ୍ମଗୃରୀ ଧର୍ମ-ରକ୍ଷକ୍, ବୀର ବ୍ରତଧାରୀ ବନେଁ ।୨।

କାର୍ଯ୍ୟ ଜୋ ହମନେ ଉଠାୟେ, ଆପ୍‌କୀ ହୀ ଆଶ୍‌ସେ ।

ଐସୀ କୃପା କରିୟେ ପ୍ରଭୋ ! ସବ୍‌ପୂର୍ଣ୍ଣ ହୋୱେ ଦାସ୍‌ସେ ।୩।

## ୧୭. ଯଜ୍ଞଲାଭ୍ ମହିମା

ହୋତା ହୈ ସାରେ ବିଶ୍ୱକା, କଲ୍ୟାଣ ଯଜ୍ଞସେ,

ଜଲ୍‌ଦୀ ପ୍ରସନ୍ନ ହୋତେ ହେଁ ଭଗୱାନ୍ ଯଜ୍ଞ ସେ... ।

ଋଷିୟୋଁନେ ଉଁଗ୍ର ମାନା ହୈ, ଧ୍ୟାନ ଯଜ୍ଞକା,

ଭଗୱାନ୍ କା ୟହ ଯଜ୍ଞ ହୈ ୟହ ଭଗୱାନ୍ ଯଜ୍ଞକା,

ଜାତା ହୈ ଦେବଲୋକ୍‌କୋ ଇନ୍‌ସାନ୍ ଯଜ୍ଞସେ... ।୧।

ଜବ୍‌ଭୀ ବୁଲାଓ ପ୍ରେମ୍‌ସେ, ଆତେ ହେଁ ଅଗ୍ନିଦେବ୍,



ଶ୍ରଦ୍ଧା ସେ ପୂର୍ଣ୍ଣ ଆହୁତି, ପାତେ ହେଁ ଅଗ୍ନିଦେବ୍,

ହୋତା ହୈ ଆଧି-ବ୍ୟାଧିକା ଅବସାନ୍ ଯଜ୍ଞସେ... ।୨।

ବାଦଲ୍ ବନ୍‌କେ ବୃଷ୍ଟି କରାତେ ହେଁ ଅଗ୍ନିଦେବ୍,

ସୁଖ ଶାନ୍ତି ପୂର୍ଣ୍ଣ ସୃଷ୍ଟି କରାତେ ହେଁ ଅଗ୍ନିଦେବ୍,

ଉତ୍ପନ୍ନ ହୋତା ଭୂମିପର୍ ଧନ-ଧାନ ଯଜ୍ଞସେ... ।୩।

ଜୋ କୁଛ୍ ଭୀ ଡ଼ାଲୋ ଯଜ୍ଞମେଁ ଖାତେ ହେଁ ଅଗ୍ନିଦେବ୍,

ଇକ୍ ଇକ୍ ବଦ୍ ଲେ ସୌ ସୌ, ଦିଲାତେ ହେଁ ଅଗ୍ନିଦେବ୍,

ପୈଦା ଅନାଜ୍ କର୍‌ତେ ହେଁ ଭଗୱାନ୍ ଯଜ୍ଞସେ... ।୪।

ଶକ୍ତି ୱ ତେଜ୍ ହୈ ଭରା ସତ୍ ଶୁଦ୍ଧ କାମ୍‌ମେଁ,

ପୂଜା ହୈ ଇସ୍‌କୋ କୃଷ୍ଣନେ ଭଗୱାନ୍ ରାମ୍‌ନେ,

ମିଲ୍‌ତା ହୈ ରାଜକୀର୍ତ୍ତି ସନ୍ତାନ୍ ଯଜ୍ଞସେ... ।୫।

ଇସ୍‌କା ପୂଜାରୀ କୋଇଭୀ ପରାଜିତ୍ ନହାଁ ହୋତା,

ଇସ୍‌କେ ପୂଜାରୀ କୋ କଭୀ ଭୀ ଭୟ ନହାଁ ହୋତା

ହୋତୀ ହୈ ସାରୀ ମୁସ୍କିଲେଁ ଆସାନ୍ ଯଜ୍ଞସେ... ।୬।

ଗୃହେ ଅମୀର୍ ହୈ କୋଇଗୃହେ ଗରୀବ୍ ହୈ,

ଜୋ ଯଜ୍ଞ ନିତ୍ୟ କର୍‌ତା ହୈ ୱହ୍ ଖୁସ୍ ନଶୀବ୍ ହୈ,

ଉପକାରୀ ମନୁଷ୍ୟ ବନ୍‌ତା ହୈ ମହାନ୍ ଯଜ୍ଞସେ... ।୭।

## ୧୮· ଲହର୍ ଲହର୍ ଲହରାଇରେ...

ଲହର୍ ଲହର୍ ଲହରାଇରେ, ଝଣ୍ଡା ବୈଦିକ ଧରମ୍ କା... ।
ଇସ୍ ଝଣ୍ଡେକୋ ଲେକର୍ କରମେଁ, ଫୈଲାୱେ ବେଦଜ୍ଞାନ ଘର୍ଘର୍ମେଁ,
ପ୍ରାଣ ରହେ ଗୃହେ ଜାୟେରେ...ଝଣ୍ଡା... ।୧।
ଇସୀକେ କାରଣ୍ ସ୍ୱାମୀ ଦୟାନନ୍ଦ,
ଜହର ଦୁଧ ମେ ଖାଇରେ... ।୨।
ଇସୀକେ କାରଣ୍ ସ୍ୱାମୀ ଶ୍ରଦ୍ଧାନନ୍ଦ,
ଗୋଲୀ ସୀନେ ବୀଚ୍ ଖାଇରେ... ।୩।
ଇସୀକେ କାରଣ୍ ପଣ୍ଡିତ୍ ଲେଖରାମ୍,
ଛୁରା ପେଟ୍ମେ ଖାଇରେ... ।୪।
ଇସ୍ ଝଣ୍ଡେକେ ନୀଚେ ଆକର୍, ଉଁଚ୍ ନୀଚ୍କୋ ଭେଦ୍ ଭୁଲାକର୍,
ମିଲେଙ୍ଗେ ଭାଇସେ ଭାଇରେ ଝଣ୍ଡା... ।୫।

## ସମାପ୍ତୋଽୟଂ ବୈଦିକ ଯଜ୍ଞ ପଦ୍ଧତିଃ



## ଉତ୍କଳ ସାହିତ୍ୟ ସଂସ୍ଥାନ ଗୁରୁକୁଳ ଆଶ୍ରମ ଆମସେନା ଦ୍ୱାରା ପ୍ରକାଶିତ କେତେକ ଓଡ଼ିଆ ପୁସ୍ତକ

| | |
|---|---|
| 1- ସତ୍ୟାର୍ଥ ପ୍ରକାଶ (ପୂର୍ବାର୍ଦ୍ଧ, ଉତ୍ତରାର୍ଦ୍ଧ) | ୧୧୦ /- |
| 2- ଋଗ୍ବେଦାଦି ଭାଷ୍ୟଭୂମିକା | ୧୦୦/- |
| 3- ସଂସ୍କାର ବିଧି | ୩୦/- |
| 4- ଭ୍ରାତୃ ଭକ୍ତି | ୩୦/- |
| 5- ଆର୍ଯ୍ୟାଭିବିନୟ | ୨୦/- |
| 6- ଆଧ୍ୟାତ୍ମ ସରୋବର | ୨୦/- |
| 7- ମହର୍ଷି ଦୟାନନ୍ଦଙ୍କ ସଂକ୍ଷିପ୍ତ ଜୀବନ ଚରିତ୍ର | ୧୦/- |
| 8- ସୁଖୀ ଗୃହସ୍ଥ | ୧୦/- |
| 9- ଯୋଗାସନ ଓ ପ୍ରାଣାୟାମ୍ | ୧୫/- |
| 10- ସରଳ ଚିକିତ୍ସା ପଦ୍ଧତି | ୧୦/- |
| 11- ଆଧ୍ୟାତ୍ମିକ ସନ୍ଦେଶ | ୩୫/- |
| 12- ସ୍ୱାସ୍ଥ୍ୟର ମହାନ୍ ଶତ୍ରୁ ଅଣ୍ଡା | ୫/- |
| 13- ବ୍ରହ୍ମଚର୍ଯ୍ୟ ସନ୍ଦେଶ | ୩୫ |
| 14- ମାଂସ କଣ ମନୁଷ୍ୟର ଭୋଜନ ? | ୨/- |
| 15- ଭାରତ ଅବନତିର ସାତୋଟି କାରଣ | ୨୫/- |
| 16- ଆଧ୍ୟାତ୍ମିକ ଗଳ୍ପମାଳା (୧ ଭାଗ) | ୫୦/- |
| 17- ବ୍ୟବହାର ଭାନୁ | ୧୦/- |
| 18- ବ୍ରହ୍ମଚର୍ଯ୍ୟ ହିଁ ଜୀବନ | ୨୦/- |
| 19- ବୈଦିକ ଧର୍ମ ପ୍ରଶ୍ନୋତ୍ତରୀ | ୧୨/- |
| 20- ଦୈନିକ ଉପାସନା | ୧୫/- |
| 21- ଦୈନିକ ନିତ୍ୟକର୍ମ ବିଧିଃ | ୮୦/- |
| 22- ମାସିକ ଓଡ଼ିଆ କୁଳଭୂମି | ୧୦/- |